ନଭେମ୍ବର ୨୦୨୦ • ୫୦ଟଙ୍କା

# ରେବତୀ

ଆମ ମାଟିର ସ୍ୱର

website :
www.rebatee.in





New Product
HDPE Pipes
SAVE WATER!
WATER IS LIFE.
Agriculture / Irrigation / Industries / Domestic
Ohm PVC Pipes
Ohm
PVC
HDPE
Pipes & Fittings
"An ISO 9001:2008 Certified Company"
OHM PIPES PVT.LTD.
PLOT NO-D-7,8,49&50, SOMANATHPUR IID CENTRE,
BALASORE-765019, ODISHA, Ph. No : +919238100443

RNI Registration No. : ODIODI / 2018 / 78444

# REBATI AMA MATIRA SWARA

*a monthly family feature Odia Journal on Life & Literature*

# ରେବତୀ
## ଆମ ମାଟିର ସ୍ୱର

ତୃତୀୟ ବର୍ଷ : ୧ମ ସଂଖ୍ୟା, ନଭେମ୍ବର ୨୦୨୦ ■ Vol-3, Issue : 1, November 2020

ଆରାଧ୍ୟ
**ଫକୀରମୋହନ ସେନାପତି**
କଥାସମ୍ରାଟ ଓ ବ୍ୟାସକବି
■
ଉପଦେଷ୍ଟା
**ଡକ୍ଟର ପ୍ରହ୍ଲାଦ ଚରଣ ମହାନ୍ତି**
ବିଶିଷ୍ଟ ଶିକ୍ଷାବିତ୍ ଓ ସାହିତ୍ୟିକ

ସହଯୋଗୀ ସମ୍ପାଦକ
**କୃଷ୍ଣ କୁମାର ମହାନ୍ତି**

ଅଳଂକରଣ ବିଭାଗ
- ଗ୍ରାଫିକ୍ ଡିଜାଇନ୍ : ଶିବରାଜ କମ୍ପ
- ଚିତ୍ରକଳା : ସଂଜୟ କୁମାର ରାଉଳ
- ଲେ-ଆଉଟ୍ : ଦିଲ୍ଲୀପ କୁମାର ସେଣ
- ଅକ୍ଷର : ନିରଞ୍ଜନ ସାହୁ
- ରେବତୀ ନାମାଙ୍କନ : ଶିଳ୍ପୀ ଶଶିକାନ୍ତ ରାଉତ



ମାର୍ଗଦର୍ଶକ | Advisor
ଇଂ. ରବୀନ୍ଦ୍ର କୁମାର ଜେନା | **Er. Rabindra Kumar Jena**



ସମ୍ପାଦିକା | Editor
ଶ୍ରୀମତୀ ସୁବାସିନୀ ଜେନା | **Mrs. Subasini Jena**

**ସମ୍ପାଦକୀୟ କାର୍ଯ୍ୟାଳୟ | Editorial Office**

ସମ୍ପାଦିକା : ରେବତୀ
ଓ.ଟି. ରୋଡ୍, ବାଲେଶ୍ୱର
ପିନ୍- ୭୫୬୦୦୧
ଫୋନ୍ : ୯୪୩୭୦୮୦୦୦୩
୭୦୦୮୮୪୫୯୨୦

Editor : **Rebati Ama Matira Swara**
O.T. Road, Balasore
Pin - 756001, Odisha
Phone : 9437080003
7008845920
E-mail : *rebati.rebati2018@gmail.com*
: *rebati.edit2020@gmail.com*

Printed by **Subasini Jena**, Published by **Subasini Jena**, Owned by **Subasini Jena** and Printed at Print-Tech Offset Pvt. Ltd., F-66/1 & F-66/2, Chandaka Industrial Area, P.O. KIIT, Bhubaneswar-751024, Odisha and Published at Mansingh Bazar, P.O. Motiganj, Dist. Balasore-756003, Odisha. Editor : **Subasini Jena**

■ ମୂଲ୍ୟ : **୫୦ ଟଙ୍କା ମାତ୍ର** ■ Price : **INR 50/- Only**

ସୂ ଚୀ ପ ତ୍ର

୩ୟ ବର୍ଷ ୧ମ ସଂଖ୍ୟା । ନଭେମ୍ବର ୨୦୨୦ ।

ଆମ ମାଟିର ସ୍ୱର







୧୧ ସମ୍ପାଦକୀୟ : ନାରୀର ଧର୍ମ ଓ ବସତି : ସୁବାସିନୀ ଜେନା

୧୩ ମାନନୀୟେଷୁ : କଥା ରାଇଜର ରାଜା : ରଞ୍ଜନ ପ୍ରଧାନ

୨୨ ଭଲବହି : ଜୟନ୍ତ ମହାପାତ୍ର.... : ସନ୍ତୋଷ କୁମାର ନାୟକ

୩୪ କଥା-କାହାଣୀ : ଦିଦିଙ୍କ ହଜ୍‌ବ୍ୟାଣ୍ଡ୍ : କ୍ଷୀରୋଦ ବିହାରୀ ବିଶ୍ୱାଳ

୩୮ ଭ୍ରମଣ କାହାଣୀ : କୁହୁଡ଼ିର କିମିଆଁ: ଲିପିକା ମହାପାତ୍ର

୪୨ ପର୍ଯ୍ୟଟନ-୧ : ରମଣୀୟ ରୋହତାଙ୍ଗ୍ : ରୋଜାଲିନି ମିଶ୍ର

୪୭ ପୁଷ୍ପବିତାନ : ସୁରଭିତ ଚମ୍ପକ : ଶ୍ୱେତା ରାଉତ






୫୪ ଦ୍ୱି-ପ୍ରଚ୍ଛଦ : ମଉସୁମୀ ମାଲି

୫୬ ସମକାଳ କବିତା : ଶ୍ରୀଦେବ

: ସ୍ୱରୂପ ମହାପାତ୍ର

୫୭ : ବିରଜା ବଳ

୫୮ : ପୀତାମ୍ବର ତରାଇ

୫୯ : ଶୈଳବାଳା ମହାପାତ୍ର

୬୦ : ସୌଭାଗ୍ୟବନ୍ତ ମହାରଣା

୬୧ : ଗୀତାଶ୍ରୀ ପ୍ରିୟମ୍ବଦା

୬୨ : ଦୀନବନ୍ଧୁ ସାହୁ

୬୩ : ସୁରେଶ ପ୍ରସାଦ ମିଶ୍ର














୬୪ ଜନଜାତି : ଦ୍ୱିତୀଚନ୍ଦ୍ର ସାହୁ

୭୨ ପର୍ଯ୍ୟଟନ-୨ : କନ୍ଦର୍ପ ବେହେରା

୭୬ ଚରିତ-ଉପନ୍ୟାସ : ପବିତ୍ର ମୋହନ ଦାଶ

୮୨ ସ୍ୱାସ୍ଥ୍ୟ-ଚର୍ଚ୍ଚା : ଡାକ୍ତର ସରୋଜିନୀ ଷଡ଼ଙ୍ଗୀ

୮୭ ଗୃହ ସମସ୍ୟା : ଡକ୍ଟର ହରପ୍ରସନ୍ନ ଦାସ

୯୧ ଆଇନ୍‌କାନୁନ୍ : ସ୍ନିଗ୍ଧା ତ୍ରିପାଠୀ





## ନିୟମିତ ବିଭାଗ


ରୋଷେଇଶାଳ :

୯୨ : ସ୍ମୃତିଲଗ୍ନା ନନ୍ଦ

୯୪ : ଦେବଯାନୀ ରାୟ

୯୬ : ସଙ୍ଗୀତା ଦାସ

୯୮ : ରୋନାଲିସା ପଣ୍ଡା

୧୦୦ : ସୁଜାତା ମହାପାତ୍ର

୧୦୨ ଫ୍ୟାଶନ୍ : ସ୍ନିଗ୍ଧା ତ୍ରିପାଠୀ

୧୦୪ ଫିଟ୍‌ନେସ୍ : ରିନୀତା ପଟ୍ଟନାୟକ






୧୦୬ ଶେଷପୃଷ୍ଠା : ଲେଖକର ଲୋକପ୍ରିୟତା: କୃଷ୍ଣ କୁମାର ମହାନ୍ତି












ପ୍ରଚ୍ଛଦ ଭାବନା : **କୃଷ୍ଣ କୁମାର ମହାନ୍ତି**
ପ୍ରଚ୍ଛଦ ଫଟୋଗ୍ରାଫି : **ଚନ୍ଦନ ସିକେ**, ଭୁବନେଶ୍ୱର
ପ୍ରଚ୍ଛଦ ଡିଜାଇନ୍ : **ଶିବ୍‌ରାଜ୍ କମ୍ପ**, ଟ୍ରେଣ୍ଡି ଗ୍ରାଫିକ୍ସ, ସୋନପୁର
ପ୍ରଚ୍ଛଦ ମଡେଲ୍ : **ଶୁଭଙ୍କରୀ ଦେବୀ**, ଭୁବନେଶ୍ୱର
ଉଚ୍ଚତା : **୫ ଫୁଟ୍ ୩ ଇଞ୍ଚ୍**
ଶିକ୍ଷା : **ବାଣିଜ୍ୟରେ ସ୍ନାତକ**, ବୃତ୍ତି : **ଅଭିନୟ**
କଷ୍ଟ୍ୟୁମ୍: **ଶୁଭଙ୍କରୀ ଦେବୀ**, ମେକ୍‌ଅପ୍ : **ପ୍ରଶାନ୍ତ ମହାନ୍ତି**
ସ୍ଥାନ : **ଲକ୍ଷ୍ମୀସାଗର, ଭୁବନେଶ୍ୱର**

**ମଲାଟ କଥା :** ଘରେ ଯେକୌଣସି ପୂଜାବିଧି ହେଉ ଅବା ଧାର୍ମିକ ଅନୁଷ୍ଠାନ, ସବୁଥିରେ ଗୃହବଧୂ ବା ନାରୀଟିର ଭୂମିକା ଓ ନିଷ୍ଠା ସର୍ବାଗ୍ରେ । ପ୍ରସଙ୍ଗତଃ ନାରୀ ହିଁ ଏସବୁ ପୂଜାବ୍ରତ ବା ଧାର୍ମିକ କର୍ମାଦି ପାଇଁ ସବୁଠୁ ଯୋଗ୍ୟା ବୋଲି ଆମେ ଜାଣୁ ଓ ଦେଖି ଅସୁଛୁ । ଘରର ମଙ୍ଗଳ କାମନା ସହ ନାରୀଟି ମନରେ ଥାଏ ପ୍ରତିଟି ସଦସ୍ୟସଦସ୍ୟାଙ୍କ ପ୍ରତି ନିଃସର୍ତ୍ତ ଶ୍ରଦ୍ଧାଭାବ । ଠିକ୍ ସେହିପରି ଯେକୌଣସି ହିନ୍ଦୁଧର୍ମର ପୂଜାବିଧି ଓ ମାଙ୍ଗଳିକ କାର୍ଯ୍ୟରେ ପାନପତ୍ରର ଆବଶ୍ୟକତା ବି ଅନିବାର୍ଯ୍ୟ । ମାନ୍ୟତା ଅନୁସାରେ ପାନପତ୍ରକୁ ପ୍ରଥମେ ସମୁଦ୍ରମନ୍ଥନରେ ବ୍ୟବହାର କରାଯାଇଥିଲା । ତାପର ଠୁ ସବୁ ଶୁଭକାର୍ଯ୍ୟରେ ପାନପତ୍ରର ବ୍ୟବହାର ଏକ ବିଧି ହୋଇ ରହିଆସିଛି । କାର୍ତ୍ତିକ ହେଉଛି ଧାର୍ମିକ ମାସ । ପାନପତ୍ରର ପବିତ୍ରତା ଓ ଆମ ଗୃହନାରୀଙ୍କ ଶୁଦ୍ଧପୂତ ପୂଜାପାଠ, ଆମର ପ୍ରଚ୍ଛଦ ଭାବନା ଏ ମାସର ।




## ଅନେକ ଆଲେଖ୍ୟର ସମାହାରରେ 'ରେବତୀ' ସତରେ ସୁରଭିତ

● ନମସ୍କାର ଓ ଶାରଦୀୟ ଅଭିନନ୍ଦନ । ପୂଜା ସଂଖ୍ୟା 'ରେବତୀ' ୨୦୨୦ ହାତରେ ପାଇ ପୁଲକିତ ହେଲି । ଦୀର୍ଘଦିନ ପରେ ମୁଦ୍ରଣ ରୂପରେ ବଜାରକୁ ଆସିଥିବାରୁ ଅଭିନନ୍ଦନ । ଏଥର ସଂଖ୍ୟା ପତ୍ରିକାର ସାଂସ୍କୃତିକ ବିଭବଟି ମୋତେ ଖୁବ୍ ଭଲ ଲାଗିଲା । ଡକ୍ଟର ପ୍ରଦୀପ କୁମାର ମିଶ୍ରଙ୍କ 'ବନବାସୀଙ୍କ ନିଆରା ଗଣପର୍ବ: ଦଶହରା', ନାରାୟଣ ରାଉତରାୟଙ୍କ 'ଦ୍ୱିଭୂଜା ଦୁର୍ଗା ମାଆ ବିରଜା', ଲକ୍ଷ୍ମୀପ୍ରିୟା ଓଝାଙ୍କ 'ଗୁଜୁରାଟର ଗର୍‌ବା', ସଂଗ୍ରାମ କେଶରୀ ପୃଷ୍ଟିଙ୍କ 'ମୁଆଁ ମହାତ୍ମ୍ୟ', ଶ୍ୱେତା ରାଉତଙ୍କ 'ପବିତ୍ର ପୁଷ୍ପ ପଦ୍ମ', ଅଶୋକ କୁମାର ମଲ୍ଲଙ୍କ 'ଆଃ ଛେନାପୋଡ଼ !' ପ୍ରଭୃତି ଆଲେଖ୍ୟ ସୁରଭିତ ସ୍ୱର୍ଶ ଦେଉଛି । ହିରଣ୍ମୟୀ ମିଶ୍ର କବି ରମାକାନ୍ତ ରଥଙ୍କ ଉପରେ ପ୍ରସ୍ତୁତ କରିଥିବା ଆଲେଖ୍ୟ 'ଏକାନ୍ତ ରମାକାନ୍ତ'ର ଉପସ୍ଥାପନା ଶୈଳୀ ଭଲ ଲାଗିଲା । ଏଥିରେ ରମାକାନ୍ତ 'ଜ୍ଞାନପୀଠ' ପାଇଛନ୍ତି ବୋଲି ଉଲ୍ଲେଖ ରହିଛି । ତାହା ଭୁଲ୍ । ପବିତ୍ର ମୋହନ ଦାଶଙ୍କ ଧାରାବାହିକ ଚରିତ ଉପନ୍ୟାସ 'ଦାସେ ଆପଣେ'ର ଉଦ୍ୟମକୁ ସ୍ୱାଗତ ନକରି ରହି ହେଉନାହିଁ । କୌଣସି ଶୀର୍ଷସ୍ଥାନୀୟ ତ୍ୟାଗପୂତ ଓ ସେବା ପାଇଁ ଜୀବନ ଉତ୍ସର୍ଗ କରିଥିବା ମହାପୁରୁଷଙ୍କ ଚରିତ ଉପନ୍ୟାସ ଲେଖିବା ନିହାତି ଭାବେ କାଠିକର କାମ । ପବିତ୍ରମୋହନ ପ୍ରାବନ୍ଧିକ ସୁଲଭ ଭାଷା ଓ ସମାଲୋଚକୀୟ ଅନ୍ତର୍ଦୃଷ୍ଟି ଅପେକ୍ଷା ଅନ୍ତରଙ୍ଗ ଭାବେ ଚରିତ୍ରକୁ ବ୍ୟାଖ୍ୟା କରିବା ଓ ନ୍ୟାୟ ଦେବା ଦିଗରେ ଅଧିକ ଯତ୍ନବାନ ହେଲେ ଏହା ଏକ ଅନବଦ୍ୟ କୃତି ହୋଇପାରିବ । ଡାକ୍ତର ସରୋଜିନୀ ଷଡ଼ଙ୍ଗୀଙ୍କ 'ସରୋଗେସି' ଆଲେଖ୍ୟ ନିଶ୍ଚିତ ଭାବେ ଶିକ୍ଷଣୀୟ । ତେବେ ଏହି ସଂଖ୍ୟାରେ କରୋନା କାଳ ସମ୍ପର୍କିତ କୌଣସି ସ୍ୱାସ୍ଥ୍ୟ ସମ୍ପର୍କୀତ ଲେଖା ସ୍ଥାନିତ କରିଥିଲେ ଭଲ ହୋଇ ଥାଆନ୍ତା । ଅଜୟ ସ୍ୱାଇଁ, ମଣୀନ୍ଦ୍ର କୁମାର ମେହେର ଓ ଦାଶ ବେନହୂରଙ୍କ ଠାରୁ ଅଧିକ ଆଶା ରଖିଥିଲି । ହଁ, କବିତା ପୃଷ୍ଠାରେ କେତେକ ସ୍ଥଳରେ ଆଧୁନିକ ଚିତ୍ରକଳାକୁ ମଧ୍ୟ ସଂଯୋଜିତ କରାଯାଇପାରନ୍ତା । କୌଣସି ସୁନ୍ଦରୀଙ୍କ ଫଟୋକୁ ସର୍ବଦା ପ୍ରାଥମିକତା ଦେବା ବର୍ଜନୀୟ । ପ୍ରୁଫ୍ ଓ କେତେକ ଛୋଟ ଛୋଟ ତ୍ରୁଟିବିଚ୍ୟୁତି ସ୍ପଷ୍ଟ ଭାବେ ଲକ୍ଷ୍ୟ କରାଯାଇପାରୁଛି । ଏହା ସତ୍ତ୍ୱେ ପତ୍ରିକାଟି ସୁଖପାଠ୍ୟ ଓ ଏକାନ୍ତ ସଂଗ୍ରହଣୀୟ ।



**ମନୋଜ କୁମାର ମେହେର,** 'ସମାଜ' ଅଫିସ, କଟକ-୭୫୩୦୦୧

**ଆମ ଉତ୍ତର :** ଆପଣଙ୍କର ସବିଶେଷ ମତାମତ ପାଇଁ ଆନ୍ତରିକ ଧନ୍ୟବାଦ । 'ଏକାନ୍ତ ରମାକାନ୍ତ' ଶୀର୍ଷକ ଆଲେଖରେ ରମାକାନ୍ତ ରଥ ଜ୍ଞାନପୀଠ ପୁରସ୍କାର ପାଇଥିବା କଥା ଭୁଲବଶତଃ ଉଲ୍ଲେଖ ଥିବାରୁ ଆମେ ଦୁଃଖ ପ୍ରକାଶ କରୁଛୁ । ଏହି ଅନିଚ୍ଛାକୃତ ତ୍ରୁଟି ପାଇଁ ଆମେ କ୍ଷମାପ୍ରାର୍ଥୀ । ଏ ସମ୍ପର୍କରେ ପ୍ରଥମେ କଟକରୁ ମନୋଜ ପଟ୍ଟନାୟକ ଆମକୁ ଫୋନ୍ କରି ସୂଚିତ କରିବା ସହ ଆହୁରି ଅନେକେ ଜଣାଇଥିବାରୁ ସେମାନଙ୍କୁ ଧନ୍ୟବାଦ ଜଣାଉଛୁ । କବିତା ପୃଷ୍ଠାର ଅଙ୍ଗସଜ୍ଜା ପାଇଁ କୌଣସି ଆଧୁନିକ ଚିତ୍ରକଳାକୁ ଆମେ ସଂଯୋଜିତ କରିବୁ କି ନାହିଁ ତାହା ଏବେ କହିବା ସମ୍ଭବ ନୁହେଁ । ତେବେ କେବେ କେମିତି ସୁନ୍ଦରୀଙ୍କ ଫଟୋ ଛାପିବାକୁ ଅନୁମତି ଥାଉ । ଆମଘରର ଝିଅମାନଙ୍କୁ ସେଠି ସ୍ଥାନିତ କରି 'ରେବତୀ' ସତରେ ଆନନ୍ଦିତ । ମୁଦ୍ରଣ ପ୍ରମାଦଗୁଡ଼ିକୁ ଆମେ ଆଗାମୀ ଦିନରେ ଦୃଷ୍ଟି ଦେବୁ ନିଶ୍ଚୟ ।

## 'ଏକାନ୍ତ ରାମାକାନ୍ତ' ମୋହିତ କଲା

● 'ରେବତୀ'ର ଅକ୍ଟୋବର-୨୦୨୦ ଶାରଦୀୟ ସଂଖ୍ୟାରୁ ହିରଣ୍ମୟୀ ମିଶ୍ରଙ୍କ ଆଲେଖ୍ୟ 'ଏକାନ୍ତ ରମାକାନ୍ତ' ପାଠ କଲି । ବାସ୍ତବିକ୍ ରମାକାନ୍ତଙ୍କୁ ନଦେଖିଲେ ଜାଣି ହେବ ନାହିଁ, ସେ କେତେ ସରଳ ଓ ଅମାୟିକ ମଣିଷ ! ଥରେ ବାଲେଶ୍ୱର ସର୍କ୍ୟୁଟ୍ ହାଉସ୍‌ରେ ତାଙ୍କ ସହ ସକାଳ ପାଞ୍ଚଟାରେ ଭେଟିବାର ନିର୍ଘଣ୍ଟ ସେ ମୋତେ ଦେଇଥିଲେ । ମୁଁ ଠିକ୍ ସମୟରେ ପହଞ୍ଚିଥିଲି । ସେ ମୋତେ ଅପେକ୍ଷା କରିଥିଲେ । ମୁଁ ପହଞ୍ଚିଲା ପରେ ସେ ପିଅନକୁ ଡାକି 'ଆପଣ' ସମ୍ବୋଧନ କରି ଅନୁରୋଧ କଲେ ଦୁଇ କପ୍ ଚାହା ଆଣିବାକୁ । ମୁଁ ବିସ୍ମିତ ହେଇ ପଚାରିଲି ପିଅନକୁ ଏପରି ମାନ୍ୟ କରିବା ସମ୍ପର୍କରେ । ସେ ନିର୍ଲିପ୍ତ ହସରେ ଉତ୍ତର ଦେଲେ, 'ଆମେ ଜଣେ ସାଧାରଣ ମଣିଷ, ଅଥଚ ସେ ଲୋକଟି ସରକାରୀ କଳର ଅଂଶୀଦାର । ତାଙ୍କୁ ସମ୍ମାନ ଦେବା ଆମର କର୍ତ୍ତବ୍ୟ ।' ମୋ ମୁଣ୍ଡ ଏ କଥାରେ ତଳକୁ ହେଇଗଲା । କେତେ ମହାନ୍ ବ୍ୟକ୍ତିତ୍ୱ ତାଙ୍କର । ସେ ପ୍ରଶାସନିକ ଚାକିରି ପାଇଗଲା ପରେ ସତକଥା ଠିକ୍ ତାହା ହିଁ କହିଥିଲେ ତାଙ୍କ ବାପା, ଯାହା ଲେଖା ଯାଇଛି । ସେ କଥା ବି ମୋତେ କହିଥିଲେ । ଆହୁରି ତାଙ୍କ ଗାଁ ବିଷୟରେ ଅନେକ କଥା ଗପିଥିଲେ, ଏପରିକି ତାଙ୍କ ଅଜାଘର କଥା, ଯେଉଁଠି ସେ ରହୁଥିଲେ । ତାଙ୍କର ପ୍ରତିଟି କଥା ଗୋଟେ ଗୋଟେ କାହାଣୀ । ମୋର ଗୋଟିଏ ଗପ ପଢ଼ି ସେ ଅତି ସୂକ୍ଷ୍ମ ନିରୀକ୍ଷଣ କରି ମତ ଦେଇ ଲେଖିଥିଲେ, 'ଉଦୟ ବାବୁ, ମେଚିଂ ସାୟା ଓ ବ୍ଲାଉଜ୍ ହୁଏ ନାହିଁ । ଯେହେତୁ, ସାୟା ଦେଖି ହୁଏ ନାହିଁ । ଖାଲି ବ୍ଲାଉଜ୍ ଲେଖିଥିଲେ ହେଇଥାନ୍ତା । ମୋ କଥା ବିଚାର କରିବେ ।' କେତେ ନମ୍ରତା ଥିଲା ସେ ଚିଠିରେ । ମୁଁ ଜାଣି ନଥିଲି ସେ ଫକୀରମୋହନ କଲେଜ୍‌ରୁ ମୌଖିକ ପରୀକ୍ଷା ଦେବା ପାଇଁ ଦିଲ୍ଲୀ ଗଲାବେଳେ ଘଟିଥିବା କରୁଣ ଘଟଣାସବୁ, ଯାହା ଶ୍ରୀମତୀ ହିରଣ୍ମୟୀ ମିଶ୍ର ଲେଖିଛନ୍ତି । ତାଙ୍କ ବିଷୟରେ ଅଧିକ ପଢ଼ିବାକୁ ଇଚ୍ଛା ଥିଲା । ହଠାତ୍ ଆଲେଖ୍ୟ ସରିଯିବାରୁ ଦୁଃଖ ହେଲା ।

**ଉଦୟ ନାରାୟଣ ଦାସ,** ବାଲେଶ୍ୱର

## ରେବତୀ ପତ୍ରିକା ଅଧିକ ବିକ୍ରି ହେଉଛି

● ଯାହେଉ ଅନୁଗୁଳ ପତ୍ରିକା ଷ୍ଟଲ୍‌ରୁ ଆଜି 'ରେବତୀ'ର ଶାରଦୀୟ ସଂଖ୍ୟା ପାଇଲି । ଏହି ଗୋଟିଏ କପି ମାତ୍ର ଥିଲା । ମୋ ଆଖି ଆଗରେ ଅନ୍ୟମାନେ 'ରେବତୀ' ନପାଇ ନିରାଶ ହୋଇ ଫେରୁଥିବାର ଦେଖିଲି । ପତ୍ରିକା ଅଧିକ ଆବଶ୍ୟକ ।

**ସଂଗ୍ରାମ କେଶରୀ ପୃଷ୍ଟି,** ଅନୁଗୁଳ

## ସଂପାଦିକା ସୁବାସିନୀ ଜେନ ସମ୍ପାଦକୀୟରେ ଯଥେଷ୍ଟ ନ୍ୟାୟ ଦେଇଛନ୍ତି ପ୍ରତିଟି ଶବ୍ଦକୁ

● ବାସ୍ତବିକ୍ 'ରେବତୀ' ଅନନ୍ୟା- ଏ କୌଣସି ତୋଷାମଦକାରୀର ବକ୍ତବ୍ୟ ନୁହେଁ । ଅନ୍ତରର ନିଚ୍ଛକ ଅଭିବ୍ୟକ୍ତି । ପଢ଼ିଲି 'ରେବତୀ' । ଖୁବ୍ ବିଭୋର ବି ହେଲି । ସମ୍ପାଦକୀୟ ପୃଷ୍ଠା ନିହାତି ଭାବେ ହୃଦୟକୁ ସ୍ପର୍ଶ କରିଛି । ସମ୍ପାଦିକା ମାଡ଼ାମ୍ ସୁବାସିନୀ ଜେନା ଯଥେଷ୍ଟ ନ୍ୟାୟ ଦେଇଛନ୍ତି ପ୍ରତିଟି ଶବ୍ଦର । ସମସ୍ତ ବିଭାଗ ହୃଦୟର କାନ୍‌ଭାସ୍‌ରେ ରଙ୍ଗ ଭରିଦେଲା କହିଲେ ଅତ୍ୟୁକ୍ତି ହେବ ନାହିଁ । ଭାବର ଗଭୀରତା କଣ ମାପି ହୁଏ ? ଠିକ୍ ସେମିତି ଭାବମୟ ସତ୍ତାଙ୍କୁ ବା କେମିତି ବର୍ଣ୍ଣନା କରିହେବ ? ପ୍ରତିଟି ପୃଷ୍ଠାରୁ ଅନେକ କିଛି ସାଉଁଟିଲି । କାହା ବିଷୟରେ କହିବି !ସବୁ ବିଭାଗ ଶିକ୍ଷଣୀୟ । ପରିଶେଷରେ କୃଷ୍ଣ ମହାନ୍ତି ସାର୍‌ଙ୍କ ଦ୍ୱାରା ଲିଖିତ ଲେଖା ପାଖରେ ଅଟକିଲା ମନ । ଶବ୍ଦ ଓ ଭାବର ଯଥାର୍ଥ ତାଳମେଳ ସାଙ୍ଗକୁ ଲେଖାର ଆଭିମୁଖ୍ୟ ପୁଣି ନିଆରା ଶୈଳୀରେ, ଯାହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ।

**ଡକ୍ଟର ହେନେରିଟା ମିଶ୍ର,** ମାଲକାନାଗିରି

## ‘ମୋ ଶିକ୍ଷକ’ ବିଭାଗଟି ଜାରି ରହୁ

● ଦାଶ ବେନହୂର ମୋର ଜଣେ ଅତି ପ୍ରିୟ ଲେଖକ । ତାଙ୍କ ଗପ କି ଆଲେଖ୍ୟ କୋଉଠି ଦେଖିଲେ ନ ପଢ଼ି ରହି ପାରେନି । ‘କାହାଣୀ’ ପତ୍ରିକାରେ ତାଙ୍କ ଗଡ଼ଜାତ କାହାଣୀ ଗୁଡ଼ିକ ଖୁବ ଭଲ ଲାଗେ । ଆଉ ‘ପଗଡ଼ି ପୁରୁଷ’ ତ ମାଷ୍ଟରପିସ୍ । ହାତ ଗଣତି କେଇଖଣ୍ଡ ବହି ଯାହାକୁ ନେଇ ଓଡ଼ିଆ ଲୋକ ବିଶ୍ୱ ଦରବାରରେ ଗର୍ବ କରିବେ ସେମାନଙ୍କ ଭିତରେ ଗୋଟେ ସେଇଟି । ଆଜି ତାଙ୍କୁ ଜଣେ ଛାତ୍ର ରୂପରେ ଦେଖିବାର ସୌଭାଗ୍ୟ ପାଇଲି ‘ରେବତୀ’ ଯୋଗୁଁ । ୧୯୭୩ ମସିହା ମାନେ ମୋ ଜନ୍ମର ଚାରିବର୍ଷ ପୂର୍ବରୁ ସିଏ ଆପଣା ସାର୍ଟିଫିକେଟ୍ ସବୁ ଧରି ବସିଥିଲେ ବାଣୀବିହାର କ୍ୟାମ୍ପସ୍‌ରେ ଚୟନ ପାଇଁ । କ୍ୟାରିୟର୍ ସେକେଣ୍ଡ୍ କ୍ଲାସ୍ । କଣ ଏମିତି ଦେଖିଲେ କେଜାଣି ତାଙ୍କ ସାର୍ ତାଙ୍କୁ ବାଛିଲେ ଆଡ଼ମିଶନ୍ ନେବା ପାଇଁ । କହିଲେ, ଇଏ ଅରିଜିନାଲ୍ ପିଲା । ଯାର ୟୁନିଫର୍ମିଟି ଅଛି (ମାନେ...କମ ବେଶି ହେଉନି ମାଟ୍ରିକ୍‌ରୁ ବିଏ ଯାଏଁ ଯୋଉ ସେକେଣ୍ଡ୍‌କୁ ସେଇ ସେକେଣ୍ଡ୍ । ନା ତଳକୁ ନା ଉପରକୁ । ଏଇଠି ଅଟକି ଯାଇ ବହେ ହସିଲି ।) କିନ୍ତୁ ସାର୍ ଏମିତି ଜାଗା ଦେଖି ଫୁଙ୍କି ନିଆଁ  ଜଳାଇ ଦିଅନ୍ତି ଯେ ତାହା ହୁତୁହୁତୁ  ହୋଇ ଜଳିବା ଆରମ୍ଭ କରେ । ସେ ନିଆଁକୁ ଚାନ୍ଦ ବାବୁଙ୍କର ବି ବଳ ପାଏନି ଲିଭାଇବାକୁ । ଏମ୍‌ଏର ପ୍ରଥମ ଶ୍ରେଣୀରେ ପାସ୍ କରନ୍ତି ତାଙ୍କ ସେଇ ୟୁନିଫର୍ମିଟି ବାଲା ଛାତ୍ର । ସାର୍ କଣ ଦେଖିଥିଲେ ଯାଙ୍କ ଭିତରେ ? କିଛି ଦେଖିଥିଲେ ନିଶ୍ଚୟ । କି ମନ୍ତ୍ର ଫୁଙ୍କିଥିଲେ ଯାଙ୍କ ଭିତରେ । କିଛି ମନ୍ତ୍ର ଫୁଙ୍କିଥିଲେ ନିଶ୍ଚିତ । ସେଇ କିଛି ଲକ୍ଷଣ ଆଉ ସେଇ କିଛି ମନ୍ତ୍ରର ପ୍ରଭାବ ଯୋଗୁ ଆଜି ତାଙ୍କ ଛାତ୍ର ଆମ ସମସ୍ତଙ୍କର ଅତି ପ୍ରିୟ ଲେଖକ ହୋଇ ପାରିଛନ୍ତି । ଜଣେ ଶିକ୍ଷକଙ୍କ ପ୍ରତି ଏତେ ପ୍ରଗାଢ଼ ଭଲପାଇବା...ସାର୍, ମୋ ସାର୍, ଆମ ସାର୍ ! ବହୁତ ବହୁତ ଛୁଇଁଲା ଏଇ ଲେଖାଟି । ଧନ୍ୟବାଦ ଜଣାଇବି ‘ରେବତୀ’ ପରିବାରକୁ । ଏଇ ଉଦ୍ୟମ ଜାରି ରହୁ ।

**ଦୀପକ ମିଶ୍ର,** ସୋନପୁର

## ‘ଶେଷପୃଷ୍ଠା’ର ବିଷୟବସ୍ତୁ ଗ୍ରହଣୀୟ

● ବହୁଦିନ ପରେ ଏଥର ‘ରେବତୀ’କୁ ହାତରେ ଧରି ଆତ୍ମତୃପ୍ତି ଅନୁଭବ କଲି । ପଢ଼ିଲି ସମ୍ପାଦକୀୟ ଠୁ ‘ଗର୍‌ବା’ ଓ ‘ଶେଷପୃଷ୍ଠା’ ପର୍ଯ୍ୟନ୍ତ । ରମାକାନ୍ତ ରଥଙ୍କ ନମ୍ରତା ଓ ସ୍ନେହଶୀଳତା ସହ ମୋର ପରିଚୟ ୧୯୯୫ରୁ । ତାଙ୍କ ଉପରେ ହିରଣ୍ମୟୀ ମିଶ୍ରଙ୍କ ଆଲେଖ୍ୟଟି ଖୁବ୍ ସୁନ୍ଦର । ତାଙ୍କ ବିଷୟରେ ଯେତେ କହିଲେ ବି ଲାଗେ ବାକି ରହିଗଲା କିଛି । ‘ଶେଷପୃଷ୍ଠା’ରେ ଲେଖକର ୟୁଆଇଡ଼ି ଗ୍ରହଣୀୟ ବିଷୟବସ୍ତୁ । ପ୍ରଚ୍ଛଦ ଖୁବ୍ ଆକର୍ଷଣୀୟ ।

**ପ୍ରମୀଳା ଶତପଥୀ,** ବାଲିଆ, ବାଲେଶ୍ୱର

## ‘ରେବତୀ’ର ଦୁଇଟି ଯାକ ସଂପାଦକୀୟ ସବୁବେଳେ ଶିକ୍ଷଣୀୟ ଲାଗେ

● ‘ରେବତୀ’ର ସେପ୍ଟେମ୍ବର ସଖ୍ୟାର ଫିଚର୍ ସବୁ ଖୁବ୍ ମନୋଜ୍ଞ, ଆକର୍ଷଣୀୟ ଓ ଚମତ୍କାର ହୋଇଛି । ଦେବାଳୟ ଆମ ଓଡ଼ିଆଙ୍କ ଆସ୍ଥା ଓ ଭରସାର ପ୍ରତୀକ କେବଳ ନୁହଁ ବରଂ ସେଠି ରହିଛି କେତେ କେତେ ଶିଳ୍ପୀଙ୍କ ନିଆରା ସ୍ୱାକ୍ଷର, ଅଛି ପୁଣି କେତେ ଇତିହାସ ଆଉ କେତେ କେତେ ପରମ୍ପରା ସବୁ । ଏଥର ‘ରେବତୀ’ ପତ୍ରିକାରୁ ନାରାୟଣ ରାଉତରାୟଙ୍କ ଦ୍ୱାରା ଲିଖିତ ନିଆରା ଶୈବପୀଠ ତ୍ରିଲୋଚନେଶ୍ୱର ମହାଦେବଙ୍କ ବିଷୟରେ ଅନେକ କଥା ଜାଣିବା ସହ ଜାଣିହେଲା ଅଶୋକ କୁମାର ମହାନ୍ତିଙ୍କ ଦ୍ୱାରା ଉପସ୍ଥାପିତ ବିରଞ୍ଚି ନାରାୟଣ ମନ୍ଦିର ସମ୍ପର୍କିତ ଇତିହାସ ଓ ଏହାର ଅନ୍ୟାନ୍ୟ ପରମ୍ପରା ସମ୍ପର୍କରେ । ସେପ୍ଟେମ୍ବରର ‘ରେବତୀ’ ମେଘମନସ୍କ କଳା ସୁନ୍ଦରୀ ମେଘାଳୟକୁ ତା ଚିତ୍ରିତ ବକ୍ଷରେ ଜାବୁଡ଼ି ଧରି । ଗଳ୍ପ ଲିଖନରେ ପାରଙ୍ଗମ ଦୁଇ ଗାଳ୍ପିକା ଏଥର ମେଘାଳୟର ଅନନ୍ୟ ସୌନ୍ଦର୍ଯ୍ୟକୁ ଫିଚର୍‌ରେ ଖୁବ ଚମତ୍କାର ଭାବେ ଉପସ୍ଥାପନ କରିପାରିଛନ୍ତି । ‘ମେଘିନୀ ମେଘାଳୟ’ରେ ଏ ମନକୁ ନିମିଷକେ ବୁଲାଇ ଆଣିଲା କାମାକ୍ଷା ମନ୍ଦିର, ଉମାନନ୍ଦ ଆଇସ୍‌ଲ୍ୟାଣ୍ଡ୍, ଦିଗବୋଇ ଗାର୍ଡ଼େନ ଆଉ କାଜିରଙ୍ଗା ନ୍ୟାସ୍‌ନାଲ୍ ପାର୍କ । ଲକ୍ଷ୍ମୀପ୍ରିୟା ମାଡ଼ାମ୍‌ଙ୍କ ଫିଚର୍‌ରେ ଡାଉକିର ମଧୁର ଡାକ ଖୁବ ବିଭୋର କଲା । ଗୋଟେ ସମତଳ ନଦୀ ଶଯ୍ୟାରେ କାନ୍ଥ କି ବାଡ଼ କି ପ୍ରାଚୀର ନୁହଁ ବରଂ ଏକ ବଡ଼ ପ୍ରସ୍ତର ଦୁଇଟି ଦେଶର ସୀମା ନିର୍ଦ୍ଧାରକ ଓ ବିଭାଜକ ହୋଇ ପଡ଼ିରହିଛି ସେଇଠି । ଚମତ୍କାର ଭାବେ ତୋଳି ଧରିଛନ୍ତି ସେ ଏ ଦୃଶ୍ୟକୁ । ‘ବ୍ଲୁ ଲେକ୍’କୁ ମୁଁ ପ୍ରଥମେ ଯେବେ ଦେଖିଥିଲି ତା ପ୍ରେମରେ ଓଦା ହୋଇଯାଇଥିଲି । ହଁ ଦେଖା ବି ହୋଇଛି ସେ ଥରୁଟିଏ । ଯଦିଓ ରେମୁଣା ଠୁ ଏ ଏତେଦୂର ନୁହଁ । କିନ୍ତୁ ଯାଇ ପାରିନି ବିଶେଷ (ଅଧିକାଂଶ ସମୟ ଭୁବନେଶ୍ୱରରେ ବିତାଉଥିବାରୁ) । ଯେବେ ଯାଇଥିଲି ତାର ଶାନ୍ତକାନ୍ତ କମନୀୟ ପରିବେଶ ଓ ନୀଳ ନୀଳ  ସମ୍ମୋହନରେ ସେ ଲାଗିଥିଲା ମୋତେ ଏକ ସୁନ୍ଦରୀ ନୀଳଶାଢ଼ି ପିନ୍ଧା ନାୟିକା ପରି । ଯାହାହେଉ ‘ରେବତୀ ଆମ ମାଟିର ସ୍ୱର’ରେ ପ୍ରତ୍ୟାଶା ପ୍ରିୟମ୍ବଦାଙ୍କ ଏ ଫିଚର୍‌ଧର୍ମୀ ଲେଖାରେ ବ୍ଲୁ ଲେକ୍‌ର ଉତ୍ପତ୍ତିର କାରଣ, ତାର ସୌନ୍ଦର୍ଯ୍ୟ ଓ ତାର ରକ୍ଷଣାବେକ୍ଷଣ ଦିଗ କଥା ପଢ଼ି ମୁଗ୍ଧ ହେଲି । ଏହାର ରକ୍ଷଣାବେକ୍ଷଣ ଦିଗରେ ସରକାର ଧ୍ୟାନ ଦେଲେ ଏହା ଏକ ସୁନ୍ଦର ପର୍ଯ୍ୟଟନ ସ୍ଥଳୀ ହୋଇପାରିବ । ଏଠାକୁ ଆସୁଥିବା ଦର୍ଶକଙ୍କ ସୁରକ୍ଷା ଦିଗରେ ବି ଧ୍ୟାନ ଦେବା କଥା । ସନ୍ଧ୍ୟାରେ କିଛି ଖଣ୍ଡ ବିଖଣ୍ଡିତ କାଚ ପଡ଼ିଥାଏ ଲେକ୍ ମଧ୍ୟସ୍ଥ ପ୍ରସ୍ତର ଉପରେ ।

ଗାଳ୍ପିକ ସୌରଭ ମହାପାତ୍ରଙ୍କ ଫିଚର୍‌ଟିରେ ମୁଁ କଣ ବା ନପାଇଲି ଯେ । ସାହିତ୍ୟ, ବିଜ୍ଞାନ, ଇତିହାସ, ଅର୍ଥନୀତି ସବୁର ଏକ ନିଆରା ସମ୍ମିଶ୍ରଣ । ବାଃ, ଏକ ଚମତ୍କାର କଥାକୁ ଲକ୍ଷ୍ୟ କଲି । ସେତେବେଳେ କ୍ଲଗ୍ ଜୋତା ଯାହାକୁ ସମସ୍ତେ ହିଁ ବ୍ୟବହାର କରିଥିଲେ ପୁରୁଷ ହେଉ କି ନାରୀ ସମସ୍ତଙ୍କ ପାଇଁ ସମାନ ଜୋତା । ପରେ ଏ ଜୋତା ଫ୍ୟାସେନେବୁଲ୍ ହେଲା । କ୍ଲଗ, ବୋଡ଼ର୍ସ ପରି ଶବ୍ଦ ସବୁର ଇତିହାସ ବିଷୟରେ ଜାଣିଲି । ଉଇଣ୍ଡ୍ ମିଲ୍ ବିଷୟରେ ବି ଅନେକ ତଥ୍ୟ ପାଇଲି । ଖୁବ୍ ଭଲଲାଗିଲା ସୌରଭଙ୍କ ସବିଶେଷ ବର୍ଣ୍ଣନା । ଶ୍ୱେତା ରାଉତଙ୍କୁ ଅଶେଷ ଅଶେଷ ଧନ୍ୟବାଦ ଦେବି ଫୁଲ ଉପରେ ଏ ଚମତ୍କାର ଓ ଉପାଦେୟଧର୍ମୀ ଫିଚର୍ ପାଇଁ । ଏ ଫୁଲ ଖୁବ ଲୋକପ୍ରିୟତା ହାସଲ କରୁଛି । ଏ ଫୁଲ ଉପରେ ଆଗାମୀ ଦିନରେ ଅଧିକ ଗବେଷଣା  କରାଯିବାର ଯୋଜନା ମଧ୍ୟ ଆମ ପୁଷ୍ପ ଓ ଭୂପୃଷ୍ଠ ଦୃଶ୍ୟ ଉଦ୍ୟାନ ବିଭାଗ ତରଫରୁ କରାଯାଉଛି । ଆପଣଙ୍କ ଏ ଲେଖା ପଢ଼ି ଅନେକ କିଛି ମଧ୍ୟ ଜାଣି ପାରିଲି । ‘ମାନନୀୟେଷୁ’ ସ୍ତମ୍ଭରେ କବି ଅଙ୍ଗୁରବାଳା ପରିଡ଼ାଙ୍କ ଦ୍ୱାରା ଉପସ୍ଥାପିତ ଭୂପେନ ମହାପାତ୍ରଙ୍କ ଭାବଭୂମି ଯେପରି ଭାବମଗ୍ନ କଲା ଠିକ ସେପରି ଆଚ୍ଛନ୍ନ କଲା ଯଦୁନାଥ ପଣ୍ଡାଙ୍କ ଆଲେଖ୍ୟ ବା ଫିଚର୍‌ଟି ବିଶିଷ୍ଟ ଓ ପ୍ରଖ୍ୟାତ କବି କୃଷ୍ଣପ୍ରସାଦ ବେହେରାଙ୍କ ଉପରେ । ‘ମୋ ଗାଁ’ ସ୍ତମ୍ଭରେ  କବି ଈପ୍‌ସିତା ଷଡ଼ଙ୍ଗୀ ଗୁହାଳପଡ଼ାର ଗରିମା ବଖାଣୁ ବଖାଣୁ ତାଙ୍କ ବର୍ଣ୍ଣନାରେ ଭରି ଦେଇଛନ୍ତି କାବ୍ୟିକତା । ସେ କାବ୍ୟିକତାର ସ୍ପର୍ଶରେ ଫିଚର୍ ଆହୁରି ରମଣୀୟ ହୋଇ ଉଠିଛି । କ୍ଷୀରକୋଳିର ବାସ୍ନା, ମେ ମେ କା କୋଳିର କଳା, ନାଲିପେଣ୍ଟାର ଚମକ ଓ ବେତକୋଳି କଣ୍ଟାର ରୁଗୁରୁଗୁ ମିଠା କଷ୍ଟ–ଏସବୁ ଜଣେ କବିର ଦରଦୀ ପ୍ରାଣ ହିଁ ବୁଝେ ବେଶ୍ କରି । ମାନସ ରଂଜନ ମହାପାତ୍ରଙ୍କ ଗଳ୍ପ କ୍ଷତରେ ଭରି ରହିଛି ଗୋଟେ ନିଆରା କ୍ଷତ ଯେଉଁ କ୍ଷତର ଭରଣା ପାଇଁ ଅବଧୂତ ପରି ଚରିତ୍ର ମାନେ ପାଲଟି ଯାଆନ୍ତି ଗୋଟେ ଗୋଟେ ସାଡିଷ୍ଟ୍ ଓ ଭୟଙ୍କର ଚରିତ୍ର । ‘ରେବତୀ’ର ଦୁଇଟି ଯାକ ସମ୍ପାଦକୀୟ ପୃଷ୍ଠା ମୋତେ ସବୁବେଳେ ଖୁବ୍ ଶିକ୍ଷଣୀୟ ଲାଗେ । ଗୋଟିଏ ସାହିତ୍ୟ ପାଇଁ ତ ଆରଟି ନାରୀ ପାଇଁ...ନା ନା ଭୁଲ୍ କହିଲି ବୋଧେ, କେବଳ ନାରୀ ପାଇଁ ନୁହଁ ବରଂ ଗୋଟେ ପରିବାର ପାଇଁ । ପରିବାରର ପ୍ରତ୍ୟେକ ସଦସ୍ୟ ଯଦି ନାରୀକୁ ବୁଝିପାରନ୍ତେ ଓ ତାର ଅସ୍ତିତ୍ୱକୁ ଖଣ୍ଡ ବିଖଣ୍ଡିତ ନକରି ତାକୁ ଯଥାଯଥ ସମ୍ମାନ ପ୍ରଦାନ କରନ୍ତେ ତେବେ ପରିବାରକୁ ସେ ତାର ଗୁଣରେ ଶ୍ରଦ୍ଧାମଣ୍ଡିତ କରି ଅପୂର୍ବ ସର୍ଜନକଳାରେ ମନ୍ଦିର କରି  ଦେଇପାରନ୍ତା । ଆଉ ଗୋଟିଏ ଗୋଟିଏ ପରିବାରକୁ ନେଇ ହିଁ ଏ ସମାଜ ଆଉ ଏ ରାଷ୍ଟ୍ର ନା ! କୃଷ୍ଣ କୁମାର ମହାନ୍ତି ସାର୍‌ଙ୍କ ସମ୍ପାଦକୀୟ ପୃଷ୍ଠାରେ ସାହିତ୍ୟର ଯେଉଁ ଦିଗ ପ୍ରତି ସେ ଆଲୋକପାତ କରିଛନ୍ତି ସେଥିପ୍ରତି ସମସ୍ତେ ସଚେତନଶୀଳ ହେବା ଉଚିତ । ଖ୍ୟାତିର ପଛରେ ଅନୁଧାବନ କରି ହଜିନଯାଉ ଏ ସର୍ଜନାଶୀଳ ମନଟି । ପରିଶେଷରେ ‘ରେବତୀ ଆମ ମାଟିର ସ୍ୱର’ ପତ୍ରିକାର ଉତ୍ତରୋତ୍ତର ଉନ୍ନତି କାମନା କରୁଛି ।

**ସୁବ୍ରତ କୁମାର ସେନାପତି,** ରେମୁଣା ସତସଙ୍ଗ ପଲ୍ଲୀ, ବାଲେଶ୍ୱର-୭୫୬୦୧୯

## ବହୁ ରୋଚକ ପ୍ରସଙ୍ଗର ସଂଗମସ୍ଥଳ : ରେବତୀ

● ଏ ସଂଖ୍ୟାର ପ୍ରତ୍ୟେକ ସଂଯୋଜିତ ବିଭାଗ ପଢ଼ିଲି । ସବୁ ସଂଖ୍ୟା ପରି ଏ ସଂଖ୍ୟାଟି  ମଧ୍ୟ ଆକର୍ଷଣୀୟ ଓ ପଠନୀୟ । ମେଘାଳୟ ଉପରେ ଦୁଇଟି ଆଲେଖ୍ୟ । ଲକ୍ଷ୍ମୀପ୍ରିୟା ଓ ଚିନ୍ମୟୀ ନିଜ ନିଜ ଅନୁଭବକୁ ସୁନ୍ଦର ଭାବରେ ଉପସ୍ଥାପନ କରିଛନ୍ତି । ‘ଡାଉକି’ ସମ୍ପର୍କରେ ପଢ଼ିଲା ପରେ ପ୍ରକୃତିପ୍ରେମୀଙ୍କୁ ତାହା ଡାକିଲା ପରି ମନେ ହେବ । ପ୍ରତ୍ୟାଶାଙ୍କ ଲେଖା ‘ବ୍ଲୁ ଲେକ୍‌ର ବିସ୍ମୟ’ ମଧ୍ୟ ଏହିଭଳି ଆଉ ଏକ ପ୍ରାକୃତିକ ସ୍ଥଳୀର ବର୍ଣ୍ଣନା । ସମସ୍ତଙ୍କୁ ଶ୍ରଦ୍ଧା ଓ ସୁମନାସ । ଈପ୍‌ସିତାଙ୍କ ପିଲାଦିନ କଥା ଓ ତାଙ୍କ ବାପା ବିଶିଷ୍ଟ କବି ନମସ୍ୟ ବଂଶୀଧର ଷଡ଼ଙ୍ଗୀଙ୍କ ଉପରେ ଆଲେଖ୍ୟଟି ବହୁ ଅଜଣା ତଥ୍ୟ ଜଣାଇଲା । ତାଙ୍କୁ ସମ୍ମାନ ଜଣାଉଛି । ଅନ୍ୟାନ୍ୟ ବିଷୟ ଉପରେ ଫେସ୍‌ବୁକ୍‌ର ବ୍ୟକ୍ତିଗତ ପୋଷ୍ଟିଂରେ ମୋର ମତାମତ ଦେଇଛି । ସମ୍ପାଦକୀୟ ଦୁଇଟି ମଧ୍ୟ ବିଶେଷ ମହତ୍ୱପୂର୍ଣ୍ଣ । ସୁବାସିନୀ ମାମ୍ ନାରୀକୁ ଜଳର ଅନ୍ୟନାମ ଜୀବନ....ନାରୀ ନାହିଁ ତ ଜୀବନ କାହିଁ ? ଲେଖକର ସର୍ଟକଟ୍ ସିଦ୍ଧି ସମ୍ପର୍କକୁ ସାଧନା ନ ଭାବି ପ୍ରତିଯୋଗିତାର କ୍ଷେତ୍ର ଭାବରେ ଧରି ନିଆ ଯାଉଥିବାରୁ ତାହା ଏବେ ପ୍ରଦୂଷିତ ହେବାକୁ ବସୁଛି ।  ଏହା ବାସ୍ତବତାକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି । ହାତରେ ଧରି ପତ୍ରିକା ପଢ଼ିବାର ଆନନ୍ଦ ଆଙ୍ଗୁଳି ମାରି ପଢ଼ିବାରେ କୋଉଠି ଥାଏ ? ତଥାପି ‘ରେବତୀ’ରେ ବହୁତ ରୋଚକ ପ୍ରସଙ୍ଗ ଥିବାରୁ ବିଳମ୍ବ ହେଲେ ବି ପଢ଼ିବାର ଲୋଭ ସମ୍ବରଣ କରିପାରେ ନାହିଁ ।

**ରବି ପଣ୍ଡା**, ଭୁବନେଶ୍ୱର

## ‘ଦାସେ ଆପଣେ’ ବହୁପାଠକଙ୍କ ଦ୍ୱାରା ଆଦୃତ

● ଅଗଷ୍ଟ ସଂଖ୍ୟାର ସମ୍ପାଦକୀୟ ପୃଷ୍ଠାରେ ସୁବାସିନୀ ଜେନାଙ୍କ ଗୋଟିଏ ବାକ୍ୟ ମନକୁ ଆନ୍ଦୋଳିତ କରିଥିଲା । ସମାଜ କଳୁଷିତ, କିନ୍ତୁ ସେଥିପାଇଁ ଆମେ ନିଜକୁ କେବେ ବି ଦାୟୀ ଭାବୁନୁ । କେତେ ସତ କଥା । ଡିଜିଟାଲ୍ ରୂପ  ନେଇ ‘ରେବତୀ’ ତୁରନ୍ତ ପାଠକଙ୍କ ହାତରେ ପହଞ୍ଚି ପାରୁଛି । ଏଇ ସଂଖ୍ୟାରେ କବିତା ଓ ଗପ ଗୁଡ଼ିକ ଖୁବ୍ ମନଛୁଆଁ । କିନ୍ତୁ ଏପରି କିଛି ଲେଖା ଅଛି, ଯାହାକି ମନୋରଞ୍ଜନ ସହ ଶିକ୍ଷା ବି ଦେଉଛି । ‘ରାଜନୀତିର ରେଖାଚିତ୍ର’, ‘ମମତାର ମନ୍ଦିର ମମତା’, ‘ମୋ ଘର ଶ୍ରୀଜଙ୍ଗ’, ‘ବାପା ଥିଲେ ଲୋକଙ୍କର, ଲୋକଙ୍କ  ପାଇଁ, ଲୋକଙ୍କ ଦ୍ୱାରା’ ଏକ ସାହିତ୍ୟିକ ଦୃଷ୍ଟି ଇତ୍ୟାଦି । ଅନ୍ୟ ସଂଖ୍ୟା ପରି ‘ରେବତୀ’ ସବୁକିଛି ଧାରଣ କରିଛି । ଓଡ଼ିଶାରେ ଗର୍ବ ବିଜୟ ମହାନ୍ତିଙ୍କ ଯାତ୍ରା ମଧ୍ୟ ଅନ୍ୟ ଏକ ଆକର୍ଷଣ । ପବିତ୍ର ମୋହନ ଦାଶଙ୍କ ଦ୍ୱାରା ରଚିତ ଉପନ୍ୟାସ ‘ଦାସେ ଆପଣ’ ବହୁ ପାଠକଙ୍କ ଦ୍ୱାରା ଆଦୃତ ହୋଇ ସାରିଲାଣି । ପବିତ୍ର ଭାଇଙ୍କ ପରିଶ୍ରମ ସହ କୃଷ୍ଣ ଭାଇଙ୍କ ସହଯୋଗ ଓ ସଞ୍ଜୀୟ ରାଉଳଙ୍କ ଉଦ୍ୟମ ଦୃଷ୍ଟି ଆକର୍ଷଣ କରିଛି । ଓଡ଼ିଶାର ବରପୁତ୍ର ଗୋପବନ୍ଧୁଙ୍କ ଜାତକ ମଧ୍ୟ ଏହି ପତ୍ରିକାରେ ଅଛି । ସଞ୍ଜୀୟ ରାଉଳଙ୍କ ହସ୍ତାକ୍ଷର ବି ନିଆରା । ମୁମ୍ବାଇକୁ ନିଜ ଛତ୍ରଛାୟାରେ ରଖିଥିବା, ଅଗ୍ରପୂଜ୍ୟ ଗଣେଶଙ୍କ ପରମଧାମ ଶ୍ରୀ ସିଦ୍ଧି ବିନାୟକ ମନ୍ଦିର ଉପରେ ମୋ ଆଲେଖ୍ୟକୁ ପ୍ରକାଶିତ କରିଥିବାରୁ ଆପଣଙ୍କୁ ଓ କୃଷ୍ଣ ଭାଇଙ୍କୁ ଧନ୍ୟବାଦ ଜଣାଉଛି । ‘ରେବତୀ’ ଏହି ପରି ଓଡ଼ିଆ ସାହିତ୍ୟସଂସ୍କୃତିକୁ ଧାରଣ କରି ଖୁବ୍ ଆଗକୁ ବଢ଼ି ଚାଲୁ- ଏହି ଶୁଭକାମନା ସହ ରହୁଛି ।

**ପାରମିତା ଷଡ଼ଙ୍ଗୀ**, ନବି ମୁମ୍ବାଇ

## ଅଜୟ ସ୍ୱାଇଁଙ୍କ ‘ଘଟଣାଚରିତ୍ର’ ଆଲେଖ ଆକର୍ଷଣୀୟ



● ଲକ୍‌ଡାଉନ୍ ସମୟରେ ଡିଜିଟାଲ୍ ‘ରେବତୀ’ ପଢୁଥିଲି । ଏଥର ଅକ୍ଟୋବର-୨୦୨୦ ମୁଦ୍ରିତ ସଂଖ୍ୟାଟି ଘରକୁ ଆଣିଛି । ପ୍ରଚ୍ଛଦ ଠାରୁ ଆରମ୍ଭ କରି ଶେଷପୃଷ୍ଠା ଯାଏଁ ପ୍ରତ୍ୟେକଟି ଫର୍ଦ୍ଦର ସ୍ୱାତନ୍ତ୍ର୍ୟ ଅନୁଭବ କଲି । କହିବାକୁ ଗଲେ ସବୁ ଦୃଷ୍ଟିରୁ ସ୍ୱୟଂସମ୍ପୂର୍ଣ୍ଣ ପତ୍ରିକାଟିଏ । ମୋ ପ୍ରିୟ ଲେଖିକା ତଥା କଲେଜ ବେଳରୁ ମୋର ଅତିପ୍ରିୟ ସମ୍ମାନନୀୟା ହିରଣ୍ମୟୀ ମିଶ୍ର ମାଡ଼ାମ୍‌ଙ୍କର ‘ଏକାନ୍ତ ରମାକାନ୍ତ’ ପଢ଼ି ମୁଗ୍ଧ ହେଲି ଆଉ କଲେଜ ବେଳରେ ମାଡାମ୍ ସହ ବିତିଥିବା ମୁହୂର୍ତ୍ତମାନଙ୍କୁ ଖୁବ୍ ମନେ ପକେଇଲି । ଯାଜପୁରର ମାଆ ବିରଜାଙ୍କ ବିଷୟରେ ଅନେକ ତଥ୍ୟ ଜାଣିବାର ସୁଯୋଗ ପାଇଲି । ‘ଘଟଣାଚରିତ୍ର’ରେ ସମ୍ମାନନୀୟ ଅଜୟ ସ୍ୱାଇଁ ସାର୍‌ଙ୍କ ଲେଖାଟି ଖୁବ୍ ଆକର୍ଷଣୀୟ ଏବଂ ଶେଷଯାଏଁ ପାଠକକୁ ବାନ୍ଧି ରଖିଲା ପରି । କବିତା ବିଭାଗର  ସମସ୍ତ କବିତା ଖୁବ୍ ମନମୁଗ୍ଧକର । ଆମର ଦେଶୀ ଖାଦ୍ୟ ମୁଆଁ ଆଉ ଛେନାପୋଡ଼ ବିଷୟରେ ଅନେକ ଅଜଣା ତଥ୍ୟ ଲୋକଲୋଚନକୁ ଆଣିଛନ୍ତି ଲେଖକ ସଂଗ୍ରାମ କେଶରୀ ପୃଷ୍ଟି ସାର୍ ଏବଂ ଅଶୋକ କୁମାର ମଲ୍ଲ ସାର୍ । ଧାରାବାହିକ ଉପନ୍ୟାସ ‘ଦାସେ ଆପଣେ’, ସ୍ୱାସ୍ଥ୍ୟଚର୍ଚ୍ଚା, ସୌନ୍ଦର୍ଯ୍ୟଚର୍ଚ୍ଚା, ରୋଷଇଶାଳ, ଫ୍ୟାଶନ...ପ୍ରତ୍ୟେକଟି ବିଭାଗ ଯିଏ ଯାହା କ୍ଷେତ୍ରରେ ସୁନ୍ଦର, ଶିକ୍ଷଣୀୟ ସ୍ୱତନ୍ତ୍ର ଆଉ ସମୃଦ୍ଧ । ଏମିତିକି ‘ମଲାଟ କଥା’ର ଛୋଟ ଲେଖାଟି ମଧ୍ୟ ମନ କିଣିନେଲା ।

ଶେଷରେ କହିବି ‘ଶେଷପୃଷ୍ଠା’ର ନାୟକ କୃଷ୍ଣ କୁମାର ମହାନ୍ତି ସାର୍‌ଙ୍କ ବିଷୟରେ । ସାର୍‌ଙ୍କ ସମ୍ପାଦନା ଯେତିକି ବଳିଷ୍ଠ ତାଙ୍କ ସମ୍ପାଦକୀୟ ଲେଖା ସେତିକି ସ୍ୱତନ୍ତ୍ର ଆଉ ଆକର୍ଷଣୀୟ । ସାର୍‌ଙ୍କ ପ୍ରତ୍ୟେକ ସମ୍ପାଦକୀୟ ଲେଖା ମୋର ଖୁବ୍ ପ୍ରିୟ । ‘ଶେଷପୃଷ୍ଠା’ରେ କେତେ ସୁନ୍ଦର ଭାବରେ ସାହିତ୍ୟର ସଂଜ୍ଞାକୁ ବର୍ଣ୍ଣନା କରିଛନ୍ତି ସାର୍ ! ମୁଗ୍ଧ ହେଲି ।

‘ରେବତୀ’ର ଉତ୍ତରୋତ୍ତର ଉନ୍ନତି କାମନା କରୁଛି । ସମସ୍ତ ସ୍ରଷ୍ଟାଙ୍କୁ ସାଦର ପ୍ରଣାମ ।

**ରୋଜାଲିନି ମିଶ୍ର**, ଭିଏସ୍ଏସ୍ ନଗର, ଭୁବନେଶ୍ୱର

## ‘ରେବତୀ’ର ‘ଶେଷପୃଷ୍ଠା’ରେ ଲେଖକୀୟ ଅଧିକାର ପତ୍ର ପ୍ରସ୍ତାବ ସ୍ୱାଗତଯୋଗ୍ୟ

● ଅଗଷ୍ଟ ମାସ ‘ରେବତୀ’ର ‘ଶେଷପୃଷ୍ଠା’ରେ ସମ୍ପାଦକଙ୍କର ପ୍ରସ୍ତାବ ସ୍ୱାଗତଯୋଗ୍ୟ । ଏ ପ୍ରଶ୍ନ ଉପସ୍ଥାପନ କରିଥିବାରୁ ମୁଁ ତାଙ୍କୁ ପ୍ରଥମେ ସାଧୁବାଦ ଜଣାଇବାକୁ ଚାହିଁବି । ଲେଖକୀୟ ଅଧିକାର ପତ୍ର ରହିଲେ ଲେଖକଙ୍କୁ ସମ୍ମାନ ଓ ସ୍ୱୀକୃତି ମିଳିବ । ଯେଉଁଠି ଅଧିକାରର ପ୍ରଶ୍ନ ଉଠେ ସେଠାରେ ଉତ୍ତର-ଦାୟିତ୍ୱ ରହିବ । ଲେଖକମାନେ ଅଧିକ ଧୈର୍ଯ୍ୟବାନ, ନିଷ୍ଠାପର ଓ ପଠନମୁଖୀ ହେବେ । ଓ୍ୱାର୍କସପ୍ ହେବ, ଭାଷାସାହିତ୍ୟ ଉପରେ ଅଧିକ ତର୍ଜମା ହେବ । ପୁରାତନ ଲେଖାର ପୁନରୁଦ୍ଧାର ହେବ ଓ ବିଶ୍ୱସାହିତ୍ୟ ପ୍ରତି ଆଗ୍ରହ ବଢ଼ିବ ଓ ଆଭିମୁଖ୍ୟ ବଦଳିବ । ଓଡ଼ିଆସାହିତ୍ୟ ଖୁବ୍ ସମୃଦ୍ଧ କହିଲେ ମୋତେ ଭାରତ ବାହାରେ ଅନେକେ ପ୍ରଶ୍ନ କରନ୍ତି । କାହିଁକି ଓଡ଼ିଆ ଲେଖକମାନେ ଲେଖାଲେଖିକୁ ଏକ ପୂର୍ଣ୍ଣ ସମୟ ପ୍ରଫେସନ୍ ଭାବରେ ଗ୍ରହଣ କରନ୍ତି ନାହିଁ ବା ଚେତନ୍ ଭଗତଙ୍କ ଭଳି ଜୀବିକା ନିର୍ବାହ କରିପାରିବେ ବୋଲି ଭାବନ୍ତି ନାହିଁ ? ଏ ପ୍ରଶ୍ନର ଉତ୍ତର ନଥିଲେ ମଧ୍ୟ ମୋର ବିଶ୍ୱାସ  ଓଡ଼ିଆ ଭାଷାସାହିତ୍ୟ ଓ ସାହିତ୍ୟିକ ଉଭୟେ ସମୃଦ୍ଧ । ‘ରେବତୀ’ର ସମ୍ପାଦକ ଲେଖକର ପରିଚୟ ପତ୍ର ପ୍ରସଙ୍ଗ ଉପସ୍ଥାପନ କରିଛନ୍ତି ଓ ଏଯାବତ୍ ଯଥାଯଥ ପ୍ରତିକ୍ରିୟା ମିଳିନାହିଁ । (କୌଣସି କାରଣବଶତଃ ମୁଁ ବିଳମ୍ବରେ ଏହା ପଢ଼ିଲି) ସାହିତ୍ୟ ଏକାଡ଼େମୀ ବ୍ୟତୀତ, ମୋ ଜାଣିବାରେ ଦୁଇଟି ପତ୍ରିକା ଲେଖକ କର୍ମଶାଳା କରନ୍ତି । ‘ରେବତୀ’ ମଧ୍ୟ ଆଗକୁ ଆସୁ ।

**ସୌଭାଗିନୀ ପରିଡ଼ା**, ସାଉଦି ଆରବ

## ହିରଣ୍ମୟୀ ମିଶ୍ରଙ୍କ ଆଲେଖ ‘ଏକାନ୍ତ ରମାକାନ୍ତ’ ଖୁବ ମାର୍ମିକ

● ପ୍ରଣାମ ସାର୍ । ଖୁବ୍ ସୁନ୍ଦର ହେଇଛି ‘ରେବତୀ’ର ଶାରଦୀୟ ସ୍ୱତନ୍ତ୍ରରେ ହିରଣ୍ମୟୀ ମିଶ୍ରଙ୍କ ଆଲେଖ୍ୟ ଖୁବ୍ ଉଚ୍ଚକୋଟୀର, କବିତାଗୁଡ଼ିକ ଖୁବ୍ ଛୁଇଁଲା । ସଂଗ୍ରାମ କେଶରୀ ପୃଷ୍ଟି ସାର୍‌ଙ୍କ ‘ମୁଆଁ ମହାତ୍ମ୍ୟ’ ବେଶ୍ ସୁନ୍ଦର ଉପସ୍ଥାପନା ସତରେ ! ଏବଂ ‘ଶେଷପୃଷ୍ଠା’ରେ ଆପଣଙ୍କ ଉପସ୍ଥାପନା ‘ରେବତୀ’କୁ ଆହୁରି  ପରିପୁଷ୍ଟ କରିଦେଇଛି । ‘ରେବତୀ’ ପତ୍ରିକା ଆହୁରି ଆଦୃତି ଲାଭ କରୁ ତାରିଣୀଙ୍କ ନିକରେ ଏତିକି କାମନା ।

**ସନ୍ତୋଷିନୀ ଦାଶ(ଗିରି)**, ଗୋପାଳପୁର, କେନ୍ଦୁଝର

## ପବିତ୍ର ମୋହନ ଦାଶଙ୍କ 'ଦାସେ ଆପଣେ' ଓଡ଼ିଆ ସାହିତ୍ୟର ଏକ ଅନବଦ୍ୟ ସୃଷ୍ଟି ହେବାକୁ ଯାଉଛି

● 'ରେବତୀ'ର ନିୟମିତ ଡିଜିଟାଲ୍ ସଂସ୍କରଣ ପଢୁଥିଲେ ବି ମୁଦ୍ରିତ ପତ୍ରିକାଟି ହାତରେ ଧରିବାର ଅନୁଭବ ନିଆରା । ପ୍ରଚ୍ଛଦରେ ମାତୃପୂଜନର ସଂସ୍କୃତି ଓ ଦ୍ୱି-ପ୍ରଚ୍ଛଦରେ ଶାରଦୀୟ ପ୍ରକୃତିର କାଶତଣ୍ଡି, ଉଭୟ ଚମତ୍କାର ପରିକଳ୍ପନା । ଗୋଟିଏ ମାତ୍ର ଗପ (ଖୁବ୍ ଛୁଇଁଲା ଗାଳ୍ପିକ ପ୍ରିୟରଞ୍ଜନ ପଟ୍ଟନାୟକଙ୍କ ଗଳ୍ପ) ଦେଖି ମଉଳି ଆସିଥିବା ମନକୁ ଖିଲି ଖିଲି କରିଦେଲା କୋଡ଼ିଏଟି କବିତାକୁ ନେଇ ସମକାଳୀନ କବିତା ପୃଷ୍ଠା । 'ଜିତାପଟ ହେଲେ ସିନା ବାଟଖର୍ଚ୍ଚ ଉଠିବ ହେ ବନ୍ଧୁ' ବରେଣ୍ୟ କବି ତପନ ପଟ୍ଟନାୟକଙ୍କର ଚମତ୍କାର କବିତାରୁ ଆରମ୍ଭ କବିତା ପର୍ବ କେତେବେଳେ କବି ଅଜୟ ପ୍ରଧାନଙ୍କ ନିଆରା ଶୈଳୀ ତ କେତେବେଳେ ବାଦଲ ମହାନ୍ତିଙ୍କ ଜ୍ୟାମିତି ବାକ୍ସର ସବା ତଳେ ପଡ଼ିଥିବା କାଗଜ ପାଖରେ ଅଟକାଇ ଦେଲା । କବି ତୁହିନାଂଶୁ ରଥଙ୍କର ପାଣିଫୋଟକା ମୁହୂର୍ତ୍ତକୁ ଜିଇଁବାର କଳା ଶିଖାଇଗଲା ତ, ଡଲିନାନୀ (ପ୍ରବାସିନୀ ମହାକୁଡ଼)ଙ୍କ ନିଜ ପାଇଁ ନିଜର ବିଜ୍ଞାପନ ଜୀବନର ଖୁବ୍ ବଡ଼ ସତ୍ୟଟିକୁ ଦେଖେଇଲା । 'ଦେଶର କାନ୍ଦଣା ଥମିନି ଏଯାଏଁ । ଫୁଲ ଫୁଟିନି ନୂଆ ଡାଳରେ...' (ସୂର୍ଯ୍ୟସ୍ନାତ), 'ଗାର କାଟି ତାକୁ ଭାଗ କରିବାର ଖେଳ ଏବେ କାଳ (ପବିତ୍ର ମୋହନ କର) ଖୁବ୍ ଛୁଇଁଲେ । ବରେଣ୍ୟ କବି ରମାକାନ୍ତ ରଥଙ୍କୁ ନେଇ ନେଇ ହିରଣ୍ମୟୀ ମିଶ୍ରଙ୍କ 'ଏକାନ୍ତ ରମାକାନ୍ତ' ହିରଣ୍ମୟୀଙ୍କ ଗଳ୍ପ ଭଳି ସୁଖପାଠ୍ୟ । 'ଏକାନ୍ତ ରମାକାନ୍ତ ସହ ଅଜୟ ସ୍ୱାଇଁଙ୍କର 'ଚିତ୍ରକରର ଚରିତ୍ର' ଓ ଦାଶ ବେନହୂରଙ୍କ 'ଶିକ୍ଷକପଣିଆର ଧାରେ ହସ' ଏ ସଂଖ୍ୟାର ପ୍ରମୁଖ ଆକର୍ଷଣ । ପବିତ୍ର ମୋହନ ଦାଶଙ୍କ 'ଦାସେ ଆପଣେ' ଓଡ଼ିଆ ସାହିତ୍ୟର ଏକ ଅନବଦ୍ୟ ସୃଷ୍ଟି ହେବାକୁ ଯାଉଛି । ଲକ୍ଷ୍ମୀପ୍ରିୟା ଓଝାଙ୍କ 'ଗର୍‌ବା' ସମ୍ପର୍କିତ ଆଲେଖ୍ୟ ଖୁବ୍ ସୁନ୍ଦର । ହିନ୍ଦୁଧର୍ମ ସହ ଜଡ଼ିତ ଗୋଟିଏ ନୃତ୍ୟ ମୁସଲମାନ ଓ ଖ୍ରୀଷ୍ଟିଆନ ସଂପ୍ରଦାୟରେ ଆଦୃତି ଲାଭ କରିବା ଖୁବ୍ ସୁନ୍ଦର କଥା । ଡକ୍ଟର ପ୍ରଦୀପ କୁମାର ମିଶ୍ରଙ୍କର 'ବନବାସୀଙ୍କର ନିଆରା ଗଣପର୍ବ: ଦଶହରା'ରୁ ଜୟପୁର ସହରର ଦଶହରା ପର୍ବ ସଂପର୍କରେ ନୂଆ କଥା ଜାଣିଲି । 'ଆଃ ଛେନାପୋଡ଼' ଓ 'ଦେବପୁଷ୍ପ ପଦ୍ମ' ଭଲ ଲାଗିଲା । ସଂପାଦକୀୟରେ ମାତୃଶକ୍ତି ଉପରେ ସମ୍ପାଦିକାଙ୍କର ଆଲୋଚନା ସୁନ୍ଦର । ସାହିତ୍ୟ ଗୋଟେ 'ନିଦାନ' । 'ଶେଷପୃଷ୍ଠା'ର ଏ କଥାଟି ସବୁ ସାହିତ୍ୟିକଙ୍କର ମନର ରହିବା ଉଚିତ । ବହୁତ ଭଲ ଲାଗିଲା କୃଷ୍ଣ କୁମାର ମହାନ୍ତିଙ୍କ ସମ୍ପାଦକୀୟ ଆଲୋଚନା । 'ରେବତୀ'ର ସମ୍ପାଦନା ମଣ୍ଡଳୀଙ୍କୁ ଅଶେଷ ସଦିଚ୍ଛା ।

**ପ୍ରତ୍ୟୁଷ ପଣ୍ଡା,** ବିଡ଼ାନାସୀ, କଟକ

**ଆମ ଉତ୍ତର :** ପ୍ରବାସିନୀ ମହାକୁଡ଼ଙ୍କ କବିତାର ଶୀର୍ଷକ 'ନିଦ ପାଇଁ ବିଜ୍ଞାପନ' ହେବ । ସେହିପରି ତୁହିନାଂଶୁ ରଥଙ୍କ କବିତାର ଶୀର୍ଷକ 'ପାଣିଫୋଟକା' ହେବ । ଏ ଅନିଚ୍ଛାକୃତ ତ୍ରୁଟି ପାଇଁ ଆମେ ଦୁଃଖିତ ।

## 'ଏକାନ୍ତ ରମାକାନ୍ତ' ଭଲଲାଗିଲା

● 'ଏକାନ୍ତ ରମାକାନ୍ତ' ସୁନ୍ଦର ଆଲେଖ୍ୟ । ଭିନ୍ନ ଭିନ୍ନ ଅବସରରେ ଶ୍ରୀଯୁକ୍ତ ରଥଙ୍କ ସହ ସାକ୍ଷାତ ହୋଇଛି । କଲିକତା ଆସିଲେ କେତେଥର ସେ ଆମ ବସାକୁ ଆସିଛନ୍ତି । ଥରେ ଅଧେ ମୁଁ ବି ତାଙ୍କ ଘରକୁ ଯାଇଛି । ଲେଖିକା ଶ୍ରୀମତୀ ହିରଣ୍ମୟୀ ମିଶ୍ରଙ୍କ ଆଲେଖ୍ୟ ପଢ଼ିଲା ବେଳେ ତାଙ୍କ ଅମାୟିକ ବ୍ୟକ୍ତିତ୍ୱର କେତେ ଦିଗ ଆଖି ଆଗରେ ପୁଣି ନାଚି ଗଲା । ଯେମିତି ସେ କହନ୍ତି- 'ଯେତେ ଲେଖିଲେ ବି ଆମେ କଣ ଭୀମଭୋଇଙ୍କ ପରି ଲେଖି ପାରିବା ?' ପୁରୀର ରସଗୋଲା ଖାଇବାକୁ କେତେ ଭଲ ଲାଗେ ତାଙ୍କୁ ବଖାଣନ୍ତି । କେଡ଼େ ବଡ଼ କବି । କେଡ଼େ ନିରହଂକାର, ସରଳ, ଉଦାର ! କୋଉଠି ପ୍ରକାଶିତ କବିତାଟିଏ ମୋର ଦେଖିଲେ ତୁରନ୍ତ ଫୋନ୍ କରି କହିବେ- 'ଆପଣଙ୍କ କବିତାଟି ଭଲ ଲାଗିଲା । ଆଉ କେମିତି ଅଛନ୍ତି ?' ଏବେ ଥରେ ପଚାରିଲି, "ସାର୍ ଭଲ ଅଛନ୍ତି ।" କହିଲେ, "ଆଉ ଭଲ କ'ଣ ?" ଦୁଃଖ ଲାଗିଲା । ବୟସର ତାଡ଼ନା । ଭଲରେ ଥାଆନ୍ତୁ ସେ । ଏ ଲେଖାଟି ପାଇଁ ଲେଖିକାଙ୍କୁ ଓ କୃଷ୍ଣ ବାବୁଙ୍କୁ ଧନ୍ୟବାଦ ।

**ହେମନ୍ତ କୁମାର ମହାନ୍ତି,** ଦ.ପୂ. ରେଳପଥ, କୋଲକତା

## 'ଏକାନ୍ତ ରମାକାନ୍ତ' ଲେଖାଟି ଭଲ ଲାଗିଲା

● ମୋ ପ୍ରିୟ ଓ ପୂଜ୍ୟ କବି ରମାକାନ୍ତ ରଥଙ୍କ କବିତା ମୋତେ ଛାତ୍ରଜୀବନରୁ ବିଭୋର କରିଥିଲା । ତାଙ୍କ ସଂପର୍କରେ ହିରଣ୍ମୟୀ ମିଶ୍ରଙ୍କ ଆଲେଖ୍ୟ 'ଏକାନ୍ତ ରମାକାନ୍ତ' 'ରେବତୀ'ର ଅକ୍ଟୋବର-୨୦୨୦ ସଂଖ୍ୟାରୁ ପଢ଼ି ମୁଗ୍ଧ ହୋଇଗଲି । ଲେଖିକା ହିରଣ୍ମୟୀ ମିଶ୍ରଙ୍କ ଲେଖାରୁ ପ୍ରଥିତଯଶା କବି ପଦ୍ମଭୂଷଣ ରମାକାନ୍ତ ରଥଙ୍କ ବ୍ୟକ୍ତିତ୍ୱ ଓ କବିତ୍ୱ ବିଷୟରେ ଅନେକ ଅଜଣା କଥା ଜାଣିହେଲା । ତାଙ୍କ ଅନନ୍ୟ କାବ୍ୟିକ ଉପଲବ୍ଧି, ଜୀବନର ବିବିଧ ଅନୁଭବର ଚମତ୍କାର ଆଲେଖ୍ୟ 'ରେବତୀ'ର ଏ ସଂଖ୍ୟାକୁ ଗୌରବମୟ କରିଛି । ହିରଣ୍ମୟୀ ମିଶ୍ରଙ୍କୁ ଅଶେଷ ଅଭିନନ୍ଦନ ଓ ଶୁଭେଚ୍ଛା ତାଙ୍କ ମନୋଜ୍ଞ ଶୈଳୀ ଓ ସୁନ୍ଦର ଉପସ୍ଥାପନା ନିମନ୍ତେ ।

**ସୌଭାଗ୍ୟବନ୍ତ ମହାରଣା,** ସମ୍ବଲପୁର

## ଶାରଦୀୟ ପ୍ରଚ୍ଛଦ ସୁନ୍ଦର ହୋଇଛି

● ବିଶିଷ୍ଟ ଓଡ଼ିଆ କବି ଯଶସ୍ୱୀ ରମାକାନ୍ତ ରଥଙ୍କ ବିଷୟରେ ହିରଣ୍ମୟୀ ମିଶ୍ରଙ୍କ ଲେଖାଟି ପଢ଼ି ଖୁବ୍ ଭଲ ଲାଗିଲା । ଶାରଦୀୟ ସ୍ୱତନ୍ତ୍ର ସଂଖ୍ୟାର ପ୍ରଚ୍ଛଦ 'ରେବତୀ'ର ଖୁବ୍ ସୁନ୍ଦର ହୋଇଛି ।

**ନମିତା ପାଇକରାୟ,** ଭୁବନେଶ୍ୱର

## ଦେବପୁଷ୍ପ ପଦ୍ମ ଆଲେଖ ପଢି ଖୁସି ହେଲି

● 'ରେବତୀ' ଶାରଦୀୟ ସଂଖ୍ୟାର ପ୍ରଚ୍ଛଦ ଖୁବ୍ ମନଲୋଭା । ସମସ୍ତ ଲେଖା ଖୁବ୍ ସୁନ୍ଦର । ମୋ ପ୍ରିୟ କବି ରମାକାନ୍ତ ରଥଙ୍କ ଉପରେ ହିରଣ୍ମୟୀ ଅପାଙ୍କର 'ଏକାନ୍ତ ରମାକାନ୍ତ' ଆଲେଖ୍ୟ ଖୁବ୍ ଛୁଇଁଲା ଓ ତାଙ୍କ ବିଷୟରେ ବହୁ ଅଜଣା କଥା ଜାଣିବାକୁ ମିଳିଲା । ସମ୍ପାଦକୀୟ ପୃଷ୍ଠାରୁ ବହୁତ କିଛି ଶିଖିବାକୁ ମିଳିଲା । ପଦ୍ମଫୁଲ ମୋର ଭାରି ପ୍ରିୟ । ଏଥର ସଂଖ୍ୟାରେ ପଦ୍ମଫୁଲ ଆଲେଖ ପଢ଼ି ଖୁସି ଲାଗିଲା । ସମଗ୍ର 'ରେବତୀ' ପତ୍ରିକାଟି ଉଚ୍ଚକୋଟିର ତଥା ବଳିଷ୍ଠ ସୃଜନରେ ଭରପୁର... ସମ୍ପାଦନାମଣ୍ଡଳୀକୁ ଧନ୍ୟବାଦ ଏପରି ଏକ ସୁନ୍ଦର ପତ୍ରିକାର ପରିକଳ୍ପନା ପାଇଁ । 'ରେବତୀ'ର ସବୁ ସଂଖ୍ୟା ଠାରୁ ଏଥର ଶାରଦୀୟ ସଂଖ୍ୟା ବ୍ୟକ୍ତିଗତ ଭାବେ ମୋତେ ଖୁବ୍ ଭଲ ଲାଗିଲା । 'ରେବତୀ'ର ଏପରି ଆହୁରି ସୁନ୍ଦର ସୃଷ୍ଟି ଅପେକ୍ଷାରେ ।

**ପ୍ରଜ୍ଞା ନିବେଦିତା ନାୟକ,** ଭୁବନେଶ୍ୱର

## ରମାକାନ୍ତଙ୍କ ପାଇଁ ଶାରଦୀୟ ସଂଖ୍ୟା ସ୍ମରଣୀୟ

● ଏକାନ୍ତ ରମାକାନ୍ତ: ବହୁତ ସୁନ୍ଦର ପ୍ରସ୍ତୁତି । ଏଥିପାଇଁ ହିରଣ୍ମୟୀ ମିଶ୍ର ଓ କୃଷ୍ଣ ମହାନ୍ତିଙ୍କୁ ଅଶେଷ ଭଲପାଇବା । ରମାକାନ୍ତ ଭଲପାଇବାର ପ୍ରତୀକ । ତାଙ୍କୁ ଏତେ ଆନ୍ତରିକ ଭାବେ ଛୁଇଁଥିବାରୁ 'ରେବତୀ'ର ଏହି ଶାରଦୀୟ ସଂଖ୍ୟାଟି ସ୍ମରଣୀୟ ହୋଇ ରହିବ । ପୁଣିଥରେ ହିରଣ୍ମୟୀ ଓ କୃଷ୍ଣଙ୍କୁ ଧନ୍ୟବାଦ ଜଣେଇ ରହୁଛି ।

**ଅପର୍ଣ୍ଣା ମହାନ୍ତି,** କପାଳେଶ୍ୱର, କେନ୍ଦ୍ରାପଡ଼ା

## ରମାକାନ୍ତଙ୍କ ଉପରେ ଆଲେଖ ଭଲ ଲାଗିଲା

● ଖୁବ ଭଲ ଲାଗିଲା ଆଲେଖଟି । କବି ରମାକାନ୍ତ ରଥଙ୍କ ଉପରେ ମାଡ଼ାମ ହିରଣ୍ମୟୀ ମିଶ୍ରଙ୍କ ବର୍ଣ୍ଣନା ପଢ଼ିବା ବେଳେ ସତ କହୁଛି କିଛି ସମୟ ପାଇଁ ହଜି ଯାଇଥିଲି । ଏତେ ସୁନ୍ଦର ଲେଖା ମାଧ୍ୟମରେ ଏତେ ନିଆରା ଅନୁଭବଟେ ଦେଇଥିବାରୁ 'ରେବତୀ' ଓ ଉପସ୍ଥାପିକାଙ୍କୁ ହୃଦୟରୁ ଶୁଭେଚ୍ଛା ।

**ବୀଣାପାଣି ପ୍ରଧାନ,** କୁଆଲାଲାମ୍ପୁର

## କବିତା ପୃଷ୍ଠାର ସାଜସଜ୍ଜା ଭଲ ଲାଗିଲା

● ସମକାଳ କବିତା ପୃଷ୍ଠାକୁ ସଜେଇଥିବା ଆପଣ ତଥା ସମକାଳ କବିତାରେ ଜୀବନ ଜିଉଁଥିବା କବିମାନଙ୍କୁ ଅଭିନନ୍ଦନ । କବି ଦେବାଶିଷ ପାତ୍ରଙ୍କ କବିତାରେ ଜୀବନସଂଘର୍ଷର ଚମତ୍କାର ରୂପାୟନ । ପ୍ରୀତିଧାରା ସାମଲଙ୍କ 'ଦେଶ' କବିତା ଅନୁଭବର ଦର୍ପଣ । ଇତିହାସ, ଭୂଗୋଳ, ଗୀତ ଭାଷଣରୁ ଉତ୍ତରିତ ଚେତନାରେ ଦେଶକୁ ରକ୍ତରେ ଅନୁଭବ ବେଶ୍ ଭାବଗର୍ଭକ । କବି ଶର୍ମିଷ୍ଠା ସାହୁଙ୍କ 'ଆତ୍ମଘାତୀ'ରେ ନିଆଁକୁ ହୃଦୟରେ ଜଳେ ତ ହୋମଶିଖା, ଦେହକୁ ଛୁଇଁଲେ ଚିତାଗ୍ନି.. ବାଃ କି ସୁନ୍ଦର ଶବ୍ଦ ଓ ଶୈଳୀ !

**ସଂଘମିତ୍ରା ମିଶ୍ର,** ଭୁବନେଶ୍ୱର



A Brand that continues to grow with your "TRUST"
M P
ମନହରଲାଲ ପାଲା
MANHARLAL PALA
JEWELLERS
3rd GENERATION
3rd ANNIVERSARY
OF OUR MEGA SHOWROOM
DIAMOND | GOLD | PLATINUM | SILVER
MANHARLAL PALA
Jewellers
V.N. Marg, Near HQ Hospital, Balasore | Ph: (06782) 262424, Mob: 9040819380
E-mail: mpalajewellers@yahoo.co.in | www.mpalajewellers.com




Pragati
M : 9337779579
ENTERPRISES
Deals in : Hardware & Paints
Dulux
Weathershield
Authorised Dealer
DULUX(AKZONobel) Paints
Dulux
AkzoNobel
BANK STREET, INFRONT OF CANARA BANK, JAJPUR ROAD

# ନାରୀର ଧର୍ମ ଓ ବସତି

ଜୀବଜଗତରେ ପ୍ରତିଟି ପ୍ରାଣୀର ଏକ ନିଜସ୍ୱ ଧର୍ମ ଥାଏ । ଧର୍ମର ଅର୍ଥ ବ୍ୟାପକ ହୋଇଥିଲେ ହେଁ, ଧାରଣ କରିବା ଅର୍ଥରେ ଏହାକୁ ଆମେମାନେ ବୁଝୁ । ମାଠିଆ ପାଣିକୁ ଧାରଣ କରିଥାଏ । ଏହା ମାଠିଆର ଧର୍ମ । ମାଠିଆ ଭାଙ୍ଗିଗଲେ ସେ ଆଉ ପାଣିକୁ ଧାରଣ କରିପାରେ ନାହିଁ । ସେ ଆଉ ମାଠିଆ ହୋଇ ରହେ ନାହିଁ । ସେହିପରି ଜଳ ନିମ୍ନଗାମୀ ବୋହେ । ଏହା ହେଉଛି ତାର ଧର୍ମ । ସୁତରାଂ ପ୍ରତିଟି କ୍ଷେତ୍ରରେ ଆମେମାନେ ନିଜ ନିଜ ଧର୍ମକୁ ପାଳନ କରିବା ପାଇଁ ପ୍ରତିବଦ୍ଧ । ସମାଜରେ ନାରୀର ଭୂମିକା ଗୁରୁତ୍ୱପୂର୍ଣ୍ଣ । ନାରୀ ବିନା ସମାଜର ସ୍ଥିତି କଳନା କରିବା ଅସମ୍ଭବ । ନାରୀ ହିଁ ସମାଜର ସ୍ରଷ୍ଟା, ପାଳନକର୍ତ୍ତ୍ରୀ ଓ ସଂହାରକାରିଣୀ ମଧ୍ୟ । କିନ୍ତୁ ଏତେ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଥିବା ନାରୀର ପ୍ରକୃତ ଧର୍ମ କ'ଣ, ସେ କଥା ଆମେ ଜାଣୁ କି ? ନାରୀ ଯେଉଁ ସମାଜ ଗଢ଼େ, ସେଇ ସମାଜର ସମସ୍ତ ନିୟମ ପାଳନ କରିବା ହେଉଛି ତା'ର ପ୍ରକୃତ ଧର୍ମ । ଆଉ ନାରୀଟିଏ ବରାବର ସେଇ ଧର୍ମର ବଳୟ ଭିତରେ ରହି ଏକ ଶୃଙ୍ଖଳିତ ଓ ଶୋଭନୀୟ ସମାଜର ନିର୍ମାଣରେ ଲାଗିଥାଏ । ନାରୀ ତା'ର ଧର୍ମ ପାଳନରୁ ଓହରି ଆସି କେବେ ବିଶୃଙ୍ଖଳିତ ହେବା ଦେଖାଯାଏ ନାହିଁ । କାରଣ ଧର୍ମର ଗତିପଥ ନିଧାର୍ଯ୍ୟ । ସେ ଗତିପଥରେ ଚାଲିବାକୁ ଆମେ ବାଧ୍ୟ । ଧରଣୀ ବି ଏହି ଧର୍ମ ଦ୍ୱାରା ଗତିଶୀଳ । ସୂର୍ଯ୍ୟ, ଚନ୍ଦ୍ର ସମସ୍ତେ ନିଜ ନିଜ ଧର୍ମରେ ଗତିଶୀଳ । ହଁ, କାଁ ଭାଁ କେଉଁଠି କେଉଁଠି ହୁଏତ ବ୍ୟତିକ୍ରମ ହେଉଥାଇପାରେ । କିନ୍ତୁ ଧର୍ମ ହିଁ ନାରୀକୁ ତା'ର ସମ୍ମାନ, ମର୍ଯ୍ୟାଦା ଓ ଅସ୍ମିତାରେ ବାନ୍ଧି ରଖିଥାଏ– ଏହା ଅସ୍ୱୀକାର କରିହେବ ନାହିଁ ।

ନାରୀ ତା'ର ଧର୍ମ ପାଳନ କରିବା କ୍ଷେତ୍ରରେ ଏତେ ବେଶି ନୀତିନିଷ୍ଠ ଓ ନିୟମିତ ଯେ, ସେ କଦାଚିତ୍ ଚାହେଁ ନାହିଁ, ସଂସାରର, ପରିବାରର କ୍ଷତି ବା ଅମଙ୍ଗଳର ହେତୁ ସେ ହେଉ । ସେ ସବୁବେଳେ ନିଜଗଢ଼ା ପରିବାରର, ନିଜ ଆତ୍ମୀୟସ୍ୱଜନଙ୍କର, ନିଜଘରର ହିତ ହିଁ ଚାହିଁଥାଏ । ପ୍ରାର୍ଥନା ଠୁଁ ପୂଜାବିଧି, ପ୍ରତିଟି କ୍ଷେତ୍ରରେ ସେ ନିଜକୁ ସବୁବେଳେ ଉତ୍ସର୍ଗ କରିଦିଏ ଅଚିରେ । ହିତସାଧନର ଯେଉଁ ପବିତ୍ର ଇଚ୍ଛାଟି ନାରୀର ଅନ୍ତର୍ମନରେ ବୀଜବପନ କରୁଥାଏ ବରାବର, ତାହା ହିଁ ବୋଧେ ଈଶ୍ୱରଙ୍କ ସୃଷ୍ଟିର ଏକ ବିରଳ ବରଦାନ । ନହେଲେ, ନିର୍ଦ୍ୱନ୍ଦ୍ୱରେ, ନିର୍ବିବାଦରେ, ନାରୀଟିଏ ଅପରକୁ ଆପଣାର କରିନିଏ କ୍ଷଣିକରେ କେମିତି ! କେମିତି ବିଶ୍ୱାସକୁ ନେଇଯାଏ ଅଚିରେ । ଅବିଶ୍ୱାସ, ଘୃଣା ଭଳି ଆଚରଣ ଠାରୁ ଦୂରରେ ରହି ବେଶ୍ ସହଜରେ ସେ ଆପଣେଇ ନେଇ ଜାଣେ ସମସ୍ତଙ୍କୁ ।

ନାରୀର ଅନେକ ଧର୍ମ ଭିତରୁ ସଂସାର ଗଢ଼ିବା ଓ ସଂସାରକୁ ବିଧିବଦ୍ଧ ଭାବେ ପ୍ରତିପାଳନ କରିବା ହେଉଛି ଅନ୍ୟତମ । ସେଥିପାଇଁ ବୋଧେ ପୁରୁଷଟିଏ ବହୁକ୍ଷେତ୍ରରେ ନାରୀଟି ପାଖରେ ନିର୍ଭରଶୀଳ । ଏ ନିର୍ଭରଶୀଳତା କୌଣସି ପ୍ରକାର ପ୍ରତିଦ୍ୱନ୍ଦ୍ୱିତା ବା ପ୍ରତିଯୋଗିତାରେ ହୁଏନା । ଏଥିରେ ଥାଏ ସହମତିର ଏକ ଆବେଗ–ବତୁରା ବନ୍ଧନ । ସେଇଥିପାଇଁ ତ ଆମେ କହୁ ନାରୀ ଓ ପୁରୁଷ ପରସ୍ପର ପରିପୂରକ । ଜଣକ ବିନା ଆରଜଣକ ଅପୂର୍ଣ୍ଣ । ଏ କଥାଟିକୁ ଆମେ ଯେତେ ଯୁକ୍ତି ଦ୍ୱାରା ଅସିଦ୍ଧ କଲେ ମଧ୍ୟ ସତ୍ୟଟି ହେଉଛି, ନାରୀ ଓ ପୁରୁଷ ଉଭୟ ଉଭୟଙ୍କୁ ଲୋଡୁଥାଆନ୍ତି । ଲୋଡୁଥିବେ ମଧ୍ୟ । ଯୁଗ ଯୁଗ । ଏହା ହିଁ ବିଧିଙ୍କ ବିଧାନ । ଏହାକୁ ଭାଙ୍ଗିବାକୁ ଆମେ କିଏ ? ନାରୀଟିଏ ପାଇଁ ବିବାହ ଏକ ଈପ୍ସିତ ତଥା ମାଙ୍ଗଳିକ ବିଧି । ସାଂସାରିକ ନିୟମରେ ବନ୍ଧା ଏ ହେଉଛି ପବିତ୍ର ବନ୍ଧନର ସୂତ୍ର । ଏମିତିରେ ପୁରୁଷଟିଏ ବି ତ ବିବାହ କରେ । କିନ୍ତୁ ଉଭୟଙ୍କ ବିବାହରେ ଥାଏ ବଡ଼ ଏକ ତାରତମ୍ୟ । ଥରେ କେବେ ଆପଣମାନେ ଭାବିବେ ନିଷ୍ପକ୍ଷ ହୋଇ ଯେ, ବିବାହ ବନ୍ଧନରେ ଆବଦ୍ଧ ହୁଏ ଯେଉଁ ନାରୀଟି, ତା' ଆଖି ସାମ୍ନାରେ ଥାଏ କେବଳ ଅସ୍ପଷ୍ଟ ଏକ ସ୍ୱପ୍ନ । ଅସ୍ପଷ୍ଟ ଏଇଥିପାଇଁ ଯେ ବିବାହ ବନ୍ଧନରେ ସେ ଯେଉଁ ପୁରୁଷଟିକୁ ସାଥୀ ଭାବରେ ପରିବାରର ଦେଖାଚାହାଁରେ ଗ୍ରହଣ କରିନିଏ, ତା ସମ୍ପର୍କରେ ସେ ଜାଣିଥାଏ କ'ଣ ? କିଛି ବି ବିଶେଷ ଜଣା ନଥାଏ ତାକୁ । କେବଳ ଅଳ୍ପ କେଇଦିନର କଥାବାର୍ତ୍ତାରୁ ସେ ସେଇ ପୁରୁଷଟିକୁ ଆଜୀବନ ସାଥୀ ଭାବରେ ଗ୍ରହଣ କରିନେବାକୁ ରାଜି ହୁଏ । କେବଳ ରାଜି ହୁଏନି, ଜନ୍ମ ଠାରୁ ବିବାହ ବୟସ ହେବା ପର୍ଯ୍ୟନ୍ତ ଯେଉଁ ଘର, ଯେଉଁ ମାଟି, ପାଣିପବନ, ଯେଉଁ ବାପାମାଆ, ସ୍ୱଜନଙ୍କ ସହ ବିତେଇଥାଏ ସେ କେତେକେତେ ଅଭୁଲା ମୁହୂର୍ତ୍ତ, ସେସବୁକୁ ଭୁଲିଯାଇ ଚାଲି ଆସେ ଆଉଜଣକ ଘରକୁ । ଯେଉଁ ଘରଟି ସମ୍ପୂର୍ଣ୍ଣ ନୂଆ । ସେ ଘରର ଲୋକମାନେ ନୂଆ, ସେ ଘରର ଅଗଣା ନୂଆ, ସେ ଘରର ପରିବେଶ ନୂଆ । ଏପରି ଏକ ଘରକୁ ପୁରା ଆଗନ୍ତୁକ ଭଳି ସେ ପ୍ରବେଶ କରେ କେଉଁ ଏକ ଭରସାରେ ନିଶ୍ଚୟ । ଏ କ'ଣ ଜଣେ ନାରୀ ଭାଗ୍ୟରେ ସବୁଠୁ ବଡ଼ ଆହ୍ୱାନ ନୁହେଁ ? ସବୁଠୁ ବଡ଼ ତ୍ୟାଗ ନୁହେଁ ? ନିଜ ଜନ୍ମଦାତାଙ୍କୁ ଛାଡ଼ି ଆଉ ଏକ ନୂଆଘରକୁ ଆସି ଘର ବସେଇବା ଭଳି ଏକ ଗୁରୁତର ଦାୟିତ୍ୱ ବହନ କରୁଥିବା ନାରୀଟିକୁ ଆମେ କେବେ ବୁଝୁ କି, ତା' ମନ ଭିତରେ ଆପଣାର ଲୋକଙ୍କୁ ଛାଡ଼ି ଆସିବାର ବେଦନା ଓ ଦୁଃଖ କେତେ ତୀବ୍ର ! କେତେ ମାତ୍ରାରେ ଭରି ରହିଛି ଭୟ ତା ଭିତରେ ! ନା, ଆମେ ସେକଥା ବୁଝିବା ପରିବର୍ତ୍ତେ, ବରଂ ଲାଗିପଡୁ ସେ ନାରୀର ଖୁଣସବୁ ବାଛିବା ପାଇଁ । ଏପରି ଏକ ସମାଜରେ ଆମେ ବାସ କରୁ, ଯେଉଁଠି ନାରୀକୁ ବୁଝିବା ପାଇଁ ପ୍ରତ୍ୟେକଙ୍କ ଭିତରେ ଏକ 'ନାରୀମନ'ର ଘୋର ଅଭାବ ରହିଛି ।

ବିବାହ ପରି ଏକ ପବିତ୍ର କାର୍ଯ୍ୟରେ ସହଯୋଗ କରି ଯେଉଁ ନାରୀଟି ଆମଘରକୁ ବୋହୂ ହୋଇ ଆସେ, କାହାର ଜୀବନସାଥୀ ହୋଇ ଆସେ, ତାକୁ ଆମେ ବୁଝିବା ଦରକାର । କେତେ କେତେ ମନତଳର ଦୁଃଖକୁ କବର ଦେଇ ସେ ପାଦ ଉଠେଇ ଚାଲିଆସେ ଆଉ ଏକ ଅଜଣା ଠିକଣାକୁ, କେବଳ ଏତିକି ଆଶା ଆଉ ଭରସାରେ ଯେ, ସେ ଘରର ପ୍ରତ୍ୟେକଟି ଲୋକ ତାକୁ ତା' ନିଜଘର ଲୋକ ପରି ଆଦରି ନେବେ । ଭଲପାଇବେ । ଏଇ ଆଶା ଟିକକ ହିଁ ତାକୁ ଆଣି ଠିଆ କରେଇ ଦିଏ ତା' ଧର୍ମ ପାଖରେ । ଅକାତରେ ସେ ପାଳନ କରେ ତା ଧର୍ମ । ଏପରି ଏକ ସମୟରେ ଆମେ ନାରୀଟି ସହ ରହିବା ଏକାନ୍ତ ଜରୁରୀ । ନହେଲେ ତା' ଆଶା ମଉଳି ଯିବାର ଦୁଃଖ, ତା' ସ୍ୱପ୍ନ ଭାଙ୍ଗିଯିବାର କଷ୍ଟ ତାକୁ ନିଷ୍ପ୍ରାଣ କରିଦେବା ବିଚିତ୍ର ନୁହେଁ । ହୁଏତ ଏକ ବିସ୍ଫୋରଣ ବି ହୋଇପାରେ । ସେ ବିସ୍ଫୋରଣ ଯେ ସଂହାରଲୀଳା ସୃଷ୍ଟି ନ କରିବ କିଏ କହିବ !

ଆଜି ନାରୀର ପ୍ରତିଟି କାର୍ଯ୍ୟଧାରା ପ୍ରତି ଥିବା ପ୍ରଶ୍ନବାଚୀକୁ ଆସନ୍ତୁ ଓହ୍ଲେଇ ଦେବା । ତାକୁ ଏମିତି ଏକ ଅନୁଭବ ଦେବା, ଯେପରି ସେ ଆତ୍ମବିଭୋର ହୋଇ ସଂସାରକୁ ସ୍ୱର୍ଗ କରି ଗଢ଼ି ତୋଳିବ ।

ପବିତ୍ର ଦୀପାବଳିର ଶୁଭେଚ୍ଛା ସହ ଆପଣମାନଙ୍କର ପୂର୍ବବତ୍ ଭଲପାଇବା ଆଶା କରି ରହୁଛି ।



ସମ୍ପାଦିକା

# ରେବତୀ ର ନିୟମାବଳୀ


- ‘ରେବତୀ ଆମ ମାଟିର ସ୍ୱର’ ରେବତୀ ମିଡିଆ ହାଉସ୍ ପ୍ରା. ଲିଃ.ର ଏକ ଉପକ୍ରମ। ଏହା ଏକ ମାସିକ ପାରିବାରିକ ଫିଚର୍ ପତ୍ରିକା। ବିଶେଷ ଅସୁବିଧା ନଥିଲେ ବର୍ଷରେ ଏହାର ୧୨ଟି ସୁଚିନ୍ତିତ ସଂଖ୍ୟା ପାଠକମାନେ ପାଇବେ।
- ଏହା ଘର ଓ ପରିବାରର ପ୍ରତ୍ୟେକଟି ସଦସ୍ୟଙ୍କ ପତ୍ରିକା। ସୁତରାଂ ଏଥିରେ ସାହିତ୍ୟ ସହିତ ପରିବାର ଓ ଜନଜୀବନ ଉପଯୋଗୀ ସକରାତ୍ମକ ଲେଖାମାନ, ସଚିତ୍ର ସ୍ଥାନିତ ହୁଏ।
- ନିଜ ବିଚାରରେ ଶ୍ରେଷ୍ଠ ବିବେଚିତ ଲେଖା (ଜେରକ୍ସ କପି ନୁହେଁ) ହିଁ ପଠାଇବାକୁ ପଡ଼ିବ। ଲେଖା ସହିତ ନିଜର ଏବଂ ଲେଖା-ସମ୍ବନ୍ଧିତ ଫଟୋଗ୍ରାଫ୍ ସଂଲଗ୍ନ କରିବା ବିଧେୟ। ଉତ୍ତମ ରିଜୋଲ୍ୟୁସନ୍ ଥିବା ଭଲ ଫଟୋ ହିଁ ଗ୍ରହଣୀୟ। ଅନ୍ୟଥା ଖରାପ ଗୁଣବତ୍ତା ବିଶିଷ୍ଟ ଫଟୋ କାରଣରୁ ସମ୍ପୂର୍ଣ୍ଣ ଲେଖାଟି ଅପ୍ରକାଶ୍ୟ ରହିପାରେ। ଏଥିପ୍ରତି ବିଶେଷ ଧ୍ୟାନ ଦେବାକୁ ‘ରେବତୀ’ କହିରଖୁଛି।
- ଦୟାକରି କବିତା କିମ୍ବା ଗଳ୍ପ ସିଧାସଳଖ ପଠାନ୍ତୁ ନାହିଁ। କବିତା କିମ୍ବା ଗଳ୍ପ ଜାତୀୟ ଯେକୌଣସି ଲେଖା ପାଇଁ ‘ରେବତୀ’ ପକ୍ଷରୁ ହିଁ ଅନୁରୋଧ କରାଯାଏ। କବି ଓ ଗାଳ୍ପିକମାନେ ସେମାନଙ୍କର ଲେଖା ପଠାଇବା ପୂର୍ବରୁ ଦୟାକରି ସଂପାଦକଙ୍କ ସହ ପରାମର୍ଶ କରିନେବାକୁ ଅନୁରୋଧ।
- ଗଳ୍ପ, କବିତା ବା ଫିଚର୍ ପଠାଇବାର ଛଅ ମାସ ପର୍ଯ୍ୟନ୍ତ ଅପେକ୍ଷା କରନ୍ତୁ। ଛଅ ମାସ ପରେ ଆପଣ ଲେଖାଟିକୁ ଅନ୍ୟତ୍ର ପଠାଇ ପାରିବେ। ମନୋନୀତ ହୋଇଥିବା ଲେଖାଟିକୁ ଅନ୍ୟତ୍ର ପ୍ରକାଶ କଲେ ଉକ୍ତ ଲେଖକଙ୍କର ଲେଖା ଦୁଇବର୍ଷ ପାଇଁ ‘ରେବତୀ’ରେ ପ୍ରକାଶ ପାଇବ ନାହିଁ। ମନୋନୀତ ଲେଖାଟି ଆବଶ୍ୟକ ପଡ଼ିଲେ ସମ୍ପାଦିତ/ସଂଶୋଧିତ/ସଂକ୍ଷିପ୍ତ ହୋଇ ପ୍ରକାଶ ପାଇବ।
- ପ୍ରକାଶିତ ଲେଖା, ଫଟୋ, ଚିତ୍ରକଳା ଓ କଭର୍ ମଡ଼େଲିଂ ପାଇଁ କୌଣସି ପ୍ରକାର ପାରିତୋଷିକର ବ୍ୟବସ୍ଥା ନାହିଁ।
- ‘ରେବତୀ’ ପାଇଁ ଆଲେଖ ବା ଫିଚର୍ ସବୁବେଳେ ଗ୍ରହଣୀୟ। ତେବେ ଏଥିପାଇଁ ପ୍ରଥମେ ସମ୍ପାଦକଙ୍କ ସହ ଆଲୋଚନା କରିନେବା ବିଧେୟ। ଫିଚର୍ ସହିତ ଆନୁଷଙ୍ଗିକ ଉନ୍ନତମାନର ବା ଛପା-ଉପଯୋଗୀ ରଙ୍ଗୀନ ଫଟୋଗ୍ରାଫ୍ (ଫଟୋ କ୍ୟାପ୍ସନ୍ ସହ) ଦେବାକୁ ହେବ। ଫଟୋଗ୍ରାଫ୍‌ଗୁଡ଼ିକୁ ସିଡ଼ି ବା ଇ-ମେଲ୍ ମାଧ୍ୟମରେ କେବଳ ପଠାଇ ପାରିବେ। ହ୍ୱାଟ୍ସଆପ୍ କି ଫେସ୍‌ବୁକ୍ ମେସେଞ୍ଜର୍ ମାଧ୍ୟମରେ ଫଟୋ ଆଦୌ ପଠାଇବେ ନାହିଁ। ଏହା ଫଟୋର ଗୁଣବତ୍ତା ହ୍ରାସ କରେଇଥାଏ। ଫିଚର୍‌ରେ କୌଣସି ବ୍ୟକ୍ତି/ଅନୁଷ୍ଠାନ/ଘଟଣା ସମ୍ପର୍କରେ ଅମୂଳକ ପ୍ରଶସ୍ତି / ନିନ୍ଦା ବା ଅତିରଞ୍ଜିତ ବର୍ଣ୍ଣନା ଥିଲେ ତାହା ହୁଏତ ଅଗ୍ରାହ୍ୟ ହେବ ନଚେତ୍ ସଂପାଦିତ ହୋଇ ପ୍ରକାଶ ପାଇବ।
- ‘ବହି-ବିଚାର’ ପାଇଁ ଓଡ଼ିଆ, ହିନ୍ଦୀ ଓ ଇଂରାଜି ଭାଷାରେ ପ୍ରକାଶିତ ନୂଆ ବହିର ଦୁଇ ଖଂଡ଼ କପି ସହିତ ପୁସ୍ତକର ବିଷୟବସ୍ତୁ ସମ୍ପର୍କରେ ସମ୍ୟକ୍ ସୂଚନା ପଠାଇ ପାରନ୍ତି।
- ସହଜରେ ପଢ଼ିଲା ଭଳି ହାତ ଲେଖାକୁ ପିଡ଼ିଏଫ୍ ଫାଇଲ୍ କରି କିମ୍ବା ନିଜ ସ୍ୱାକ୍ଷର ଥାଇ କେବଳ ଓଡ଼ିଆ ଆକୃତି ଶାରଳା ଲିପିରେ ଡି.ଟି.ପି. ହୋଇଥିବା ଲେଖା ପେଜ୍‌ମେକର୍ କିମ୍ବା ୱାର୍ଡ଼ ଫାଇଲ୍ କରି ଇ-ମେଲ୍ କରିପାରିବେ। ଲେଖା ସହିତ ସବୁବେଳେ ଆତ୍ମ-ବିବରଣୀ, ଭଲ ଭଙ୍ଗୀର ରଙ୍ଗିନ ଫଟୋ, ସମ୍ପୂର୍ଣ୍ଣ ଡାକ ଠିକଣା, ଦୂରଭାଷା ନମ୍ବର ଓ ଇ-ମେଲ୍ (ଯଦି ଥାଏ) ଉଲ୍ଲେଖ କରନ୍ତୁ। ଲେଖାକୁ ଡି.ଟି.ପି. କରି ପଠାଉଥିଲେ, ବନାନ ଶୁଦ୍ଧି ବା ପ୍ରୁଫ୍‌ରିଡ଼ିଂ ପରେ ହିଁ ପଠାନ୍ତୁ। ଲେଖା ସହିତ ସି.ଡ଼ି. (କେବଳ ଆକୃତି) ବି କରି ପଠାଇଲେ ଭଲ। ପ୍ରତିଟି ଲେଖାରେ ନିଜର ନାମ ଓ ସ୍ୱାକ୍ଷର ରହିବା ବାଞ୍ଛନୀୟ।
- ଲେଖା, ଫଟୋ, ସି.ଡ଼ି., ବହି ଆଦି କୌଣସି ପରିସ୍ଥିତିରେ ଫେରସ୍ତ ଦିଆଯିବ ନାହିଁ। ଦୟାକରି ସେପରି ଅନୁରୋଧ କରନ୍ତୁ ନାହିଁ।
- ‘ରୋଷେଇ’, ‘ଘରକରଣା’, ‘ବାଡ଼ିବଗିଚା’ ଓ ‘ସୌନ୍ଦର୍ଯ୍ୟ’ ବିଭାଗ ପାଇଁ ଯେକୌଣସି ଆଗ୍ରହୀ ଗୃହିଣୀ/ମହିଳା, ସେ ଲେଖିକା ହୋଇନଥିଲେ ମଧ୍ୟ ଲେଖା ତଥା ଲେଖା ସମ୍ବନ୍ଧିତ ରଙ୍ଗୀନ ଫଟୋ (ଫଟୋର ମାନ ଉତ୍ତମ ହେବା ଦରକାର) ଏବଂ ନିଜର ଏକ ରଙ୍ଗୀନ ଫଟୋ ପଠାଇ ପାରିବେ। ଏସବୁ ସିଧାସଳଖ ଇ-ମେଲ୍‌ରେ ପଠାଇଲେ ଭଲ।
- ଲେଖା ଚୟନ, ପ୍ରକାଶନ ବା ଅମନୋନୀତର କାରଣ ଦୟାକରି ଫୋନ୍ ଯୋଗେ ବା ବ୍ୟକ୍ତିଗତ ଭାବେ ପଚାରନ୍ତୁ ନାହିଁ।
- ‘ରେବତୀ’ରେ ପ୍ରକାଶିତ ସମସ୍ତ ଲେଖା, ଫଟୋ ବା ବିଷୟବସ୍ତୁର ସ୍ୱତ୍ୱ ସଂପୃକ୍ତ ଲେଖକଙ୍କର। ପ୍ରକାଶିତ କୌଣସି ଲେଖାର ପୁନଃପ୍ରକାଶନ ବା ପୁନଃମୁଦ୍ରଣରେ କିଛି କଟକଣା ନାହିଁ। ତେବେ ସଂପୃକ୍ତ ଲେଖକଙ୍କ ଅନୁମତି ନେବାକୁ ଅନୁରୋଧ।
- ପ୍ରକାଶିତ ଲେଖାରେ ପ୍ରତିଫଳିତ ମତ, ବିଚାର ଓ ଦୃଷ୍ଟିକୋଣ ‘ରେବତୀ’ର ବୋଲି ଧରାଯିବ ନାହିଁ। ଏହା ସଂପୃକ୍ତ ଲେଖକଙ୍କର ନିଜସ୍ୱ ମତ ଓ ବିଚାର। ପ୍ରକାଶକ, ସମ୍ପାଦକ କିମ୍ବା ‘ରେବତୀ’ର କର୍ତ୍ତୃପକ୍ଷ ସେଥିପାଇଁ ଉତ୍ତରଦାୟୀ ହେବେନାହିଁ। ପୁନଶ୍ଚ କୌଣସି ଲେଖକୀୟ ମନ୍ତବ୍ୟ, ଟୀକା-ଟିପ୍ପଣୀ ଓ ଭ୍ରମାତ୍ମକ ମତାମତ ତଥା କୌଣସି ବିଜ୍ଞାପନର ଦାବି ବା ବୈଧତା ପାଇଁ ପ୍ରକାଶକ ଓ ସମ୍ପାଦକ ଦାୟୀ ନୁହନ୍ତି। କଥାସାହିତ୍ୟରେ ଉଲ୍ଲେଖ ଥିବା ନାମ, ଘଟଣା ବା ସଂସ୍ଥା ସମ୍ପୂର୍ଣ୍ଣ କାଳ୍ପନିକ ଏବଂ କୌଣସି ବ୍ୟକ୍ତି, ସଂସ୍ଥା ବା ଘଟଣା ସହ କୌଣସି ପ୍ରକାର ସମାନତା କେବଳ ସଂଯୋଗ ମାତ୍ର ବୋଲି ଧରାଯିବ।
- ସ୍ୱାସ୍ଥ୍ୟ ଓ ସୌନ୍ଦର୍ଯ୍ୟ ବିଭାଗରେ ଦିଆ ଯାଉଥିବା ଉପଚାର ଏବଂ ରୋଷେଇରେ ପ୍ରକାଶ ପାଉଥିବା ଖାଦ୍ୟ ପ୍ରଣାଳୀଗୁଡ଼ିକୁ ଉପଯୋଗ କରିବା ପୂର୍ବରୁ ସେଗୁଡ଼ିକର ଉପଯୋଗିତାକୁ ନିଜେ ନିଜେ ପରଖି ନେବାକୁ ଅନୁରୋଧ। ଏ ସଂକ୍ରାନ୍ତୀୟ କୌଣସି ଅଭିଯୋଗ ପାଇଁ ‘ରେବତୀ’ ଦାୟୀ ରହିବ ନାହିଁ।
- ‘ରେବତୀ’ରେ ପ୍ରକାଶିତ ଯେକୌଣସି ଲେଖା ବା ଫଟୋ ସମ୍ବନ୍ଧୀୟ ଆପତ୍ତି, ଅଭିଯୋଗ ପ୍ରକାଶନର ତିନି ମାସ ମଧ୍ୟରେ ଆମ କାର୍ଯ୍ୟାଳୟକୁ ପଠାଇବାକୁ ହେବ। ଏ ଅବଧି ପରେ ଆପତ୍ତି, ଅଭିଯୋଗର ଉତ୍ତର ଦେବା ପାଇଁ ଆମେ ବାଧ୍ୟ ହେବୁ ନାହିଁ। ‘ରେବତୀ’ ସମ୍ବନ୍ଧୀୟ ଯେକୌଣସି ଆପତ୍ତି, ଅଭିଯୋଗ ଓ ବିବାଦର ବିଚାର କେବଳ ବାଲେଶ୍ୱର ନ୍ୟାୟାଳୟ ପରିସରଭୁକ୍ତ।
- ‘ରେବତୀ’ ସମ୍ପର୍କୀୟ ସମସ୍ତ ଦେୟ **Rebati Media House Pvt. Ltd.** ସପକ୍ଷରେ କରାଯିବ।


ସମ୍ପର୍କ: ସମ୍ପାଦିକା, ‘ରେବତୀ’,
ରେବତୀ ମିଡିଆ ହାଉସ୍ ପ୍ରା. ଲିଃ.,
ଓ.ଟି. ରୋଡ୍, ବାଲେଶ୍ୱର-୭୫୬୦୦୧
ଫୋନ : ୯୪୩୮୭୭୮୦୫୨, ୭୦୦୮୮୪୫୯୨୦
ଇ-ମେଲ୍ : rebati.rebati2018@gmail.com
: rebati.edit2020@gmail.com


ରେବତୀ ଆମ ମାଟିର ସ୍ୱର

ମାନନୀୟେଷୁ

# କଥା ରାଇଜର ରାଜା



# ଓଡ଼ିଆ କଥାସାହିତ୍ୟର ସମ୍ରାଟ୍

# ରାମଚନ୍ଦ୍ର ବେହେରା


**ରଞ୍ଜନ ପ୍ରଧାନ**

ବରିଷ୍ଠ ସାମ୍ବାଦିକ: 'ସମ୍ବାଦ'
ସମ୍ବାଦ ଭବନ, ରସୁଲଗଡ଼, ଭୁବନେଶ୍ୱର-୭୫୧୦୧୦
ଫୋନ୍ : ୯୪୩୭୨୧୩୮୫୪


ଫଟୋ ସୌଜନ୍ୟ : ଲେଖକ
ପୋଟ୍ରେଟ୍ : ସଞ୍ଜୟ ରାଉଳ

**ଛନଛନିଆ ଖଡ଼ାଶାଗ ଓ କଦଳୀମଞ୍ଜା ରାଇ ଗାଳ୍ପିକ ରାମଚନ୍ଦ୍ର ବେହେରାଙ୍କର ଅତି ପ୍ରିୟ ବ୍ୟଞ୍ଜନ, ଏ କଥା ଆପଣ ଜାଣନ୍ତି ? ପରିବା ହାଟରେ ବ୍ୟାଗ୍ ଧରି ଅତି ସାଧାରଣ ଲୋକ ପରି ପରିବା କିଣୁଥିବା ଆମ ସମୟର ବିଖ୍ୟାତ ଗାଳ୍ପିକ ରାମଚନ୍ଦ୍ର ବେହେରା, ଶାଗ ବିକାଳୀର କଥାରେ କାନ୍ଦି ପକାଇବାର ଦୃଶ୍ୟ ଦେଖିଛନ୍ତି କେବେ ! ହଁ, ସେ ଏମିତି ଜଣେ ମଣିଷ, ଆପଣ ଥରେ ଭେଟିଲେ ବୁଝିଯିବେ କେତେ ଛଳଛଳ, କେତେ ଆବେଗରେ ଜଡ଼ସଡ଼ ତାଙ୍କ ଛାତିତଳ ! ତାଙ୍କୁ ଏଥର ଆପଣମାନଙ୍କ ପାଖକୁ ନେଇ ଆସିଛି 'ରେବତୀ' । ତାଙ୍କ ଘରୁ ତାଙ୍କୁ ଭେଟି ଏ ଆଲେଖଟିକୁ ପ୍ରସ୍ତୁତ କରନ୍ତି ରଞ୍ଜନ ପ୍ରଧାନ ।**



▶ଲେଖକ ରଞ୍ଜନ ପ୍ରଧାନ

## କେନ୍ଦ୍ରାପଡ଼ା: ଗାଳ୍ପିକ ରାମଚନ୍ଦ୍ର ବେହେରାଙ୍କ ପରିଚୟ ଓ ସ୍ପନ୍ଦନ

କେନ୍ଦ୍ରାପଡ଼ା କଲେଜ୍ କ୍ୟାମ୍ପସ୍ ଆଉ କେନ୍ଦ୍ରାପଡ଼ା ସହର ତାଙ୍କୁ କେତେ କ'ଣ ନ ଦେଇଛି ? କେନ୍ଦ୍ରାପଡ଼ା କଲେଜ୍ କ୍ୟାମ୍ପସ୍ ମଧ୍ୟରେ ଥିବା ଏନ୍‌ସିସି ବିଲ୍‌ଡିଂ, ବଡ଼ହାଟ ହେଉ କି ଗୋବରୀ ନଈ, ଲ' କଲେଜ୍ ବିଲ୍‌ଡିଂ ଉପର ମହଲା ରାମଚନ୍ଦ୍ର ବେହେରାଙ୍କ ସାରସ୍ୱତ ଜୀବନକୁ ସମୃଦ୍ଧ କରି ପାରିଛି । କେନ୍ଦ୍ରାପଡ଼ା ସହର ରାମଚନ୍ଦ୍ର ବେହେରାଙ୍କ ସୃଜନକ୍ରିୟାକୁ ଅଧିକ ସକ୍ରିୟ କରିଛି । କେନ୍ଦ୍ରାପଡ଼ା ମହାବିଦ୍ୟାଳୟରେ ଅଧ୍ୟାପକ ଭାବେ କାର୍ଯ୍ୟ କରୁଥିବା ବେଳେ କେନ୍ଦ୍ରାପଡ଼ା କଲେଜ୍ କ୍ୟାମ୍ପସ୍ ଓ କ୍ୟାମ୍ପସ୍ ମଧ୍ୟରେ ଥିବା ଏନ୍‌ସିସି ବିଲ୍‌ଡିଂ ରାମଚନ୍ଦ୍ର ବେହେରାଙ୍କ ଗଳ୍ପ ସାଧନାର ପ୍ରାଣକେନ୍ଦ୍ର ଥିଲା । ଏହି ଏନ୍‌ସିସି ବିଲ୍‌ଡିଂରେ ବସି ରାମଚନ୍ଦ୍ର ଲେଖି ପାରିଛନ୍ତି ରାଶିରାଶି ସଫଳ ଗଳ୍ପ, ଉପନ୍ୟାସ ଓ ନାଟକ । ସେହିଭଳି ଅବସର ପରେ ଲ' କଲେଜ୍ ବିଲ୍‌ଡିଂର ଉପର ମହଲା ପାଲଟି ଯାଇଛି ତାଙ୍କ ସାଧନାର ପୀଠ । ଆଜି ଯାଏଁ ବି ସେଇଠାରେ ସେ ସାଧନାରତ । ଉଭୟ ଏନ୍‌ସିସି ବିଲ୍‌ଡିଂ ଓ ଲ' କଲେଜ୍ ବିଲ୍‌ଡିଂ ଉପର ମହଲାକୁ ଭୁଲି ପାରିନାହାନ୍ତି ସେ । ଏଣୁ ତ ନିଜମାଟିର ମୋହକୁ ଏଡ଼ାଇ ସେ କେନ୍ଦ୍ରାପଡ଼ାକୁ ନିଜ ସାରସ୍ୱତ ସାଧନାର କର୍ମଭୂମି ଭାବେ ଆଦରି ନେଇଛନ୍ତି ।

ଅଧ୍ୟାପନା କରିବା, ଗପ, ଉପନ୍ୟାସ, ନାଟକ ଲେଖିବା ବ୍ୟତୀତ ରାମଚନ୍ଦ୍ର ବେହେରାଙ୍କ ସଉକ୍ ହାଟସଉଦା କରିବା । କେନ୍ଦ୍ରାପଡ଼ାର ବଡ଼ହାଟ ପରିବା ମାର୍କେଟ୍ ରାମଚନ୍ଦ୍ରଙ୍କ ଅତି ପ୍ରିୟ । ସପ୍ତାହର ଗୁରୁବାର ଓ ରବିବାର ଦୁଇଦିନ ବଡ଼ହାଟ ବସିଥାଏ । ରାମଚନ୍ଦ୍ର କିନ୍ତୁ ପ୍ରତି ରବିବାର (ଛୁଟିଦିନ ଥିବାରୁ) ବଡ଼ହାଟକୁ ପରିବା ପାଇଁ ଯାଇଥାନ୍ତି । ବଡ଼ହାଟର ନଣ୍ଡା, ହଗୁରା ଭଳି ପରିବା ବେପାରୀଙ୍କୁ ଭୁଲି ପାରିନାହାନ୍ତି ରାମଚନ୍ଦ୍ର । ଏବେ ବି ପରିଣତ ବୟସରେ ସେମାନଙ୍କ ସହ ଦେଖା ସାକ୍ଷାତ ହୁଏ ବଡ଼ହାଟର ଏକଣା ପିଣ୍ଡିରେ । ସେହିଭଳି କଲେଜ୍ ଛକର ପାନଦୋକାନୀର ପ୍ରେମରୁ ସେ ମୁକୁଳି ପାରି ନାହାନ୍ତି ଏଯାଏଁ । ଏମାନେ ସମସ୍ତେ ରାମଚନ୍ଦ୍ର ବେହେରାଙ୍କ ଗଳ୍ପ ଓ ଉପନ୍ୟାସର ଚରିତ୍ର ପାଲଟିଛନ୍ତି କେବେକେବେ ।

ଛନଛନିଆ ଖଡ଼ା ଶାଗ ଓ କଦଳୀ ମଞ୍ଜା ରାଇ ଗାଳ୍ପିକ ରାମଚନ୍ଦ୍ର ବେହେରାଙ୍କର ଅତି ପ୍ରିୟ ବ୍ୟଞ୍ଜନ । ଏଣୁ ପ୍ରତି ହାଟପାଳିରୁ ବଡ଼ହାଟରୁ ଖଡ଼ା ଶାଗ ଓ କଦଳୀ ମଞ୍ଜା ଆଣିବାକୁ ସେ କେବେ ବି ଭୁଲି ନଥାନ୍ତି । ଥରେ ଜଣେ ପତଳା ଡେଙ୍ଗା ପିଲା ଠାରୁ ଗାଳ୍ପିକ ରାମଚନ୍ଦ୍ର ବେହେରା ଖଡ଼ାଶାଗ କିଣି ସାରିବା ପରେ ପର୍ସରେ ଖୁଚୁରା ନଥିବାରୁ ପଇସା ଦେବାରେ ସମସ୍ୟା ଦେଖାଦେଲା । ଖୁଚୁରା ପଇସା ନଥିବାରୁ ଗାଳ୍ପିକ ବାଧ୍ୟ ହୋଇ ଶାଗକୁ ସମ୍ପୃକ୍ତ ବେପାରୀକୁ ଫେରାଇ ଦେଉଥିଲେ । କିନ୍ତୁ ଉକ୍ତ ଶାଗ ବିକାଳୀ ପିଲାଟି କହିଲା: "ସାର୍, ଆପଣ ଶାଗ ନେଇଯାଆନ୍ତୁ ନା, ଅନ୍ୟ ଆଡୁ କିଣାକିଣି କରି ଫେରିଲା ବେଳକୁ ପଇସା ଦେବେ ।" ଗାଳ୍ପିକ ରାମଚନ୍ଦ୍ର ସେ ଶାଗ ବିକାଳୀକୁ ସେଦିନ କହିଥିଲେ, "ଯଦି ମୁଁ ଭୁଲିଯାଏ ଆଉ ତୁମକୁ ପଇସା ନ ଦେଇ ହାଟରୁ ପଳାଇଯାଏ ?" ସେ ପିଲା କହିଲା: "ମୁଁ ଜାଣେ ସାର୍, ଆପଣ ମୋତେ ପଇସା ନ ଦେଇ ବଜାରରୁ ଯାଇ ପାରିବେ ନାହିଁ । କାରଣ ହାଟକୁ ଯେତେ ଲୋକ ଆସୁଛନ୍ତି ସେମାନଙ୍କ ଭିତରୁ ଆପଣ ହିଁ ମୋତେ ଭଲ ଲାଗନ୍ତି ।" ସେ ଶାଗ ବିକାଳି ପିଲା ଠାରୁ ଏଇ ପଦକ ଶୁଣିବା ପରେ ରାମଚନ୍ଦ୍ର ବେହେରାଙ୍କ ଆଖିରୁ କୃତଜ୍ଞତାର ଦୁଇ ବୁନ୍ଦା ଲୁହ ଝରି ପଡ଼ିଥିଲା । ପ୍ରକୃତରେ ଏ କେନ୍ଦ୍ରାପଡ଼ା ମାଟି ହିଁ ତାଙ୍କୁ ଏଭଳି ସାର୍ଟିଫିକେଟ୍ ଦେଇପାରେ । ରାମଚନ୍ଦ୍ରଙ୍କ ଭାଷାରେ, ଜଣେ ଲେଖକ ପାଇଁ ଏହାଠାରୁ ବଡ଼ ସାର୍ଟିଫିକେଟ୍ ଆଉ କ'ଣ ଥାଇପାରେ ?

୧୯୯୧ ମସିହାରୁ ପତ୍ନୀ ପ୍ରମିଳା ବେହେରା ରୁମାଟିଜିମ୍ (ଆଣ୍ଠୁଗଣ୍ଠି) ରୋଗର ଶିକାର ହେବା ପରେ ପତି ଭାବେ ରାମଚନ୍ଦ୍ରଙ୍କ ଦାୟିତ୍ୱ ବଢ଼ି ଯାଇଛି । ଘରର ଯାବତୀୟ ଜଞ୍ଜାଳ ତାଙ୍କୁ ସମ୍ଭାଳିବାକୁ ପଡ଼ିଥାଏ । ରୋଷେଇ କରିବା ଠାରୁ ଆରମ୍ଭ କରି କ୍ଷୀରବାଲା ଠାରୁ କ୍ଷୀର ସଂଗ୍ରହ କରିବା, ବଜାର ସଉଦା କରିବା ପର୍ଯ୍ୟନ୍ତ ଯାବତୀୟ ଘରୋଇ କାମ ଗାଳ୍ପିକଙ୍କୁ ତୁଲାଇବାକୁ ପଡ଼ିଥାଏ । ଏଭଳି ବ୍ୟସ୍ତତା ମଧ୍ୟରେ ତଥାପି ଥମି ଯାଇନାହିଁ ତାଙ୍କ ଲେଖନୀ । ଏବେ ବି ତାଙ୍କ ଲେଖନୀ ଚଳଚଞ୍ଚଳ । ଚଳିତବର୍ଷ ୨୦୨୦ ପୂଜା ସଂଖ୍ୟାରେ ବହୁ ପତ୍ରପତ୍ରିକାରେ ତାଙ୍କର ଗପ ଓ ଉପନ୍ୟାସ

ପ୍ରକାଶ ପାଇବା ଆମ ଓଡ଼ିଆ ସାହିତ୍ୟ ପାଇଁ ଏକ ଶୁଭ ସମାଚାର ନିଶ୍ଚୟ ।





## ରାମଚନ୍ଦ୍ର ବେହେରା ଓ ମୃତ୍ୟୁର ମିଛ ଖବର

କିଛି ବର୍ଷ ତଳେ ଦୂରଦର୍ଶନ ଓଡ଼ିଆ ଚ୍ୟାନେଲ୍‌ରେ ଏକ ଖବର ପ୍ରକାଶ ପାଇଥିଲା ଯାହାର ଶୀର୍ଷକ ଥିଲା 'ସଡ଼କ ଦୁର୍ଘଟଣାରେ ଓଡ଼ିଶାର ସୁପ୍ରତିଷ୍ଠିତ ଗାଳ୍ପିକ ରାମଚନ୍ଦ୍ର ବେହେରାଙ୍କ ପରଲୋକ' । ଏହି ମିଛ ଖବରଟି ସେତେବେଳେ ଓଡ଼ିଶାରେ ଦ୍ରୁତ ବେଗରେ ଖେଳି ଯାଇଥିଲା । ବିଶେଷକରି ଏହି ଖବର ପାଇବା ପରେ ଓଡ଼ିଶାର ସାରସ୍ୱତ ଜଗତ ସ୍ତବ୍ଧ ହୋଇ ଯାଇଥିଲା । ଦୂରଦର୍ଶନ ଚ୍ୟାନେଲ୍‌ରେ ଏଭଳି ଏକ ଭୁଲ୍ ଖବରଟି ସ୍କ୍ରୋଲିଂ ହେଉଥିଲା । ଏହାପରେ ରାମଚନ୍ଦ୍ର ବେହେରାଙ୍କ ଘର ଲ୍ୟାଣ୍ଡ ଫୋନ୍‌କୁ ଘନଘନ ଫୋନ୍ ଆସିଥିଲା । ସମସ୍ତେ ବ୍ୟସ୍ତ ଓ ବିବ୍ରତ ହୋଇ ପଡ଼ିଥିଲେ ଏଭଳି ଏକ ଅପ୍ରତ୍ୟାଶିତ ଖବର ଶୁଣି । ସେତେବେଳେ ଗାଳ୍ପିକ ରାମଚନ୍ଦ୍ର ବେହେରାଙ୍କୁ ଏତେ ସଂଖ୍ୟାରେ ଟେଲିଫୋନ୍ ଆସିଥିଲା ଯେ ପ୍ରତି ଫୋନ୍‌ର ଉତ୍ତର ଦେଇଦେଇ ସେ ଥକି ପଡ଼ିଥିଲେ । ସମସ୍ତଙ୍କୁ ଗୋଟିଏ ଉତ୍ତର ଦେବାକୁ ପଡୁଥିଲା, "ମୁଁ ମରିନି, ବଞ୍ଚିଛି ଆଜ୍ଞା ।" କଳାହାଣ୍ଡିର ଜଣେ ନବବିବାହିତା ମହିଳା ଫୋନ୍ କରି ଦୀର୍ଘ ସମୟ ଧରି କାନ୍ଦିଥିଲେ ଏବଂ ତାଙ୍କ ସ୍ୱାମୀ ମଧ୍ୟ କାନ୍ଦି ପକାଇଥିଲେ । ଏ ଦମ୍ପତ୍ତି ରାମଚନ୍ଦ୍ର ବେହେରାଙ୍କ ଗଳ୍ପର ବଡ଼ ଫ୍ୟାନ୍ ଥିଲେ ।

କଳାହାଣ୍ଡିର ସେହି ମହିଳାଜଣକ ମା'ଟିଏ ଭଳି ରାମଚନ୍ଦ୍ର ବେହେରାଙ୍କୁ ନିର୍ଦ୍ଦେଶ ଦେଇଥିଲେ, "ତୁରନ୍ତ ଗାଧୋଇ ପଡ଼ି ମହାଦେବ ମନ୍ଦିର ଯାଅ ।" ଏଭଳି ଏକ ଅଶୁଭ ଖବର ଶୁଣିବା ପରେ ତୁରନ୍ତ ସ୍ନାନ ସାରି ମହାଦେବ ମନ୍ଦିର ଯିବାକୁ ମହିଳାଜଣକ କଡ଼ା ନିର୍ଦ୍ଦେଶ ଦେଇଥିଲେ । ଉକ୍ତ ମହିଳାଙ୍କ ନିର୍ଦ୍ଦେଶ ମାନି ରାମଚନ୍ଦ୍ର ବେହେରା କେନ୍ଦ୍ରାପଡ଼ା ମହାବିଦ୍ୟାଳୟ ପରିସରରେ ଥିବା ବିଲେଶ୍ୱର ମହାଦେବ ମନ୍ଦିରକୁ ଯାଇଥିଲେ । କିନ୍ତୁ ମହାଦେବଙ୍କୁ ସେ ନିଜ ପାଇଁ ନୁହଁ, ବରଂ ଉକ୍ତ ମହିଳାଙ୍କ ନିରାମୟ ଜୀବନ ପାଇଁ ପ୍ରାର୍ଥନା କରିଥିଲେ । ସେତେବେଳେ ଏହି ମିଛଖବର ଗାଳ୍ପିକଙ୍କୁ ବଡ଼ ବ୍ୟଥିତ କରିଥିଲା । କିନ୍ତୁ ଏଭଳି ମିଛ ଖବର ବରଂ ତାଙ୍କୁ ଦୀର୍ଘଜୀବି କରିବ ବୋଲି ସମସ୍ତେ ଏକ ସ୍ୱରରେ କହିଥିଲେ । ସେ ଦୀର୍ଘଜୀବୀ ହୁଅନ୍ତୁ ଏହାହିଁ ଈଶ୍ୱରଙ୍କ ନିକଟରେ କାମନା । ପରବର୍ତ୍ତୀ ସମୟରେ ଏହି ଘଟଣାକୁ ନେଇ ଗାଳ୍ପିକ ରାମଚନ୍ଦ୍ର ବେହେରା ଏକ ଚମତ୍କାର ଗପ ଲେଖିଛନ୍ତି, ଯାହାର ଶୀର୍ଷକ 'ରାମଚନ୍ଦ୍ର ବେହେରାଙ୍କ ଦେହାନ୍ତ' । ଏହି ଗପଟି ରାମଚନ୍ଦ୍ର ବେହେରାଙ୍କ ଅନ୍ୟ ଏକ ମାଷ୍ଟରପିସ୍ ।

## ସାରସ୍ୱତ ଯାତ୍ରା ଓ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟ

ଦୀର୍ଘ ଅର୍ଦ୍ଧଶତାବ୍ଦୀରୁ ଊର୍ଦ୍ଧ୍ୱ କାଳ ଧରି ଯେଉଁ ଓଡ଼ିଆ କଥାକାରଙ୍କ କଲମ ସକ୍ରିୟ ରହିଛି ଏବଂ ଯେଉଁ ମଣିଷଟି ପ୍ରଚାର ଓ ଗଣମାଧ୍ୟମର ନଜର ଆଢୁଆଳରେ ରହିବାକୁ ପସନ୍ଦ କରିଥାନ୍ତି, ସେ ଆଉ କେହି ନୁହଁନ୍ତି; ଆମ ସମୟର ସ୍ୱର୍ଦ୍ଧିତ ଗାଳ୍ପିକ ଡକ୍ଟର ରାମଚନ୍ଦ୍ର ବେହେରା । ଡକ୍ଟର ବେହେରା ୧୯୪୫ ମସିହା ନଭେମ୍ବର ୨ ତାରିଖରେ କେନ୍ଦୁଝର ଜିଲ୍ଲାର ଘଟଗାଁ ନିକଟବର୍ତ୍ତୀ ବାର୍ହାଟିପୁର ଗାଁରେ ଜନ୍ମଗ୍ରହଣ କରିଥିଲେ । ନିଜ ଗାଁରୁ ପ୍ରାଥମିକ ଶିକ୍ଷା ଶେଷ କରିବା ପରେ କେନ୍ଦୁଝର ଡିଏନ୍ ହାଇସ୍କୁଲ୍‌ରୁ ହାଇସ୍କୁଲ ଶିକ୍ଷା ଶେଷ କରିଥିଲେ । ଏହା ପରେ ସେ ରେଭେନ୍‌ଶା' ମହାବିଦ୍ୟାଳୟରୁ ସ୍ନାତକ ଡିଗ୍ରି ହାସଲ କରିଥିଲେ ।

ରେଭେନ୍‌ଶା କଲେଜ୍‌ରେ ପଢ଼ିବାବେଳେ ତାଙ୍କର ସାରସ୍ୱତ ପ୍ରତିଭାର ବିକାଶ ଘଟିଥିଲା । ରେଭେନ୍‌ଶା କଲେଜ୍ କ୍ୟାମ୍ପସ୍ ତାଙ୍କ ସୃଜନଶୀଳତାକୁ ଆର୍ଦ୍ର କରିଥିଲା । ସେ ରେଭେନ୍‌ଶା କଲେଜ୍‌ର ୱେଷ୍ଟ୍ ହଷ୍ଟେଲ୍‌ରେ ରହୁଥିଲେ । ଛାତ୍ର ଆନ୍ଦୋଳନରେ ମଧ୍ୟ ସାମୟିକ ଭାବେ ସାମିଲ୍ ହୋଇଥିଲେ ।

ରେଭେନ୍‌ଶାରୁ ସ୍ନାତକ ସାରି ସେ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟରେ ଇଂରାଜୀ ସାହିତ୍ୟରେ ଏମ୍.ଏ. କରିଥିଲେ । ଆଉ ଏହି ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟ ହିଁ ଜଣେ ସାଧାରଣ ଯୁବକ ରାମଚନ୍ଦ୍ରଙ୍କୁ ଗାଳ୍ପିକ ରାମଚନ୍ଦ୍ରରେ ପରିଣତ କରିଥିଲା । ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟର କ୍ୟାମ୍ପସ୍ ରାମଚନ୍ଦ୍ରଙ୍କୁ ଅଧିକ ଭାବୁକ କରି ଦେଇଥିଲା । ଆଜି ବି ଡକ୍ଟର ବେହେରା ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟର କ୍ୟାମ୍ପସ୍‌କୁ ଭୁଲି ପାରିନାହାନ୍ତି । ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟରେ ପଢ଼ିବା ବେଳେ ତାଙ୍କର ସିନେମା ଦେଖା ନିଶା ବେଶି ବଢ଼ି ଯାଇଥିଲା । ସେତେବେଳେ ବନାରସ ସହରରେ ୧୭ଟା ସିନେମା ହଲ୍ ଥାଏ । ରାମଚନ୍ଦ୍ର ସବୁ ସିନେମା ହଲ୍ ବୁଲିବୁଲି ସିନେମା ଦେଖିବାକୁ ଭୁଲନ୍ତି ନାହିଁ । ସେତେବେଳେ ଅଢ଼େଇ ଟଙ୍କା ଥାଏ ଟିକଟର ମୂଲ୍ୟ । ହିନ୍ଦୀ ସିନେମା ଅଭିନେତ୍ରୀ ମୀନାକୁମାରୀ, ବୈଜୟନ୍ତୀମାଲା, ସାଧନା ତାଙ୍କର ପ୍ରିୟ ଅଭିନେତ୍ରୀ ଥିଲାବେଳେ ଦିଲ୍ଲୀପକୁମାର, ରାଜ୍‌କପୁର୍, ଦେବାନନ୍ଦ ତାଙ୍କର ପ୍ରିୟ ହିରୋ ଥିଲେ । ଏମାନଙ୍କ ଫିଲ୍ମକୁ ରାମଚନ୍ଦ୍ର କୌଣସି ପ୍ରକାରେ ବି ମିସ୍ କରୁନଥିଲେ । କିନ୍ତୁ ସବୁଠୁ ଆଶ୍ଚର୍ଯ୍ୟ କଥା, ପରିଣତ ବୟସରେ ରାମଚନ୍ଦ୍ର ବେହେରା ସିନେମା ଦେଖା ସମ୍ପୂର୍ଣ୍ଣ ଛାଡ଼ି ଦେଇଥିଲେ । ଏହା ତାଙ୍କର ଏକ ଅସ୍ୱାଭାବିକ ପରିବର୍ତ୍ତନ ବୋଲି ସେ କହନ୍ତି ।

୧୯୬୯ ମସିହାରେ ବିଏଚ୍‌ୟୁରୁ ଇଂରାଜୀ ସାହିତ୍ୟରେ ମାଷ୍ଟର୍ ଡିଗ୍ରି ଶେଷ କରୁକରୁ ସେହିବର୍ଷ କେନ୍ଦ୍ରାପଡ଼ା କଲେଜ୍‌ରେ ଇଂରାଜୀ ଅଧ୍ୟାପକ ଭାବେ ଯୋଗ ଦେଇଥିଲେ । ସେତେବେଳକୁ ତାଙ୍କର ସିକ୍ସ୍‌ଥ୍ ଇୟର୍ ପରୀକ୍ଷା ଫଳାଫଳ ପ୍ରକାଶ ପାଇ ନଥାଏ । ଫିଫ୍‌ଥ୍ ଇୟର୍ ରେଜଲ୍‌ଟ୍‌କୁ ଦେଖି କେନ୍ଦ୍ରାପଡ଼ା କଲେଜ୍‌ରେ ନିଯୁକ୍ତି ମିଳି ଯାଇଥିଲା । ଆଉ ଏହି କେନ୍ଦ୍ରାପଡ଼ା କଲେଜ୍ ହିଁ ରାମଚନ୍ଦ୍ର ବେହେରାଙ୍କ ସାରସ୍ୱତ ଜୀବନର ସବୁଠୁ ବଡ଼ ଟର୍ଣ୍ଣିଂ ପଏଣ୍ଟ ଥିଲା । କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ଏନ୍‌ସିସି ବିଲ୍‌ଡିଂ ଥିଲା ତାଙ୍କ ସିଦ୍ଧି ଓ ସାଧନାର ପ୍ରାଣକେନ୍ଦ୍ର । କ୍ଲାସ୍‌ରେ ପାଠ ପଢ଼ାଇ ସାରିବା ପରେ ଡକ୍ଟର ବେହେରା ଚାଲି ଯାଆନ୍ତି ସେଇ ପ୍ରିୟ ଏନ୍‌ସିସି ବିଲ୍‌ଡିଂକୁ । ସେଠାରେ ଏକ ସ୍ୱତନ୍ତ୍ର କୋଠରୀ ମଧ୍ୟରେ ଭିତରୁ କବାଟ କିଳି ତା' ମଧ୍ୟରେ ନିଜ ସାରସ୍ୱତ କ୍ରିୟାରେ ନିମଗ୍ନ ହୋଇ ଯାଆନ୍ତି । ସେତେବେଳେ ଯେ କେହି ବି ତାଙ୍କୁ ଡିଷ୍ଟର୍ବ କଲେ ମଧ୍ୟ ସେ କବାଟ ଖୋଲନ୍ତି ନାହିଁ । ଏ କଥା ଆମେ କେନ୍ଦ୍ରାପଡ଼ା

କଲେଜ୍‌ରେ ପଢ଼ିଲାବେଳେ ଜାଣିଥିଲୁ । ଆଜି ବି କେନ୍ଦ୍ରାପଡ଼ା କଲେଜ୍‌ର ସେ ଏନ୍‌ସିସି ବିଲ୍‌ଡିଂ ଗାଳ୍ପିକ ଡକ୍ଟର ବେହେରାଙ୍କୁ ଝୁରୁଛି । ରାମଚନ୍ଦ୍ର ବେହେରା ୨୦୦୫ରେ କେନ୍ଦ୍ରାପଡ଼ା ମହାବିଦ୍ୟାଳୟରୁ ଅଧ୍ୟକ୍ଷ ଭାବେ ଅବସର ଗ୍ରହଣ କରିବା ପରେ ସେ ଏନ୍‌ସିସି ବିଲ୍‌ଡିଂ ନିଜ ପ୍ରିୟ ଗାଳ୍ପିକଙ୍କ ବିନା ଜୀବନହୀନ ପାଲଟି ଯାଇଛି ।

ଡକ୍ଟର ବେହେରା ୧୯୮୬ ମସିହାରେ ଉତ୍କଳ ବିଶ୍ୱବିଦ୍ୟାଳୟରୁ ପିଏଚ୍‌ଡି ଡିଗ୍ରି ଲାଭ କରିଥିଲେ । ଦୀର୍ଘ ବର୍ଷର ଅଧ୍ୟାପନା ଯାତ୍ରା ଶେଷ କରି ୨୦୦୫ ମସିହାରେ କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟରୁ ଅବସର ଗ୍ରହଣ କରିଥିଲେ । କେନ୍ଦ୍ରାପଡ଼ା କଲେଜ୍‌ରୁ ଅବସର ଗ୍ରହଣ କରିବା ପରେ ଡକ୍ଟର ବେହେରା ଲ' କଲେଜ୍ ରୋଡ୍‌ରେ ନିଜ ବାସଭବନରେ ରହୁଛନ୍ତି । କିନ୍ତୁ ନିଜ ବାସଭବନ ଅପେକ୍ଷା ଲ' କଲେଜ୍‌ର ଉପର ମହଲାର ଏକ ସ୍ୱତନ୍ତ୍ର କୋଠରୀ ରାମଚନ୍ଦ୍ରଙ୍କର ଦ୍ୱିତୀୟ ପର୍ଯ୍ୟାୟ ସାଧନାର ପ୍ରାଣକେନ୍ଦ୍ର ପାଲଟି ଯାଇଛି । ସେଠି ସେ ବିନା ଚୌକି ବିନା ଟେବୁଲ୍‌ରେ ତଳେ ବସି ଲେଖାଲେଖି, ପଢ଼ାପଢ଼ିରେ ମଗ୍ନ ଥାଆନ୍ତି । ଦିନର ଅଧିକାଂଶ ସମୟରେ ରାମଚନ୍ଦ୍ରଙ୍କୁ ଲ' କଲେଜ୍ ଦ୍ୱିତୀୟ ମହଲାରେ ଏହି କୋଠରୀରେ ଦେଖିବାକୁ ମିଳିଥାଏ । ବନ୍ଧୁ ବା ଛାତ୍ରଛାତ୍ରୀ ତାଙ୍କୁ ଘରେ ନ ଖୋଜି ବରଂ ସିଧାସଳଖ ଲ' କଲେଜ୍‌ର ଦ୍ୱିତୀୟ ମହଲାକୁ ଚାଲି ଯାଆନ୍ତି । ଏହାପରେ ସେ ୨୦୧୦ ରୁ ୨୦୧୩ ପର୍ଯ୍ୟନ୍ତ ଓଡ଼ିଶା ସାହିତ୍ୟ ଏକାଡେମୀର ସଭାପତି ଭାବେ ସଫଳତାର ସହ ଦାୟିତ୍ୱ ତୁଲାଇଛନ୍ତି । ସେ କେନ୍ଦ୍ରାପଡ଼ାରେ ଥାଇ ମଧ୍ୟ ଭୁବନେଶ୍ୱରରେ ଅବସ୍ଥିତ ସାହିତ୍ୟ ଏକାଡେମୀ କାର୍ଯ୍ୟାଳୟ ପରିଚାଳନା କରୁଥିଲେ ।

ଗାଳ୍ପିକ ଡକ୍ଟର ବେହେରା ଉଭୟ ଗଳ୍ପ ଓ ଉପନ୍ୟାସ କ୍ଷେତ୍ରରେ ଓଡ଼ିଆ ବାଣୀଭଣ୍ଡାରକୁ କରିଛନ୍ତି ସମୃଦ୍ଧ । ଜୀବନ ଓ ପୃଥିବୀ ସମ୍ପର୍କରେ ଅନ୍ତର୍ଦୃଷ୍ଟି ଓ ଦାର୍ଶନିକ ଦୃଷ୍ଟିଭଙ୍ଗୀ ତାଙ୍କ ଗପରେ ପ୍ରତିଫଳିତ ବୋଲି ନିଜେ ଗାଳ୍ପିକ ଡକ୍ଟର ବେହେରା କୁହନ୍ତି ।

୧୯୯୧ ମସିହାରେ ଗଳ୍ପ ପୁସ୍ତକ 'ଓଁକାର ଧ୍ୱନି' ପାଇଁ ରାମଚନ୍ଦ୍ର ବେହେରା 'ଶାରଳା ପୁରସ୍କାର' ପାଇଥିଲେ । ସେହିଭଳି ୧୯୯୩ ମସିହାରେ 'ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର' ପାଇଥିଲେ । ୨୦୦୫ ମସିହାରେ ଗଳ୍ପପୁସ୍ତକ 'ଗୋପପୁର' ପାଇଁ ସେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ଲାଭ କରିଥିଲେ ।

## ରାମଚନ୍ଦ୍ରଙ୍କ 'ଗପ' ଓ 'ଉପନ୍ୟାସ'

ରାମଚନ୍ଦ୍ର ବେହେରା କଥାସାହିତ୍ୟର ବିଭିନ୍ନ ବିଭାଗରେ ଲେଖନୀ ଚାଳନା କରିଥିଲେ ମଧ୍ୟ ଗଳ୍ପ ତାଙ୍କର ପ୍ରାଣସ୍ପନ୍ଦନ । ତାଙ୍କ ଗଳ୍ପରେ ଚିତ୍ରିତ ପ୍ରଚଣ୍ଡ ନୈରାଶ୍ୟ ମଧ୍ୟରେ ବିରାଟ ଏକ ଆଶା ଉଜ୍ଜୀବିତ ହୋଇ ଥାଏ । ତାଙ୍କ ଗପରେ କରୁଣତା ଥାଏ । ମାତ୍ର ସେ କାରୁଣ୍ୟ କେବଳ ଲୁହ ଗଡ଼େଇବାରେ ଶେଷ ହୁଏ ନାହିଁ । ସେ କରୁଣତା ମଧ୍ୟରେ ଏକ ସଶକ୍ତ ସାମର୍ଥ୍ୟର ପରିପ୍ରକାଶ ଘଟିଥାଏ । ରାମଚନ୍ଦ୍ରଙ୍କ ଗଳ୍ପର ଭାଷା ହିଁ ତାଙ୍କର ସ୍ୱତନ୍ତ୍ରତା । ସେ ନିଜ ଯାଦୁକରୀ ଭାଷା ଓ ଆବେଗର ପକ୍ଷୀରାଜ ଘୋଡ଼ାରେ ବସେଇ ପାଠକମାନଙ୍କୁ ସ୍ୱତନ୍ତ୍ର ଦୁନିଆକୁ

## କେନ୍ଦ୍ରାପଡ଼ା କଣ ନ ଦେଇଛି ମୋତେ : କଥାକାର ରାମଚନ୍ଦ୍ର ବେହେରା



◆ଆପଣଙ୍କ ଗଳ୍ପ ଲେଖା ପ୍ରକ୍ରିୟାଟି କେମିତି ?

●ଲେଖାଲେଖି ମୋ' ପାଇଁ ଏକ ଆଧ୍ୟାତ୍ମିକ ପ୍ରକ୍ରିୟା । ମୁଁ ଲେଖିଲା ବେଳେ ଈଶ୍ୱରଙ୍କ ସ୍ପନ୍ଦନ ଅନୁଭବ କରିଥାଏ । ଯନ୍ତ୍ରଣା ଭିତରେ ଜୀବନ ତଥାପି ସମ୍ଭାବନାମୟ । ଏ ବ୍ରହ୍ମାଣ୍ଡ ଏକ ଐଶ୍ୱରିକ ଏକକ । କୌଣସି ପ୍ରସଙ୍ଗ ମୋର ସୃଜନଶୀଳତାକୁ ସକ୍ରିୟ କଲେ ମୁଁ ଲେଖେ । ସେଇ ବିଭୋର ମୁହୂର୍ତ୍ତ ହିଁ ମୋତେ ଲେଖିବାକୁ ପ୍ରେରିତ କରିଥାଏ । କେନ୍ଦ୍ରାପଡ଼ା କଲେଜ୍‌ର ଏନ୍‌ସିସି ବିଲ୍‌ଡିଂ କିମ୍ବା ଲ' କଲେଜ୍ ଉପର ମହଲାର ସାଧାରଣ କୋଠରୀରେ ମୁଁ ବିନା ଚୌକି, ଟେବୁଲ୍‌ରେ ତଳେ ବସି ଲେଖାଲେଖି କରିଥାଏ । ଗାଳ୍ପିକର ଦୃଷ୍ଟିଭଙ୍ଗୀ ସତେ ଅବା ମାଟିରୁ ଆକାଶ ଯାଏଁ ଏବଂ ବର୍ତ୍ତମାନରୁ ଚିରନ୍ତନ ପର୍ଯ୍ୟନ୍ତ ବ୍ୟାପ୍ତ ହୋଇଥାଏ ।

◆ଆପଣଙ୍କ ଜନ୍ମଭୂମି କେନ୍ଦୁଝର ଏବଂ କର୍ମସ୍ଥଳୀ କେନ୍ଦ୍ରାପଡ଼ା । ଅବସର ପରେ ଆପଣ ଜନ୍ମଭୂମିକୁ ନ ଫେରି କେନ୍ଦ୍ରାପଡ଼ାରେ ରହିଗଲେ ?

●କେନ୍ଦୁଝର ଜିଲ୍ଲାର ଘଟଗାଁ ବ୍ଲକ ଅନ୍ତର୍ଗତ ବାର୍ହାଟିପୁରାରେ ମୋ' ପିଲାଦିନ କଟିଛି । ବାର୍ହାଟିପୁରାର ପାହାଡ଼ ଉପରେ ଥିବା ମନ୍ଦିରରେ ମକରମେଳାର ଲୋକାରଣ୍ୟ ଆଜି ବି ମୋ' ସ୍ମୃତିପଟରେ ସତେଜ ରହିଛି । ଏହାପରେ ହାଇସ୍କୁଲ୍ ପଢିବା ପାଇଁ କେନ୍ଦୁଝର ଟାଉନ୍‌କୁ ଆସିଲି । ଡିଏନ୍ ହାଇସ୍କୁଲ୍‌ରେ ପଢ଼ିବା ବେଳର ଚପଳତା, ଦୁଷ୍ଟାମୀ ମୋତେ ପରବର୍ତ୍ତୀ ସମୟରେ ସୃଜନମନସ୍କ କରିଛି । ଏହାପରେ ରେଭେନ୍‌ଶା ମହାବିଦ୍ୟାଳୟ ଏବଂ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟ ମଧ୍ୟ ମୋ' ସୃଜନ ପ୍ରକ୍ରିୟାକୁ ପ୍ରଭାବିତ କରିଛନ୍ତି । ମାତ୍ର, କେନ୍ଦ୍ରାପଡ଼ା କଲେଜ୍ ଓ କେନ୍ଦ୍ରାପଡ଼ା ସହର ମୋତେ ପରିଚୟ ଦେଇଛି । କେନ୍ଦ୍ରାପଡ଼ା କଲେଜ୍ କ୍ୟାମ୍ପସ୍ ହିଁ ମୋର ସୃଜନସତ୍ତାକୁ ଅଧିକ ଉଜ୍ଜ୍ୱଳ କରିଛି । ଲେଖାଲେଖି କରିବାରେ କେନ୍ଦ୍ରାପଡ଼ା କଲେଜ, କେନ୍ଦ୍ରାପଡ଼ା ସହରର ବଡ଼ହାଟ, ଏନ୍‌ସିସି ବିଲ୍‌ଡିଂ, ଲ' କଲେଜ୍, ଗୋବରୀ ନଈ ଏବଂ କେନ୍ଦ୍ରାପଡ଼ାର ଜୀବନଯାତ୍ରା ମୋତେ ବିଭିନ୍ନ ଉପାୟରେ ପ୍ରେରିତ କରିଛନ୍ତି । କେନ୍ଦ୍ରାପଡ଼ା ମୋତେ ସବୁକିଛି ଦେଇଛି । କେନ୍ଦ୍ରାପଡ଼ା ସହରକୁ ଭୁଲି ପାରିବି ନାହିଁ ।

◆ଆପଣଙ୍କ ଗଳ୍ପର ମୁଖ୍ୟ ସ୍ୱର (ଚେତନା)ଟି କ'ଣ ?

●ଏ ପ୍ରଶ୍ନର ଉତ୍ତର ସମାଲୋଚକମାନେ ଦେଲେ ଉଚିତ ହୁଅନ୍ତା । ପ୍ରାଥମିକ ଅବସ୍ଥାରେ ମୋ' ଗପର ସ୍ୱର ଥିଲା ନୈରାଶ୍ୟ, କ୍ରୋଧ, ନିଃସଙ୍ଗତା, ପ୍ରତିବାଦ ଓ ବିଚ୍ଛିନ୍ନତାବୋଧ । ମୁଁ ନିଜକୁ ସେତେବେଳେ ଗ୍ରହଣ କରି ପାରୁନଥିଲି । ଜୀବନର ଅସାରତା, ଅକ୍ଷମତା ଅନେକ ଗପର ମୁଖ୍ୟ ସ୍ୱର ଥିଲା । ମାତ୍ର ପରେ ମୁଁ ଜାଣିବାକୁ ପାଇଲି, ଜୀବନ ଖୁବ୍ ସୁନ୍ଦର । ଏ ଜୀବନ ସତ୍ୟ, ଶିବ ଓ ସୁନ୍ଦର । କ୍ରୋଧ କିମ୍ବା ପ୍ରତିବାଦ

ଉଡ଼େଇ ନେଇ ଯାଇ ପାରନ୍ତି । ବିଶେଷକରି ମଣିଷର ଅସହାୟତାକୁ ଚିତ୍ରଣ କରିବାରେ ତାଙ୍କର କଳା କାରିଗରୀ ଖୁବ୍ ଅସାଧାରଣ । ମଣିଷର ଜୀବନ ପ୍ରତି ତାଙ୍କର ଦୃଷ୍ଟି ପରାଜୟ ନୁହେଁ ବରଂ ସମ୍ଭାବନାମୟ ଓ ପ୍ରଚଣ୍ଡ ଅଶାବାଦର ସ୍ୱର ସେଥିରେ ଫୁଟି ଉଠିଥାଏ ।

ରାମଚନ୍ଦ୍ର ବେହେରାଙ୍କର ପାଖାପାଖି ୨୫ଟି ଗପ ବହି ପ୍ରକାଶିତ ହୋଇ ବେଶ୍ ପାଠକୀତା ଲାଭ କରି ପାରିଛି । ତାଙ୍କ ପ୍ରକାଶିତ ଗପ ପୁସ୍ତକ ମଧ୍ୟରେ ୧. ଦ୍ୱିତୀୟ ଶ୍ମଶାନ (୧୯୭୬), ୨. ଅଚିହ୍ନା ପୃଥିବୀ (୧୯୭୯), ୩. ଅବଶିଷ୍ଟ ଆୟୁଷ (୧୯୮୨), ୪. ଓଁକାର ଧ୍ୱନି (୧୯୮୭), ୫. ବଞ୍ଚିରହିବା (୧୯୯୦), ୬. ଭଗ୍ନାଂଶର ସ୍ୱପ୍ନ (୧୯୯୩), ୭. ମହାକାବ୍ୟର ମୁହଁ (୧୯୯୬), ୮. ଫଟାକାନ୍ଥର ଗଛ (୨୦୦୦), ୯. ଅସ୍ଥାୟୀ ଠିକଣା (୨୦୦୨), ୧୦. ଗୋପପୁର (୨୦୦୩), ୧୧. ସବୁଜିମାର ପରମାୟୁ (୨୦୦୬),


କନିଷ୍ଠଙ୍କ କାନ୍ଧରେ ହାତ ବରିଷ୍ଠଙ୍କର : ବରେଣ୍ୟ ଲେଖକ ରାମଚନ୍ଦ୍ର ବେହେରାଙ୍କ ସହିତ ଯୁବ ଲେଖକ ରଞ୍ଜନ ପ୍ରଧାନ

ନୁହେଁ, ମାନସିକ ଦୃଢତା ଓ ଶ୍ରଦ୍ଧାର ସହ ଜୀବନ ବଞ୍ଚିବା ମୋ' ଗପର ସ୍ୱର ପାଲଟିଲା । ସମସ୍ତ ସଚ୍ଚୋଟ ଚେଷ୍ଟା ଓ ଅନ୍ୱେଷଣ ପରେ ମୁଁ ଯାହା ହାସଲ କଲି ତାହା ମୋର ପରିଚିତି ।

**◆ଆପଣ ଜଣେ ଗାଳ୍ପିକ, ନାଟ୍ୟକାର ଓ ଔପନ୍ୟାସିକ । କେଉଁ ବିଭାଗରେ ଆପଣ ଖୁବ୍ ସହଜ ଅନୁଭବ କରନ୍ତି ?**

●ଗଳ୍ପ ଲେଖାରୁ ମୋର ସାରସ୍ୱତ ଜୀବନ ଆରମ୍ଭ । ମୁଁ ବିଶ୍ୱାସ କରେ, ଜୀବନ ସମ୍ପର୍କରେ ମୋର ଦାର୍ଶନିକ ଦୃଷ୍ଟିଭଙ୍ଗୀ, କାବ୍ୟିକତା ଓ ଅନ୍ତର୍ଦୃଷ୍ଟି ମୋ' ଗପରେ ଅଧିକ ପ୍ରତିଫଳିତ । ପିଞ୍ଜରା, ଶୋଷ, ବଞ୍ଚି ରହିବା, ଗୋପପୁର ଆଦି ଗପ ଗୋଟିଏ ଗୋଟିଏ ପ୍ରତୀକରେ ପରିଣତ ହୋଇ ପାରିଛନ୍ତି । ଏମାନଙ୍କର ଆବେଦନ ତୀବ୍ର ଓ ବ୍ୟାପକ ମଧ୍ୟ । ମାତ୍ର ଏପରି ଘଟଣା ଓ ଚରିତ୍ରର ମୁଁ ସମ୍ମୁଖୀନ ହୁଏ ଯାହାକୁ ଅଳ୍ପ କେତୋଟି ପୃଷ୍ଠାରେ ପରିବେଷଣ କରିବା ସମ୍ଭବ ନୁହେଁ । ଏଥିପାଇଁ ବ୍ୟାପକ ପୃଷ୍ଠଭୂମି ଦରକାର । ସେଥିପାଇଁ ମୁଁ ଉପନ୍ୟାସ ଲେଖେ । ଏହାଛଡ଼ା ନାଟକ ମୋ' ଜୀବନର ଅନ୍ୟତମ ସୁନ୍ଦରତମ ଅନୁଭବ । ଏକଦା ଆକାଶବାଣୀରେ ପ୍ରସାରିତ ମୋର ବେତାର ନାଟକଗୁଡ଼ିକର ଆବେଦନ ମୋତେ ଶ୍ରୋତାମାନଙ୍କ ନିକଟତର କରି ପାରିଥିଲା । ନାଟକ ପାଇଁ ମୁଁ ଆକାଶବାଣୀ ପକ୍ଷରୁ ସମ୍ବର୍ଦ୍ଧିତ ହୋଇଛି । ମୁଁ ଗପ, ଉପନ୍ୟାସ ଓ ନାଟକ ଭଳି ସମସ୍ତ ବିଭାଗକୁ ଉପଭୋଗ କରିଥାଏ ।

**◆ଆପଣଙ୍କ ଗଳ୍ପଗୁଡ଼ିକ ଖୁବ୍ ଦୀର୍ଘ । ଏପରି କାହିଁକି ? ମା', ସଫଳତାର ସ୍ୱାଦ, କାହାଣୀର ଆରମ୍ଭ, ମହାକାବ୍ୟର ମୁହଁ ଭଳି ଗପଗୁଡ଼ିକ ଉପନ୍ୟାସର ଭ୍ରମ ସୃଷ୍ଟି କରନ୍ତି !**

●ହଁ, ଆପଣ ଠିକ୍ ଅନୁମାନ କରିଛନ୍ତି । ଆପଣ ପଚାରିଥିବା ଏହି କେତୋଟି ଗପ ନୁହେଁ ବରଂ ମୋର ଆହୁରି ଅନେକ ଗପ ଖୁବ୍ ଦୀର୍ଘ କଳେବରଧାରୀ । ଏହି ଗଳ୍ପଗୁଡ଼ିକର ବିଷୟବସ୍ତୁ ଆପଣାଛାଏଁ ଏଭଳି ଦୀର୍ଘ ପରିସର ବାଛି ନେଇଥାନ୍ତି । ସେଥିରେ ମୋର କିଛି କରିବାର ନଥାଏ । ପରିବେଷଣ କରିବା ପାଇଁ ଯାଉଥିବା ପ୍ରସଙ୍ଗଟି ପ୍ରାଞ୍ଜଳ ହେବା ପାଇଁ ମୋର ବ୍ୟାକୁଳତା ଥାଏ । ଏଣୁ ଏଭଳି ଘଟିଥାଏ । ଏଥିପାଇଁ ପରିପ୍ରେକ୍ଷୀ ସମ୍ପ୍ରସାରିତ ହୋଇଯାଏ । ଏହି ଦୀର୍ଘ ଗପଗୁଡ଼ିକୁ ସଂକ୍ଷିପ୍ତୀକରଣ କରାଗଲେ, ସେସବୁ ନିଜସ୍ୱ ଆବେଦନ ହରାଇବେ ବୋଲି ମୋର ଆଶଙ୍କା । ଘଟଣା ଓ ଚରିତ୍ରମାନଙ୍କୁ ପ୍ରାଞ୍ଜଳ ଓ ଜୀବନ୍ତ କରିବା ପ୍ରକ୍ରିୟାରେ ଏହିସବୁ ଗଳ୍ପ ଏଭଳି ଦୀର୍ଘ କଳେବର ହାସଲ କରିଥାନ୍ତି । ଏସବୁ ଲେଖିଲା ବେଳେ ଏହାର ଦୈର୍ଘ୍ୟ ଓ ପ୍ରସ୍ଥ ପ୍ରତି ମୁଁ କେବେ ସଚେତନ ନଥାଏ । ଏମିତି ଏକାଧିକ ଦୀର୍ଘ ଗଳ୍ପ ଅଛନ୍ତି, ଯେଉଁମାନଙ୍କର ଚରିତ୍ରମାନେ ମୋତେ ନିବେଦନ କରିଛନ୍ତି କେମିତି ମୁଁ ସେମାନଙ୍କୁ ଉପସ୍ଥାପନ କରିବି ? ମୁଁ ଯେମିତି ସେମାନଙ୍କୁ ଉପସ୍ଥାପିତ କରିବି ବୋଲି ଭାବିଥାଏ, ତାହା ଲେଖିଲା ବେଳେ ବଦଳି ଯାଇଥାନ୍ତି ।

**◆ଆପଣଙ୍କ ଗଳ୍ପର ଚରିତ୍ରଗୁଡ଼ିକ ଖୁବ୍ ଚିହ୍ନାଚିହ୍ନା ଲାଗନ୍ତି । ଏସବୁ ଆପଣଙ୍କ ଅନୁଭୂତି ନା କଳ୍ପନା ?**

●ଅଧିକାଂଶ ଚରିତ୍ର ଓ ଘଟଣା ମୋର ଅଭିଜ୍ଞତାସିଦ୍ଧ । ତେବେ କେଉଁଠି ପଢ଼ିଥିବା, କାହା ପାଖରୁ ଶୁଣିଥିବା ଚରିତ୍ର-ଘଟଣା ମଧ୍ୟ ମୋତେ ଆଚ୍ଛନ୍ନ କରିଥାନ୍ତି । ମୋର ଚେତନା ଓ ସୃଜନଶୀଳତାକୁ ସକ୍ରିୟ କରନ୍ତି । ତହିଁରେ ନିହିତ ଥିବା ପ୍ରାସଙ୍ଗିକତାକୁ ନେଇ ଲେଖାଲେଖି କରେ । ଅନୁମାନ କିମ୍ୱା କଳ୍ପନା କରି କୌଣସି ଗଳ୍ପ କିମ୍ୱା ଉପନ୍ୟାସ ଲେଖିନାହିଁ ।

**◆ଓଡ଼ିଆ ଗଳ୍ପର ଭବିଷ୍ୟତ ସମ୍ପର୍କରେ ଆପଣଙ୍କ ମତ ?**

●ବର୍ତ୍ତମାନ ପିଢିର ଗାଳ୍ପିକମାନେ ଖୁବ୍ ଭଲ ଗପ ଲେଖୁଛନ୍ତି । ସାମ୍ପ୍ରତିକ ସମସ୍ୟା ଖୁବ୍ ଭଲଭାବେ ପ୍ରତିଫଳିତ ହେଉଛି ଗପରେ । ବର୍ତ୍ତମାନର ସ୍ପନ୍ଦନ ଗପମାନଙ୍କରେ ଖୁବ୍ ସଫଳ ଭାବେ ରୂପାୟିତ ହେଉଛି । ଏହି ଧାରା ଅବ୍ୟାହତ ରହିଲେ ଭବିଷ୍ୟତ ଉପରେ କାହିଁକି ଆସ୍ଥା ରଖି ହେବନି ?

**◆ଆପଣଙ୍କ ପରପିଢିର ଶ୍ରେଷ୍ଠ ଦଶ ଜଣ ଗାଳ୍ପିକଙ୍କ ନାଁ କହିବେ ?**

●ଦଶ ଜଣ କାହିଁକି, ଆହୁରି ଅନେକ ଗାଳ୍ପିକଙ୍କ ଗପ ମୋତେ ବିଭୋର କରିଛି ଓ ଆନନ୍ଦ ଦେଇଛି । ଅନେକ ସମୟରେ ସେମାନଙ୍କ ଗପ ପଢ଼ି ସେମାନଙ୍କୁ ମୁଁ ମୋର ପ୍ରତିକ୍ରିୟା ବି ଜଣାଇଛି । ଦଶ ଜଣ ଗାଳ୍ପିକଙ୍କ ନାଁ ନେବା ମୋ' ପକ୍ଷେ ସମ୍ଭବ ନୁହେଁ । ଯେଉଁମାନେ ବାଦ୍ ପଡ଼ିଯିବେ ସେମାନଙ୍କ ପ୍ରତି ଅନ୍ୟାୟ ହେବ ନାହିଁ କି ?

୧୨. ବଡ଼ ମାୟାବୀ ଜୀବ (୨୦୦୮), ୧୩. ବଟବୈକୁଣ୍ଠ (୨୦୦୮), ୧୪. ଶିବାନନ୍ଦର ଗୀତ (୨୦୦୯), ୧୫. ବିପର୍ଯ୍ୟୟର ଠିକଣା (୨୦୧୫), ୧୬. ନିର୍ବାସିତ ନାନାବାୟା ଓ ଆହୁରି ଅନେକ ଓଡ଼ିଆ ବାଣୀଭଣ୍ଡାରକୁ ସମୃଦ୍ଧ କରିପାରିଛି ।

ରାମଚନ୍ଦ୍ର ବେହେରା ଅତ୍ୟନ୍ତ ଆବେଗପ୍ରବଣ ଓ ଖୁବ୍ ସ୍ପର୍ଶକାତର ମଣିଷ । ସେ ସାମାନ୍ୟ କଥାରେ କାନ୍ଦି ପାରନ୍ତି ଓ ମଣିଷଙ୍କୁ ନିର୍ଭେଜାଲ୍ ଭାବେ ଭଲ ପାଇପାରନ୍ତି । ମଣିଷକୁ ଭଲପାଇବାକୁ କୌଣସି ସର୍ତ୍ତ ନଥାଏ ତାଙ୍କ ପାଖରେ । ପ୍ରାଥମିକ ପର୍ଯ୍ୟାୟରେ ରାମଚନ୍ଦ୍ର ବେହେରା ଯେଉଁ ଗଳ୍ପ ଲେଖିଥିଲେ, ସେଥିରେ ନୈରାଶ୍ୟ, ନିଃସଙ୍ଗତା ଓ ପ୍ରତିବାଦର ସ୍ୱର ତୀବ୍ର ଭାବେ ପ୍ରତିଫଳିତ ହୋଇଥିଲା । ଏହି ପ୍ରତିବାଦଟି ନିଜ ବିରୋଧରେ, ସମାଜ ବିରୋଧରେ, ଭାଗ୍ୟ ଓ ଭଗବାନଙ୍କ ବିରୋଧରେ ।

ରାମଚନ୍ଦ୍ର ବେହେରାଙ୍କ 'ଛବି' ଗଳ୍ପଟି ଏବେ ବି ଆଖିରୁ ଲୁହ ଗଡ଼େଇବାର କ୍ଷମତା ରଖିଥାଏ । ଏ 'ଛବି' ଗପ ସମ୍ପର୍କରେ ଗାଳ୍ପିକ ନିଜେ କହନ୍ତି, ସେ ଥରେ ଜଣେ ବନ୍ଧୁଙ୍କ ସ୍କୁଟର୍‌ରେ ବସି କଟକରୁ କେନ୍ଦ୍ରାପଡ଼ା ଫେରୁଥାନ୍ତି । ବାଟରେ ଜଗତପୁର ଗୋଲେଇ ଛକ ପାଖରେ ଖାଇବା ପାଇଁ ଏକ ଢାବାକୁ ଯାଇଥିଲେ । ଢାବାରେ ଖାଉ ଖାଉ ବନ୍ଧୁଜଣଙ୍କ ତାଙ୍କ ଗାଁର ଜଣେ ସାନ ଝିଅ ସମ୍ପର୍କରେ କହିଥିଲେ । ସେ ଝିଅଟି ଛୋଟ ବେଳୁ ହଠାତ୍ ଅନ୍ତର୍ଧାନ ହୋଇଯାଇଥିଲା । ମାତ୍ର ସମସ୍ତଙ୍କୁ ଚକିତ କରି ପ୍ରାୟ କୋଡିଏ ବର୍ଷ ପରେ ସେ ଝିଅ ଫେରିଥିଲା । କୁଆଡେ ସେ ଝିଅକୁ ତା' ବାପା କେଉଁ ଦଲାଲ୍‌କୁ ବିକ୍ରି କରି ଦେଇଥିଲା । ବନ୍ଧୁଙ୍କ ଏହି ହୃଦୟସ୍ପର୍ଶୀ କାହାଣୀ ହିଁ ତାଙ୍କୁ 'ଛବି' ଗପ ଲେଖିବାକୁ ପ୍ରେରିତ କରିଥିଲା । ପରବର୍ତ୍ତୀ କାଳରେ ଏ 'ଛବି' ଗଳ୍ପଟିର ନାଟ୍ୟ ରୂପାନ୍ତର ହୋଇ ବେଶ୍ ଲୋକପ୍ରିୟ ହୋଇପାରିଥିଲା ।

'ଗୋପପୁର' ରାମଚନ୍ଦ୍ର ବେହେରାଙ୍କର ଅନ୍ୟ ଏକ କାଳଜୟୀ ଗପ । ଏହି 'ଗୋପପୁର' ଗପ ବହି ପାଇଁ ସେ ୨୦୦୫ରେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପାଇଛନ୍ତି । 'ଗୋପପୁର' ଗଳ୍ପର ମୁଖ୍ୟ ଚରିତ୍ର ନିରାକାର ଓ ସୁମିତ୍ରା ଘନ ଅନ୍ଧାର ରାତିର ଆତଙ୍କକୁ ଖାତିର ନକରି ବଢ଼ନ୍ତା ନଈରେ ଅନିଶ୍ଚିତ ଭବିଷ୍ୟତକୁ ଅତିକ୍ରମ କରିବା ଏବଂ ନିଜର ରୁଗ୍‌ଣ ଶିଶୁକୁ ଡାକ୍ତରଖାନାରେ ପହଞ୍ଚାଇବା ପାଇଁ ଯେଉଁ ସଂଗ୍ରାମ କରିଛନ୍ତି ତାହା ଯେତିକି କରୁଣ, ସେତିକି ମର୍ମସ୍ପର୍ଶୀ । ନିଜେ ଡଙ୍ଗା ଚଳାଇ ଜାଣି ନଥିଲେ ମଧ୍ୟ ପୁଅର ଜୀବନ ପାଇଁ ନିରାକାର ଡଙ୍ଗାର ମଙ୍ଗ ଧରିଛି ଏବଂ ନଦୀ ପାରି ହେବାରେ ସକ୍ଷମ ହୋଇଛି । ଏପରି ଏକ ବିପଦସଂକୁଳ ଯାତ୍ରା ନିଶ୍ଚିତ ଆତ୍ମହତ୍ୟା ଭଳି । କିନ୍ତୁ ନିଜ ପାଇଁ, ନିଜର ସ୍ଥିତି ପାଇଁ ବଞ୍ଚିବା ପାଇଁ ଯେଉଁ ମଣିଷଟି ସବୁ ବିପଦକୁ ଅଙ୍ଗୀକାର କରେ, ସେଇ ମଣିଷ ଦୁଇଜଣ ହେଉଛନ୍ତି ନିରାକାର ଓ ସୁମିତ୍ରା । ଗୋଟିଏ ମୁହୂର୍ତ୍ତରେ ସୁମିତ୍ରା ଅଣ୍ଟାରେ ଗୁଡ଼ାଇଲା ଲୁଗା । ପରକ୍ଷଣରେ ତା' ହାତରେ କାତ । ତାକୁ ନିର୍ଦ୍ଦେଶ ଦେବା ଦରକାର ନଥିଲା । ଡଙ୍ଗାର ମଙ୍ଗ ଧରିଥାଏ ନିରାକାର । ଦୁହିଁକର କାତ ମାରିବାରେ ସଙ୍ଗତି ନଥିଲେ ବି ଡଙ୍ଗା କିନ୍ତୁ ପହଞ୍ଚି ସାରିଥିଲା ନଦୀ ଆର କୂଳରେ । ଗାଳ୍ପିକ ଡକ୍ଟର ବେହେରା ଡଙ୍ଗାକୁ ସଂସାର ସହିତ ଏବଂ ନିରାକାର ଓ ସୁମିତ୍ରାଙ୍କୁ ବଞ୍ଚିରହିବା ପାଇଁ ନିରନ୍ତର ସଂଗ୍ରାମ କରୁଥିବା ମଣିଷମାନଙ୍କ ସହ ତୁଳନା କରିବାରେ ସଫଳ ହୋଇଛନ୍ତି । ସବୁ ବିରୋଧାଭାଷ ସତ୍ତ୍ୱେ ଝଡ଼ ଶେଷରେ ସୂର୍ଯ୍ୟୋଦୟ ଘଟେ । ବଞ୍ଚିବା ପାଇଁ ବାଟ ଖୋଜୁଥିବା ମଣିଷ ସକାଳର ସୂର୍ଯ୍ୟକୁ ସ୍ୱାଗତ କରେ । ଏହା ହିଁ 'ଗୋପପୁର' ଗଳ୍ପର ବିଶେଷତ୍ୱ । କେବଳ 'ଛବି' ଓ 'ଗୋପପୁର' କାହିଁକି ତାଙ୍କର ପ୍ରାୟ ସମସ୍ତ ଗପ ମାନବୀୟ ସମ୍ବେଦନଶୀଳତାକୁ ସ୍ପର୍ଶ କରିଥାଏ । ତାଙ୍କର ଅନେକ ଗଳ୍ପ ସ୍କୁଲ୍, କଲେଜ୍ ଓ ବିଶ୍ୱବିଦ୍ୟାଳୟ ପାଠ୍ୟପୁସ୍ତକରେ ସ୍ଥାନ ପାଇ ତାଙ୍କୁ ଛାତ୍ରଛାତ୍ରୀ, ଶିକ୍ଷକ ଓ ଅଧ୍ୟାପକ ମହଲରେ ପରିଚିତ କରିପାରିଛି । ୧୯୯୧ ମସିହାରେ ରାମଚନ୍ଦ୍ର ବେହେରା ଶାରଳା ପୁରସ୍କାର ପାଇଥିବା ବେଳେ ୧୯୯୩

## ରାମଚନ୍ଦ୍ର ବେହେରା: ପ୍ରିୟଜନଙ୍କ ପରିଭାଷା



ମୋ' ସାର୍, ଯେ ତାଙ୍କର ଆତ୍ମାର ଏକ ଅଂଶ ବୋଲି ମୋତେ ସର୍ବସମକ୍ଷରେ ଅତି ଅନ୍ତରଙ୍ଗ ଭାବେ ପ୍ରକାଶ କରନ୍ତି । ସେ ଆମ ସମୟର ସର୍ବମାନ୍ୟ ପ୍ରତିଭାଧର କଥାକାର ରାମଚନ୍ଦ୍ର ବେହେରା, ମୋ' ଶିକ୍ଷାଗୁରୁ, ସାହିତ୍ୟ ପ୍ରତି ମୋର ଦୃଷ୍ଟିଭଙ୍ଗୀ ବଦଳାଇଥିବା ଏବଂ ମୋ' ଭିତରେ ଥିବା ସୃଜନ ସମ୍ଭାବନାକୁ ଆଲୋକକୁ ଆଣିଥିବା ଜଣେ ଚେତନାର ଚିତ୍ରକର । ଜୀବନ ଓ ଜଗତ ପ୍ରତି ତାଙ୍କର ଦାର୍ଶନିକ ଦୃଷ୍ଟିଭଙ୍ଗୀ ପ୍ରକାଶ ସହ ମେଟାଫିଜିକାଲ୍ ଜଗତର ଅସ୍ପଷ୍ଟ ଛାୟାଚିତ୍ରକୁ ସଫଳ ଭାବେ ଚିତ୍ରିତ କରିଥିବା ଜଣେ ଆଲୋକିତ ଆତ୍ମା । ମୋତେ ସେ ଅନେକ ବାର କହିଛନ୍ତି 'ଲେଖାଲେଖି ମୋ ପାଇଁ ଏକ ଆଧ୍ୟାତ୍ମିକ ପ୍ରକ୍ରିୟା' ଏବଂ ମୁଁ ତାଙ୍କ ସବୁଲେଖା ଭିତରେ ଅନ୍ଧାରରୁ ଆଲୋକକୁ ସୀମାହୀନ ବ୍ୟାପ୍ତି ନେଇ ବିଶ୍ୱଜୀବନର ସମଗ୍ରତାକୁ ହାତ ଆଞ୍ଜୁଳାରେ ଧରିବାକୁ ସମର୍ଥ ବୋଲି ଭାବେ । ତାଙ୍କ ଗପ ଭିତରେ ଥାଏ ବଞ୍ଚି ରହିବାର ମହାମନ୍ତ୍ର । ଜୀବନ ଯୁଦ୍ଧରେ ହାରି ଯାଇଥିବା ମଣିଷ ସଂଘର୍ଷ କରି ପହଞ୍ଚିପାରେ ଆଲୋକିତ ଗୋପପୁରକୁ, ଯେଉଁଠି ଶୁଭେ ବଞ୍ଚିବାର ଓଁକାର ଧ୍ୱନି । ସବୁ ଚରିତ୍ରଙ୍କ ଭିତରେ ଥାଏ ମହାକାବ୍ୟର ମୁହଁ । ସେମାନଙ୍କ ପାଦ ତଳେ ମାଟି ଥାଏ ଏବଂ ସେମାନେ ଖୋଜୁଥାନ୍ତି ମୁକ୍ତିର ରୂପରେଖ । ସ୍ଥିତିବାଦୀ ଚେତନା, ଫ୍ରଏଡୀୟ ମନସ୍ତତ୍ତ୍ୱ ଏବଂ ଜୀବନକୁ ସୂକ୍ଷ୍ମ ଓ ଗଭୀର ଭାବେ ଚିହ୍ନିଥିବା ମୋ' ସାର୍‌ଙ୍କ ଗପରେ ଆର୍କିଟାଇପାଲ୍ ଚିତ୍ରକଳ୍ପର ସ୍ପର୍ଶ ଓ ସଜଳ ଅନୁଭବ ଦୃଶ୍ୟମାନ ହୁଏ । କହିବାକୁ ଗଲେ ତାଙ୍କ ବହୁଗପ ମେଟାଫରିକାଲ୍ । ମୁଁ ତାଙ୍କ ସହ ବହୁ ଅନ୍ତରଙ୍ଗ ମୁହୂର୍ତ୍ତ କଟେଇଛି । ତାଙ୍କ ଲୁହରେ ଲେଖା କଥା, କାହାଣୀରେ ଲୁହ ଝରେଇଛି । ତାଙ୍କ ଋଷିପ୍ରତିମ ଉପସ୍ଥିତି ମୋ' ଜୀବନକୁ ସାର୍ଥକ କରିଛି । ତାଙ୍କ ପକେଟ୍‌ରୁ ବି ପାନ ଖାଇଛି । ସାଙ୍ଗ ହୋଇ ଓଡ଼ିଶାର ସବୁ ବିଶ୍ୱବିଦ୍ୟାଳୟ ଠାରୁ ଆରମ୍ଭ କରି କଲିକତାର ଉତ୍କଳ ଶିକ୍ଷା ସଂସଦର କାର୍ଯ୍ୟକ୍ରମରେ ସହଯାତ୍ରୀ ହୋଇଛି । ଫୋନ୍ କଲେ ମୁଁ ଅନେକ ସମୟରେ ଉଠେଇନି ବୋଲି ମୃଦୁ ଗାଳି ଶୁଣିଛି । ସେଗୁଡ଼ିକ ମୋ' ପାଇଁ ଫୁଲହାର । ଗତ ଜନ୍ମରେ ମୁଁ ତାଙ୍କ ପୁଅ ଥିଲି କି ? ଆଶା କରିବି, ସେ ଜନ୍ମଜନ୍ମାନ୍ତରରେ ମୋ' ସହ ସମ୍ପର୍କିତ ଥା'ନ୍ତୁ । ଅୟୁତ ଜନ୍ମ ପରେ ବି । ତାଙ୍କ ସମ୍ପର୍କରେ ଅଳ୍ପ ଲେଖିବାକୁ ଅନୁରୋଧ ଥିଲା, କିନ୍ତୁ ତାଙ୍କ ପାଇଁ ଲେଖିବାକୁ ମୋ' ପାଇଁ ଶବ୍ଦ ନିଅଣ୍ଟ ।

**ଅତୁଲ ବଳ**, ରାଜନଗର, କେନ୍ଦ୍ରାପଡ଼ା



ଦିଗନ୍ତ ଉହାଡ଼ରୁ ଭାସି ଆସୁଥିବା ଖଣ୍ଡଖଣ୍ଡ ଟୁକୁଡ଼ା ବାଦଲ ଏକାଠି ହୋଇ ଯେପରି କ୍ରମଶଃ ନୀଳ ଆକାଶକୁ ଆବୋରି ବସେ, ସେହିପରି ରାମଚନ୍ଦ୍ର ବେହେରାଙ୍କ ଗଳ୍ପଗୁଡ଼ିକ ଏକ ସାବଲୀଳ ଧାରାରେ ଅଗ୍ରସର ହୋଇ ପାଠକର ମଗଜକୁ ଆକ୍ରାନ୍ତ କରେ । ଉପସଂହାରରେ ପହଞ୍ଚିଲା ବେଳକୁ ପାଠକ ଏକ ଅନାହତ ଆଲୋଡ଼ନ ଓ ତୀବ୍ର ସମ୍ବେଦନାରେ ଗୋଟାପଣ ଓଦା ହୋଇ ସାରିଥାଏ । ତାଙ୍କ ଗଳ୍ପକଳାର ଏହି ବିଶିଷ୍ଟତା ରାମଚନ୍ଦ୍ରୀୟ ଶୈଳୀର ଏକ ଟ୍ରେଡ୍‌ମାର୍କ କହିଲେ ଅତ୍ୟୁକ୍ତି ହେବ ନାହିଁ ।

**ବିରଜା ରାଉତରାୟ**, କଥାକାର, କେନ୍ଦ୍ରାପଡ଼ା



ଡକ୍ଟର ରାମଚନ୍ଦ୍ର ବେହେରା ଓଡ଼ିଆ କଥାସାହିତ୍ୟର ଅଦ୍ୱିତୀୟ ଶିଳ୍ପୀ । ମୋ' ପାଇଁ ସେ କେବଳ ଜଣେ କଥାକାର ବା ସାହିତ୍ୟ ସାଧକ ନୁହଁନ୍ତି । ୧୯୭୦-୭୧ ମସିହା, ଛାତ୍ରୀ ଜୀବନରୁ ଏ ପର୍ଯ୍ୟନ୍ତ ମୋତେ ସ୍ନେହ, ସମ୍ମାନ ଓ ସ୍ୱାଭିମାନର ପଥରେ ହାତ ଧରି ଚଲେଇ ନେଉଥିବା ମୋର ଗୁରୁ, ବନ୍ଧୁ, ସମାଲୋଚକ, ଦିଗ୍‌ଦର୍ଶକ ଭୂମିକାରେ ଏକ ଅଦୃଶ୍ୟ ସ୍ପର୍ଦ୍ଧା ଓ ଅବଲମ୍ବନ । ମୁଁ ଅନୁଭବ କରେ ରାମଚନ୍ଦ୍ର ବେହେରାଙ୍କର ସମସ୍ତ ରଚନାର ଅପୂର୍ବ ଆବେଦନ ମୂଳରେ ଥାଏ ଜଗତ ପ୍ରତି ତାଙ୍କର ଅଦମନୀୟ ଶ୍ରଦ୍ଧାଦୃଷ୍ଟି । ଏହା ଅସହାୟତାକୁ ଶକ୍ତି ଓ କାହାଣୀକୁ ଦର୍ଶନରେ ପରିଣତ କରିଦିଏ । ସେ ଦର୍ଶନ ପାଠକକୁ କେବଳ ପ୍ରଭାବିତ କରେ ନାହିଁ, ପରିବର୍ତ୍ତିତ କରେ, ଉତ୍ତରିତ କରେ । ମୋର ସୌଭାଗ୍ୟ ମୁଁ ଏହି ଋଷିପ୍ରତିମ ସାରସ୍ୱତ ସାଧକଙ୍କର କଲ୍ୟାଣଭାଜନ ହୋଇପାରିଛି ।

**ଡକ୍ଟର ଅପର୍ଣ୍ଣା ମହାନ୍ତି,** ସୁଖ୍ୟାତ କବି, କେନ୍ଦ୍ରାପଡ଼ା



ଡକ୍ଟର ରାମଚନ୍ଦ୍ର ବେହେରାଙ୍କ ପ୍ରାରମ୍ଭିକ ପର୍ଯ୍ୟାୟର ଗଳ୍ପରେ ବିଦ୍ରୋହ, ସଂଘର୍ଷ, ହତାଶାବୋଧର ଚିତ୍ର ବାରିହୁଏ । ମାନବେତର ଚରିତ୍ରକୁ ନେଇ ତାଙ୍କର ଗଳ୍ପଗୁଡ଼ିକ ଭାରି ଶକ୍ତିଶାଳୀ । ଏସବୁ ଗଳ୍ପ ବୃହତ୍ତର ପାଠକ ଗୋଷ୍ଠୀକୁ ଖୁବ୍ ପ୍ରଭାବିତ କରିପାରିଛି । ତାଙ୍କର ପରବର୍ତ୍ତୀ ପର୍ଯ୍ୟାୟ ଗଳ୍ପମାନଙ୍କରେ ସ୍ଥିତିବାଦୀ ଚେତନା ସ୍ପଷ୍ଟ ପରିଲକ୍ଷିତ ହୋଇଥାଏ । ମଣିଷକୁ ଅପରାଜେୟ ଦୃଷ୍ଟିକୋଣରୁ ବିଚାର କରିବା ତାଙ୍କ ଗଳ୍ପର ବିଶେଷତ୍ୱ । ତାଙ୍କ ଗଳ୍ପକଳା ଓ ବର୍ଣ୍ଣନା ଶୈଳୀ ସ୍ୱତନ୍ତ୍ର ଓ ଅନନ୍ୟ । ଏହା ସମ୍ପୂର୍ଣ୍ଣ ରାମଚନ୍ଦ୍ରୀୟ ।

**ସରୋଜ କୁମାର ମହାନ୍ତି,**
ସଦସ୍ୟ, ଓଡ଼ିଶା ସାହିତ୍ୟ ଏକାଡେମୀ, କେନ୍ଦ୍ରାପଡ଼ା



ଦୀର୍ଘଦିନ ଧରି ଓଡ଼ିଆ ସାହିତ୍ୟର କଥା ମଞ୍ଚରେ ଏକ ମର୍ଯ୍ୟାଦାଜନକ ଆସନରେ ଆସୀନ ଥିବା କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ବରିଷ୍ଠ କଥାକାର ଡକ୍ଟର ରାମଚନ୍ଦ୍ର ବେହେରା ତଥା ଆମ ସମସ୍ତଙ୍କ ପ୍ରିୟ ସାର୍ ଜଣେ ଜୀବନବାଦୀ ସମ୍ବେଦନଶୀଳ କଥାଶିଳ୍ପୀ । ତାଙ୍କ ଗଳ୍ପର ସର୍ବଶ୍ରେଷ୍ଠ ଆକର୍ଷଣ କାହାଣୀ ବା ଗଳ୍ପଭାଗ । ମଣିଷର ମନୋରାଜ୍ୟ ପରି ବିସ୍ତୃତ ତାଙ୍କ କାହାଣୀ କହିବାର ଶୈଳୀ । କଥାକାରଙ୍କ କଥାର ଚରିତ୍ରମାନେ ସଂଘର୍ଷ କରନ୍ତି । କିନ୍ତୁ ଏପରି ଜୀବନକୁ ସହ୍ୟ କରିବାକୁ ଏବଂ ଯଦି ସମ୍ଭବ ହୁଏ ଏହାକୁ ସୁନ୍ଦର କରିବାକୁ ସଂକଳ୍ପବଦ୍ଧ ହୋଇଥାନ୍ତି । ଗଳ୍ପ ବ୍ୟତୀତ ନାଟକ ରଚନାରେ ଅସମ୍ଭବ କ୍ଷମତା ରଖିଥିବା ଏ ଲେଖକ ଓଡ଼ିଆ କଥା ସାହିତ୍ୟ ଜଗତର ଜଣେ ସର୍ବକାଳୀନ ଧୂରୀଣ ଶିଳ୍ପୀ ।

**ନବଜ୍ୟୋତି ରାୟ,** ସୁଖ୍ୟାତ କବି, ଜୟୀପୁରା, କେନ୍ଦ୍ରାପଡ଼ା

ମସିହାରେ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ପାଇଥିଲେ । ସେହିଭଳି ୨୦୦୯ରେ ସେ ବିଷୁବ ପୁରସ୍କାର ପାଇଥିଲେ ଏବଂ ସେହିବର୍ଷ ତାଙ୍କୁ 'ଭାରତୀୟ ଭାଷା ପରିଷଦ ସାଧନା ସମ୍ମାନ' ମିଳିଥିଲା । ଏହାବ୍ୟତୀତ ରାମଚନ୍ଦ୍ର ବେହେରା ଓଡ଼ିଶାର ଅନେକ ଅନୁଷ୍ଠାନ ପକ୍ଷରୁ ପୁରସ୍କୃତ ଓ ସମ୍ବର୍ଦ୍ଧିତ ହୋଇଛନ୍ତି ।

ରାମଚନ୍ଦ୍ର ବେହେରାଙ୍କ ଉପନ୍ୟାସର କ୍ଷେତ୍ର ମଧ୍ୟ ବେଶ୍ ବ୍ୟାପକ ଓ ଦୀର୍ଘ । ସେ ପନ୍ଦରରୁ ଊର୍ଦ୍ଧ୍ୱ ଉପନ୍ୟାସ ରଚନା କରିଛନ୍ତି । ସେହିସବୁ ଉପନ୍ୟାସ ପୁସ୍ତକଗୁଡ଼ିକ ହେଲ, ୧. ଅଭିନୟର ପରିଧି, ୨. ମୁକ୍ତିର ରୂପରେଖ, ୩. ଧୂସର ସୂର୍ଯ୍ୟାସ୍ତ, ୪. ମୁଁ ଫେରି ଆସିଛି, ୫. ମନିକା ଏବେ କେଉଁଠି, ୬. ଦୁଆର ଟପିଲେ ବାଟ, ୭. କିପରି ନିଆଯାଏ ନିଷ୍ପତ୍ତି, ୮. ପାଦ ତଳର ମାଟି, ୯. ରାତିର ଶେଷ ପୃଷ୍ଠା, ୧୦. ଚିହ୍ନା ଅଚିହ୍ନା, ୧୧. ନିଖୋଜ ଅପରାଧୀ, ୧୨. ମରୀଚିକାର ମହକ, ୧୩. ଏଇଠି ଆକାଶ, ୧୪. କୋଟିବସ୍ତ୍ର, ୧୫. ଜୀବନ ପାତ୍ର ।

## ଲେଖକୀୟ ଜୀବନର ଅଙ୍କୁରୋଦ୍‌ଗମ

ଗପଲେଖା ପ୍ରତି ତାଙ୍କର ଅହେତୁକ ଆଗ୍ରହ ସ୍କୁଲ୍‌ରେ ପାଠପଢ଼ିବା ବେଳୁ । ଅଷ୍ଟମ ଶ୍ରେଣୀରେ ପଢୁଥିବା ବେଳେ ସେ ପାଠ୍ୟପୁସ୍ତକ ସହିତ ଡିଟେକ୍ଟିଭ୍, ଉପନ୍ୟାସ ଭଳି ବହି ପଢ଼ାରେ ମନ ଦେଉଥିଲେ । ଫଳରେ ବିଦ୍ୟାଳୟ ଶିକ୍ଷା ପ୍ରତି ଅବହେଳା କରୁଥିଲେ । ଏହା ସତ୍ତ୍ୱେ ସେ ଶ୍ରେଣୀରେ ଜଣେ ଭଲ ଛାତ୍ର ଥିଲେ ।

୧୯୫୩ ମସିହାରେ ଡକ୍ଟର ବେହେରା ସେତେବେଳକୁ ଦ୍ୱିତୀୟ କି ତୃତୀୟ ଶ୍ରେଣୀରେ ପଢୁଥାନ୍ତି । ଗାଁରେ ତାଙ୍କର ସିମେଣ୍ଟ୍ କାନ୍ଥ ସାଙ୍ଗକୁ ଟାଇଲ୍ ଛପର ଘର । ବାକି ଅନ୍ୟମାନଙ୍କର ନଡ଼ା ଛପର ଘର । ଦିନେ ଗାଁର ଦେହୁରୀ (ପୂଜକ)ଙ୍କ ମାଟି ଛପର ଘରେ ନିଆଁ ଲାଗିଗଲା । ନିଆଁ ଲାଗି ପୂଜକଙ୍କ ଘର ସମ୍ପୂର୍ଣ୍ଣ ଧ୍ୱଂସ ପାଇଗଲା । ଏହି ଅଗ୍ନିକାଣ୍ଡକୁ ଶିଶୁ ରାମଚନ୍ଦ୍ର ନିଜ ଆଖିରେ ଦେଖି ଭୀଷଣ ଆତଙ୍କିତ ହୋଇ ପଡ଼ିଥିଲେ । ଘର ଜଳିଯିବା ପରେ ପୂଜକଙ୍କ ପରିବାର ଆସି ରାମଚନ୍ଦ୍ରଙ୍କ ବାପା ଲକ୍ଷ୍ମୀଧର ବେହେରାଙ୍କ ଘରେ ଦୀର୍ଘଦିନ ଧରି ଆଶ୍ରୟ ନେଇଥିଲେ । ଏହି ଅଗ୍ନିକାଣ୍ଡ ଘଟଣା ଶିଶୁ ରାମଚନ୍ଦ୍ରଙ୍କୁ ଗଭୀର ମାନସିକ ଆଘାତ ଦେଇଥିଲା । ଏହି ଭୟ ପରବର୍ତ୍ତୀ ଅବସ୍ଥାରେ ତାଙ୍କର ସୃଜନକ୍ରିୟାକୁ ପ୍ରଭାବିତ କରିଥିଲା । ଏହାକୁ ନେଇ ସେ ରଚନା କରିଥିଲେ ତାଙ୍କର ଅନ୍ୟତମ ପ୍ରଭାବଶାଳୀ ଗପ 'ବିପର୍ଯ୍ୟୟର ନକ୍ସା' ।

ଏମ୍‌ଇ ସ୍କୁଲ୍‌ରେ ପଢୁଥିବା ବେଳେ ରାମଚନ୍ଦ୍ର ସ୍କଲାର୍‌ସିପ୍ ପାଇଥିଲେ । ଏମ୍‌ଇ ସ୍କୁଲ୍ ପର୍ଯ୍ୟନ୍ତ ରାମଚନ୍ଦ୍ର ଜଣେ ମେଧାବୀ ଛାତ୍ର ଥିଲେ । ମାତ୍ର ହାଇସ୍କୁଲ୍‌କୁ ଯିବା ପରେ ପାଠପଢ଼ାରେ ଖୁବ୍ ଅମନଯୋଗୀ ହୋଇ ପଡ଼ନ୍ତି । କେନ୍ଦୁଝର ଡିଏନ୍ ହାଇସ୍କୁଲ୍‌ରେ ପଢ଼ିବା ବେଳେ ରାମଚନ୍ଦ୍ର ପାଠ୍ୟପୁସ୍ତକ ବ୍ୟତୀତ ଅନେକ ଡିଟେକ୍‌ଟିଭ୍, ଉପନ୍ୟାସ ବହି ପଢ଼ି ସାରି ଦେଇଥିଲେ । କେନ୍ଦୁଝର ସହରର କାଳୀପଡ଼ିଆରେ ଥିବା ସେତେବେଳର ତାର୍ପୋଲିନ୍ ଘେରା ସିନେମା ହଲ୍‌କୁ ସେ ଲୁଚି ଲୁଚି ସିନେମା ଦେଖିବାକୁ ଯାଉଥିଲେ । ଥରେ ସିନେମା ଦେଖି ଫେରିବାକୁ ବିଳମ୍ବ ହେବାରୁ ହଷ୍ଟେଲ୍ ସୁପରିଟେଣ୍ଡେଣ୍ଟ୍ ତାଙ୍କୁ ବାହାରେ ଅଟକାଇ ଦେଇଥିଲେ । ଏହା ସତ୍ତ୍ୱେ  ରାମଚନ୍ଦ୍ର ସିନେମା ଦେଖା ଛାଡ଼ି ପାରିନଥିଲେ । ଏହି ନିଶା ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ କରିବା ଯାଏଁ ଜାରି ରହିଥିଲା ।

କାଳୀପଡ଼ିଆର ତାର୍ପୋଲିନ୍ ଘେରା ସିନେମା ହଲ୍ ଉଠିଯାଇ ପରେ ନୂଆକରି 'ତାରିଣୀ ଛବିଘର' ପ୍ରତିଷ୍ଠା ହେଲା । ରାମଚନ୍ଦ୍ରଙ୍କ କୈଶୋର ମନକୁ ସେତେବେଳେ ଏହି ତାରିଣୀ ଛବିଘର ବେଶ୍ ଆନ୍ଦୋଳିତ କରିଥିଲା । ଏବେ ବି ତାରିଣୀ ଛବିଘରର ସିଟ୍‌ଗୁଡ଼ିକୁ ସେ ଝୁରି ହୁଅନ୍ତି ବୋଲି ଡକ୍ଟର ବେହେରା କୁହନ୍ତି । ପରବର୍ତ୍ତୀ ସମୟରେ ପିଲାଦିନର ଏସବୁ ଅଭିଜ୍ଞତା ଓ ଅନୁଭୂତି ତାଙ୍କ ଗଳ୍ପରେ ପ୍ରକାଶ ପାଇଛି ।




ଅଷ୍ଟମ ଶ୍ରେଣୀରେ ପଢୁଥିବା ବେଳେ ସେ ଏକ ଉପନ୍ୟାସ ଲେଖି ପକାଇଥିଲେ । ତାଙ୍କର ବହି ଛପେଇବା ପାଇଁ ଏତେ ମାତ୍ରାରେ କୌତୁହଳ ବଢ଼ି ଯାଇଥିଲା, ସେ ଏକ ପ୍ରେସ୍‌କୁ ଯାଇ ପ୍ରେସ୍ ମାଲିକଙ୍କ ସହ କଥାବାର୍ତ୍ତା କରିଥିଲେ । ଗୋଟିଏ ୧୦୦ ପୃଷ୍ଠିଆ ବହି ଛପେଇବା ପାଇଁ ଆନୁମାନିକ କେତେ ଟଙ୍କା ଖର୍ଚ୍ଚ ହେବ ବୋଲି ପ୍ରେସ୍ ମାଲିକଙ୍କ ସହ କଥା ହେଲା ବେଳେ ପ୍ରେସ୍ ମାଲିକ ତାଙ୍କ ମୁହଁକୁ ଚାହିଁଥିଲେ । କିନ୍ତୁ ସେ ଲେଖି ପାରିବେ ବୋଲି ତାଙ୍କର ଏକ ଦୃଢ ଆତ୍ମବିଶ୍ୱାସ ଜାତ ହୋଇଥିଲା । ବହୁ ଘାତ, ପ୍ରତିଘାତ, ଅସଫଳତା, ନୈରାଶ୍ୟ, ଅସ୍ଥିରତା ସତ୍ତ୍ୱେ ଅଧ୍ୟାପକ ଜୀବନର ଆରମ୍ଭ କାଳରେ ତାଙ୍କର ପ୍ରଥମ ଗଳ୍ପ 'ଶେଷ ସୂର୍ଯ୍ୟର ବହ୍ନି' ପ୍ରକାଶ ପାଇଥିଲା କଲିକତାରୁ ବାହାରୁଥିବା ପତ୍ରିକା 'ନବରବି'ରେ ।


ତାଙ୍କର ପ୍ରଥମ ପ୍ରକାଶିତ ଗଳ୍ପ 'ଶେଷ ସୂର୍ଯ୍ୟର ବହ୍ନି' ଲେଖିବା ପଛରେ ଏକ ଚମତ୍କାର କାହାଣୀ ରହିଛି । ଡକ୍ଟର ବେହେରା ସେତେବେଳେ କେନ୍ଦ୍ରାପଡ଼ା କଲେଜ୍‌ର ଲେକ୍‌ଚର୍ସ ବାରାକ୍‌ରେ ରହୁଥାନ୍ତି । ଏହି ଲେକ୍‌ଚର୍ସ ବାରାକ୍‌ରେ ସମସ୍ତ ଅଧ୍ୟାପକମାନଙ୍କ ପାଇଁ କମନ୍ ଲାଟ୍ରିନ୍, ବାଥ୍‌ରୁମ୍ ଥିଲା । ଏହା ଫଳରେ ଅଧ୍ୟାପକମାନଙ୍କୁ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଥିଲା । କଲେଜ୍ କର୍ତ୍ତୃପକ୍ଷ ବିଚାର କଲେ ଲେକ୍‌ଚର୍ସ ବାରାକ୍‌ର ପ୍ରତ୍ୟେକ ରୁମ୍ ପଛପଟକୁ ଗୋଟିଏ ଗୋଟିଏ ଲାଟ୍ରିନ୍, ବାଥ୍‌ରୁମ୍ ସଂଲଗ୍ନ କରିବାକୁ । କିନ୍ତୁ ଏସବୁ ଲାଟ୍ରିନ୍, ବାଥ୍‌ରୁମ୍‌ର ଆଗ ପଟକୁ ବଏଜ୍ ହଷ୍ଟେଲ୍ ଥିଲା । ଏଠି ଲାଟ୍ରିନ୍, ବାଥ୍‌ରୁମ୍ ନିର୍ମାଣ କଲେ ହଷ୍ଟେଲ୍‌ରେ ରହୁଥିବା ଛାତ୍ରମାନେ ଅଧ୍ୟାପକମାନଙ୍କ ସୁନ୍ଦରୀ, ଅସୁନ୍ଦରୀ ଓ ଅତି ସୁନ୍ଦରୀ ପତ୍ନୀମାନଙ୍କ ଗାଧୁଆବେଳର ଚିତ୍ର ଦେଖିବାକୁ କୌତୁହଳୀ ହୋଇପଡ଼ିବେ ବୋଲି ରାମଚନ୍ଦ୍ର ବେହେରା କହିଥିଲେ । ଯୁବ ଅଧ୍ୟାପକ ରାମଚନ୍ଦ୍ର ବେହେରାଙ୍କ ଏହି ମନ୍ତବ୍ୟ ସେତେବେଳେ ଅନ୍ୟ ଅଧ୍ୟାପକମାନଙ୍କ ଭିତରେ ହାସ୍ୟରୋଳ ସୃଷ୍ଟି କରିଥିଲା । ଏହି ଘଟଣା ହିଁ ତାଙ୍କୁ 'ଶେଷ ସୂର୍ଯ୍ୟର ବହ୍ନି' ଗପ ଲେଖିବାକୁ ପ୍ରେରିତ କରିଥିଲା । ଆଉ ତାଙ୍କର ଏହି ପ୍ରଥମ ଗପ ସୁପର୍ ହିଟ୍ ହୋଇଥିଲା, ଅର୍ଥାତ୍ ପଦାର୍ପଣ ମ୍ୟାଚ୍‌ରେ ସେ ସେଞ୍ଚୁରି କରିବାରେ ସଫଳ ହୋଇଥିଲେ ।

ରାମଚନ୍ଦ୍ର ବେହେରାଙ୍କ ଗଳ୍ପ 'ଅନ୍ତିମ ଦୃଶ୍ୟ' ତାଙ୍କୁ ଆନ୍ତର୍ଜାତୀୟ ସ୍ତରରେ ଖୁବ୍ ପରିଚିତି ଦେଇଥିଲା । ଏହି ଗପଟି ଆମେରିକାର ନ୍ୟୁୟର୍କସ୍ଥିତ 'ଓ୍ୱାନ୍ ଷ୍ଟୋରି' ପକ୍ଷରୁ 'ସ୍ନେକ୍‌ଚାର୍ମର' ଶୀର୍ଷକରେ ଅନୁଦିତ ହେବା ପରେ ରାମଚନ୍ଦ୍ର ବେହେରା ରାତାରାତି ଆନ୍ତର୍ଜାତୀୟ ସ୍ତରରେ ଲୋକପ୍ରିୟ ହୋଇ ଉଠିଥିଲେ । ରାମଚନ୍ଦ୍ର ବେହେରା ଇଂରାଜୀ ଭାଷା ସାହିତ୍ୟର ଅଧ୍ୟାପକ ହୋଇଥିଲେ ମଧ୍ୟ ସେ କାହିଁକି ଇଂରାଜୀରେ ଲେଖନ୍ତି ନାହିଁ ବୋଲି ପ୍ରଶ୍ନର ଉତ୍ତରରେ କହନ୍ତି, ସେ ତାଙ୍କ ନିଜର ଏକ ଓଡ଼ିଆ ଗପକୁ ଇଂରାଜିରେ ଅନୁବାଦ କରିଥିଲେ । ଏହା ସହିତ ଆଉ କେତେ ଜଣ କବିଙ୍କ କବିତାକୁ ମଧ୍ୟ ଇଂରାଜିରେ ଅନୁବାଦ କରିଥିଲେ । ମାତ୍ର ଏହି କାର୍ଯ୍ୟ କଲାବେଳେ ସେ ଅଣନିଶ୍ୱାସୀ ଅନୁଭବ କରିଥିଲେ । ସେ କହନ୍ତି ନିଜର ଗଭୀରତମ ଅନୁଭବକୁ ପ୍ରକାଶ କରିବା ପାଇଁ ନିଜ ମାତୃଭାଷା ହିଁ ତାଙ୍କ ପାଇଁ ଆବେଗମୟ ମାଧ୍ୟମ । ଏଣୁ ନିଜ ମାତୃଭାଷାରେ ଲେଖାଲେଖି କରିବାକୁ ସେ ଅଧିକ ସ୍ୱଚ୍ଛନ୍ଦ ଅନୁଭବ କରନ୍ତି ।

କଲେଜ୍‌ରେ ଛାତ୍ରାବସ୍ଥାରେ ସେ ନିୟମିତ ଭାବେ ଇଂରାଜୀ 'ଷ୍ଟେଟ୍‌ସ୍‌ମ୍ୟାନ୍' ଖବରକାଗଜ ପଢୁଥିଲେ ଏବଂ ଥରେ ଗୋଟିଏ ରୋମାଞ୍ଚକର ଖବର ଏଥିରେ ପ୍ରକାଶ ପାଇଥିଲା । ଚିଡ଼ିଆଖାନାରୁ ଏକ ବାଘ ଖସି ପଳାଇଥିଲା । ପରେ ଚିଡ଼ିଆଖାନାର କର୍ମଚାରୀମାନେ ବିଭିନ୍ନ ପ୍ରକାର କଳାକୌଶଳ ପ୍ରୟୋଗ କରି ସେ ବାଘଟିକୁ କାବୁ କରିବାରେ ସଫଳ ହୋଇଥିଲେ । ଏଭଳି ଏକ ଖବରକୁ ନେଇ ଗପଟିଏ ଲେଖାଯାଇ ପାରିବ ବୋଲି କେହି କ'ଣ କେବେ କଳ୍ପନା କରି ପାରୁଥିବେ ? ମାତ୍ର ଏହି ଖବରକୁ ନେଇ ରାମଚନ୍ଦ୍ର ବେହେରା ଲେଖିଛନ୍ତି ତାଙ୍କର ଆଉ ଏକ ମାଷ୍ଟରପିସ୍ ଗପ 'ପିଞ୍ଜରା' । ଏହି ଗପଟି ଅନେକ ବର୍ଷ ଧରି ଓଡ଼ିଆ ଏମ୍‌ଏ ପାଠ୍ୟକ୍ରମରେ ସାମିଲ୍ ହୋଇଥିଲା । ଏହାପରେ ରାମଚନ୍ଦ୍ର ବେହେରା ମଣିଷଙ୍କ ଅପେକ୍ଷା ମାନବେତର ଚରିତ୍ରଙ୍କୁ ନେଇ ଅନେକ ଗପ ରଚନା କରନ୍ତି । ସାପ, କଇଁଛ, ଠେକୁଆ, ଚଢ଼େଇ, ସିଂହ, ବାଘଙ୍କୁ ନେଇ ସେ ଅନେକ ଗପ ଲେଖି ପାରିଛନ୍ତି ।

ପିଲାଦିନେ ରାମଚନ୍ଦ୍ର ଗାଁରେ ଚତୁର୍ଥରେ ପଢୁଥିବା ବେଳେ ଗାଁକୁ ଏକ ସାପୁଆ କେଳା ସାପ ଖେଳେଇବାକୁ ଆସିଥିଲା । ସାପୁଆ କେଳା ସାପ ଖେଳାଉଥିବା ବେଳେ ସାପଟି କେତେବେଳେ କେଳାର ଡାହାଣ ହାତର କହୁଣୀ ପର୍ଯ୍ୟନ୍ତ ଗିଳି ସାରିଥିଲା, ମାତ୍ର ସାପୁଆ କେଳା ଏହା ଜାଣି ପାରିନଥିଲା । ପିଲାଦିନର ରାମଚନ୍ଦ୍ରଙ୍କୁ ଏହି ଘଟଣାଟି ଦୀର୍ଘବର୍ଷ ଧରି ମୋହାଚ୍ଛନ୍ନ କରି

ଲୁହରେ ତିଆରି ମଣିଷ : ରାମଚନ୍ଦ୍ର ବେହେରା



ରଖିଥିଲା । ପରେ ଏହି ଘଟଣାକୁ ନେଇ ସେ ଲେଖିଛନ୍ତି ତାଙ୍କର ଅନ୍ୟତମ ସଫଳ ଗପ 'ଅନ୍ତିମ ଦୃଶ୍ୟ' । ରାମଚନ୍ଦ୍ର କହନ୍ତି, ଏବେ ବି ତାଙ୍କୁ ଲାଗେ ସେ ସାପଟି ସତେ ଯେମିତି ପାଟି ଆଁ କରି ସମୁଦାୟ ମଣିଷକୁ ଗ୍ରାସ କରିବାକୁ ଚାହୁଁଛି । ଗପରେ ସାପକୁ ଏକ ଅନିୟନ୍ତ୍ରିତ ପ୍ରାକୃତିକ ଶକ୍ତି ଭାବେ ଉପସ୍ଥାପନ କରାଯାଇଛି ।

ମାଟ୍ରିକ୍ ପଢ଼ିବାବେଳୁ ଛାତ୍ର ରାମଚନ୍ଦ୍ର ଲେଖକ ହେବାର ସ୍ୱପ୍ନ ଦେଖି ସାରିଥିଲେ । ସେ ଜଣେ ଭଲ ଛାତ୍ର ଥିଲେ । ସ୍କଲାରସିପ୍ ପାଉଥିଲେ । କିନ୍ତୁ ପାଠପଢ଼ାକୁ ଅବହେଳା କରି ସେ ଗପ, ଉପନ୍ୟାସ, ନାଟକ, ଡିଟେକ୍ଟିଭ୍ ପଢୁଥିଲେ । ୧୯୬୯ ମସିହାରେ କେନ୍ଦ୍ରାପଡ଼ା କଲେଜ୍‌ରେ ଯୋଗ ଦେବା ପରେ ତାଙ୍କର ଲେଖକୀୟ ଜୀବନ ଅଧିକ ମାତ୍ରାରେ ବ୍ୟାପକ ହେଲା । ଗଭୀର ଅନ୍ତର୍ଦୃଷ୍ଟି ଓ କଳ୍ପନାପ୍ରବଣତା ରାମଚନ୍ଦ୍ର ବେହେରାଙ୍କ ସଫଳ ଗାଳ୍ପିକ ଜୀବନର ମନ୍ତ୍ର । ଜୀବନର ଅଭିଜ୍ଞତାକୁ ଆଧାର କରି ରାମଚନ୍ଦ୍ର ଲେଖିଛନ୍ତି ଅନେକ ସଫଳ କାହାଣୀ । ସେ ନିରୀକ୍ଷଣ କରନ୍ତି ମଣିଷ ଚରିତ୍ରର ଉପାଦାନ । କେହି କେହି ସମାଲୋଚକ ରାମଚନ୍ଦ୍ର ବେହେରାଙ୍କୁ ଓଡ଼ିଆ ଗଳ୍ପ ପୃଥିବୀରେ ଏକ ଦିଗନ୍ତବିସ୍ତାରୀ ସବୁଜିମା ଏବଂ ଗଳ୍ପ ଆକାଶରେ ଚତୁର୍ଦ୍ଦଶୀର ଚନ୍ଦ୍ର ଭାବେ ବର୍ଣ୍ଣିତ କରିଥାନ୍ତି ।

## ନାଟ୍ୟକାର ରାମଚନ୍ଦ୍ର

ଏକଦା ଆକାଶବାଣୀ କଟକ କେନ୍ଦ୍ରରୁ ଡ. ରାମଚନ୍ଦ୍ର ବେହେରାଙ୍କ ନାଟକ ଶୁଣିବାକୁ ପ୍ରତି ସୋମବାର ରାତି ସାଢେ ୯ଟା ସମୟକୁ ଶ୍ରୋତାଗଣ ରେଡିଓ ଖୋଲି ଉତ୍ସୁକତାର ସହ ଅପେକ୍ଷା କରୁଥିଲେ । ରାମଚନ୍ଦ୍ର ବେହେରାଙ୍କ ନାଟକ ତତ୍କାଳୀନ ଓଡ଼ିଶାର ପଲ୍ଲୀ ଶ୍ରୋତାମାନଙ୍କର ଏକ ଶ୍ରେଷ୍ଠ ମନୋରଞ୍ଜନର ମାଧ୍ୟମ ପାଲଟିଥିଲା । ଗଳ୍ପ, ଉପନ୍ୟାସ ବ୍ୟତୀତ ରାମଚନ୍ଦ୍ର ବେହେରାଙ୍କର ନାଟ୍ୟକାର ଭାବେ ଅଲଗା ପରିଚୟ ରହିଛି । ଜଣେ ଅପ୍ରତିଦ୍ୱନ୍ଦ୍ୱୀ ବେତାର ନାଟ୍ୟକାର ଭାବେ ନାଟ୍ୟସାହିତ୍ୟକୁ ତାଙ୍କର ଅବଦାନ ଅତୁଳନୀୟ । ସେ କୋଡ଼ିଏରୁ ଊର୍ଦ୍ଧ୍ୱ ବେତାର ନାଟକ ରଚନା କରିଛନ୍ତି । ଏସବୁ ନାଟକ ଆକାଶବାଣୀ କଟକ କେନ୍ଦ୍ରରୁ ପ୍ରସାରିତ ହୋଇଛି । ସେହିଭଳି ସେ ୧୦ରୁ ଊର୍ଦ୍ଧ୍ୱ ମଞ୍ଚ ନାଟକ ରଚନା କରିଛନ୍ତି । ପ୍ରତିବର୍ଷ ଆକାଶବାଣୀ କଟକ କେନ୍ଦ୍ର ପକ୍ଷରୁ 'ନାଟକ ସପ୍ତାହ ଉତ୍ସବ' ଆୟୋଜିତ ହୋଇଥାଏ । ଏଥିରେ ରାମଚନ୍ଦ୍ର ବେହେରାଙ୍କ ନାଟକ ଶୁଣିବାକୁ ଶ୍ରୋତାଗଣ ରେଡିଓ ଖୋଲି ଆଗ୍ରହର ସହ ଅପେକ୍ଷା କରିଥାନ୍ତି । ରାମଚନ୍ଦ୍ର ବେହେରାଙ୍କ 'କୁରୁକ୍ଷେତ୍ରର ଠିକଣା', 'ଛବି' ଓ 'ଅସ୍ଥାୟୀ ଠିକଣା' ଭଳି ସଫଳ ରେଡିଓ ନାଟକ ଓଡ଼ିଶାର ପଲ୍ଲୀ ଶ୍ରୋତାଙ୍କ ମନ କିଣିବାରେ ସଫଳ ହୋଇପାରିଛି ।

## ଛାତ୍ରଛାତ୍ରୀଙ୍କ ପ୍ରିୟ 'ରାମ ସାର୍'

କେନ୍ଦ୍ରାପଡ଼ା କଲେଜ୍ ଗାଳ୍ପିକ ରାମଚନ୍ଦ୍ର ବେହେରାଙ୍କ ସାରସ୍ୱତ ସାଧନାର କେନ୍ଦ୍ରବିନ୍ଦୁ ଥିଲା । ଅନେକେ ଭାବୁଥିବେ ଗାଳ୍ପିକ ରାମଚନ୍ଦ୍ର ବେହେରା ନିଜ ଅଧ୍ୟାପନା ବୃତ୍ତି ପ୍ରତି ଉଚିତ୍ ନ୍ୟାୟ ଦେଇ ପାରୁନଥିବେ । ମାତ୍ର, ଏ ଭାବନାକୁ ଭୁଲ୍ ପ୍ରମାଣିତ କରିଛନ୍ତି ରାମଚନ୍ଦ୍ର । ସେ ଜଣେ ଛାତ୍ରବତ୍ସଳ ଅଧ୍ୟାପକ- ଏକଥା ତାଙ୍କର ପୂର୍ବତନ ଛାତ୍ରଛାତ୍ରୀମାନେ ଅନେକ ସ୍ଥାନରେ ସ୍ୱୀକାର କରିଛନ୍ତି । ଛାତ୍ରଛାତ୍ରୀଙ୍କୁ ସେ ନିଜ ପୁଅ, ଝିଅ ଭଳି ଭଲ ପାଉଥିଲେ ।

ଥରେ ଜଣେ ଏମ୍‌ଫିଲ୍ ଛାତ୍ରୀଙ୍କୁ ଗାଳ୍ପିକ ରାମଚନ୍ଦ୍ର ବେହେରା ହସି ହସି ପ୍ରଶ୍ନ କଲେ, "ମୁଁ ତୁମର କିଏ ?" ଏହାର ଉତ୍ତରରେ ସମ୍ପୃକ୍ତ ଛାତ୍ରୀ କହିଥିଲେ, "ତୁ ମୋର ଗେହ୍ଲା ପୁଅ ।" ସେ ଛୋଟ ଝିଅଟାର ଏ କଥାରେ ରାମଚନ୍ଦ୍ର ବେହେରାଙ୍କ ଆଖିକୁ ଲୁହ ଆସି ଯାଇଥିଲା । କେବଳ ସେହି ଛାତ୍ରୀ ନୁହଁନ୍ତି ବରଂ ଅନେକ ଛାତ୍ରୀ ତାଙ୍କୁ ପୁଅ ଭଳି ଆଦର କରନ୍ତି । ଛାତ୍ରଛାତ୍ରୀଙ୍କ ସହ ଏ ଅନାବିଳ ସମ୍ପର୍କ ରାମଚନ୍ଦ୍ରଙ୍କୁ ଅଧିକ ଲେଖାଲେଖି କରିବାକୁ ପ୍ରେରଣା ଯୋଗେଇଥାଏ । କ୍ଲାସ୍‌ରେ ରାମଚନ୍ଦ୍ର ଛାତ୍ରଛାତ୍ରୀଙ୍କ ସହ ବନ୍ଧୁ ଭଳି ବ୍ୟବହାର କରିଥାନ୍ତି ବୋଲି ଅନେକ ପୂର୍ବତନ ଛାତ୍ରଛାତ୍ରୀ କହନ୍ତି ।

## ରାମଚନ୍ଦ୍ର ଓ 'ଲଭ୍ ଲେଟର୍'

ଓଡ଼ିଶାର ଲବ୍ଧପ୍ରତିଷ୍ଠ ଗାଳ୍ପିକ ରାମଚନ୍ଦ୍ର ବେହେରା ପ୍ରେମରେ କିନ୍ତୁ ବିଗ୍ ଜିରୋ । ସେ ତାଙ୍କ ଛାତ୍ର ଜୀବନରେ କେବେ ବି କେଉଁ ଝିଅକୁ ପ୍ରେମ କରି ନାହାନ୍ତି । କିନ୍ତୁ କଲେଜ୍‌ରେ ପଢୁଥିବା ବେଳେ ସାଙ୍ଗଙ୍କ ପାଇଁ ପ୍ରେମଚିଠି (ଲଭ୍‌ଲେଟର୍) ଲେଖି ବନ୍ଧୁମାନଙ୍କ ପ୍ରେମ ଜୀବନକୁ ମଧୁମୟ କରିବାରେ ସହାୟକ ହୋଇ ପାରିଛନ୍ତି । ସାଙ୍ଗଙ୍କ ପାଇଁ ଅନେକ ପ୍ରେମଚିଠି ଲେଖିଥିବା ରାମଚନ୍ଦ୍ର ନିଜ ପ୍ରେମିକା ପାଇଁ ଖଣ୍ଡେ ବି ପ୍ରେମପତ୍ର ଲେଖିବାର ସୌଭାଗ୍ୟ ଅର୍ଜନ କରିପାରି ନଥିଲେ ।




ଭିନ୍ନ ଦୃଷ୍ଟି

# ପ୍ରତିଭାର ନବେଟି ବସନ୍ତ : ବିଜୟର ବୈଜୟନ୍ତ

## ଜୟନ୍ତ ମହାପାତ୍ର ଏ ରିଡର୍

### ଏକ ଅନୁଶୀଳନ

"For me physics and poetry are not at odds with each other. I suppose they work towards the same direction, towards discovery. Physics has taught me to see things better, just as poetry helps me to take me inside myself...it gives me a sense of wonder, a sense of fascination with which I look at the universe."


**- Jayanta Mohapatra**


**ସନ୍ତୋଷ କୁମାର ନାୟକ**


ସହକାରୀ ପ୍ରଫେସର ଓ ବିଭାଗୀୟ ମୁଖ୍ୟ
ଅଧିସ୍ନାତକ ଓଡ଼ିଆ ବିଭାଗ,
ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ, ବାଲେଶ୍ୱର
ସଂପାଦକ: IJLA,ନିୟୁଓ୍ୱର୍କ, ଯୁକ୍ତରାଷ୍ଟ୍ର ଆମେରିକା
ଫୋନ : ୮୩୨୮୯୦୯୧୫୭




ପଦାର୍ଥ ବିଜ୍ଞାନର ଜଣେ ପ୍ରବୀଣ ପ୍ରାଧ୍ୟାପକ ଯେ ବିଶ୍ୱସ୍ତରରେ ସୂକ୍ଷ୍ମାତିସୂକ୍ଷ୍ମ ଚେତନାର ବାସ୍ତୁକାର ବା ଆର୍କିଟେକ୍ଟ ହୋଇପାରନ୍ତି ଏକଥା ବାହ୍ୟତଃ ଅସ୍ୱାଭାବିକ ବା ଅସଂଲଗ୍ନ ମନେହେଲେ ମଧ୍ୟ ଆଭ୍ୟନ୍ତରୀଣ ସୂତ୍ରରେ ଏ ଦୁଇଟିଯାକ ଘନିଷ୍ଠ-ଅଙ୍ଗାଙ୍ଗୀ । ଏହି ତାର୍କିକ ଯୁକ୍ତିକୁ କବି-ଜୟନ୍ତ ମହାପାତ୍ର ଅତ୍ୟନ୍ତ ସନ୍ତର୍ପଣରେ ସହିତ ସରଳ ଭାଷାରେ ବୁଝାଇ ଦେଇଛନ୍ତି । ଆତ୍ମ ଆବିଷ୍କାର, ଆତ୍ମ ଅନୁଶୀଳନ, ତଥା ଅତି ପାରମାଣବିକ ବସ୍ତୁ ସତ୍ତାର ପ୍ରକୃତି ନିରୂପଣ କଳାପରି ଅଦୃଶ୍ୟ ଜୀବନଧାରାର ଗତି ଓ ପ୍ରକୃତି ବିଚାର କରି ତା'ର ଜ୍ୟାମିତିକ ଚିତ୍ରାଙ୍କନ କରିବାରେ ଜୟନ୍ତଙ୍କ ସିଦ୍ଧହସ୍ତତା ତଥା ବୈଜ୍ଞାନିକ କଳା ଓ କାରିଗରୀ ଅଦ୍ୱିତୀୟ-ଅନୁପମ । ଜୟନ୍ତୀୟ କାବ୍ୟଚେତନା ଏକ "extraordinary quite radiance and piercing silence" ର ଆବିଷ୍କାର କରିଛି । ରାଷ୍ଟ୍ରର ଅତୀତ-ବର୍ତ୍ତମାନ ଓ ଭବିଷ୍ୟତ ପାଇଁ ପ୍ରେରଣା ରହିଛି ଜୟନ୍ତଙ୍କ କବିତାର ଗର୍ଭାଶୟରେ । ଭାରତୀୟ ସମ୍ବେଦନଶୀଳତା, ସାମାଜିକ ବାସ୍ତବତା ଓ ସମକାଳର ସାମାଜିକ ଚିତ୍ର ଉଦ୍‌ଘାଟନ ନିମିତ୍ତ ସାଙ୍କେତିକ-ଉଦ୍ଦୀପକ ଓ ବ୍ୟଞ୍ଜନାତ୍ମକ ଚିତ୍ର ପ୍ରଦାନ କରିବାରେ ଜଣେ ସିଦ୍ଧ ସାରସ୍ୱତ ସାଧକ ହେଉଛନ୍ତି ଜୟନ୍ତ । ଆତ୍ମ-ଅନ୍ୱେଷଣ ଓ ଆତ୍ମ-ଆବିଷ୍କାରର ସାରସ୍ୱତ ସାରଣୀ ହେଉଛି ଜୟନ୍ତଙ୍କ କବିତା । Passion ଓ profession କୁ ପରିପୂରକ କରି ଜୀବନର ନାନ୍ଦୀପାଠ କରିବାର କଳା ଓ ଇଲେକ୍ଟ୍ରୋନ୍ ମଡ଼େଲ୍ ପରି ଜୀବନର ମଡେଲ ଆଙ୍କିବାରେ ସେ ସିଦ୍ଧହସ୍ତ । ଜୟନ୍ତୀୟ ବହୁମୁଖୀ ପ୍ରତିଭାର ନବତି (ନବେଟି) ବସନ୍ତର ବିଜୟ ବୈଜୟନ୍ତ: ଜୟନ୍ତ ମହାପାତ୍ର, ଏ ରିଡର୍: ଏକ ପୁନରନୁଶୀଳନ ।



ସାହିତ୍ୟ ଅକାଦେମି, ନୂଆଦିଲ୍ଲୀ ଦ୍ୱାରା ୨୦୧୮ ମସିହାରେ ପ୍ରକାଶିତ ତଥା ଦ୍ୱିଭାଷୀ କବି ଦୁର୍ଗା ପ୍ରସାଦ ପଣ୍ଡାଙ୍କ ଦ୍ୱାରା ସମ୍ପାଦିତ ୪୫୦ପୃଷ୍ଠା ବିଶିଷ୍ଟ 'ଜୟନ୍ତ ମହାପାତ୍ର ଏ ରିଡର୍' ଶୀର୍ଷକ ପୁସ୍ତକ ପ୍ରଜ୍ଞାପୁରୁଷ, ଯଶସ୍ୱୀ କବି ଶ୍ରୀଯୁକ୍ତ ଜୟନ୍ତ ମହାପାତ୍ରଙ୍କ ବହୁମୁଖୀ ପ୍ରତିଭା ନିମିତ୍ତ ଉଦ୍ଦିଷ୍ଟ ଯଥାମାନ୍ୟ ସାରସ୍ୱତ ନୈବେଦ୍ୟ ମାତ୍ର । ଜୟନ୍ତ ମହାପାତ୍ର ପାଠମାଳା (Jayanta Mohapatra A Reader) ପୁସ୍ତକଟିର ଚମତ୍କାର ଉପୋଦ୍‌ଘାତ ସଂଯୋଜନା କରିଛନ୍ତି ପୁସ୍ତକର ସମ୍ପାଦକ ତଥା ବିଶିଷ୍ଟ ଅନୁବାଦକ ଦୁର୍ଗାପ୍ରସାଦ ପଣ୍ଡା । ଏହି ପ୍ରସ୍ତାବନାଧର୍ମୀ ଗୁଣାତ୍ମକ ଆମୁଖଟିର ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପାଦନାକୁ ବାସ୍ତବରେ ଋଦ୍ଧିମନ୍ତ କରି ଗଢ଼ି ତୋଳିଛି । ଏହି ଉପୋଦ୍‌ଘାତ (Introduction)କୁ ଛାଡ଼ିଦେଲେ ସମଗ୍ର ପୁସ୍ତକଟି ଅନ୍ୟାନ୍ୟ ଚଉଦଗୋଟି ପ୍ରଭାଗ ଯୋଗେ ସମୃଦ୍ଧ ହୋଇଛି । ସେଗୁଡ଼ିକ ଏହିପରି: ୧. ଦର୍ପଣରେ ନିଜେ (Looking into the Mirror) , ୨. ସୂକ୍ଷ୍ମ ସଂଦର୍ଶନ (Close Encounters), ୩. ଜୟନ୍ତ ମହାପାତ୍ରଙ୍କୁ ନେଇ କବିତା (Poems on Jayanta Mahapatra) ୪. ସମୀକ୍ଷାତ୍ମକ ପ୍ରଚକ୍ଷୁରେ ଜୟନ୍ତ ମହାପାତ୍ର (Jayanta Mahapatra: through critical Lens), ୫. ପୁନରୀକ୍ଷାବଳୀ (Reviews), ୬. ବିମୁକ୍ତିକରଣର କବିତା (Poetry as liberation) ୭. ପତ୍ରାଚାର ଓ ସାଙ୍ଗତ୍ୟ (Letters and Correspondence) ୮. ଜଣେ ପର୍ଯ୍ୟଟକ ଭାବରେ କବି (The poet as a Traveller), ୯. ମାଟିର ବାସ୍ନା (Scent of the Soil), ୧୦. ଜୟନ୍ତ ମହାପାତ୍ରଙ୍କ ସହ କଥାବାର୍ତ୍ତା (Jayanta Mahapatra in Conversation with), ୧୧. ସତୀର୍ଥ କବିବନ୍ଧୁଙ୍କ ସମ୍ପର୍କରେ ଆଲେଖ୍ୟ (Writings on fellow Poets) ୧୨. ଜଣେ ଗମ୍ଭୀର ସମୀକ୍ଷକ ମୁଦ୍ରାରେ କବି (ପ୍ରବନ୍ଧାବଳୀ) (The Poet as a Serious Critic Essays), ୧୩. ଅଗ୍ରଂଥିତ କବିତାବଳୀ (Uncollected Poems), ୧୪. କ୍ଷୁଦ୍ରଗଳ୍ପାବଳୀ (Short Stories) ।



*Jayanta Mahapatra: A Reader* is a comprehensive volume that brings together carefully curated works of and on Mahapatra, one of the major voices among the Indian English poets. From his deft and lucid compositions that effortlessly take us from a melancholic world to that of passions to unquestionably brilliant reflections on his works, this book exposes the vastness of his imagination and creative genius. Apart from Mahapatra's indelible poems, this Reader is a rich and sophisticated tapestry of critical essays, interviews and poems from scholars like K. Satchidanandan, Keki N. Daruwalla, John Oliver Perry, P. P. Raveendran, R. Parthasarathy, Arvind Krishna Mehrotra and Madhusudan Prasad, among others.

**Jayanta Mahapatra** (b. 1928) has earned a considerable reputation as a poet both in India and abroad for his powerful, haunting and visionary work. He has 42 books to his credit including *Close the sky, Ten by Ten, Svayamvara and Other Poems, A Father's Hours, A Rain of Rites, Waiting, The False Start, Relationship, Dispossessed Nests,* and *Burden of Waves and Fruit: Poems.* His works have been widely anthologized, and accounts on him and his poems have appeared in many reputed journals of the world. He has won many coveted awards including the Jacob Glastein Memorial Award, Padmashree Award and the Sahitya Akademi Award. He was the Indo-Soviet Exchange Writer in the USSR in 1985, and in 1986 a Resident Poet at the Rockefeller Cultural Foundation in Lake Como, Italy.

**Durga Prasad Panda** (b. 1970) is a bilingual poet and critic whose works have appeared in reputed journals across the country and abroad. Publications apart, his honours include Indian Literature Translation Prize, Utkal Sahitya Samaj Youth Award and Kalinga Litfest Award, among others.



ପୁସ୍ତକର ସ୍ୱୀକାରୋକ୍ତି ଉତ୍ତାରେ ସ୍ରଷ୍ଟା ଜୟନ୍ତ ମହାପାତ୍ରଙ୍କ କାଳାନୁକ୍ରମିକ ତୈଥିକୀ (Chronology)ଟିଏ ପ୍ରସ୍ତୁତ କରିଛନ୍ତି ସମ୍ପାଦକ । ଏଥିରେ ତାଙ୍କର ଜନ୍ମସମୟ, ପୂର୍ବ ଉପଜୀବିକା, ଇଂରାଜୀ କବିତାଗ୍ରନ୍ଥ ପ୍ରକାଶନ, ଓଡ଼ିଆ କବିତାଗ୍ରନ୍ଥ ପ୍ରକାଶନ, ଅନୂଦିତ କବିତାଗ୍ରନ୍ଥ, ବିବିଧ କବିତାବଳୀ, କ୍ଷୁଦ୍ରଗଳ୍ପ ଗ୍ରନ୍ଥ, ପ୍ରବନ୍ଧ ଓ ସଂସ୍କରଣ ପ୍ରକାଶନ, ଆତ୍ମଜୀବନୀ, ବିଭିନ୍ନ ସଂକଳିତ ପୁସ୍ତକ ପରିଚୟ, ସମ୍ମାନ ଓ ସ୍ୱୀକୃତି, ପୁରସ୍କାର ଓ ଆମନ୍ତ୍ରିତ ସମ୍ଭାଷଣ, ସମ୍ପାଦନା, ଜୀବନୀ ଓ ବୈଦେଶିକ ପ୍ରକାଶନ ପ୍ରଭୃତି ସନ୍ନିବେଶିତ ।

ସମ୍ପାଦକଙ୍କ ଚମତ୍କାର ଉପୋଦ୍‌ଘାତ ପୁସ୍ତକର ଏକ ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟାୟ ଏବଂ ଆକର୍ଷଣ । ଏହର ଶୀର୍ଷକ ରହିଛି- A lightness in the Air: Liberation in the Poetry of Jayanta Mahapatra । ଏହି ଶୀର୍ଷକରୁ ଏହାର ବ୍ୟଞ୍ଜନା ଶକ୍ତିକୁ ଅନୁମାନ କରାଯାଇପାରେ । ନିଟୋଳ କବିତ୍ୱର ଉପାଦାନରେ ଗଢ଼ା ତଥା ପୁରସ୍କାର, ପ୍ରଶଂସା, ଆତ୍ମପ୍ରଚାର-ପ୍ରସାର ଓ ପାର୍ଥିବ ସଂସାରର ଇନ୍ଦ୍ରଜାଲ ପ୍ରଭୃତିରୁ ଏକାନ୍ତ ବିମୁଖ ଜଣେ ନିରୁତା




▲ ସଂପାଦକ ଦୁର୍ଗା ପ୍ରସାଦ ପଣ୍ଡା

ସାରସ୍ୱତ ସାଧକ ହେଉଛନ୍ତି ଜୟନ୍ତ ମହାପାତ୍ର । କବିଙ୍କ ସହ ସମ୍ପାଦକ ଦୁର୍ଗା ପ୍ରସାଦ ପଣ୍ଡାଙ୍କ ଦୂରଭାଷିକ ବାର୍ତ୍ତାଳାପରୁ ଏହା ସ୍ପଷ୍ଟ ପ୍ରତୀତ ହୁଏ । କବି ପ୍ରଫେସର ମହାପାତ୍ରଙ୍କ ଉକ୍ତିଟି ଏଠାରେ ପ୍ରଣିଧାନଯୋଗ୍ୟ । ସେ କହନ୍ତି- "xxx These things have stopped exciting me anymore." (୧) ସଂକଳନର ଅନ୍ୟତମ ସୌନ୍ଦର୍ଯ୍ୟ ହେଉଛି କବି ନିଜ ସମ୍ବନ୍ଧରେ ନିଜ ବାବଦରେ ରଖିଥିବା ବକ୍ତବ୍ୟ 'On Myself' ଆଗାମୀ ପିଢ଼ିପାଇଁ ସେ ଏକ ଦେଦୀପ୍ୟମାନ ବର୍ତ୍ତିକା, ଧ୍ରୁବତାରା ପରି ଦିଗ୍‌ଦର୍ଶକ । ଅତ୍ୟନ୍ତ ବିନମ୍ର ଭାବରେ ଏବଂ ନିର୍ଦ୍ୱନ୍ଦ୍ୱରେ ସେ ଅନାୟାସର ସହିତ କହନ୍ତି- "Am I any different from them? I still receive rejection slips from prestigious journals abroad." (୨) ଯୁବପିଢ଼ି ଉଦ୍ଦେଶ୍ୟରେ ସତରେ କେଡ଼େ କଥା ଏଇଟି ? ସମ୍ପାଦକ ଶ୍ରୀଯୁକ୍ତ ପଣ୍ଡାଙ୍କର ଏକ ଗଭୀର ଅନ୍ୱେଷାଜନିତ ଉକ୍ତି ଏଠାରେ ଉଦ୍ଧାରଯୋଗ୍ୟ । ସେ କହନ୍ତି- "The first thing that strikes one about Jayanta is his hallmark humility and persona which is intensely human." (୩) ନିଜେ କବି କହନ୍ତି ତାଙ୍କର ପିଲାଦିନଟି କେତେମାତ୍ରାରେ ଯନ୍ତ୍ରଣାପୂର୍ଣ୍ଣ ଓ ମାନସିକ ଘାତ ସଂଘାତପୂର୍ଣ୍ଣ ଥିଲା । ପଦାର୍ଥ ବିଜ୍ଞାନର ଜଣେ ପରିଚିତ ପ୍ରାଧ୍ୟାପକ ହିସାବରେ ଛାତ୍ରଛାତ୍ରୀଙ୍କ ଗହଣରେ ସେ ଖାଲି ପ୍ରିୟ ନଥିଲେ, ଅଧିକନ୍ତୁ ଏକ ଅନନ୍ୟ ପ୍ରେରଣାଦାୟୀ ଉତ୍ସ ଥିଲେ । ଜୀବନର ଅପରାହ୍ନରେ ସାରସ୍ୱତ ସାଧନା ପ୍ରତି ବ୍ରତୀ ହେଲେ ସ୍ରଷ୍ଟା ମହାପାତ୍ର । ୪୧ବର୍ଷ ବୟସରେ ଅନେକ ପ୍ରତ୍ୟାଖ୍ୟାନ ପରେ ୧୯୬୯ ମସିହାରେ The **Illustrated Weekly of India** ରେ 'Girl by the window' କବିତାଟି ପ୍ରକାଶ ପାଇଲା । କବିତା ତାଙ୍କ ନିଜ ଜୀବନ ପ୍ରତିଥିବା ଦୃଷ୍ଟି ଓ ଜୀବନବ୍ୟାପୀ ଦର୍ଶନର ଏକ ସାହାରା ମାତ୍ର । ଏହା ପୁଣି ନିୟତି ବା ଭାଗ୍ୟର ନିର୍ଦ୍ଦେଶରେ ସୃଷ୍ଟ । "For him poetry was destined to be "an anchor to his perception for a life time". (୪) ସେହି ମର୍ମରେ ନିଜେ କବି କହନ୍ତି- the very act of writing poetry is a liberating experience and fulfils a certain inner need which takes the poet past himself and the mundane necessities of life. I believe, poetry still stretches the non-existent membrance of the mind."(୫) ପୃଥିବୀରୁ, ଜୀବନରୁ ତଥା ଭାବଜଗତରୁ ରସ ନିର୍ଯାସ ଶୋଷଣ କରି ଚେରେଇ ଯାଇଥିବା ଚେତନାରୁ ଡଂକେଇ ଉଠେ, ମାଡ଼ିଚାଲେ ଓ ପଲ୍ଲବିତ ହୋଇଉଠେ କବିତା । Vernon Young ମହାପାତ୍ରଙ୍କ କବିତା ସଂପର୍କରେ ଚମତ୍କାର ଅଭିବ୍ୟକ୍ତି ରଖିଛନ୍ତି । ଏକ ଅଦ୍ୱିତୀୟ ନିର୍ମିତ ଓ ଅତ୍ୟନ୍ତ ପରିପକ୍ୱ କାବ୍ୟିକ ବିଚକ୍ଷଣତା ତାଙ୍କ କବିତାର ସ୍ୱାତନ୍ତ୍ର୍ୟ । ସେ କହନ୍ତି- Few Contemporary poems in our world impress me more than these.(୬) ଜୟନ୍ତଙ୍କ କବିତା ହିଁ ତାଙ୍କ ତମାମ୍ ବ୍ୟକ୍ତିତ୍ୱର, କବିପ୍ରତିଭାର ପ୍ରତିନିଧି । ଏଲିଅଟ୍‌ଙ୍କ କାବ୍ୟତତ୍ତ୍ୱର ଫର୍ମୁଲା ଅନୁସାରେ କବିତା ବ୍ୟକ୍ତିସତ୍ତା ଉର୍ଦ୍ଧ୍ୱରେ । କିନ୍ତୁ ଜୟନ୍ତଙ୍କ କ୍ଷେତ୍ରରେ ତାହା ଶତ ପ୍ରତିଶତ ସତ୍ୟ ପ୍ରମାଣିତ ହେଲା ପରି ମନେହୁଏ ନାହିଁ । କବିତା ତାଙ୍କ ଛାଇ ପାଲଟିଛି ତ ଆଉ କେବେ ପାଲଟିଛି ତାଙ୍କ ସାରସ୍ୱତ ପ୍ରୟୋଗଶାଳାରୁ ନିର୍ମିତ କୃତ୍ରିମ ମୁଠାଏ ମାଟି । ସେଇ ମାଟି ହିଁ ପ୍ରଗଳ୍‌ଭ ଜୟନ୍ତୀୟ ଫର୍ମୁଲା, ତାକତ୍, ଶୈଳୀ, ବୈଶିଷ୍ଟ୍ୟ ଓ ଚୈତନ୍ୟ ସମ୍ପର୍କରେ । ଜୁଲିଆ କ୍ରିଷ୍ଟେଭାଙ୍କ Interfexbuality ଓ Stanley Fishଙ୍କ Is there a text in this class? ର ସମାନ୍ତରାଳ ତତ୍ତ୍ୱଧର୍ମୀ ଉକ୍ତିବାଢ଼ି ନିଜେ କବି ଜୟନ୍ତ ମହାପାତ୍ର କହନ୍ତି- "The very act of writimg a poem is like being caught up in the net of time." ଏଇଠି କବି ଲେଖନୀରୁ ଯାହା ନିସୃତ ହୁଏ, ତାହା ହେଉଛି ମଣିଷର ଆତ୍ମସତ୍ତା ଓ ଆତ୍ମଜ୍ଞାନ ତଥା ବିବେକ ପ୍ରତି ବିଶ୍ୱସ୍ତ ଓ ସତ୍ୟଶୀଳ ଏକ ନିରୁତା ପ୍ରାକୃତିକ ଓ ସୂକ୍ଷ୍ମାତିସୂକ୍ଷ୍ମ ସତ୍ୟର ପରିପ୍ରକାଶ ମାତ୍ର ।

କବି ଶ୍ରୀଯୁକ୍ତ ମହାପାତ୍ରଙ୍କ ସର୍ଜନାର ଏକ ବିଶେଷ ସତ୍ତା ହେଉଛି ଶ୍ଳେଷ

## ଦୁର୍ଗା ପ୍ରସାଦ ପଣ୍ଡା, ସମ୍ପାଦକ : 'ଜୟନ୍ତ ମହାପାତ୍ର ଏ ରିଡ଼ର୍'



**ପ୍ରସିଦ୍ଧ ଭାରତୀୟ ଇଂରାଜୀ କବି ଜୟନ୍ତ ମହାପାତ୍ରଙ୍କ ଉପରେ ତାଙ୍କ ସାମଗ୍ରିକ କୃତି ସମ୍ବଳିତ ଏକ ପୁସ୍ତକ ସମ୍ପାଦନା କରିବା ପାଇଁ କେନ୍ଦ୍ର ସାହିତ୍ୟ ଏକାଡ଼େମୀର ତତ୍କାଳୀନ ଉପସଚିବ ଶ୍ରୀମତି ଗୀତାଞ୍ଜଳି ଚାଟାର୍ଜୀଙ୍କ ଠାରୁ ଇମେଲ୍ ଓ ଫୋନ୍‌କଲ୍ ପାଇବା ଏବଂ ପରେପରେ ଅନୁବନ୍ଧିତ ହେବା ମୋ ପାଇଁ ଖୁବ୍ ଗୁରୁତ୍ୱପୂର୍ଣ୍ଣ ଓ ନିର୍ଣ୍ଣାୟକ ନିଷ୍ପତ୍ତି ନେବାର ମୁହୂର୍ତ୍ତ ଥିଲା । ମୋ ଉପରେ ଏକାଡ଼େମୀ ଆସ୍ଥା ସ୍ଥାପନ କରିବାର ଖୁସି ତଥା ଏ ଗୁରୁଦାୟିତ୍ୱକୁ ସଠିକ୍ ଭାବେ ନିର୍ବାହ କରି ନପାରିବାର ଆଶଙ୍କା ଓ ଭୟ ମୋତେ ଗ୍ରାସ କରି ରଖିଥିଲେ । ଜୟନ୍ତ ସାର୍‌ଙ୍କ ଉପରେ ଏଇ ବହିଟିକୁ ସମ୍ପାଦନା କାର୍ଯ୍ୟଟି ମୋତେ ନ୍ୟସ୍ତ କରାଯାଉ ବୋଲି ପ୍ରସିଦ୍ଧ କବି କେ. ସଚ୍ଚିଦାନନ୍ଦନ ଏକାଡ଼େମୀକୁ ପରାମର୍ଶ ଦେଇଥିଲେ । ଜୟନ୍ତ ସାର୍ ଆନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ କବି ଯାହାଙ୍କ ଉପରେ ପୃଥିବୀ ପ୍ରସିଦ୍ଧ ସାହିତ୍ୟ ସମାଲୋଚକମାନେ ଉଲ୍ଲେଖନୀୟ କାମ କରି ସାରିଥିଲେ, ସେମାନେ ସମସ୍ତେ ବିଦ୍ୱାନ୍ ପ୍ରଫେସର୍, ଯୋଉମାନଙ୍କ ବୌଦ୍ଧିକ ସାମର୍ଥ୍ୟ କୌଣସି ବି ସନ୍ଦେହର ଉର୍ଦ୍ଧ୍ୱରେ । ଆଜି ମୁଁ ତ କେବଳ ତାଙ୍କ କବିତାର ବିଦଗ୍ଧ ପାଠକ ମାତ୍ର, ଯିଏ ଅଳ୍ପ କିଛି ଲେଖାଲେଖି ଇଂରାଜୀରେ କରିଥାଏ । ଜୟନ୍ତ ମହାପାତ୍ରଙ୍କ ସାମଗ୍ରିକ କୃତିଗୁଡ଼ିକୁ ନ୍ୟାୟ ଦେଇପାରିବି ନା ଲୋକହସା ହେବି ଏଇ ଦ୍ୱନ୍ଦ୍ୱଟି ମୋତେ ଘେରି ରହୁଥିଲା ।**

**କବିତା ବ୍ୟତୀତ, ଜୟନ୍ତ ସାର୍ ଖୁବ୍ ସୁନ୍ଦର ପଦ୍ୟ ଲେଖନ୍ତି । ତାଙ୍କ ଗଦ୍ୟରଚନା ବି କାବ୍ୟିକ କାବ୍ୟିକ ଲାଗେ । ମୁଁ ଇଚ୍ଛା କରିଥିଲି ଯେ ଜୟନ୍ତ ସାର୍‌ଙ୍କ ଆତ୍ମଜୀବନୀ, ଭ୍ରମଣ ବୃତ୍ତାନ୍ତ, ସର୍ଜନା ପ୍ରକ୍ରିୟା, ଗଭୀର ଅନ୍ତର୍ଦୃଷ୍ଟି ସଂପନ୍ନ ଆଲେଖ୍ୟଗୁଡ଼ିକରେ**

ବା irony । ମାଟି ମଲାଟ ପିନ୍ଧି ନଥିବା ଅଥଚ ମାଟିର ଗର୍ଭ ଦେଶରୁ ରସଶୋଷଣ କରି ମାଟିର ମଞ୍ଜ ରସ ଶିରାରେ ଶିରାରେ ଧାରଣ କରି ପୁଷ୍ଟ ହୋଇଥିବା ବୀଜଗାଣିତିକ ସ୍ୱୀକାର୍ଯ୍ୟ ସୂତ୍ର ହେଉଛି ମହାପାତ୍ରଙ୍କ କବିତା । କ୍ଷୁଦ୍ରାତିକ୍ଷୁଦ୍ର ଅବୟବ, ଯଥାର୍ଥ ଶବ୍ଦ, ସୂକ୍ଷ୍ମ ଓ ଶକ୍ତିଶାଳୀ ଚେତନାର ପ୍ରୟୋଗ ତାଙ୍କ କବିତାର ଏକ ଏକ ସାମର୍ଥ୍ୟଯୁକ୍ତ ବୈଶିଷ୍ଟ୍ୟ ମାତ୍ର । ହିପ୍‌ପୀ ସଂସ୍କୃତିର ଅନୁକରଣର ଓଡ଼ିଶାର ଯୁବରାଶି କିପରି ଭ୍ରଷ୍ଟ ହେଲେ ତାହା କାହାକୁ ଅଛପା ନାହିଁ । ସତୁରୀ ଦଶକରେ 'ହିପ୍‌ପୀ' ଓଡ଼ିଶାର ଯୁବମାନସରେ ଯେପରି କାୟାବିସ୍ତାର କରି ଏକ କଦାକାର ପରିସ୍ଥିତି ଉଭୟ, ମାନସିକ ଓ ସାମାଜିକସ୍ତରରେ ସୃଷ୍ଟି କରିଥିଲା, ତା'ର ବିଦ୍ରୋହରେ ଏକ ସାମାଜିକ ପ୍ରତିବଦ୍ଧତାର ଦାୟରେ ଶ୍ଳେଷକୁ ଅସ୍ତ୍ର କରି ଅତି ଚମତ୍କାର ଭାବରେ କଟକ (ଓଡ଼ିଶାର ଏକ ବଡ଼ ଓ ପରିଚିତ ସହର ଯାହା ବ୍ରିଟିଶ୍ ଯୁଗରେ ରାଜଧାନୀ ଥିଲା)ର ରୂପଚିତ୍ର, ହାଲ୍‌ଚାଲ୍ ଓ ହାବଭାବ ଖୋଲାଖୋଲି ପ୍ରଦର୍ଶନୀ ପଡ଼ିଆରେ ଆର୍ଟ ଗ୍ୟାଲେରୀଟିଏ ଖୋଲି ପ୍ରଦର୍ଶନ କଲା ପରି ଆଙ୍କି ଦେଇ ଯାଇଛନ୍ତି । କଟକର ଗଳିଗଳି ରାସ୍ତାକଡ଼ ମ୍ୟାଲେରିଆ ପ୍ରବଣ ନର୍ଦ୍ଦମା ଭିତରେ ସମୟ ହଜେଇଦେଇଛି ସେମାନଙ୍କ ରହସ୍ୟ ସବୁ, ସେମାନେ ଠିକଣା ରହିତ ସସ୍ତା ଭାବେ ଭ୍ରମମାନ । ବର୍ଷାର ବୁଢ଼ା ସବୁ ନଦୀକୂଳରେ ମଳମୂତ୍ର, ସାହଚର୍ଯ୍ୟ ଲୋଡ଼େ । ବଜାରରେ ପଚା ବିଲାତି ସହ ଗୋବରର ଗନ୍ଧ, ମାଛକାତି ଓ କଦଳୀର ଉଷୁମ୍ ଓ ଝାଳୁଆ ଗନ୍ଧ ଭିତରେ ଗଣିକାର ତୀକ୍ଷ୍ଣ ଦୃଷ୍ଟି ସିନେମା ଘର ପଛର ନିର୍ଜନତାକୁ ଖୋଜିନିଏ । ଭ୍ରଷ୍ଟ ରାଜନେତା ଟାଉନହଲ୍‌ରେ ମିଛ ପ୍ରତିଶ୍ରୁତି ଦେଇ ଚାଲନ୍ତି । ଏହିସବୁ ବର୍ଣ୍ଣନାର, ବ୍ୟଙ୍ଗ, ବିଦ୍ରୂପ, ଶ୍ଳେଷ ଓ ବ୍ୟଞ୍ଜନାଶକ୍ତି ଅନନ୍ୟ ଓ ଅପରିସୀମ । ମାତ୍ର ହିପ୍‌ପୀକୁ ଦେଖାଇବା ପାଇଁ ଯେଉଁ ପରି ସଂଯୋଜନା ସେ କରିଛନ୍ତି ତାହା ପ୍ରକୃତ ପକ୍ଷେ ଅନନ୍ୟ । କବିଙ୍କ ବର୍ଣ୍ଣନା ଦେଖାଯାଉ- "Like the unreal stirrings / of incense smoke in a darkened shine / like the languid movements of mangled lepers / around a temple of the goddess Chandi at dawn / like a wounded whale drifting away / sadly in unknown seas / like the dark windows of Asia / which murmur joylessly in slums but do not answer / they wander these lost children of America, / Haunting their long unkempt hair and their bare feet." ***(The lost children of America)***

ଗୋଟିଏ ପକ୍ଷରେ ଏକ ସମୃଦ୍ଧ ପରମ୍ପରା, ଐତିହ୍ୟ ଓ ସଂସ୍କୃତିର ଅବକ୍ଷୟ ଘଟୁଛି ଓ ଅପରପକ୍ଷରେ ବିଦେଶୀ ସଂସ୍କୃତି ସେଠାରୁ ଲୋପ ପାଇଁ ଆମଦେଶରେ ମୁଣ୍ଡଟେକି ଉଠିବା ପାଇଁ ମୂଳ ସଂସ୍କୃତିର ସ୍ଥାନ ନେଇଛି । ସ୍ଥାନ-କାଳ-ପାତ୍ରର ଅନୌଚିତ୍ୟ ହେଉ ତାହା ଅବଶ୍ୟ ଅପସଂସ୍କୃତି ବା କୁସଂସ୍କୃତି ବା ବିସଂସ୍କୃତି ହୋଇ ପାରେ ମାତ୍ର ମୂଳସଂସ୍କୃତି ପ୍ରତି ଅନାଦର ହେତୁ ତହା ପ୍ରକୃତ ପକ୍ଷେ ଆଜି ବିପନ୍ନ । ସେହିପରି 'Orissa Landscape' କବିତାରେ ଓଡ଼ିଶାର ଦାରିଦ୍ର୍ୟ, ଅସ୍ୱାସ୍ଥ୍ୟକର ପରିସ୍ଥିତି, ପରିବେଶ ଓ ସ୍ୱାସ୍ଥ୍ୟର ଦୁରବସ୍ଥା ଦେଖି ସେ ମର୍ମାହତ ହୋଇ ପଡ଼ିଛନ୍ତି । ଅବଶ କଣ୍ଠରେ ସେ ଆକାଶକୁ ଏକ ସର୍ବଦ୍ରଷ୍ଟା ଈଶ୍ୱର ଭାବରେ ଚିତ୍ରଣ କରିଛନ୍ତି । "The hard sky stares everywhere like a God." (Orissa Landscapes) ସଚରାଚର ପୃଥିବୀ ଓ ମାନସ ଦେଶର ବିବିଧ ଦ୍ୱନ୍ଦ୍ୱ ସଂଘାତ ସଂଘର୍ଷକୁ ନେଇ ଜଟିଳ ପ୍ରତୀକ ଓ ରୂପକଳ୍ପ ପ୍ରୟୋଗ କରି ଏକ କାବ୍ୟିକ ଇନ୍ଦ୍ରଜାଲ ପ୍ରସ୍ତୁତ କରିଛନ୍ତି । ତାଙ୍କ କବିତା କୌଣସି ନିର୍ଦ୍ଦିଷ୍ଟ ଥିଓରି ବା ତାତ୍ତ୍ୱିକ ସିଦ୍ଧାନ୍ତର ବଶବର୍ତ୍ତୀ ନୁହେଁ । ଗୋଟିଏ ନିର୍ଦ୍ଦିଷ୍ଟ ଧାରାରେ ତାଙ୍କର ସମସ୍ତ ଲେଖାକୁ ତଉଲିବା ଆଦୌ ଔଚିତ୍ୟ ସାପେକ୍ଷ ନୁହେଁ । "It is prettydifficult to pir his work down to any specific literary theory. His poems thwart any attempt at thematic straight. Jacketing and bulldoze any stulistic stratification. Very much rooted, Jayanta maintains that it is one's. immediate experience which gives the much needed flesh to one's skeleton of

ପାଠକେ ଆପ୍ଲୁତ ହୁଅନ୍ତୁ । ସେଥିପାଇଁ ପୃଥିବୀ ବିଖ୍ୟାତ ପତ୍ରିକାମାନଙ୍କରେ ପ୍ରକାଶିତ ତାଙ୍କର ବଛାବଛା ଗଦ୍ୟ ରଚନାଗୁଡ଼ିକୁ ସଂକଳନଭୁକ୍ତ କଲି ।

କେବଳ ସାହିତ୍ୟିକ ବା କାବ୍ୟଶିଳ୍ପୀ ଭାବରେ ନୁହେଁ, ଗୋଟେ ସୁନ୍ଦର ମନର ଅଧିକାରୀ ତଥା ଜଣେ ସରଳ, ଅମାୟିକ, ନିରୁତା ମଣିଷ ଭାବରେ ଜୟନ୍ତ ସାର୍ ଓଡ଼ିଶାରେ ତଥା ଦେଶବିଦେଶରେ ସୁପରିଚିତ । ସଂକଳିତ ଆତ୍ମଜୀବନୀ, ଜୀବନାଲେଖ୍ୟ, ଚିଠିପତ୍ର, ସାକ୍ଷାତକାର ଆଦି ମାଧ୍ୟମରେ ଜୟନ୍ତ ସାର୍‌ଙ୍କ ସେଇ ଛଳଛଳ ଚେହେରାଟି ଉକୁଟେଇ ଆଣିବା ଥିଲା ମୋର ଲକ୍ଷ୍ୟ ।

ତଥାପି କହିବି ଯେ ବହିଟିକୁ ମୁଁ ଯେମିତି କରିବାକୁ ଇଚ୍ଛା କରିଥିଲି ସେମିତି ହେଲା ନାହିଁ । ସାହିତ୍ୟ ଏକାଡ଼େମୀର ଅସହଯୋଗ, ହସ୍ତକ୍ଷେପ ଓ ଅଯଥା କଟକଣା ଯୋଗୁଁ ୬୧୮ ପୃଷ୍ଠାର ବହିକୁ ୪୪୮ ପୃଷ୍ଠାକୁ କମେଇ ଦିଆଗଲା, ଯାହା ଭିତରେ ଅନେକ ଭଲ ଜିନିଷ ବାଦ୍ ପଡ଼ିଗଲା । କବିଙ୍କ ଜୀବନରେ ୭/୮ଟି ଗୁରୁତ୍ୱପୂର୍ଣ୍ଣ ମୁହୂର୍ତ୍ତର ଫଟୋ ଦେବାକୁ ଚାହିଁଥିଲି, କର୍ତ୍ତୃପକ୍ଷ ମନା କଲେ । ବହିଟିକୁ **Hardbound** ନକରି **paperback** କଲେ । ଆଉ ଟିକେ ଉନ୍ନତ ମାନର କାଗଜ ଦେଇ ପାରିଥାନ୍ତେ । **Oxford University Press**, ଜୟନ୍ତ ସାର୍‌ଙ୍କ ୭ଟି କବିତାକୁ କପିରାଇଟ୍ ଅନୁମତି ଦେଲେ ନାହିଁ । ବିଭିନ୍ନ ଦେଶର ପ୍ରସିଦ୍ଧ ପ୍ରକାଶନ ସଂସ୍ଥାର ପତ୍ରିକାରେ ମୂଳଲେଖା ଛାପିଥିବାରୁ ସତ୍ତ୍ୱ ଅନୁମତି ପାଇବା କଷ୍ଟକର ଥିଲା । କିଛି ଲେଖକ/ଲେଖିକା ଦିବଂଗତ ହେଇ ସାରିଥିଲେ । ନହେଲେ ବୟସର ସନ୍ଧ୍ୟାରେ କେଉଁ ଅଜଣା ଜାଗାରେ ରହୁଥିଲେ । ଯାହାର ସୁରାକ୍ ପାଇବା ସହଜ ନଥିଲା । ଓଡ଼ିଆ ଭାଷାର ଆବାହକ ଓ ବିଜୟାନନ୍ଦ ସିଂହଙ୍କ ଆଗ୍ରହ ଓ ହସ୍ତକ୍ଷେପ ଯୋଗୁଁ ଏ ବହିର ପ୍ରକାଶନ ତ୍ୱରାନ୍ୱିତ ହେଲା । ମୋର କ୍ଷୋଭ ରହିଗଲା ଯେ, ମୁଁ ବହିଟିକୁ ଆହୁରି ସମୃଦ୍ଧ କରି ପାରିଥାନ୍ତି, ଅମଲାତନ୍ତ୍ରର ହସ୍ତକ୍ଷେପ ନଥିଲେ ।

ସେ ଯାହାହେଉ ପରିଶେଷରେ ପୁସ୍ତକଟି ପ୍ରକାଶିତ ହେଲା ପରେ ଦିଲ୍ଲୀ ଓ କଟକରେ ଉନ୍ମୋଚନ ହେଲା । କିଛି ବିଜ୍ଞ ପାଠକ ବହିଟିକୁ ଉପଯୋଗୀ ବୋଲି କହି ପସନ୍ଦ କରଛନ୍ତି, ଆଦର କରିଥିବାର ଖବର ବି ମିଳିଚି ।

ଦୀର୍ଘ ଦୁଇବର୍ଷ ଧରି ନିଜର ଲେଖାଲେଖି ପ୍ରତି ଧ୍ୟାନ ନଦେଇ ଅନେକ ବୌଦ୍ଧିକ ଶ୍ରମ କରି ଏ ବହି ପାଇଁ ବିରଳ ଲେଖାସବୁ ଯୋଗାଡ଼ କରିଛି । ଏତେବଡ଼ ବହିଟିକୁ ମୁଁ ତିନିଥର ପ୍ରତ୍ୟେକ ପୃଷ୍ଠାର ପ୍ରୁଫ୍ ଦେଖିଚି । ଜୟନ୍ତ ସାର୍ ବି ଖୁବ୍ ସହଯୋଗ କରିଛନ୍ତି । ତାଙ୍କର ପରିଣତ ବୟସ ଓ ଭଗ୍ନ ସ୍ୱାସ୍ଥ୍ୟ ସତ୍ତ୍ୱେ, ଧୂଳିମଳି ହେଇ ପୁରୁଣା ବାକ୍ସ ଭିତରୁ ୨୫/୩୦ବର୍ଷ ତଳର ଚିଠିପତ୍ର, ଲେଖା ଆଦି ଦେଇଚନ୍ତି । ଦିନସାରା ଘରେ ରହିବାକୁ ଆମନ୍ତ୍ରଣ କରି ଆଦର ଯତ୍ନ କରି ଖୁଏଇ ଅସରନ୍ତି ଭଲପାଇବା ଦେଇଛନ୍ତି ।


ବହିଟି ପାଇଁ ଗୋଛେ କାଗଜପତ୍ର, ବିରଳ ଫଟୋ, ବ୍ୟକ୍ତିଗତ ଚିଠିପତ୍ର ଆଦି ମୋ ହାତରେ ଧରେଇ ଦେଇ ଖୁବ୍ ନିସ୍ପୃହ, ନିର୍ମୋହ, ସନ୍ୟାସୀ ସୁଲଭ ଢଙ୍ଗରେ ମୋତେ କହିଚନ୍ତି, "ଦୁର୍ଗା ! ଏସବୁ ଆଉ ମତେ ଫେରେଇବା ଦରକାର ନାହିଁ ।"

imagination. Thus, his poetry is a prolonged process of coming to terms with the reality arround himself." ମୂର୍ତ୍ତ ଏବଂ ଅମୂର୍ତ୍ତ ମଧ୍ୟରେ ଦୋଳାୟମାନ ଚେତନାର ଚିନ୍ମୟ ବସ୍ତୁତ୍ୱ ହେଉଛି ଜୟନ୍ତଙ୍କ କବିତା । ଏଣୁ ସେ ଗାଇଛନ୍ତି- "An the poetry there is / appear to rise out of ashes/ for there is nothing like the ashes / to remind us how little there is to say." (All the poetry there is)

ଜୟନ୍ତଙ୍କ କବିତା ଯାହା ବାହାରୁ ଦେଖାଯାଏ, ଭିତରେ ସେ ଠିକ୍ ସେଇୟା ବାହାରେ ନାହିଁ । ଆହୁରି ସ୍ପଷ୍ଟ କରି କହିଲେ ଜୟନ୍ତ ମହାପାତ୍ରଙ୍କ କବିତା ବାହାରୁ ଗୋଟିଏ ବ୍ୟକ୍ତିର ପରିଚୟ ପ୍ରତିଫଳିତ କରୁଥିଲେ ହେଁ ପ୍ରକୃତପକ୍ଷେ ସେଠାରେ ଏକାଧିକ ବ୍ୟକ୍ତିର ସତ୍ତା ଲୁଚି ରହିଥାଏ । ସେହିସବୁ ବ୍ୟକ୍ତି ସତ୍ତାକୁ କେତେବେଳେ ନିଖେଇ ଦେଖିଲେ ଜ୍ଞାତହୁଏ ତ ଆଉ କେତେବେଳେ ଦୂରେଇ ଦେଖିଲା ପରେ ଜଣାଯାଏ ତା'ର ସ୍ୱର ଓ ସ୍ୱରୂପ । ଏହାର କାରଣ ହେଉଛି ଉଦ୍‌ଭାସିତ (କବିତାର) ବ୍ୟକ୍ତିସତ୍ତା ବ୍ୟବହାର କରିଥିବା ବିବିଧ ପ୍ରସାଧନ ସାମଗ୍ରୀ । ସୂକ୍ଷ୍ମ ଓ ତୀକ୍ଷ୍ଣ ରୂପକ ଅସହଜ ଓ ବହୁସ୍ତରୀୟ ଉପମା, ଅପାରମ୍ପରିକ ଓ ବ୍ୟକ୍ତିଗତ ପ୍ରତୀକ, ବିଶେଷ ଉଦ୍ଦେଶ୍ୟଧର୍ମୀ ପଦ ସଂଘଟନା ପ୍ରଭୃତି ତାଙ୍କ ସ୍ୱତନ୍ତ୍ର ପରିଚୟ ପ୍ରସ୍ତୁତ କରେ ସତ, କିନ୍ତୁ ଏହାଦ୍ୱାରା ସେ ସମକାଳର ଅନ୍ୟାନ୍ୟ ସତୀର୍ଥ କବିଙ୍କ ଠାରୁ ସ୍ୱତନ୍ତ୍ର ହୋଇ ଆରି ହୋଇ ପଡ଼ନ୍ତି । ସେ ନିଜକୁ, ନିଜ ସତ୍ତା ଓ ଅସ୍ତିତ୍ୱକୁ ତକ୍ଷଣ ପ୍ରଶ୍ନବାଣରେ ଘାଇଲା କଲା ପରି ଅନେକ ପ୍ରଶ୍ନ କରିଛନ୍ତି ।

ପରଂପରା ଓ ଆଧୁନିକତାକୁ ନେଇ, ଅତୀତ ଓ ବର୍ତ୍ତମାନକୁ ନେଇ ତଥା ନିଜର ପୂର୍ବବର୍ତ୍ତୀ ଅସ୍ତିତ୍ୱ ଓ ବର୍ତ୍ତମାନର ଅସ୍ମିତାକୁ ନେଇ ସେ ରଚନା କରିଛନ୍ତି ଚେତନାର ଅନ୍ତର୍ଯାତ୍ରା ସଂପନ୍ନ କବିତା । ତାଙ୍କର 'ରିଲେସନ୍‌ସିପ୍' ବା ସଂପର୍କ କବିତାଟି ଏହି ଦ୍ୱନ୍ଦ୍ୱର ଫଳଶ୍ରୁତି ମାତ୍ର । ପ୍ରଫେସର୍ କେ.ଆର୍.ଏସ୍.ଆୟେଙ୍ଗର ଏହି ସଂକଳନ ସମ୍ପର୍କରେ କହନ୍ତି- Relationship is real achievement, for here there is neither 'Waiting' nor 'false start' but triumphant arriving." (7)


କବି ମହାପାତ୍ର ଏହି ପୁସ୍ତକରେ ଓଡ଼ିଶାର ମିଥ୍, କିମ୍ବଦନ୍ତୀ, ପରମ୍ପରା, ସଂସ୍କୃତି, ଚଳଣି ପ୍ରଭୃତିକୁ ସନ୍ନିବେଶିତ କରିବା ସହିତ ଏଥିରେ ମିଶାଇ ଦେଇଛନ୍ତି ନିଜର ଜୀବନର ସମାବେଦ । ନିଜର ସମ୍ବେଦନଶୀଳ ଆତ୍ମସତ୍ତା, ନିଜର ବିଶ୍ୱାସ, ଆଧ୍ୟାତ୍ମିକ ଆସ୍ଥା, ସୌନ୍ଦର୍ଯ୍ୟ ତାତ୍ତ୍ୱିକ ଦୃଷ୍ଟି ଓ ଦର୍ଶନ, ଐତିହ୍ୟ, ନିଜ ପରିବାରର ଅସ୍ମିତା, ନିଜର ସୌନ୍ଦର୍ଯ୍ୟ ତାତ୍ତ୍ୱିକ ଦର୍ଶନ ଓ ଅସ୍ତିତ୍ୱକୁ । ଓଡ଼ିଶାର ସମୃଦ୍ଧ ଐତିହ୍ୟ, ଭାସ୍କର୍ଯ୍ୟ, ସ୍ଥାପତ୍ୟ, ପରମ୍ପରାର ଆତ୍ମକଥା ଏଠାରେ ରହିଛି । ନିଜେ କବି ମହାପାତ୍ର କହନ୍ତି ଏହି ପୁସ୍ତକଟି ତାଙ୍କ ଜୀବନର ପ୍ରକୃତ ଗାଥା ଗୀତିକା । ସେ ଆହୁରି କହନ୍ତି- Relationship is a product of dreams, has made me speak of the dimands of a pilgrimage- a pilgrimage threatened by the living Oriya past, by nagging hunger and persistend sexuality." (୮) ସେ ନିଜେ ସ୍ୱୀକାର କରନ୍ତି ଯେ, ପଦାର୍ଥ ବିଜ୍ଞାନ ହିଁ ପୃଥିବୀକୁ ଏତେ ରହସ୍ୟମୟ କରି ଗଢ଼ି ତୋଳିଛି ତାଙ୍କ ଆଖି ଆଗରେ । ଏକ ଭିନ୍ନ ଦୃଷ୍ଟିରେ ତମାମ୍ ପୃଥିବୀକୁ ଦେଖିବାର କଳା ଓ ବିଜ୍ଞାନ ଉଭୟ ଶିଖେଇଛି ପଦାର୍ଥ ବିଜ୍ଞାନ । ବାକି ସବୁ ଶିଖେଇଛି ଜୀବନ । ପ୍ରାୟତଃ ନିର୍ଜୀବ ସତ୍ତା ପୂର୍ଣ୍ଣ ପୃଥିବୀରେ ଯେ କେତେ ରହସ୍ୟ ସମ୍ଭାବନା, ସ୍ପନ୍ଦନ, କଂପନ ଓ ଅନିଶ୍ଚିତତା ରହିଛି ଓ ଚଂଚଳ ଜୀବନକୁ କେତେ ପ୍ରଭାବିତ-ନିୟନ୍ତ୍ରିତ କରୁଛି ଏହି ଜଡ଼ ଜଗତ- ଏସବୁ କଥା ଶିଖେଇଛି ତାଙ୍କୁ ଫିଜିକ୍ସ । ଇତିହାସ ଓ ମିଥ୍ ଉପରେ ପର୍ଯ୍ୟବେସିତ କବିତା ଗ୍ରନ୍ଥ 'ରିଲେସନ୍‌ସିପ' ଜୀବନର ରହସ୍ୟ ଉନ୍ମୋଚନ କରିବାରେ ବ୍ୟଗ୍ର । ୱାଲ୍ଟ ହ୍ୱିଟ୍‌ମ୍ୟାନ୍‌ଙ୍କ ପଙ୍‌କ୍ତିଟି କବିତାର ଏପିଟାଫ୍ (epitaph) ରେ ସଂଯୁକ୍ତ । ଜୟନ୍ତଙ୍କ କବିତାରେ ଭାରତର ଅନେକ ବାସ୍ତବତା ଫୁଟିଉଠେ । ଭାରତର କ୍ଷୁଧା, ମିଥ୍, ପରମ୍ପରା, ଯୌନତା, ଆଧ୍ୟାତ୍ମିକ ବାସ୍ତବତା,ଆତ୍ମା ଓ ଚିରନ୍ତନତା ପ୍ରଭୃତି ଶବ୍ଦ କବିତାର ଏକ ଏକ ଥିମ୍ ।Life Signs (୧୯୮୩) ବେଳକୁ ଜୟନ୍ତ ଦୈନନ୍ଦିନ ଜୀବନର ଘଟଣାକୁ କବିତାର କଥାବସ୍ତୁ କରି ସାରିଲେଣି । ଏଇଠି ମହାପାତ୍ର ଖୁବ୍ ସରଳ ସଂରଚନା, ଭାବନା ଓ ଚେତନାର ବିନ୍ୟାସ କରିଥିବା ମନେହୁଏ । ଭାରତ ବିଷୟରେ ସେ ଅତ୍ୟନ୍ତ ଦୁଃଖର ସହ କହିଛନ୍ତି ଯେ, ଭାରତର ଆଧ୍ୟାତ୍ମିକ ଓ ନୈତିକ ଅବକ୍ଷୟ ଘଟିଛି ଓ ବ୍ୟକ୍ତିର ଛାତିତଳେ କମି କମି ଚାଲିଛି ନିଜ ମାଟି ଓ ରାଷ୍ଟ୍ରପତି ଭଲପାଇବା, ଐତିହ୍ୟବୋଧ ଓ ସଂସ୍କାରବୋଧ ପ୍ରଭୃତି ଗର୍ବ କରିବାର କଥା । ଅପରପକ୍ଷରେ ଏ ଭୂମି ପାଲଟିଛି କ୍ଷୁଧା, ଦାରିଦ୍ର୍ୟ, ହାହାକାର, ବ୍ୟାଧି ଏ ଜାତିପ୍ରଥାର ବିଭୀଷିକା, ସାଂପ୍ରଦାୟିକତାର ହଳାହଳ, ଆହୁରି ଅନେକ ଦୁଃଖ, ଯନ୍ତ୍ରଣାର ଗନ୍ତାଘର- ଏକ ମହାମାରୀର ଉପତ୍ୟକା । କବିଙ୍କ ଭାଷାରେ- "My pain grows empty like the rainbow / It sances in the skeleton of the rain limp with light." (୯) ସେହିପରି ତାଙ୍କ Dispossessed nest (୧୯୮୬) ଗ୍ରନ୍ଥର ତମାମ କବିତାର ସବୁତକ ସ୍ପନ୍ଦନ (pulse) କେବଳ ରୁକ୍ଷ ବାସ୍ତବତାକୁ ସାମ୍ନା କରିଥିବା ଜଣେ ଅସହାୟ ଦେଶପ୍ରେମୀର ଉପୋଦ୍‌ଘାତରେ ଯଥାର୍ଥରେ କହନ୍ତି- In Dispossessed nests one hears these wails of a world shattered within a human heart. Like burning rods of truth Mahapatra's poem branded, the screens of our consciousness. In these poems we find deeply anguished, outpours of an acutely destive man aspiring to capture a disintigrated world in the light of metaphors



deriving their heat either from the torturous memory of the country's recent past or from a mintute observations of the natural Components". ଭୋପାଳର ଗ୍ୟାସ୍ (MIC) ଦୁର୍ଘଟଣା ଓ ଖାଲିସ୍ତାନ ପାଇଁ ପଞ୍ଜାବର ରାଷ୍ଟ୍ରଘାତୀ କାର୍ଯ୍ୟକଳାପ କବି ହୃଦୟକୁ ରକ୍ତାକ୍ତ, କ୍ଷତାକ୍ତ କରିବା ସହ ତାଙ୍କ ହୃତ୍ ସ୍ପନ୍ଦନକୁ ଅସ୍ୱାଭାବିକ ଭାବେ ବଢ଼ାଇ ଦେଇଛି । ବିଧ୍ୱଂସ, ରକ୍ତପାତ ଓ ହିଂସା ଆଜିର ଦୁନିଆ ପାଇଁ ପାଲଟିଛି ହଲ୍‌ମାର୍କ । ଜୀବନର ଉପତ୍ୟକାରେ ମୃତ୍ୟୁ ହିଁ ଚିରନ୍ତର ସ୍ୱର ଭାବରେ ଡେଣା ମେଲାଇ ଚିତ୍କାର କରୁଛି । Burden of waves and fruit (୧୯୮୮) ବେଳକୁ ବାହ୍ୟ ଜଗତ ଓ ଅନ୍ତର୍ଜଗତ ମଧ୍ୟରେ ଦ୍ୱନ୍ଦ୍ୱ ସଂଘାତ ଘନୀଭୂତ ହୋଇଥିବାର ଲକ୍ଷ୍ୟ କରିହେବ । ଏଠାରେ ମୃତ୍ୟୁ ଚେତନା ଅଧିକ ଘନୀଭୂତ ହୋଇଛି । ନିଜ ଶରୀର ନିଜ ପାଇଁ ବାର୍ଦ୍ଧକ୍ୟରେ ଏକ ଦୁର୍ବହ ବୋଝ ପାଲଟି ଯାଏ ବୋଲି କବି କହିଛନ୍ତି । ଏଇଠି କବି କହୁଛନ୍ତି- The heart has nothing to learn କିନ୍ତୁ ଠିକ୍ ଦଶବର୍ଷ ଆଗରୁ ସେ କହିଥିଲେ- Where is that absence which pushed on icy rope / down my throat, so close my heart could have touched it? (A Rair of Rites, 24) ଏହିଭଳି ବିରୋଧାଭାସ ସମୟ ପରିବର୍ତ୍ତନ କ୍ରମେ କବି ଚେତନାରେ ସଂଘଟିତ ହୋଇଛି । Kathleen Woodward ଏ ସଂପର୍କରେ ଆମେ ବାହ୍ୟ ପୃଥିବୀକୁ ଦେଖୁ, ପାଦ ଓ କାନ୍ଧର କ୍ଷମତାକୁ ଲକ୍ଷ୍ୟ କରୁ, ମାତ୍ର ବୟସାଧିକ୍ୟ ଓ ବାର୍ଦ୍ଧକ୍ୟ ହେତୁ ଆମେ ନିଜ ଭିତରକୁ, ନିଜର ଅଭ୍ୟନ୍ତରୀଣ ଅଙ୍ଗପ୍ରତ୍ୟଙ୍ଗକୁ ଲକ୍ଷ୍ୟ କରୁ । "The maked truth of aging is that while we usually associate young age with arms and legs and reaching out into the world and old age with the interior organs, we think of the youth as the symbol of social interaction, while we think of the immobilized, infirm ele erly as turning inward, preoccupied with the invissible working of the body's internel mechanism." (୧୦)

ଏକ କବିତାରେ ଜୟନ୍ତ କହନ୍ତି- "Here i lie, watching / the summer of my body / trembling over the grass." ଏଥିରୁ ଲେଖକଙ୍କ ବାର୍ଦ୍ଧକ୍ୟର ପ୍ରତିଫଳନ, ତାରୁଣ୍ୟର ସ୍ଫୂର୍ତ୍ତି ବିରୋଧୀ ଚେତନା ପ୍ରତିସୃତି ହୁଏ । ଏକ ସାକ୍ଷାତକାରରେ ଶ୍ରୀ ମହାପାତ୍ର Indian Express କୁ କହିଥିଲେ- ଆଉ ତାଙ୍କ ପାଖରେ ଖୁବ୍ ବେଶୀ ସମୟ ନାହିଁ । ଏକ ବାର୍ଦ୍ଧକ୍ୟ ଜନିତ ଶଯ୍ୟାଶାୟୀ ଶତାୟୁ ରୋଗୀର ଭାଗ୍ୟରେଖା ଓ ଚିନ୍ତାରେଖା ଉଭୟ ମୋ ଭିତରେ ଓ ମୋ କବିତା ଭିତରେ ରହିଛି । ମୃତ୍ୟୁର ଆଇଡିଆ ବା ଚେତନା ମୋ ସହ ଖୁବ୍ ପୂର୍ବରୁ ରହି ଆସିଛି । "The Idea of death has always been with me."(Sept,5,1987) ମୃତ୍ୟୁ ଓ ପ୍ରେମ କବିତାର ଗୋଟିଏ ଗୋଟିଏ ସମୃଦ୍ଧ ସ୍ରୋତ ।

'Temple' (୧୯୮୯) ପୁସ୍ତକରେ ଯଦିଓ ଏକ ନାରୀ ହେଉଛି କେନ୍ଦ୍ର ଚରିତ୍ର, କିନ୍ତୁ କେଉଁଠି ନା କେଉଁଠି ଏହାର ସମ୍ପର୍କ 'A Rain of Rites' ସହ ରହିଛି । ଏକ ଅଶୀବର୍ଷୀୟ ବୃଦ୍ଧ ଦମ୍ପତି ରାମାନୁଜନ (୮୫) ଓ ଚେଲମ୍ମାଲ (୮୦)ଙ୍କ ଦାରିଦ୍ର୍ୟର ତାଡ଼ନାରେ ଆତ୍ମହତ୍ୟା ଘଟଣା ଏହାର ମୁଖ୍ୟ କଥା । ଖାଲି ନାରୀ ନୁହେଁ, ଜଣେ ଭାରତୀୟ ନାରୀର ଗୁରୁତ୍ୱ ଏଇଠି ଢେର ଅଧିକ । ପୁସ୍ତକଟି ଏହିପରି "The Time of India dated March 24,1980, on the death of...' ଆରମ୍ଭ ହୋଇଥିଲା ବେଳେ ଶେଷ ହୋଇଛି The Telegraph dated january 5, 1986, "A.12-year old girl was allegedly gang raped and murderd...No one has been arrested so far" (Temple, P.56-57) ପରି ପଙ୍କ୍ତିରେ । ଏହିପରି ପାଶବିକ, ଦୁର୍ବିପାକ, ଦୁର୍ବିସହ ଜୀବନ ଯାତ୍ରାକୁ ନେଇ ଗତିକରିଛି କବିତା । ୧୯୯୨ ମସିହାର A whiteness of Bone ଗ୍ରନ୍ ଅଣଷଠି ଗୋଟି କବିତା ବିବିଧ ଚେତନାକୁ ନେଇ ସମୃଦ୍ଧ । 'Temple' ରେ ପୂତନା ରାକ୍ଷସୀର ଜନ୍ମ ମୃତ୍ୟୁ ଚକ୍ରରୁ ମୁକ୍ତି ଚେତନା ଯେଉଁ ଊର୍ଦ୍ଧ୍ୱ ଚୈତନ୍ୟକୁ ଛୁଇଁଛି ତାହା ପ୍ରକୃତପକ୍ଷେ ଅସାମାନ୍ୟ- ଅତୀନ୍ଦ୍ରିୟ ଆଧ୍ୟାତ୍ମିକ ଚେତନାର ଉପସ୍ଥାପନା ମାତ୍ର । କିନ୍ତୁ ୧୯୯୨ ବେଳକୁ ଆମ ମେକାନିକାଲ ଜୀବନ ଶୈଳୀକୁ ବ୍ୟଙ୍ଗ କରିବାଠାରୁ ଦେଶପ୍ରୀତି ଜାତିପ୍ରୀତି, ପିତାମାତା-ଅଭିଭାବକମାନଙ୍କ ପ୍ରତି ପିଲାମାନ୍ଙ୍କ ବେଖାତିର୍ ଭାବ ପ୍ରଭୃତି ଅନେକ ଅଭାବବୋଧ ଓ ବ୍ୟଭିଚାରକୁ ସମାଲୋଚନା କରିଛନ୍ତି । ସମକାଳୀନ ସମାଜର ଦୋଷ ଦୁର୍ବଳତା ଦେଖି ଦୁଃଖର




### ଏ. ଜେ. ଥୋମାସ୍, ସମ୍ପାଦକ : 'ଇଣ୍ଡିଆନ୍ ଲିଟରେଚର୍'

**ମୋ ମାଟିର କବି କମଳା ଦାସ ଆଉ ଓଡ଼ିଶାର ଜୟନ୍ତ ଦା'ଙ୍କୁ ମୁଁ ମୋର କାବ୍ୟଗୁରୁ ବୋଲି ମାନେ । ଜୟନ୍ତ ଦା'ଙ୍କ କବିତା ପଢ଼ି ହିଁ ମୋତେ ମୋ ନିଜ କବିତାର ସ୍ୱର ଉପରେ ଆସ୍ଥା ଆସିଥିଲା । ଜୟନ୍ତ ମହାପାତ୍ର ଏଇ ଭାବେ ମୋର ପ୍ରେରଣା- କାରଣ ହେଉଛି ତାଙ୍କ କବିତାରେ ଥିବା 'ସ୍ଥାନୀୟତାର ମହକ, ମାଟିର ବାସ୍ନା ।' ଯେତେବେଳେ ମୁଁ ଲେଖିବା ଆରମ୍ଭ କରିଥିଲି ସେତେବେଳେ ମାନ୍ୟତା ପାଇବାର ତଥାକଥିତ କେନ୍ଦ୍ର ଥିଲା ଇଉରୋପ / ଇଂଲଣ୍ଡ / ଆମେରିକାରେ ଲେଖା ଯାଉଥିବା ଇଂରାଜୀ କବିତା । ଜୟନ୍ତ ଦା' ହିଁ ଏଇ ଧାରାଟିକୁ ଭାଙ୍ଗି ଦେଖେଇ ଦେଲେ ନିଜର କାବ୍ୟସ୍ୱରକୁ ନିଜ ମାଟି ଉପରେ କିପରି ଦୃଢ଼ ଭାବରେ ସ୍ଥାପନା କରି ହୁଏ । ଖାଲି ଏକା ନୁହେଁ ମୋ ଭଳି ଶହଶହ କବିଙ୍କ ପ୍ରେରଣା ଜୟନ୍ତ ମହାପାତ୍ର ।**

**ଏ ପରିପ୍ରେକ୍ଷୀରେ କହିବି ଯେ କେନ୍ଦ୍ର ସାହିତ୍ୟ ଏକାଡ଼େମୀ ଦ୍ୱାରା ପ୍ରକାଶିତ ତଥା ପ୍ରତିଭାବାନ କବି, ଅନୁବାଦକ ଓ ସମାଲୋଚକ ଦୁର୍ଗାପ୍ରସାଦ ପଣ୍ଡାଙ୍କ ଦ୍ୱାରା ସୁସଂପାଦିJayanta Mahapatra: A Reader ଅନେକ ଦୃଷ୍ଟିରୁ ମହତ୍ତ୍ୱପୂର୍ଣ୍ଣ । ଏ ପୁସ୍ତକଟି କାବ୍ୟାମୋଦୀ ପାଠକଙ୍କୁ ଜୟନ୍ତ ଦା'ଙ୍କ ଶବ୍ଦରେ ଗଢ଼ା ଏକ କଳ୍ପଲୋକକୁ ନେଇଯାଏ- ଏକ ଅସାଧାରଣ ଯାତ୍ରା ପଥରେ ଯେଉଁଠି ତାଙ୍କ ପ୍ରଖର ସର୍ଜନା ଏକ ଅନନ୍ୟ ଆଲୋକର ଦ୍ୟୁତି ଉଦ୍‌ଭାସିତ ହୁଏ । ଗୋଟିଏ ପୁସ୍ତକରେ ସନ୍ନିବିଷ୍ଟ ଜୟନ୍ତ ଦା'ଙ୍କ ଅନେକ ପ୍ରତିନିଧି ସ୍ଥାନୀୟ ଲେଖା, ସେଗୁଡ଼ିକର ବିଭାଗୀକୃତ ସଂସ୍ଥାପନ- କେବଳ କବିତା ନୁହେଁ, ସାକ୍ଷାତକାର, ସମାଲୋଚନା, ଆତ୍ମଜୀବନୀ, ଭ୍ରମଣ ବୃତ୍ତାନ୍ତ, ଚିଠିପତ୍ର ଆଦିରେ ସମୃଦ୍ଧ ଏ ଗ୍ରନ୍ଥ । ଖୁବ୍ ଯତ୍ନରେ ଦୁର୍ଗାଙ୍କ ଦ୍ୱାରା ସଂଯୋଜିତ ଓ ସଂପାଦିତ ଏ ଗ୍ରନ୍ଥ ସମସ୍ତ ପ୍ରକାର ପାଠକୀୟ ଆଦର ଓ ଗୁରୁତ୍ୱ ପାଇବାର ଯୋଗ୍ୟତା ରଖେ ।**

ସହ ଏକ ସାମାଜିକ ପ୍ରତିବଦ୍ଧତା ଦାୟରେ ବଖାଣିଛନ୍ତି କବି ମହାପାତ୍ର ।

ମହାପାତ୍ରଙ୍କ ୧୫ତମ କବିତା ଗ୍ରନ୍ଥ Shadow Space(1997) ରେ ସମୁଦାୟ ଚଉବନ ଗୋଟି କବିତା ଓଡ଼ିଶାର ଅନ୍ଧକାର ତ୍ୱଗରାଜିକୁ ବଖାଣିବାରେ ବ୍ୟସ୍ତ । A.K.Ramanujanଙ୍କ ମୃତ୍ୟୁରେ ରଚିତ ଶୋକଗୀତିକା ଏକ ଚମତ୍କାର ଏଲିଜି । 'Bare Face' (୨୦୦୦) ଦୁଇ ଭାଗରେ ବିଭକ୍ତ । ପ୍ରଥମ ଭାଗରେ ୨୬ଟି କବିତା ଓ ୨ୟ ଭାଗରେ (Requiem) ୨୦ଟି ଉପଭାଗ ରହିଛି । ଏହାର Perface ରେ Camilo Jose Celaଙ୍କ ଉକ୍ତି ଏଠାରେ ଉଦ୍ଧାରଯୋଗ୍ୟ । "A beheaded puppet is a sadder sight than a dead human being" ମହାପାତ୍ର କହନ୍ତି, କବିତା ପାଇଁ ଧରାବନ୍ଧା ଫର୍ମୁଲା ନାହିଁ ସତ, କିନ୍ତୁ ଯେଉଁ କବିତା ଅତୀତ ଓ ଐତିହ୍ୟକୁ ନିଜ ସହ ବ୍ୟକ୍ତିସତ୍ତା, ବାସ୍ତବତା ଓ ସାମାଜିକ ସତ୍ୟତା ସହ ନଯାଡ଼େ, ତାହା ଜୀବନୀଶକ୍ତି ରହିତ ହୋଇଥାଏ, ଜୀବନହୀନ ଜଡ଼ପିଣ୍ଡ ହୋଇ ରହିଯାଏ । ଯିଏ ନିଜ ଚାରିପାଖର ବାସ୍ତବତାର ବିବିଧ ଆୟାମକୁ ନଦେଖି ଲେଖିଚାଲେ, ସେ କବି ଯେତିକି ମୃତ ଯିଏ କେବଳ ଓ କେବଳ ସାମାଜିକ ବାସ୍ତବତାକୁ ଦେଖି ଲେଖିଥାଏ, ସେ ମଧ୍ୟ ସେତିକି ମୃତ କବିତା ଜନ୍ମଦିଏ । ଏକ ଭାବନାତ୍ମକ ଫ୍ଲାସ୍‌ବ୍ୟାକ୍ ସହ କବି ଗାନ୍ଧୀଙ୍କ ଦର୍ଶନ, ଚେତନା, ଭାବନା ଆଦିର ରୋମନ୍ଥନ କରିଛନ୍ତି । ତା' ସହ ସାମାଜିକ ଅପଘଟନ, ବିକୃତିର ରୂପଚିତ୍ର ଆଙ୍କିବା ଠାରୁ ଶ୍ଳେଷ, ବ୍ୟଙ୍ଗ, ରୋମନ୍ଥନ ଓ କରୁଣ ସ୍ୱରଚିତ୍ର କଥା ହିଁ କହିଛନ୍ତି । ଆମେ ତଥାକଥିତ ସଭ୍ୟ ସମାଜରେ, ବସବାସ କରୁଥିବା ବ୍ୟକ୍ତି ଗାନ୍ଧୀ କହୁଥିବା, ଭାବୁଥିବା ଓ ଚିନ୍ତା କରିଥିବା କଥାସବୁର ଅପବିଘଟନ କରିପାରୁ, ଅନୁପାଳନ ନୁହେଁ । 'Requiem' ଏକ ଏପିକ୍ ଧର୍ମୀ ଦୀର୍ଘ କବିତା ମାତ୍ର । ଏଠାରେ ବର୍ଣ୍ଣିତ ନାରୀଟି ଯିଏ ଖରାବର୍ଷାରେ ବଢ଼ିହେଉଛି ଭିଜୁଛି, ସିଝୁଛି- ସେ ହେଇପାରେ ଆମର ରାଷ୍ଟ୍ରମାତା । ତା' ହାତର ରୁଦ୍ରାକ୍ଷ ଭାରତମାତାର ଧାର୍ମିକ ପୃଷ୍ଠଭୂମି ଆଡ଼କୁ ଇଙ୍ଗିତ ଦିଏ । କିନ୍ତୁ ଏଠାରେ ମଧ୍ୟ ସେ ଆମର ଯାନ୍ତ୍ରିକ ଜୀବନଧାରା କୃତ୍ରିମ ଭାବନା ସବୁର କଥା କହି ସମାଲୋଚକୀୟ ମୁଦ୍ରା ଧାରଣ କରିଛନ୍ତି । କେତେ ସିଧାସଳଖ ସରଳ ଭାଷାରେ ବିଦ୍ରୁପ କରି ଆଧୁନିକ ଚିନ୍ତାଧାରାର ମଣିଷକୁ ଶୁଣାଇଛନ୍ତି ଦେଖନ୍ତୁ- What you have left behind are / Faded pictures on bare office walls. A day / Every year as national holiday./ Growing, Deething seper colonies." (Riquiem, Sec-1, B.F) ଏଠାରେ ସେ କବି କମ୍ ସମାଜର, ଠିକାଦାର ଅଧିକ ଲାଗୁଛନ୍ତି । ଏହା ହିଁ ତ ଜଣେ ସଫଳ ସାହିତ୍ୟିକର ଲକ୍ଷଣ । ସେ ଯେକୌଣସି ବିଭାଗରେ ଲେଖନୀ ଚାଳନା କରନ୍ତୁ ନା କାହିଁକି । ୨୦୦୫ରେ ପ୍ରକାଶିତ Random Descent ସଂକଳନରେ ସେ ମୁକ୍ତକଣ୍ଠରେ ପ୍ରତିବାଦ କରିଛନ୍ତି ସାମାଜିକ ବ୍ୟଭିଚାର, ଦାରିଦ୍ର୍ୟ, ଜାତିଧର୍ମ ଗୋଷ୍ଠୀକୈନ୍ଦ୍ରିକ କୁପ୍ରଥା ପରମ୍ପରାକୁ । ଅନ୍ୟସବୁ ସଂକଳନରେ ସେ ଏପରି ପ୍ରତିକ୍ରିୟାଶୀଳ ହୋଇନାହାଁନ୍ତି । ୪୯ଟି ଯାକ କବିତାରେ ଏହିପରି ବିବିଧ ପ୍ରତିବାଦର ସ୍ୱର ହିଁ ଶୁଣା ଯାଇଛି । ୨୦୧୩ରେ ଲିଖିତ Land କବିତା ଗ୍ରନ୍ଥରେ ତିରିଶ୍ ଗୋଟି କବିତା ରହିଛି । ଏ ମାଟି ସହ କବିଙ୍କ ଅତୀତ, ବର୍ତ୍ତମାନର ସଂପର୍କ କଥା ଏଠାରେ ରହିଛି । ରକ୍ତସ୍ନାତ ଧୂଳିର ମାଟିରୁ କବିଙ୍କ ପୂର୍ବଜଙ୍କ ରକ୍ତର କଥା ଯାଏ ସବୁ କଥା ସବୁ ଗାଥା ରହିଛି ଏହି କବିତା ଗୁଡ଼ିକର ଶିରାପ୍ରଶିରାରେ । ଅତୀତ ଓ ଐତିହ୍ୟପୂର୍ଣ୍ଣ ଘଟଣାରେ ଅବଗାହନ କରି କବି ଉଠି ଆସିଛନ୍ତି । ଅଶୋକଙ୍କୁ ଏଠାରେ ଅନ୍ୟାୟର ପ୍ରତୀକ ଭାବରେ ଗ୍ରହଣ କରି ଶ୍ଳେଷୋକ୍ତି ଓ ବିଦ୍ରୁପୋକ୍ତି ପ୍ରୟୋଗ କରିଛନ୍ତି କବି ଶ୍ରୀଯୁକ୍ତ ମହାପାତ୍ର । ବ୍ୟଙ୍ଗ-ବିଦ୍ରୁପର ଉଚ୍ଚତା ଓ ଗଭୀରତା ନିମ୍ନ ପଙ୍‌କ୍ତିରୁ ଲକ୍ଷ୍ୟ କରାଯାଉ- "Slashed with bolld-red light, Ashoka / Turns away from himself, proclaming / "All men are my child" (Ashoka) ଗାଁକୁ ନେଇ ଖୁବ୍ ବିଶ୍ୱସ୍ତ ଚିତ୍ର ଆଙ୍କିଛନ୍ତି କବି ମହାପାତ୍ର । କିନ୍ତୁ ସର୍ବୋପରି ଲେଖକ ବାଛୁଥିବା ଥିମ୍ ବା ବିଷ ତଥା ଜୀବନ ଫର୍ଦ୍ଦ ଗୁଡ଼ିକୁ ସେ ନିଜ ଲେଖନୀ ମୁନରେ ନ୍ୟାୟ ଦେଇ ପାରିଛନ୍ତି । ଜଣେ ଲେଖକ, ମଣିଷ, ସମାଜର ଅଧିବାସୀ, ବ୍ୟକ୍ତିସତ୍ତା ଓ ଅନ୍ୟାନ୍ୟ ଅନେକ ଦିଗରୁ ନିଜର ପ୍ରତିବଦ୍ଧତା ଦେଖାଇ ନ୍ୟାୟ ଦେଇଛନ୍ତି- ଏହାଠାରୁ ଜଣେ ଲେଖକ ଜୀବନରେ ଆଉ କି ବଡ଼ କଥା ଥାଇପାରେ ! ପ୍ରତ୍ୟେକ ଶବ୍ଦ ତାଙ୍କ ସୃଷ୍ଟିରେ ଆଶ୍ୱସ୍ତ, ତାଙ୍କ ହୃଦତନ୍ତ୍ରୀ ସହ ସମଦଶାଭୋଗୀ, ସମାହତ ଓ ସମାହିତ । ଯଥାର୍ଥରେ ଏପରି ସାରସ୍ୱତ ସ୍ରଷ୍ଟା ଅଦ୍ୱିତୀୟ, ସାର୍ଥକ ଓ ବିରଳ । ଆଗାମୀ ଦିନମାନଙ୍କ ପାଇଁ ସେ ଆଦର୍ଶ ଦୃଷ୍ଟାନ୍ତ, ଅନୁକରଣୀୟ, ପ୍ରେରଣାର ମହୋତ୍ସ-ଭାରତୀୟ ଓ ଆନ୍ତର୍ଜାତୀୟ ସାରସ୍ୱତ ଅନ୍ତରୀକ୍ଷରେ ଏକ ଚିର, ଜାଜ୍ୱଲ୍ୟମାନ ତାରକା ଓ ଆଲୋକବର୍ତ୍ତିକା । ନିଜ ଦର୍ପଣରେ ନିଜେ ନିଜକୁ ଦେଖିଲାବେଳେ ସ୍ରଷ୍ଟା ଜୟନ୍ତ ଖୁବ୍ ଗୁରୁତ୍ୱ ଓ ତାତ୍ପର୍ଯ୍ୟପୂର୍ଣ୍ଣ ଉପଲବ୍ଧିକୁ ଦିବାଲୋକକୁ ଆଣିଛନ୍ତି । କବିତା ହଠାତ୍ ଜୟନ୍ତଙ୍କ ଜୀବନରେ ପ୍ରବେଶ କରିଛି । ସେ କବିତାକୁ ନେଇ କୌଣସି କଳ୍ପନା ଜଳ୍ପନା ବା ଭାବନା ରଖିନାହାଁନ୍ତି । କିନ୍ତୁ କବିତା ତାଙ୍କୁ ଜୀବନର ନୂଆ ଏକ ଦିଗକୁ ଖୋଲିବା ଓ ଅନୁଭବ କରିବାର ସୁଯୋଗ ଅବଶ୍ୟ ଦେଇଛି । ଜୀବନକୁ ଭିନ୍ନ ଭାବରେ, ନୂତନ ମୁଦ୍ରାରେ ସଂଦର୍ଶନ କରିବାର ସାମର୍ଥ୍ୟ ଦେଇଛି । ଅଯଥାରେ ମସୃଣ ମୁକ୍ତା ପରି ହାତରୁ ଖସି ଯାଉଥିବା ମୁହୂର୍ତ୍ତ ଗୁଡ଼ିକୁ ସେ କବିତାର ଆଗମନ ଦ୍ୱାରା ବାନ୍ଧିରଖି ପାରିବାର କଳା ଶିଖିଲେ । କବିତା ଯଦିଓ ଏକ ଆବଶ୍ୟକତା ନୁହେଁ, କିନ୍ତୁ ଏହା ଜୀବନରେ ପରିପୂର୍ଣ୍ଣତା ଆଣିଦିଏ । ପୁରସ୍କାର କବିଙ୍କୁ କଦାପି ତଟସ୍ଥ ବା ବିମୋହିତ କି ସମ୍ମୋହିତ କରିପାରିନି ବରଂ ତାଙ୍କ ଦୃଷ୍ଟିରେ ପୁରସ୍କାର ହେଉଛି ଦାର୍ଶନିକ ଓ ହୀନବୁଦ୍ଧିମାନଙ୍କ ନିମନ୍ତେ ଏକ ଭ୍ରମ । କବିତା ତାଙ୍କୁ ଦାର୍ଶନିକ କରିଦେଇଛି, ସନ୍ତୁଷ୍ଟି ଆଣି ଦେଇଛି । ନଚେତ୍ ସେ କି କେବେ କହି ଥାଆନ୍ତେ- "Only I know that my writing keeps me occupied.It's a road I chose to be on, a road that would lead me 'home', but i non't know where it is; home. And it is there that i want to go. But poetry has failed



**"ଯେତେବେଳେ ଅନ୍ୟସବୁ କବିମାନେ ଚେତନାକୁ ଦୋହଲେଇ ଦିଅନ୍ତି, ଠିକ୍ ସେତେବେଳେ ଜୟନ୍ତ ତାଙ୍କ କବିତାରେ ଚେତନାକୁ ଏକ ସମାଧିସ୍ଥ ସ୍ତରକୁ ନେଇଯାନ୍ତି ।"**

**କେକୀ ଦାରୁୱାଲା,**
ପ୍ରସିଦ୍ଧ ଭାରତୀୟ ଇଂରାଜୀ କବି

## ଜୟନ୍ତ ମହାପାତ୍ର ଏ ରିଡ଼ର୍ : ମତମନ୍ତବ୍ୟ

"ଏ ପୁସ୍ତକର ସବୁଠୁ ସମୃଦ୍ଧ ପରିଚ୍ଛେଦ ହେଉଛି ଜୟନ୍ତ ମହାପାତ୍ରଙ୍କ ଅନ୍ୟ କବିମାନଙ୍କ ଉପରେ ଲେଖିଥିବା ଆଲେଖ୍ୟ ତଥା ଅନ୍ୟ କବି-ସମାଲୋଚକମାନେ ଜୟନ୍ତଙ୍କ ଉପରେ ଲେଖିଥିବା ଲେଖା ସମୂହ । ବ୍ୟକ୍ତିଗତ ଭାବରେ ମୋର ପ୍ରିୟ ଲେଖାଟି ହେଉଚି ଜୟନ୍ତଙ୍କ ପ୍ରସିଦ୍ଧ ଆମେରିକୀୟ ବିଟ୍‌କବି ଆଲେନ୍ ଜିନ୍‌ସ୍‌ବର୍ଗ ସହ ବିତେଇଥିବା ଅନ୍ତରଙ୍ଗ ସମୟର ଅବତାରଣା । ପୁସ୍ତକରେ ସଂକଳିତ କବିତା ଓ ଅନ୍ୟାନ୍ୟ ରଚନାବଳୀ ସେଇ ଧାରଣାକୁ ପରିପୁଷ୍ଟ କରେ ଯେ' କିଭଳି ଜୟନ୍ତଙ୍କ ଲେଖା ଆଶ୍ଚର୍ଯ୍ୟଜନକ ଭାବରେ ଆଞ୍ଚଳିକତା ଓ ବୈଶ୍ୱିକତାକୁ ଗୋଟିଏ ବିନ୍ଦୁରେ ଏକାଠି ସମ୍ମିଳିତ କରି ଦେଇପାରେ । ଜୟନ୍ତ ମହାପାତ୍ରଙ୍କୁ ପଢ଼ିବା ଭାରତୀୟତାର ଗଭୀର ଆତ୍ମାକୁ ପଢ଼ିବା ସହ ସମାନ ।"

**ଉତ୍ତରଣ ଦାସଗୁପ୍ତା,**

'ବିଜ୍‌ନେସ୍ ଷ୍ଟାଣ୍ଡାର୍ଡ଼', ୮ ଜୁନ ୨୦୧୯



to take me home; the 'road' has been a winding one, it is a pompous one, vanishing in the far distance at times with a cry, perhops my own. Perhaps that's what my poetry has been doing to my life; waving sorrowfully after me." (On My self)

କବି ମହାପାତ୍ରଙ୍କ ଜୀବନ ଓ କବିତା ପରସ୍ପର ସମ୍ବନ୍ଧାନ୍ୱିତ, ଜଡ଼ିତ ଓ ସନ୍ନିହିତ । କବିତା ଇଚ୍ଛା ବା ଅଦମ୍ୟ ଆକାଂକ୍ଷାରୁ ଆସେ । କିନ୍ତୁ ସବୁ ଆକାଂକ୍ଷା କବିତାକୁ ଜନ୍ମ ଦିଏନା ବରଂ ଜୀବନରେ ଯେଉଁ ଇଚ୍ଛାକୁ ଦମନ କରିହୁଏନା, ଯାହା ଫେରି ଯାଏନା- ସେହି ଇଚ୍ଛା ଓ ଅଭୀପ୍‌ସା ହିଁ କବିତାକୁ ଜନ୍ମ ଦିଏ, ଆବାହନୀ ମନ୍ତ୍ର ଯୋଗେ ଆମନ୍ତ୍ରଣ କରେ । କବିଙ୍କ କକ୍ଷର ଚାରିକାନ୍ଥ ବାହାରର ଦୁନିଆର ଦୁଃଖ ଓ ଯାତନା ତାଙ୍କ କବିତାର ପ୍ରାଣରେ ସ୍ପନ୍ଦନ ଆଣିଦିଏ, ଇଚ୍ଛାର ବିବର ଭରିଦିଏ, ପୂରିଉଠେ ଆକାଶ । ଶେଷରେ ଅବସୋସ୍‌ର ଗଳାରେ ମାଣ୍ଡେଲା, ଟେରେସା ଓ ଏପରିକି ଜଣେ ଡାକ୍ତର ବା ସମାଜସେବୀ, ମାନବସେବୀ ହୋଇ ସିଧାସଳଖ ମାନବର, ବିପନ୍ନ ବ୍ୟକ୍ତିର ସେବା ନକରି ପାରିବାର, ସ୍ୱର ସ୍ପଷ୍ଟ ହୋଇଛି । ବିନମ୍ରତା ଓ ସମର୍ପଣ ଭାବନାର ସହିତ ଏକ ନୈତିକ ଜୀବନ, ଏକ ଆଦର୍ଶ ଜୀବନର ଦୃଷ୍ଟାନ୍ତ ଛାଡ଼ିଯିବାର ଇଚ୍ଛା ସେ ପ୍ରକଟ କରିଛନ୍ତି ।

ଆତ୍ମଜୀବନୀ (Autobiography) ଉପବିଭାଗରେ, ଜୀବନରେ ଭୋଗିଥିବା ଅଲିଭା ଦାଗ ପରି ଯାତନା ସବୁକୁ ଛାତିତଳ ପଞ୍ଜରା ତଳେ ଦାବି ରଖିଥିବା କଥା କହିଛନ୍ତି । ଏକ ମୁକ୍ତବନ୍ଦୀର ଜୀବନ ଜିଇଁଥିବା ସ୍କୁଲ୍‌ପିଲା ଥିଲେ ଜୟନ୍ତ । ସାଙ୍ଗମାନଙ୍କ ଅସୂୟା ଓ ଭିନ୍ନ ଦୃଷ୍ଟିର ତୀକ୍ଷ୍ଣ ଦଂଶନରେ ସେ ଅନେକଥର, କ୍ଷତାକ୍ତ ହୋଇଛନ୍ତି । ଦୁର୍ବଳ ଅର୍ଥନୀତିର ଜୀବନ ମଇଦାନରେ ଗଜୁରି ଉଠିଥିବା ଏକାକୀ ଶାଳଗଜାର କାହାଣୀ ପରି ତାଙ୍କର ଜୀବନ । ଜଣେ ମେଧାବୀ ଓ ବିଚକ୍ଷଣ ବୁଦ୍ଧିସଂପନ୍ନ ଛାତ୍ର ହେବା ତାଙ୍କ କିଶୋର ମନରେ ଗଭୀର ରେଖାପାତ କରିବାରେ ପରୋକ୍ଷ ଭୂମିକା ନିର୍ବାହ କରିଥିଲା । କିନ୍ତୁ ଦାରିଦ୍ର୍ୟ ଓ ଆର୍ଥନୀତିକ ସାମାଜିକ ବିଭେଦନର ଶିକାର ହୋଇ ସେ ମାନସିକ ତାଡ଼ନାର ଶିକାର ହେଉଥିଲେ । କିନ୍ତୁ ତାଙ୍କ ପିତାଙ୍କ ସହ ସମ୍ପର୍କ ଖୁବ୍ ଭଲଥିଲା । ତେବେ ତାଙ୍କର ଆତ୍ମଜୀବନୀ ଅନେକ ସ୍ମୃତି ବିସ୍ମୃତିର ଆବେଗସିକ୍ତ ଆବେଦନ ମାତ୍ର । ସେହିପରି Through the looking glass ପର୍ଯ୍ୟାୟରେ କବି ମହାପାତ୍ର ଗୋଟିଏ ଅତୀତ ବିଧୁର ଆବେଗ ପ୍ରବଣ କଥା କହିଛନ୍ତି । ଆଜି ବୟସର ଅପରାହ୍ନରେ ସେଦିନର ବାଲ୍ୟସ୍ମୃତି ଯେତେବେଳେ ଭାସି ଉଠୁଛି ଆଖି ଆଗରେ- ଛାତି ଭିତରେ ଅନୁଭୂତ ହେଉଛି ଏକ ପ୍ରକାର ଅନୁପମ-ଅଦ୍ୱିତୀୟ ମିଠାପଣ । ଜୀବନ ମଧୁମୟ ମନେ ହେଉଛି କଷ୍ଟ ସବୁ ଆନନ୍ଦ ପରି ମନେହେଉଛି । ଜୀବନରେ ଦୁଃଖକୁ ଯାତନାକୁ ଅତିକ୍ରମ କରି ଗୋଧୂଳି କାଳରେ ପଛକୁ ଫେରି ଚାହିଁଲ Sweetest songs ପରି ମନେହୁଏ । ଜୀବନରେ କେଡ଼େ ବଡ଼ ପ୍ରେରଣା ଏଇ କଥା ଟିକକ ! Jean Barois ଙ୍କ Jean Barois ; ଲେଖକଙ୍କୁ ନିଜ ପ୍ରତି ବିଶ୍ୱସ୍ତ ହେବାର କଳା ଶିଖାଇଛି ଯାହା କୌଣସି ଧର୍ମର ଶିକ୍ଷା ବା ପ୍ରେରଣା ମଧ୍ୟ ଶିଖାଇ ପାରିନି । ନିଜର ଜୀବନ ଜୀଇଁବା କଳା ଶିକ୍ଷା ସଂପର୍କରେ ସେ କହନ୍ତି- It seems to me that in an indifferent world, man cannot rely either on nature or on his fellow human beings; but that he must be able to rely on himself and on those few friends who share the same feelings. Perhaps Jean Barios; in Jean Barois has showed me how to be true to myself, more than why dogmatic teaching of religion can. A man is, as he is I have tied all my life, by instinct rather than by deliberate choice, to be legal to the commitments i have made to the one. I



## ଜୟନ୍ତ ମହାପାତ୍ର ଏ ରିଡ଼ର୍ : ମତମନ୍ତବ୍ୟ

"କିଛିଟା ଲାଜକୁଳା ଓ କିଛିଟା ପରିପକ୍ୱତାର ଆଖି ନେଇ ଆମ ସମୟର ଅନ୍ୟତମ ଦ୍ୱିଭାଷୀ କବି-ସମାଲୋଚକ ଦୁର୍ଗାପ୍ରସାଦ ପଣ୍ଡା ଏଇ ଅନବଦ୍ୟ କୃତିଟିର ସମ୍ପାଦନା କରିଛନ୍ତି, ଯାହା ଜୟନ୍ତ ମହାପାତ୍ରଙ୍କ କବିତା ଓ ବଞ୍ଚୁଥିବା ଅନ୍ତର୍ଜୀବନ ଉପରେ ଅତ୍ୟନ୍ତ ସୂକ୍ଷ୍ମତାର ସହ ଆଲୋକପାତ କରେ । ନିଜ ମାଁଙ୍କୁ ଘୃଣା କରୁଥିବା ଏକ ଦୁଃଖଦ ପିଲାଦିନ ଠୁ ଆରମ୍ଭ କରି ପୃଥିବୀ ପ୍ରସିଦ୍ଧି ଯାଏଁ ଲମ୍ବିଥିବା ଜୟନ୍ତଙ୍କ ଦୀର୍ଘ କାବ୍ୟଯାତ୍ରା- ଏ ପୁସ୍ତକର ଅନ୍ୟତମ ସାମର୍ଥ୍ୟ ।"

**ଅଶ୍ୱିନୀ କୁମାର,**

'ଫାଇନାନ୍‌ସିଆଲ୍ ଏକ୍ସପ୍ରେସ୍', ୨୮ ଏପ୍ରିଲ୍ ୨୦୧୯

love, and to my country. At times i have made mistakes when faced with contradictory localities. And with no small measure of anguish, I have learned to admit my wrong; and to submit and to live (୧୨) ବ୍ୟକ୍ତି ଯେତେ ପ୍ରାଚୁର୍ଯ୍ୟ ଯେତେ ସୌନ୍ଦର୍ଯ୍ୟ ବା ଯେତେ ସମୃଦ୍ଧ ଜୀବନ ଜୀଇଁଲେ ମଧ୍ୟ ତାର ଅତୀତକୁ ସେ ଚିନ୍ତାକରେ ଓ ତହିଁରେ ବିଚରଣ କରେ ଭାବନା ରାଜ୍ୟରେ ।

ଅଗଷ୍ଟ ମାସ ପୁନର୍ବାର ସମୟ । "A time when all life seems to renew itself in its own mysterious manner." (୧୩) ଭାରତର ସ୍ୱାଧୀନତାକୁ ନେଇ ସେହିପରି ରହିଛି ଅନେକ ଗୁରୁତ୍ୱ । ଅଗଷ୍ଟ ମାସରେ ଅନେକ ସ୍ମୃତିର ରୋମନ୍ଥନ କରିଛନତି୍ କବି ମହାପାତ୍ର । ଦେଶର ଏକ ସମ୍ବେଦନଶୀଳ ମୁହୂର୍ତ୍ତରେ ତମାମ୍ ପରିବେଶ ଖୁବ୍ ଭାରିଭାରି ମନେ ହେଉଥାଏ । ଏହା ଇତିହାସର ଏକ ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟାୟ, ଏକ ଦେଦୀପ୍ୟମାନ ଅଂଶ । ଗାନ୍ଧୀ କବି ମହାପାତ୍ରଙ୍କ ପାଇଁ ଏକ ପ୍ରେରଣା, ଚେତନାର ଏକ ମହୋଜ୍ଜ୍ୱଳ ଆଦର୍ଶସ୍ତମ୍ଭ । ଏହି ଉପାଧ୍ୟାୟରେ କବି କବିତା ସମ୍ପର୍କରେ କହନ୍ତି- "Poetry is never writing or books, it is 'voice', Nak, a still hand that Stretches out, all alone." (୧୪) ଏହି ଅଧ୍ୟାୟରେ ଲେଖକ ଖୁବ୍ ଦାର୍ଶନିକ ମୁଦ୍ରାରେ ଅବତୀର୍ଣ୍ଣ ହେଲାପରି ମନେହୁଏ । "Gandhi, the Mahatma, in flesh' ରକ୍ତମାଂସର ମଣିଷ ବା ରକ୍ତ ମାଂସର ମହାମାନବ ହେଉଛନ୍ତି ଗାନ୍ଧୀ । ଖୁବ୍ ପାଖରୁ ଗାନ୍ଧୀଜୀଙ୍କୁ ଦେଖିବାର ଲାଳସା ଓ ସୁଯୋଗ ଉଭୟ ଥିଲା କବିଙ୍କ ଭାଗ୍ୟରେ । ସ୍ୱାଧୀନତାର ସ୍ୱାଭିମାନରେ ଜଣେ ସକ୍ରିୟ ନାଗରିକ ଭାବରେ ପ୍ରତ୍ୟକ୍ଷ ଭୋଗୀ ହେବା କମ୍ ଗୌରବ ଓ ଗାରିମାର ବିଷୟ ନୁହେଁ । ଗଙ୍ଗା ତୀରରେ ରହଣି କାଳରେ ଯେପରି ଭାବରେ ଗଙ୍ଗା ଏକ ଗଭୀର ପ୍ରଭାବ ପକାଇ ତାଙ୍କର ମାନସିକତାରେ ଏକ ସ୍ୱତନ୍ତ୍ର ସ୍ତର ସୃଷ୍ଟି କରିଥିଲା,ଗାନ୍ଧୀ ମଧ୍ୟ ଏକ ଚେତନା ପାଲଟି ଯାଇଥିଲେ ଓ ଜୟନ୍ତଙ୍କ ମନରେ ଏକ ଗଭୀର ରେଖାପାତ କରିଥିଲେ । ତେଣୁ ସେ କହିଛନ୍ତି 'ଗାନ୍ଧୀ ଓ୍ୱାଜ୍ ମାଇଁ ମାଇଣ୍ଡ୍' । ଗାନ୍ଧୀଙ୍କ ସମ୍ପର୍କରେ ଚିନ୍ତା କଲେ ଅଥବା ତାଙ୍କର ଦୃଷ୍ଟି ଓ ଦର୍ଶନ କଥା ଚିନ୍ତାକଲେ କବି ଆହୁରି ବିନମ୍ର ହୋଇଯାଆନ୍ତି, ଆହୁରି ତରଳି ଯାଆନ୍ତି । କି ଚମତ୍କାର ଦର୍ଶନ ! ମହାମାନବର ସତରେ ଏ କି ଭବ୍ୟଲୀଳା ! ଚରଖା ଓ ସର୍ବୋଦୟ ସତରେ ଏକ ଏକ ମହାନ ଦର୍ଶନର ମାଧ୍ୟମ । ଗାନ୍ଧୀ ସେହି ବିପତ୍ତି (Risk) କୁ ଗ୍ରହଣ କରିଥିଲେ ଯାହାକୁ କେହି କେବେ ସାହସ କରି ଗ୍ରହଣ କରିପାରେନା । ତେଣୁ ସେ ସେହି ଐତିହାସିକ ଉଚ୍ଚତାରେ ପହଞ୍ଚିଛନ୍ତି, ଯେଉଁଠି ଅନ୍ୟ କେହି ପହଁଚି ପାରିବେ ନାହିଁ ।

'Dawn's Pair of Pearl Earrings ଉପ-ଅଧ୍ୟାୟରେ ଜୟନ୍ତ ଅନେକାଂଶରେ କାବ୍ୟିକ ହୋଇ ପଡ଼ିଛନ୍ତି । କବିତା ସଂପର୍କୀୟ ବକ୍ତବ୍ୟ ପରି ଏକ ଭକ୍ତିରେ ସେ କହନ୍ତି- "I find books have only dead words between their pages, entwined with lachother.Those words are lonely, lonelier than the dead''. ବାସ୍ତବିକ ଖୁବ୍ ଅଙ୍ଗେନିଭା ଉକ୍ତି ଏଇଟି ।

Biginnings and Endings ପର୍ଯ୍ୟାୟରେ ଅମିତ ଚୌଧୁରୀ ଲେଖିଛନ୍ତି ଭାରତକୁ ଆସିବାର ବିବିଧ କାରଣ ଓ ସେହିପରି ଓଡ଼ିଶାର କଟକ ଆସିବାର ଅନ୍ୟତମ କାରଣ ହେଉଛନ୍ତି ଜୟନ୍ତ । ତାଙ୍କ ବାବଦରେ ସେ କହିଛନ୍ତି ଯେ, ଜୟନ୍ତ ନା ଏକ ରୋମାଣ୍ଟିକ୍ କବି ନା ଏକ ଆଧୁନିକ କବି । ବରଂ ସେ ନିଜେ ଗଢ଼ିଛନ୍ତି ଏକ ବ୍ୟକ୍ତିଗତ ଓ ଭାବାବେଗ ସଂପନ୍ନ ତନ୍ୟ-ମାନ୍ୟ (resilient and tenable) ରୀତି । ଅଠର ବର୍ଷ ବୟସରେ ସେ ଜୟନ୍ତଙ୍କୁ 'ଚନ୍ଦ୍ରଭାଗା'ର ସମ୍ପାଦକ ଭାବରେ କିଛି କବିତା ଦେଇଥିଲେ । ସେଥିରୁ ଚାରିଗୋଟି କବିତା ପ୍ରକାଶିତ ହୋଇଥିଲା ଓ ତତ୍‌ସହିତ ଏକ ଦୀର୍ଘ ଚିଠି ମଧ୍ୟ ଜୟନ୍ତ ପ୍ରେରଣ କରିଥିଲେ । ତା'ର ମାନ ଓ ଓଜନ, ତାର ଗୁରୁତ୍ୱ ଜୀବନରେ ଖୁବ୍ ଅଧିକ ରହିଛି ବୋଲି ନିଜେ ଚୌଧୁରୀ ସ୍ୱୀକାର କରିଛନ୍ତି । ରୋଗ, ବାର୍ଦ୍ଧକ୍ୟଜନିତ ଯନ୍ତ୍ରଣା ସତ୍ତ୍ୱେ ସେ ଏକ ସ୍ଫୂର୍ତ୍ତିପୂର୍ଣ୍ଣ ଜୀବନ ଯାପନ କରୁଛନ୍ତି । ଜୟନ୍ତଙ୍କ ଧର୍ମପତ୍ନୀ ରୁନୁ ମହାପାତ୍ରଙ୍କ କଥା ମଧ୍ୟ ଆଲୋଚନା କରିଛନ୍ତି ଚୌଧୁରୀ । ସାଇରିଲ୍ ଦାବିଡିନଙ୍କ "he who was bored with London was bored with life itself" ଜୟନ୍ତ ସେଇଠି କହିଥିଲେ ଯେ ସେ ଦୁହେଁ ଅନେକ ଦିନ ଦଳର ଭାଇଭାଇ । ଭାଗ୍ୟ ଓ ଇତିହାସର କରାଳତା ଦ୍ୱାରା ସେମାନେ ଅଲଗା ହୋଇ ଯାଇଥିଲେ । ଲଣ୍ଡନର କସ୍‌ମୋପଲିଟାନ୍ ସଂସ୍କୃତି ସହ ଜୟନ୍ତଙ୍କର ଏହା ଥିଲା ପ୍ରଥମ ପରିଚୟ । ଜୟନ୍ତଙ୍କ ଭାରତୀୟ ଇଂରାଜୀ କାବ୍ୟ ପ୍ରତିଭାର ସ୍ୱୀକୃତି ରୂପେ ଏହାକୁ ଗ୍ରହଣ କରାଯାଇପାରେ । ଲକ୍ଷ୍ମୀ କନ୍ନନ୍‌ଙ୍କ Jayanta-Da ଶୀର୍ଷକ ରଚନାଟି ତାଙ୍କ ବ୍ୟକ୍ତି ସଂପର୍କ ଓ ଅନୁଭୂତିର ଏକ ଦସ୍ତାବିଜ । ଜୟନ୍ତ ସସ୍ତୀକ କଲିକତାକୁ ଏକ ସାହିତ୍ୟିକ ଉତ୍ସବକୁ ଯାଇଥିଲା ବେଳେ ପ୍ରଥମ ଥର ପାଇଁ ଭେଟିଥିଲେ କନ୍ନନ୍ । ଜଣେ ଭଲ ମଣିଷ ଓ ଭଲ କବି- ଉଭୟ ଭାବରେ ଜୟନ୍ତ ଅଦ୍ୱିତୀୟ । 'ଚନ୍ଦ୍ରଭାଗା' ଜୟନ୍ତୀୟ ପ୍ରତିଭାର ଏକ ବିରାଟ ଓ ଗୁଣାତ୍ମକ ଅଧ୍ୟାୟ । ପ୍ରସିଦ୍ଧି ଓ ପରିଚିତିର ଜୟଯାତ୍ରାରେ 'ଚନ୍ଦ୍ରଭାଗା'ର ଭୂମିକା ଅନସ୍ୱୀକାର୍ଯ୍ୟ । ଗୋଟିଏ ପକ୍ଷରେ vicissutudes of the language ତ ଅପରପକ୍ଷରେ ଚମତ୍କାର 'Poisy' ଯଥାର୍ଥରେ ଲକ୍ଷ୍ମୀ କନ୍ନନ କହନ୍ତି- "He writes a special kind of English that has a subterranear Oriya rippling underneath somewhere." (୧୫)

ଜୟନ୍ତଙ୍କ ଅନ୍ୟତମ ବିଶେଷତ୍ୱ ହେଉଛି ସେ ଅନୁବାଦ କଳାରେ ସୁଦକ୍ଷ । ସାଧାରଣ ଓ ଗାଉଁଲି ଓଡ଼ିଆକୁ ମଧ୍ୟ ଇଂରାଜୀ ରୂଢ଼ିରେ ପରିଣତ କରିପାରନ୍ତି । ଶବ୍ଦରେ ରୂଢ଼ ଅର୍ଥ ପ୍ରୟୋଗ କରି ପାରନ୍ତି । ସେ ସଂସ୍କୃତିର ମାଟିରେ ପୋତା ହୋଇ ଉଭୁରିଥିବା ମଞ୍ଜିଟିଏ ମାତ୍ର । ସମୀକ୍ଷକ ହିସାବରେ ସେ ଆହୁରି କହିଛନ୍ତି- "His poems over the years have registered immense range of interests, theme and style. The poems i like best are the ones that i only half understand, the ones that left something unsaid, or sounded a bit contrary before creating a pool of silence around the words. The some exigmatic power govers some of his fitles too, like the lie of dawrs, his select poems from ୧୯୭୪-୨୦୦୮''(୧୬) ଯନ୍ତ୍ରଣାର ଚିତ୍ରକର ସେ, ନିଜର ଆବିଷ୍କର୍ତ୍ତା ସେ, ପୁଣି ମୌଳିକ ଓ ବିରଳ ସ୍ୱାକ୍ଷରଟିଏ ସେ । ସବୁ ଦୃଷ୍ଟିରୁ ଜଣେ ସଚ୍ଚା ମଣିଷ ହେବା ସହ ଏକ ବିରଳ ପ୍ରଜାତିର ମାନବ ଜାତିର ଉଦ୍ଧାର ନିମିତ୍ତ ପ୍ରଯୁଜ୍ୟ କବିଟିଏ ଛଡ଼ା- ସେ ଆଉକିଛି ହୋଇ ନପାରନ୍ତି । ବୁଟନ୍‌ବ୍ଲୁମ୍‌ଙ୍କ ଆଲେଖ୍ୟରେ ଖୁବ୍ ଆକର୍ଷକ ଘଟଣାର ସମାହାର ରହିଛି । ଜୟନ୍ତଙ୍କ କବିତା Poetry Magazine ପୃଷ୍ଠାରେ ପ୍ରକାଶିତ ହେଲା ପରେ ବ୍ଲୁମ୍ ତାଙ୍କର ଏକ ପ୍ରଶଂସକ ପାଲଟିଥିଲେ । ବିଶେଷକରି'A Rain of Rites' କବିତା ପ୍ରକାଶିତ ହେଲା ପରେ ବ୍ଲୁମ୍ ଏହାକୁ ପଲ୍ ଏଙ୍ଗେଲ୍‌ଙ୍କ ସହ ଆଲୋଚନା କରିଥିଲେ । ଏବଂ ସେହି ଘଟଣା ପରେ ସୁଦୂର ଓଡ଼ିଶାର ପ୍ରତିଭା ଜୟନ୍ତଙ୍କୁ ଭେଟିବାର ଆଗ୍ରହ ପ୍ରକାଶ କରିଥିଲେ । ଜୟନ୍ତଙ୍କ ପରି ଜଣେ ନିର୍ମଳ କବିତ୍ୱ ଓ ନିର୍ମଳ ହୃଦୟର ମଣିଷକୁ ଭେଟିବା ଏକ ପ୍ରଲୋଭନ, ଏକ ଦୁର୍ବଳତା ଥିଲା ବ୍ଲୁମ୍‌ଙ୍କ ପାଇଁ । ସେହିପରି ମୀନାକ୍ଷୀ ଭଟ୍ଟାଚାର୍ଯ୍ୟ ଜୟନ୍ତଙ୍କୁ ଏକ କବି ଭାବରେ ଦେଖିଛନ୍ତି । ଜଣେ କବି ଯେ ସର୍ବାଗ୍ରେ ସୂକ୍ଷ୍ମ ଦ୍ରଷ୍ଟା, ଗଭୀର ଦୃଷ୍ଟିର ଅଧିକାରୀ ଏ କଥା ଜୟନ୍ତ ଖାଲି ବିଶ୍ୱାସ କରନ୍ତି ନାହିଁ ବରଂ ତାଙ୍କର ବ୍ୟବହାର ଓ କାର୍ଯ୍ୟକଳାପରେ ମଧ୍ୟ ଏହାକୁ ପ୍ରତିଫଳିତ କରନ୍ତି । ମୀନାକ୍ଷୀଙ୍କ ସହ କେଇଟିମାତ୍ର ମୁହୂର୍ତ୍ତରେ ତାଙ୍କ ଧାରଣା ସଂପର୍କରେ ଏକଦମ୍ ସଠିକ୍ ମନ୍ତବ୍ୟ ପ୍ରଦାନ କରିବା ତାଙ୍କୁ ଖୁବ୍

ଚକିତ କରିଥିଲା । ୭୦ ବର୍ଷ ବୟସରେ ଉପନୀତ ହେଲାବେଳେ ବିଶିଷ୍ଟ ଭାରତୀୟ ବା ଏସୀୟ କବିର ଦର୍ଜା ପାଇଥିବା ଜୟନ୍ତଙ୍କ ସହ ଆଲୋଚନା ଓ ନିବିଡ଼ ହେବାର ସୌଭାଗ୍ୟ ଲାଭକରିବା କଥା ଭଟ୍ଟାଚାର୍ଯ୍ୟ କହିଛନ୍ତି । ଜୟନ୍ତଙ୍କ ଖୁବ୍ ଗୁରୁତ୍ୱପୂର୍ଣ୍ଣ ମନ୍ତବ୍ୟଟି ସେଠାରେ ଏହିପରି ଥିଲା ଯାହାକୁ ଉଦ୍ଧଶର କରନ୍ତି ମୀନାକ୍ଷି ଭଟ୍ଟାଚାର୍ଯ୍ୟ- "But I have very little expectation from life. So I am never disappointed. Nor do I have any big regrets'' ମଣିଷ ସହ ମଣିଷର ସଂପର୍କ ହିଁ ତାଙ୍କ ପାଇଁ ମୂଲ୍ୟବାନ ଓ ଏହି ସଂପର୍କର କଥା ହିଁ ତାଙ୍କ ସାହିତ୍ୟର ମେରୁଦଣ୍ଡ, ତାଙ୍କ ସାହିତ୍ୟର ଯୁଗ୍ମଜ (zygote) କୋଷ । A.Jayaprave କହନ୍ତି-"Jayanta's Poetry reverberetes deep melancholy, Neither his thems nor his symbols employed are gentle and soft. They ae quiet disturbing like famine of kalahandi loneliness of konark'' (୧୭) ଜୟନ୍ତଙ୍କ କବିତାର ଅନନ୍ୟ ବିଶେଷତ୍ୱ ହେଉଛି ଏଥିରେ ରାଜନୀତିର ଛାପା ନାହିଁ, ଛାଇ ନାହିଁ, ଛିଦ୍ରାନ୍ୱେଷୀ ପ୍ରବଣତା ମଧ୍ୟ ନାହିଁ । ଏହା ସହି ସମାଜ ସଚେତନ ଦୃଷ୍ଟି ଓ ଦର୍ଶନ ଏହାର ମୂଳ ପୁଂଜି । ମାନବୀୟ ଆବେଗ ଏହାର ପ୍ରବାହ । ଏହାହିଁ ସାମାଜିକ ପ୍ରତିବଦ୍ଧତା । ଜୟନ୍ତ ଓଡ଼ିଶାର ମାଟି-ପାଣି-ପବନ ଓ ଭଡା ପରେ ଅଙ୍କୁରିତ କବି ପ୍ରତିଭା । ଇଂରାଜୀ କବିତାରେ ଓଡ଼ିଶାର ମାଟିର ବାସ୍ନା ବିଂଚିବାରେ ସେ ସିଦ୍ଧହସ୍ତ । ଓଡ଼ଶାର ସମସ୍ୟା, ଦୁଃଖ-ଯନ୍ତ୍ରଣା ତାଙ୍କ କବିତାର ବକ୍ତବ୍ୟ, ବିଷୟବସ୍ତୁ । ଜୟନ୍ତଙ୍କ ଆଉ ଗୋଟିଏ ସୂକ୍ଷ୍ମଚେତନାର ଭକ୍ତି ଏହିପରି । 'I only want to renew myself' ଏପରି ଚେତନାର ବ୍ୟକ୍ତି କେବେ ପୁରାତନ ହୁଏନା ବରଂ ନୂତନ ଓ ପୁରାତନର ସଂଗ୍ରହାଗାର (museum) ପାଲଟି ଯାଏ । ସେହିପରି ମୀନା ଆଲେକ୍‌ଜାଣ୍ଡାର କଟକ ସହ ଜୟନ୍ତଙ୍କ ନିବିଡ଼ତାର କଥା କହିଛନ୍ତି ।

କବିତା ଜୟନ୍ତଙ୍କ କାବ୍ୟପ୍ରତିଭାର ଅନନ୍ୟତା ପ୍ରକାଶ ପାଇଛି ଫିଲିପ୍ ସାଲୋମ୍‌ଙ୍କ 'Sitar: Sympathetic Strings for Jayanta' କବିତାରେ । ଜୟନ୍ତଙ୍କ କବିତା ପାଠ କଲାପରେ ପାଠକ ଆଖିରେ ଉଦ୍‌ଭାସିତ ହୁଏ ଉଇଲିଅମ୍ ୱାର୍ଡ଼ସ୍‌ୱର୍ଥଙ୍କ କାବ୍ୟରାଜ୍ୟ । ଲୁସିର କାହାଣୀ, ଚାହାଣୀ, ପ୍ରକୃତିର ଭଙ୍ଗୀ, ଆଚାର, ବ୍ୟବହାର, ପ୍ରକୃତିର ଆକୁଳତା-ବ୍ୟାକୁଳତା-ଚଂଚଳତା ଆହୁରି ଅନେକ କିଛି । ୱାର୍ଡ଼ସ୍‌ୱର୍ଥଙ୍କୁ ଆବାହନ କରିବାର, ଯଥାର୍ଥ ମନ୍ତ୍ର ଯେପରି ଏହି ଜୟନ୍ତୀୟ କବିତାବଳୀ । "Your poems have called up Wordsworth in the readers'', "Your sad, inner reach was towards the poor children of Orissa'', "You are sad and secular, where he called back endorphins" ପ୍ରଭୃତି ଧାଡ଼ିରେ ଜୟନ୍ତଙ୍କ କବିତାର ଥିମ୍ ସଂପର୍କରେ, ତୁଳନାତ୍ମକ ଲେନ୍ସ ମାଧ୍ୟମରେ ସୂଚାଇ ଦିଆଯାଇଛି । ଗୋଟିଏ ପଦରେ, କବି Philip Salom କହୁଛନ୍ତି- "His made up other-muse was lucy, English and maidenish./ Yours: ash and blood and violence, the daily living, the dead.'' (୧୮) ୱାର୍ଡ଼ସ୍‌ୱର୍ଥ ଓ ଜୟନ୍ତଙ୍କ ମଧ୍ୟରେ ଏହା ହେଉଛି ଏକ ତୁଳନାତ୍ମକ ସ୍କେଚ୍ । ସେହିପରି Cuttack କବିତାରେ Kazuko Shiraishi ଖୁବ୍ କାବ୍ୟିକ ଉପସ୍ଥାପନା ପ୍ରସ୍ତୁତ କରିଛନ୍ତି । "Dreams are made of fibres'' - ଏହିପରି ଚମତ୍କାର ବ୍ୟଞ୍ଜନାରୁ ତାଙ୍କ କବିତା ଉତୁରିବା ଆରମ୍ଭିଛି । ଏଣୁ ସେ କହିଛନ୍ତି- "If you notice closely / The narrow city streets / Are made of thin fibres / And dreams are running."(୧୯) ସେହିପରି "Monsoon downpour and / Jayanta appears from a Roaked dream", ଅଥବା 'The happy screams and dance / Of wife Runu and her sari / In the monsoon shower". ବା "the sound of Runu's asthma medicine dispenser'' ପ୍ରଭୃତି ବର୍ଣ୍ଣନା ବୟାନ କରେ କବିଙ୍କ ସହ ଓ କବିପତ୍ନୀଙ୍କ ସହ ଆତ୍ମୀୟତା ଓ ନିବିଡ଼ତା । ସେହିପରି 'ଜୟନ୍ତ' ଶୀର୍ଷକ କବିତାରେ ଦାରୁୱାଲା କହନ୍ତି- Poet live in silence, solitude / their genes are silence, solitude / the two of then inspire some / some find the two some tiresome". (୨୦) ଜୟନ୍ତଙ୍କ ସୂକ୍ଷ୍ମ-ଦର୍ଶନର ଅନ୍ତସ୍ୱର ଏ କବିତାରେ ବର୍ତ୍ତମାନ । ଜୟନ୍ତଙ୍କ ଆଚରଣ-କାବ୍ୟିକ ଉଚ୍ଚାରଣ କବିଙ୍କୁ ପ୍ରେରିତ କରିଛି । ଓଡ଼ିଶାର ଭୂମି, ତାର କ୍ଷୁଧା, ଅଭାବ-ଅସୁବିଧା, ଜଂଗଲ, ଜମି, ଯନ୍ତ୍ରଣା ପ୍ରଭୃତି ଜୟନ୍ତଙ୍କୁ ଯେପରି ଅନୁପ୍ରେରିତ କରିଛି ଅନ୍ୟ କବିମାନଙ୍କୁ ମଧ୍ୟ ଠିକ୍ ସେହିପରି ପ୍ରେରିତ କରିଛି ।

କେବଳ ରାଜ୍ୟ କି ରାଷ୍ଟ୍ରସ୍ତରରେ ନୁହେଁ ବରଂ ଆନ୍ତରାଷ୍ଟ୍ରୀୟ ସ୍ତରରେ ଜୟନ୍ତ ମହାପାତ୍ର ଏକ ଅନନ୍ୟ ଓ ଅନତିକ୍ରମ୍ୟ ପ୍ରତିଭା । ପାଶ୍ଚାତ୍ୟ ଓ ପ୍ରାଚ୍ୟ ସମାଲୋଚକର ବହୁବିଧ ବର୍ଣ୍ଣର ଦୃଷ୍ଟି ଜୟନ୍ତୀୟ କବି ପ୍ରତିଭାକୁ ଚମତ୍କାର ଭାବ-ଭଙ୍ଗୀରେ ବିଶ୍ଳେଷଣ ଆଶ୍ଳେଷଣ କରିଛନ୍ତି । ଭେର୍ଣ୍ଣନ୍ ୟଙ୍ଗ୍, ଡିକ୍ ଆଲେନ୍, ଦୀଲିପ ଚିତ୍ରେ, ଚାର୍ଲସ୍ ଆର.ଲାର୍ସନ୍, ବୁଶ୍ କିଙ୍ଗ୍, ଫ୍ରାଙ୍କ୍ ଆଲେନ୍, ଜେମ୍‌ସ୍ ଫିନ୍ କଟର୍, ମଧୁସୂଦନ ପ୍ରସାଦ, କ୍ରୀଷ୍ଣା ରାୟନ୍, ପି.ପି. ରବୀନ୍ଦ୍ରନ୍, କେୟା ମଜୁମ୍‌ଦାର୍, ଜନ୍ ଓଲିଭର୍ ପେରୀ, ବିଲାସ୍ ସାରଙ୍ଗ, ରାଜୀବ ଏସ୍.ପାଟ୍‌କେ, ଅରବିନ୍ଦ କ୍ରୀଷ୍ଣ ମେହରୋତ୍ରା ଓ ଆର୍.ପାର୍ଥସାରଥିଙ୍କ ପରି ବିଶ୍ୱପ୍ରସିଦ୍ଧ ବିଦ୍ୱାନ କବି-ସମାଲୋଚକମାନଙ୍କ ଲେଖନୀରେ ଜୟନ୍ତୀୟ କାବ୍ୟପ୍ରତିଭାର ବିଚାର ହୋଇଛି । କେଉଁଠି ଭାରତୀୟ ସ୍ୱାଧିନତାର ଉତ୍ତରକାଳର କଥା ତ ଅନ୍ୟ କେଉଁଠି ଭାରତୀୟ ନାରୀର କଥା, କେଉଁଠି ମଣିଷର ସ୍ୱପ୍ନର କଥା ତ ଅନ୍ୟ କେଉଁଠି ସ୍ୱପ୍ନଭଙ୍ଗର କଥା, କେଉଁଠି ଉପନିବେଶ ଭାଙ୍ଗିବାର କଥା ତ ଅନ୍ୟ କେଉଁଠି ନୂଆରୂପରେ ପୁରୁଣା ଉପନିବେଶର କାୟାବିସ୍ତାର କଥା । କେତେବେଳେ ଆଦର୍ଶବାଦୀ ମଡ଼େଲର କଥା ତ ଅନ୍ୟ କେତେବେଳେ ନିଛକ ବାସ୍ତବତାର କଥା ହିଁ ତାଙ୍କ କବିତାକୁ ଛଳଛଳ ଛବିଳ ଓ ଜୀବନ୍ତ କରିତୋଳିଛି । ଜନ୍ ଓଲିଭର୍ ପେରୀ କହନ୍ତି- ସେ ନା ଏକ ବହିର୍ଦେଶର ସ୍ରଷ୍ଟା, ନା କୌଣସି ପୋଷ୍ଟ୍‌ମଡ଼ର୍ଣ୍ଣ ଲେଖକ ନା ଏକ ବାୟବୀୟ ଚେତନାର ସ୍ରଷ୍ଟା-ଦ୍ରଷ୍ଟା-ମନ୍ତ୍ରଦ୍ରଷ୍ଟା । ସେ ହେଉଛନ୍ତି ଭାରତର ବା ଓଡ଼ିଶାର ମାଟି-ପାଣି-ପବନରୁ ଗଜୁରି ଉଠିଥିବା ସଚ୍ଚା ଓ ପକ୍କା ଦେଶୀୟ ସାହିତ୍ୟକାର । ଭେରନନ୍ ୟଙ୍ଗ୍ ହଡ୍‌ସନ୍ ରିଭ୍ୟୁରେ 'A Rain of Rites'ର ରିଭ୍ୟୁ କଲାବେଳେ ଜୟନ୍ତଙ୍କ ଶୈଳୀର, ଗୁରୁତ୍ୱ ଓ ସ୍ୱାତନ୍ତ୍ର୍ୟ ଉପରେ ଆଲୋକପାତ କରି କବିଙ୍କ ବିଷାଦ ଓ ଶୋଚନାକ୍ତ ହୃଦୟକୁ ଏହି ଶୈଳୀ କିପରି ସମୃଦ୍ଧ ରୂପରେ ପ୍ରତିପାଦିତ କରିଛି, ତାହା ସମ୍ପର୍କରେ ଆଲୋଚନା କରିଛନ୍ତି । ଚାର୍ଲସ୍ ଲାର୍ସନ୍ କହନ୍ତି- "Many of the poems are rooted in pastoral themes, particularly the seasons and the land...Rain of Rites introduces a major Indian lyrical voice to American readers". (୨୧) ଦିଲୀପ୍ ଚିତ୍ରେ କହନ୍ତି, ଜୟନ୍ତଙ୍କର ହିନ୍ଦୁଦର୍ଶନ ତାଙ୍କ କବିତାକୁ ପ୍ରାଣବନ୍ତ କରେ । ଜୀବନ ପ୍ରତି ହିନ୍ଦୁଧର୍ମର ଦୃଷ୍ଟି ତାଙ୍କ କବିତାକୁ ଆହୁରି ଅଧିକ ପଲ୍ଲବିତ କରିଛି । "Pictorial bent of mind'' ସହିତ ତାଙ୍କ କବିତାଗୁଡ଼ିକର ରୂପ, ରଂଗ, ସ୍ୱାଦ 'remarkably contemporary' ଓ 'Unmistakably Indian' ଶ୍ରାବ୍ୟ, ଆସ୍ୱାଦ୍ୟ, ସ୍ପର୍ଶ, ଦୃଶ୍ୟ ଓ ଘ୍ରାଣ୍ୟ ଚିତ୍ରକଳ୍ପ ସୃଷ୍ଟି କରିବାରେ ସେ ସିଦ୍ଧହସ୍ତ । ଚିତ୍ରେ ବିଶେଷ କରି 'Indian Summer' ସମ୍ପର୍କରେ ଲେଖକଙ୍କ ଆଭିମୁଖ୍ୟ ambivalent ବୋଲି କହିଛନ୍ତି । ଡକ୍ଟର ସନ୍ତୋଷ କୁମାର ନାୟକ ଏହି ନିର୍ଦ୍ଦିଷ୍ଟ କବିତା ଉପରେ, ପ୍ରାୟ ସମାନ ମନ୍ତବ୍ୟ ଦେଇ କହନ୍ତି- "The most interesting fact about this particular poem is it has

two edges..." (୨୨) ଡକ୍ଟର ନାୟକ ଆହୁରି କହିଛନ୍ତି ଯେ, ଭାରତୀୟ ସଂସ୍କୃତି ଓ ପରମ୍ପରା ସହ ଓଡ଼ିଶାର ଚଳଣି ଓ ତାର ହୃତ୍‌ସ୍ପନ୍ଦନ ସବୁ ଗ୍ରଥିତ ହୋଇ ତିଆରି ହୋଇଛି ଏହି କବିତାର ରିଦମ୍ । ସେ ଏହି କବିତାଟିରୁ ଜୟନ୍ତଙ୍କ କାବ୍ୟିକ ଚାତୁରୀ ଓ ସାମର୍ଥ୍ୟ ସମ୍ପର୍କରେ କହନ୍ତି- "The words have been studded very like the Ursa Minor which conceals many secrets and implies many meanings layer by layer. The text of this poem is simply a constellation of selected and well defined and highly radio-active terms. The ceaseless radiation of meaning refracted through Indian cultural matrix reveals the reality of original ordour of Indian country. It says about the nature of each Lub (S1) and each Dub(S2), i.e, the systole and diastole of typical Indian culture." (23) ଜୟନ୍ତ ମହାପାତ୍ର ଯଥାର୍ଥରେ ଜଣେ ଉଚ୍ଚକୋଟୀର କବି ପ୍ରତିଭା । ବ୍ରଶ୍ କିଙ୍ଗ୍ ମଧ୍ୟ ଜୟନ୍ତଙ୍କ ଇମେଜ୍‌ଗୁଡ଼ିକୁ ଭାରତୀୟ ରିଚୁଆଲ୍ ଉପରେ ପର୍ଯ୍ୟବେସିତ ବୋଲି ମତ ଦେଇଛନ୍ତି । କିନ୍ତୁ ପ୍ରାକ୍ ଆଲେନ୍ ଜୟନ୍ତ ମହାପାତ୍ରଙ୍କୁ ଏକ 'Perfect focal point for illuminating the dilemma of the two-languaged' କବି ହିସାବରେ ଗ୍ରହଣ କରିଛନ୍ତି । ସେ ଆହୁରି କହିଛନ୍ତି ଅତ୍ୟନ୍ତ ସଫଳତା ଓ ସାହସର ସହିତ ଯୌନତା, ଆବେଗ ଓ ଗଭୀର ନୈତିକ ଅବକ୍ଷୟ ପ୍ରଭୃତି ବିଭାବ ଓ ସମସ୍ୟାକୁ ସେ ଖୁବ୍ ସୁନ୍ଦର ଭାବରେ କାବ୍ୟରୂପ ପ୍ରଦାନ କରିଛନ୍ତି । କ୍ରୀଷ୍ଣା ରାୟନ୍ 'ଆଧୁନିକ' ଭାବଧାରା ସହ ଜୟନ୍ତଙ୍କୁ ମାନସିକ ସ୍ତରରେ ଯୋଡ଼ିଛନ୍ତି । ଜୟନ୍ତଙ୍କ କବିତା ଅଧିକ ସଜେଷ୍ଟିଭ୍ ପ୍ରକୃତିର । ତେଣୁ ସେ କହନ୍ତି- "It Communicates before it is understood" ଜୟନ୍ତ ଧୀରେ ଧୀରେ ଚେତନା ଓ କାବ୍ୟ ଜଗତରେ Opacityରୁ transparency, obscurity ରୁ lucidity ଓ image-packed ରୁ image-free ତଥା ସର୍ବୋପରି suggestion ରୁ ଧୀରେ ଧୀରେ statement ଧର୍ମୀ ହୋଇଥିବାର ଲକ୍ଷ୍ୟ କରାଯାଇପାରିବ । ଜୟନ୍ତଙ୍କ କବିତା ପାଠ କଲେ ଜଣାଯାଏ, ଯେପରି ଓଡ଼ିଶାରେ ବା ଭାରତବର୍ଷରେ ଉପନିବେଶ ଉଠି ଉଠି ଯାଇଛି । କିନ୍ତୁ ଅନ୍ୟାନ୍ୟ ଅନେକ ସମସ୍ୟା ତଥାପି ଘେରି ରହିଛି ଜୀବନର ସ୍ରୋତକୁ । ତେବେ ଓଡ଼ିଶାର ବର୍ଷାସିକ୍ତ ଓ ଗ୍ରୀଷ୍ମସିକ୍ତ ମାଟିର-ଜୀବନର ଓ ନିର୍ମଳ ପ୍ରକୃତିର ବାସ୍ନା ହିଁ ଜୟନ୍ତୀୟ କବିତାର ପ୍ରାଣସତ୍ତା ।

ମିଥ୍, ଇତିହାସ, ପ୍ରାକୃତିକ ପରିଦୃଶ୍ୟ, ମାନସିକ ପରିଦୃଶ୍ୟ(Landscape and mindscape) ପ୍ରତ୍ୟୟ, ଯନ୍ତ୍ରଣା, ପ୍ରତ୍ୟୟହୀନତା ଏ ସମସ୍ତ ଯେପରି ଆଳାପ-ବିଳାପ ଓ କାର୍ଯ୍ୟକଳାପରେ ମାତି ମୁଖର କରୁଥାନ୍ତି ଜୟନ୍ତଙ୍କ ସାରସ୍ୱତ କାବ୍ୟପ୍ରାଙ୍ଗଣକୁ । କବିଙ୍କ ଦ୍ୱୈତ ଆତ୍ମସତ୍ତା(dual self), ଆଲୋକ ଅନ୍ଧକାର, ଅପେକ୍ଷା-ମିଳନ ପରି ବାଇନାରି ଅପୋସିଟ୍ ସହିତ ଯୁଝି ହୋଇଛି । କାବ୍ୟଦୃଷ୍ଟି ମଧ୍ୟରେ ସୁଦୂର ଅତୀତର ଐତିହ୍ୟ-ସଂପନ୍ନ ପରମ୍ପରା ଉଦ୍‌ଭାସିତ ହୋଇଛି । କେୟା ମଜୁମ୍‌ଦାର ଏହିପରି ଅନେକ ରୋଚକ ଫର୍ଦ୍ଦ ଖୋଲି ଜୟନ୍ତୀୟ ପ୍ରତିଭାର ସ୍ତବଗାନ କରିଛନ୍ତି ।

ଜୟନ୍ତ ଜଣେ ଲେଖକ ହିସାବରେ ନିଜ ସୃଷ୍ଟିର ସାର୍ଥକତା ପାଇଁ ସେହି ବିପୁଳ ପୃଥ୍ୱୀରେ ବିଶାଳ କାଳଖଣ୍ଡ ମଧ୍ୟରେ ନିର୍ଦ୍ଦିଷ୍ଟ ପାଠକକୁ ଅପେକ୍ଷା କରିଛନ୍ତି ମହାକବି ଭବଭୂତିଙ୍କ ପରି । "As I write my poems, I know,I have no answers and that there could be answers out there, somewhere." (Jayanta Mahapatra) ଡକ୍ଟର ନାୟକ ଏ ସମ୍ପର୍କରେ ଆଲୋଚନା କରି କହନ୍ତି- "Deconstruction is only due to the inherent desire of text. Again, the desire is based in the quest or the search of reader with no specific objective. It is the go of the text to be found out by the reader without any go." (୨୪) କାରଣ ନିଜେ ଜୟନ୍ତ କହନ୍ତି- "As a writer I realize that my poems should go far beyond words." ତାହାର କାରଣ ଶବ୍ଦର ଇଚ୍ଛା କେତେବେଳେ କେଉଁଠି ହେବ, ତାହା ଖୋଦ୍ ଶବ୍ଦକୁ ମଧ୍ୟ ଜଣାନଥାଏ । ତାଙ୍କ କବିତା ସବୁବେଳେ 'Exploratory' ପ୍ରକୃତିର କାରଣ ପ୍ରତିଟି ଚରିତ୍ର ଯାହା ତାଙ୍କ କବିତାରେ ଦେଖାଯାଏ, ତାହା ତାଙ୍କ ନିଜ ଭିତର ଦେଇ ପ୍ରତିଶ୍ରୁତ (Refracted) ହୋଇଥାଏ । ଏସବୁ ଜଣେ କବି-ସମୀକ୍ଷକ ହିସାବରେ ସେ ନିଜେ କହନ୍ତି-

"Would meaning remain
in merely that a thing exists,
on a single plane." **(Relationship)**


ଜୟନ୍ତୀୟ କାବ୍ୟପ୍ରତିଭା ପ୍ରତୀଚ୍ୟ ସାହିତ୍ୟ କି ପ୍ରତୀଚ୍ୟ ଚେତନା ଦ୍ୱାରା ଅପ୍ରଭାବିତ ଏବଂ ଏକ ଅପ୍ରତିହତ ତଥା ଦୁର୍ଦ୍ଦମନୀୟ ମୌଳିକ ସ୍ୱଦେଶୀ ମାଟିର ମହକଯୁକ୍ତ । ଅନେକ ସମୟରେ ଜୟନ୍ତ ଏଲିଅଟ୍, ପାଉଣ୍ଡ, ଉଇଲିଅମ୍‌ସ୍, ଇଟ୍‌ସ୍, ଲୋଏଲ୍, ଅଡ଼େନ୍ ପ୍ରମୁଖ କବିଙ୍କ ଶୈଳୀର ପ୍ରଲୋଭନ ଊର୍ଦ୍ଧ୍ୱରେ ଥା'ନ୍ତି । ଅବଶ୍ୟ ବେଳେବେଳେ ଡିଲନ୍ ଥୋମାସ୍ ଓ ସିଲ୍‌ଭିଆ ପ୍ଲାଥ୍‌ଙ୍କ ଶୈଳୀ ତାଙ୍କ କବିତାରେ ଦୃଷ୍ଟିଗୋଚର ହୁଏ । ମଧୁସୂଦନ ପ୍ରସାଦ ଜୟନ୍ତଙ୍କ କବିତାରେ ନାରୀର ବୈଚିତ୍ର୍ୟ ଓ ସ୍ୱାତନ୍ତ୍ର୍ୟକୁ ଦେଖାଇଛନ୍ତି । ତାଙ୍କ କବିତାରେ ସେ ଲକ୍ଷ୍ୟ କରିଥିବା ସାମାଜିକ ଅବକ୍ଷୟ ସବୁକୁ ଆଙ୍କିଛନ୍ତି । 'Social ambience', 'Cultural decay' ଓ 'Collapse of old Values' ପ୍ରଭୃତି ଆଧୁନିକ କାଳର ନାରୀ ମଧ୍ୟରେ ସେ ଦେଖାଇଛନ୍ତି । ପାଶ୍ଚାତ୍ୟ ସଂସ୍କୃତିର ସ୍ରୋତରେ ଭାସି ଯାଇଛି ଆଜିର ଓଡ଼ିଶୀ ବା ଭାରତୀୟ ନାରୀ । ଏଣୁ ଗୋଟାଏ ହାତରେ ତା'ର 'ଛାଡ଼ପତ୍ର' ଓ ଅନ୍ୟ ହାତରେ 'କଳାବିଭୂଷଣ ଡିଗ୍ରୀ' ଯାହା ଖୁବ୍ ଏକାକୀ । 'The image of women in Poetry' ଏକ ଚମତ୍କାର ସମୀକ୍ଷା ଯେଉଁଥିରେ ଜୟନ୍ତଙ୍କ କାବ୍ୟପ୍ରତିଭାର ଓ ସାମାଜିକ ପ୍ରତିବଦ୍ଧତାର ସ୍ପଷ୍ଟ ଦଲିଲ୍ ରହିଛି ବୋଲି ନିଃସଂକୋଚରେ କୁହାଯାଇପାରେ । ରାଜୀବ ପଟ୍ଟକେ ମହାପାତ୍ରଙ୍କ କବିତାକୁ ତାଙ୍କ ଦ୍ୱାରା ବ୍ୟବହୃତ ରୂପକ(Metaphor) ର ସ୍ୱତଃସ୍ଫୂର୍ତ୍ତ ପରିସ୍ଫୁଟନ ବୋଲି କହିଛନ୍ତି । ଅରବିନ୍ଦ କ୍ରୀଷ୍ଣ ମେହରୋତ୍ରା କହନ୍ତି ଜୟନ୍ତଙ୍କ କବିତା ଗୋଟିଏ ଗୋଟିଏ ନିର୍ଦ୍ଦିଷ୍ଟ ଥିମ୍ ବା ବିଷୟବସ୍ତୁ ସଂପର୍କିତ ତପସ୍ୟା ମାତ୍ର । ଆର୍.ପାର୍ଥସାରଥୀ କହନ୍ତି- "Mahapatra explores the intricacies of human relationships, especially these of lovers, with a robust tenderness". ସର୍ବୋପରି ମହାପାତ୍ରଙ୍କ କବିତା ମାନବାତ୍ମାର ବିମୁକ୍ତିର ଚାରଣିକା । 'Death's in Orissa-1' , 'A still winter morning' The birth pains of grief, Summer Nights, 2009, Sermon on the Garbage heap, Nisht, A Day of Rain, Taste for Tomorrow, Moving, Defeat, Traveller,June rain, Clock of white, Silence, Only twilight, Sometimes, Progress, Absences, The Gift of Night, Pain, The Rain falling ପ୍ରଭୃତି ଏକ ଏକ ଚମତ୍କାର ଜୀବନ ସଂଗୀତ । ଜୀବନଯାତ୍ରାର ଅମୂର୍ତ୍ତ ମୂର୍ଚ୍ଛନାର ଗୀତିକବିତା ଏଇ କବିତାବଳୀ ।

ପୁସ୍ତକରେ ସଂଯୋଜିତ ସମସ୍ତ ଚିଠିରେ ସମ୍ବେଦନଶୀଳ ଆତ୍ମାର ଅଭିବ୍ୟକ୍ତି ଅନନ୍ୟ । ପୃଥିବୀର ବିବିଧ ପ୍ରଜ୍ଞାଦୀପ୍ତ ବ୍ୟକ୍ତିଙ୍କ ଠାରୁ, ବିବିଧ ବିଶ୍ୱବିଦ୍ୟାଳୟରୁ ତାଙ୍କ ପାଖକୁ ଆସିଥିବା ଚିଠି ସବୁର ସାରମର୍ମ ବିଚାର କଲେ ଏପରି ପ୍ରତିଭାଙ୍କ ଚରଣାରବିନ୍ଦରେ ମଥାନତ ହୋଇଆସେ । ଚମତ୍କାର ଲେଖନୀ ସେ, ଚମତ୍କାର

ସେ ଲେଖକ, ଚମତ୍କାରିତାରେ ପରିପୂର୍ଣ୍ଣ ସେ ସର୍ଜନା ସବୁ ।

ସେହିପରି ଆମେରିକା ଭ୍ରମଣ ଦସ୍ତାବିଜ୍ ରଖିଲା ବେଳେ କଫିର ବାସ୍ନାରୁ କବିତା ଓ ରାଜନୀତିର ବାସ୍ନା ବାରିବା କଥା କହିବାରୁ ପ୍ରଜ୍ଞା ଓ ହୃଦୟର ମିଳନ କଥା ବେଶ୍ ବାରି ହୋଇପଡ଼େ । ନିରବତାର କ୍ଷମତା ଓ ସାମର୍ଥ୍ୟ ଉପରେ କବିଙ୍କ ପ୍ରଗାଢ଼ ପ୍ରତ୍ୟୟ ଏବଂ ଐଶ୍ୱରୀୟ (Divine) ସତ୍ତାକୁ ଉପଲବ୍ଧି କଲା ପରି ମନେହୁଏ ।

କବି ଜୟନ୍ତ ଏକ ବିଭୋର ଆତ୍ମାର ନାମ, ଏକ ଅନ୍ୱେଷୀ ଓ ବ୍ରହ୍ମାନନ୍ଦ ସହୋଦର ଉପଲବ୍ଧି କରୁଥିବା ଅନନ୍ୟ ଉଚ୍ଚାରଣ ମାତ୍ର । ଓଡ଼ିଶାର ମାଟି, ପାଣି, ପବନ, ଆମ୍ବ, ଗ୍ରୀଷ୍ମ ବୈଶାଖର ଖରା-ଧୂଳିଧୂସରିତ ଦିନ, ପକ୍ୱ ଆମ୍ବର ବାସ୍ନା, ଏଠିର ପାଉଁଶ, ଜନଜାତି ସଂସ୍କୃତି, ସବୁଜିମା, ଝରଣା ପ୍ରଭୃତି ସବୁକିଛି ଜୟନ୍ତଙ୍କ ପାଇଁ ସ୍ୱର୍ଗର ଆନନ୍ଦ ଦେଉଥିବା ଓ ଭୁଲିନହେଲା ପରି ସ୍ଥାନ-କାଳ-ପାତ୍ର ଓ ସ୍ମୃତିରାଜି । ଉପନିଷଦର ମଂତ୍ରଧ୍ୱନିର ଉଚ୍ଚାରଣ ମନ୍ତ୍ରମୁଗ୍ଧ କରିଛି ଜୟନ୍ତଙ୍କୁ । ଯାଜ୍ଞବଲ୍‌କ୍ୟଙ୍କୁ ସେଦିନର ସନ୍ଧ୍ୟା ଆକାଶ ଯେପରି ପ୍ରବୁଦ୍ଧ କରିପାରିଥିଲା ସେହିପରି ଓଡ଼ିଶାର ପ୍ରକୃତି, ତମାମ ବିଶ୍ୱର ପ୍ରକୃତି ଜୟନ୍ତଙ୍କୁ ଏକ ଅଭିନବ ଅଭିଷେକ ଉତ୍ତାରେ ତାଙ୍କ ଭିତରର ସତ୍ତାକୁ ଜାଗ୍ରତ କରି ପ୍ରବୋଧିତ କରିଛି ।




ସେହିପରି ସଚ୍ଚିଦାନନ୍ଦ ମହାନ୍ତି, ନିରଞ୍ଜନ ମହାନ୍ତି, ଆବ୍ରାହମ୍, ସୁକ୍ରିତା ପଲ୍ କୁମାର ଓ ସ୍ୱପନ କୁମାର ବାନାର୍ଜୀ ପ୍ରମୁଖ ବ୍ୟକ୍ତିଙ୍କ ସହ ଯେଉଁ ମାର୍ମିକ ଆଲୋଚନା କରିଛନ୍ତି ସେସବୁର କବିତା, ଜୀବନ ଓ ଜଗତ ସମ୍ପର୍କରେ ତାଙ୍କର ଯେଉଁ ଅବବୋଧ ରହିଛି- ତାହା ସ୍ପଷ୍ଟ ହେବା ସଂଗେ ସଂଗେ ସମାଜ-ଜୀବନକୁ ପ୍ରେରଣା-ପ୍ରବୋଧନା ପ୍ରଦାନ କରିବା ନିମିତ୍ତ ତହିଁର ଯଥେଷ୍ଟ ଶକ୍ତି ଓ ସାମର୍ଥ୍ୟ ରହିଥିବା କଥା ମଧ୍ୟ ସ୍ପଷ୍ଟ ହୋଇଛି । ଯଥାର୍ଥରେ ଜୟନ୍ତୀୟ ପ୍ରତିଭାର ଏକ ବହୁମୂଲ୍ୟ ବିଜୟ ବୈଜୟନ୍ତ ହେଉଛି ଏହି ପୁସ୍ତକ । ଏହା ହେଉଛି ଜୟନ୍ତୀୟ ସାରସ୍ୱତ ପ୍ରତିଭା ପ୍ରତି ଯଥାର୍ଥ ଶ୍ରଦ୍ଧାଞ୍ଜଳି ଓ ଯଥୋଚିତ ସ୍ୱୀକୃତି ।

**ପୃଷ୍ଠଟୀକା:**(୧)Panda, D.P.(ed), Jayanta Mahapatra A Reader. New Delhi: Sahitya Akademi, 2018, P. x x. (୨) Ibid-p.xxi., (୩) Ibid- P.xxi, (୪) Ibid- P.xxi, (୫) Ibid- P.xxi (୬) Ibid- P.xxiii, (୭) Iyenger, K.R.S, Indian Writing in English, New Delhi: Sterling Publishers Private Ltd, 1984, P 715., (୮)Mohapatra, Jayanta, The Inaudible Resonance in English Poetry in India, the Literary Criterion, 1980, 15(I):36., (୯) Mahapatra, Jayanta, A Whiteness of Bone.New Delhi: Viking, Penguin Books India Private Ltd, 1992, P59. (୧୦) Woodward, Kathleen, Instant Repulsion: Decrepitude the Mirror stage and Literary Imagination, The Kenyon Review, 1983; 5(4):43-67, (୧୧) Panda, D.P.(ed). op.cit, p.02, (୧୨) Ibid-p.26., (୧୩) Ibid-p.27., (୧୪) Ibid-p.32., (୧୫) Ibid-p.60., (୧୬) Ibid-p.60. (୧୭) Ibid-p.70-71., (୧୮) Ibid-p.74., (୧୯) Shiraishi, Kazuko, 'Cuttack', In: Panda, D.P.(ed) Jayanta Mahapatra-A Reader, New Delhi: Sahitya Akademi, P.77, (୨୦) Daruwalla, Keki N. 'Jayanta', In: Panda, D.P.(ed), Ibid-81, (୨୧)Larson, Charles R., 'Anglophone writing from Africca and Asia'., in: World Literature Today, Vol.51, No.4, Autumn, 1977, pp.564., (୨୨)Nayak, Santosh Kumar, 'Cultural Marrows of Jayanta Mahapatra's Indian Summer', In: Patliputra Jurnal of Indology, Vol.IV. Issue-2, May, 2019, P.68., (୨୩) Ibid, P.68., (୨୪) Nayak, Santosh Kumar, "The phenomenoa of Deconstuction versus the inherent desire of Text', In : International Journal of Trends in Scientific Research and Development (IJJSRD), Vol-2, Issuee-1 pp.68.







▲ ଗାଳ୍ପିକ କ୍ଷୀରୋଦ ବିହାରୀ ବିଶ୍ୱାଳ

**କ୍ଷୀରୋଦ ବିହାରୀ ବିଶ୍ୱାଳ**
ନୂଆପୁର, କଲ୍ୟାଣୀ, ବାଲେଶ୍ୱର
ଫୋନ : ୯୪୩୯୯୮୭୬୭୫

ଅଳଂକରଣ ଫଟୋଗ୍ରାଫି: ଲେଖକ
ଗ୍ରାଫିକ୍ସ : ଶିବରାଜ କର୍ଣ୍ଣ

**କାହାଣୀ ପଛର କାହାଣୀ**

'ଦିଦିଙ୍କ ହଜ୍‌ବ୍ୟାଣ୍ଡ୍'- ସ୍ୱାସ୍ଥ୍ୟ ବିଭାଗରେ ଚାକିରି କରୁଥିବା ଲୋକଙ୍କ ପାଇଁ ଏହି ଶବ୍ଦଟି ଚିର ପରିଚିତ । ସମାଜ ତିଆରିଥିବା ରାସ୍ତାରେ ସେ ଚାଲି ପାରନ୍ତିନି ବା ଚାଲିବାକୁ ଇଚ୍ଛା କରନ୍ତିନି । ସେଥିପାଇଁ ସହିବାକୁ ହୁଏ ନାନାଦି କଟାକ୍ଷ । ସବୁବେଳେ ପଛରେ, କେବେ କେବେ ଆଗରେ ବି । ସେମିତି ଏକ ଚରିତ୍ରର ସ୍ଥାନରେ ନିଜକୁ ରଖି ତା ଅନ୍ତରର କଥା କହିବାକୁ ଚେଷ୍ଟା କରିଛି । ଗଳ୍ପର ଚରିତ୍ର ସବୁ କାଳ୍ପନିକ ହୋଇପାରନ୍ତି । କିନ୍ତୁ ଆତ୍ମାଟି ସମ୍ପୂର୍ଣ୍ଣ ବାସ୍ତବ ।

*କ୍ଷୀରୋଦ ବିହାରୀ ବିଶ୍ୱାଳ*

ତା'କୁ ଲାଗୁଛି ମୁଁ ଅଳସୁଆ, ଠକ, କାମଚୋର । ଯଦି ମୁଁ ଅଳସୁଆ, ତ ବର୍ଷେ ହେଲା ଘରର କାମ କରୁଛି କିଏ ? କାଲି ରାତିର ବାସନ ସଫା ହେଇନଥିଲା ବୋଲି ସକାଳେ ମୁହଁ ଫୁଲେଇକି ହସ୍ପିଟାଲ୍ ଚାଲିଗଲା...ଯାଉ । କିଛି ଅସୁବିଧା ନାହିଁ ।

ସବୁ କାମ ଧୀରେ ଧୀରେ ଆରାମ୍‌ରେ ନିଜର ସମୟ ଅନୁସାରେ ହୁଏ । ହଠାତ୍



କିଛି ହୁଏନି । ଚାଉଳ ଧିରେ ଧିରେ ଗରମ ପାଣିରେ ଉପରତଳ ହୁଏ । ନିଜକୁ ଧିରେ ଧିରେ ନରମ କରି ଭାତରେ ପରିଣତ ହୁଏ । ସୃଜନ ବି ସବୁ ଧିରେ ଧିରେ ହୁଏ । ମଂଜିରୁ ଗଛ, ଗଛରୁ ମଂଜି ଗୋଟିଏ ମୁହୂର୍ତ୍ତରେ ମୁହୂର୍ତ୍ତରେ ସମ୍ଭବ ନୁହଁ । ଯାହା ଗୋଟିଏ ମୁହୂର୍ତ୍ତରେ ହୋଇପାରେ ତାହା କେବଳ ଧ୍ୱଂସ । ବାଣ ଫୁଟିବା ଭଳି । କିନ୍ତୁ ଏକଥା ଲିପିକୁ ବୁଝେଇବ କିଏ ? ଲିପି ଆଗରୁ ଏମିତି ନଥିଲା, ଏସବୁ ସେ ଏଇ କିଛି ଦିନ ହେବ ଭାବିବା ଆରମ୍ଭ କରିଛି ।

ସେଦିନ ଲିପି ବାଇକ୍‌ରୁ ଓହ୍ଲେଇ ଉପରକୁ ଗଲା । ସେ ଘର ତାଲା ଖୁଲୁଥିବା ବେଳେ ମୁଁ ତଳେ ବାଇକ୍‌ଟାକୁ ଆମ୍ବଗଛ ଛାଇରେ ରଖି ଉପରକୁ ଆସୁଥିଲି । ସେତିକିବେଳେ ସାମ୍ନାଘର ବେହେରା ବାବୁଙ୍କ ସ୍ତ୍ରୀ ମୋବାଇଲ୍‌ରେ କାହାକୁ କେଜାଣି କହୁଥିଲେ, 'ମାଇପ ପଇସାରେ ଚଳୁଥିବା ଲୋକ ଗୋଡ଼ାକ ଠକ, କର୍ମ କୁଡ଼ିଆ ।'

ମୁଁ ଠିକ୍ ଜାଣିଚି, ମୋବାଇଲ୍‌ରେ ଆରପଟେ କେହିନାହିଁ । ସେ ମୋତେ ଓ ଲିପିକୁ ଶୁଣେଇବାକୁ କହୁଥିଲେ । ଆରେ ମୁଁ ମୋ ସ୍ତ୍ରୀ ପଇସାରେ ଚଳିଲେ ତୁମର କ'ଣ ଅସୁବିଧା ହେଉଛି ହୋ ? ମୁଖ୍ୟ କଥା ହେଲା ଆମ ସ୍ୱାମୀ ସ୍ତ୍ରୀଙ୍କ ପ୍ରେମକୁ ସେ ସହିପାରୁନି ।

ଆଉଥରେ ସେମିତି ମନ୍ଦିର ବେଢ଼ାରେ ମୋ ହାତରେ ପୂଜା ଥାଳି ଦେଖି ଲିପିକୁ କହିଲେ, 'ଲିପି ତୁମର ଭାଗ୍ୟ ବହୁତ ଭଲ । ସବୁକାମ କରିବାକୁ ଲୋକଟେ ପାଇଛ, ଆଜିକା ଦୁନିଆରେ ଏମିତି ସ୍ୱାମୀ ମିଳିବା ଭାଗ୍ୟର କଥା ।' ଲିପି କ'ଣ ବୁଝିଲା କେଜାଣି ମୋ ହାତରୁ ପୂଜା ଥାଳିଟା ନେଇଗଲା । ମିସେସ୍ ବେହେରା ମୋତେ ଦେଖି ହସିଦେଲେ । ଲିପି ରାଗରେ ମୋତେ ଦେଖୁଥିଲା । ମୁଁ ବିଚରାଙ୍କ ପରି ଇସାରାରେ ପଚାରିଥିଲି, 'ଆରେ ମୁଁ କ'ଣ କଲି ?'

ଦୀର୍ଘ ବର୍ଷେ ଧରି ଜଙ୍ଗଲୀ ନଈ ପରି ବହି ଚାଲିଥିବା ଆମ ସଂସାରରେ ଯେ ମିସେସ୍ ବେହେରା ଏକ ନଦୀବନ୍ଧ ହୋଇ ଆସିଥିଲେ । ତାଙ୍କ ଟର୍ବାଇନ୍ ପରି ମୁହଁରୁ ବାହାରୁଥିବା ଶବ୍ଦରେ ଏବେ ଆମ ସଂସାରରେ ଖାଲି ଘନ ଘନ ବିଦ୍ୟୁତ୍ ସଂଚାର । ଲିପି ମୋତେ ଦେଖିଲେ ଝଟ୍‌କା ପରେ ଝଟ୍‌କା ମାରୁଚି ।

ଡାଲ୍‌ମା ପ୍ରସ୍ତୁତି, କୋବି ଛଣା ସରିଛି, ମସଲା ହେଇ ଆସିଲାଣି । ଭଜାକୋବି ସେଥିରେ ପକେଇ ଦେଲେ ମସଲା କୋବି ପ୍ରସ୍ତୁତ ହେଇଯିବ । ଦହିରେ ଚିନି ଲୁଣ ଗୋଳେଇ ଫ୍ରିଜ୍‌ରେ ରଖି ଦେଇଛି । ବାଇଗଣ ଛଣା ସରିଛି । ସେ ହସ୍ପିଟାଲ୍‌ରୁ ଆସି ଘରେ ପହଁଚିଲେ ଦହିରେ ତଡ଼କା ମାରିଦେବି । ମଧ୍ୟାହ୍ନ ଭୋଜନ ପ୍ରସ୍ତୁତ ।

ମୋତେ ଖାଇବାରେ ଯେତିକି ମଜା ଲାଗେ, ଖୁଏଇବାରେ ବି ସେମିତି ଆନନ୍ଦ । ମୋ ପାଇଁ ରୋଷେଇଘର ଗୋଟେ ଉଦ୍ୟାନ ପରି । ସେଠି ଭଳିକି ଭଳି ରଙ୍ଗ, ବିଭିନ୍ନ ପ୍ରକାରର ବାସ୍ନା । ଘିଅରେ ପଂଚଫୁଟଣ ହେଙ୍ଗୁ ଆଉ କଂଚା ଲଙ୍କା ପଡ଼ିଗଲେ ସେ ତଡ଼୍‌କାର ବାସ୍ନାରେ ଲାଗେ ଯେମିତି ପୃଥିବୀ ମହକି ଯିବ ।

କୁକରର ସିଟି, ବହୁଥିବା ନଳର କୁଳୁକୁଳୁ, ହାତରୁ ଖସି ପଡୁଥିବା ବାସନର ରୁଣୁଝୁଣୁ, ପରିବା କାଟିବା ବେଳେ ଛୁରୀ ଓ ଚପିଙ୍ଗ୍ ପ୍ଲେଟ୍‌ର ଯୁଗଳବନ୍ଦୀର ତାକ୍‌ଧିନ । ସବୁ କେତେ ସୁନ୍ଦର । ଏକ ସମ୍ମୋହନ ସଂଗୀତ ପରି ।

ଖଣ୍ଡ ନଡ଼ିଆ, ବାଦାମ, ଟିକେ ଜିରା, ସୋରିଷ, କଟା ରସୁଣ, କଟା ପିଆଜ, ଲଙ୍କା, ଭୃସଂଗା ପତ୍ର, ଧନିଆ ପତ୍ର ଓ ପୋଦିନା ପତ୍ର ଏସବୁକୁ ଏକ ସାଙ୍ଗରେ ଭାଜିଦେଇ ଗ୍ରାଇଣ୍ଡର୍‌ରେ ଲୁଣ ଓ ଆମ୍ବ ଆଚାର ସହିତ ପେଷିଦେବ । ଆହା ! କି ଚମତ୍କାର ସ୍ୱାଦ । ସେ ଚଟଣିରେ କାହାର ବି ଆତ୍ମା ଶାନ୍ତି ହୋଇଯିବ । ଲିପି କହେ ମୁଁ ରୋଷେଇ ନୁହଁ ଯାଦୁ କରେ, ଯାଦୁ । ସେ ପ୍ରତିଦିନ ହସ୍ପିଟାଲ୍‌ରୁ ଫେରିବା ବେଳକୁ ଗୋଟେ ନୂଆ ତରକାରୀ ନୂଆ ସ୍ୱାଦ ମୁଁ ବନେଇଥାଏ । ବାର କି ତେର ପ୍ରକାରର କେବଳ ଡାଲ୍‌ମା ମୁଁ ରାନ୍ଧିପାରେ । ଆଉ ସବୁ ଡାଲ୍‌ମାର ସ୍ୱାଦ ଯେ ଅଲଗା ଅଲଗା ବୋଲି ଯେକେହି ବି ବାରି ପାରିବ ।

ଏସବୁ ବନେଇବା କ'ଣ କାମ ନୁହଁ ? ଏସବୁ ପାଇଁ କ'ଣ ପରିଶ୍ରମ ଦରକାର ହୁଏନି ? ନା ମୁଣ୍ଡ ଖର୍ଚ୍ଚ ହୁଏନି ? କିନ୍ତୁ ଏକଥା ମିସେସ୍ ବେହେରାଙ୍କୁ କିଏ ବୁଝେଇବ ? ତାଙ୍କୁ ଲାଗେ କି ମୁଁ କୁଡ଼ିଆ, କିଛି କାମ କରେନି ।

ଏମିତି ନୁହଁ କି ମୁଁ ଚାକିରି କରିପାରିବି ନାହିଁ, କିମ୍ବା କରିନଥିଲି । ଇଂଜିନିୟରିଂ ପରେ ଗୋଟେ ବର୍ଷ ଷ୍ଟିଲ୍‌ପ୍ଲାଂଟ୍‌ରେ ଚାକିରି କରିଥିଲି । ପ୍ରଥମ ଥର ୱେଲ୍ଡିଂ ଲାଇଟ୍ ପଡ଼ି ଆଖି ଏମିତି ଜଳିଲା ଯେ ହସ୍ପିଟାଲ୍ ଯିବାକୁ ପଡ଼ିଲା । ମୁଁ ହସ୍ପିଟାଲ୍ ବାରଣ୍ଡାରେ ମାଆଲୋ ବୋଉଲୋ ହେଉଥାଏ । ମୁଁ ଆଖି ଖୋଲି ପାରୁନଥାଏ । କେହିଜଣେ ଝିଅ ମଧୁର କଂଠରେ କହିଲେ, 'ଏମିତି ଛୋଟପିଲାଙ୍କ ପରି କ'ଣ ହଉଛନ୍ତି ? ଆଖି ଖୋଲନ୍ତୁ ।' ଷ୍ଟିଲ୍‌ପ୍ଲାଂଟ୍ ପାଖ ହସ୍ପିଟାଲ୍ ନର୍ସମାନଙ୍କ ପାଇଁ ଏସବୁ ବହୁତ ଛୋଟ କଥା । ପ୍ରତିଦିନ ଏମିତି ଲାଇଟ୍ ପଡ଼ି ଆଖି ବିନ୍ଧୁଥିବା ରୋଗୀ ଦଶ ପନ୍ଦର ଆସନ୍ତି । ସେମାନଙ୍କୁ ସେହି ବାରଣ୍ଡାରୁ ଆଖିରେ ଔଷଧ ପକେଇ ବିଦା କରି ଦିଆଯାଏ । ମୁଁ କିନ୍ତୁ ଆଖି ଖୋଲିପାରୁ ନଥାଏ । ସେ ନର୍ସ୍ ଦୁଇ ଆଙ୍ଗୁଳିରେ ମୋ ଗୋଟିଏ ଆଖିକୁ ମେଲା କରିଦେଲେ ଆଉ ଔଷଧରୁ ଦୁଇବୁନ୍ଦା ପକେଇ ଦେଲେ ।

ସେ ମୋ ଆଖି ଖୋଲିବା ଓ ଔଷଧ ପକେଇବାର ମଝିରେ ଲୁହ ଭରା ଆଖିରେ ପ୍ରଥମ ଥର ଦେଖିଥିଲି ଲିପିକୁ । ଦୁଇ ଆଖିରେ ଔଷଧ ପକେଇ ସେହି ଔଷଧ ଶିଶିକୁ ମୋ ହାତରେ ରଖିଦେଇ ସେ ଚାଲିଗଲା । ମୁଁ କିଛି ସମୟ ସେହି ହସ୍ପିଟାଲ୍ ବାରଣ୍ଡାରେ ବସିଥିଲି ଓ ଆଖି ଟିକେ ଭଲ ଲାଗିବା ପରେ ଔଷଧ ଶିଶିକୁ ଫେରେଇବା ପାଇଁ ନର୍ସମାନେ ବସିଥିବା ରୁମ୍ ପାଖକୁ ଗଲି ।

ସେଠି ତିନିଜଣ ନର୍ସ ଥିଲେ । ଲିପି ମୋତେ ଦେଖି ପଚାରିଲା, 'କଣ ହେଲା ?' ମୁଁ ହସିଦେଇ କହିଲି, 'ଏବେ ଭଲ ଲାଗୁଚି । ଯେ ଔଷଧଟା ଫେରେଇବାକୁ ଆସିଥିଲି ।'

ସେ ହସିଦେଲା । କହିଲା, 'ଯେ ଔଷଧ ପାଖରେ ରଖିଥିବେ । ପୁଣି ଦରକାର ହେଲେ ଆଉ ହସ୍ପିଟାଲ୍ ଆସିବାକୁ ପଡ଼ିବନି ।'

ସେହିଦିନୁ କିଛି ନା କିଛି ବାହାନାରେ ମୁଁ ହସ୍ପିଟାଲ୍ ଯାଉଥିଲି । ମୋ ବ୍ୟବହାରରୁ ବିନା ରକ୍ତ ପରୀକ୍ଷା କରି ଲିପି ଜାଣି ସାରିଥିଲା କି ମୁଁ ତା'ପାଇଁ ହିଁ ହସ୍ପିଟାଲ୍ ଆସୁଛି ବୋଲି । ମୋବାଇଲ୍‌ରେ କିଛିଦିନ ବନ୍ଧୁ ଭଳି କଥା ହେଲୁ । ତା'ପରେ ପ୍ରେମ । ସତ କହିଲେ ମୁଁ ବି ଲିପି ପରି ଚାକିରିଆ ଝିଅ ହିଁ ଖୋଜୁଥିଲି । ମୋ ଚାକିରି କରିବାକୁ କାହା ଆଦେଶ ମାନି ରହିବାକୁ ପସନ୍ଦ ନଥିଲା । ଇଞ୍ଜିନିଅରିଂ ତ କେବଳ ବାପାଙ୍କ ନାଲି ଆଖି ଦେଖି ପଢ଼ିଥିଲି ।

ଲିପି ଘରେ ତା'ପାଇଁ ବିବାହ ପ୍ରସ୍ତାବ ଦେଖୁଥିଲେ । ଲିପି ମୋତେ ତାଙ୍କ ଘରକୁ ପ୍ରସ୍ତାବ ଦେବା ପାଇଁ କହିଲା । ସେହି ସୁଯୋଗରେ ମୁଁ କହିଦେଲି, 'ଦେଖ ଲିପି, ଦୁଇଜଣ ଚାକିରି କଲେ ଦାମ୍ପତ୍ୟ ଜୀବନ ସୁଖମୟ ହୁଏ ନାହିଁ । ଏଣୁ ଜଣେ କରିବ ଆଉ ଜଣେ ଘର ସମ୍ଭାଳିବା ଦରକାର ।'

ମୋ କଥାରୁ ଲିପି ବୋଧହୁଏ ଭାବିଲା କି ମୁଁ ତା'କୁ ଚାକିରି ଛାଡ଼ିବାକୁ କହୁଛି ବୋଲି । ସେ କହିଲା, 'ତେବେ ତୁମେ ଚାକିରି ଛାଡ଼ିଦିଅ ।' ମୁଁ ଲିପି ଠାରୁ ଏମିତି ହିଁ ରିଆକ୍ସନ୍ ଆଶା କରୁଥିଲି । କହିଲି, 'ହଉ ମୁଁ ଚାକିରି ଛାଡ଼ିଦେବି, ଘର ଚଳେଇବି, କିନ୍ତୁ ଆଗକୁ ତୁମେ ଯେମିତି କେବେ ମୋତେ ପୁଣିଥରେ ଚାକିରି କରିବାକୁ ବାଧ୍ୟ ନକର।'

ଲିପି ରାଜି ହେଇଥିଲା ଗୋଟିଏ ସର୍ତ୍ତରେ । କହିଲା, 'ଏହି କଥା କେବଳ ଆମ ଦୁହିଁଙ୍କ ଭିତରେ ରହିବ । ଆମ ଘରଲୋକେ ଜାଣିଲେ ଯେ ବାହାଘର ହେଇ ପାରିବନି ।'

ଏବେ ବର୍ଷେ ପରେ ବି ତାଙ୍କ ଘରଲୋକ ଜାଣନ୍ତି ନାହିଁ କି ମୁଁ ଚାକିରି ଛାଡ଼ି ସ୍ତ୍ରୀ ଦରମାରେ ଚଳୁଛି ବୋଲି । ମୋର କହିବାରେ କିଛି ଲାଜ ନାହିଁ, କିନ୍ତୁ ଲିପି ଚାହୁଁ ନଥିବାରୁ ଏହି ରହସ୍ୟ ବାବଦରେ ତାଙ୍କ ଘରଲୋକେ ଅଜ୍ଞ ।

ଆଉ ଆମ ଘରଲୋକ ଜାଣନ୍ତି କି ମୁଁ କମ୍ପିଟିଟିଭ୍ ପାଇଁ ପ୍ରସ୍ତୁତ ହେବାକୁ ଚାକିରି ଛାଡ଼ି ଘରେ ପଢୁଛି । କେତେ ସରଳ ଆମ ନିଜଲୋକ ସବୁ । କିନ୍ତୁ ଯେ ବେହେରା ବାବୁଙ୍କ ସ୍ତ୍ରୀ ନିହାତି କମ୍ପ୍ଲିକେଟେଡ୍ ଲୋକଟେ ।

ଆମ କଲୋନୀର ମାଇପି ମେଳିର ଯେ ଲିଡ଼ର୍। ସେ ମେଳିରେ ଆଉ ଦୁଇ ସଦସ୍ୟ ବି ଅଛନ୍ତି । କମ୍ପାଉଣ୍ଡର୍ ଦାସର ସ୍ତ୍ରୀ ଆଉ ଜୁନିଅର କ୍ଲାର୍କ ମିଶ୍ର ବାବୁଙ୍କ ସ୍ତ୍ରୀ । ସେ ଦୁଇଜଣ କେବଳ ଯା କଥାରେ ହଁ ମାରନ୍ତି । ଆମ୍ବଗଛ ମୂଳେ ଯଙ୍କର ବୈଠକ ବସେ ।

ଥରେ ମୁଁ କାଇଦା କରି ମୋର ଗୋଟିଏ

**ଅବଶ୍ୟ ମିଶ୍ର ବାବୁଙ୍କ ମିସେସ୍ ଗୋଟେ ସୁନ୍ଦର କଥା କହିଲେ ଯେ ତାଙ୍କୁ କୁଆଡ଼େ ମୋ ଦାଢ଼ି ଓ ଛାତିର ଚୁଟି ଭାରି ଭଲ ଲାଗେ । ତାଙ୍କ କଥା ଶୁଣି ମୁଁ ଟିକେ ଲାଜେଇ ଗଲି । ମୋ ମନ ହେଉଥିଲା ମିସେସ୍ ମିଶ୍ରଙ୍କ ଠାରୁ ମୋ ପ୍ରଶଂସା ଆହୁରି ଶୁଣିବାକୁ । ମିସେସ୍ ମିଶ୍ର ମୋ ପ୍ରଶଂସା କରିବାଟା ବୋଧହୁଏ ସହି ପାରିଲେନି ମିସେସ୍ ବେହେରା । କହିଲେ, 'ସେ ଛାତି ବାଳରୁ କ'ଣ ମିଳିବ ଲୋ ମା । ସେ ଲୋକଟାର ପରିଚୟ ବୋଲି କିଛି ଅଛି ? ତା' ପରିଚୟ କେବଳ ଏତିକି ଯେ ସେ ଲିପିଦିଦିଙ୍କ ହଜ୍‌ବେଣ୍ଡ୍ । କେମିତି ସେ ଲୋକକୁ ଏଇ 'ଦିଦିଙ୍କ ହଜ୍‌ବେଣ୍ଡ୍' ପରିଚୟରେ ବଂଚିବାକୁ ଭଲ ଲାଗୁଚି କେଜାଣି ?'**

ମୋବାଇଲ୍‌ରୁ ଆଉ ଗୋଟେ ମୋବାଇଲ୍‌କୁ କଲ୍ କଲି ଓ ଗୋଟିଏ ମୋବାଇଲ୍ ଆମ୍ବଗଛ ମୂଳେ ଥିବା ମୋର ବାଇକ୍ ହେଣ୍ଡେଲ୍‌ରେ ଓହଳିଥିବା ପରିବା ବ୍ୟାଗ୍ ଭିତରେ ରଖିଦେଲି । ମୁଁ ଉପରକୁ ଗଲା ପରେ ଯାଙ୍କର ମେଳି ଚାଲିଲା । ମୁଁ ଉପରୁ ରହି ମୋବାଇଲ୍ ମାଧ୍ୟମରେ ସବୁ ଶୁଣୁଥାଏ ।

କେବଳ ତାଙ୍କ ନିଜ ତିନିଘର ଛାଡ଼ି ବାକି କଲୋନୀରେ ଥିବା ସବୁଘର ବାବଦରେ କି ଆଲୋଚନା ଚାଲିଥାଏ । ଛି ଛି ଯେ ମାଇକିନାଗୁଡ଼ାକ ଏଡ଼େ ମିଛୁଆ, ଡହରା, ବେସରମ୍ ।

କାହା ଛାତରେ ପାଣି ଗଳିବା ଠାରୁ, କାହା ଛାତ ବାଟେ କିଏ ଗଳୁଛି ସବୁ ଯାଙ୍କୁ ମାଲୁମ୍ । କିଏ ମୁହଁରେ ବେସନ ମାରୁଚି କିଏ କ୍ଷୀର । କାହାର ଶାଶୁ ସହିତ ପଡୁନି କାହାର ଦିଅର ସହିତ ଭାବ । କାହାର କେତେ ଦରମା ଠାରୁ କାହାର କେତେ ଷ୍ଟେମିନା ପର୍ଯ୍ୟନ୍ତ । ଯେ ମିସେସ୍ ବେହେରା ଯେମିତି ସମସ୍ତଙ୍କ ଷ୍ଟେମିନା ମାପିଥିଲା...କଲୋନୀର ଆଗତ ଭବିଷ୍ୟତ ସେ ଏମିତି କହୁଥିଲା ଯେମିତି ସେ ମହାପୁରୁଷ ହାଡ଼ିଦାସଙ୍କ ଚେଲା ।

ସବୁଠୁ ବେଶି ଚର୍ଚ୍ଚା ଆମଘର ବାବଦରେ । ମୁଁ କାହିଁକି ଘରେ ରହୁଛି ? ମୁଁ କାହିଁକି ଘରକାମ କରୁଛି ? ମୁଁ କାହିଁକି ଚାକିରି କରୁନାହିଁ ? ତାଙ୍କ କଥା ଶୁଣି ମୁଁ ଟିକେ ଦ୍ୱନ୍ଦ୍ୱରେ ଥିଲି କି ଏମାନେ ସତରେ ଲିପିକୁ ଦୁଃଖୀ ବୋଲି ଭାବୁଛନ୍ତି ନା ନିଜକୁ ଅଭାଗିନୀ ବୋଲି ଭାବି ଏମିତି ମୁଣ୍ଡ ପିଟୁଛନ୍ତି ?

ଅବଶ୍ୟ ମିଶ୍ର ବାବୁଙ୍କ ମିସେସ୍ ଗୋଟେ ସୁନ୍ଦର କଥା କହିଲେ ଯେ ତାଙ୍କୁ କୁଆଡ଼େ ମୋ ଦାଢ଼ି ଓ ଛାତିର ଚୁଟି ଭାରି ଭଲ ଲାଗେ । ତାଙ୍କ କଥା ଶୁଣି ମୁଁ ଟିକେ ଲାଜେଇ ଗଲି । ମୋ ମନ ହେଉଥିଲା ମିସେସ୍ ମିଶ୍ରଙ୍କ ଠାରୁ ମୋ ପ୍ରଶଂସା ଆହୁରି ଶୁଣିବାକୁ । ମିସେସ୍ ମିଶ୍ର ମୋ ପ୍ରଶଂସା କରିବାଟା ବୋଧହୁଏ ସହି ପାରିଲେନି ମିସେସ୍ ବେହେରା । କହିଲେ, 'ସେ ଛାତି ବାଳରୁ କ'ଣ ମିଳିବ ଲୋ ମା । ସେ ଲୋକଟାର ପରିଚୟ ବୋଲି କିଛି ଅଛି ? ତା' ପରିଚୟ କେବଳ ଏତିକି ଯେ ସେ ଲିପିଦିଦିଙ୍କ ହଜ୍‌ବେଣ୍ଡ୍ । କେମିତି ସେ ଲୋକକୁ ଏଇ 'ଦିଦିଙ୍କ ହଜବେଣ୍ଡ' ପରିଚୟରେ ବଂଚିବାକୁ ଭଲ ଲାଗୁଚି କେଜାଣି ?'

ମୁଁ ମନେ ମନେ ଭାବୁଥିଲି ତୁମେ ସବୁ ବି ତ ମିସେସ୍ ବେହେରା, ମିସେସ୍ ମିଶ୍ର, ମିସେସ୍ ଦାଶ ପରିଚୟରେ ଖୁସିରେ ଓ ଗର୍ବରେ ଅଛ । ଯଦି ନାରୀଟିଏ ପୁରୁଷର ପରିଚୟରେ ରହିବା ଗର୍ବର କଥା, ତେବେ ପୁରୁଷଟେ ନାରୀ ପରିଚୟରେ ରହିବା ଖରାପ କାହିଁକି ହବ ? ତୁମେମାନେ ସବୁ କ'ଣ ତୁମର ଯେ ଗୃହିଣୀର ପରିଚୟରେ ଖୁସି ନୁହଁ ? କେବଳ ପରିସ୍ଥିତିରେ ପଡ଼ି ଜୀବନ କାଟୁଛ ? ମିସେସ୍ ବେହେରା ଆହୁରି କ'ଣ କହି ଆସୁଥିଲେ କିନ୍ତୁ ସେତିକିବେଳେ ନେଟ୍‌ୱାର୍କ ପ୍ରୋବ୍ଲେମ୍‌ରୁ କଲ୍ କଟିଗଲା ।

ଲିପି ଦିନେ ଏକ ପ୍ରକାର ଅର୍ଡ଼ର କରିବା ପରି କହିଲା, 'ତୁମେ ଆଗାମୀ ମାସ ଠୁ ଚାକିରି କରିବ ।'

– କାହିଁକି ? ଆମର କ'ଣ ଅସୁବିଧା ହେଉଛି କି ? ମୁଁ ସହଜ ଭାବରେ ପ୍ରଶ୍ନ କଲି ।

ମୁଁ ଆଉ ଲୋକଙ୍କ କଥା ଶୁଣି ପାରିବିନି । ଲିପି ସ୍ୱରରେ ନିଜ ଚାକିରିର ଗର୍ବ ଠାରୁ ବେଶି ମୋ ପ୍ରତି ଏକ ଦୟାଭାବ ଥିବା ପରି ଅନୁଭବ କଲି ।

ତଥାପି ପରିସ୍ଥିତି ସମ୍ଭାଳିବାକୁ କହିଲି, 'କିନ୍ତୁ



ଆମର ତ ସର୍ତ୍ତ ଥିଲା ଜଣେ ଚାକିରି କରିବ ଆଉଜଣେ ଘର ସମ୍ଭାଳିବ? ମୋ ପାଟିରୁ କଥା ଛଡ଼େଇନେବା ପରି ଲିପି ପ୍ରତ୍ୟକ ଶବ୍ଦ ଉପରେ ଟିକେ ଅଧିକ ଜୋର୍ ଦେଇ କହିଲା, 'ହଁ ଆରମାସ ଠୁ ତୁମେ ଚାକିରି କରିବ ମୁଁ ଘର ସମ୍ଭାଳିବି।' କାଦୁଅରେ ପାଦ ଖସିବା ପରି ଲିପି ଜିଭରୁ ଶବ୍ଦସବୁ ଅନିୟନ୍ତ୍ରିତ ଭାବରେ ଖସୁଥିଲେ।

ଲିପି ପୁଣି କହି ଚାଲିଥିଲା, 'ତୁମେ କ'ଣ ଜାଣିଜାଣି ଚାକିରିଆ ଦେଖି ବାହା ହୋଇଥିଲ ଘରେ ରହି ମଉଜ କରିବ ବୋଲି? ଉଇସେସ୍ ବେହେରାଙ୍କ ପାଖରେ ସେ ମିଶ୍ରର ସ୍ତ୍ରୀ କହୁଛି ତୁମ ଛାତି ତା'କୁ ଭଲ ଲାଗୁଚି ବୋଲି। ମିସେସ୍ ମିଶ୍ର ତୁମ ଛାତିବାଳ କେମିତି ଦେଖିଲା?'

ସ୍କୁଲ ମାଷ୍ଟ୍ରାଣୀ ବାଡ଼ି ଧରି ପ୍ରଥମ ଶ୍ରେଣୀ ଛାତ୍ରକୁ ପଚାରିବା ପରି ପଚାରୁଥିଲା ଲିପି। ମୁଁ ଡରୁଆ ଛାତ୍ର ପରି ଛାତର ବୁଢ଼ିଆଣୀ ବସାକୁ ଦେଖୁଥିଲି।

କିନ୍ତୁ ବୁଝି ସାରିଥିଲି ଯେ ମିସେସ୍ ବେହେରା ହିଁ ସବୁ ନିଆଁ ଲଗଉଛି। ସେ ନିଆଁ ଲଗେଇଲା ବୋଲି ଲିପି କ'ଣ ଛୋଟ ପିଲା ହେଇଚି କି। ବୁଝି ପାରୁନି ଭୁଲ କ'ଣ ଠିକ୍ କ'ଣ!

ମୋତେ ଲାଗିଲା ସମାଜ ଏମିତି ଏକ ପୂର୍ବ ନିର୍ଦ୍ଧାରିତ ସରଳରେଖା ଟାଣିଦେଇଛି ଯେ, ସେହି ରେଖାରେ ହିଁ ଚାଲିଚାଲି ଆଗେଇବାକୁ ହବ ଜୀବନ ସାରା। ସେ ରାସ୍ତାରୁ ଯଦି ଏପଟ ସେପଟ ହବ ତ ତୁମେ ଅସାମାଜିକ ହୋଇଯିବ।

ସେଦିନ ରାତିରେ ମୋତେ ନିଦ ହେଲାନି। ସବୁଦିନ ପରି ମୋ ହାତକୁ ତକିଆ କରି ଆରାମରେ ଶୋଇଛି ଲିପି। ନିଜ ହାତକୁ ତା' ମୁଣ୍ଡ ତଳୁ ମୁକୁଳେଇ ଆଣିଲି ବଡ଼ ସନ୍ତର୍ପଣରେ।

'ମୁଁ ଜୀବନରେ କାହା ପାଖରେ ଚାକିରି କରିବି ନାହିଁ। କିନ୍ତୁ ଆଜି ଠୁ ଆଉ କାହା ଦୟାରେ ବି ଚଳିବି ନାହିଁ। ତୁମ ଦୟାରେ ବି ନୁହଁ। ଯେବେ ନିଜେ ରୋଜଗାର କରିବି ସେବେ ଫେରିବି, ମୁଁ ଫେରିବା ପରେ ତୁମେ ଭଲ ଗୃହିଣୀଟେ ହୋଇ ଯାଇଥିବ ବୋଲି ଆଶା।'





ଗୋଟେ କାଗଜରେ ଦୁଇଧାଡ଼ିର ଚିଠିଟିଏ ଲେଖି ଟି-ପୟ ଉପରେ ରଖିଦେଲି। ବାଇକ୍ ଧରି ରାତିରେ ପଳେଇଗଲି ଭୁବନେଶ୍ୱର।

ମୁଁ ଜାଣେ ପ୍ରେମରେ ଆସିଥିବା ଭୁଲ୍ ବୁଝାମଣା ସମୟ ସହ ଧୀରେ ଧୀରେ ଉଭାନ୍ ହୋଇଯିବ, ଘାସପତ୍ରରେ ଥିବା ରାତିର କାକର ପରି।

ପ୍ରେମ କରିବା ଯେମିତି ଆମ ହାତରେ ନଥାଏ, ଗୋଟିଏ ମୁହୂର୍ତ୍ତରେ ହେଇଯାଏ, ଘୃଣା ବି କ'ଣ ସେମିତି ଆପେ ଆପେ ହୋଇପାରେ ଗୋଟିଏ ମୁହୂର୍ତ୍ତରେ? ଲିପି କ'ଣ ମୋ ବେକାରୀପଣକୁ ଘୃଣା କରୁଛି? ଏମିତି ଅନେକ କଥା ଅନେକ ପ୍ରଶ୍ନ ମୁଁ ଚିନ୍ତା କରୁଥିଲି ବାଇକ୍‌ରେ ଭୁବନେଶ୍ୱର ଯିବା ସମୟରେ।

ଲିପି ସକାଳେ ମୋତେ ଫୋନ୍ କରି ବୁଝି ସାରିଥିଲା ମୁଁ ଭଲରେ ପହଂଚିଛି ବୋଲି। ସେ ମନେ ମନେ ଗର୍ବ ଅନୁଭବ କରୁଥିଲା କି ମୋତେ ସେ ପରିବର୍ତ୍ତନ କରିଦେଇଛି। ଆଉ ତା' ସ୍ୱାମୀକୁ କେହି କୁଡ଼ିଆ, କାମଚୋର, ବେକାର ବୋଲି କହିବେନି। କେବଳ ଦିଦିଙ୍କ ହଜ୍‌ବେଣ୍ଡ ନହୋଇ ମୋର ଏକ ସ୍ୱତନ୍ତ୍ର ପରିଚୟ ହବ।

କିନ୍ତୁ ସେଥିପାଇଁ ତା'କୁ ସବୁ ଘରକାମ କରିବାକୁ ହବ। ଚାକିରି ଛାଡ଼ିବାକୁ ହବ। ଏକଥା କ'ଣ ଲିପି ଚିନ୍ତା କରିଥିବ?

ଲିପି ହ୍ୱାଟ୍ସଆପ୍‌ରେ ଫଟୋ ପଠେଇଛି। ରୁଟି କରୁଥିବା ବେଳେ ଚେଙ୍କ ଲାଗି ହାତ ଫୋଟକା ହୋଇଯାଇଛି। ମେସେଜ୍‌ରେ ଲେଖିଛି ଲୁଗା ସଫା କରୁଥିବା ବେଳେ ସେ ଫୋଟକା ଫାଟିଗଲା ଯେ ସାବୁନ ଫେଣ ଲାଗି ବହୁତ ସମୟ ଜଳିଲା।

ୟୁଟ୍ୟୁବ୍‌ରୁ ଦେଖି ବନେଇଥିବା ମିକ୍ସ ତରକାରୀ ଏତେ ଖରାପ ହେଇଚି ଯେ ସେ ତା'କୁ ଖାଇ ନପାରି ଅମୂଲ ଆଉ କଦଳୀରେ ରୁଟି ଖାଇଛି।

ମୁଁ ବି ଉତ୍ତରରେ ଗୋଟିଏ ବାଇକ୍ ଗେରେଜ୍‌ରେ କାମ କରୁଥିବା ବେଳର ଫଟୋ ସହିତ ଗିରିଶ୍ ଲଗା କଳା ହାତର କ୍ଲୋଜ୍‌ପ୍ ଫଟୋଟେ ପଠେଇ ଦେଲି। ତା'ସହିତ ମେସେଜ୍‌ରେ ଲେଖିଦେଲି, 'ଇଞ୍ଜିନିଅରିଂ ପଢ଼ିଛି, ଯୋଉଠି ହେଲେ କାମ କରିବି।'

ଦୁଇଦିନ ପରେ ଥିଲା ଆମ ବିବାହ ବାର୍ଷିକୀ। କେତେ ଦିନରୁ ପ୍ଲାନିଂ କରିଥିଲୁ ପୁରୀ ଯାଇ କାଳିଆକୁ ଦର୍ଶନ କରିବା ବୋଲି।

ମୋବାଇଲ୍ ସ୍କ୍ରିନ୍‌ରେ ମେସେଜ୍ ବ୍ଲିଙ୍କ୍ ହେଲା। ଲିପିର ମେସେଜ୍ 'ପୁରୀ ଯିବା?'

ମୁଁ ଟାଇପ୍ କଲି 'ହଁ ଯିବା....' ସେ ମେସେଜ୍‌କୁ ସେଣ୍ଡ୍ କରିବା ଆଗରୁ ଏଡ଼ିଟ୍ କରି ଲେଖିଲି... 'ନୂଆ ଚାକିରି, ଦେଖିବା ମାଲିକକୁ ପଚାରେ, ମାଲିକ ହଁ କହିଲେ ଯିବା।'

ମୁଁ ବହୁତ ସମୟ ମୋ ମେସେଜ୍‌ର ଉତ୍ତର ଅପେକ୍ଷାରେ ଥିଲି। କିନ୍ତୁ ଲିପି କିଛି ଉତ୍ତର ଦେଲାନି।

ପରଦିନ ସକାଳେ ଲିପି ଫୋନ୍ କଲା, 'ମୁଁ ଭୁବନେଶ୍ୱର ଷ୍ଟେସନ୍‌ରେ ଅଛି, ତୁମେ ଶୀଘ୍ର ଆସ।'

ମୁଁ ଆଶ୍ଚର୍ଯ୍ୟ ହେଲି କିଛି ନକହି ଏକା କେମିତି ଚାଲି ଆସିଛି ଲିପି।

ମୁଁ ଷ୍ଟେସନ୍‌ରେ ପହଁଚିଲା ବେଳକୁ ଲିପି ଗୋଟେ ହ୍ୟାଣ୍ଡ ବ୍ୟାଗ୍ ସହିତ ଷ୍ଟେସନ୍ ବାହାରେ ମୋତେ ଅପେକ୍ଷା କରିଥିଲା। ମୋତେ ଦେଖି ସେ ବ୍ୟାଗ୍‌ରୁ ରୁମାଲ୍ ଅଣ୍ଡାଳୁଥିଲା। ଲୁହ କ'ଣ କେବେ ରୁମାଲ୍‌କୁ ଅପେକ୍ଷା କରେ? ସେ ତ ବହିଯାଏ ବନ୍ଧ ନମାନି। ଲିପିର ଲୁହ ବି ବହି ଚାଲିଥିଲା ଗୋଟେ ଅନ୍ତହୀନ ନଈ ପରି। ଏକ ଉଷୁମ୍ ଆବେଗରେ ମୋତେ ଜାବୁଡ଼ି ଧରିଥିଲା ପ୍ରଥମ ପ୍ରେମର ପ୍ରଥମ ଆଲିଙ୍ଗନ ପରି।

ମୁଁ ତା' କାନରେ କହିଲି, 'ପୁରୀ ଯିବା?'

ସେ କହିଲା, 'ନା ଆଗେ ଘରକୁ ଯିବା।'

ଭ୍ରମଣ କାହାଣୀ

# କୁହୁଡ଼ିର କିମିଆଁ



## ସାନ୍ ଫ୍ରାନ୍‌ସିସ୍‌କୋ : ସୁନାର ହାତକଡ଼ି


**ଲିପିକା ମହାପାତ୍ର**

୩୭୨୦୦ ପୋଷ୍ଟ ଷ୍ଟ୍ରିଟ୍, ଫ୍ରିମଣ୍ଟ୍, କାଲିଫର୍ଣ୍ଣିଆ-୯୪୫୩୬
ଫୋନ:(୫୧୦)-୮୨୦-୪୬୦୬


ଫଟୋ ସୌଜନ୍ୟ : ଲେଖିକା



▶ଲେଖିକା ଲିପିକା ମହାପାତ୍ର

ନୋବେଲ୍ ବିଜେତା ଆମେରିକାନ୍ ଲେଖକ ଜନ୍ ଷ୍ଟାଇନ୍‌ବ୍ୟାକ୍ ଏକଦା କହିଥିଲେ, "ସାନ୍ ଫ୍ରାନ୍‌ସିସ୍‌କୋ ହେଉଛି ସେହି ସୁନା ହାତକଡ଼ି, ଯାହାର ଚାବିକୁ ଫିଙ୍ଗି ଦିଆଯାଇଛି ।" ଉତ୍ତର ଆମେରିକାର କଳା, ସ୍ଥାପତ୍ୟର କେନ୍ଦ୍ରସ୍ଥଳ ତଥା ପାସିଫିକ୍ ମହାସାଗର ତଟବର୍ତ୍ତୀ କାଲିଫର୍ଣ୍ଣିଆର ଏହି ମନୋରମ ନଗରଟି ପୁରାତନ ଓ ଆଧୁନିକତାର ଏକ ବିରଳ ପ୍ରଦର୍ଶନ କହିଲେ ଭୁଲ୍ ହେବ ନାହିଁ । ଐଶ୍ୱର୍ଯ୍ୟର ଛଟା ଏଠି ସବୁଆଡ଼େ, ହେତୁ ସିଲିକନ ଭ୍ୟାଲିର ଟେକ୍ନୋଲୋଜି କମ୍ପାନୀଗୁଡ଼ିକରୁ ପ୍ରଚୁର ଅର୍ଥ ନିବେଶ ।

ମୁଁ ବିବାହ ପର ଠୁଁ କାଲିଫର୍ଣ୍ଣିଆର ସିଲିକନ୍ ଭାଲିରେ ରହୁଛି । ବାର ବର୍ଷରୁ ଊର୍ଦ୍ଧ୍ୱ ହେଲାଣି । ମୋର ରହଣି କାଳରେ ଏଠାରୁ ମାତ୍ର ଚାଳିଶ୍ ମାଇଲ୍ ଦୂରରେ ଅବସ୍ଥିତ ସାନ୍ ଫ୍ରାନ୍‌ସିସ୍‌କୋ ବୁଲି ଯିବାର କୌଣସି ସୁଯୋଗ ମୁଁ ଏଡ଼ାଇ ପାରେନାହିଁ ଏଯାବତ୍ । ସେଦିନ ଥାଏ ଜୁନ୍‌ର ଏକ ଶନିବାର । ଦୀପକ ପୂର୍ବଦିନ ରାତିରୁ କହିଥିଲେ, "ଆସନ୍ତାକାଲି ଅଫିସ୍ କାମରେ ସାନ୍ ଫ୍ରାନ୍‌ସିସ୍‌କୋ ଯିବି, ତୁମେ ବି ଚାଲ ଘେରାଏ ବୁଲି ଆସିବ !"



ପାଣିପାଗ ସୂଚନା ଦେଖିଲି । ସାନ୍ ଫ୍ରାନ୍‌ସିସ୍‌କୋର ପାଣିପାଗ ସ୍ୱତନ୍ତ୍ର- ରାତିରେ ସମୁଦ୍ର ଆଡୁ କୁହୁଡ଼ି ମାଡ଼ି ଆସେ ଆଉ ଥରେ ଥରେ ମଧ୍ୟାହ୍ନ ଯାଏଁ ସହର ବୁଡ଼ି ରହିଥାଏ ନୀଳ କୁହୁଡ଼ିର ଆସ୍ତରଣରେ । ପାସିଫିକ୍ ମହାସାଗର ଆଡୁ ଥଣ୍ଡା ପବନ ସ୍ଥଳଭାଗର ଗରମ ପବନ ସହ ମିଶି କୁହୁଡ଼ି ସୃଷ୍ଟି କରନ୍ତି । ତେଣୁ ଏହାକୁ କୁହୁଡ଼ିର ସହର ବା ଫଗ୍ ସିଟି ବୋଲି ମଧ୍ୟ କୁହାଯାଏ । ଏଠାରେ ବର୍ଷର ସବୁ ସମୟରେ ଜ୍ୟାକେଟ୍‌ଟିଏ ଦରକାର । ପ୍ରଥମତଃ ସହରର କେନ୍ଦ୍ରସ୍ଥଳରେ ଆକାଶଚୁମ୍ବୀ ଅଟ୍ଟାଳିକା ଗୁଡ଼ିକର ବ୍ୟୁହଭେଦୀ ସୂର୍ଯ୍ୟକିରଣ ବିରଳ । ତା'ଛଡ଼ା ସମୁଦ୍ରକୂଳରେ ଛତା କିମ୍ବା ସ୍କାର୍ଫ ଉଡ଼ାଇ ନେବାର ଦକ୍ଷ ଥଣ୍ଡା ହାଓ୍ୱାର ଦୁଷ୍ଟାମି । କିନ୍ତୁ ମୋଟ ଉପରେ ଏଠାରେ ପାଣିପାଗ ମନୋରମ କୁହାହେବ ।

ସେଦିନ ସକାଳ ଆଠଟାରେ ଆମେ ବାହାରି ପଡ଼ିଲୁ । ଆକାଶ ନିର୍ମଳ । ତାପମାତ୍ରା ପ୍ରାୟ ୨୨ଡିଗ୍ରୀ ସେଲ୍‌ସିଅସ୍ । ସାଥିରେ ନେଇଥାଉ ପାଣି ବୋତଲ, ହାଲ୍‌କା ଜ୍ୟାକେଟ୍ । ପ୍ରାୟ ସାଢ଼େ ଆଠଟା ବେଳକୁ ଆମେ ଟୋଲ୍ ଗେଟ୍ ପାରହୋଇ ଗୋଲ୍‌ଡେନ୍ ଗେଟ୍ ବ୍ରିଜ୍ ଉପରେ ପହଞ୍ଚି ଯାଇଥିଲୁ । ସମୁଦ୍ର ଉପରେ ପ୍ରାୟ ଦେଢ଼ ମାଇଲ୍‌ରୁ ଉର୍ଦ୍ଧ୍ୱ ଆଧୁନିକ ଇଂଜିନିୟରିଂର ଚମତ୍କାର ଗୋଲ୍‌ଡ଼େନ୍ ଗେଟ୍ ବ୍ରିଜ୍ ଆରପାଖେ ପହଞ୍ଚିଗଲେ ହିଁ ଆକାଶ ଆଡ଼କୁ ମାଡ଼ିଯିବାକୁ ପ୍ରତିଯୋଗିତାରେ ବ୍ୟସ୍ତ ଅଟ୍ଟାଳିକା ମାନ ଦେଖା ଯିବେ । ସେସବୁ ରୁଚିସମ୍ପନ୍ନ ଅଫିସ୍, ବ୍ୟାଙ୍କ୍, ସଂଗ୍ରହାଳୟ ଆଦି ତୀକ୍ଷ୍ଣ ଉଠାଣି, ଗଡ଼ାଣି ସଡ଼କଗୁଡ଼ିକ ମଧ୍ୟ ଦେଇ ସହରର କେନ୍ଦ୍ରସ୍ଥଳ ପାରି ହୋଇଗଲେ ସମୁଦ୍ରକୂଳ ପଡ଼ିବ ।

ସେଦିନ ଯୋଜନା ଅନୁଯାୟୀ ଦୀପକ ମୋତେ ସାନ୍ ଫ୍ରାନ୍‌ସିସ୍‌କୋର ଚୀନା ଟାଉନ୍‌ରେ ଛାଡ଼ିବେ । ସେ ଠୁଁ ସମୁଦ୍ର କୂଳକୁ ଚାଲି ଚାଲି ଗଲେ ପଚିଶ୍ ମିନିଟ । ସେ ଫେରିବା ଯାଏଁ ହାତରେ ମୋର ତିନି ଚାରିଘଣ୍ଟା ମୁକ୍ତ ସମୟ । ବୁଶ୍ ଷ୍ଟ୍ରିଟ୍ ଓ ଗ୍ରାଣ୍ଡ ଆଭେନ୍ୟୁ ରାସ୍ତା ଦୁଇଟିର ମିଳନ ସ୍ଥଳରେ ଉତ୍ତର ମୁହାଁ ଡ୍ରାଗନ୍ ଆକୃତିର ତୋରଣ 'ଡ୍ରାଗନ ଗେଟ୍'ଠୁଁ ଆରମ୍ଭ ଚୀନା ଟାଉନ୍ । ଏସିଆ ବାହାରେ ଏହା ସବୁଠୁ ବୃହତ୍ ଏବଂ ପୁରାତନ ଏସିଆନ୍ କମ୍ୟୁନିଟି । ଡ୍ରାଗନ୍ ଗେଟ୍‌କୁ ଲାଗି ଜଣେ ଚୀନା ତରୁଣୀ ଫାଲୁନ୍-ଗଙ୍ଗ୍ ନାମରେ ଏକ ମେଡିଟେସନ୍ ପ୍ରଦର୍ଶନ ମୁଦ୍ରାରେ ଦେଖିବାକୁ ମିଳେ । ତା'ସହ ସ୍ମୃତିମଧୁର ବାଦ୍ୟଯନ୍ତ୍ରର ଧୀର ମୂର୍ଚ୍ଛନା, ଯାହାର ପ୍ରଭାବରେ ରାସ୍ତାର ଗହଳିଚହଳିରେ ବି ଜଣେ ଆଖି ମୁଦି ଧ୍ୟାନରେ ବସିଯାଇ ପାରିବ ବୋଲି ମୋର ମନେହେଲା ।

ଏଠାରେ କହି ରଖେ ଯେ ଫାଲୁନ୍-ଗଙ୍ଗ୍ ହେଉଛି ଚୀନ୍‌ର ଏକ ପ୍ରାଚୀନ ଯୋଗ ପଦ୍ଧତି ଚୀ-ଗଙ୍ଗ୍ ଉପରେ ଆଧାରିତ ଯୁବପିଢ଼ିର ଏକ ମେଡିଟେସନ୍ । ମୂଳମନ୍ତ୍ର: ଆଭ୍ୟନ୍ତରୀଣ ଜାଗୃତି । ଆଧୁନିକ ଚାଇନାର କମ୍ୟୁନିଷ୍ଟ୍ ଶାସକଙ୍କ ଦ୍ୱାରା ଏହି ଯୋଗାଭ୍ୟାସକୁ ଚୀନରେ ନିଷିଦ୍ଧ କରାଯାଇଛି । ଏହାର ନିଶାରେ ପଡ଼ି ଯୁବପିଢ଼ି କାମ କରିବା ପ୍ରତି ବୀତସ୍ପୃହ ହେବେ ଓ ଦିନରାତି ଆଭ୍ୟନ୍ତରୀଣ ଜାଗୃତିରେ ଲାଗି ପଡ଼ିବେ । ଏହା ଦେଶ ଲାଗି କଦାପି ମଙ୍ଗଳମୟ ନୁହେଁ ।

ମୁଁ ଚୀନା ଟାଉନ୍ ଗହଳି ତଥା ଈଷତ୍ ଉଠାଣି ରାସ୍ତାରେ ଚାଲିଲାବେଳେ ମୁଣ୍ଡ ଉପରେ ମାଳମାଳ ନାଲି କାଗଜ ଲଣ୍ଠନ ଝୁଲୁଥିବା ଦେଖି ମନେ ହେଉଥାଏ ସତେ କି ମୁଁ ଚୀନରେ ପହଞ୍ଚି ଯାଇଛି । ରାସ୍ତା ଦୁଇ ଧାରରେ ଖୁନ୍ଦା ଖୁନ୍ଦି ହୋଇ ହରେକ୍ ରକମର ଦୋକାନ । ଗିଫ୍ଟ ସପ୍, ରନ୍ଧା ଉପକରଣ, ଅଳଙ୍କାର ଦୋକାନ ଆଉ ରେସ୍ତୋରାଁ ଆଦି ଦେଖିଲେ ଜଣା ପଡ଼ିବ ଶସ୍ତା ଚୀନା ମାଲ୍ ଆଉ ପୁଣି ଦାମୀ ରୁଚିପୂର୍ଣ୍ଣ ଗୃହସଜ୍ଜା ସରଞ୍ଜାମ୍ ବିକ୍ରିର ଏତାଦୃଶ ସହାବସ୍ଥାନ ବୋଧହୁଏ ପୃଥିବୀରେ ଆଉ କେଉଁଠି ଦେଖିବାକୁ ମିଳିବ ନାହିଁ ।

ଚାଲୁ ଚାଲୁ ମୁଁ ୱିଣ୍ଡୋ ସପିଙ୍ଗର ଆନନ୍ଦ ନେଉଥାଏ । ଗିଫ୍ଟ ସପ୍ ଗୁଡ଼ିକରେ ପର୍ଯ୍ୟଟକଙ୍କ ପସନ୍ଦର କିଛି ଉପହାର ସାମଗ୍ରୀ ଏହିପରି; ପାପୁଲି ଆକାରର କାଗଜ ପଙ୍ଖା, ସିଲ୍‌କ୍ ଭଳି କନାରେ ତିଆରି ଛୋଟ ପର୍ସ, ମାଳିର ବ୍ରେସ୍‌ଲେଟ୍, ଅନବରତ ସ୍ୱାଗତ ମୁଦ୍ରାରେ ହାତ ହଲାଉଥିବା ପ୍ଲାଷ୍ଟିକ୍ ଲକି ବିରାଡ଼ି, କ୍ରିଷ୍ଟାଲ୍‌ରେ ତିଆରି ପଶୁପକ୍ଷୀ, ଫୁଲଙ୍କ ଛୋଟ ଛୋଟ ଆକୃତି ଆଦି । ଅଧିକାଂଶ ଉପହାର ସାମଗ୍ରୀରେ ନାଲି ରଙ୍ଗର ପ୍ରାଧାନ୍ୟ । ବୁଝି ପାରେନି ଚୀନାମାନଙ୍କର ନାଲି ରଙ୍ଗଟି ଏତେ ପ୍ରିୟ କାହିଁକି, ଶୁଭ ରଙ୍ଗ ନିଶ୍ଚୟ ହୋଇଥିବ ।

ପ୍ରାୟ ଘଣ୍ଟାଏ ଚାଲିଲା ପରେ ରେସ୍ତୋରାଁ ଗୁଡ଼ିକ ଅଧିକ ମାତ୍ରାରେ ମୋର ଦୃଷ୍ଟି ଆକର୍ଷଣ କଲେ । ହଙ୍ଗ୍‌କଙ୍ଗ୍ ରେସ୍ତୋରାଁ, ଚାଇନା ବିଷ୍ଟ୍ରୋ, କ୍ଲେ ପଟ୍, ଓରିଏଣ୍ଟାଲ୍ ପର୍ଲ୍ ପ୍ରଭୃତି । ବୁଝିଲି ଯା ଭିତରେ ମୋତେ ଭୋକ ହେଲାଣି । ଗୋଟେ ଛୋଟ ତଥା ପରିଷ୍କାର ରେସ୍ତୋରାଁ ଦେଖି ତାହାର କାଉଣ୍ଟରରେ ଭେଜିଫ୍ରାଏଡ୍ ରାଇସ୍ ବୋଲି ଉଚ୍ଚାରଣ କଲି ଓ ଇଙ୍ଗିତରେ ହିଁ ବୁଝାଇ ଦେଲି ଯେ ମୁଁ ଖାଦ୍ୟ ପ୍ୟାକେଟ୍ ନେଇଯିବି । ଚାଇନା ଟାଉନ୍‌ର ଅଧିକାଂଶ ରେସ୍ତୋରାଁ





ଓ ଦୋକାନଗୁଡ଼ିକରେ ଭଙ୍ଗା ଭଙ୍ଗା ଇଂରାଜୀ କହି କାମ ଚଳେଇ ଦିଅନ୍ତି । ଭାବିଲେ ଆଶ୍ଚର୍ଯ୍ୟ ଲାଗେ ଭାଷା ବିହୁନେ ପରସ୍ପରକୁ ବୁଝିବା ଏତେ ସହଜ ! କେବଳ ଆଗ୍ରହ ଓ ଈଷତ୍ ଆନ୍ତରିକତା ହିଁ ଯଥେଷ୍ଟ । ଖାଦ୍ୟ ପ୍ୟାକେଟ୍ ଧରି ମୁଁ ସମୁଦ୍ରକୂଳ 'ଫିସରମ୍ୟାନ୍ ରାଫ୍' ଆଡ଼କୁ ମୁହାଁଇଲି । ମୋବାଇଲ୍ ଫୋନ୍ ଯୋଗେ ରାସ୍ତା ନିରୂପଣ କରୁଥାଏଁ । ସୁତରାଂ ହଜିବାର ସମ୍ଭାବନା ନାହିଁ । ତଥାପି ଏଠାରେ ଆପଣ ଯଦି ସ୍ଥାନୀୟ ଲୋକଙ୍କୁ ଠିକଣା ପଚାରିଲେ ସେମାନେ ଠିକଣା ତ ବତେଇ ଦେବେ, ତା'ଛଡ଼ା ସମ୍ଭ୍ରମରେ ପଦେ ଦୁଇପଦ କଥା ବି ହେବେ । ବଚନେ ଦରିଦ୍ରତାର ସାନ୍ ଫ୍ରାନ୍‌ସିସ୍କୋ ସହରରେ ପ୍ରଶ୍ନ ଉଠେନାହିଁ ।

## ଫିସରମ୍ୟାନ୍ ରାଫ୍

୧୯୪୮ ମସିହା କାଲିଫର୍ଣ୍ଣିଆରେ ଗୋଲ୍ଡ ରସ୍ ସମୟ । ସୁନା ଖଣିରେ କାମ କରିବାକୁ ଲୋକେ ଆମେରିକାର ବିଭିନ୍ନ ପ୍ରାନ୍ତରରୁ ପହଞ୍ଚି ସାନ୍ ଫ୍ରାନ୍‌ସିସ୍‌କୋରେ ଜନସଂଖ୍ୟା ବୃଦ୍ଧିର ମୁଖ୍ୟ କାରଣ ବନିଗଲେ । ଏହାର ସୁଯୋଗ ନେଇ ଇଟାଲିଆନ୍ ଇମିଗ୍ରାଣ୍ଟ୍ ମତ୍ସ୍ୟଜୀବୀ ସମୁଦ୍ର ସମୁଦ୍ର ଦେଇ ସାନ୍ ଫ୍ରାନ୍‌ସିସ୍‌କୋ କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟାରୁ ମାଛ ବିକି ଲାଭବାନ ହେଲେ । ସମୟର ଢେଉ ଅନେକ କିଛି ପୋଛି ନେଇଚି । ଅନେକ ନୂଆ ଅଜାଡ଼ି ଦେଇଚି ବି । କିନ୍ତୁ ଏ ଜାଗାର ନାମଟି ବଦଳିନାହିଁ । ଆଉ ଏଠା ରେସ୍ତୋରାଁରୁ ରସୁଣ ଓ ବଟର୍ ଦିଆ ସିଝା କଙ୍କଡ଼ା ଓ କାଗଜ କପ୍‌ରେ ଚିଙ୍ଗୁଡ଼ି କଟ୍‌ଲେଟ୍ ବିକ୍ରି ମଧ୍ୟ ପୁରୁଣା ଦିନ ପରି ଲୋକଙ୍କର ଖୁବ୍ ପସନ୍ଦର ।

ପର୍ଯ୍ୟଟକଙ୍କ ମୁଖ୍ୟ ଆକର୍ଷଣ ଫିସରମ୍ୟାନ୍ ରାଫ୍ (Fisherman Wharf) । ପିଅର ୩୯ କୂଳରେ ରେସ୍ତୋରାଁ, ସୋଭିନିୟର୍ ଦୋକାନ, ମହମ ମ୍ୟୁଜିୟମ୍, ଗିରାଡେଲି ଚକୋଲେଟ୍ କମ୍ପାନୀ (ଆମେରିକାର ସବୁଠାରୁ ପୁରୁଣା ଚକ୍‌ଲେଟ୍ କମ୍ପାନୀ ମଧ୍ୟରେ




ଗିରାଡେଲି ହେଉଛି ତୃତୀୟ) ଆଦି ଦ୍ୱାରା ପରିପୂର୍ଣ୍ଣ ଏକ ଚମତ୍କାର ଜାଗା ଅଟେ । ବର୍ଷର ପ୍ରତ୍ୟେକଟି ଦିନ ଏଠି ଉତ୍ସବ ମୁଖର । ରାସ୍ତା କଡ଼ରେ ଏକ ମୈଦାନ୍‌ରେ କଳାକାରମାନେ ନିଆରା କଳା ପ୍ରଦର୍ଶନର ପେସା ଆପଣେଇ ଦେଖଣାହାରୀଙ୍କ ଠୁଁ କିଛି କିଛି ପଇସା ଓ ଅଜସ୍ର କରତାଳି ଯୋଗାଡ଼ କରି ନିଅନ୍ତି । ପ୍ରକୃତରେ ସେସବୁ ବିଦ୍ୟାରେ ସେମାନେ ଖୁବ୍ ନିପୁଣ । ଆଜି ଜଣେ ସାରା ଦେହରେ ବାର୍ନିସ୍ ବୋଳି ଧାତୁ ତିଆରି ଏକ ରୋବଟ୍ ପରି ଆଚରଣ କରୁଥାଏ । ତା'ସହ ପିଲାଙ୍କୁ ନେଇ ଫଟୋ ଉଠାଇବାକୁ ଅଭିଭାବକଙ୍କର କି ଆନନ୍ଦ । କିଛି ଦୂରରେ ଜଣେ ଟିଣ ଡବା, ପ୍ଲାଷ୍ଟିକର ମଗ୍ ଆଦି ଉପକରଣରେ ସୁନ୍ଦର ବାଦ୍ୟ ସୃଷ୍ଟି କରି ଚାଲିଛି । ତା'ଡବାରେ ପଇସା ପକାଇ ଦେଉଛନ୍ତି କିଛି ମୁଗ୍ଧ ଲୋକ ।






ସେଇ ମୁହୂର୍ତ୍ତରେ ମୋର ମନେହେଲା ସତରେ ଯେ ପୃଥିବୀ ଗୋଟେ ରଙ୍ଗ ମଞ୍ଚ । ଦଳେ କଳାକାର ଆଉ ଦଳେ ଦେଖଣାହାରୀ । ଆକାଶ ଆଡୁ ଲମ୍ବି ଆସିଛି ଅଦୃଶ୍ୟ ସୂତା । ସେମାନଙ୍କ ହାତ, ଗୋଡ଼, ହସ, କାନ୍ଦ ସେ ସୂତାର ନିୟନ୍ତ୍ରଣରେ ।

ଅପେକ୍ଷାକୃତ ନିରୋଳା ଜାଗା ଦେଖି ସମୁଦ୍ର ଆଡ଼କୁ ମୁହଁ କରି ଗୋଟିଏ କାଠ ବେଞ୍ଚରେ ମୁଁ ବସିଗଲି । ଅଦୂରରେ ସମୁଦ୍ର ମଧ୍ୟରେ ଦିଶୁଥାଏ କ୍ଷୁଦ୍ର ଦ୍ୱୀପଟିଏ- ମାତ୍ର ବାଇଶି ଏକରର ଆଲକାଟ୍ରାଜ୍ ଦ୍ୱୀପ (Alcatraz Island) ଏବଂ ତା'ଉପରେ ଆଲାକାଟ୍ରାଜ୍ ଜେଲ୍‌ର ଜୀର୍ଣ୍ଣ କୋଠା । ଏକଦା ଆଲକାଟ୍ରାଜ୍ ଦ୍ୱୀପକୁ କଳାପାଣି ଭାବରେ ବ୍ୟବହାର କରାଯାଉଥିଲା । କୁଖ୍ୟାତ ଡ୍ରଗ୍ ଡିଲର୍, ଡକାୟତଙ୍କ ଲାଗି ସେଠି ନିର୍ମାଣ କରା ହୋଇଥିଲା ହାଇ ସିକ୍ୟୁରିଟି ଜେଲ୍ । କଳା ପାଣି ନାଁଟି ଶୁଣିଲେ କାହାଣୀ ପରି ଲାଗୁଛି । ମାତ୍ର ଏହା ଏକ୍‌ଦମ୍ ସତ । ସମୁଦ୍ରକୂଳରୁ ମାତ୍ର ୨ କିଲୋମିଟର ଦୂରତାରେ ଥାଇ ମଧ୍ୟ ଏହାର ଚାରିପାଖରେ ଗଭୀର ସମୁଦ୍ର ଓ ପ୍ରବଳ ଓସନ୍ କରେଣ୍ଟ୍ ଯୋଗୁଁ ଏଠାରୁ ଚେଷ୍ଟା କରି ମଧ୍ୟ କେହି ଖସିଯାଇ ପାରିନଥିଲେ । ଅବଶ୍ୟ ତିନିଜଣ କଏଦୀ ଅନେକ ଦିନର ଯୋଜନା ଏବଂ ଚତୁର କାର୍ଯ୍ୟ ସମ୍ପାଦନା ଦ୍ୱାରା ଖସି ପାରିଥିଲେ । ସୁରକ୍ଷାରେ ତ୍ରୁଟି ଏବଂ ଚଳାଇବାରେ ଅଧିକ ଖର୍ଚ୍ଚ ହେତୁ ଜେଲ୍‌ଟି ୧୯୬୩ ମସିହାରେ ବନ୍ଦ ହୋଇଗଲା । କଏଦୀଙ୍କର ଖସିଯିବା ସତ୍ୟ ଘଟଣା ଉପରେ ଆଧାରିତ ଇଂରାଜୀ ଚଳଚ୍ଚିତ୍ର 'ଏସ୍‌କେପ୍ ଫ୍ରମ୍ ଆଲ୍‌କାଟ୍ରାଜ୍' ଅନେକ ଲୋକପ୍ରିୟତା ଅର୍ଜନ କରିଛି ।

ମୋ ବେଞ୍ଚ୍ ଠୁଁ କିଛି ଦୂରରେ ଗୋଟିଏ ଟିକେଟ୍ ବୁଥ୍ ଥିଲା । ସେଇଠୁ ପର୍ଯ୍ୟଟକଙ୍କୁ ଆଲକାଟ୍ରାଜ୍ ବୁଲାଇ ନେବାକୁ ଦିନ ତମାମ୍ ଛୋଟ ଛୋଟ ଜାହାଜ ଯା'ଆସ କରେ । କିଛି ବର୍ଷ ତଳେ ଦେଖିଥିବା ଆଲ୍‌କାଟ୍ରାଜ୍ ମୋ ସ୍ମୃତିପଟରେ ଭାସି ଉଠିଲା । ଜେଲ୍‌ର କ୍ଷୁଦ୍ର କୋଠରୀଗୁଡ଼ିକରେ ସେଦିନର ଲୁହା ବାଡ଼, ଜୀର୍ଣ୍ଣ ଗଦି, ତକିଆ, ଆଉ କାନ୍ଥରେ କଏଦିମାନଙ୍କର ନଖ ରାମ୍ପୁଡ଼ା ଦାଗ ସହ ଆଲ୍‌କାଟ୍ରାଜ୍ ଜେଲ୍ ଏକ ଐତିହାସିକ ମନୋମେଣ୍ଟ୍ ଭାବରେ ସୁରକ୍ଷିତ ।

ଯା ମଧ୍ୟରେ ମୁଁ ଖାଇବା ଶେଷ କଲି ଓ ବଳକା ଖାଦ୍ୟ ବ୍ୟାଗ୍‌ରେ ରଖିଦେଲି । ସୂର୍ଯ୍ୟ ମୁଣ୍ଡ ଉପରେ । କିନ୍ତୁ କାଲୁଆ ପବନ ଯୋଗୁଁ ଖରା ଭଲ ଲାଗୁଥାଏ । ପର୍ଯ୍ୟଟକଙ୍କ ଭିଡ଼ ଧୀରେ ଧୀରେ ଜମି ଆସିଲାଣି । ଏତିକିବେଳେ କାନରେ ପଡ଼ିଲା ଆଠ ଦଶ ବର୍ଷର ଜାପାନିଜ୍ ପିଲାଟିଏ ତା' ବାପାଙ୍କୁ କାଣ୍ଡି ଷ୍ଟୋର୍ ଆଡ଼କୁ ହାତ ଦେଖାଇ ଅଝଟ କରୁଛି । ପୃଥିବୀର ସବୁ ବାପାଙ୍କ ଭଳି ଚକୋଲେଟ୍ ପାଇଁ ପ୍ରତିଶ୍ରୁତି ଦେଇ ଭୁଲି ଯାଉଥିବେ ବାପା ଜଣଙ୍କ ବୋଧହୁଏ ।




ଏଠାରେ ଚକୋଲେଟ୍ ଓ କାଣ୍ଡି ଦୋକାନଗୁଡ଼ିକରେ ଆମ ଦେଶରେ ଚାଉଳ, ଡାଲି ରଖିଲା ପରି ବଡ଼ ବଡ଼ ଅଖା ରାସ୍ତା ଓ କାଠ ବାରେଲ୍ ଗୁଡ଼ିକରେ ପ୍ରଦର୍ଶନ ଦେଖିଲା ଭଳି । 'ଜେଲି ବେଲି' ନାମରେ ୧୦୦ ବର୍ଷର ଏକ କମ୍ପାନୀ ଶିମ୍ବ ମଞ୍ଜି ଆକାରର କାଣ୍ଡି ଗୁଡ଼ିକରେ ପୃଥିବୀର ଏମିତି କୌଣସି ସ୍ୱାଦ ନାହିଁ ଯାହା ସେମାନେ ତାଙ୍କ ଜେଲି ବେଲିରେ ଭର୍ତ୍ତି କରି ନାହାନ୍ତି । ବିଭିନ୍ନ କିସମର ଫଳ, ପରିବା, ପପ୍‌କର୍ଣ୍ଣ, ଭାବିଲି କେଉଁଦିନ ରସଗୋଲା କି ଦହିବରା ସ୍ୱାଦର ଜେଲି ବେଲି ବି ଉପଲବ୍ଧ ହେବା ଅସମ୍ଭବ ନୁହେଁ ।

ମୋ ଫୋନ୍ ରିଂ ହେଲା । ସେପଟୁ ଦୀପକ୍ କହିଲେ, "ଅଫିସ୍‌ରୁ ବାହାରି ଆସିଲିଣି ।" ପୃଥିବୀରେ ଯେକୌଣସି କସ୍ମୋପଲିଟାନ୍ ସହର ଭଳି ସାନ୍ ଫ୍ରାନ୍‌ସିସ୍‌କୋରେ ମଧ୍ୟ ପାର୍କିଙ୍ଗ୍ ବିଷମ ସମସ୍ୟା । ତେଣୁ ପିଅର୍ ୩୯- ରାସ୍ତା କଡ଼ରେ ହିଁ କାର୍‌କୁ ଟିକେ ଅଟକାଇ ଦେଲେ ମୁଁ ବଢ଼ିଯିବି ବୋଲି ଜଣାଇଦେଲି ।

ଘରେ ପହଞ୍ଚି ଡିନର୍ ବନେଇବାକୁ ପଡ଼ିଲା ନାହିଁ । ମୋ ବ୍ୟାଗ୍‌ରେ ବଳକା ଫ୍ରାଏଡ଼ ରାଇସ୍ ଆଉ ଦୀପକଙ୍କ ଅଫିସ୍‌ରୁ ପୋର୍ଟୋବେଲୋ ଜାତୀୟ ଛତୁରେ ଚିଜ୍ ଆଉ ବ୍ରୋକଲିର ଷ୍ଟଫିଙ୍ଗ୍ ସହ ଭେଜିଟେବୁଲ୍ ସ୍ପାଗେଟି । ସେଦିନ ନିଦରେ ଆଖି ଭାରି ହେଲା ଯାଏଁ ଭାବୁଥିଲି, ଚାଇନା ଟାଉନ୍, ଫିସର୍‌ମ୍ୟାନ୍ ରାଫ୍‌ର ଇଟାଲିଆନ ଇମିଗ୍ରାଣ୍ଟ୍, ଚକୋଲେଟ୍ ଲାଗି ଅଳି କରୁଥିବା ଜାପାନୀଜ୍ ପିଲାଟି, ସିଲିକନ୍ ଭ୍ୟାଲିର ପ୍ରବାସୀ ଭାରତୀୟ, ମାତୃଭୂମି ଠୁଁ ଦୂରରେ ଜୀବନ ସହ ବୁଝାମଣାର ପାଦ ଚିହ୍ନ ଏଠି ସବୁଆଡ଼େ । ଟିକିଏ ନିରୀକ୍ଷଣ କଲେ କେତେ ସ୍ପଷ୍ଟ ଦିଶେ ।

# ନୈସର୍ଗିକ ସୌନ୍ଦର୍ଯ୍ୟର ଗନ୍ତାଘର: ଭୃଗୁତୁଙ୍ଗ


ହିମାଚଳ ପ୍ରଦେଶରେ ଆମର ରହଣିର ଦିନ ସରିସରି ଆସୁଥାଏ । ସେଦିନ ରାତି ୩.୩୦ରେ ଘଡ଼ିରେ ବାଜିଲା ଆଲାର୍ମ । ନିଦ ଭାଙ୍ଗିଗଲା ମୋର । ଆମକୁ ଜଲ୍‌ଦି ରେଡି ହୋଇ ବାହାରି ଯିବାକୁ ପଡ଼ିବ ମନାଲିରୁ ରୋହତାଙ୍ଗ୍ ପାସ୍ ଅଭିମୁଖେ । ବାହାରେ ପ୍ରବଳ ଥଣ୍ଡା ଆଉ ତୁଷାରପାତ । ଡବଲ୍ ରେଜେଇ ଭିତରୁ ବାହାରିବାକୁ ଇଚ୍ଛା ହେଉନଥାଏ । ପୂର୍ବଦିନ ବୁଲାବୁଲିର କ୍ଲାନ୍ତି ବି କଟିନଥାଏ । ଏପଟେ ପ୍ରବଳ ଥଣ୍ଡା ଆଉ ସେପଟେ ରୋହତାଙ୍ଗ୍ ପାସ୍‌ର ଶୂନ୍ୟବିନ୍ଦୁରେ ହଜିଯିବାର ମୋହ । ଉଠିବାକୁ ତ ପଡ଼ିବ ନିଶ୍ଚୟ ।

ଯଦିଓ ବହୁତ ଆଗରୁ ଆମର ରୋହତାଙ୍ଗ୍ ପାସ୍ ପାଇଁ ଭିଜିଟର୍ସ ପର୍‌ମିଟ୍ ବୁକ୍ ସରିଥିଲା ତଥାପି ଡ୍ରାଇଭର୍ ଆମକୁ ସୂଚେଇ ଦେଇଥିଲା ଯେ ଯଦି କୌଣସି କାରଣବଶତଃ ପାଗ ଖରାପ ହୋଇଯାଏ କିମ୍ବା ସ୍ଲାଇଡିଂ ହୁଏ ତାହେଲେ ରୋହତାଙ୍ଗ୍ ପାସ୍‌କୁ ରାସ୍ତା ସାଙ୍ଗେସାଙ୍ଗେ ବନ୍ଦ କରି ଦିଆଯିବ ଆଉ ପରମିଟ୍ କ୍ୟାନ୍‌ସଲ୍ କରି ଦିଆଯିବ । ସେଥିପାଇଁ ଆମକୁ ଭୋର୍ ପାଞ୍ଚଟା ଭିତରେ ବାହାରିବାକୁ ପଡ଼ିବ । ଯେତେ ଜଲ୍‌ଦି ଆମେ ସେଠି ପହଁଚିବା ସେତେ ଜଲ୍‌ଦି ବୁଲାବୁଲି ସାରି ଫେରି ଆସିବା ପୁଣି ହୋଟେଲ୍‌କୁ । କାରଣ ମନାଲିରେ ମଧ୍ୟାହ୍ନ ପରେ ପ୍ରାୟତଃ ପାଗ ଖରାପ ହୋଇଯାଏ । ଅଚାନକ ଖରା ଚାଲିଯାଇ ସବୁଆଡ଼ କୁହୁଡ଼ି କୁହୁଡ଼ି ହୋଇଯାଏ ଆଉ ବେଳେବେଳେ ଝିପିଝିପି ବର୍ଷା ବି ଆରମ୍ଭ ହୋଇଯାଏ । ତେଣୁ ଯଥାସମ୍ଭବ ସୁରକ୍ଷା ଦୃଷ୍ଟିରୁ ସମୟ ପୂର୍ବରୁ ସେ ଘାଟି ରାସ୍ତାରୁ ଫେରି ଆସିବାଟା ଭଲ ।



ଠିକ୍ ସମୟରେ ବାହାରି ପଡ଼ିଲୁ ସବୁ । ଠାକୁରଙ୍କୁ ସ୍ମରଣ କରି ଗାଡ଼ି ଆମର ଗଡ଼ି ଚାଲିଲା ରୋହତାଙ୍ଗ୍ ପାସ୍ ଅଭିମୁଖେ । ପର୍ବତରାଜ ହିମାଳୟର ହିମାଦ୍ରୀ ଆଉ ସିଓ୍ୱାଲିକ୍ ରେଞ୍ଜ୍‌ର ମଧ୍ୟବର୍ତ୍ତୀ ଭାଗରେ ଅବସ୍ଥିତ ଦେବଭୂମି ହିମାଚଳ ପ୍ରଦେଶ । ହିମାଚଳ ପ୍ରଦେଶର ମନାଲିରୁ ଲେହ-ଲଦାଖ୍ ଯାଏଁ ଲମ୍ବିଥିବା ମୁଖ୍ୟ ସଡ଼କ ମାର୍ଗରେ ପଡ଼େ ଏହି ରୋହତାଙ୍ଗ୍ ପାସ୍ । ମନାଲି ଠାରୁ ଏହାର ଦୂରତ୍ୱ ମାତ୍ର ପଚାଶ କିଲୋମିଟର । କିନ୍ତୁ ଏତିକି ରାସ୍ତା ଅତିକ୍ରମ କରିବା ପାଇଁ ଲାଗେ ତିନି ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ କେବଳ ଏହାର ପାହାଡ଼ି ଘାଟିରାସ୍ତା ପାଇଁ । ପୁରାତନ କାଳରେ 'ଭୃଗୁତୁଙ୍ଗ' ନାମରେ ଜଣା ଯାଉଥିବା ଏହି ରୋହତାଙ୍ଗ୍ ପାସ୍ ବର୍ଷର ସବୁ ସମୟରେ ପର୍ଯ୍ୟଟକଙ୍କ ପାଇଁ ଖୋଲା ନଥାଏ । କେବଳ ମେ ମାସରୁ ଅକ୍ଟୋବର ଯାଏଁ ରାସ୍ତା ଘାଟରୁ ବରଫ ସବୁକୁ ସମ୍ପୂର୍ଣ୍ଣ ସଫା କରି ସାରିଲା ପରେ ଭାରତୀୟ ସେନା ତରଫରୁ ପର୍ଯ୍ୟଟକମାନଙ୍କୁ ଭିତରକୁ ପ୍ରବେଶର ଅନୁମତି ପତ୍ର ମିଳିଥାଏ ।

ରୋହତାଙ୍ଗ୍ ପାସ୍‌ରେ ପ୍ରାକୃତିକ ସୌନ୍ଦର୍ଯ୍ୟ ବ୍ୟତୀତ ପର୍ଯ୍ୟଟକମାନଙ୍କ ପାଇଁ ସ୍କିଇଙ୍ଗ, ଟ୍ରାକିଙ୍ଗ୍,ସ୍କେଟିଂର ରହିଛି ପର୍ଯ୍ୟାପ୍ତ ସୁବିଧା ଓ ସୁଯୋଗ । ବର୍ଷଯାକ ବରଫ ଚାଦର ଘୋଡ଼େଇ ହୋଇ ରହୁଥିବା ଏହି ସ୍ଥାନଟିରୁ ତଳକୁ ଚାହିଁଲେ ଦିଶେ ବାଦଲସବୁ ପାହାଡ଼ ତଳେ ତଳେ ଭାସୁଥିବାର ଲୋଭନୀୟ ଦୃଶ୍ୟ । ବାଦଲର ଉପରେ ରହି ପ୍ରକୃତିକୁ ଉପଭୋଗ କରିବାର





**ରୋଜାଲିନି ମିଶ୍ର**

ଏ/ଇ-୨୫୦, ଭି.ଏସ୍.ଏସ୍. ନଗର,
ଭୁବନେଶ୍ୱର-୭୫୧୦୦୭
ଫୋନ : ୮୮୯୫୩୨୬୪୩୪


ଫଟୋ ସୌଜନ୍ୟ : ଲେଖିକା


▲ ଲେଖିକା ରୋଜାଲିନି ମିଶ୍ର




ଆନନ୍ଦ ଯେକୌଣସି ପର୍ଯ୍ୟଟକଙ୍କ ପାଇଁ ନିଆରା ନିଶ୍ଚୟ ।

କିଛି ବାଟ ସମତଳ ରାସ୍ତାରେ ଗଲା ପରେ ଆମେ ଗୋଟେ ଦୋକାନ ପାଖରେ ରହି ଡ୍ରାଇଭରର ପରାମର୍ଶ ଅନୁସାରେ ଶୀତ ଜ୍ୟାକେଟ୍, ବୁଟ୍, ଗ୍ଲୋଭ୍ସ୍ ଆଦି ସବୁ ଭଡ଼ାରେ ନେଲୁ ରୋହତାଙ୍ଗ୍ ପାସ୍ ପାଇଁ । ଯଦିଓ ଆମ ପାଖରେ ଯଥେଷ୍ଟ ଶୀତବସ୍ତ୍ର ଥିଲା ତଥାପି ସେସବୁ ଜିରୋ ପଏଣ୍ଟରେ ଥଣ୍ଡା ରୋକିବା ପାଇଁ ଯଥେଷ୍ଟ ନୁହେଁ ବୋଲି ସୂଚେଇ ଦେଲା ଡ୍ରାଇଭର୍ । ସତରେ ଦାନ୍ତକୁ ଦାନ୍ତ ଠକ୍ ଠକ୍ ବାଜୁଥିଲା ସେ ଥଣ୍ଡାରେ । ତେଣୁ ଇଚ୍ଛା ନଥିଲେ ମଧ୍ୟ ବାଧ୍ୟ ହୋଇ ଭଡ଼ାରେ ଯିଏ ଯାହା ମାପର ଜିନିଷ ସବୁ ସଂଗ୍ରହ କରିନେଲୁ । ସିନ୍ଦୂରା ଫାଟି ଫାଟି ଆସୁଥାଏ । ବାରିପଟେ ଘେରି ରହିଥିବା କୁହୁଡ଼ିର ଆସ୍ତରଣକୁ ଆଡ଼େଇ ସୂର୍ଯ୍ୟ ଦେବତା ମୁହଁ କାଢ଼ିବାକୁ ଚେଷ୍ଟା କରୁଥାନ୍ତି ଧିରେ ଧିରେ । ଆମ ଗାଡ଼ି ମୁହାଁଇ ଥାଏ ଘାଟି ରାସ୍ତା ଦିଗରେ ସମତଳ ରାସ୍ତାକୁ ପଛରେ ଛାଡ଼ି ।

ପାହାଡ଼ ଉପରକୁ ଉଠିବା ପୂର୍ବରୁ ପୁଣି ଗୋଟାଏ ଜାଗାରେ ଗାଡ଼ି ରଖି ଡ୍ରାଇଭର୍ ଆମକୁ କହିଲା, "ଆପଣମାନେ ଏଠି କିଛି ଖାଇଦିଅନ୍ତୁ । ଆଉ ଆଗକୁ ରାସ୍ତାରେ କିଛି ବି ଖାଇବାକୁ ମିଳିବନି । ଫେରିବା ବିଳମ୍ବ ହୋଇପାରେ ମଧ୍ୟ ।" ପାଖାପାଖି ହୋଇ ଛୋଟବଡ଼ ଢାବା ଆଉ ରେଷ୍ଟୁରାଣ୍ଟ କିଛି । ସକାଳ ଜଳଖିଆ ପାଇଁ ସବୁ ଜାଗାରେ କେବଳ ମ୍ୟାଗି ଆଉ ଆଳୁପରଟା ହିଁ ମିଳୁଥିଲା । ମୁଁ ଲକ୍ଷ୍ୟ କଲି ସେଠି ସବୁ ଜାଗାରେ ମ୍ୟାଗି ବହୁଳ ଭାବରେ ଉପଲବ୍ଧ । ଏତେ ଥଣ୍ଡାକୁ ଗରମ ଗରମ ଆଳୁପରଟା ସହ ଛୋଲେ ଆଉ ବାମ୍ଫଉଠା ମ୍ୟାଗି ଖାଇବା ପାଇଁ ଖୁବ୍ ଭଲଲାଗିଲା ଆଉ ସ୍ୱାଦିଷ୍ଟ ମଧ୍ୟ ।

ଜଳଖିଆ ସରିଲା ପରେ ଡ୍ରାଇଭର୍ ଆମକୁ କହିଲା ଆପଣମାନେ ସବୁ ଏତେ ଥଣ୍ଡା ସହ ଅଭ୍ୟସ୍ତ ନୁହଁନ୍ତି । ଉପରକୁ ଥଣ୍ଡା ସମ୍ଭାଳି ପାରିବେ କି ନାହିଁ ତେଣୁ ସମସ୍ତେ ଅଳ୍ପ ଟିକେ ଟିକେ ବିଅର୍ ପିଇ ନିଅନ୍ତୁ । ଦେହର ଉତ୍ତାପ ନର୍ମାଲ୍ ରହିବା ସହ ଆରାମ ବି ଲାଗିବ । ବିଅର୍ କଥା ଶୁଣି ଆମେ ସମସ୍ତେ ପରସ୍ପରର ମୁହଁକୁ ଚାହିଁଲୁ । ଆମେମାନେ କେହି ବି ସେ ତାର ଭକ୍ତ ନୁହଁ । ତେଣୁ ସମସ୍ତେ ଅରାଜି ହେଲେ ଏ ପ୍ରସ୍ତାବରେ । କିନ୍ତୁ ମୋ ମନରେ କୋଉଠି ନା କୋଉଠି ଥିବା ସୁପ୍ତ ଇଚ୍ଛାଟି ଜାଗି ଉଠିଲା ଏଇ ମଉକାରେ ବିଅର୍ ଟିକେ ଚାଖିଦେବା ପାଇଁ । କେମିତି ଲାଗେ କେଜାଣି ? କିନ୍ତୁ ଗାଳି ଶୁଣିବା ଭୟରେ ଡରିକି ସମସ୍ତଙ୍କ ଆଗରେ କିଛି ନ କହି ଚୁପ୍‌ଚାପ୍ ମିଷ୍ଟରଙ୍କ କାନ ପାଖରେ କହିଲି, "ଅଳ୍ପ ଟିକେ ବିଅର୍ ଚାଖିବା ?" ମିଷ୍ଟର କହିଲେ, "ପାଗଳ ନା କ'ଣ ? ଚୁପଚାପ ଚାଲ ସେମିତି ସବୁ ଉପରକୁ । କିଛି ଅସୁବିଧା ହେବନି ।" କୌତୂହଳବଶତଃ ମୁଁ ପୁଣି ଡ୍ରାଇଭରକୁ ପଚାରିଲି, "ଆପଣ ବି ବିଅର୍ ପିଇବେ ?" ସେ ପୁଣି କହିଲା, "ଆପଣମାନେ ନହେଲେ କିଛି ଡାର୍କ ଚକୋଲେଟ୍, ପପ୍‌କର୍ଣ୍ଣ ଆଉ ଚୁଇଁଗମ୍ ସାଙ୍ଗରେ ନେଇ ଯାଆନ୍ତୁ । ଦରକାର ପଡ଼ିପାରେ ।" ତା ପରାମର୍ଶ ଅନୁସାରେ ଆମେ ସବୁ କିଣାକିଣି ସାରି ପୁଣି ଯାଇ ବସିଲୁ ଗାଡ଼ିରେ ।

ପାହାଡ଼ର ଛାତି ଚିରି ଉପରକୁ ଉପରକୁ ଲମ୍ବି ଯାଇଛି କଳାରଙ୍ଗର ପିଚୁ ରାସ୍ତାଟିଏ । କୋଉଠି କୋଉଠି ରାସ୍ତା ଖୁବ୍ ଅଣଓସାରିଆ ତ କୋଉଠି କୋଉଠି ରାସ୍ତାରେ ମାଡ଼ି ଯାଇଛି ବରଫର ପତଳା ଆସ୍ତରଣ । ରାସ୍ତାର ଦୁଇ ପାଖରେ ଛୋଟବଡ଼ ପାର୍ବତ୍ୟମାଳା । କେଉଁଠି କେଉଁଠି ଗୋଟାଏ ପଟେ ପାହାଡ଼ ଥାଇ ଆର ପଟଟି ଘାଇ । ଘାଇଗୁଡ଼ିକ ଏତେ ଗଭୀର ଯେ ଯଦି କୌଣସି ଗାଡ଼ି ଦୁର୍ଘଟଣାଗ୍ରସ୍ତ ହୋଇ ତଳକୁ ଖସିପଡ଼େ ତାହେଲେ ପ୍ରାଣ ପାଇବା ଏକଦମ ଅସମ୍ଭବ । ଗାଡ଼ିରେ ଥାଇ ତଳକୁ ଚାହିଁଦେଲେ ମନରେ ଭୟ ଆସିଯିବ । ପାହାଡ଼ର ଠାଏ ଠାଏ କେଉଁଠି ପଥର ଉପରେ ଶିଉଳି ଆଉ ଛୋଟଛୋଟ ଗୁଳ୍ମମାନଙ୍କର ସବୁଜ ଆସ୍ତରଣ । ପୁଣି କେଉଁଠି ସେଇ ଛୋଟବଡ଼ ଗୁଳ୍ମମାନଙ୍କ ଭିତରୁ କୁନିକୁନି ନାଲି ନେଳି କି ହଳଦିଆ ବଣୁଆ ଫୁଲଟାଏ ମୁଣ୍ଡକୁ ହଲେଇ ନିଜ ଉପସ୍ଥିତି ଜାହିର କରୁଛି ପର୍ଯ୍ୟଟକଙ୍କ ଆଗରେ । କେଉଁଠି କେଉଁଠି ଗଦା ହୋଇଥିବା ବରଫଗୁଣ୍ଡ ଗୁଡ଼ିକ ହାଲକା ସୂର୍ଯ୍ୟକିରଣରେ ଆଖିକୁ ଝଲସେଇ ଦେଇ ରୂପାଗୁଣ୍ଡର ଭ୍ରମ ସୃଷ୍ଟି କରୁଛି ତ କେଉଁଠି ପଥରର ଅନ୍ଧିସନ୍ଧି ଦେଇ ବୋହି ଆସିଛି ନିର୍ମଳ ସରୁ ଜଳ ପ୍ରପାତଟିଏ ନିଜର କ୍ଷୀଣ କଟିକୁ ଅଙ୍କେଇ ବଙ୍କେଇ ।

ମଝିରେ ମଝିରେ ରାସ୍ତା ଏତେ ଅଣଓସାରିଆ ଯେ ସାମ୍ନାରୁ ଆସୁଥିବା ଗାଡ଼ିକୁ କଟେଇବା ପାଇଁ ଗାଡ଼ିକୁ ଏକ୍‌ଦମ୍ ଧାରକୁ ନେଇ ଧୀରେ ଧୀରେ ଆଗକୁ ଯିବାକୁ ପଡ଼େ । ବେଳେବେଳେ ଏତେ ଧାରକୁ ଗାଡ଼ି ଚାଲି ଆସେ ଯେ ଲାଗେ ଗାଡ଼ିର ଆଗଚକା ତଳକୁ ଖସି ପଡ଼ିଲା କି ! ଭୟରେ ଆଖି ମୁଦି ହୋଇ ଆସେ । ଏମିତି ଏକ ବିପଦ ସଂକୁଳ ରାସ୍ତାରେ ଚକ୍ରି କାଟି କାଟି ଗାଡ଼ି ଆମର ବଢୁଥାଏ ଆଗକୁ ଆଗକୁ । ଧନ୍ୟ କହିବ ସେଠାକାର ଡ୍ରାଇଭର୍‌ମାନଙ୍କୁ । ନିଜ ଜୀବନକୁ ପାଣି ଛଡ଼େଇ ଆହୁରି ଗୁଡ଼ିଏ ଜୀବନକୁ ନିଜ ପିଠିରେ ଲଦି ଏମିତି ବିପଦଶଙ୍କୁଳ ରାସ୍ତାରେ କେତେ ସାହସ ଆଉ ଆତ୍ମବିଶ୍ୱାସ ସହ ଗାଡ଼ି ଚଳେଇ ପାରୁଛନ୍ତି !

ଆଗକୁ ଚାହିଁଲେ ଦୂରରୁ ସ୍ପଷ୍ଟ ଦିଶୁଛି ହିମାଳୟର ଚୂଡ଼ା । ସୂର୍ଯ୍ୟଙ୍କର ସୁନେଲି କିରଣରେ ଚିକ୍‌ଚିକ୍ କରୁଛନ୍ତି ଗିରିରାଜ । ସତେକି ମଝିରେ ମଝିରେ ସୁନା ଛାଉଣୀ ହୋଇଥିବା ରୂପା ମୁକୁଟଟିଏ ପିନ୍ଧି ରାଜକୀୟ ଠାଣିରେ ସ୍ୱାଗତ କରୁଛନ୍ତି ଆମ ପରି ପର୍ଯ୍ୟଟକମାନଙ୍କୁ । ଆଉ ପଛକୁ ଚାହିଁଲେ ଦିଶୁଛି ପାହାଡ଼ ଛାତିରେ ମୋଡ଼ିମାଡ଼ି ହୋଇ ଆଗକୁ ବଢ଼ିଥିବା ଘାଟିରାସ୍ତା ଠିକ୍ ଗୋଟିଏ ଜଙ୍ଗଲୀ ଧୂସରିଆ ସାପ ପରି ।

ସକାଳ୯.୩୦ ଭିତରେ ଆମେ ପହଞ୍ଚିଗଲୁ ରୋହତାଙ୍ଗ୍ ପାସ୍‌ରେ । ଡ୍ରାଇଭର୍ ଜିରୋ ପଏଣ୍ଟ ଅତିକ୍ରମ କରି ଆହୁରି କିଛି କିଲୋମିଟର ଆଗକୁ ନେଇଗଲା ଗାଡ଼ି । ଯେଉଁଠାରେ ତାପମାତ୍ରା ବିୟୁକ୍ତ ଡିଗ୍ରୀ । ସେହି ରାସ୍ତାରେ ଆଗକୁ ତିନିଶହ ଅଶୀ କିଲୋମିଟର ଗଲେ ପଡ଼ିବ ଲେହ-ଲଦାଖ୍ । କିନ୍ତୁ ଆମ ଗାଡ଼ି ରହିଗଲା ସେଇଠି । ଗାଡ଼ି ରହିବା ମାତ୍ରେ ସବୁ ଖପ୍‌ଖାପ୍ ଡେଇଁ ପଡ଼ିଲୁ ଗାଡ଼ିରୁ । ଚାରିଆଡ଼େ ବରଫର ମୋଟା ବହଳ ଆସ୍ତରଣ । ଆଖି ବନ୍ଦ୍ କରି ପ୍ରଥମେ ମୁଁ ଅନୁଭବି ନେଲି ସେଠାକାର ସୁନ୍ଦରତାକୁ । ଆଃ....ମୁଁ ଏବେ ବାଦଲର ଉପରେ । ଶୂନ୍ୟ ବିନ୍ଦୁର ଆହୁରି ଉପରେ ମୁଁ । ଲୀନ ହୋଇଯିବି କି ଆଉ ଏଇ ହିମାବୃତ ସାମ୍ରାଜ୍ୟର ରାଶିରାଶି ବରଫ ଭିତରେ ହିମକଣାଟିଏ ହୋଇ ! ସ୍ଥାନ, କାଳ, ପାତ୍ର ଆଉ ଆଉ ବୟସ ଭୁଲି ମୁହଁ ମାଡ଼ି ଶୋଇ ପଡ଼ିଲି ସେହି ବରଫ ଚାଦର ଉପରେ ଘଡ଼ିଏ ।

ଯିଏ ଯାହା ଅନୁସାରେ ଖୁସି ସାଉଁଟିବାରେ ବ୍ୟସ୍ତ ଆଉ ଫଟୋ ଉଠେଇବାରେ ମସ୍‌ଗୁଲ୍ । ବୁଲାବୁଲି ଆଉ ଫଟୋଉଠା ସାରି ଆମେ ପୁଣି ତଳକୁ ଫେରିଲୁ ଜିରୋ ପଏଣ୍ଟକୁ ସ୍କିଇଙ୍ଗର ମଜା ନେବା ପାଇଁ ।

ଜିରୋ ପଏଣ୍ଟରେ କିଛି ଲୋକ ଏମିତିକି ବୁଢ଼ାବୁଢ଼ୀ ଆଉ ଛୋଟପିଲା ମଧ୍ୟ ଗୋଟେ ଗୋଟେ କେଟ୍‌ଲି ନହେଲେ ଏୟାର୍ ଟାଇଟ୍ କଣ୍ଟେନର୍‌ରେ ଚା' ଆଉ କଫି ରଖି ବୁଲି ବିକୁଥାନ୍ତି । ସେଠି ସେମିତି ପରିବେଶରେ ଚା' ଆଉ କଫିର ପ୍ରବଳ ଡିମାଣ୍ଡ୍ ପର୍ଯ୍ୟଟକଙ୍କ ଭିତରେ । ଆମେ (ମୋ ମିଷ୍ଟର୍ ଆଉ ମୋ ଭଉଣୀ ଢ଼ାଇଁ) ମଧ୍ୟ ଶୀତ ସମ୍ଭାଳିବା ପାଇଁ ଏକାଥରେ ତିନି କପ୍ ଲେଖାଏଁ ଚା' ପିଇଦେଲୁ ସେଠି ଜଣେ ବୁଢ଼ୀ ମାଉସୀଙ୍କ ଠାରୁ ।

ମୁଁ ବୁଢ଼ୀ ମାଉସୀଙ୍କୁ ପଚାରି ବୁଝିଲି ଯେ ସେଠାକାର ବାସିନ୍ଦାମାନେ ମୁଖ୍ୟତଃ ଚାଷବାସ ଉପରେ ନିର୍ଭରଶୀଳ କି ! ଧାନ, ଆଳୁ ଆଉ ଡାଲି ଜାତୀୟ ଫସଲ ଉପରେ ନିର୍ଭର କରନ୍ତି ସେମାନେ । କିନ୍ତୁ ବର୍ଷର ସବୁ ସମୟରେ ଚାଷବାସ ସମ୍ଭବ ହୁଏ ନାହିଁ । ଅକ୍ଟୋବର ଠାରୁ ପ୍ରାୟ ମେ ମାସ ଯାଏଁ ସେଠାରେ ପ୍ରବଳ ତୁଷାରପାତ ଆଉ ବର୍ଷା ପାଇଁ ସେମାନଙ୍କ ଚାଷବାସ ଠପ୍ ହୋଇଯାଏ ପୁରା । ଏହି ସମୟଗୁଡ଼ିକ ସେମାନଙ୍କୁ ସରକାର ସବ୍‌ସିଡ଼ିରେ ରାସନ୍ ଯୋଗାଇ ଦିଅନ୍ତି । ଆଉ ସେମାନେ ଏମିତି ଚା' କଫି ଏବଂ ଛୋଟମୋଟ ଜିନିଷ ବିକ୍ରିବଟା କରି ଦି'ପଇସା ବାହାର କରନ୍ତି ନିଜର ଗୁଜୁରାଣ ମେଣ୍ଟାଇବା ପାଇଁ । ଭାବନ୍ତୁ ଥରେ ବର୍ଷର ଏହି ପାଞ୍ଚ ଛଅ ମାସ ଏମାନେ କେତେ କଷ୍ଟରେ ଦିନ କାଟୁଥିବେ ।

ଆମ ଡ୍ରାଇଭର୍ ମଧ୍ୟ ମଝିରେ ମଝିରେ ରୋଚକ ତଥ୍ୟ ପ୍ରଦାନକାରୀ କଥା କିଛି କିଛି ଶୁଣାଉଥାଏ । ତା କହିବା ଅନୁସାରେ- ଏ ରୋହତାଙ୍ଗ୍ ପାସ୍‌ର ପୁରୁଣା ନାମ ଥିଲା 'ଭୃଗୁତୁଙ୍ଗ ମାର୍ଗ' । ଏହା ପଛରେ ମଧ୍ୟ ଏକ କିମ୍ବଦନ୍ତୀ ରହିଛି । ପୁରାତନ କାଳରେ ଲାହୋଲ-ସ୍ପିତି ଜିଲ୍ଲା ଏବଂ କୁଲ୍ଲୁ ଅଞ୍ଚଳ ପରସ୍ପର ଠାରୁ ଅଲଗା ଥିଲା । ସେଠାକାର ଲୋକମାନେ ଗମନାଗମନ ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଥିଲେ । ମଝିରେ ଭୃଗୁତୁଙ୍ଗ ପର୍ବତ ରହି ପ୍ରତ୍ୟେକ ଅଞ୍ଚଳକୁ ପରସ୍ପର ଠାରୁ ବିଚ୍ଛିନ୍ନ କରୁଥିଲା । ତେଣୁ ଲୋକମାନେ ଏହି ସମସ୍ୟାର ସମାଧାନ ପାଇଁ ଭଗବାନ ଶିବଙ୍କୁ ପ୍ରାର୍ଥନା କଲେ । ଶିବ୍ ଜୀ ସନ୍ତୁଷ୍ଟ ହୋଇ ଭୃଗୁତୁଙ୍ଗ ପର୍ବତକୁ ନିଜ ତ୍ରିଶୂଳ ପ୍ରହାରରେ ଖଣ୍ଡ ବିଖଣ୍ଡିତ କରି ଏହି ରାସ୍ତା ତିଆରି କରିଥିଲେ । ସେବେଠାରୁ ଏହାର ନାଁ 'ଭୃଗୁତୁଙ୍ଗ ମାର୍ଗ' ଥିଲା । ଆଉ ଏବେ ଏହା 'ରୋହତାଙ୍ଗ୍ ପାସ୍' ନାଁରେ ପରିଚିତ ଏବଂ ଲାହୋଲ- ସ୍ପିତି ଜିଲ୍ଲାର ପ୍ରବେଶ ଦ୍ୱାର ଭାବରେ ଜଣାଶୁଣା ।

ରୋହତାଙ୍ଗ୍ ପାସ୍‌ର ଦକ୍ଷିଣ ଦିଗରୁ ବ୍ୟାସନଦୀ (Beas River)ର ଉତ୍ପତ୍ତି ହୋଇଛି । ଏହି ନଦୀକୂଳରେ ଋଷି ବେଦବ୍ୟାସ ତପସ୍ୟା କରି ସିଦ୍ଧିପ୍ରାପ୍ତି ହୋଇଥିଲେ । ସେଥିପାଇଁ ଏହାର ନାଁ ବ୍ୟାସ ନଦୀ ଆଉ ଏହି ନଦୀକୂଳରେ ଋଷି ବେଦବ୍ୟାସଙ୍କର ମନ୍ଦିରଟିଏ ମଧ୍ୟ ଅଛି । ବ୍ୟାସ ନଦୀ କୁଲ୍ଲୁ ଆଉ କାଙ୍ଗଡ଼ା



ଘାଟି ଦେଇ ବହି ଯାଇଛି ପଞ୍ଜାବଯାଏ । ପଞ୍ଜାବରୁ ପୁଣି ୪୭୦ କିଲୋମିଟର ବହିଲା ପରେ ସତ୍‌ଲେଜ୍ ନଦୀ ସହ ମିଳିତ ହୋଇ ପ୍ରବେଶ କରିଛି ପାକିସ୍ତାନରେ । ଏହି ଜୀବନଦାୟିନୀ ନଦୀ କେବଳ କୁଲ୍ଲୁ ମନାଲିର ନୁହେଁ ବରଂ ପଞ୍ଜାବ ଆଉ ପାକିସ୍ତାନ ମାଟିକୁ ମଧ୍ୟ ଶସ୍ୟ ଶ୍ୟାମଳା କରି ମିଶିଛି ଯାଇ ଆରବ ସାଗରରେ ।

ରୋହତାଙ୍ଗ୍ ପାସ୍‌କୁ ଆସିବା ପୂର୍ବଦିନ ଆମେ ସବୁ ଢେର୍ ବୁଲିଥିଲୁ ବ୍ୟାସ ନଦୀର କୂଳେକୂଳେ । ହଜିଥିଲୁ ଭିଜିଥିଲୁ ତାର ହାଲ୍‌କା ସବୁଜରଙ୍ଗ ମିଶା ନୀଳ ଜଳ ରାଶିରେ । କୂଳରେ ଥିବା ଛୋଟବଡ଼ ପଥରମାନଙ୍କ ଉପରେ ଠିଆହୋଇ ଉପଭୋଗ କରିଥିଲୁ ଏହାର ଚାରିପାଖରେ ଥିବା ବରଫ ସିଞ୍ଚା ପାଇନ୍ ଗଛର ସୁନ୍ଦର ସବୁଜିମାକୁ । ଛୋଟପିଲାଙ୍କ ପରି ଜୋତା ଖୋଲିଦେଇ ପାଣି ଭିତରେ ପଶି ସଂଗ୍ରହ କରିଥିଲୁ ସୁନ୍ଦର ସୁନ୍ଦର ବାଲିଗରଡ଼ା ସବୁ । ଆପଣମାନେ ବି ଯଦି କେବେ ଆସନ୍ତି ବୁଲିବା ପାଇଁ ତାହେଲେ ନିଶ୍ଚୟ ବାନ୍ଧି ହୋଇଯିବେ ମନାଲିର ମାୟାବୀ ସୌନ୍ଦର୍ଯ୍ୟ ଭିତରେ । ବୁଲାବୁଲି ଭିତରେ ଦିନ ସାଢ଼େ ଏଗାରଟା ହୋଇଥାଏ ବୋଧେ । ଅନ୍ୟ ପିଲାମାନଙ୍କ ପରି ପୁଅ ବରଫ ଉପରେ ଦୌଡୁଥାଏ ଆଉ ଜଣେ ବନ୍ଧୁଙ୍କ ପୁଅ ସହିତ ପେଙ୍ଗୁଇନ୍‌ଟିଏ ଧାଇଁଲା ପରି । ବରଫ ଭିତରେ ଗୋଡ଼ ଧସିଯାଇ କେତେଥର ଯେ ସେ କଚାଡ଼ି ହୋଇ ପଡୁଥାଏ ତାର ଠିକଣା ନାହିଁ । ସେଥିପ୍ରତି ନା ତାର ନିଘା ଅଛି ନା ପରବାୟ ।

ସୂର୍ଯ୍ୟଙ୍କର କଅଁଳ ସୁନେଲି କିରଣ ପଡୁଥାଏ ଦେହ ଉପରେ । ସାମାନ୍ୟ ଉତ୍ତାପ ପାଇ ଖୁବ ଆରାମ ଲାଗୁଥାଏ ଦେହକୁ । ତଥାପି ଦଲକାଏ ଲେଖାଏଁ ଥଣ୍ଡା ପବନ ଆସି ଆକ୍ରାମାକ୍ତ କରି ପକାଉଥାଏ ସଭିଙ୍କୁ । ସ୍କିଇଙ୍ଗ୍‌ର ମଜା ନେଇ ସାରିଲା ପରେ ଇଚ୍ଛା ହେଲା ସାଙ୍ଗରେ ନେଇଥିବା ଚକୋଲେଟ୍‌ରୁ କିଛି ଖୋଲିକି ଖାଇବା ପାଇଁ । କିଛି ସମୟ ପାଇଁ ହାତରୁ ଗ୍ଲୋଭ୍‌ସ୍ ବାହାର କରିଥିଲୁ ସମସ୍ତେ । ଏତେ ଥଣ୍ଡା ସମ୍ଭାଳି ନପାରି ହାତର ଚମଡ଼ା ସବୁ ଲୋଚାକୋଚା ପରି ହୋଇଗଲା ପନ୍ଦର କୋଡ଼ିଏ ମିନିଟ୍ ଭିତରେ । ଏତେ ଥଣ୍ଡା କେମିତି ସମ୍ଭାଳନ୍ତି ସେଠାକାର ଅଧିବାସୀମାନେ !

ହଠାତ୍ ଚାରିଆଡ଼େ ଟିକେ କୁହୁଡ଼ି କୁହୁଡ଼ି ଦିଶିଲା । ଡ୍ରାଇଭର୍ କହିଲା, "ଏବେ ଏଠାରୁ ବାହାରି ଯିବାଟା ହିଁ ଭଲ ହେବ । ଏବେ ପାହାଡ଼ ଶିଖରରୁ ତଳକୁ ଖସିବାର ବେଳ । ଅଙ୍କାବଙ୍କା ପାହାଡ଼ିଆ ଘାଟି ରାସ୍ତାକୁ ଅତିକ୍ରମ କରିବାକୁ ଆମକୁ ପୁଣି ଲାଗିବ ତିନି ଘଣ୍ଟାରୁ ଊର୍ଦ୍ଧ ସମୟ । କେତେବେଳେ ବି ବର୍ଷା କିମ୍ବା ତୁଷାରପାତର ସମ୍ଭାବନା ରହିଛି । କୌଣସି






କାରଣରୁ ବି ଯଦି ବରଫ ଅତଡ଼ା ଖସି ରାସ୍ତା ବନ୍ଦ୍ ହୁଏ ତାହେଲେ ଅନିର୍ଦ୍ଦିଷ୍ଟ ସମୟ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିବ ରାସ୍ତା ସଫା ହେବାଯାଏଁ । ବାଟରେ ଖାଦ୍ୟ କିମ୍ବା ପାଣି ମିଳିବାର ସମ୍ଭାବନା ବି ନାହିଁ । ଗାଡ଼ି ଭିତରେ ଥିବା ବ୍ୟାଗ୍‌ରେ ଯାହା କିଛି ଆପଲ୍, ବିସ୍କୁଟ୍ ଆଉ ଡ୍ରାଏ ଫ୍ରୁଟ୍‌ସ୍ ଅଛି ।

କାହାରି ମନ ବୁଝୁନି ସେ ଜାଗା ଛାଡ଼ି ଆସିବା ପାଇଁ । ଫେରିବା କଥା ଶୁଣି ପୁଅ କାନ୍ଦ କାନ୍ଦ ହୋଇଗଲାଣି । କିନ୍ତୁ ସମୟ ଥାଉ ଥାଉ ଫେରିବାକୁ ତ ପଡ଼ିବ । ବାଧ୍ୟ ହୋଇ ଗାଡ଼ିରେ ବସିଲୁ ସମସ୍ତେ । ଶେଷଥର ପାଇଁ ପୁଣି ଆଖି ବୁଲେଇ ଆଣିଲି ରୋହତାଙ୍ଗ୍ ପାସ୍‌ର ନୈସର୍ଗିକ ସୌନ୍ଦର୍ଯ୍ୟ ଉପରେ ।

ଏବେ ଆମେ ଫେରନ୍ତା ପଥର ଯାତ୍ରୀ । ଘାଟିରାସ୍ତାକୁ କାଟି କାଟି ଆମେ ଏବେ ଆଗକୁ ଆଗକୁ ଯାଉଥିଲୁ ସମତଳ ରାସ୍ତାରେ ମିଶିବା ପାଇଁ । ଆଉ ପଛରେ ଛାଡ଼ି ଆସୁଥିଲୁ ଗିରିରାଜ ଶିଖରର ହିମାବୃତ୍ତ ସୌନ୍ଦର୍ଯ୍ୟ, ଦେହରେ ବରଫର ଚାଦରଟିଏ ଘୋଡ଼େଇ ହୋଇ ରହିଥିବା ଭୃଗୁତୁଙ୍ଗ ପର୍ବତ ଆଉ ସୂର୍ଯ୍ୟକିରଣରେ ଚିକ୍‌ଚିକ୍ ହୋଇ ଆଖି ଝଲସାଇ ଦେଉଥିବା ରାଶିରାଶି ବରଫ ସହିତ ଆହୁରି ବହୁତ କିଛି । ଆମ ସାଙ୍ଗରେ ଫେରୁଥିଲା କେବଳ ଆଞ୍ଜୁଳାଏ ମିଠାସ୍ମୃତି ।


ପୁଷ୍ପବିତାନ
ସୁରଭିତ ଚମ୍ପକ

# ମହାଦେବଙ୍କ ଚମ୍ପା

**ଶ୍ୱେତା ରାଉତ**
ରାଉତ କମ୍ପ୍ଲେକ୍ସ, କଟକ ରୋଡ଼,
ଭୁବନେଶ୍ୱର-୭୫୧୦୦୬
ଫୋନ:୯୪୩୯୭୨୬୦୬୦

ଫଟୋ ସୌଜନ୍ୟ : ଲେଖିକା ଓ ଗୁଗୁଲ୍

ବିଜ୍ଞାନର ଅଗ୍ରଗତି ଯେତେ ଅଧିକ ହେଲେ ମଧ୍ୟ ଆମେ ହିନ୍ଦୁମାନେ ସବୁବେଳେ ଆଧାତ୍ମ ବା ପରମାତ୍ମାଙ୍କ ପ୍ରତି ଅନୁରାଗ ରଖି ତାଙ୍କର ଅଦୃଶ୍ୟ ସତ୍ତାକୁ ସର୍ବଦା ମାନ୍ୟତା ଦେଇ ଆସିଛନ୍ତି । ପୂଜା, ଉପାସନା ମାଧ୍ୟମରେ ନିଜର ପ୍ରଗାଢ଼ ବିଶ୍ୱାସ ଓ ଆସ୍ଥାକୁ ଦୃଢ଼ କରି ନିଜକୁ ଏକ ମାର୍ଜିତ, ସଂସ୍କାରୀ, ଆଦର୍ଶ ଜୀବନଶୈଳୀ ଆପଣେଇ ଈଶ୍ୱରଙ୍କ ଦିବ୍ୟ ସନ୍ତାନ ଭାବେ ସଂସାର ଧର୍ମ ପାଳନ କରିଆସୁଛନ୍ତି । ସେହି ପରମାତ୍ମାଙ୍କ ଉପାସନା ପାଇଁ ଧୂପ, ଦୀପ, ଚନ୍ଦନ, କର୍ପୂର ଓ ଫୁଲ ଅର୍ପଣ କରି ନିଜକୁ ତାଙ୍କର ଶ୍ରୀଚରଣରେ ସମର୍ପିତ କରିଥାନ୍ତି । 'ଫୁଲ' ହେଉଛି ମଣିଷର ସମ୍ମାନ ଓ ଅନୁଭବର ପ୍ରତୀକ । ଧାର୍ମିକ ବିଶ୍ୱାସରେ ଫୁଲ ମାନସିକ କ୍ଷେତ୍ରରେ ମଧ୍ୟ ଗୁରୁତ୍ୱ ବହନ କରେ । ଈଶ୍ୱରଙ୍କୁ ଭକ୍ତିଭାବରେ ଅର୍ପଣ କରୁଥିବା ଫୁଲ ଅନେକଙ୍କ ଶ୍ରଦ୍ଧା ଓ ବିଶ୍ୱାସ ଅନୁଯାୟୀ ଦୈବିକ ଆଶୀର୍ବାଦ ଦେଇ ମନୁଷ୍ୟକୁ କୃତାର୍ଥ କରିଥାଏ । ସୃଷ୍ଟିରେ ଯେତେଯେତେ ପ୍ରକାର ଫୁଲ ଅଛି, ସବୁ ଫୁଲମାନଙ୍କର ସ୍ୱତନ୍ତ୍ର ଆକର୍ଷଣ ଏବଂ ଉପଯୋଗ ରହିଛି । ଠିକ୍ ସେମିତି ସବୁ ଦେବାଦେବୀ ମାନଙ୍କ ପାଖରେ ମଧ୍ୟ ତାଙ୍କର ପ୍ରିୟ ଫୁଲ ଅର୍ପଣ କରି ଭକ୍ତ ଈଶ୍ୱରଙ୍କୁ ସନ୍ତୁଷ୍ଟ ଏବଂ ନିଜକୁ ସୌଭାଗ୍ୟ ପ୍ରାପ୍ତ କରିଥାଏ । ଅନେକ ଫୁଲମାନଙ୍କ ଭିତରେ ଏମିତି ଗୋଟିଏ ଫୁଲ ଅଛି ଯାହାର ଅତ୍ୟଧିକ ସୁଗନ୍ଧ ଏବଂ ତା'ର ରସ ବିଷାକ୍ତ ହୋଇଥିବାରୁ ସେଥିରେ ଭ୍ରମର ବସନ୍ତି ନାହିଁ । ଏ ଦିବ୍ୟ, ମହକଯୁକ୍ତ ଫୁଲର ନାମ 'ଚମ୍ପା' । ଏକ ପୌରାଣିକ ଆଖ୍ୟାନ ବା ପଂକ୍ତିଟିଏ ମନେପଡ଼େ ଯାହା ଚମ୍ପା ଉଦ୍ଦେଶ୍ୟରେ ଲେଖାଯାଇଛି :

"ଚମ୍ପା ତୁଝ୍‌ମେ ତିନ୍ ଗୁଣ୍ ରଙ୍ଗ - ରୂପ୍ ଅର୍ ବାସ୍,
ଅବ୍‌ଗୁଣ ତୁଝ୍‌ମେଁ ଏକ ହି, ଭ୍ରମର୍ ନ ଆଏ ପାସ୍
ରୂପ୍ ତେଜ୍ ତୋ ରାଧିକେ, ଅରୁ ଭ୍ରମର୍ କୃଷ୍ଣ କୋ ଦାସ,
ଇସ୍ ମର୍ଯ୍ୟାଦା କେଲିଏ ଭ୍ରମର ନ ଆଏ ପାସ୍ ।"

ଚମ୍ପାକୁ ରାଧିକା ଓ ମହୁମାଛି ବା ଭ୍ରମରକୁ କୃଷ୍ଣଙ୍କର ଦାସଦାସୀ ଭାବେ ନିଆଯାଇ ମର୍ଯ୍ୟାଦା ରକ୍ଷା ପାଇଁ ଚମ୍ପା ଉପରେ ମଧୁମକ୍ଷୀ ବସନ୍ତି ନାହିଁ ବୋଲି ବିବେଚନା କରାଯାଇଛି । ଚମ୍ପାଫୁଲରେ ପରାଗ ହୁଏ ନାହିଁ । ଏହା ଉପବିଷଯୁକ୍ତ ହୋଇଥିବାରୁ ଏହାକୁ କେବଳ ବିଷପାନ କରି ନୀଳକଣ୍ଠ ବୋଲାଇଥିବା ଦେବାଦିଦେବ ମହାଦେବ ଅତ୍ୟନ୍ତ ଆନନ୍ଦରେ ଗ୍ରହଣ କରିଥାନ୍ତି । 'ଚମ୍ପା' ମହାଦେବଙ୍କ ଆଠଟି ମୁଖ୍ୟ ଫୁଲ ମଧ୍ୟରୁ ଗୋଟିଏ । ଏହା ଏକ ଦ୍ରୁମ ଜାତୀୟ ଉଦ୍ଭିଦ । ସାଧାରଣତଃ ଆମେ ଚମ୍ପାକୁ ଦୁଇ ପ୍ରକାର ଜାଣିଥାଉ - ଶ୍ୱେତଚମ୍ପା ଓ କନକଚମ୍ପା । କିନ୍ତୁ ବିସ୍ତାର ଭାବେ ଚମ୍ପାର ବିଶ୍ଳେଷଣ କରିବା ଅତ୍ୟନ୍ତ କାଠିକର ପାଠ । 'ଚମ୍ପା' ବା ଚମ୍ପକଜାତୀୟ ଅନେକ ଫୁଲ ଅଛି ଯାହାକୁ ଆମେ ଗୋବରୀ ଚମ୍ପା, ଜହ୍ନରି ଚମ୍ପା, ଚିନି ଚମ୍ପା, ଚେଣି ଚମ୍ପା, ଦୋଳି ଚମ୍ପା, ଭୂଇଁ ଚମ୍ପା, ସୁଲତାନି ଚମ୍ପା, କାଠ ଚମ୍ପା, କ୍ଷୀର ଚମ୍ପା, ହରିଚମ୍ପା ଇତ୍ୟାଦି କହିଥାଉ । ଯଦିଓ ଚମ୍ପା, ଦକ୍ଷିଣ ପୂର୍ବ ଏସିଆରେ (ଚୀନ, ମାଲେସିଆ, ସୁମାତ୍ରା, ଜାଭା, ଭାରତ) ପ୍ରଚୁର ପରିମାଣରେ ମିଳେ । ଏହାର ଉତ୍ପତ୍ତି ସ୍ଥଳ 'ଭାରତ' ଓ ପଡ଼ୋଶୀ ଦେଶ ପୂର୍ବ ହିମାଳୟର 'ଇଣ୍ଡୋନେସିଆ' ବୋଲି ବିବେଚନା କରାଯାଏ । ଚମ୍ପା, 'ନିକାରାଗୋଆ' ଓ 'ଲାଓସ୍' ଦେଶର ଜାତୀୟ ଫୁଲ । ଚମ୍ପାକୁ ଏକ ଅଳଙ୍କାର ଉଦ୍ଭିଦ ଭାବେ ବ୍ୟବହୃତ କରାଯାଏ । ବଗିଚାରେ, ମନ୍ଦିର ପରିସରରେ, ପାର୍କ, ପାର୍କିଂ ସ୍ଥାନ, ଆଶ୍ରମ ଆଦି ମାନଙ୍କରେ ଚମ୍ପାବୃକ୍ଷ ରୋପଣ କରାଯାଇଥାଏ । ଏହା ପରିବେଶକୁ ଶୁଦ୍ଧ ରଖିବାରେ ସହାୟକ ହୋଇଥାଏ ଏବଂ ଚମ୍ପାର ସୁଗନ୍ଧିତ ମହକ ମନକୁ ଆନନ୍ଦ ଦିଏ । ଭାରତୀୟ ସଂସ୍କୃତିରେ, ପୂଜାପାଠରେ ଚମ୍ପାର ସୁନ୍ଦର, ସୁଗନ୍ଧିତ, ହାଲୁକା ଧଳା, ହଳଦିଆ ଫୁଲ ପ୍ରାୟତଃ ବ୍ୟବହୃତ ହୋଇଥାଏ । ଚମ୍ପା ଫୁଲରେ ପଲିନ୍ ନଥାଏ । ତେଣୁ ମହୁମାଛି କେବେ ବି ଏହାର ଫୁଲ ଉପରେ ବସନ୍ତି ନାହିଁ, କିନ୍ତୁ ଏହାର ମଞ୍ଜି ପକ୍ଷୀମାନଙ୍କୁ ବହୁତ ଆକର୍ଷିତ କରିଥାଏ ।

ଉଦ୍ଭିଦବିଜ୍ଞାନୀମାନଙ୍କ ଅନୁସାରେ ଚମ୍ପା 'ମ୍ୟାଗ୍ନୋଲିଆ' ପରିବାରର ଥର୍ମୋ-ଟ୍ରପିକାଲ ଶ୍ରବ୍ ଏବଂ ଏହି ଛୋଟଗଛ ୯୫ ବିଲିୟନ୍ ବର୍ଷ ପୂର୍ବରୁ ଉଦ୍ଭିଦ ଜଗତରେ ସୃଷ୍ଟି ହୋଇଥିଲା ।

**'ଫୁଲ' ହେଉଛି ସମ୍ମାନ ଓ ଅନୁଭବର ପ୍ରତୀକ । ଧାର୍ମିକ ବିଶ୍ୱାସରେ ଫୁଲର ଗୁରୁତ୍ୱ ଅନେକ । ଈଶ୍ୱରଙ୍କୁ ଭକ୍ତିଭାବରେ ଅର୍ପଣ କରୁଥିବା ଫୁଲ ଅନେକଙ୍କ ଶ୍ରଦ୍ଧା ଓ ବିଶ୍ୱାସ ଅନୁଯାୟୀ ଦୈବିକ ଆଶୀର୍ବାଦ ଦେଇ ମନୁଷ୍ୟକୁ କୃତାର୍ଥ କରିଥାଏ । ସୃଷ୍ଟିରେ ଯେତେ ପ୍ରକାରର ଫୁଲ ଅଛି, ସବୁ ଫୁଲର ଅଛି ସ୍ୱତନ୍ତ୍ର ଆକର୍ଷଣ ଓ ଉପଯୋଗ । ଠିକ୍ ସେମିତି ସବୁ ଦେବାଦେବୀଙ୍କ ପାଖରେ ମଧ୍ୟ ତାଙ୍କର ପ୍ରିୟ ଫୁଲ ଅର୍ପଣ କରି ଭକ୍ତ ଈଶ୍ୱରଙ୍କୁ ସନ୍ତୁଷ୍ଟ କରିଥାଏ । ଫୁଲଙ୍କ ଭିତରେ ଏମିତି ଗୋଟିଏ ଫୁଲ ଅଛି ଯାହାର ଅତ୍ୟଧିକ ସୁଗନ୍ଧ ଏବଂ ତା'ର ରସ ବିଷାକ୍ତ ହୋଇଥିବାରୁ ସେଥିରେ ଭ୍ରମର ବସନ୍ତି ନାହିଁ । ଏ ଦିବ୍ୟ, ମହକଯୁକ୍ତ ଫୁଲର ନାମ : 'ଚମ୍ପା' । ଏଥର ସେଇ ଚମ୍ପକ ପୁଷ୍ପର କଥା ଓ ଗାଥା ।**



ଲେଖିକା ଶ୍ୱେତା ରାଉତ

ଚମ୍ପାର ପ୍ରାୟ ୪୦ ପ୍ରଜାତି ଉଷ୍ଣ-କଟିବନ୍ଧୀୟ ଏବଂ ଉପ-ଉଷ୍ଣକଟିବନ୍ଧୀୟ ବା ଶୀତୋଷ୍ଣୀୟ କ୍ଷେତ୍ରରେ ଦେଖିବାକୁ ମିଳିଥାଏ । ଏହାର ଚିରସବୁଜ ବୃକ୍ଷ ସାଧାରଣତଃ ୧୮ ରୁ ୨୧ ମିଟର ଲମ୍ବା ହୋଇଥାଏ । ଏହାର ମହକ ମାଦକଯୁକ୍ତ ଓ ଉପବିଷ ହୋଇଥାଏ । କେହି କେହି ଏହାକୁ ବନ୍‌ସାଇ ଆକାରରେ ରଖି ଘର ଭିତରର ବାତାବରଣକୁ ଶୁଦ୍ଧ ଓ ସୁଗନ୍ଧିତ ରଖିବାକୁ ବ୍ୟବହାର କରିଥାନ୍ତି । ଏହି ବୃକ୍ଷ ଖୁବ୍ ଛୋଟ ଓ ଅପରିପକ୍ୱ ଭଳି ମଧ୍ୟମ ଆକାରର ହୋଇଥାଏ । ଏହି ଗଛର ଛାଲ ଚିକ୍କଣ, ବାହାର ପାର୍ଶ୍ୱ ବାଦାମୀ-ଧଳା, ଭିତର କାଷ୍ଠ ଫାଇବ୍ରସ୍ ବା ରସଦାର ହୋଇଥାଏ । ପତ୍ରଗୁଡ଼ିକ ଓଉପତ୍ର ସଦୃଶ, ସାମାନ୍ୟ ସମ୍ପୂର୍ଣ୍ଣ ଏବଂ ବୃତ୍ତାକାର ହୋଇଥାଏ । ପତ୍ରଗୁଡ଼ିକ ଡାଳରୁ ଅଲଗା ହୋଇ ସୁସଜ୍ଜିତ ହୋଇ ରହିଥାଏ ଏବଂ ବର୍ଷସାରା ଗଛଗୁଡ଼ିକ ଫୁଲଫଳ ଦେଇଥାଏ । ଚମ୍ପାଫୁଲରେ ଖୁବ୍ ଛୋଟ ଛୋଟ କୀଟ ରହିଥାନ୍ତି ଏବଂ ଫୁଲକୁ ପ୍ରଦୂଷିତ କରିଥାନ୍ତି । କାରଣ ଚମ୍ପାଫୁଲରେ (ଡାଳପୁଞ୍ଜ)ରୁ ଉତ୍ପନ୍ନ 'ପଲିନ୍' କୀଟମାନଙ୍କ ପାଇଁ ଉପଯୁକ୍ତ ଖାଦ୍ୟ ହୋଇଥାଏ । ଚମ୍ପାଫୁଲକୁ ସେଥିପାଇଁ ଶୁଙ୍ଘିବାକୁ ମନା କରାଯାଏ କାରଣ ଶୁଙ୍ଘିବା ଦ୍ୱାରା ଫୁଲରେ ଥିବା ଅତିକ୍ଷୁଦ୍ର କୀଟାଣୁ ନାକ ଭିତରକୁ ଯାଇ 'ଫୀନସ୍' ରୋଗର ସୂତ୍ରପାତ କରିଥାନ୍ତି । ଚମ୍ପାର ବୈଜ୍ଞାନିକ ପରିଚୟ ମଧ୍ୟ ରହିଛି । ବନସ୍ପତି ଜଗତରେ 'ମ୍ୟାଗ୍ନେଲେସିଆ' ହେଉଛି ଉଦ୍ଭିଦ ଜଗତର ଫୁଲଗଛମାନଙ୍କ ଏକ ପରିବାର । ଯେଉଁଥିରେ ୨୧୦ ପ୍ରଜାତି ଫୁଲମାନଙ୍କ ମଧ୍ୟରୁ 'ଚମ୍ପା' ହେଉଛି ଗୋଟିଏ । ଫ୍ରାନ୍ସର ଉଦ୍ଭିଦବିଜ୍ଞାନୀ ପିଆର ମ୍ୟାଗ୍ନୋଲଙ୍କ ନାମରେ 'ମ୍ୟାଗ୍ନୋଲେସିଆ'ର ନାମକରଣ କରାଯାଇଛି । ଏହିଭଳି ଫୁଲ ଥିବା ଗଛ ମହୁମାଛିର ମୂଳ ବୋଲି ବିଶ୍ୱାସ କରାଯାଏ ଏବଂ ଏହା କୀଟ ପୋକମାନଙ୍କ ଦ୍ୱାରା ପ୍ରଦୂଷିତ ହୋଇଥାଏ । କୀଟମାନଙ୍କ ଠାରୁ ଫୁଲ କ୍ଷତି ହେବାରୁ ବଞ୍ଚେଇବାକୁ ଏହି ଫୁଲ ଖୁବ୍ ଶକ୍ତିଶାଳୀ ଓ ମହକଯୁକ୍ତ ହୋଇଥାଏ । ଚମ୍ପାର ଏହି ପ୍ରକାର ଫୁଲ ଏବଂ ଗଛକୁ ୧୩୩୩ ମସିହାରେ ପ୍ଲୁମିରେସି (Plumerecy) ବଟାନିକାଲ୍ ପରିବାରରେ ଚାର୍ଲ୍ସ ପ୍ଲୁମିୟର ବର୍ଣ୍ଣନା କରିଥିଲେ । କିନ୍ତୁ ପରେ ପ୍ଲୁରେସି ପରିବାରର ସମସ୍ତ ପ୍ରଜାତିକୁ ମ୍ୟାଗ୍ନୋଲେସିଆ ଉଦ୍ଭିଦ ପରିବାରରେ ଅନ୍ତର୍ଭୁକ୍ତ କରାଯାଇଥିଲା । ତେବେ ଚମ୍ପାର କେତୋଟି ମୁଖ୍ୟ ପ୍ରଜାତି ସମ୍ପର୍କରେ ଏବଂ ବିଭିନ୍ନ ସ୍ଥାନରେ ଏହାର ନାମକରଣ ଆସନ୍ତୁ ଜାଣିବା ।

## ଚମ୍ପାର ବିଭିନ୍ନ ପ୍ରଜାତି ଏବଂ ନାମକରଣ

ଚମ୍ପା ପାଖୁଡ଼ାର ଆକାରକୁ ଆଧାର କରି ଚମ୍ପାକୁ ପ୍ରମୁଖ ଦୁଇ ଭାଗରେ ବିଭକ୍ତ କରାଯାଇପାରେ, ଯଥା: ମିଚେଲିଆ ଓ ପ୍ଲୁମେରିଆ । ମିଚେଲିଆ ଚମ୍ପାର ପାଖୁଡ଼ା ଲମ୍ବା ଓ ନରମ ପ୍ଲୁମେରିଆ ଚମ୍ପାର ପାଖୁଡ଼ା ଚଉଡ଼ା ଓ ଗୋଲ ହୋଇଥାଏ । ମିଚେଲିଆ ପ୍ରଜାତିର ଚମ୍ପା ପ୍ରାୟ ୫ ପ୍ରକାରର ଅଛି । ସେଗୁଡ଼ିକ ହେଲା :

**ମାଇସେଲିଆ ଆଇନିଆଁ** : ଯାହା ଧଳା ରଙ୍ଗର ହୋଇଥାଏ । ସାଧାରଣତଃ ଏହି ଫୁଲ ଏସିଆରେ ଦେଖାଯାଏ । ଅଳଙ୍କାର ଉଦ୍ଭିଦ ଭାବେ ଏବଂ ମହଙ୍ଗା ସୁଗନ୍ଧିତ ଦ୍ରବ୍ୟ ପାଇଁ ଏହା ପ୍ରସିଦ୍ଧ ।

**ମିଚେଲିଆ ଚମ୍ପାକା** : ହଳଦିଆ ଓ ଧଳା ରଙ୍ଗର ହୋଇଥାଏ । ଏହାର ମୂଳ ସ୍ଥାନ ଦକ୍ଷିଣ ଏସିଆ । ଏହାକୁ ଜୋଏଟ୍ରି ମଧ୍ୟ କୁହାଯାଏ ।

**ମିଚେଲିଆ ଡେଲ୍ଟାସୋପା** : (ମିଠା ଚମ୍ପା) ଏହା ପୂର୍ବ ଭାରତର ଏକ ଝାଡ଼ି ବା ବୁଦା ସଦୃଶ ବୃକ୍ଷ । ଏହା ସର୍ବାଧିକ ୩୦ମିଟର ଉଚ୍ଚ ହୋଇଥାଏ ଏବଂ ଏହାର ଫୁଲ ବସନ୍ତ ଋତୁରେ ଫୁଟିଥାଏ ।

**ମାଇକେଲିଆ କିଗ୍ରା କ୍ରିମ୍** : ଯାହାର ରଙ୍ଗ ହାଲ୍‌କା ବାଇଗଣି ରଙ୍ଗର ହୋଇଥାଏ । ଏହା ଏକ ପ୍ରକାର ବଣଝାଡ଼ିର ଫୁଲ ।ଏହାକୁ 'ପୋର୍ଟ ବାଇନ୍' ମଧ୍ୟ କୁହାଯାଏ ।

ଠିକ୍ ସେମିତି ପ୍ଲୁମେରିଆ ପ୍ରଜାତିର ଚମ୍ପା ପାଞ୍ଚ ଛଅ ପ୍ରମୁଖ ପ୍ରକାରର ରହିଛି । ତନ୍ମଧ୍ୟରୁ ଚାରି ପ୍ରକାର ଚମ୍ପା ପ୍ରାୟ ପ୍ରଚୁର ପରିମାଣରେ ଦେଖିବାକୁ ମିଳେ ଯଥା :

**ପ୍ଲୁମେରିଆ ଅଲବା** : ଏହା ମୂଳ ଆମେରିକୀୟ ପ୍ରଜାତି କିନ୍ତୁ ଏହାର ସୁନ୍ଦର ସୁଗନ୍ଧିତ ଫୁଲ ଯୋଗୁଁ ବିଶ୍ୱରେ ସବୁଆଡ଼େ ଲଗା ଯାଇଥାଏ । ଫୁଲର ରଙ୍ଗ ସ୍ୱଚ୍ଛ ଧଳା ଏବଂ ମଝିରେ ଏକ ଛୋଟ ହଳଦିଆ ରଙ୍ଗ ଆକର୍ଷଣୀୟ ଦେଖାଯାଏ । ଏହାର ପାଖୁଡ଼ା ପରସ୍ପର ଠୁ ସାମାନ୍ୟ ଦୂରତାରେ ରହିଥାଏ ।

**ପ୍ଲୁମେରିଆ ପୁଡ଼ିକା ପନାମା** : ଏହି ପ୍ରଜାତି ଚମ୍ପାର ମୂଳସ୍ଥାନ କଲମ୍ବିଆ ଓ ଭେନେଜୁଏଲା । ଏହାର ପାଖୁଡ଼ା ନରମ ଓ ପତଳା ହୋଇଥାଏ । ଏହାର ଏକ ବିକଶିତ ପ୍ରଜାତିର ଫୁଲ ଥାଇଲାଣ୍ଡରେ ମିଳିଥାଏ । ଯାହାର ରଙ୍ଗ ଗୋଲାପୀ ହୋଇଥାଏ । ଏହି ଚମ୍ପାକୁ ଥାଇଲାଣ୍ଡରେ ତା'ର ରଙ୍ଗ ଅନୁସାରେ 'ପିଙ୍କ୍ ପୁଡ଼ିକା' ବୋଲି କହିଥାନ୍ତି ।

**ପ୍ଲୁମେରିଆ ରୁବ୍ରା** : ଏହି ଚମ୍ପା ଲାଲ୍ ରଙ୍ଗର ହୋଇଥାଏ । ଏହାର ମୂଳସ୍ଥାନ ମେକ୍ସିକୋ । ଏହା ସମଶୀତୋଷ୍ଣ କିମ୍ବା ଉଷ୍ଣ ଜଳବାୟୁର ସବୁ ସ୍ଥାନରେ ପ୍ରଚୁର ପରିମାଣରେ ମିଳିଥାଏ । ଏହା ୭-୮ ମିଟର ପର୍ଯ୍ୟନ୍ତ ଉଚ୍ଚା ହୋଇଥାଏ ଏବଂ ଏଥିରେ ବସନ୍ତ ତଥା ଗ୍ରୀଷ୍ମ ସମୟରେ ଧଳା ଠୁ ଆରମ୍ଭ କରି ଲାଲ୍ ପର୍ଯ୍ୟନ୍ତ ଅନେକ ଚିତ୍ରିତ ଫୁଲ ଫୁଟିଥାଏ । ଏହା ତ ଥିଲା ଚମ୍ପାର ପ୍ରଜାତି ସମ୍ବନ୍ଧରେ । ବିଭିନ୍ନ ସ୍ଥାନରେ ବିଭିନ୍ନ ନାମକରଣରେ ଚମ୍ପାକୁ ଆମେ ପାଇଥାନ୍ତି ଯଥା- ଭାରତରେ ଚମ୍ପା 'ଚମ୍ପକ', ମରଠୀରେ 'ସୋନଚମ୍ପା', ତାମିଲ୍‌ରେ 'ଚମ୍ପୁଗମ୍', 'ଚମ୍ପୁଗା', ମଣିପୁରରେ 'ଲିହାଓ', ତେଲଗୁରେ 'ଚମ୍ପାଜୀ, 'ସମ୍ପେଗା ଚମ୍ପକସ୍', କନ୍ନଡରେ 'ସମ୍ପଗେ', ବଙ୍ଗଳାରେ 'ଚମ୍ପା, ଶିଙ୍ଗଲାସପୁ', ଓଡ଼ିଆରେ 'ଚମ୍ପା', ଇଣ୍ଡୋନେସିଆରେ 'ଚମ୍ପକ', କଙ୍କଣୀରେ 'ପୁଡୁଚମ୍ପୋ', ଅସ ଅସମିଆରେ 'ତିତାସ୍ପାପା', ସଂସ୍କୃତରେ 'ଚମ୍ପକମ୍', 'ଚାମ୍ପେୟ', ଗୁଜୁରାଟରେ 'ପୁଡୁଚମ୍ପୋ', ଲାଟିନ୍‌ରେ 'ମିଚେଲିଆ, ମାଇକେଲିଆ', ଇଂରାଜୀରେ 'ପ୍ଲୁମେରିଆ ଆଲବା, ଫ୍ରେଞ୍ଜିପାନୀ', ସ୍ପେନ୍‌ରେ 'ଚମ୍ପକା', ବର୍ମାରେ 'ମବାକ୍ - ସମ-ଲଗ', ଚୀନ୍‌ରେ 'ଚାୟ-ପା', ଥାଇରେ 'ଚମ୍ପା ବା ଖୋଓ' ତଥା ଫ୍ରେଞ୍ଚମାନେ 'ଇଲଙ୍ଗ ଇଲଙ୍ଗ' କହିଥାନ୍ତି ।

ସମଗ୍ର ବିଶ୍ୱରେ ଚମ୍ପାକୁ ଯେତେ ବି ନାମକରଣରେ ବା ପ୍ରଜାତିରେ ଦେଖିବାକୁ ପାଇଲେ ମଧ୍ୟ ଏହା ମୂଳ ଉତ୍ପତ୍ତି ସ୍ଥାନ ଦିବ୍ୟଭୂମି ଭାରତକୁ ହିଁ କୁହାଯାଏ । ଭାରତ ହିଁ ସମଗ୍ର ବିଶ୍ୱରେ ଏକମାତ୍ର ଦେଶ ଯେଉଁଠି ଗଛ, ଲତା, ପାଣି, ପବନ ସବୁଥିରେ ଐଶ୍ୱରୀୟ ଦିବ୍ୟ ଉପଲବ୍ଧି ସୃଷ୍ଟିରେ ପ୍ରତ୍ୟେକ ସର୍ଜନାକୁ ଦିବ୍ୟ କରିଥାଏ । ଭାରତୀୟମାନେ ସବୁବେଳେ ଈଶ୍ୱରବିଶ୍ୱାସୀ ଏବଂ ଈଶ୍ୱରଙ୍କ ପୂଜା, ଭକ୍ତି, ଆରାଧନା ପାଇଁ ଫୁଲ ଦ୍ୱାରା ହିଁ ଅବାହନ କରିବା ଏବଂ ନିଜର ଭକ୍ତି ନିବେଦନ କରିବାର ମାଧ୍ୟମ ଭାବେ ଫୁଲକୁ ହିଁ ଗୁରୁତ୍ୱ ଦେଇଥାନ୍ତି । ଏ ସନ୍ଦର୍ଭରେ ଆମେ ଆଲୋଚନା କରୁଛନ୍ତି ଚମ୍ପାଫୁଲ ଉପରେ । ତେବେ ଭାରତରେ ଚମ୍ପାର ବର୍ଗୀକରଣ କେମିତି ଓ କ'ଣ କ'ଣ ଆସନ୍ତୁ ଜାଣିବା ।

## ଭାରତରେ ଚମ୍ପା

ମହାଦେବଙ୍କ ଅନ୍ୟତମ ପ୍ରିୟ ଫୁଲ ଚମ୍ପା ଭାରତରେ ପ୍ରାୟତଃ ପାଞ୍ଚ-ଛଅ ପ୍ରମୁଖ ପ୍ରକାରର ଦେଖାଯାଇଥାଏ । ଯଥା: ସ୍ୱର୍ଣ୍ଣଚମ୍ପା, ନାଗଚମ୍ପା, କନକଚମ୍ପା,



ସୁଲତାନଚମ୍ପା, କାଠଚମ୍ପା ବା ହରିଚମ୍ପା ଓ କ୍ଷୀରଚମ୍ପା ଇତ୍ୟାଦି ।

**ସ୍ୱର୍ଣ୍ଣଚମ୍ପା** : ସ୍ୱର୍ଣ୍ଣଚମ୍ପା ଏକ ଲମ୍ବା ଚିରହରିତ ବୃକ୍ଷ । ଭାରତର ହିମାଳୟ ବା ଦକ୍ଷିଣ ପୂର୍ବ- ଏସିଆ ଏବଂ ଚୀନକୁ ଏହାର ଉତ୍ପତ୍ତିସ୍ଥଳ ବୋଲି କୁହାଯାଏ । ଏହି ବୃକ୍ଷ ପ୍ରାୟ ୧୦୦ ଫୁଟ ଲମ୍ବା ପର୍ଯ୍ୟନ୍ତ ବଢ଼ିଥାଏ । ଏହାର ଛାଲ ବାହାର ପାର୍ଶ୍ୱରୁ ଧୂସର ଓ ଭିତର ପାର୍ଶ୍ୱରୁ ରକ୍ତାଭ ହୋଇଥାଏ । ଏହାର ପତ୍ର ୮-୧୦ ଇଞ୍ଚ୍ ଲମ୍ବା, ୨-୪ ଇଞ୍ଚ୍ ଚୌଡ଼ା, ଚିକ୍କଣ ଉଜ୍ଜ୍ୱଳମୟ ଓ ଅଗ୍ରଭାଗ ତୀକ୍ଷଣ ହୋଇଥାଏ । ସ୍ୱର୍ଣ୍ଣଚମ୍ପା ଫୁଲ ଫିକା ବା ଗାଢ ହଳଦିଆ ୧-୨ ବ୍ୟାସ ବିଶିଷ୍ଟ ଓ


ସ୍ୱର୍ଣ୍ଣ ଚମ୍ପା

କେଶରଯୁକ୍ତ ହୋଇଥାଏ । ଏହାର ମହକ ଅତ୍ୟନ୍ତ ତୀବ୍ର ଓ ଏହା ବସନ୍ତ ଋତୁରୁ ବର୍ଷା ଋତୁଯାଏ ଫୁଟିଥାଏ । ଏଥିରୁ ବାଦାମୀ ରଙ୍ଗର ମଞ୍ଜି ଥାଏ ଯାହା ଉପରେ ଗୋଲାପୀ ରଙ୍ଗର ମାଂସଳ ଆବରଣ ଥାଏ । ସ୍ୱର୍ଣ୍ଣଚମ୍ପା ଉପରେ ଭ୍ରମର ଉଡ଼ିବୁଲେ କିନ୍ତୁ କେବେ ରସ ନିଏ ନାହିଁ । ସ୍ୱର୍ଣ୍ଣଚମ୍ପାକୁ ସଂସ୍କୃତରେ ଚମ୍ପା, ଚମ୍ପକ, ଚାମ୍ପେୟ, ହେମପୁଷ୍ପ, ହିନ୍ଦୀରେ ଚମୋଟୀ, ଗୋଲ୍ଡନ୍ ଚମ୍ପା, ଗୁଜୁରାଟୀରେ ପିଲିଚମ୍ପା, ଚମ୍ପୋ, ମରାଠୀରେ 'ସୋନ୍ ଚମ୍ପା', ବଙ୍ଗଳାରେ ଚମ୍ପା, ତାମିଲ୍‌ରେ ସେମ୍ବୁଗମ୍, ତେଲୁଗୁରେ ଚମ୍ପକମ୍, କନ୍ନଡରେ ସିଂପିଗେ, ଲାଟିନ୍‌ରେ ମିଚେଲିଆ, ମାଇସେଲିଆ ଓ ଓଡ଼ିଆରେ 'ସ୍ୱର୍ଣ୍ଣଚମ୍ପା' କହିଥାନ୍ତି । ସ୍ୱର୍ଣ୍ଣଚମ୍ପାକୁ ଅନେକ ଗ୍ରନ୍ଥ, ପୁରାଣ ଏବଂ ଶବ୍ଦାବଳୀରେ ମଧ୍ୟ ଦେଖିବାକୁ ମିଳେ । 'ସଂଦେଶରାସକ' ତଥା 'ଢୋଲାମାରୁରା ଦ୍ୱହା' ନାମକ ରାଜସ୍ଥାନୀ ଭାଷାର ଲୋକଗୀତ କାବ୍ୟରେ ସ୍ୱର୍ଣ୍ଣଚମ୍ପାର ବର୍ଣ୍ଣନା ଦେଖିବାକୁ ମିଳେ । ବରାହ ମନ୍ଦିର ନିଜର ପ୍ରସିଦ୍ଧି ଜ୍ୟୋତିଷଗ୍ରନ୍ଥ 'ବୃହତ୍ ସଂହିତା'ରେ ଚମ୍ପକ ଗାନ୍ଧୀତେଲ ନିର୍ମାଣର ବିସ୍ତାର ବିବେଚନା କରିଛନ୍ତି । ସୁଶ୍ରୁତ ସଂହିତା ଶୃତସ୍ଥାନ ଅଧ୍ୟାୟ ୪୫ରେ ଜଳ ପ୍ରସାଦନ ପ୍ରସଙ୍ଗରେ  ଗନ୍ଧାପୟନ ହେତୁ ଚମ୍ପକ ଫୁଲର ଉପାଦେୟତା ପ୍ରଦର୍ଶିତ କରାଯାଇଛି । ସ୍ୱର୍ଣ୍ଣଚମ୍ପାର ଉତ୍କୃଷ୍ଟ ସୌରଭ, ସୁକୁମାରପଣ, ଗୌରବର୍ଣ୍ଣର ଉପମା 'ଶିଶୁପାଳବଦ୍ଧ, ହର୍ଷଚରିତ, କାଦମ୍ବରୀ, ମାଳତୀ ମାଧବ' ଆଦି ସଂସ୍କୃତ କାବ୍ୟ ଶୃଙ୍ଗାରତ୍ମକ ପ୍ରସଙ୍ଗ ମାନଙ୍କରେ ବର୍ଣ୍ଣିତ ରହିଛି । 'ଚମ୍ପକ ପୁଷ୍ପ ଗୌରା' କୁହାଯାଇ ନାୟକନାୟିକାମାନଙ୍କ ଉତ୍କୃଷ୍ଟ ଏବଂ ଲାବଣ୍ୟମୟ ଗୌରବର୍ଣ୍ଣର ପ୍ରଶଂସା କରାଯାଇଛି । ବୈଜୟନ୍ତୀ କୋଷରେ 'ଚମ୍ପକ' ନାମକ ଏକ ଦ୍ୱୀପରେ ବର୍ଣ୍ଣନା ଦେଖିବାକୁ ମିଳେ । ସମ୍ଭବତଃ (ଦେଶାଧ୍ୟାୟ -୧୭) ଏହି ଦ୍ୱୀପର ପ୍ରିୟଦୃଶ୍ୟ । ସୁରଭିସମ୍ପନ୍ନ ଏହି ଫୁଲଗଛ ଏଠାରେ ବହୁ ପରିମାଣରେ ହେଉଥିବା କାରଣରୁ ଏହି ଦ୍ୱୀପର ନାମ 'ଚମ୍ପକ' ହୋଇଛି । ସ୍ୱର୍ଣ୍ଣଚମ୍ପାକୁ 'ଦେବଚମ୍ପା', ଗୋଲ୍ଡେନ୍ ଚମ୍ପା, ଈଶ୍ୱର ଚମ୍ପା ବୋଲି ମଧ୍ୟ କୁହାଯାଏ । ଏହି ଫୁଲକୁ ମହିଳାମାନେ ବା ଝିଅମାନେ ନିଜ କେଶରେ ସଜେଇବା ପାଇଁ ପ୍ରାୟତଃ ବ୍ୟବହାର କରାଯାଇଥାଏ । କେହି କେହି ନିଜ କୋଠରୀରେ ପାଣିଭର୍ତ୍ତି ବାଉଲ୍‌ରେ ପକାଇ ନିଜ କୋଠରୀକୁ ସୁଗନ୍ଧଯୁକ୍ତ କରିବା ପାଇଁ ରଖିଥାନ୍ତି । ସ୍ୱର୍ଣ୍ଣଚମ୍ପାକୁ ବିଭିନ୍ନ ପ୍ରକାର ପ୍ରସାଧନ ଏବଂ ଧୂପକାଠିରେ ବ୍ୟବହାର କରାଯାଇ ଅଧିକ ମହକଯୁକ୍ତ କରାଯାଇଥାଏ । ଏହାର ତେଲ ଚନ୍ଦନ ତେଲ ଭଳି ଏକ ସ୍ୱତନ୍ତ୍ର ଉପାୟରେ ତିଆରି ହୋଇଥାଏ । ଏହାକୁ ଏକ ନୀରବ ଏବଂ ଅନ୍ଧାର କୋଠରୀରେ ଚମଡ଼ାରେ ତିଆରି ବୋତଲରେ ସଂଗୃହୀତ କରା ଯାଇଥାଏ । ଏହି ତେଲ ଶରୀରରୁ ଉଷ୍ଣତା ଦୂର କରି ଚନ୍ଦନ ତେଲ ଭଳି ଥଣ୍ଡା ଓ ଉପଶମ ହୋଇଥାଏ । ବିଭିନ୍ନ ଔଷଧୀୟ ଉପଚାରରେ ମଧ୍ୟ ସ୍ୱର୍ଣ୍ଣଚମ୍ପା ବ୍ୟବହାର କରାଯାଇଥାଏ । ସ୍ୱର୍ଣ୍ଣଚମ୍ପା ତେଲ ମୁଣ୍ଡ, ଆଖି, କାନ, ନାକ, କିଡ୍‌ନୀ ରୋଗ, ମୁଣ୍ଡ ବୁଲାଇବା, ମୁଣ୍ଡ ବିନ୍ଧାରେ ଅତ୍ୟନ୍ତ ଉପଯୋଗୀ ହୋଇଥାଏ ।  ଏହାର ତାଜା ନରମ ପତ୍ରକୁ ପାଣିରେ ଚୂର୍ଣ୍ଣକରି ଆଣ୍ଟିସେପ୍ଟିକ୍ ଲୋସନ୍ ପ୍ରସ୍ତୁତ କରାଯାଏ । ସ୍ୱର୍ଣ୍ଣଚମ୍ପା ପତ୍ରର ରସ ପେଟ ଯନ୍ତ୍ରଣା ଦୂର କରିଥାଏ । ଫୁଲ ଏବଂ ପତ୍ର ସହିତ ଏହାର ଛାଲ ମଧ୍ୟ ଉପଯୋଗୀ । ଅନ୍ତର୍ଜ୍ୱରରୁ ଉପଶମ ପାଇବା ପାଇଁ ଏହାର ଛାଲକୁ ଡାଲିଚିନି ସହିତ ଗରମ ପାଣିରେ ଫୁଟାଇ କାଢା କରି ପିଇଲେ ଉପଶମ ମିଳେ । ଏହାର ମୂଳ ଏବଂ ଛାଲ ବିଶେଷ ଭାବେ କୁଷ୍ଟରୋଗର ଉପଚାର ପାଇଁ ଲାଭପ୍ରଦ ହୋଇଥାଏ । ବିଶେଷ ଭାବରେ ସ୍ୱର୍ଣ୍ଣଚମ୍ପା ଦେଖିବାକୁ ଅତ୍ୟନ୍ତ ସୁନ୍ଦର ଓ ଏହାର ସୁଗନ୍ଧ ମନୋମୁଗ୍ଧକର ହୋଇଥିବାରୁ ଏହା ମାନସିକ ଭାବେ ମଧ୍ୟ ଶାନ୍ତି ଓ ଆନନ୍ଦ ଦେଇଥାଏ ।

**ନାଗଚମ୍ପା**:ନାଗଚମ୍ପା ବୃକ୍ଷ ବହୁତ ବଡ଼ ଓ ସୁନ୍ଦର ହୋଇଥାଏ । ଏହାର ଶାଖାଗୁଡ଼ିକ ସିଧା, ପତ୍ରଗୁଡ଼ିକ ଛତା ଭଳି ଖେଳେଇ ହୋଇ ପାଖାପାଖି ହୋଇଥାଏ, ଏହାର ଫୁଲ ମହକଯୁକ୍ତ ଧଳା, ଓ ଭିତର ପାର୍ଶ୍ୱ ଈଷତ୍ ହଳଦିଆ ରଙ୍ଗର ହୋଇଥାଏ । ନାଗଚମ୍ପା ପ୍ରାୟତଃ ଅନ୍ୟ ଏକ ପ୍ରକାର ମଧ୍ୟ ଦେଖିବାକୁ ମିଳେ । ଏହାର ରଙ୍ଗ ଗୋଲାପୀ ଓ ଭିତର କେଶର ସହସ୍ରନାଗ ଫଣା ଟେକି ରହିଲା ପରି ଦେଖାଯାଏ । ଏହାର ଲମ୍ବ ୨-୩ ଇଞ୍ଚ୍ ପାଖାପାଖି ହୋଇଥାଏ ଏବଂ କେଶର ସ୍ତରସ୍ତର ହୋଇଥାଏ । ମୌସୁମୀ ସମୟରେ ଗୋଟିଏ ବୃକ୍ଷ ସମସ୍ତ ବଗିଚା ବା ମନ୍ଦିର ପରିସରକୁ ସୁଗନ୍ଧମୟ କରିଦିଏ । ଏହାର ମଞ୍ଜି ଛୋଟ ଓ ମଟରଦାନା ଭଳି ହୋଇଥାଏ । ଏଥିରୁ ଏକପ୍ରକାର ଗାଢା ତେଲ ବାହାରେ । ଶ୍ରୀଲଙ୍କାରେ ଏହି ତେଲକୁ ଦୀପ ଜାଳିବା ପାଇଁ ଏବଂ ଔଷଧ ପାଇଁ ବ୍ୟବହାର କରିଥାନ୍ତି । ତାମିଲ୍‌ନାଡୁରେ ଏହି ତେଲକୁ ବାତରୋଗ ପାଇଁ ବ୍ୟବହାର କରିଥାନ୍ତି । ନାଗଚମ୍ପା ଫୁଲରୁ ରଙ୍ଗ ବାହାର କରି ରେଶମ ରଙ୍ଗ କରାଯାଏ । ବିଭିନ୍ନ ସ୍ଥାନରେ ଏହି ଫୁଲକୁ ବିଭିନ୍ନ ନାମକରଣ କରାଯାଇଛି ଯଥା - ସଂସ୍କୃତରେ 'କଞ୍ଚନା, ନାଗପୁଷ୍ପା, ପୀତପୁଷ୍ପ, ରାଜଚମ୍ପକ, ଉଗ୍ରଗନ୍ଧା, ବନମାଳିକା ହିନ୍ଦୀରେ ନାଗଚମ୍ପା 'ଚମ୍ପକ', ଗୁଜୁରାଟରେ 'ଚାୟଚମ୍ପା', 'କେଶରୀ ଚମ୍ପା', ବମ୍ବେରେ


ନାଗ ଚମ୍ପା

'ଚମ୍ପା', ମରଠାରେ 'କଡ଼ଚମ୍ପା', 'ପିତଳ ଚମ୍ପା', ବଙ୍ଗଳାରେ 'ଚମ୍ପକ', ଲାଟିନ୍‌ରେ 'ମିଚେଲିଆ ଚମ୍ପକ' ଓ ଓଡ଼ିଆରେ 'ନାଗଚମ୍ପା' କହିଥାନ୍ତି । ନାଗଚମ୍ପା ପ୍ରାୟତଃ ହିମାଳୟର ପୂର୍ବଦିଗ, ପୂର୍ବ ବଙ୍ଗଳା, ଆସାମ, ବର୍ମା, ଦକ୍ଷିଣ ଭାରତ, ସିହଳ ଇତ୍ୟାଦି ସ୍ଥାନରେ ବହୁମାତ୍ରାରେ ଦେଖିବାକୁ ମିଳିଥାଏ । ଭଗବାନ ଶିବଙ୍କର ଅତିପ୍ରିୟ ଫୁଲମାନଙ୍କ ମଧ୍ୟରୁ ନାଗଚମ୍ପା ଗୋଟିଏ । ୟୁନାନୀମାନଙ୍କ ମତରେ ଏହା ଅତ୍ୟଧିକ ସୁଗନ୍ଧଯୁକ୍ତ ଓ ଔଷଧ ଭାବରେ ମଧ୍ୟ ଏହାକୁ ବହୁଳ ବ୍ୟବହାର କରାଯାଏ । ନାଗଚମ୍ପା ଫୁଲର ପାଖୁଡ଼ାକୁ ହାତରେ ମକଚି ଏହାର ରସକୁ କାନରେ ପକେଇଲେ କାନର ଯନ୍ତ୍ରଣା ଦୂର ହୁଏ । ମସ୍ତିଷ୍କର ଶକ୍ତି, ହୃଦୟରୋଗର ଉପଚାର, କଫ, ନିଶ୍ୱାସନ, ଜ୍ୱର କାଶ ସମସ୍ତ ରୋଗ ପାଇଁ ନାଗଚମ୍ପା ଫଳପ୍ରଦ ହୋଇଥାଏ । ଡାକ୍ତର ସୁଡୀନ ଶରୀଫ୍‌ଙ୍କ ମତାନୁସାରେ ନାଗଚମ୍ପା ବୃକ୍ଷର ଛାଲରେ ଜ୍ୱରନାଶକ ଶକ୍ତି ରହିଥାଏ । ଏଥିପାଇଁ ବିଭିନ୍ନ ପ୍ରକାର ଜ୍ୱରରୁ ଉପଶମ ପାଇବାକୁ ଏହାକୁ ବ୍ୟବହାର କରାଯାଏ । ଏହାର ଫୁଲକୁ ପାଣିରେ ବାଟି ମୁହଁରେ ଲଗେଇଲେ ମୁହଁରୁ ଦାଗ ଦୂର ହୁଏ ଓ ଉଜ୍ଜ୍ୱଳ ଦିଶେ । ଆୟୁର୍ବେଦ ବୈଜ୍ଞାନିକମାନଙ୍କ ମତରେ ନାଗଚମ୍ପାର ଛାଲ ପିତା, କଷା ଓ ଅଠାଳିଆ ହୋଇଥାଏ । ଯାହା ଶରୀରର ସଂକ୍ରମଣକୁ ନଷ୍ଟ କରିଥାଏ । ଏହା କୃମିକୁ ବାହାର କରିଦେଇଥାଏ । କଫ, ବାତ, ପିତ ରୋଗ ଦୂର କରିଥାଏ ଏବଂ ଅନେକ ପ୍ରକାର ଚର୍ମରୋଗ, ବ୍ରଣ ଇତ୍ୟାଦିରେ ଉପଶମ ପାଇଁ ଲାଭଦାୟକ ହୋଇଥାଏ । ନାଗଚମ୍ପାର ବ୍ୟବହାର ମୁଖ୍ୟତଃ ଭାରତ ଓ ନେପାଳର ହିନ୍ଦୁ ଏବଂ ବୌଦ୍ଧମଠମାନଙ୍କରେ ଅତର ପ୍ରସ୍ତୁତ କରିବା ପାଇଁ ବ୍ୟବହାର କରାଯାଏ । ଏହାର ଉପଯୋଗ ଆଧ୍ୟାତ୍ମିକ ଧ୍ୟାନ ବଢ଼ାଇବା ପାଇଁ କରାଯାଇଥାଏ । ଏହା ସହିତ ଏହା ମନକୁ ଶାନ୍ତ ରଖେ । ନାଗଚମ୍ପା ଫୁଲର ପାଖୁଡ଼ା ସାପ ଭଳି ଏବଂ ଏହାର କେଶର ସହସ୍ରନାଗ ଫଣା ଟେକିବା ଭଳି ଦେଖାଯାଉଥିବାରୁ ଏହାକୁ ନାଗଚମ୍ପା କୁହାଯାଏ । ନାଗଚମ୍ପାରୁ ବିଭିନ୍ନ ରାସାୟନିକ ପଦାର୍ଥ, ଯଥା – ବେଞ୍ଜିନ୍, ଏସିଟେଟ୍, ଲୈକ୍ଟୋନ୍, ଲୋବାନ୍, ବେଞ୍ଜୀଏଟ୍, ମିଥାଇଲ୍ ଇତ୍ୟାଦି ମିଳିଥାଏ । ଏହି ଫୁଲକୁ ବାସ୍ତୁ ନିରାକରଣ ପାଇଁ ମଧ୍ୟ ବ୍ୟବହାର କରାଯାଇଥାଏ । ନାଗଚମ୍ପା ଫୁଲକୁ କେହି ଉଠିବା ପୂର୍ବରୁ ସୋମବାର ପ୍ରତ୍ୟୁଷରୁ ନିଜଘରର ମୁଖ୍ୟଦ୍ୱାରରେ ଟାଙ୍ଗିଦେଲେ ଘରକୁ ଭୂତପ୍ରେତର ପ୍ରଭାବ ହୋଇନଥାଏ ଏବଂ ସକରାତ୍ମକ ଉର୍ଜାର ପ୍ରବାହ ହୋଇଥାଏ । ଶନିବାର ରାତିରେ ନାଗଚମ୍ପାକୁ ତୋଳି ପରଦିନ ବ୍ରାହ୍ମମୁହୂର୍ତ୍ତରେ ଉଠି କୌଣସି ପ୍ରବାହିତ ଜଳରେ ଭସାଇ ଦେଲେ କରଜ ବା ଋଣରୁ ମୁକ୍ତି ମିଳେ ବୋଲି ବାସ୍ତବାଦୀମାନେ କହନ୍ତି । ଯଦି ଚାକିରି ସମସ୍ୟା ଦେଖାଯାଉଥାଏ ତେବେ ମାତା ଦୁର୍ଗା କିମ୍ବା ମାତା ପାର୍ବତୀଙ୍କୁ ଗୋଟିଏ ଲେଖାଏଁ ନାଗଚମ୍ପା ଫୁଲ ଏଗାର ଦିନ ଯାଏ ଅର୍ପଣ କରିବା ଦ୍ୱାରା ମନସ୍କାମନା ପୂର୍ଣ୍ଣ ହୋଇଥାଏ । ନାଗଚମ୍ପାକୁ ନେଇ ଭାରତରେ 'ସତୀ ନାଗଚମ୍ପା ଓ ଭାଗ୍ୟବିଧାତା' ଭଳି ଅନେକ ନାଟକ, ଗଳ୍ପ ଏବଂ ବିନୋଦ ଦେଶାୟୀଙ୍କ ନିର୍ଦ୍ଦେଶିତ ହିନ୍ଦୀ ଚଳଚ୍ଚିତ୍ର (୧୯୭୬) 'ନାଗଚମ୍ପା' ପରି ଅନେକ ପ୍ରସିଦ୍ଧ କାହାଣୀମାନ ରଚନା କରାଯାଇଛି ।

**କନକ ଚମ୍ପା**:କନକ ଚମ୍ପା ଭାରତୀୟ ମହାଦ୍ୱୀପରେ ଦେଖିବାକୁ ମିଳୁଥିବା ପେଟ୍ରୋସପରସମ୍ ଆକ୍ରିଫୋଲିସିୟମ ପ୍ରଜାତିର ଏକ ଚମ୍ପାଫୁଲ । ଅଧିକନ୍ତୁ ଏହା ମିଆଁମାର (ବର୍ମା)ରେ ଅଧିକ ଦେଖିବାକୁ ମିଳେ । ଏହା ଏକ ଉଚ୍ଚ ଗହଳିଆ କୋମଳ ଶାଖାରେ ଭରପୂର ବୃକ୍ଷ ଅଟେ । ଏହି ବୃକ୍ଷ ୪୦ ରୁ ୬୦ ଫୁଟ୍ ଉଚ୍ଚତାରେ ବଢ଼ିପାରେ । ଏହାର ପତ୍ର ୬-୧୫ଇଞ୍ଚ ଲମ୍ବା, ୫-୧୦ ଇଞ୍ଚ ଚଉଡ଼ା ଥାଳି ଭଳି ଗୋଲାକାର ହୋଇଥାଏ । ଏହାର ରଙ୍ଗ ଚିକ୍କଣ ସବୁଜ ରଙ୍ଗର ହୋଇଥାଏ । ଭାରତରେ ଅନେକାଂଶରେ କନକଚମ୍ପାର ପତ୍ରରେ ଭୋଜିରେ ବ୍ୟବହୃତ ହେଉଥିବା ଥାଳି ବା ପାତ୍ର ଭାବେ ବ୍ୟବହାର କରିଥାନ୍ତି । ଏହାର ଫୁଲ ୫-୬ ଇଞ୍ଚ ପର୍ଯ୍ୟନ୍ତ ଏବଂ ଅତ୍ୟନ୍ତ ମହକଯୁକ୍ତ ହୋଇଥାଏ । ଏହା ପଞ୍ଚକୋଣୀୟ ଦେଖାଯାଏ । ଫୁଲର ବାହାର ପାର୍ଶ୍ୱ ଗାଢ ଧୂସର ବା


କନକ ଚମ୍ପା

ପାଉଁଶିଆ ଏବଂ ଭିତରେ କେଶର କଢ ସଦୃଶ ହୋଇଥାଏ । ବସନ୍ତ ଋତୁରେ ଏହି ଫୁଲ ଫୁଟିଥାଏ ଏବଂ ଶୀତ ଋତୁରେ ଫଳ ଧରିବା ଆରମ୍ଭ କରେ । କନକଚମ୍ପାକୁ ସଂସ୍କୃତରେ କର୍ଣ୍ଣିକର, କ୍ଷତ୍ରବୃକ୍ଷ, ପ୍ରତିବିଷ୍ଣକ, ହିନ୍ଦୀରେ ମୁଚକୁନ୍ଦ, କନକଚମ୍ପା, ମରାଠୀରେ ମୁଚକୁନ୍ଦ, ଗୁଜୁରାଟୀରେ କନକଚମ୍ପା, ଇଂରାଜୀରେ ଗୋଲ୍ଡନ୍ ଡ୍ରାଗନ୍, କର୍ଣ୍ଣିକାର, ଆସାମୀରେ ମେଟାଗୋସ୍‌ରେ ନେପାଳୀରେ ହାତୀପାଇଲା କହିଥାନ୍ତି । କନକଚମ୍ପାକୁ ଧାର୍ମିକ ଭାବନାର ସହିତ ମାତା ଲକ୍ଷ୍ମୀଙ୍କୁ ଅର୍ପଣ କଲେ ଦରିଦ୍ରତା ଦୂର ହୁଏ । ଘରେ ଧନଧାନ୍ୟ ଭରିଯାଏ । କନକଚମ୍ପା ଫୁଲଗଛରୁ ଝଡ଼ି ତଳେ ପଡ଼ିଲେ ମଧ୍ୟ ତାହାର ପବିତ୍ରତା ନଷ୍ଟ ହୁଏ ନାହିଁ । ତଳେ ଝଡ଼ି ପଡ଼ିଥିବା ଫୁଲକୁ ନେଇ ଏକ ପାଣିଭର୍ତ୍ତି କାଚଗ୍ଲାସ୍‌ରେ ରଖି ଘରେ କିମ୍ବା ଆଲମାରୀରେ ରଖିଲେ ଧନପ୍ରାପ୍ତି ହୁଏ ବୋଲି ଧାର୍ମିକ ବିଶ୍ୱାସ ରହିଛି । କନକଚମ୍ପା ବୃକ୍ଷମୂଳରେ ଥିବା ଜନ୍ତା, ପିମ୍ପୁଡ଼ି ତଥା କୀଟମାନଙ୍କୁ ମିଠାଜାତୀୟ ଦ୍ରବ୍ୟ ପ୍ରଦାନ କଲେ ମନରେ ପ୍ରଫୁଲ୍ଲତା ବଢ଼େ ଏବଂ ପୂଣ୍ୟଲାଭ ହୁଏ । ଜ୍ୟୋତିର୍ବିଜ୍ଞାନୀଙ୍କ ମତ ଅନୁଯାୟୀ କନକଚମ୍ପାର ଗୋଟେ ଫୁଲ ପାଣିରେ ପକାଇ ସେହି ପାଣିରେ କିଛିଦିନ ପ୍ରତ୍ୟହ ସ୍ନାନ କଲେ ଗୁରୁଗ୍ରହ ଦୋଷପୀଡା ସମାପ୍ତ ହୋଇଥାଏ । ଯେଉଁମାନେ ସବୁବେଳେ ସ୍ୱପ୍ନରେ ସାପ ଦେଖୁଥାନ୍ତି । ସେମାନେ କନକଚମ୍ପାର ମଞ୍ଜିକୁ ଏକ ଡବାରେ ଭରି ମୁଣ୍ଡପାଖରେ ରଖି ଶୋଇଲେ ସାପସ୍ୱପ୍ନ ଦେଖିବା ବନ୍ଦ ହୋଇଥାଏ । ବାସ୍ତବାଦୀମାନଙ୍କ ଅନୁସାରେ କନକଚମ୍ପା ଘରର ସୀମା ଭିତରେ ରହିଥିଲେ ଶୁଭ ଫଳଦାୟୀ ହୋଇଥାଏ । ଏହା ପଶ୍ଚିମ ଦିଗରେ ରହିଥିଲେ ଅତ୍ୟନ୍ତ ଶୁଭଦାୟୀ ହୋଇଥାଏ । ଯଦି ଐଶାନ୍ୟ କୋଣରେ ଥାଏ ତେବେ ଏହି ବୃକ୍ଷମୂଳରେ ଛୋଟ ଦେବସ୍ଥାନଟିଏ ନିର୍ମାଣ କରି ପୂଜା କଲେ ସୁଖ-ଶାନ୍ତି-ସମୃଦ୍ଧିର ବୃଦ୍ଧି ହୋଇଥାଏ । କନକଚମ୍ପା ଦେଖିବାକୁ ଯେତେ ଆକର୍ଷକ ହୋଇଥାଏ, ଔଷଧୀୟ ଉପଚାର ପାଇଁ ମଧ୍ୟ ସେତିକି ଫଳପ୍ରଦ ହୋଇଥାଏ । ଏହି ଫୁଲ ପିତା, କଷା, ଉଷ୍ଣ, ସ୍ୱରବର୍ଦ୍ଧକ ତଥା ରକ୍ତପିତ (କାନ – ନାକରୁ ରକ୍ତ ବାହାରିବା ରୋଗ), ମୁଣ୍ଡ ରୋଗ, କାଶ, ମୁଣ୍ଡବିନ୍ଧା, ଗଳାରୋଗ, ବ୍ରଣ, ଏକ୍‌ଜିମା ଏବଂ ଫୁଲାପଣ କମ୍ କରିବାକୁ ସହାୟକ ହୋଇଥାଏ । ଏହାର ପତ୍ରକୁ ଔଷଧ ଭାବେ ବ୍ୟବହାର କଲେ ରକ୍ତ ପରିଷ୍କାର ହୋଇଥାଏ । କନକଚମ୍ପାରେ ପୌଷ୍ଟିକ ଗୁଣ ଥାଏ । ଏହି ଫୁଲକୁ ଗୁଣ୍ଡ କରି ଘିଅ ଏବଂ ଗୁଡ଼ ମିଶାଇ ଖାଇଲେ ଅର୍ଶରୋଗ ଭଲ ହୋଇଥାଏ । ଚାଉଳଗୁଣ୍ଡ ସହିତ କନକଚମ୍ପା ଫୁଲକୁ ବାଟି ଲେପ ତିଆରି କରି ମୁହଁରେ ଲଗେଇଲେ ତ୍ୱଚା ଉଜ୍ଜ୍ୱଳ ଦିଶେ । ଏହି ଫୁଲ ଏବଂ ପତ୍ରକୁ କାଢା ବନାଇ ଗଳଗଳ କଲେ ଗଳାରୋଗରୁ ଉପଶମ ମିଳେ ଏବଂ ଏହି ଫୁଲ ସହିତ ମହୁ ମିଶାଇ ସେବନ କଲେ ଶ୍ୱାସରୋଗରୁ ଉପଶମ ମିଳେ । କନକଚମ୍ପା କେଶରକୁ ବାଟି କୌଣସି ସଂକ୍ରମିତ ସ୍ଥାନ ବା

ବିଷାକ୍ତ ଜୀବ କାମୁଡ଼ି ଥିବା ସ୍ଥାନରେ ଲଗେଇଲେ ଯନ୍ତ୍ରଣା ଓ ସଂକ୍ରମଣ ଦୂର ହୋଇଥାଏ ।

କନକଚମ୍ପାକୁ ସଂସ୍କୃତରେ କର୍ଣ୍ଣିକାର କହିଥାନ୍ତି । ଏହା ଫୁଟିଲେ ପରିବେଶରେ ସୌନ୍ଦର୍ଯ୍ୟ ବଢାଇଥାଏ । ପ୍ରାଚୀନକାଳରୁ ମହିଳାମାନେ କନକଚମ୍ପା ଫୁଲ ଓ ମଞ୍ଜିକୁ କର୍ଣ୍ଣାଭରଣ ରୂପରେ ବ୍ୟବହାର କରିଆସୁଛନ୍ତି । ସଂସ୍କୃତ ସାହିତ୍ୟରେ 'କର୍ଣ୍ଣିକାର' ବା କନକଚମ୍ପା ବିଷୟରେ ଅନେକ ଉଲ୍ଲେଖ ଅଛି । କାଳିଦାସ ନିଜ କାବ୍ୟରେ ଅଶୋକ ସହିତ ଅଗଣିତ ସ୍ଥାନରେ 'କର୍ଣ୍ଣିକାର'ର ଉଲ୍ଲେଖ କରିଛନ୍ତି । ଏହି 'ପୁନ୍ନାଗ' ପ୍ରଜାତି ଫୁଲର ସମ୍ବନ୍ଧ ଭଗବାନ ବିଷ୍ଣୁଙ୍କ ସହିତ ଜଡ଼ିତ ବୋଲି ଆଖ୍ୟାନ୍ ଅଛି । ବିଶ୍ୱକବି ରବିନ୍ଦ୍ରନାଥ ଠାକୁର ଏହି କନକଚମ୍ପାକୁ ଅମର ଫୁଲ ଆଖ୍ୟା ଦେଇଛନ୍ତି ।

**ସୁଲତାନ ଚମ୍ପା:** ସୁଲତାନ ଚମ୍ପାକୁ ଉଦ୍ଭିଦ ଜଗତରେ 'କେଲୋଫିଲମ୍ ଇନୋଫାଇଲମ୍' ନାମରେ ନାମିତ କରାଯାଇଛି । ଏହା 'କ୍ଲୁସିଆସିଆ' ପରିବାର ଅନ୍ତର୍ଭୁକ୍ତ । ଦକ୍ଷିଣ ଉପକୂଳ ଭାରତ, ପୂର୍ବ ଆଫ୍ରିକା, ମଲେସିଆ ଏବଂ ଅଷ୍ଟ୍ରେଲିଆ ହେଉଛି ସୁଲତାନ ଚମ୍ପାର ଉତ୍ପତ୍ତି ସ୍ଥଳ । ଏହା ଏକ ବଡ଼ ଚିରସବୁଜ ବୃକ୍ଷ । ଏହା ଖୁବ୍ ଧିରେ ଧିରେ ବଢି ୮-୨୦ମିଟର ପର୍ଯ୍ୟନ୍ତ ଉଚ୍ଚ ଓ ଝଙ୍କାଳିଆ ହୋଇଥାଏ । ଏହାର ଶାଖା କମ୍ ଥାଏ । ଏହାର ପତ୍ର ଗୋଲାକାର ଓ ଚିକ୍କଣ ହୋଇଥାଏ । ସୁଲତାନ ଚମ୍ପା ଖୁବ୍ ମହକଯୁକ୍ତ ଓ ୨୫ ସେ.ମି. ପର୍ଯ୍ୟନ୍ତ ବଡ଼ ଫୁଲ ହୋଇଥାଏ । ଏହାକୁ ଫୁଲତୋଡ଼ା ସଜେଇବା ପାଇଁ ଅଥବା ଅତରରେ ବ୍ୟବହାର କରାଯାଇଥାଏ । ଏହାର ଫଳ ୨-୪ ମିଟର ବ୍ୟାସର ଅଣ୍ଡାକୃତି ଓ ବଡ଼ ମଞ୍ଜି ଧାରଣ କଲେ । ସୁଲତାନ ଚମ୍ପା ସର୍ବଦା ସମୁଦ୍ରତଟ ଅଥବା ଜଙ୍ଗଲମାନଙ୍କରେ ଦେଖିବାକୁ ମିଳେ । ଏହାର ବିଭିନ୍ନ ସ୍ଥାନରେ ବିଭିନ୍ନ ନାମକରଣ ରହିଛି, ଯଥା- ବିୟୁଟି ପତ୍ର, ଭାରତୀୟ ଲରେଲ୍, ପାଇନ୍ ତେଲ ଗଛ, ଲାଲପୁନ୍, ଆସାମୀୟରେ ଆଇଲଟେଲୋ, ବଙ୍ଗଳାରେ ପୁନ୍ନାଗ, ହିନ୍ଦୀରେ ସୁଲତାନ୍ ଚମ୍ପା, ସୁରୁପୁନ ସୁରୁପୁନ, ଓଡ଼ିଆରେ କାମ୍ବୋଜ, ନାଗପୁଷ୍ପ, ସୁରତରୁ, ସଂସ୍କୃତରେ କମ୍ବୋଜ, ନମେରୁ, ପଞ୍ଚକୋଣର, ପୁନ୍ନାଙ୍ଗ, ତାମିଲ୍‌ରେ ପୁରତମ, ପୁନ୍ନାଇ, ତେଲଗୁରେ ନମେରୁ, ଭଲୁପୋନା, ପୁନ୍ନାଗା, ତୁଳୁ, ଉର୍ଦ୍ଦୁରେ ସୁରୁପୁନ୍ ବୋଲି କୁହାଯାଇଥାଏ । ସୁଲତାନ ଚମ୍ପା ଫଳପ୍ରଦ ହୋଇଥାଏ । ତାମିଲନାଡୁର ଜଣେ କୃଷକ ଦୀର୍ଘ ବର୍ଷ ଧରି ବାୟୋ ଇନ୍ଧନକୁ ନିଜ ଚାଷ ଜମିରେ ବ୍ୟବହାର କରି ଆସୁଛନ୍ତି । କିଷାନ୍ ରାଜାଶେଖରନ୍ ଏହି ଇନ୍ଧନ ପାଇଁ ତାଙ୍କ ଚାଷ ଜମିରେ ସୁଲତାନ ଚମ୍ପା ଗଛର ତେଲ ବ୍ୟବହାର କରି ମୋଟର ପମ୍ପର ୫ ଏଚ୍‌ପି ମୋଟର ଚଳାନ୍ତି । ୧୦ ବର୍ଷ ଧରି ବନ୍ଧ୍ୟା ଥିବା ତାଙ୍କର ଜମି ସୁଲତାନଚମ୍ପା ତେଲ ପ୍ରୟୋଗ କରି ୩୫ ପ୍ରକାର ବୃକ୍ଷର ଉଦ୍ୟାନରେ ପରିଣତ ହୋଇପାରିଛି ।


ସୁଲତାନ ଚମ୍ପା

ସୁଲତାନ ଚମ୍ପାର ତେଲକୁ ଲୋକମାନେ ଗାଡ଼ିରେ ମଧ୍ୟ ବ୍ୟବହାର କରନ୍ତି । ଶେଖରନ୍ କହନ୍ତି ଯଦି ଜଣେ ଚାଷୀଙ୍କ କ୍ଷେତ୍ରରେ ଦୁଇଟି ମାତ୍ର ସୁଲତାନ ଚମ୍ପା ବୃକ୍ଷ ଥାଏ ତେବେ ସେ ଡିଜେଲ୍‌ର ମୂଲ୍ୟ ହ୍ରାସ କରିପାରିବେ । ସୁଲତାନ ଚମ୍ପା ବୃକ୍ଷ ଯେତେ ପୁରୁଣା ହୁଏ ସେତେ ଅଧିକ ଅମଳ ଦିଏ ଏବଂ ଏହାର ଛାଇ ଅଧିକ ହୁଏ । ଏହା ମହୁମାଛି ଓ ବାଦୁଡ଼ିଙ୍କୁ ଆକର୍ଷିତ କରିଥାଏ । ଏହାର ମଞ୍ଜିକୁ ଦଶଦିନ ପାଇଁ ସଂଗ୍ରହ କରାଯାଇ ଖରାରେ ଶୁଖାଯାଏ । ଶୁଖିବାପରେ ଏହି ମଞ୍ଜିଗୁଡ଼ିକ ଭାଙ୍ଗିବା ଆରମ୍ଭ କରେ ଏବଂ କର୍ଣ୍ଣେଲ କରାଯାଇ ଖରାରେ ଶୁଖାଯାଏ । ଶୁଖିବା ପରେ ଏହି ମଞ୍ଜିଗୁଡ଼ିକ ଭାଙ୍ଗିବା ଆରମ୍ଭ କରେ ଏବଂ କର୍ଣ୍ଣେଲ ସେଥିରୁ ବାହାରି ଆସେ । ଏହି କର୍ଣ୍ଣେଲକୁ ଆଉ ଦଶଦିନ ଶୁଖାଇବା ପରେ ଏଥିରୁ ତେଲ ବାହାର କରାଯାଏ । ଏବଂ ଛାଡ଼ିଯାଇଥିବା ମଞ୍ଜିକୁ ଖତଭାବେ ଜମିର ଉର୍ବରତା ପାଇଁ ଉପଯୋଗ କରାଯାଏ । ସୁଲତାନ ଚମ୍ପା ଶିବଙ୍କର ଅନ୍ୟତମ ପ୍ରିୟଫୁଲ ଯାହାକୁ ଅର୍ପଣ କରି ଶିବପ୍ରାପ୍ତ କରିହୁଏ । ଏହି ବୃକ୍ଷର ଚାରିକଡ଼େ ମହିଳାମାନେ ନୃତ୍ୟ କରି ପାଦରେ ଠୋକର ମାରିଲେ ଏହା ପୁଲକିତ ହୋଇଉଠେ । କୁହାଯାଏ ଏହି ପ୍ରକାର ବୃକ୍ଷରେ ଦିବ୍ୟାତ୍ମାମାନେ ରହିଥାନ୍ତି । ଏହା ଏକ ଛାଇ ପ୍ରଦାନକାରୀ ବୃକ୍ଷ ଏବଂ ବାତ, ପିତ, ଡାଇରିଆ, ମୂତ୍ରରୋଗ ଆଦି ପାଇଁ ପ୍ରୟୋଗ କରା ଯାଇଥାଏ ।

**କାଠଚମ୍ପା ବା ହରିଚମ୍ପା:** କାଠଚମ୍ପାକୁ ବନସ୍ପତି ଜଗତର 'ଆଟ୍ରୋବ୍ରୋଟିସ୍ ଓଡୋରାଟିସିୟମ' କୁହାଯାଏ । ଏହା 'ଆନୋନେସିଇ' ପରିବାର ଅନ୍ତର୍ଭୁକ୍ତ । କାଠଚମ୍ପା ପ୍ରାୟତଃ ଆଫ୍ରିକା ତଥା ପୂର୍ବ ଭାରତରେ ଅଧିକ ପରିମାଣରେ ଦେଖାଯାଏ । ଭାରତରେ ଏହି ବର୍ଗର ଦଶ ପ୍ରଜାତିର ଫୁଲ ଦେଖିବାକୁ ମିଳେ । କାଠଚମ୍ପା ଏକ ଦ୍ରୁମଜାତୀୟ ଉଦ୍ଭିଦ । ଏହା ଚମ୍ପାଗଛ ପରି ବଡ଼ ହୁଏନାହିଁ । ଏହାର ପତ୍ର ଅଳ୍ପକେ ଓଉପତ୍ର ପରି । ଫୁଲର ରଙ୍ଗ ନାଲି ଓ ଧଳା ଦୁଇପ୍ରକାରର ହୋଇଥାଏ । ଏହାର ଡାଳକୁ ମାଟିରେ ପୋତିଲେ ଗଛ ହୁଏ ।

ଏହାର ଉଚ୍ଚତା ୩-୫ ମିଟର ଓ ପତ୍ର ସରଳ ତଥା ଔଜ୍ଜଲ୍ୟମୟ ହୋଇଥାଏ । ଏହାର ଫୁଲ ଅର୍ଦ୍ଧବୃତ୍ତାକାର ଡଣ୍ଡଳ ଉପରେ ହୋଇଥାଏ । ଏହି ଡଣ୍ଡଳ ଅନ୍ୟ ବୃକ୍ଷର ଡାଳ ଉପରେ ଚଢ଼ିବାକୁ ଉପଯୋଗୀ ହୋଇଥାଏ । ଆରମ୍ଭରୁ ଫୁଲ ସବୁଜ ଏବଂ ପରେ ହାଲକା ହଳଦିଆ ହୋଇଯାଇଥାଏ । ଏହି କାଠଚମ୍ପାରୁ ପର୍ଯ୍ୟାପ୍ତ ମହକ ବିତରଣ ହେଉଥାଏ ଯାହାକି ପାଚିଲା ପଣସ ପରି ବାସ୍ନା ହୁଏ । କାଠଚମ୍ପାକୁ ସାଧାରଣରେ ଇଲଙ୍ଗ ଇଲଙ୍ଗ, ହିନ୍ଦୀରେ ହରିଚମ୍ପା, ମଦନମସ୍ତ, ମନୋରଙ୍ଗିନୀ, ମଣିପୁରୀରେ ଚିନି ଚମ୍ପା, ଓଡ଼ିଆରେ କାଲାମ୍ବୁରୁ, କାଠଚମ୍ପା, ଗୋଳଚି, ବେଙ୍ଗଲୀରେ ଡାଲାନ୍ ଫୁଲ, କାନ୍ଥାଲିଚମ୍ପା, କନ୍ନଡରେ ମନେରଂଜନୀ, ମଦନମଞ୍ଜରୀ, ମରାଠୀରେ ହିରଓ୍ୱା ଚାଫା, ତାମିଲ୍‌ରେ ମନୋରଞ୍ଜିଥାମ୍, ଗୁଜୁରାଟିରେ ଡିଭାଦ୍ ଚାମ୍ପୋ, ତେଲଗୁରେ ସମ୍ପେଙ୍ଗା, ଇଂରାଜୀରେ ଟେମ୍ପୁଲ୍‌ଟ୍ରି, ମାଲାୟଲମ୍‌ରେ ଆରାଇଲ୍, ସଂସ୍କୃତିରେ ସ୍ଥିରଗନ୍ଧକ, ସୌଗନ୍ଧିକ, କଷ୍ଟଚମ୍ପକ, ସାନ୍ତାଳିରେ ଚମ୍ପା ପୁଙ୍ଗର କୁହାଯାଏ ।

କାଠଚମ୍ପା ଜଙ୍ଗଲକୁ ହରାଭରା କରିବାକୁ ଲଗା ଯାଇଥାଏ । ଏହି ବୃକ୍ଷର ମାଟିକୁ ଯାବୁଡ଼ି ଧରିବାର କ୍ଷମତା ଅଧିକ ଥାଏ । ବୃକ୍ଷମୂଳରେ କୃଷି ପାଇଁ ଉପଯୋଗୀ କବକ ମିଳିଥାଏ । ବୃକ୍ଷମୂଳରେ ମାଟିକୁ ଶକ୍ତ କରିବାରେ ଏହା ସହାୟକ ହୋଇଥାଏ । ମାଟିରେ କାର୍ବନ, ଫସ୍‌ଫରସ୍ ବଢାଇଥାଏ । ପତ୍ରଗୁଡ଼ିକୁ ରେଶମ ପୋକର ଖାଦ୍ୟ ଭାବରେ ଉପଯୋଗ କରାଯାଇଥାଏ । ଏହି ପତ୍ରର ରସ ଧାନରେ ଲାଗୁଥିବା କୀଟମାନଙ୍କ ପାଇଁ ବିଷାକ୍ତ ତଥା ଅନ୍ୟ ଜୀବାଣୁମାନଙ୍କ ପାଇଁ ଜୈବିକ ହୋଇଥାଏ । କାଠଚମ୍ପାର ଉତ୍ପତ୍ତି ସ୍ଥାନ ଭାରତ କିନ୍ତୁ ଏହାକୁ ଉଷ୍ଣପ୍ରସବଣ ପ୍ରଦେଶମାନଙ୍କରେ ଲଗାଯାଇଥାଏ । ଏହି ବୃକ୍ଷ ୩୦-୪୦ ସେଣ୍ଟିଗ୍ରେଡ୍ ଅଧିକତମ ଏବଂ ୩-୧୦ ସେଣ୍ଟିଗ୍ରେଡ୍ କମ୍ ତାପମାନ ଥିବା ସ୍ଥାନରେ ଭଲଭାବେ ଉର୍ବର ହୋଇଥାଏ । ସମୁଦ୍ରର ତଳଭାଗରେ ୬୦୦-୨୦୦୦ ଉଚ୍ଚତା ବିଶିଷ୍ଟ ସ୍ଥାନରେ ନରମ, ଗଭୀର ଓ ଉର୍ବର ମାଟି ଚମ୍ପା ପାଇଁ

ଉପଯୁକ୍ତ ହୋଇଥାଏ । ଚମ୍ପାରୁ ପ୍ରସ୍ତୁତ ଔଷଧ ରକ୍ତ ସଂକ୍ରମଣକୁ ରୋକିଥାଏ ଏବଂ ରକ୍ତରେ ଥିବା କିଟାଣୁର ବିନାଶ କରିଥାଏ । କାଠଚମ୍ପାର ଛାଲ ଓ ପତ୍ରକୁ ପ୍ରସବ ପରେ ହେଉଥିବା ଜ୍ୱରରୁ ଉପଶମ ପାଇଁ ଏବଂ ପତ୍ରକୁ ପାଦ ଦରଜ ପାଇଁ ବ୍ୟବହାର କରାଯାଏ । ହଳଦିଆ ଚମ୍ପାଫୁଲ କୁଷ୍ଠ ରୋଗ ପ୍ରତିକାର ପାଇଁ ଉପକାରୀ ହୋଇଥାଏ ଏବଂ ଏହାର ରସ ରକ୍ତରେ ଥିବା କୀଟାଣୁ ନାଶ କରିଥାଏ ।

**କ୍ଷୀରଚମ୍ପା** : କ୍ଷୀରଚମ୍ପା ଏକ ଦ୍ରୁମ ଜାତୀୟ ଉଦ୍ଭିଦ । କେହି କେହି ଏହାକୁ ଚମ୍ପା, ଚମ୍ପାକ୍ ଚମେଲି ନାମରେ ଜାଣନ୍ତି । ଇଂରାଜୀରେ କ୍ଷୀରଚମ୍ପାକୁ ପ୍ଲୁମେରିଆ କହିଥାନ୍ତି । ଏହା ମ୍ୟାଗ୍ନୋଲେସିଆ ପରିବାର ଅନ୍ତର୍ଭୁକ୍ତ । ଏହାକୁ 'ଗୁଲଚିନି' ମଧ୍ୟ କୁହାଯାଏ । ଏହି ଫୁଲ ବାରମାସୀ ଫୁଟିଥାଏ । ଏହାର ରଙ୍ଗ ବାହାର ପାର୍ଶ୍ୱରୁ ଧଳା ଓ ଭିତର ପାର୍ଶ୍ୱରୁ ଫିକା ହଳଦିଆ ହୋଇଥାଏ । କ୍ଷୀର ଚମ୍ପା ଗଛ, ଦକ୍ଷିଣ ପୂର୍ବ ଏସିଆ, ଚୀନ୍, ମାଲେସିଆ, ସୁମାତ୍ରା, ଜାଭା ଏବଂ ଭାରତରେ ପ୍ରାକୃତିକ ଭାବେ ମିଳିଥାଏ । ଯଦିଓ ଏହାର ଉତ୍ପତ୍ତିସ୍ଥଳ ଭାରତର ପୂର୍ବ-ହିମାଳୟ ସହିତ ଅନ୍ୟ ପଡ଼ୋଶୀ ଦେଶ ବୋଲି କୁହାଯାଏ । ଏହା ବ୍ୟତୀତ 'ନିକାରାଗୋଆ ଏବଂ 'ଲାଓସ୍'ର ଏହା ରାଷ୍ଟ୍ରୀୟ ଫୁଲ ଭାବେ ଘୋଷଣା କରାଯାଇଛି । ଏହି ଫୁଲ ଆଧାରରେ ଦୁଇ ପ୍ରଜାତିର ଫୁଲ ଦେଖିବାକୁ ମିଳେ, ଯଥା: ମିଚେଲିଆ ଚମ୍ପାକା ଏବଂ ମିଚେଲିଆ ଡେଲ୍ଟାସୋପା । କ୍ଷୀରଚମ୍ପାର କ୍ଷୀର ସହିତ ଅଳ୍ପ ଲୁଣ ମିଶାଇ ଯାଦୁରେ ଲଗାଇଲେ ତାହା ଚାଲିଯାଏ ଓ ଝୁଣା ମିଶାଇ କ୍ଷତରେ ଲଗାଇଲେ କ୍ଷତ ଭଲ ହୁଏ । ଏହାର ପତ୍ରକୁ ଜଳରେ ସିଝାଇ ଚାରିଆଡ଼େ ଛିଞ୍ଚିଲେ ମଶା, ମାଛି ଦୂର ହୁଏ । ବାଗୀ, ବଥ ବା କାଖଗୋଲି ପୀଡ଼ା ହେଉଥିଲେ ଖଣ୍ଡିଏ କାଗଜରେ କ୍ଷୀରଚମ୍ପାର କ୍ଷୀର ବୋଳି ତା' ଉପରେ ଲଗାଇ ଦେଲେ ତାହା ବସିଯାଏ । ସକାଳୁ ଉଠି ଶୁଙ୍ଘିଲେ ଚକ୍ଷୁ ବଢେ ବୋଲି ବିଶ୍ୱାସ ରହିଛି । ଆମ ଓଡ଼ିଶାରେ ବହୁ ପ୍ରାଚୀନ ଏକ ସହର ଚମ୍ପାଫୁଲ ପାଇଁ ଖୁବ୍ ପ୍ରସିଦ୍ଧ ଓ ଦିବ୍ୟମୟ ହୋଇପାରିଛି ।

## ଚମ୍ପକବରଣୀ କେନ୍ଦୁଝର

ଓଡ଼ିଶାର କେନ୍ଦୁଝରକୁ ଚମ୍ପକବରଣୀ ସୁନ୍ଦରୀ ସୁକୁମାରୀ ବୋଲି କୁହାଯାଇ ପାରେ । ଭୋଳାଶଙ୍କର ମହାଦେବଙ୍କୁ ସୁଗନ୍ଧରେ ବିମୋହିତ କରିବାକୁ କେନ୍ଦୁଝର ଯେପରି ଚମ୍ପାଫୁଲ ନିଜ ମସ୍ତକରେ ସଜାଇ ରଖିଛି । ମହାଦେବଙ୍କ ମହାମୃତ୍ୟୁଞ୍ଜୟ ମନ୍ତ୍ରରେ କୁହାଯାଏ (ଓଁ ତ୍ରୟମ୍ବକଂ ଯଜାମହେ ସୁଗନ୍ଧ ପୁଷ୍ଟି ବର୍ଦ୍ଧନଂ) ମଙ୍ଗଳମୟ ଦେବଦେବ ମହାଦେବ ଗନ୍ଧମ୍ ଅର୍ଦ୍ଦନ (ଗନ୍ଧମାର୍ଦ୍ଦନ)ରେ ବା ସୁଗନ୍ଧି ପରିପୁଷ୍ଟ ପର୍ବତ ସମୂହରେ ନୈସର୍ଗୀକତାରେ ମୁଗ୍ଧ ହୋଇ ଏଠାରେ ଅବସ୍ଥାନ କରିଛନ୍ତି । ଏହି ସ୍ୱତଃ ସୁଗନ୍ଧିତ ବନଭୂମିର ଉତ୍ସ ଚମ୍ପାଫୁଲ ବା ଚମ୍ପାତରୁ ବୋଲି ବହୁକାଳରୁ ପ୍ରମାଣିତ । କେନ୍ଦୁଝରରେ ମହାଦେବ ଶିବ ଯେପରି ପ୍ରାଚୀନ, ଠିକ୍ ସେମିତି ଚମ୍ପାଗଛ ବା ଚମ୍ପକ ପୁଷ୍ପ ମଧ୍ୟ ପ୍ରାଚୀନ । ଚମ୍ପାଗଛ, କେନ୍ଦୁଝର ମାଟି, ପାଣି ପବନରେ ଯେମିତି ଉର୍ବର ହୁଏ ତାହା ଅନ୍ୟତ୍ର ଦେଖାଯାଏ ନାହିଁ । କେନ୍ଦୁଝରରେ ଅନେକ ସ୍ଥାନର ନାମ ଚମ୍ପାକୁ ନେଇ ରଖା ଯାଇଛି ଯେମିତି ଚମ୍ପୁଆ, ଚମକପୁର, ଚମ୍ପେଇ ଇତ୍ୟାଦି । କୁହାଯାଏ ଚମ୍ପାଗଛ ବହୁତ ଥିବାରୁ ଏପରି ନାମକରଣ କରା ଯାଇଛି । ଚମ୍ପାଫୁଲର ସୁଲଭତାକୁ ନେଇ ଉତ୍କଳ ଜ୍ୟୋତିଷ୍କ ଫକୀରମୋହନ ତାଙ୍କ ଆତ୍ମଜୀବନରେ ଲେଖିଛନ୍ତି 'ଆନନ୍ଦପୁର କଚେରୀ ପଛପଟେ ଏକ ଚମ୍ପାଫୁଲ ବୃକ୍ଷ ଭର୍ତ୍ତି ଉଦ୍ୟାନ ଥିଲା । ତାଙ୍କ ରହଣିକାଳରେ ସେହି ଉଦ୍ୟାନରେ ସେ ଫୁଲଗଛ ଲଗେଇଥିଲେ । ଚମ୍ପାଫୁଲ ଶିବଙ୍କର ଅତ୍ୟନ୍ତ ପ୍ରିୟ ଓ ଶିବଭାବନା କେନ୍ଦୁଝର ଜନଜୀବନରେ ଏକ ଦୃଢ ଆସ୍ଥାନ ଜମେଇଥାଏ । କେନ୍ଦୁଝରର ଯେଉଁଦିଗକୁ ଗଲେ କେବଳ ଚମ୍ପାଗଛ ହିଁ ମିଳିଥାଏ । ସେଥିପାଇଁ ତାକୁ 'ଚମ୍ପକବରଣୀ' କୁହାଯାଏ ।

ସୌନ୍ଦର୍ଯ୍ୟ, ମହକ, ଔଷଧ, ବାସ୍ତୁ ଉପଚାର, ତୈଳ, ପ୍ରସାଧନ ସବୁଥିରେ ଖୁବ୍ ଦରକାରି ଓ ଉପକାରୀ ଚମ୍ପା ପ୍ରକୃତିକୁ ବନସ୍ପତିର ଏକ ସ୍ୱତନ୍ତ୍ର ଉପହାର । ଆର୍ଯ୍ୟ ପରମ୍ପରା ଅନୁଯାୟୀ ସୃଷ୍ଟିକର୍ତ୍ତାଙ୍କ ସମସ୍ତ ସୃଷ୍ଟି ପ୍ରଥମେ ତାଙ୍କୁ ହିଁ ସମର୍ପଣ କରା ଯାଇଥାଏ । ପ୍ରଭୁ ଠିକ୍ ସେମିତି ଶୋଭନୀୟ ଦିଶିବା ଦରକାର ଯେମିତି ପ୍ରକୃତି କୋଳରେ ବୃକ୍ଷମାନଙ୍କରେ ଫୁଲ ଫୁଟିଥାଏ । ତେବେ ଚାଲନ୍ତୁ ଏହି ଅଲୌକିକ ପୁଷ୍ପକୁ ନିଜ ବଗିଚାରେ ସଜାଇବା ଏବଂ ଗୌରବାନ୍ୱିତ ହେବା ।






ଦ୍ୱି-ପ୍ରଚ୍ଛଦ
ଆମ ମାଟିର ସ୍ୱର
ମଡେଲ୍ : ମଉସୁମୀ (Mousumi)
ଫଟୋଗ୍ରାଫି: ଅମରେଶ୍(Amaresh Bose)
ଉଚ୍ଚତା : ୫ ଫୁଟ୍ ୩ ଇଞ୍ଚ୍
ଶିକ୍ଷା : ବାଣିଜ୍ୟରେ ସ୍ନାତକ
ବୃତ୍ତି : ମଡ଼େଲ୍ ଓ ବ୍ୟାଙ୍କର୍
ମେକ୍‌ଅପ୍ : ରିଆ (Riya Chakraborty)
କଷ୍ଟ୍ୟୁମ୍ : ପିଙ୍କି (Pinki Mali)
କ୍ୟାମେରା : ନିକନ୍ ୫୬୦୦-ଲେନ୍ସ୧୮-୫୦, ୭୦-୩୦୦
ସ୍ଥାନ : ରୁବି ପାର୍କ, କୋଲକାତା

ଲେଣ୍ଡର

# ନଭେମ୍ବର ୨୦୨୦

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୮ | ୯ | ୧୦ | ୧୧ | ୧୨ | ୧୩ | ୧୪ |
| ୧୫ | ୧୬ | ୧୭ | ୧୮ | ୧୯ | ୨୦ | ୨୧ |
| ୨୨ | ୨୩ | ୨୪ | ୨୫ | ୨୬ | ୨୭ | ୨୮ |
| ୨୯ | ୩୦ | | | | | |

## ପର୍ବପର୍ବାଣି

୧୪/୧୧/୨୦୨୦ : ଦୀପାବଳି ଓ ଶିଶୁଦିବସ
୨୩/୧୧/୨୦୨୦ : ଜଗଦ୍ଧାତ୍ରୀ ପୂଜା
୨୮/୧୧/୨୦୨୦ : ବଡ଼ଓଷା
୩୦/୧୧/୨୦୨୦ : ରାସ ପୂର୍ଣ୍ଣିମା, ବାଲିଯାତ୍ରା

### ଜାନୁଆରୀ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | ୧ | ୨ | ୩ | ୪ |
| ୫ | ୬ | ୭ | ୮ | ୯ | ୧୦ | ୧୧ |
| ୧୨ | ୧୩ | ୧୪ | ୧୫ | ୧୬ | ୧୭ | ୧୮ |
| ୧୯ | ୨୦ | ୨୧ | ୨୨ | ୨୩ | ୨୪ | ୨୫ |
| ୨୬ | ୨୭ | ୨୮ | ୨୯ | ୩୦ | ୩୧ | |

### ଫେବୃଆରୀ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | | | | ୧ |
| ୨ | ୩ | ୪ | ୫ | ୬ | ୭ | ୮ |
| ୯ | ୧୦ | ୧୧ | ୧୨ | ୧୩ | ୧୪ | ୧୫ |
| ୧୬ | ୧୭ | ୧୮ | ୧୯ | ୨୦ | ୨୧ | ୨୨ |
| ୨୩ | ୨୪ | ୨୫ | ୨୬ | ୨୭ | ୨୮ | ୨୯ |

### ମାର୍ଚ୍ଚ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୮ | ୯ | ୧୦ | ୧୧ | ୧୨ | ୧୩ | ୧୪ |
| ୧୫ | ୧୬ | ୧୭ | ୧୮ | ୧୯ | ୨୦ | ୨୧ |
| ୨୨ | ୨୩ | ୨୪ | ୨୫ | ୨୬ | ୨୭ | ୨୮ |
| ୨୯ | ୩୦ | ୩୧ | | | | |

### ଅପ୍ରେଲ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | ୧ | ୨ | ୩ | ୪ |
| ୫ | ୬ | ୭ | ୮ | ୯ | ୧୦ | ୧୧ |
| ୧୨ | ୧୩ | ୧୪ | ୧୫ | ୧୬ | ୧୭ | ୧୮ |
| ୧୯ | ୨୦ | ୨୧ | ୨୨ | ୨୩ | ୨୪ | ୨୫ |
| ୨୬ | ୨୭ | ୨୮ | ୨୯ | ୩୦ | | |

### ମଇ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | | | ୧ | ୨ |
| ୩ | ୪ | ୫ | ୬ | ୭ | ୮ | ୯ |
| ୧୦ | ୧୧ | ୧୨ | ୧୩ | ୧୪ | ୧୫ | ୧୬ |
| ୧୭ | ୧୮ | ୧୯ | ୨୦ | ୨୧ | ୨୨ | ୨୩ |
| ୨୪ | ୨୫ | ୨୬ | ୨୭ | ୨୮ | ୨୯ | ୩୦ |
| ୩୧ | | | | | | |

### ଜୁନ୍

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | ୧ | ୨ | ୩ | ୪ | ୫ | ୬ |
| ୭ | ୮ | ୯ | ୧୦ | ୧୧ | ୧୨ | ୧୩ |
| ୧୪ | ୧୫ | ୧୬ | ୧୭ | ୧୮ | ୧୯ | ୨୦ |
| ୨୧ | ୨୨ | ୨୩ | ୨୪ | ୨୫ | ୨୬ | ୨୭ |
| ୨୮ | ୨୯ | ୩୦ | | | | |

### ଜୁଲାଇ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | ୧ | ୨ | ୩ | ୪ |
| ୫ | ୬ | ୭ | ୮ | ୯ | ୧୦ | ୧୧ |
| ୧୨ | ୧୩ | ୧୪ | ୧୫ | ୧୬ | ୧୭ | ୧୮ |
| ୧୯ | ୨୦ | ୨୧ | ୨୨ | ୨୩ | ୨୪ | ୨୫ |
| ୨୬ | ୨୭ | ୨୮ | ୨୯ | ୩୦ | ୩୧ | |

### ଅଗଷ୍ଟ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | | | | ୧ |
| ୨ | ୩ | ୪ | ୫ | ୬ | ୭ | ୮ |
| ୯ | ୧୦ | ୧୧ | ୧୨ | ୧୩ | ୧୪ | ୧୫ |
| ୧୬ | ୧୭ | ୧୮ | ୧୯ | ୨୦ | ୨୧ | ୨୨ |
| ୨୩ | ୨୪ | ୨୫ | ୨୬ | ୨୭ | ୨୮ | ୨୯ |
| ୩୦ | ୩୧ | | | | | |

### ସେପ୍ଟେମ୍ବର

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | ୧ | ୨ | ୩ | ୪ | ୫ |
| ୬ | ୭ | ୮ | ୯ | ୧୦ | ୧୧ | ୧୨ |
| ୧୩ | ୧୪ | ୧୫ | ୧୬ | ୧୭ | ୧୮ | ୧୯ |
| ୨୦ | ୨୧ | ୨୨ | ୨୩ | ୨୪ | ୨୫ | ୨୬ |
| ୨୭ | ୨୮ | ୨୯ | ୩୦ | | | |

### ଅକ୍ଟୋବର

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | | ୧ | ୨ | ୩ |
| ୪ | ୫ | ୬ | ୭ | ୮ | ୯ | ୧୦ |
| ୧୧ | ୧୨ | ୧୩ | ୧୪ | ୧୫ | ୧୬ | ୧୭ |
| ୧୮ | ୧୯ | ୨୦ | ୨୧ | ୨୨ | ୨୩ | ୨୪ |
| ୨୫ | ୨୬ | ୨୭ | ୨୮ | ୨୯ | ୩୦ | |

### ନଭେମ୍ବର

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୮ | ୯ | ୧୦ | ୧୧ | ୧୨ | ୧୩ | ୧୪ |
| ୧୫ | ୧୬ | ୧୭ | ୧୮ | ୧୯ | ୨୦ | ୨୧ |
| ୨୨ | ୨୩ | ୨୪ | ୨୫ | ୨୬ | ୨୭ | ୨୮ |
| ୨୯ | ୩୦ | | | | | |

### ଡିସେମ୍ବର

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | ୧ | ୨ | ୩ | ୪ | ୫ |
| ୬ | ୭ | ୮ | ୯ | ୧୦ | ୧୧ | ୧୨ |
| ୧୩ | ୧୪ | ୧୫ | ୧୬ | ୧୭ | ୧୮ | ୧୯ |
| ୨୦ | ୨୧ | ୨୨ | ୨୩ | ୨୪ | ୨୫ | ୨୬ |
| ୨୭ | ୨୮ | ୨୯ | ୩୦ | ୩୧ | | |

# ଦେଶ

**ଶ୍ରୀଦେବ**

ଦେଶ କହିଲେ ଆମେ ବୁଝୁ କିସ ?
ଗୋବିନ୍ଦରେ, ଗବଗଛ !
ପତ୍ରଡାଳକୁ ଭାଂଗି ଫୁଟୁକାଣି ଫୁଙ୍କି
କଳଙ୍କ କାଳିରେ ଲେଖୁ ଖାବଡ଼ା ଇତିହାସ
କି ନୀଳଆଖିରେ ସାଇତା ଶ୍ରୁତଲିଖନ
ହଁ ହୁଏତ ଅଧାଶୁଣା ଦୁଃଖସୂତ୍ରୀ ସଂବିଧାନ
କିସ, କିସ ?
୧୦୦ କେତେ କୋଟିର ଭିଡ଼ାଭିଡ଼ି ଏଠି ବଂଚିବା ପାଇଁ
ଶ୍ରମିକ କୃଷକ ଜାଣେନି ତା'ର ନିଶାସ
କେତେ ଗଜ ଦୂରତା ଦରକାର
ନେତା ଅଭିନେତାଙ୍କ କିତାବୀ କାର୍ନାମା, ନନ୍ଦନବନ
ପଘାନଥିବା ଗୁହାଳଠୁ ମାଲିକର ନୁନ୍ଦୁରୁପୁନ୍ଦୁରୁ
ପାସଙ୍ଗ ଖାଉଚୁ କେ' କଡ଼, ଠଉର !
ଗୋରୁଗାଈଙ୍କ ମାଲଗାଡ଼ି ଭର୍ତ୍ତି
ଖାଇବାକୁ, ଠିଆ ହେବାକୁ
ଜାଗା ଦେବା କାଠିଏ ପାଠ, ଆହା ବଢା, ସର୍କାର !

କହ, ଏମାନଙ୍କୁ ନିର୍ବସ୍ତ୍ର ବି କେମିତି ଛାଡ଼ିବ
ଜଳିଯିବ ଯେ ଦେଶ,
ସେଠି ଠିଆ, ଆଖିଏ ଅଭିଶାପ
ଘେରେଇ ନପାରିଲେ ବାଡ଼ିଘର, ଛି'ଛାକର
ଡିହଶୂନ୍ୟ ବାରବୁଲା ଭାଟ
ଛ୍ୟା, କାହାକୁ କହିବା ଏଇଟା ମୋ ଦେଶ !

ସେପଟେ ୮ x ୭ ଛପନ
ପୋକରା ପାକିସ୍ତାନ । ଏପଟେ
ଗୀନାଗାଂଡ଼ି ଚେପ୍‌ଟା ଚାଇନା,
ଚୌବନ ଛ'କାଠ

ରେ ବନ !
ଦେଶ କହିଲେ ଆମେ ବୁଝୁ କିସ ? କହତ ? ?
ଫୁତ୍, ଗବଗଛ ନା ମଲାଂଗ ବୃଛ ! !

♥ ସଂପାଦକ : 'ଚନ୍ଦ୍ରଭାଗା',
ମୋତିଗଂଜ, ବାଲେଶ୍ୱର - ୭୫୬୦୦୩
ଫୋନ୍ : ୯୪୩୭୧-୨୩୮୨୩


ଫଟୋ ଶ୍ରୀଦେବ

# ସକାଳେ ଅଧା ମରିଯାଏ

**ସ୍ୱରୂପ ମହାପାତ୍ର**


ଫଟୋ ସ୍ୱରୂପ ମହାପାତ୍ର

ସକାଳେ ଅଧା ମରିଯାଏ
ତ ସନ୍ଧ୍ୟା ବେଳେ ଅଧା ବଞ୍ଚି
ମୁଣ୍ଡଟେକି ଠିଆ ହୁଏ

ହଁ ଏମିତି ହିଁ ଜୀବନ
କରୋନା ସମୟରେ
ଖାଲି ହାତ ପକେଟ୍‌ରେ ପୂରେଇ
ଓହ୍ଲେଇ ପଡ଼ ରାସ୍ତା ଉପରକୁ
ରାସ୍ତା ବି ନିର୍ଜନ ଖାଁ ଖାଁ

କରୋନା ଛୋଟ କରିଦେଲା ଜୀବନକୁ
କିଏ କାହାର
ଡାକ୍ତର ନିଜେ ଦୌଡୁଛି ରୋଗୀ ଠାରୁ ଦୂରକୁ
ମଣିଷ ଛୁଇଁ ଦେଲେ
ଗଡ଼ି ଯାଉଛି ମୁଣ୍ଡ
ନିଶ୍ୱାସକୁ କରି ପାରୁନି ବିଶ୍ୱାସ

କେତେ ପଥର ସମୟ
ଓହ୍ଲେଇ ଆସିଚି ପୃଥିବୀକୁ
କେହି ବି ମନଖୋଲି ହସି ପାରୁନି
କି ଛାତି ଫଟେଇ କାନ୍ଦି ପାରୁନି
ଶୁଖି ଯାଇଛି ମୁହଁ
ହଜି ଯାଇଛି ଯେତେ ସୁନ୍ଦର ଗୀତ
ଧୂଳି ବସି ଯାଇଛି କବିତା ଖାତାରେ
ଚାରିଆଡ଼େ ମୃତ୍ୟୁର ମହୋତ୍ସବ

ଡାକ୍ତରଖାନା ବାରଣ୍ଡାରେ ଦୁଇଦିନ ଧରି
ବାପାର ଶବ ପଡ଼ିଛି
ତ ରାତିସାରା ହସ୍‌ପିଟାଲ୍ ରୁ ହସ୍‌ପିଟାଲ୍
ବୁଲି ବୁଲି ଶେଷରେ ରାସ୍ତାରେ
ଜୀବନ ଦେଲେ ସଂଗୀତଜ୍ଞ ଜଣେ

କୁଆଡ଼େ ଅନେଇବ
ଯେଉଁଠି କି ଚାହିଁଲେ ବି
ସେଇ ଏକା ମଣିଷ
ସକାଳେ ଅଧା ମରିଯାଏ
ଆଉ ସନ୍ଧ୍ୟାବେଳେ ଅଧା ବଞ୍ଚି
ଠିଆ ହୁଏ
କଟିଯାଏ ଆଉ ଗୋଟେ ଦିନ ।

♥ ବି-୨୨୩, ସେକ୍ଟର-୧୬, ରାଉରକେଲା
ଫୋନ: ୯୪୩୭୭୬୭୮୧୨



# ପ୍ରଶ୍ନଫୁଲ

## ବିରଜା ବଳ

ଶବ୍ଦ ମତେ ମନେପକେଇ ଦିଏ
ତୁ କ୍ଷୟଶୀଳ
ତୁ ମରଣଶୀଳ ।

ଜୀବନ ସହ ଅନ୍ତରଙ୍ଗ ହବାକୁ ଯାଇ
ଅନ୍ୟଏକ ସ୍ୱପ୍ନଦେଶର ବିସ୍ମୃତି ଭିତରକୁ ମୁଁ ଠେଲି ହୋଇଯାଏ,
ଆକାଶଠୁ ଭିନ୍ନେ ହୋଇଗଲା ପରି ଖଣ୍ଡେ ମେଘଖଣ୍ଡ
ନିଜଠୁ ମୁଁ ଭିନ୍ନ ହୋଇଯାଏ ।

ଡ୍ରଇଂ ପେନ୍‌ସିଲ୍‌ରେ ଅଙ୍କା ବିଭିନ୍ନ ଆକୃତି
ପେନ୍‌ସିଲ ମୂନର ଟୁକୁଡ଼ା
ଅନେକ ଅନାବନା ଗାର
କ୍ଷୟ ଓ କ୍ଷୁଧା
ନାମହୀନ ଶରୀରର ଅସ୍ତିତ୍ୱ
କ୍ରମଶଃ ଧୀରେ ଧୀରେ ପରସ୍ପରକୁ ଭଲପାଆନ୍ତି ଓ
ଜାବୁଡ଼ି ଧରନ୍ତି ନଷ୍ଟ ହେଲାବେଳେ ପରିତ୍ୟକ୍ତ କକ୍ଷପଥରେ ।

କ୍ଷୟ ଏକ ପ୍ରଶ୍ନ
କ୍ଷୁଧା ଏକ ପ୍ରଶ୍ନ
ଜୀବନ ଏକ ପ୍ରଶ୍ନ
ମୁଁ ପ୍ରଶ୍ନଟିଏ ହୋଇ ଉତ୍ତର ରଖେ ନିଃଶବ୍ଦତାରେ ।

ଶବ୍ଦ କବିତାକୁ ଗଢ଼ଣ ଦିଏ
ଶବ୍ଦ ପବନ ପିଠିରେ ଚଢ଼ି ପୃଥିବୀକୁ ପରିକ୍ରମଣ କରେ
ଶବ୍ଦ ଟୁବିଗାଡ଼ିଆର ଜଳକୁ ବାଷ୍ପକରି ଉଡ଼େଇ ନେଇ
ପୁଣି ଅଜାଡ଼ିଦିଏ ଶୁଖିଲା ଘାସ ଉପରେ
ଶବ୍ଦ ମନ୍ତୁରା ଜଳ ହୋଇ ପୋଡ଼ା ପାଉଁଶକୁ
ପ୍ରଦାନ କରେ ଶସ ଓ ରସ ।

ଜୀବନ ହିଁ ସବୁଠୁ ବଡ଼ ପ୍ରଶ୍ନ
ଏ ପ୍ରଶ୍ନକୁ ଭେଦିଲାବେଳେ ଅନ୍ଧାର ହିଁ ଦୈତ୍ୟ ପରି ବାଟ ଓଗାଳେ,

ମୃତ୍ୟୁ ଏକ ପ୍ରଶ୍ନ ବି ନୁହଁ
ଏ ପ୍ରଶ୍ନକୁ ଭେଦିଲା ବେଳେ ଦୈତ୍ୟ ପାଟି ଭିତର ଭୁରୁକୁଟିଆ ଗନ୍ଧରେ
କଳା କଳା ଭାତ ଓକାଳେ ।

ଯେହେତୁ,
ଜୀବନ ନାଟକ ନୁହେଁ କି ନାଟକର ଦୃଶ୍ୟ
ତେହେତୁ,
ଏ ଅଥଳ ପ୍ରଶ୍ନ ଭିତରେ ଆମେ ବୁଡି ମରିବା କାହିଁକି ?

ଯେଉଁ ରଙ୍ଗମଞ୍ଚରେ ଜୀବନ ଗୀତଗାଏ ଓ ନୃତ୍ୟକରେ
ସେଇଠି ଗ୍ୟାଲେରୀର ସବା ପଛଧାଡ଼ିରେ ବସିବା
ଆମର ଦେଖିବା କଥା
ଯିଏ ଗାଉଛି
ସେ ଗାଉଛି ନା ଅଭିନୟ କରୁଛି କାହା ଇଙ୍ଗିତରେ
ଯିଏ ନାଚୁଛି
ସେ ନାଚୁଛି ନା ନଚଉଛି କିଏ ଇସରାରେ ?

ଶବ୍ଦ ମନେପକେଇ ଦିଏ
ତୁ କ୍ଷୟଶୀଳ
ତୁ ମରଣଶୀଳ ।

ଆ'
ନାଚିନାଚିକି ତୁ ବାହାରି ଆ' ଶେଷତମ ବିନ୍ଦୁରୁ
କର୍କି, ପକ୍ଷୀ, ଝିଙ୍କାରି ଓ ପ୍ରଜାପତି ଆଙ୍କିବୁ ପରା !
ଜୀବନବୃକ୍ଷରେ ଫୁଲ ହୋଇ ଫଳଫଳିବୁ ପରା !
ଜିଇଁବାର ଉତ୍କୃଷ୍ଟ କଳାକୁ ଆୟତ୍ତ କରିବୁ ପରା !

♥ 'ଚିତ୍ରକଳ୍ପ', ବାଲିଗଣ୍ଡ-କୁଆଁରପୁର, ରାମବାଗ,ଯାଜପୁର-୧୪,
ଫୋନ-୭୭୯୦୦୦୩୪୪୨



# ଏଇଠି କୋଉଠି ଅଛ

## ପୀତାମ୍ବର ତରାଇ

ଦିନ କଣ ରାତି କଣ, ମାଘ ମେଘ ନିଦାଘ ଭୀଷଣ
ଖରା-ତରା, କୁହୁଡ଼ି-କାକର, ମଡକ ଚଡକ
ଖାତିର୍ କରେନି କି କର ଯୋଡେ ନାହିଁ
ତମ ଜାମାଯୋଡ ପିନ୍ଧି କ୍ଷେତରେ ପାଳଭୂତ
ଦୂରରୁ ଦିଶେ କାଳେ ତମେ ହୋଇଥିବ
ସେଇ ଭୟରେତ ଧାନ କିଆରୀ ଛୁଅଁନ୍ତିନାହିଁ ପାରାପଲ ।

କେହି ଜଣେ କହିସାରିଛି କାହିଁକି ଶୂନ୍‌ଶାନ୍
ଆକାଶ ତଳେ ଛିଡା କରେଇଛ, କିବା ଦୋଷ !
ଯାଓ ଘେନିଆସ, ତମେ ହୁଅ କି ନହୁଅ
ବୋଉ ଆଖିରେ ଲୁହ ଟଳମଳ ।

ଶୁଣିଲି, ଛାତି କି ବାଜାକରି ରାତିସାରା ଗାଇଛ
ମଥୁରା ମଙ୍ଗଳ, ଟୀକା ଗୋବିନ୍ଦଚନ୍ଦ୍ର
ସଜାଡିଛ ହଳଲଙ୍ଗଳ, ନଈରେ ମାତିଛି
ମାଳମାଳ ମାଛବୋଲି ଡାକ ଦେଇଛ ଜାଲ ଆଣ
ଅଛ ଅଛ କହିଦେଉଛ ଆରେ ଯାଅମ !
ଝଡି ବଢ଼ି ମରୁଡି ମହରଗ ମହାମାରୀ
କେତେ ଦେଖିଛି ସହିଛି, ତମ ଆଖିରେ କିଛିନୁହଁ
ଛାତି ଫୁଲେଇଛ ।

ଦିନେ ଦିନେ ନିଶାର୍ଦ୍ଧରେ ପାଗଯୋଗ କର
ବିଲ ପାଞ୍ଚ ମାଣ, ବୁଣି ଆଶାର ବିହନ
ଅମଳପାଇଁ ଆଙ୍ଗୁଠି ଗଣୁଥିବ ଯେ ଜାଣୁନଥିବ
ସକାଳଯାଇ ହେଲାଣି ସଞ୍ଜ, ବାଡି ବଗିଚାରେ
ଝାଳନାଳ ହୋଇ ଲଗଉଥିବ ଗଛ ପରେ ଗଛ
ପଚାରିଲେ ଫଳପୁଷ୍ପ କିଏ ଭୋଗ କରିବ
ଅନନ୍ତ ଆକାଶ ଆଡେ ଯୋଡହାତ ଉଠଉଛ ।



ଫଟୋ : ପୀତାମ୍ବର ତରାଇ

ଦିନେଦିନେ କୂଳ ଅକୂଳ, ବାଟ ଅବାଟ ଖେଦିଖେଦି
ଭାଗ୍ୟ ଦରାଣ୍ଡୁଛ, କାହିଁକି ଧନ୍ଦିହେଉଛ କହିବତ !
ସାପ ପାଳିବା, ଶୋଷ ସହିବା, ସ୍ୱପ୍ନ ଦେଖିବା
ଜୀବନ ଜିଇଁବା ଏକାକଥା ନୁହେଁ ରେ ବାଇଧନ
ଇଏତ ମାଳିକ ବଚନ, ମଥା ଆଉଁସି ବୁଝଉଛ ।

ଯେତେ ମନା କରୁଛି ଆଉ ଆସନାହିଁ, ସେତେବାର
ନିଦ ଭିତରେ ଚୁପ୍‌ଚୁପ୍ ଅଜାଡୁଛ ମନ୍ଦ ମଳୟ
ଛାତିଏ ଜହ୍ନରାତି, ଆଞ୍ଜୁଳେ ପ୍ରଜାପତି, ଫଗୁଣ ବାସ
କହୁଛ, ଯେଉଁଠି ଛିଡା ହୋଇଅଛି ସେଉଠୁ
ଏତକ ଅର୍ଜନ, ରଅଖେମ କାମରେ ଆସିବ ।

ନିଦ ଭିତରକୁ ପସିଆସୁଛ ଯିବାପାଇଁ ନାଁ ଧରୁନ
ପିନ୍ଧେଇ ଦେଉଛ ଭୋକକୁ ସ୍ୱାଦର ସଉକ
ଶୋଷକୁ ପାଣିର ମହକ, ଚିହ୍ନେଇ ଦେଉଛ
ପାପ ପୂଣ୍ୟର ଦୁଇକୂଳ, ସତମିଛର ପୋଷାକ ଅମେଳ
ଜୀବନ କ୍ଷେତରେ କିଏ ବାଲୁଙ୍ଗା କିଏ ଧାନର ମହତ
କହୁଛ, ଭୟାଳୁ ପାଦପାଇଁ ଇଏ ଫୁଲ ଆଉ କଣ୍ଟାର ପଥ
ଧିରେ ସୁସ୍ଥେ ଚାଲେ ଆଗରେ ପଡିଛି କର୍ମଫଳ ।

ଦିନେ ଦିନେ ନିଦ ଭିତରକୁ ଘିନି ଆସ ଅତୀତର
ବେଲାଳସନ, ଦିନେଦିନେ ପ୍ରଶ୍ନର ବେତାଳ
ଏମିତି କାହିଁକି କର, ବଡ ବିସ୍ମୟ ଆପଣ !

ଲୁହ ଟୋପାକରେ ମାପିଛି ସାଗର, ହାତ ବଢ଼େଇ
କହି ଦେଇଛି କେତେ ଉଚ୍ଚତା ପାହାଡର
ଆଖି ପହଞ୍ଚାଇ କହିଛି କେତେ ଆକାର ଅରଣ୍ୟର
କେତେ ହାତେ ହେବ ଆକାଶର ଦୂର
ତୋଳି ଆଣିଛି ତାରାଫୁଲ, ଜହ୍ନ, ଦୂରନ୍ତ ବଉଦ
କବିତା ଗପରେ କେବଳ
ଅଥଚ ଜାଣି ପାରିଲିନି ତମ ହୃଦୟର ଆଦି-ଅନ୍ତ
ମହିମଣ୍ଡଳରେ ତମେ ବିରଳ ନିଶ୍ଚୟ ।

ହଁ ହଁ, ତମେ ବାରବାର ନିଦ ଭିତରକୁ ଆସ
ଜାମାଯୋଡ ପିନ୍ଧି ଯେଉଁଠି ଥାଅ ଦୂରକୁ ଦିଶୁଥିବ ଦିଅଁ
ଏଇଠି କୋଉଠି ଅଛବୋଲି ବାରି ପାରୁଥିବି ଅବଶ୍ୟ ।

ଅଶ୍ବନୀଡ଼, ମଙ୍ଗରାଜପୁର, କୁଜଙ୍ଗ - ୭୫୪୧୪୧
ଜଗତ୍‌ସିଂହପୁର, ଫୋନ: ୯୪୩୭୧୬୩୪୨୧



ଫଟୋ : ଶ୍ବେତା ବସାକ (Sweta Basak)



ଡଃ ଶୈଳବାଳା ମହାପାତ୍ର

# ବିଚିତ୍ର ବିଶ୍ୱାସ

## ଶୈଳବାଳା ମହାପାତ୍ର

ଯେଉଁ ସବୁ ଛାତି ନିଗିଡ଼ା ଅନୁଭବକୁ
ଶବ୍ଦ କରି ପଠେଇଥିଲି
ପବନ ହାତରେ
ତମେ ଛୁଇଁଲ ନା
ସମୁଦ୍ରକୁ ଫିଙ୍ଗିଦେଲ
ଅଷ୍ଟପାଟଙ୍କୁ ଆଡ଼ କରି ?

ବଇଁଶୀ ବଜେଇବା ପ୍ରେମ ନୁହେଁ
କଳାକାରିତାର ଚାତୁର୍ଯ୍ୟ
ଏ କଥା ସମଝିବାକୁ ମତେ
ଲାଗିଗଲା ଗୋଟେ ଯୁଗ !

ଏବେ ରତରତ ହେଲାଣି ବେଳ
ଧୁନ୍ଦୁରା ଦିଶିଲାଣି ଆକାଶ
କାହିଁକି ଫିଟେଇବି ଆଉ
ଗଲା କାଲି ଫର୍ଦ୍ଦ
ଥାଉ ସିଏ ସେଇମିତି
ପଞ୍ଜରା ଭିତର !

ତମେ ଲଢ଼େଇ ପାଇଁ ପ୍ରସ୍ତୁତ
ଅହରହ
ମୁଁ ନିଃଶବ୍ଦରେ ପ୍ରେମର ପର୍ବ ପାଳୁଛି
ଅନବରତ

ପ୍ରେମ କ'ଣ ଜାଣିଥାଏ
ଟିକିଏ ଆଗରେ ଛକିଛି ତାକୁ
ଗୋଟେ କୃତଘ୍ନ ବିଶ୍ୱାସ !

ସାରା ଖରାବେଳ
ଜୂର କଲ ନଈପଠା
ବିନା କୁହାରେ ଫେରିଗଲ
ଜାଣି ବି ପାରିଲେନି ସାଇପଡ଼ିଶା

ସେଇଦିନୁ ଠିଆ ହେଇଛି
ସମୁଦ୍ରକୁ ମୁହଁ କରି
ଶୁଣୁଛି ତମ ଯଶ ନାଁର ଅପଯଶ
ଦେଖୁଛି ତମ ଅହଂକାର ଉଆସ

ତମ ଉଆସ ବୁଡ଼ିଗଲା ବେଳେ
ପବନ ହାତରେ ପୁଣି
ପଠେଇବି କିଛି ଶବ୍ଦ
ବିଶ୍ୱାସ କର !
ଏବେ ବି ବିଶ୍ୱାସ-
ତମେ ମୋର ବିଚିତ୍ର ବିଶ୍ୱାସ !

ଶୀଳାଚିନ୍ମୟ, ମଧୁବନ ଷଷ୍ଠଗଳି, ଇନ୍ଦ୍ରଦ୍ୟୁମ୍ନ ଛକ, ପୁରୀ-୭୫୨୦୦୨
ଫୋନ:୯୯୩୭୨୪୭୪୪୨



ଫଟୋ : ପ୍ରୀତମ ମହାନ୍ତି (ବୃଷ୍ଟି)

# ଦ୍ରୋହ କାଳରେ ଜୀବନ

**ସୌଭାଗ୍ୟବନ୍ତ ମହାରଣା**

ଲୋଭନୀୟ ପାପ ସନ୍ଧିରେ
ବୈରାଗୀ ପ୍ରେମର
ନିଷ୍ପ୍ରଭ, ନିଃଶବ୍ଦ ଉଚ୍ଚାରଣ
ଝରାପତ୍ରର ମର୍ମର ଭିତରେ
ବସନ୍ତୋତ୍ସବର ଆହତ ବାସ୍ନା ପରି ।

ପୁଣ୍ୟର ସଂଘାତ ଭିତରେ
ଅର୍ଥ ସହ ଶତ୍ରୁତା କରିବାକୁ
ପାପର ଅଜସ୍ର ପ୍ରତିଘାତ
ମୃତ ମହୁମାଛିର ଡେଣାରେ
ଛିଟିକି ପଡ଼ିଥିବା ବୁନ୍ଦାଏ ମହୁ ପରି ।

ପ୍ରଶାନ୍ତିର ଚାଳଛପର ଘର ଛାଡ଼ି
ପାପର ସୁରମ୍ୟ ଉଆସ ପାଇଁ
ଇଚ୍ଛାଫଳ ଭୋଗୁଥିବା ମଣିଷ
ଅବଦମିତ ଭ୍ରମରେ ପୀଡ଼ିତ
ଦିନ ଦି'ପହରର ଶୁଖିଲା ସପନରେ
ମିଛ ଲାଳସାରେ ଜର୍ଜରିତ ହେବା ଭଳି ।



ସେ ଆଞ୍ଜୁଳାଏ ଉଦାସୀ ଆକାଶର କୋହର
ଅଚିହ୍ନା ଓ ଅଲଭ୍ୟ ନୀଳିମା ହେଉ
କି ମୁଠାଏ ଉଷର ମାଟିର ମୋହର
ନଷ୍ଟ ଉର୍ବରତା ହେଉ ଦ୍ରୋହରେ
ଜୀବନ ପାଲଟିଯାଏ ଏକ ମଧୁର ଆହ୍ୱାନ ।
ପାପରେ ଲୋଭକୁ ପାଳିବା ଭଳି
ପ୍ରେମରେ ପୁଣ୍ୟକୁ କୋଳେଇବାରେ
ଏ ହିସାବୀ ମାନବର ମଗଜରେ ସତେ କି
ଖେଳୁଥାଏ ବିଚିତ୍ର ଆଲୋଡ଼ନ
ହରେଇବା ଓ ପାଇବାର ଦ୍ୱନ୍ଦ୍ୱ ଭିତରେ
ସାପ-ସିଡ଼ି ଖେଳର ଅଚାନକ୍ ଭାଗ୍ୟ ପରି !

ଦ୍ରୋହକାଳର ଉଭଟ ସହରରେ
ଶାଗୁଆ କ୍ଷତରେ ଗୁମୁରି ଯାଉଥିବା
ବିଦ୍ରୋହୀ ଆୟୁଷର ଅଜଣା ସମ୍ମୋହନ ।
କ୍ରମଶଃ ଜୀବନଟେ ଅନ୍ଧ ସହରରେ ବୁଲୁବୁଲୁ
ନିଜ ଉଷୁମ ରକ୍ତର ବାସ୍ନାରେ ବିଭୋର ହୋଇ
ସେ ଦିଏ ଶୀତଳ ସୂର୍ଯ୍ୟକୁ ନିଆଁର ଚୁମ୍ବନ
ପ୍ରତିଟି ଜୀବନ ଭିତରେ ସବୁଜିମାର ସ୍ୱପ୍ନଟେ ବଞ୍ଚିଥାଏ
ତଥାପି ମଣିଷ ନିଜକୁ ଚିହ୍ନିନପାରି ଧୂସର ଭ୍ରମରେ
ନିଜ ଆତ୍ମୀୟ ସ୍ୱରୂପକୁ ଦ୍ରୋହ ଭିତରେ ଭୁଲିଯାଏ ।



ଭାରତୀ ଭବନ, ଶିବମ୍ କଲୋନୀ, ଆୟକର
ଭବନ ପଛ, ସମ୍ବଲପୁର-୭୬୮୦୦୪
ଫୋନ : ୯୪୩୭୪୫୭୭୩୬

# ଅପହଂଚ

## ଗୀତାଶ୍ରୀ ପ୍ରିୟମ୍ବଦା

ଦୂର ଦିଗ୍‌ବଳୟର
ଦୂରନ୍ତ ଇଲାକାରେ ତୁମେ
ମୋ ହସ୍ତରେଖାର
ସରହଦ ଠାରୁ
ଦୂରେ ବହୁଦୂରେ ।

ଜାଣେ,
ତମେ ଫେରିବନି
ମୋ ଭଙ୍ଗା ଚାଳିଆକୁ
ଫେରିବନି ନିୟତିର
ଓଲଟା ଇଶାରାରେ
ଖେଳିବନି, ଉଡ଼ିବନି
ମୋ ପ୍ରୀତି ଅଗଣାରେ ।

ଏବେ, ହୁଲିଡଙ୍ଗାରେ
ମୁଁ, ମୋ ସ୍ୱପ୍ନ
ଅଜଣା ଗଣିତର
ଅଙ୍କ, ମାନସାଙ୍କ
ଅଲୋଡ଼ା ରେଖାରେ
ଦିଗ ଓ ଦିଗନ୍ତ
ନାଟକର ଦୃଶ୍ୟ ପରି
ବିତିଯାଏ ଦିନ ଓ ଆୟୁଷ
ଚରମ ବିନ୍ଦୁରେ ଶିଳ୍ପୀପୁଅ
କଂପିଯାଏ ଚନ୍ଦ୍ରଭାଗା
କୋହଫଟା କରୁଣତାରେ ।

ସଭିଏଁ ଗାଆନ୍ତି ଗୀତ
ପକ୍ଷୀ, ଝରଣା ଓ ଅଭିଆଡ଼ି ଝିଅ
ରଂଗବେରଂଗର
ତୋରଣ ଫାଙ୍କରୁ
ଉଙ୍କି ମାରୁଛି ବଉଦ
ଥରଟିଏ ଦେଖିବାକୁ
ମୟୂରର ନୃତ୍ୟ,
ଯେମିତି ଅଡ଼ି ବସିଛି
ବିତେଇ ଦେଇଛି
କାହିଁ କେତେ
ବେଳା ଓ ନକ୍ଷତ୍ର
ତୁମ ପାଇଁ, ତୁମ ପ୍ରତୀକ୍ଷାରେ ।

ଏଯାଏଁ, ଧୋଇ ଯାଇନି
ମୁଠା ମୁଠା ପ୍ରତିଶ୍ରୁତି
ବହଳିଆ ଅବ୍‌ସୋସ୍
ହଜି ବି ଯାଇନି ଦେଖ
ମଥା ପରେ ଚୁମ୍ବନର ଦାଗ
ଚିବୁକରେ ମମତାର ଚିହ୍ନ
ଅନ୍ଧାର ଆରପଟେ
ସମର୍ପଣର ସକାଳ
ଗହନ, ଗଭୀର ଇଚ୍ଛାରେ ।

ଜାଣିଛି ମୁଁ
ଅପହଂଚ ସୀମା ଧାରେ
ତୁମେ ଓ ତୁମ ସଂପର୍କ
ତଥାପି ଆପଣେଇବାର
ଅତୁଟ ଆକାଂକ୍ଷାରେ
ଜଡ଼େଇ ଧରିଛି ଅଶାନ୍ତି
ଚୁପ୍‌ଚାପ୍ ନିରବତାରେ
ନଶ୍ୱର ଆଶାର
ଏକ ନିଆରା ରୂପରେ ।

ଅଧ୍ୟାପିକା: ଶିକ୍ଷା ବିଭାଗ, ଖଡ଼ିଆଳ ସ୍ୱୟଂଶାସିତ
ମହାବିଦ୍ୟାଳୟ, ଖଡ଼ିଆଳ, ନୂଆପଡ଼ା
ଫୋନ:୭୦୦୮୭୨୦୨୫୯



▲ ରୂପାୟନ : ଶୁଭଙ୍କରୀ ଦେବୀ



▲ କବି ଗୀତାଶ୍ରୀ ପ୍ରିୟମ୍ବଦା



# ଲେଖି ହେଲାନି, ନଈବଢ଼ିର କବିତା

ଦୀନବନ୍ଧୁ ସାହୁ

ସାରାବର୍ଷ କଲବଲ କଲାଣି ମହାମାରୀ କରୋନା
କଲବଲ ଜୀବନଜୀବିକା, ନାଇଁ ପାଠପଢ଼ା
ଘରେ ବସିବସି ରକ୍ତରେ ବଢୁଚି ଶର୍କରା, ପିଠିର ଯନ୍ତ୍ରଣା
ଏବେ ପୁଣି ମହାନଦୀରେ ବନ୍ୟା !

ବହୁ ଆଗରୁ ଯିବ ଯିବ ହେଇ ଝିଅ
ବସିଚି ଗୋଡ଼ କାଢ଼ି,
ପୁଅ ଚିଲେଇ ଚିଲେଇ ଡାକ ଛାଡୁଛି
'ବାପା, ବାପା ! ଚାଲ ଦେଖିଆସିବା ନଈବଢ଼ି !'

ବନ୍ଧ ତଳେ ଭରା ପାଣି, କୁ'ଠି କୁ'ଠି ଝର ଫିଟିଲାଣି
ଟି.ଭି.ର ଘନଘନ ଘୋଷଣା ଶୁଣିନ କି ?
ଯିଏ ଯୁ'ଠି ଅଛ ଚାଲିଯାଅ ପିଲାଛୁଆ
ଗାଈଗୋରୁ ସ' ଉଚ୍ଚା ଜାଗା ଦେଖି !
ହୀରାକୁଦରେ ଚାଳିଶ ଗେଟ୍ ଖୋଲା ଗଲାଣି !

ନଈରେ ଘର ପୁଣି ନଈ କି ଡର ? କା'କୁ କ'ଣ କହିବା ?
ହଠାତ୍ ମନେ ପଡ଼ିଗଲା ୧୯୮୨ର ବନ୍ୟା କଥା !
କିମିତି ରାତିଅଧିଆ ଖଣ୍ଡିଆ ବନ୍ଧରୁ ଫିଟିଲା ଘାଇ
ସାଉକାରର କୋଠା ଭୁଷୁଡ଼ି ଭାସିଲା ବସ୍ତାବସ୍ତା ଚୁଡ଼ାଚାଉଳ
ତେଲଟିଣ କିରୋସିନ୍ ! ଆମ ଚାଳିଆକୁ ଛୁଇଁଥିଲା ପାଣି



ଭସାଇ ନେଲା ଅମାରର ଧାନ, ସେତେବେଳେ ମୋର ନବମ ଶ୍ରେଣୀ !
କି ଖରା କି ତରା ତିନିଦିନ ଉପାସ
ଯୋଗକୁ ଭାସି ଯାଉଯାଉ ଧରି ନେଲି ମୋ' ପଢ଼ା କାଠବାକ୍ସ
ଆଖିରେ ନଦେଖି ନଚାହିଁ ଏସବୁ କିଏ ବା କରିବ ବିଶ୍ୱାସ ?

କଥା ସରୁ ସରୁ ଆମେ ଆସି ହାଜର ନଈବନ୍ଧ !
ଚାଇଁ ଚାଇଁ ପାଣି ଖରା ଗମ୍ ଗମ୍ ଝାଳ ! ଶୁଭୁଛି ନଈର
ହିଂସ୍ର ଗର୍ଜନ, ସୁଅର ତୋଡ଼ ତାଡ଼ି ନଉଚି ଇତିହାସର ଚେର
ନଈ ଧରିଚି ସମୁଦ୍ରର ରୂପ ! କୂଳରେ ବନ୍ଧା କେତଟା ଡଙ୍ଗା
ଟଳମଳ, ଅଦୂରରେ ଭାସି ଯାଉଥିବା ଗଛ ବାଉଁଶବୁଦା
ଚାଳିଆ ଓ ଜୀବଜନ୍ତୁଙ୍କ ମଲା ଜିଇଁଲା ଦେହକୁ ଦେଖି
ପୁଅ ଖୁସିରେ ଅଥୟ,
ଝିଅର ଆଖିରେ କିନ୍ତୁ ଭୟ ଓ ଆତଙ୍କ !

ଥିଲାଥିଲା ଝିଅ କହି ପକାଇଲା:
'ସତ କହିଲ ଦେଖି ବାପା,
ନଈକୁ ନଦେଖି ନଈକୁ ନଭୋଗି
କେହି କ'ଣ ଲେଖି ପାରିଚି ଅସଲ ନଈବଢ଼ିର କବିତା ?' ♥

ସା/ପୋ: ପଦ୍ମାବତୀ(କାମନାସାହି), ନୟାଗଡ଼-୭୫୨୦୬୩
ଫୋନ:୮୨୪୯୬୯୨୮୯୪



▶ କବି ସୁରେଶ ପ୍ରସାଦ ମିଶ୍ର

# ସରି ଯାଉଥିବା ସ୍ୱପ୍ନ

**ସୁରେଶ ପ୍ରସାଦ ମିଶ୍ର**

ସ୍ୱପ୍ନ ସରିଗଲାଣି
ତଥାପି ବାକିଅଛି ରାତି,
ଗୋଟାଏ ନିଷ୍ଫଳ ଭବିତବ୍ୟର
ରାହା ଧରି ବାଟ ଚାଲିବାକୁ ହେବ,
ଇତିହାସର ସବୁ
ପରିତ୍ୟକ୍ତ ଅନ୍ଧାରମାନଙ୍କରୁ
ଉଠି ଆସ ଏବେ,
ହେ ମୋର ନଷ୍ଟ ନକ୍ଷତ୍ର ମାନେ
ଉଠି ଆସ ଏବେ
ତାରାପୁଞ୍ଜର ଧାଡ଼ି ଧାଡ଼ି
ନିରବ ମଣିଷ ମାନଙ୍କର
ରାହା ଧରି ।

ଏଇ ଦେଖ
ସାମ୍ନାର ଅଙ୍କାବଙ୍କା ରାସ୍ତାସାରା
ଘୁମନ୍ତ ମଣିଷଙ୍କ ଶୋଭାଯାତ୍ରା,
ଅଳୁଗୁଣିରେ ଝୁଲୁଛି
ଗତକାଲି ଠୁ ନିଖୋଜ ଥିବା
ସେଇ ଝିଅଟିର
ରକ୍ତଭିଜା ଲୁଗା,
ଟିଭି ପର୍ଦ୍ଦାରେ ଚାଲିଛି
ହତ୍ୟା ଆତ୍ମହତ୍ୟାର ବିତର୍କ ।

ଆହା....
ଆହୁରି ବାକି ଅଛି ଜୀବନ,
ଆହୁରି ବାକି ଅଛି ସମର୍ପଣ,
ଆହୁରି ବାକି ଅଛି ସପନ,
ଅଥଚ ଜୀବନ ତାନ୍‌ପୁରାରେ
ବେସୁରା ଧୂନ୍‌ର କମ୍ପନ ।

ଏଥର ଆସ
ହାତ ଧରାଧରି ହୋଇ ଚାଲିବା,
ଯୋଉ ରାସ୍ତାରେ ଝରି ଯାଇଛି
ସେଇ କୁନି ଝିଅଟିର
କଅଁଳ ପାଦର ରକ୍ତ,
ଯୋଉ ରାସ୍ତାରେ ହଜି ଯାଇଛି
କେବେ ଅସୁମାରୀ ସ୍ୱପ୍ନ ଦେଖୁଥିବା ଆଖି,
କେବେ ଶ୍ରାବଣ ହୋଇ
ନିଜେ ଭିଜିଥିବା ମାଟି,
ଆସ ପରୀକ୍ଷା କରିନେବା
ଆଉଥରେ, ସତ ଭଳି ଲାଗୁଥିବା
ହିସାବକିତାବ ଯାହା
ରହି ଯାଇଛି ବାକି ।

♥ ଅଧ୍ୟାପକ: ଓଡ଼ିଆ ବିଭାଗ, ଆଞ୍ଚଳିକ ମହାବିଦ୍ୟାଳୟ,
ବେଲଟିକିରି, ଢେଙ୍କାନାଳ, ଫୋନ : ୯୪୩୭୦୯୩୯୯୫



▶ ରୂପାୟନ : ସ୍ମିତପ୍ରଜ୍ଞା ମେହେର

# ଜୀବନ ଆହାର



# ଜନଜାତିଙ୍କ ଖାଦ୍ୟଶସ୍ୟ


## ଦ୍ୱିତୀଚନ୍ଦ୍ର ସାହୁ

ଇନ୍ଦିରା ନଗର, ଚତୁର୍ଥ ଗଳି, ରାୟଗଡା -୭୬୫୦୦୧
ଫୋନ : ୯୪୩୭୨୮୭୭୭୫


ଫଟୋ ସୌଜନ୍ୟ : ଲେଖକ



**ଚଳଣୀ ହେଉକି ବେଶଭୂଷା ସବୁଥିରେ ସେମାନେ ନିଆରା । ସରଳ ଓ ନିଷ୍କପଟ ଜୀବନ ନେଇ ବଂଚନ୍ତି ସେମାନେ । କୋଳାହଳ ଠାରୁ ଦୂରରେ ପ୍ରକୃତିର ଉପାସକ ଭାବେ ଜୀବନ ଜିଇଁ ଆସିଛନ୍ତି ନିର୍ବିକାର ଭାବେ । ଅଭିଯୋଗ ନାହିଁ କି ବେଶୀ କିଛି ଆକାଂକ୍ଷା ନାହିଁ । ଜୀବନଜୀବିକା ଭିତରେ ନିଜର ସବୁ ସ୍ୱପ୍ନକୁ ସାକାର କରିଦେଇ ପାରୁଛନ୍ତି ଅନାୟାସରେ । ରାୟଗଡାର କନ୍ଧ ଜନଜାତିଙ୍କ ଖାଦ୍ୟ ଶସ୍ୟ ଓ ପାରଂପରିକ ଖାଦ୍ୟକୁ ନେଇ ଆମ ନିୟମିତ ଲେଖକ ଦ୍ୱିତୀଚନ୍ଦ୍ର ସାହୁଙ୍କ ବିଶେଷ ପ୍ରତିବେଦନ ।**

ସେଦିନ ଆଗ୍ରହକ୍ରମେ ପହଁଚିଲି ରାୟଗଡ ଜିଲ୍ଲାର ଏକ ଆଦିବାସୀ ଗ୍ରାମ ଭେଜାରେ । ଉଦ୍ଦେଶ୍ୟ କାଂଗୁ ଚାଉଳ ସଂଗ୍ରହ କରିବା । କାଂଗୁ ଚାଉଳ କିଛି କିଣିବା ଲାଗି ଗାଁ ସାରା ଖେଦିଗଲି । କିନ୍ତୁ କାଂଗୁ ଚାଉଳ ମିଳିଲା ନାହିଁ । କେତେକ ଘରେ ଅଳ୍ପ ପରିମାଣରେ ଥିଲା । ସେମାନେ ନିଜ ବ୍ୟବହାରରେ ରଖିଥିଲେ । ତାକୁ ବିକିବାକୁ ଆଗ୍ରହ ପ୍ରକଟ କଲେନି । କାଂଗୁ କ୍ଷିରୀ ଖାଇବାର ଲୋଭ ସେଇଠି ମରିଗଲା । ପ୍ରତିବଦଳରେ ଖାଲି ହାତରେ ଫେରିବାର ଆଗ୍ରହକୁ ମାରି ସାଥୀରେ ଧରି ଆସିଲି ମାଣ୍ଡିଆ । ସକାଳୁ ସକାଳୁ ମାଣ୍ଡିଆ ଚୁନା ଓ ବାସି ତୋରାଣୀରେ ପ୍ରସ୍ତୁତ ମାଣ୍ଡିଆ ଜାଉ ଗିଲାସେ କି ଦି' ଗିଲାସ ପିଇ ଦେଲେ ତେଣିକି ଭୋକକୁ ଜିଣି ହେବ । ଏକଥା ପିଲାଟି ଦିନରୁ ମାଆ ଶିଖେଇଥିଲା । ସେଇକ୍ରମରେ ଶୀତଦିନକୁ ଛାଡି ଦେଲେ ବର୍ଷତମାମ୍ ମାଣ୍ଡିଆ ଜାଉ ଖାଇବା ଏକ ଅଭ୍ୟାସ ରହି ଆସିଛି । ଏହା ଏବେ ଅନେକ ସହରୀ ଲୋକଙ୍କ ଅଭ୍ୟାସରେ ବି ପରିଣତ ହୋଇଛି । ବିଶେଷକରି ଡାଏବେଟିସ୍ ରୋଗୀ ପାଇଁ ଏହା ମହୌଷଧୀ ଭଳି କାମ କରେ । ଏମିତି କିଛି କାରଣରୁ ଆମ ଭଳି ସହରୀ ମଣିଷମାନେ ଅନେକ ସମୟରେ ଆଦିବାସୀ ଗାଁକୁ ଯାଆନ୍ତି । ଆମ୍ବରୁ ପ୍ରସ୍ତୁତ ଆମ୍ବସଢା ହେଉ କି ମାଣ୍ଡିଆ ଗଣ୍ଡାଏ ପାଇଁ ହେଉ ଅବା ଡାଲି ପାଇଁ କାନ୍ଦୁଲ କିଣିବାକୁ ଅନ୍ତତଃ ଥରେ ଅଧେ ଆଦିବାସୀ ଗାଁକୁ ଯିବାକୁ ପଡିଥାଏ । କିନ୍ତୁ ସମୟର ସ୍ରୋତରେ ଏସବୁ ଏବେ କ୍ରମଶଃ ଦୁଷ୍ପ୍ରାପ୍ୟ । ବହୁ ଖୋଜାଖୋଜି ପରେ ବି ପାରଂପରିକ ଖାଦ୍ୟଶସ୍ୟ ମିଳିବା ସହଜ ହେଉନି । ଅନେକଙ୍କୁ ନିରାଶ ହୋଇ ଫେରିବାକୁ ପଡୁଛି । ଜନଜାତିଙ୍କ ପାରଂପରିକ ଚାଷ ପ୍ରତି ବିମୁଖତାର ଅନେକ କାରଣ ରହିଥାଇପାରେ । କିନ୍ତୁ ଆଉ କିଛି ବର୍ଷ ପରେ ହୁଏତ ଆଉ ଏସବୁ ମିଳି ନପାରେ । ଏଇ ସଂଶୟ ହିଁ ଏମିତି ଏକ ଆଲେଖ୍ୟ ପ୍ରସ୍ତୁତ କରିବାକୁ ବ୍ୟଗ୍ର କରିଛି । ଅନୁସନ୍ଧାନପୂର୍ବକ ଏହା ଆଲେଖ 'ରେବତୀ' ପାଇଁ ହିଁ କେବଳ ପ୍ରସ୍ତୁତ । ସବୁ ଶସ୍ୟର ଫଟୋ ଚିତ୍ର ସଂଗ୍ରହ କରିବାକୁ ଚେଷ୍ଟା କରି ଯାହା ମିଳିଛି ତାକୁ ଏଠାରେ ଦେବାର ପ୍ରୟାସ କରାଯାଇଛି ।

ଆଦିମକାଳରୁ ମଣିଷ ବଣ ଜଂଗଲର ଫଳମୂଳ ଖାଇ ଜୀବନଧାରଣ କରିଆସିଛି । ବିବର୍ତ୍ତନର ସୁଅରେ ସମୟକ୍ରମେ ମଣିଷର ଖାଇବାର ଶୈଳୀ ବଦଳିଛି । ତା ସହିତ ବଦଳିଛି ଖାଦ୍ୟ । ମଣିଷକୁ ସର୍ବଭୁକ୍ ପ୍ରାଣୀ ଭଳି ବିବେଚନା କରାଯାଉଥିଲେ ବି ମୁଖ୍ୟତଃ ଉଦ୍ଭିଦ ଉପରେ ଅଧିକ ନିର୍ଭରଶୀଳ ହୋଇ ରହି ଆସିଛି ସେ । କୌଣସି କାରଣବଶତଃ ଗଛରୁ ମଂଜି ମାଟିରେ ପଡି ସେଥିରୁ ଗଜା ହେଲା । ଗଜାରୁ ଗଛ । ଗଛରୁ ଫୁଲ ଓ ଫଳ । ଫଳରୁ ମଂଜି । ଏଇକଥାକୁ ଜାଣିବା ପରେ ମଣିଷ ଯାଯାବର ଜୀବନ ଛାଡି ନଦୀକୂଳରେ ସାମାଜିକ ଜୀବନ ଆରମ୍ଭ କରିଥିବା ଇତିହାସ କହେ । ତା ପର ଠାରୁ ସେ ଚାଷବାସ କରିବା ଶିଖିଛି । ଏବେ ଚାଷରେ ଅନେକ କିଛି ବଦଳିଛି । ବଦଳିଛି ବିହନ । ଅଧିକ ଉତ୍ପାଦନକ୍ଷମ ମଂଜି ପ୍ରସ୍ତୁତ ହୋଇ ବଜାରକୁ ଆସୁଛି । ଚାଷୀ ତାକୁ ବ୍ୟବହାର କରି ଅଳ୍ପ ଜମିରେ ଅଧିକ ଉତ୍ପାଦନ କରୁଛି । କିନ୍ତୁ ଏବେ ବି ଜନଜାତିର ଲୋକ ପୋଡୁ ଚାଷ କରନ୍ତି । ଡଂଗର ଜମିରେ ଫସଲ ଅମଳ କରନ୍ତି । ପାରଂପରିକ ଶସ୍ୟକୁ ଉତ୍ପାଦନ କରନ୍ତି । ଯଦିଓ ଅନେକାଂଶରେ ବହୁ ପାରଂପରିକ ଶସ୍ୟ ଲୋପ ପାଇବାକୁ ବସିଲାଣି ଏବଂ ତା ସ୍ଥାନରେ କପା ଭଳି ଲାଭଦାୟକ ଫସଲ ଆସ୍ଥାନ ଜମେଇଲାଣି । ଏଭଳି ସ୍ଥିତିରେ ଜନଜାତିଙ୍କ ପାରଂପରିକ ଶସ୍ୟ ଏବେ ସଂକଟଜନକ ପରିସ୍ଥିତିରେ । ଏଇକ୍ରମରେ ଏଭଳି ଶସ୍ୟକୁ ଜାଣିବା ଓ ଚିହ୍ନିବାର ଅବକାଶ

ରହିଛି । ହୁଏତ ବର୍ତ୍ତମାନର ପିଢି ଏମିତି କିଛି ଶସ୍ୟ ସଂପର୍କରେ ଜ୍ଞାତ ନଥିବେ।

ଆଦିବାସୀ ବହୁଳ ରାୟଗଡ ଜିଲ୍ଲାରେ ସଉରା ଓ କନ୍ଧ ସଂପ୍ରଦାୟର ଜନଜାତି ବହୁଳ ଭାବେ ବସବାସ କରନ୍ତି । ଏମାନଙ୍କୁ ବାଦ୍ ଦେଲେ ପରଜା, ପେଂଗୁ ପରଜା, ଝୋଡିଆ, ଜାତାପୁ ସମେତ ଡଂଗରିଆ କନ୍ଧ ଓ ଲାଂଜିଆ ସଉରା ଭଳି ବିରଳ ଜନଜାତିର ଲୋକେ ବସବାସ କରନ୍ତି । ଏମାନଙ୍କର ମୁଖ୍ୟ ଜୀବିକା ହେଲା କୃଷି । ଉଭୟ ଡଂଗର ଓ ସମତଳ ଅଂଚଳରେ ନିଜ ଜନବସତି ନିକଟରେ ପାରଂପରିକ ଚାଷବାସ କରନ୍ତି । ଏହାବ୍ୟତୀତ ନିଜ ଘରପାଖ ବାଡିରେ ପନିପରିବା ଲଗେଇଥାନ୍ତି ଜନଜାତିର ଲୋକେ । ଡଂଗର ପାହାଡର ଉତ୍ପାଦିତ ଶସ୍ୟ ସହ ବାଡିର ପନିପରିବାକୁ ନେଇ ବର୍ଷତମାମ୍ ଖୁସିରେ ଗୁଜୁରାଣ ମେଣ୍ଟାଇଥାନ୍ତି ସେମାନେ । ସମୟେ ସମୟେ ସେମାନେ ଜଂଗଲରୁ ସଂଗୃହୀତ ନାନା ଖାଦ୍ୟ ସାମଗ୍ରୀକୁ ମଧ୍ୟ ଖାଇଥାନ୍ତି । କନ୍ଧ ଜନଜାତିଙ୍କ ଦ୍ୱାରା ବ୍ୟବହୃତ ପ୍ରମୁଖ ଶସ୍ୟ ଓ ଖାଦ୍ୟ ସଂପର୍କରେ ଆସନ୍ତୁ ନଜର ପକେଇବା ।

**ସୁଆଁ :** କୁଭି ଭାଷାରେ ଏହାର ନାମ ହାଓଁ । ଏହା ମରୁଡି ପ୍ରତିରୋଧ ଉଦ୍ଭିଦ । ଏହା ଉଭୟ ପାହାଡିଆ ଅଂଚଳରେ ଏବଂ ପାହାଡର ପାଦ ଦେଶରେ ଚାଷ କରାଯାଏ । ଏହାର ଆକାର ମାଣ୍ଡିଆ ଭଳି ଛୋଟ ଓ ଗୋଲ । ରଂଗ ସବୁଜ । ଏଥିରୁ ଜନଜାତିର ଲୋକ ତା ଦେହରୁ ଚୋପା ଛଡାଇ ଜାଉ ଓ ଭାତ କରନ୍ତି । କେହି କେହି ସୁଆଁ ଲିଆ ମଧ୍ୟ କରି ସେଥିରେ ଗୁଡ ମିଶାଇ ଖଜା କରି ଖାଆନ୍ତି । ଏକର ପ୍ରତି ତିନି କୁଇଣ୍ଟାଲ ଉତ୍ପାଦନ ହୁଏ । କେଜି ୨୦ ରୁ ୨୫ ଟଙ୍କା ହୋଇଥାଏ । ସ୍ୱାସ୍ଥ୍ୟ ବୈଜ୍ଞାନିକ ଦୃଷ୍ଟିକୋଣରୁ ଏଥିରେ ପୁଷ୍ଟିସାର ୬୨ ପ୍ରତିଶତ, ଶ୍ୱେତସାର ୬୫.୫ ପ୍ରତିଶତ, ତନ୍ତୁ ପଦାର୍ଥ ୯.୮ ପ୍ରତିଶତ, ଅଂଗାରୀୟ ବସ୍ତୁ ୪.୪ ପ୍ରତିଶତ ଓ ଅନ୍ୟାନ୍ୟ ଭିଟାମିନ ୭ ପ୍ରତିଶତ ରହିଛି । ଏହି ଶସ୍ୟର ବିଶେଷତ୍ୱ ହେଲା ଏଥିରେ ଥିବା ପୁଷ୍ଟିସାରର ଶତକଡା ୪୦ ଭାଗ ଶରୀର ଗ୍ରହଣ କରିବାରେ ସକ୍ଷମ ହୋଇଥାଏ ।

**କୋଦ :** ଏହା ମଧ୍ୟ ଏକ ମରୁଡି ପ୍ରତିରୋଧ ଶସ୍ୟ । ଏହା ଉଭୟ ପାହାଡିଆ ଅଂଚଳରେ ଏବଂ ପାହାଡର ପାଦ ଦେଶରେ ଚାଷ କରାଯାଏ । ଆଦିବାସୀ ଭାଷାରେ ଏହାର ନାମ ବି କୋଦ । କୋଦ ଉପରୁ ଚୋପା ଛଡାଇ ଭାତ ଭଳି ପ୍ରସ୍ତୁତ କରନ୍ତି । ଏଥିରୁ ପତଳା ଜାଉ ବି ପ୍ରସ୍ତୁତ କରନ୍ତି ଜନଜାତିର ଲୋକେ । ଏଥିରେ ପୃଷ୍ଟିସାର ୮.୩ ପ୍ରତିଶତ, ଶ୍ୱେତସାର ୬୫ ପ୍ରତିଶତ, ସ୍ନେହସାର ୧.୪ ପ୍ରତିଶତ ଓ ଅଂଗାରୀୟ ବସ୍ତୁ ୨.୯ ପ୍ରତିଶତ ରହିଛି । ଏହି ଶସ୍ୟରୁ ପ୍ରସ୍ତୁତ ଭାତ କିମ୍ବା ଜାଉ ବହୁମୂତ୍ର ରୋଗୀମାନଙ୍କ ପାଇଁ ଉତ୍କୃଷ୍ଟ ଓ







ଉପାଦେୟ ଖାଦ୍ୟ ।

**କାଂଗୁ :** କୁଭି ଭାଷାରେ ଏହାର ନାମ କୁଆଁ । ଏହା ମଧ୍ୟ ଏକ ମରୁଡି ପ୍ରତିରୋଧ ଶସ୍ୟ । ଏହା ଉଭୟ ପାହାଡିଆ ଅଂଚଳରେ ଏବଂ ପାହାଡର ପାଦ ଦେଶରେ ଚାଷ କରାଯାଏ । ଅତି ଛୋଟ ଥାଏ । ଦେଖିବାକୁ ପୋସ୍ତକ ଭଳି ଲାଗେ । ଏହାର ଚାହିଦା ବେଶୀ । ଏଥିରେ ସ୍ୱାଦିଷ୍ଟ କ୍ଷିରୀ ଓ ବର୍ଫି ପ୍ରସ୍ତୁତ କରାଯାଏ । ଗୋଟିଏ ଗଛରୁ ପ୍ରାୟ ୨୦୦ ରୁ ୩୦୦ଗ୍ରାମ ଯାଏଁ ଉତ୍ପାଦନ ହୁଏ । ଏହାର କେଜି ପ୍ରତି ଦର ୩୦ରୁ ୫୦ ହୋଇଥାଏ ।

**ମାଣ୍ଡିଆ :** ଏହା ସମସ୍ତ ପାହାଡିଆ ଅଂଚଳରେ ଓ ସମତଳ ଅଂଚଳରେ ଚାଷ କରାଯାଏ । ଧାନ ବ୍ୟତୀତ ଜନଜାତିର ଲୋକେ ଏହାକୁ ବହୁଳ ଭାବରେ ଚାଷ କରନ୍ତି । କୁଭି ଭାଷାରେ ବି ଏହାର ନାମ ମାଣ୍ଡିଆ । ମାଣ୍ଡିଆକୁ ଗୁଣ୍ଡ କରି ପତଳା ଜାଉ, ପିଠା, ତମ୍ପା ପ୍ରସ୍ତୁତ କରି ଖାଆନ୍ତି । ଏଥିରେ ପୃଷ୍ଟିସାର ୯.୨ ପ୍ରତିଶତ, ଶ୍ୱେତସାର ୭୬.୩୨ ପ୍ରତିଶତ, ସ୍ନେହସାର ୧.୨୯ ପ୍ରତିଶତ, ଅଂଗାରୀୟ ବସ୍ତୁ ୩.୯ ପ୍ରତିଶତ କ୍ୟାଲ୍‌ସିୟମ୍ ୦.୩୩ ପ୍ରତିଶତ ଓ ଖଣିଜ ଲବଣ ୨.୨୪ ପ୍ରତିଶତ ରହିଛି । ଏହି ଶସ୍ୟରୁ ପ୍ରସ୍ତୁତ ଭାତ କିମ୍ବା ଜାଉ ବହୁମୂତ୍ର ରୋଗୀମାନଙ୍କ ପାଇଁ ଉତ୍କୃଷ୍ଟ ଓ ଉପାଦେୟ ଖାଦ୍ୟ । ବିଶେଷକରି ଗରମ ଦିନରେ ପେଟ ଥଣ୍ଡା ଲାଗି ସବୁ ବର୍ଗର ଲୋକେ ବ୍ୟବହାର କରନ୍ତି । ଜନଜାତିର ଲୋକ ଡଂଗରକୁ ଗଲାବେଳେ ସାଥୀରେ ମାଣ୍ଡିଆରୁ ପ୍ରସ୍ତୁତ ଜାଉକୁ ନେବାକୁ ଆଦୌ ଭୁଲି ନଥାନ୍ତି ।

**ଘାଂଟିଆ :** ଏହା ମୁଖ୍ୟତଃ ପାହାଡିଆ ଅଂଚଳରେ ଚାଷ କରାଯାଏ । ଧାନ ବ୍ୟତୀତ ରାୟଗଡା ଜିଲ୍ଲା ଗୁଣପୁର ଅଂଚଳର ଜନଜାତିର ଲୋକେ ଏହାକୁ ବହୁଳ ଭାବରେ ଚାଷ କରନ୍ତି । କୁଭି ଭାଷାରେ ଏହାର ନାମ କୁୟାଁ । ଏହା ଉପରୁ ଚୋପା ଛଡାଇ ଭାତ ପ୍ରସ୍ତୁତ କରାଯାଏ । ଗୁଣ୍ଡ କରି ପତଳା ଜାଉ, ପିଠା, ତମ୍ପା ଓ ରୁଟି ପ୍ରସ୍ତୁତ କରି ଖାଆନ୍ତି । ଏଥିରେ ପୁଷ୍ଟିସାର ୧୧.୬ ପ୍ରତିଶତ, ଶ୍ୱେତସାର ୬୭.୫ ପ୍ରତିଶତ, ସ୍ନେହସାର ୫ ପ୍ରତିଶତ ଓ ଅନ୍ୟାନ୍ୟ ଖଣିଜ ଲବଣ ୦.୯୩ ପ୍ରତିଶତ ରହିଛି ।

**ଜହ୍ନା:** କୁଭି ଭାଷାରେ ଏହାର ନାମ ଡିକି ଜହ୍ନା । ଏହା ଉଭୟ ପାହାଡିଆ ଅଂଚଳରେ ଓ ସମତଳ ଅଂଚଳରେ ଚାଷ କରାଯାଏ । ଧାନ ବ୍ୟତୀତ ଜନଜାତିର ଲୋକେ ଏହାକୁ ବହୁଳ ଭାବରେ ଚାଷ କରନ୍ତି । ବର୍ଷର ଦୁଇ ମାସ ଏହାକୁ ଖାଇ ପ୍ରାୟତଃ ଚଳିଥାନ୍ତି । ଏହାର ଆକାର ସାମାନ୍ୟ ବଡ । ଗୋଲ୍ ହୋଇ ଥାଏ । ଗୋଟିଏ ଗଛରେ ପ୍ରାୟ ଅଢେଇ ଶହ ଗ୍ରାମ ଯାଏଁ ଉତ୍ପାଦନ ହୁଏ ।

କେଜି ପ୍ରତି ଦର ମାତ୍ର ୨୦ । ଏହାକୁ ଭାତ ରୂପେ ଖିଆଯାଏ । ଏଥିସହ ଗୁଣ୍ଡ କରି ପତଳା ଜାଉ, ପିଠା, ତମ୍ପା ପ୍ରସ୍ତୁତ କରି ଖାଆନ୍ତି । ଏଥିରେ ପୁଷ୍ଟିସାର ୧୦.୧୨ ପ୍ରତିଶତ, ଶ୍ୱେତସାର ୭୦ ପ୍ରତିଶତ ଓ ସ୍ନେହସାର ୩ ପ୍ରତିଶତ ରହିଛି । ଏହାକୁ ଲିଆ କରାଯାଇ ଗୁଡରେ ମୁଆଁ ମଧ୍ୟ ପ୍ରସ୍ତୁତ କରାଯାଏ ।

**ଜଡା :** ଏହା ସାମାନ୍ୟ ଚେପ୍ଟା ଓ ଛୋଟ ଆକାରର । କୁଭି ଭାଷାରେ ଏହାର ନାମ କେଏଣିକା । ଏହାକୁ ଜନଜାତିର ଲୋକ ତେଲ ରୂପେ ବ୍ୟବହାର କରନ୍ତି । ବିଶେଷ କରି ପ୍ରସାଧାନ ଲାଗି ବ୍ୟବହାର କରନ୍ତି । ଗୋଟିଏ ଗଛରୁ ତିନିରୁ ଚାରି କେଜି ପର୍ଯ୍ୟନ୍ତ ବାହାରେ । କେଜି ପିଛା ଦର ୨୫ ରୁ ୩୦ ଟଙ୍କା ।

**ବଡ ସୁଆଁ :** କୁଭି ଭାଷାରେ ଏହାର ନାମ କାଜା ହାଓାଁ । ଏହା ସୁଆଁ ଠାରୁ ଟିକେ ବଡ । ରଂଗ ସବୁଜ । ଏଥିରୁ ଜନଜାତିର ଲୋକ ଜାଉ ଓ ଭାତ କରନ୍ତି । କେହି କେହି ସୁଆଁ ଲିଆ ମଧ୍ୟ କରି ସେଥିରେ ଗୁଡ ମିଶାଇ ଖଜା କରି ଖାଆନ୍ତି । ଏକର ପ୍ରତି ତିନି କୁଇଂଟାଲ ଉତ୍ପାଦନ ହୁଏ । କେଜି ୨୦ ରୁ ୨୫ ଟଙ୍କା ହୋଇଥାଏ ।

**କୋସଲା :** ଜନଜାତି ଭାଷାରେ ଏହାର ନାମ କହଡା । ଏହାର ଆକାର ଛୋଟ । ଏହାକୁ ଜାଉ କରି ଖାଆନ୍ତି । ନଚେତ ଭାତରେ ମିଶାଇ ଖାଇବାକୁ ପସନ୍ଦ କରନ୍ତି । ଗୋଟିଏ ଗଛରୁ କେଜି ପ୍ରତି ୨୫୦ ଗ୍ରାମ ଯାଏଁ ଉତ୍ପାଦନ ହୋଇଥାଏ ।

**କଟିଙ୍ଗ :** କୁଭି ଭାଷାରେ ଏହାର ନାମ ଡଂଗରଡି । ଏହା ଏକ ଡାଲି ଜାତୀୟ ଫସଲ । ପାହାଡିଆ ଅଂଚଳରେ ବିଶେଷ କରି ଚାଷ କରାଯାଏ । କଂଚା ସମୟରେ ଏହାର ଛୁଇଁକୁ ଶିଝାଇ ଖିଆଯାଏ । ଶୁଖିଲା ପରେ ଏହାର ବୀଜକୁ ତରକାରୀ ରୂପେ ବ୍ୟବହାର କରି ଥାଆନ୍ତି । ଏହି ଶସ୍ୟ ମୁଖ୍ୟତଃ ପୁଷ୍ଟିସାର ଜାତୀୟ । ତେବେ ଏହାର ପୌଷ୍ଟିକ ତତ୍ୱ ଜଣା ପଡିନି । ଏ ଦିଗରେ ଅଧିକ ଗବେଷଣା ଆବଶ୍ୟକ ।

**ଝୁଡୁଙ୍ଗ :** ଏହା ଏକ ଡାଲି ଜାତୀୟ ଫସଲ । ପାହାଡିଆ ଅଂଚଳରେ ଭଲ ଚାଷ ହୁଏ । ଏହାକୁ ମିଶ୍ରିତ ଫସଲରେ ବି ଚାଷ କରାଯାଇଥାଏ । କଂଚା ସମୟରେ ଏହାର ଛୁଇଁକୁ ଶିଝାଇ ଖିଆଯାଏ । ଶୁଖିଲା ପରେ ଏହାର ବୀଜକୁ ତରକାରୀ ରୂପେ ବ୍ୟବହାର କରି ଥାଆନ୍ତି । ଏହାକୁ ଖଣ୍ଡ କରି ଡାଲି ପ୍ରସ୍ତୁତ କରି ବି ଜନଜାତିର ଲୋକେ ଖାଇଥାନ୍ତି । ଓଡିଆଙ୍କ ପାରଂପରିକ ଖାଦ୍ୟ ପୁଳି, ଚକୁଳି ଇତ୍ୟାଦିରେ ବ୍ୟବହାର କରାଯାଇଥାଏ । ଏହି ଶସ୍ୟ ମୁଖ୍ୟତଃ ପୃଷ୍ଟିକର ଖାଦ୍ୟ ରୂପେ ଗଣାଯାଏ ।

**ବାଇଲ :** କୁଭି ଭାଷାରେ ଏହାର ନାମ ବାଲାଁ । ଶିମ୍ବ ଭଳି ଚେପ୍ଟା । ଶିମ୍ବ ପ୍ରଜାତିର ଗଛ । ଧଳା ରଂଗର ହୋଇଥାଏ । ଗୋଟିଏ ଗଛରୁ ୨ରୁ ପାଂଚ କେଜି ଯାଏଁ ଉତ୍ପାଦନ ହୋଇଥାଏ । ଏହାକୁ ଜନଜାତିର ଲୋକ ତରକାରୀ କରି ଖାଆନ୍ତି । ଅନ୍ୟପକ୍ଷରେ ଏହାକୁ କୁଟି ଖଣ୍ଡ ଖଣ୍ଡ କରି ଡାଲି ଭଳି ବି ଖାଇବାକୁ ପସନ୍ଦ କରନ୍ତି ।

**ଚେପ୍ଟା ଶିମ୍ବ :** ଜନଜାତି ଭାଷାରେ ଏହାର ନାମ ଟକା ବାଲାଁ ବା ହୁରୁଡିଁ । ଏହା ବି ଶିମ୍ବ ଭଳି ଚେପ୍ଟା । ଶିମ୍ବ ପ୍ରଜାତିର ଗଛ । ଧଳା ସହ ଲାଲ, ବାଇଗଣି ରଂଗର ହୋଇଥାଏ । ଗୋଟିଏ ଗଛରୁ ୨ରୁ ପାଂଚ କେଜି ଯାଏଁ ଉତ୍ପାଦନ ହୋଇଥାଏ । ଏହାକୁ ଜନଜାତିର ଲୋକ ତରକାରୀ କରି ଖାଆନ୍ତି । ଅନ୍ୟପକ୍ଷରେ ଏହାକୁ କୁଟି ଖଣ୍ଡ ଖଣ୍ଡ କରି ଡାଲି ଭଳି ବି ଖାଇବାକୁ ପସନ୍ଦ କରନ୍ତି ।

**କାନ୍ଦୁଲ :** ଜନଜାତିର ମୁଖ୍ୟ ଡାଲି ଜାତୀୟ ଫସଲ । ଏହାକୁ କୁଭି ଭାଷାରେ କାଙ୍ଗା କୁହାଯାଏ । ଏହା ତିନି କିସମର ହୋଇଥାଏ । ଆକାର ଭିତ୍ତିରେ ଛୋଟ, ମଧ୍ୟମ ଓ ବଡ କାନ୍ଦୁଲ ନାମରେ ପରିଚିତ । ଛୋଟ କାନ୍ଦୁଲ ମୁଖ୍ୟତଃ ଡାଲି ଭାବେ ବ୍ୟବହାର କରାଯାଏ । ଏହାର ରଂଗ ମୁଖ୍ୟତଃ ନାଲି ବା କମଳା ରଂଗ । ମଧ୍ୟମ ବା ମଝିଆ କାନ୍ଦୁଲକୁ ବହୁଳ ଭାବେ ଉଭୟ ଜନଜାତି ଓ ସାଧାରଣ ବର୍ଗର ଲୋକେ ଡାଲି ଭାବେ ବର୍ଷସାରା ବ୍ୟବହାର କରିଥାନ୍ତି । ବଡ କାନ୍ଦୁଲର ଆକାର ଅପେକ୍ଷାକୃତ ବଡ । ଏହାକୁ କଂଚାରେ ଶିଝାଇ ଖିଆଯାଇଥାଏ । ପାଚିଲେ ଏହାକୁ ଉଭୟ ଡାଲି ଓ ତରକାରୀରେ ପକାଇ ଖାଇବାକୁ ଜନଜାତିର ଲୋକ ପସନ୍ଦ କରନ୍ତି । ମଝିଆ କାନ୍ଦୁଲ ଓ ବଡ କାନ୍ଦୁଲର ରଂଗ ଏକାଧିକ ପ୍ରକାରର ହୋଇଥାଏ । ମୁଖ୍ୟତଃ ଧଳା ଓ ନାଲିର ଅଧିକ ମାତ୍ରାରେ ଅମଳ ହୋଇଥାଏ ।


JADA



ସଲପ ମଂଜି

**ମକା :** ଜନଜାତି ଲୋକଙ୍କ ଆଉ ଏକ ପ୍ରମୁଖ ଫସଲ ହେଉଛି ମକା । କୁଭି ଭାଷାରେ ଏହାର ନାମ ଡେଣ୍ଡା ଜହ୍ନା । ଉଭୟ ପାହାଡ ଓ ସମତଳ ଜମିରେ ଚାଷ କରାଯାଏ । ବର୍ଷା ସରିବା ପୂର୍ବରୁ ଏହା ଅମଳ ହୋଇ ସାରିଥାଏ । ଏହାକୁ ପୋଡି, ଶିଝେଇ ସିଧା ତାକୁ ଖାଇଥାନ୍ତି । ଅପରପକ୍ଷେ ଏହାର ମଂଜିକୁ ଛଡେଇ ଜାଉ କରି ବି ଜନଜାତିର ଲୋକ ଖାଆନ୍ତି । ସେହିପରି ପାଚିଲେ ଏହାକୁ ସାଇତି ରଖି ଚୁନା କରି ବିଭିନ୍ନ ସମୟରେ ବ୍ୟବହାର କରନ୍ତି । ସାଧାରଣରେ ବି ଏହାର ଚାହିଦା ଢେର୍ ଅଧିକ ।

**କୋଳଥ :** କୁଭି ଭାଷାରେ ଏହାର ନାମ କଡତାଁ । ଏହା ପାହାଡର ପାଦ ଦେଶରେ କିମ୍ବା ସମତଳ ଅଂଚଳରେ ଚାଷ କରାଯାଏ । ଏହା ଚେପ୍‌ଟା ଓ ଛୋଟ । ରଂଗ ଖଇରିଆ । ଏହାକୁ ଡାଲି ରୂପେ ଜନଜାତିର ଲୋକ ବ୍ୟବହାର କରୁଥିବାବେଳେ କେବେ କେବେ କୋଳଥରେ ତରକାରୀ କରି ବି ଖାଆନ୍ତି । ଏହାକୁ ସିଝାଇ ଗୋଖାଦ୍ୟ ରୂପେ ବ୍ୟବହାର କରାଯାଇଥାଏ । ଏଥିରେ ପୃଷ୍ଟିସାର ୧୯.୦ ପ୍ରତିଶତ, ଶ୍ୱେତସାର ୫୬.୦୦ ପ୍ରତିଶତ, ସ୍ନେହସାର ୧.୬ ପ୍ରତିଶତ ଓ ଅନ୍ୟାନ୍ୟ ଭିଟାମିନ ୦.୫୬ ପ୍ରତିଶତ ରହିଛି ।

**ଅଳସୀ :** ଏହାର ଆକାର ସରୁ ଓ ଛୋଟ । ଏହାର ଫୁଲ ହଳଦିଆ । ଏହା ପାହାଡିଆ ଜମିରେ ଚାଷ କରାଯାଏ । ଶୀତ ଦିନରେ ହଳଦୀ ରଂଗର ଅଳସୀ କ୍ଷେତ ମଣିଷକୁ ଭାବୁକ କରାଏ । ସୌନ୍ଦର୍ଯ୍ୟରେ ପଥ ହୁଡିବାକୁ ବିବଶ କରାଏ । ଅଳସୀ ଅମଳ ପରେ ତାକୁ ତେଲ ବାହାର କରାଯାଏ । ବର୍ଷ ତମାମ୍ ଖାଇବାରେ ବ୍ୟବହାର କରାଯାଏ । କେବେ କେବେ ଅଳସୀରୁ ମଧ୍ୟ ଜନଜାତିର ଲୋକେ ଖାଦ୍ୟ ପ୍ରସ୍ତୁତ କରିଥାନ୍ତି ।

**ଖଣ୍ଡ ଧାନ :** କୁଭି ଭାଷାରେ ଏହାର ନାମ କଣ୍ଡା କୁଲିଙ୍ଗ । ରଂଗ ଲାଲ ଥାଏ । ଖାଇବାକୁ ମିଠା । ଖିରି ଆଦି କରି ଖାଆନ୍ତି । ଏହା ଢିପ ଜମିରେ ହୋଇଥାଏ । ଅଳ୍ପ ପାଣିରେ କମ୍ ଦିନରେ ଧାନ ପାଚି ଯାଇଥାଏ । ତଳ ଜମିର ଧାନ ହେବା ପୂର୍ବରୁ ଏହା ଅମଳ ହେଉଥିବାରୁ ଖାଇବା ଲାଗି ଆଦିବାସୀଙ୍କୁ ସୁବିଧା ହୋଇଥାଏ ।

**କଳା ଧାନ :** କୁଭି ଭାଷାରେ ଏହାର ନାମ ପର କୁଲିଂ । ରଂଗ କଳା ହୋଇଥାଏ । ଏହା ବି ଢିପ ଜମିରେ କମ୍ ଅବଧି ମଧ୍ୟରେ ଅମଳ ହୋଇଥାଏ ।

ଏସବୁ ଖାଦ୍ୟ ସାମଗ୍ରୀକୁ ନେଇ ଜନଜାତିର ଲୋକ ବିଭିନ୍ନ ପ୍ରକାରର ପାରଂପରିକ ଖାଦ୍ୟ ପ୍ରସ୍ତୁତ କରିଥାନ୍ତି । ସେସବୁ ବର୍ଷର ବିଭିନ୍ନ ସମୟରେ ଖାଇଥାନ୍ତି । କିଛି ଖାଦ୍ୟ ବିଶେଷ ଉତ୍ସବରେ ପ୍ରସ୍ତୁତ କରାଯାଇଥାଏ ।

**ଜାଉ :** ଜାଉ ଶସ୍ୟରେ ପ୍ରସ୍ତୁତ ଏକ ଅର୍ଦ୍ଧ ତରଳ ପଦାର୍ଥ । ଗୁଣ୍ଡ ଚାଉଳକୁ ଅଧିକା ପାଣି ଦେଇ ସେଥିରେ ଲୁଣ ଓ ତୋରାଣୀ ସହ ପ୍ରସ୍ତୁତ କରାଯାଏ । କ୍ଷିରୀ ଭଳି ଅର୍ଦ୍ଧ ତରଳ ଅବସ୍ଥାରେ ପରଷା ଯାଏ । ଏହା ବ୍ୟତୀତ ଜନଜାତିର ଲୋକେ ମାଣ୍ଡିଆ ଚୂନା, ଜହ୍ନା, କାଂଗୁ, କୋସଲା, ସୁଆଁ, ସଲପ ମଂଜି, ମକାରୁ ବି ଜାଉ ପ୍ରସ୍ତୁତ କରି ଖାଇଥାନ୍ତି ।



ମାଣ୍ଡିଆ



**ଅଣ୍ଡା ବା ଭାତ :** ଚାଉଳରେ ସାଧାରଣତଃ ଭାତ ପ୍ରସ୍ତୁତ ହୋଇଥାଏ। ଏହାଛଡା ଜନଜାତିର ଲୋକେ ମାଣ୍ଡିଆ ଚୁନା, ଜହ୍ନା, କାଂଗୁ, କୋସ୍‌ଲା, ସୁଆଁ, ମକାରୁ ମଧ୍ୟ ଏକ ପ୍ରକାର ଭାତ ପ୍ରସ୍ତୁତ କରି ଖାଇଥାନ୍ତି ।

**ହମ୍ଯା ବା ଖେଚୁଡି :** ଜନଜାତିର ଲୋକେ ମୁଖ୍ୟତଃ ଜାନୁଆରୀ ମାସରେ ବହଲଣୀ ପରବ ପାଳନ ବେଳେ ସ୍ୱତନ୍ତ୍ର ଭାବେ ଏହାକୁ ପ୍ରସ୍ତୁତ କରିଥାନ୍ତି । ସେତେବେଳେକୁ ସବୁ ଖାଦ୍ୟଶସ୍ୟର ଅମଳ ହୋଇ ସାରିଥାଏ । ତେଣୁ ତାକୁ ପାରଂପରିକ ଭାବେ ଠାକୁରଙ୍କୁ ପ୍ରଥମେ ଅର୍ପଣ କରି ପରେ ସେମାନେ ଖାଇଥାନ୍ତି । ଏଇ କାରଣରୁ ସେମାନେ ଏହି ସମୟରେ ନୂଆ ଚାଉଳ ସହ କାନ୍ଦୁଲ, ଶିମ୍ବ, କଟିଂ, ବାଇଲ, ଝୁଡୁଙ୍ଗକୁ ମିଶାଇ ଖେଚୁଡି ପ୍ରସ୍ତୁତ କରନ୍ତି । ଏହା ଖୁବ୍ ସ୍ୱାଦିଷ୍ଟ ହୋଇଥାଏ । ଏହାକୁ ହମ୍ଯା ବୋଲି ସେମାନେ କହିଥାନ୍ତି ।

**ହପାଂକୁଚା :** ନୂଆଖିଆ ବେଳେ ଏଇ ପ୍ରକାରର ଖାଦ୍ୟ ପ୍ରସ୍ତୁତ କରାଯାଏ। ସାରୁପତ୍ରରେ ଶିମ୍ବ, କାନ୍ଦୁଲ ଡାଲି ମିଶାଇ ଶିଝାଯାଏ । ସେଥିରେ ନୂଆ ତେନ୍ତୁଳି ଓ ଗୁଡ ମିଶେଇ ଆମ୍ବିଳ ଭଳି ଏକପ୍ରକାର ଖାଦ୍ୟ ପ୍ରସ୍ତୁତ କରାଯାଏ । ଏହାର ସ୍ୱାଦ ନିଆରା ।

**ରାତା ଅଣ୍ଡା :** ବାହୁଡାଯାତ୍ରା ବେଳେ ନୂଆ କଳସରେ ଭାତ ସହ ଆଳୁ ଓ ଶୁଖୁଆର ତରକାରୀ ପ୍ରସ୍ତୁତ ହୁଏ । ତା ସହ କାନ୍ଦୁଲ କିମ୍ବା କଟିଂର ଡାଲି ପ୍ରସ୍ତୁତ କରାଯାଏ । ସେଇ ଖାଦ୍ୟକୁ ଏକ ସରଗି କିମ୍ବା ଶିଆଳି ପତ୍ରରେ ପ୍ରସ୍ତୁତ ଠୋଲାରେ ପରଷା ଯାଇ ନିଜ ନିଜ ବିଲରେ ନିୟୋଜିତ ବଳଦକୁ ଖାଇବାକୁ ଦିଆଯାଏ । ପରେ ଜମିରେ କାମ କରୁଥିବା ସମସ୍ତେ ରୋଷେଇ ହୋଇଥିବା ରାତା ଅଣ୍ଡାକୁ ଖାଇଥାନ୍ତି ।

**ମାକିନ :** ଛତୁକୁ ଲୁଣ, ଲଙ୍କା, ହଳଦୀ, ପିଆଜ ଦେଇ ସିଆଳି ପତ୍ରରେ ବାନ୍ଧି ପୁଡିଆ କରିବେ । ତାକୁ ନିଆଁରେ ପକାଇ ପୋଡିବେ । ପୋଡିଲା ପରେ ସିଝା ଛତୁକୁ ଭାତ କିମ୍ବା ଜାଉ ସହ ଖାଆନ୍ତି । ଏହା ଖୁବ୍ ସ୍ୱାଦିଷ୍ଟ ହୋଇଥାଏ ଏବଂ ତେଲ ମସଲା ବିହୀନ ହୋଇ ଥିବାରୁ ଦେହ ପକ୍ଷେ ବି ହିତକାରକ ।

**ଡୁଣ୍ଡି :** ଅଳସୀକୁ ଭାଜି ଗୁଣ୍ଡ କରାଯାଏ । ସେଥିରେ ସ୍ୱାଦ ଅନୁସାରେ ଲୁଣ ଓ ତୋରାଣୀ ଦେଇ ଜାଉ ପ୍ରସ୍ତୁତ କରାଯାଏ । ଏହା ସହ ଲୁଣ ଲଙ୍କା ପିଆଜ ରଶୁଣ ଦଳି ଖାଇଥାନ୍ତି ।

**ହାରଆ :** ଅଳସୀ କିମ୍ବା ମାଣ୍ଡିଆ ଚୂନାକୁ ନେଇ କମ୍ ପାଣିରେ ଗୋଳି ବହଳିଆ ଆଣ ପ୍ରସ୍ତୁତ କରାଯାଏ । ସେଥିରେ ଗୁଡ କିମ୍ବା ଚିନି ମିଶାଇ ପିଠା କରାଯାଏ । ଏହାକୁ ଜନଜାତିର ଲୋକେ ବହୁଳ ଭାବେ ବ୍ୟବହାର କରିଥାନ୍ତି । ବିଶେଷକରି ପର୍ବପର୍ବାଣୀରେ ଏହି ଖାଦ୍ୟ ପ୍ରସ୍ତୁତ ହୋଇଥାଏ ।

**ମାଣ୍ଡୁ :** ମାଣ୍ଡିଆ ଚୁନାକୁ ପାଣିରେ ଫୁଟାଇ ଗୋଳାଇ ଦିଆଯାଏ । ସେଥିରେ ଲୁଣ ପକାଇ ସାମାନ୍ୟ ବହଳ କରାଯାଏ । ଏହାକୁ ଥାଳିରେ ଗରମ ଗରମ ଖିଆଯାଏ ।

**ଟାକୁ ଜୁରୁଂ :** ଆମ୍ବ ଟାକୁଆରୁ କୋଇଲି ବାହାର କରି ତାକୁ ଶୁଖାଯାଏ । ଶୁଖିଗଲା ପରେ ତାକୁ କୁଟାଯାଏ । କୁଟା ହୋଇଥିବା ଅଂଶକୁ ଏକ କପଡାରେ ବାନ୍ଧି ପ୍ରବାହିତ ପାଣିରେ ପଥର ଚାପି ଦିନେ ଦୁଇ ଦିନ ରଖାଯାଏ । ସେଥିର କଷା ଅଂଶ ଚାଲିଗଲେ ତାକୁ ଶୁଖାଇ ସାଇତି ରଖାଯାଏ । ଏହାକୁ ଆବଶ୍ୟକ ସ୍ଥଳେ ଜାଉ କରି ପିଆଯାଏ ।

**ଲେଲି ଆମ୍ବୁଡି :** ତେନ୍ତୁଳି ରସ ସହ ମାଣ୍ଡିଆ ଚୁନା ଗୋଳେଇ ଦିଆଯାଏ । ସେଥିରେ କାନ୍ଦୁଲ ପକାଇ ସିଝାଯାଏ । ଆବଶ୍ୟକତା ଅନୁସାରେ ଲୁଣ ପକାଯାଏ । ଏହାକୁ ଗରମ ଗରମ ଭାତ ସହ ଲଗାଇ ଖିଆଯାଏ । କେତେକ କ୍ଷେତ୍ରରେ



ସେମିତି ବି ଖିଆ ଯାଇଥାଏ ।

**ଉପାନା :** କାଠି ଝୁଡୁଙ୍ଗକୁ ଚୋପା ସହ ଲୁଣ ପକାଇ ସିଝାଯାଏ । ସିଝିଗଲା ପରେ ଝୁଡୁଙ୍ଗର ଚୋପାକୁ ଛଡାଇ ଭିତରର ଶିଝା ମଂଜିକୁ ଖିଆଯାଏ ।

**ହିଚୁତା ହୁଡାନା** : ଗୋଟିଏ ପଟ ମୁହଁ ଖୋଲା ଫମ୍ପା ବାଉଁଶର ନଳ ଭିତରେ ମାଂସ ସହ ମରିଚ, ହଳଦି, ପିଆଜ, ଲୁଣ ଗୋଳାଇ ରଖାଯାଏ । ବାଉଁଶର ଖୋଲା ମୁହଁକୁ ମାଟି ଲେସି ସେଇ ବାଉଁଶକୁ ନିଆଁରେ ପକାଇ ପୋଡାଯାଏ । କଂଚା ବାଉଁଶ ପୋଡଗଲେ ମାଟିକୁ ଖୋଲି ଭିତରର ଶିଝା ମାଂସ ବାହାର କରି ଖିଆଯାଏ ।

**ମୋହଇର୍କା:** ଆମ୍ବ ଭଳି ବଡ ବଡ ଗଛରେ ପିମ୍ପୁଡି ଜାତୀତ ଏକ ଛୋଟ ଜୀବ ଦଳବଦ୍ଧ ଭାବେ ରହନ୍ତି । ନାଲିରଂଗର ଏଇ ଜୀବକୁ କାଇ ବୋଲି କୁହାଯାଏ । ଏହାକୁ ସଂଗ୍ରହ କରି ଲୁଣ, ଲଙ୍କା ପକାଇ ସିଆଳି କିମ୍ବା ସରଗି ପତ୍ରରେ ପୁଡିଆ ବନ୍ଧାଯାଇ ନିଆଁରେ ପୋଡି ଦିଆଯାଏ । ଶିଝି ଯାଇଥିବା କାଇକୁ ଭାତ କିମ୍ବା ଜାଉ ସହ ଖିଆଯାଏ । ଏହା ଏକ ଋତୁଜାତୀୟ ଖାଦ୍ୟ । ସବୁବେଳେ ମିଳିବା ସହଜ ନୁହେଁ । ସେଥିପାଇଁ ଜନଜାତି ଲୋକଙ୍କ ପାଇଁ ଏହାର ଚାହିଦା ଅଧିକ ।

**ମୋହଇର୍କା ଆମ୍ବୁଡି :** କାଇଗୁଡିକୁ ସଂଗ୍ରହ କରି ପ୍ରଥମେ କଡେଇରେ ଭଜାଯାଏ । ସେଥିରେ ପାଣିଦେଇ ତେନ୍ତୁଳି କି ଆମ୍ବୁଲ ପକାଇ ଆମ୍ବିଳ କରାଯାଏ । ଆବଶ୍ୟକ ଅନୁସାରେ ଲଙ୍କା ଓ ଲୁଣ ପକାଯାଏ । ଶିଝିଗଲା ପରେ ତାକୁ ଭାତ ସହ ଲଗାଇ ଖିଆଯାଏ ।

**ଲେଲିପାଣିକା ଜୁରୁଂ :** ତେନ୍ତୁଳିରୁ ମଂଜି ସଂଗ୍ରହ କରି ତାକୁ କଡେଇରେ ଭଜା ଯାଏ । ଥଣ୍ଡା ହେଲା ପରେ ତାକୁ ସାମାନ୍ୟ କୁଟି ତା ଉପରର ନାଲି ଅଂଶକୁ ବାହାର କରାଯାଏ । ପରେ ଧଳା ଅଂଶକୁ ଗୁଣ୍ଡ କରାଯାଏ । ସେଥିରେ ଜାଉ ପ୍ରସ୍ତୁତ କରି ଖିଆଯାଏ । ଏହାର ଖାଇବା ପ୍ରାୟତଃ କମି ଆସିଲାଣି । ତେନ୍ତୁଳି ମଂଜିରୁ ଅଠା ପ୍ରସ୍ତୁତ କରିବା କିମ୍ବା ଜମିରେ ପ୍ରାକୃତିକ ଖତ ଲାଗି ମଧ୍ୟ ବିଂଚି ଦିଆଯାଏ ।

**ହେକା ଜୁରୁଂ:** ସଲପ ଗଛର ଅଗ୍ରଭାଗରେ ଝୁଲୁଥିବା ଫୁଲକୁ ଭାଂଗି ଅଣାଯାଏ । ସେଥିରେ ଥିବା ମଂଜିକୁ ସଂଗ୍ରହ କରାଯାଏ । ତାକୁ ଜାଉ କରି ଖିଆଯାଏ । ଏହାକୁ ହେକା ଜୁରୁଂ କୁହାଯାଏ ।

**ଅରଲି ଡଂଗା :** ବିଲ ହିଡରେ ଗାତ କରି ରହିଥିବା ମୂଷାକୁ ହିଡ ତାଡି ବାହାର କରାଯାଏ । ତାକୁ ଆଣିବା ପରେ ଜଡା ପତ୍ରରେ ଲୁଣ, ଲଙ୍କା ଦେଇ ପୁଡିଆ ବାନ୍ଧି ନିଆଁରେ ପୋଡାଯାଏ । ପୋଡିଗଲା ପରେ ସେ ପୋଡା ମାଂସକୁ ଖିଆଯାଏ । ଏହା ମୁଖ୍ୟତଃ ଚାଷବାସ ସରିବା ପରେ ଖାଲି ଥିବା ଜମିରେ ଗାତ ଖୋଜି ଦଳଗତ ଭାବେ ମୂଷାକୁ ଧରନ୍ତି । ପୋଡି ସମବେତ ହୋଇ ଏକତ୍ର ମଦ ସହ ତାକୁ ଖାଇବାର ମଜା ନେଇଥାନ୍ତି ।

**ରାଚୁ ଡଂଗା :** ଏହା ଯଦିଓ ସମସ୍ତେ ଖାଆନ୍ତି ନାହିଁ । ତଥାପି ଢମଣା ସାପ ଓ ନାଗ ସାପର ମାଂସକୁ ପୋଡି ଖିଆଯାଏ । ଏହାଦ୍ୱାରା ଦେହ ଭଲ ରହେ ବୋଲି ଜନଜାତିଙ୍କ ବିଶ୍ୱାସ ରହିଛି ।

**କୋଡିଗି ହେର୍କା :** ବର୍ଷା ଦିନେ ବାଉଁଶର ଗଜାରୁ ପ୍ରସ୍ତୁତ କରଡିକୁ କାଟି ରାତି ତମାମ୍ ଭିଜେଇ ଜାଉ କିମ୍ବା ତରକାରୀ କରି ଖାଆନ୍ତି । ଏମିତିକି ଏହାକୁ ଶୁଖେଇ ବର୍ଷସାରା ତରକାରୀରେ ପକାଇ ଜନଜାତିର ଲୋକେ ଖାଆନ୍ତି । କେବଳ ଜନଜାତି କାହିଁକି ସାଧାରଣ ଲୋକେ ବି ଏଇ ଋତୁକାଳୀନ ଖାଦ୍ୟକୁ ଖାଇଥାନ୍ତି । ବିଶେଷକରି ପଶ୍ଚିମ ଓଡିଶାରେ ଶୁଖିଲା କରଡିର ଚାହିଦା ବି ବେଶୀ

ଏହା ଛଡା ଜନଜାତିର ଲୋକ ଝରଣା ଓ ଗାଡିଆରୁ ମାଛମାରି ଓ ମାଛ ଶୁଖାଇ ଶୁଖୁଆକୁ ବର୍ଷସାରା ବ୍ୟବହାର କରିଥାନ୍ତି । ସେହିପରି ମାଂସକୁ ଶୁଖାଇ



ବି ବର୍ଷସାରା ଖାଇଥାନ୍ତି । କନ୍ଦା ଜାତୀୟ ଖାଦ୍ୟ ଓଲୁଅ, କୁଜିସାରୁ, ପିତଳ କନ୍ଦା, ଖମ୍ବଆଳୁକୁ ମାଟି ତଳୁ ଖୋଳି ବାହାର କରି ସିଝେଇ ଖାଇଥାନ୍ତି । ଏହାକୁ ତରକାରୀ କରି ମଧ୍ୟ ଖାଇଥାନ୍ତି । ତେନ୍ତୁଳି ମଂଜି ବାହାର କରି ଖଟା ପାଣି ଭାବେ ବ୍ୟବହାର କରନ୍ତି । ଏହାଛଡା ଆମ୍ବିଳ ବେଳେ ଏହାକୁ ତରକାରୀରେ ବ୍ୟବହାର କରନ୍ତି । ସେହିପରି ଆମ୍ବରୁ ଆମ୍ବୁଲ ପ୍ରସ୍ତୁତ କରି ଭାତରେ ଗୋଳେଇ ଖାଇବା ଲାଗି ଖଟା ପାଣି ବା ଚାରୁ ପ୍ରସ୍ତୁତ କରି ଖାଆନ୍ତି । ତରକାରୀ, ଆମ୍ବିଳରେ ବି ବ୍ୟହାର କରନ୍ତି । ପାଚିଲା ଆମ୍ବ ରସରୁ ଆମ୍ବସଢା ଓ ତାର ଚୋପାରୁ ଚଂପେଇତ ପ୍ରସ୍ତୁତ କରି ସାଇତି ରଖନ୍ତି । ଏଥିରେ ଗୁଡ ଓ ଲଙ୍କା ମିଶେଇ ଆଚାର ଭଳି ସାଇତି ରଖି ବର୍ଷସାରା ଖାଇଥାନ୍ତି । ଏହା ସାଧାରଣ ଲୋକଙ୍କର ବି ପ୍ରିୟ ଖାଦ୍ୟ ବୋଲି ଧରାଯାଏ । ଏହାଛଡା ମହୁଲକୁ ମଦ ପ୍ରସ୍ତୁତ କରିବାରେ ସେମାନେ ବ୍ୟବହାର କରିଥାନ୍ତି । ମହୁଲରୁ ପିଠା ବି ପ୍ରସ୍ତୁତ କରନ୍ତି । ମହୁଲ ପରେ ଗଛରେ ଆସିଥିବା ଟୋଲ ଫଳକୁ ତରକାରୀ କରି ଖିଆଯାଏ । ତା ଭିତରେ ଥିବା ମଂଜିକୁ ପେଷି ଖାଇବା ତେଲ ରୂପେ ବର୍ଷସାରା ବ୍ୟବହାର କରନ୍ତି । ସେହିପରି ଅଳସୀ, ରାଶି, ସୋରିଷ ଆଦିକୁ ମଧ୍ୟ ତେଲ ରୂପେ ବ୍ୟବହାର କରିଥାନ୍ତି । କନ୍ଧ ଜନଜାତିର ଲୋକେ ବିଭିନ୍ନ ଶସ୍ୟରେ ପ୍ରସ୍ତୁତ ଭାତ ଓ ଜାଉକୁ ନେଇ ଲନ୍ଦା ଭାବେ ସ୍ୱତନ୍ତ୍ର ପାନୀୟ ପ୍ରସ୍ତୁତ କରିଥାନ୍ତି । ଏହାକୁ ବିଭିନ୍ନ ପର୍ବପର୍ବାଣୀରେ ପାନୀୟ ରୂପେ ବ୍ୟବହାର କରିଥାନ୍ତି । ସଲପ ଓ ଖଜୁରୀ ରସକୁ ପାନୀୟ ରୂପେ ବ୍ୟବହାର କରିଥାନ୍ତି । ଡଂଗରିଆ କନ୍ଧ ଓ ଲାଂଜିଆ ସଉରାମାନେ ସପୁରୀ, ପଣସ, କମଳା, ଲେମ୍ବୁ, ଅଦା, ଗୋଲମରିଚ, ହଳଦୀ ଭଳି ଫସଲ ବି ଉତ୍ପାଦନ କରିଥାନ୍ତି । ସରଗି ପତ୍ରରେ ଧୂଆଁପତ୍ରକୁ କାହାଳୀ ଭାବେ ଗୋଡାଇ ସୁଟା ତିଆରି କରନ୍ତି । ସେଥିରେ ନିଆଁ ଲଗାଇ ଧୂଆଁପତ୍ରର ମାଦକତାକୁ ଶ୍ରମ ଲାଘବ ଲାଗି ବ୍ୟବହାର କରିଥାନ୍ତି ।

ଏବେବି କନ୍ଧ ଜନଜାତିର ବହୁଲୋକେ ଯାନ୍ତ୍ରିକ ସଭ୍ୟତା ଠାରୁ ବହୁ ଦୂରରେ । ଘରେ ଏବେ ବି ରହିଛି କୁଟୁଣି ଓ ଢିଙ୍କି । ଏଥିରେ ଶସ୍ୟକୁ କୁଟି ଚୋପା ବାହାର କରି ଖାଇବା ଲାଗି ଖାଦ୍ୟ ଶସ୍ୟକୁ ପ୍ରସ୍ତୁତ କରନ୍ତି । ପଥରର ଘୋରଣା ବା ଚକି ଓ ଶିଳରେ ଶସ୍ୟକୁ ଚୂନା କରନ୍ତି ବା ବେସର ବାଟିଥାନ୍ତି । କୁଟୁଣୀ ଜନଜାତି ଲୋକଙ୍କ ନିଷ୍ପତ୍ତିର କାରକ ବି ହୋଇଥାଏ । ଏହାର ଗାତରେ ମଦ ରଖି ବାହାଘର ପ୍ରସ୍ତାବ ସଂପର୍କରେ ଆଲୋଚନା କରିଥାନ୍ତି । କନ୍ୟାପକ୍ଷ କୁଟୁଣୀରେ ରଖା ଯାଇଥିବା ମଦ କଳସକୁ ଗ୍ରହଣ କଲେ କନ୍ୟା ଦେବାକୁ ସମ୍ମତି ହେଲା ବୋଲି ଧରି ନିଆଯାଇଥାଏ । ତାପରେ ଝୋଲା କଥା ତୁଟିଥାଏ ।

ଅପରପକ୍ଷେ ଉତ୍ପାଦିତ ଶସ୍ୟକୁ କନ୍ଧ ଜନଜାତିର ଲୋକ ନିଜର ଛୋଟିଆ ଘରେ ସଂରକ୍ଷଣ ଲାଗି ବିବିଧ ପଦକ୍ଷେପ ଗ୍ରହଣ କରିଥାନ୍ତି । ପାଳରେ ପ୍ରସ୍ତୁତ ଦଉଡିରେ ଗୋଲାକାର ପୋଡଗ କରାଯାଏ । ପୋଡଗର ଭିତରେ ଶସ୍ୟ ରଖି ତାର ମୁହଁକୁ ନିବୁଜ କରିଥାନ୍ତି । ବିହନ ସଂରକ୍ଷଣ ଲାଗି ଲାଉ ତୁମ୍ବା, ବାଉଁଶ ଓ ପତ୍ରରେ ତିଆରି ଟୋକେଇରେ ରଖି ତାକୁ ଉପରେ ମାଟି ଲେସି ସାଇତି ରଖନ୍ତି ।

ପ୍ରକୃତି କୋଳରେ ବସବାସ କରୁଥିବା ଜନଜାତିର ଲୋକେ ପ୍ରାକୃତିକ ଉପାୟରେ ବଂଚିବାକୁ ଅଧିକ ପସନ୍ଦ କରନ୍ତି । ସେଥିପାଇଁ ନିଜ ଜୀବନଶୈଳୀରେ ପାରଂପରିକ ପଦ୍ଧତିକୁ ଆପଣେଇଥାନ୍ତି । ପ୍ରକୃତି ଉପରେ ବିଶେଷ ନିର୍ଭରଶୀଳ ହୋଇଥାନ୍ତି । ଜନଜାତି ଲୋକଙ୍କ ବହୁ ଖାଦ୍ୟ, ବ୍ୟବହାର, ପରଂପରା ସଦାକାଳେ ଅନ୍ୟଲୋକଙ୍କୁ ପ୍ରଲୁବ୍ଧ କରିଛି ଓ ଆଗାମୀ ଦିନରେ ବି ସେମାନଙ୍କର ନିରଳସ ଜୀବନଜୀବିକା ସମସ୍ତଙ୍କୁ ପ୍ରେରଣା ଯୋଗାଇବ ନିଶ୍ଚିତ ।



# ଘଣ୍ଟଘଣ୍ଟାର ଘଣ୍ଟେଶ୍ୱରୀ






**କନ୍ଦର୍ପ ବେହେରା**

କବି କୁଟୀର, ସା/ପୋ : ଡଇଁଚା , ଭାୟା :
ରେଢାଖୋଲ, ଜିଲ୍ଲା : ସମ୍ବଲପୁର
ପିନ୍-୭୬୮୧୦୬
ଫୋନ : ୭୦୭୭୫୭୯୩୧୭

ଫଟୋ ସୌଜନ୍ୟ : ଲେଖକ




▶ ଲେଖକ କନ୍ଦର୍ପ ବେହେରା

# ଘଣ୍ଟେଶ୍ୱର

ପଶ୍ଚିମ ଓଡିଶାରେ ଯେତେଗୁଡିଏ ପୀଠ ରହିଛି ତନ୍ମଧ୍ୟରୁ ଘଂଟେଶ୍ୱରୀ ପୀଠ ଅନ୍ୟତମ । ପଶ୍ଚିମ ଓଡିଶା କାହିଁକି ସମଗ୍ର ରାଜ୍ୟରେ ବେଶ୍ ପରିଚିତ ଏହା ପ୍ରସିଦ୍ଧ ଦେବୀପୀଠ କହିଲେ ଅତ୍ୟୁକ୍ତି ହେବ ନାହିଁ । କାହିଁକି ନା ମା' ଘଣ୍ଟେଶ୍ୱରୀ ଏଠି ମନ୍ଦିର ଭିତରେ ପୂଜା ପାଉନାହାନ୍ତି । କେବଳ ଖୋଲା ସ୍ଥାନରେ ନିତି ପୂଜା ପାଇ ଆସୁଛନ୍ତି ।

ଏହି ତୀର୍ଥ ସ୍ଥାନଟି ସମ୍ବଲପୁର ସହର ଠାରୁ ୩୦ କି.ମି. ଦୂରରେ ଚିପିଲିମା ନିକଟରେ କୁଳୁକୁଳୁ ତାନରେ ବହି ଯାଇଥିବା ମହାନଦୀ ତଟ ନିକଟରେ ରହିଛି । ଚିପିଲିମା ହେଉଛି ଏକ ଶକ୍ତିକେନ୍ଦ୍ର । ସେଠାରୁ ବିଦ୍ୟୁତ ଉତ୍ପନ୍ନ ମଧ୍ୟ ହେଉଛି ।  ଚିପିଲିମାର ପ୍ରାକୃତିକ ସୌନ୍ଦର୍ଯ୍ୟ ଅତୀବ ମନୋମୁଗ୍ଧକର । ଚିପିଲିମାର ଶକ୍ତି କେନ୍ଦ୍ର ମଧ୍ୟ ଦେଇ କିଛି ବାଟ ଗଲା ପରେ ପଡିଥାଏ ଏହି ପ୍ରସିଦ୍ଧ ଶକ୍ତିପୀଠ ମା' ଘଂଟେଶ୍ୱରୀ । ମା' ଘଂଟେଶ୍ୱରୀଙ୍କ ଆସ୍ଥାନକୁ ଯେ କେହି ଦେଖିଲେ ମଧ୍ୟ ମନକୁ ମନ୍ତ୍ରମୁଗ୍ଧ କରି ପକାଇଥାଏ । ସତେ ଯେମିତି ମା' ଘଂଟେଶ୍ୱରୀ ସବୁ ଦୁଃଖ ଲାଘବ କରିଦେବେ, ସେମିତି ଲାଗିଥାଏ । ଘଂଟେଶ୍ୱରୀ ପୀଠରେ ହଜାର



## ମନ୍ଦିର ଓ ମତ

**ମନୋରମା ମିଶ୍ର,** ସମ୍ବଲପୁର



ଦୀର୍ଘ ୧୦ ବର୍ଷ ପରେ ମୁଁ ଏଥର ଘଂଟେଶ୍ୱରୀ ମନ୍ଦିର ଯାଇଥିଲି । ବର୍ତ୍ତମାନ ପୂର୍ବ ଅପେକ୍ଷା ଆହୁରି ସୁବିଧା ସୁଯୋଗ ଉପଲବ୍ଧ ହେଲାଣି । ପୂର୍ବରୁ ଏହି ପୀଠକୁ ଯିବାକୁ ହେଲେ ବିପଦପୂର୍ଣ୍ଣ ଲୁହା ବ୍ରିଜ୍ ଅତିକ୍ରମ କରି ଯିବାକୁ ପଡୁଥିଲା । ସେଥିରେ ପରିବର୍ତ୍ତନ ହୋଇଛି । ଏପଟେ ସମ୍ବଲପୁର ମହାନଦୀ ଚାଉଁରପୁର ବ୍ରିଜ୍ ହେବା ପରେ ପୂରା ପୀଠ ପର୍ଯ୍ୟନ୍ତ ଗାଡି ଯାଇ ପାରୁଛି । ଅନ୍ୟାନ୍ୟ ଆନୁସଙ୍ଗିକ ସୁବିଧା ମଧ୍ୟ ହୋଇଛି । ତେବେ, ପୂର୍ବପରି ଏବେ ପରିବେଶ ବେଶ୍ ଶାନ୍ତ କମନୀୟ ରହିଛି । ତେଣୁ ପର୍ଯ୍ୟଟକଙ୍କ ସଂଖ୍ୟା ବହୁମାତ୍ରାରେ ବୃଦ୍ଧି ପାଇଛି ।

**ସୁପ୍ରଭା ସାହୁ,** ଶିକ୍ଷୟିତ୍ରୀ, ଅନୁଗୋଳ



ବିଶ୍ୱାସ କରାଯାଏ, ଘଂଟଘଂଟି ଦ୍ୱାରା ଦେବ ଦେବୀ ମାନେ ଜାଗ୍ରତ ହୋଇଥାନ୍ତି । ପୁନଶ୍ଚ ଏହା ଭକ୍ତିପୂର୍ଣ୍ଣ ପରିବେଶ ସୃଷ୍ଟି କରିଥାଏ । ସୁତରାଂ ଘଂଟିର ଆକର୍ଷଣକୁ ଏଡାଇ ନ ପାରି ଏହି ଦେବୀ ଘଂଟିକୁ ଆଦରି ନେଇଛନ୍ତି । ଭକ୍ତଙ୍କ ପାଖରୁ ସାଦରେ ଗ୍ରହଣ କରୁଛନ୍ତି । ଘଂଟି ପ୍ରତି ମା'ଙ୍କ ଅନନ୍ୟ ଆକର୍ଷଣ କାରଣରୁ ସେ ଭକ୍ତଙ୍କ ପାଖରେ ମା ଘଂଟେଶ୍ୱରୀ ନାମରେ ସୁପରିଚିତ । ମାନସିକ ପୂରଣ ପାଇଁ ଭକ୍ତମାନେ ମା'ଙ୍କ ପାଖରେ ଘଂଟି ବାନ୍ଧିବାର ପରଂପରା କାହିଁ କେଉଁ କାଳରୁ ଚାଲି ଆସିଛି । ପଶ୍ଚିମ ଓଡିଶାର ଅନନ୍ୟ ଶକ୍ତିପୀଠ ଭାବରେ ଏହାର ସ୍ୱତନ୍ତ୍ର ପରିଚୟ ରହିଛି । ଅପରୂପ ପ୍ରାକୃତିକ ସୌନ୍ଦର୍ଯ୍ୟ ଭରା ପରିବେଶ ଉଭୟ ଭକ୍ତ ଓ ପର୍ଯ୍ୟଟକଙ୍କୁ ଆକର୍ଷିତ କରିଥାଏ ।

**ସୁନିତା ବାରିକ,** ଲେଖିକା, ଢେଙ୍କାନାଳ



ପଶ୍ଚିମ ଓଡିଶାର ସମ୍ବଲପୁର ସହର ଠାରୁ ପ୍ରାୟ ୨୧ କି.ମି. ଦୂରରେ ଅବସ୍ଥିତ ପ୍ରତ୍ୟକ୍ଷ ଠାକୁରାଣୀ ମା' ଘଂଟେଶ୍ୱରୀ । ବଣ ଜଙ୍ଗଲପୂର୍ଣ୍ଣ ସବୁଜିମା ଭରା ପରିବେଶରେ ମହାନଦୀ କୂଳରେ ଅବସ୍ଥିତ ମା' ଘଂଟେଶ୍ୱରୀ । ସିନ୍ଦୁର ଶୋଭିତା ମାଆ ଅଭୟ ମୁଦ୍ରାରେ କୁସୁମ ବୃକ୍ଷର ପାଦ ଦେଶରେ ବିରାଜିତ ହୋଇ ଅଭୟ ପରଷୁଛନ୍ତି । କାହିଁ କେତେ ଦୂରରୁ ଭକ୍ତ ଏବଂ ଶ୍ରଦ୍ଧାଳୁମାନେ ନିଜର ମନସ୍କାମନା ପୂରଣ ପାଇଁ ଧାଇଁ ଆସୁଛନ୍ତି ମା' ପାଖକୁ । ମନ୍ଦିର ଭିତରେ ଥିବା ହଜାର ହଜାର ଘଂଟିର ସ୍ୱର ପବନରେ ତରଙ୍ଗାୟିତ ହୋଇ ପରିବେଶକୁ ଆହୁରି ସ୍ୱର୍ଗୀୟ ଅନୁଭୂତି ପ୍ରଦାନ କରିଥାଏ । ଭକ୍ତ ଘଂଟିଟିଏ ବାନ୍ଧି ମା'ଙ୍କୁ ନିଜ ନିଜର ଗୁହାରି ଜଣାଇ ଫେରିଯାଉଛନ୍ତି ଆଉ ଥରେ ମାଆ ଘଂଟେଶ୍ୱରୀଙ୍କୁ ଦର୍ଶନ ଆଶାରେ ।

**ମୁରଲୀଧର ସେଠୀ,** ସାମ୍ବାଦିକ, ସମ୍ବଲପୁର



ପ୍ରାକୃତିକ ମନୋରମ ପରିବେଶରେ ଘଣ୍ଟେଶ୍ୱରୀ ଅବସ୍ଥିତ । ଏଠାକୁ ପ୍ରତିଦିନ ରାଜ୍ୟ ଓ ରାଜ୍ୟ ବାହାରୁ ପର୍ଯ୍ୟଟକ ଆସୁଛନ୍ତି । ରାଜ୍ୟ ସରକାରଙ୍କ ଆନ୍ତରିକତା ଅଭାବରୁ ଏହି ପୀଠ ଅବହେଳିତ ହୋଇ ପଡ଼ିରହିଛି । ଏହାର ବିକାଶ ପାଇଁ ବିଭିନ୍ନ ସମୟରେ ପ୍ରସ୍ତାବ ଗ୍ରହଣ କରାଯାଇଥିଲେ ବି କାର୍ଯ୍ୟକାରୀ କରାଯାଇ ନାହିଁ ।



ହଜାର ଘଂଟି ଦେଖିବାକୁ ମିଳେ । କେବଳ ଏକ ଅନାବୃତ୍ତ ମଣ୍ଡପରେ ଦେବୀ ଉପବିଷ୍ଟ ହୋଇଛନ୍ତି । ବିରାଟ ବୃକ୍ଷର ସୁଶୀଳ ପରିବେଶ ମଧ୍ୟରେ ମା' ଶୋଭା ପାଉଛନ୍ତି । କୌଣସି ଭକ୍ତ ବିପଦର ସମ୍ମୁଖୀନ ହେଲେ ମା' ଘଂଟେଶ୍ୱରୀଙ୍କ ଠାରେ ଘଂଟି ବାନ୍ଧିବାକୁ ମନାସିଥାଏ ମନସ୍କାମନା ପୂର୍ଣ ହେବା ପାଇଁ । ବହୁ ଦୁରଦୂରାନ୍ତରୁ ବହୁ ଭକ୍ତ ମାନସିକ କରିଥାନ୍ତି ଏଠାରେ ଘଂଟି ବାନ୍ଧିବା ପାଇଁ । ସେଠାରେ ଛୋଟ ବଡ ହଜାର ହଜାର ଘଂଟି ଦେଖିଲେ ମା'ଙ୍କ ପ୍ରତି ଭକ୍ତିଭାବନା ଜାଗ୍ରତ ହୋଇଥାଏ । ଘଂଟେଶ୍ୱରୀ ପୀଠରେ ଯେଉଁ ସବୁ ଘଂଟି ବନ୍ଧା ଯାଇଛି ବିପଦର ଆଭାସ ମିଳିଲେ ଆପେ ଆପେ ସବୁ ଘଂଟି ବାଜିଥାଏ ବୋଲି ଜନଶ୍ରୁତିରୁ ଜଣାପଡେ । ଏବେ ବି ଏଠାରେ ରାତିରେ ଘଂଟି ବାଦନ ହେଉଥିବା ଜଣାପଡେ । ଏକ ବୃକ୍ଷ ମଧ୍ୟରେ ମା' ଘଂଟେଶ୍ୱରୀ ପୂଜା ପାଇ ଆସୁଛନ୍ତି । ସେଠାରେ ଏ ପର୍ଯ୍ୟନ୍ତ କୌଣସି ମନ୍ଦିର ତିଆରି କରାଯାଇ ନାହିଁ ।

କିମ୍ବଦନ୍ତୀରୁ ଯାହା ଜଣା ପଡେ, ଏକଦା ସମ୍ବଲପୁର-କଟକ ମଧ୍ୟରେ ମହାନଦୀ ବକ୍ଷରେ ଚାଲୁଥିବା ନୌବାଣିଜ୍ୟ ସମୟରେ କୌଣସି ଏକ ନୌକାରେ ନାବିକ ତଥା ଯାତ୍ରୀ ଦଳ ଆସନ୍ନ ବିପଦର ସମ୍ମୁଖୀନ ହେଲେ । ସେମାନଙ୍କ ଆର୍ତ୍ତ





ଚିତ୍କାର ମଧ୍ୟରେ ନୌକାଟି ମହାନଦୀର ଅତଳ ଗହ୍ୱରରେ ଲୀନ ହେଉଥିବା ସମୟରେ  ନଦୀତଟସ୍ଥ ଅରଣ୍ୟରୁ ଘଂଟିଧ୍ୱନି ଶୁଣାଗଲା । ଯାହାଫଳରେ ବହୁ ଲୋକ ମୃତ୍ୟୁମୁଖରୁ ରକ୍ଷା ପାଇଗଲେ । ଏମିତି ଅନେକ କିମ୍ବଦନ୍ତୀ ରହିଛି । କିମ୍ବଦନ୍ତୀରୁ ଯାହାଜଣା ପଡେ ୧୭୧୧ ଖ୍ରୀଷ୍ଟାବ୍ଦରେ ଜନୈକ ଧୀବର ମହାନଦୀରେ ଜାଲ ପକାଇ ମାଛ ମାରୁଥିବା ବେଳେ ହଠାତ୍ ମହାନଦୀରୁ ଜାଲରେ କୁମ୍ଭ ଓ ଶାଳଗ୍ରାମ ପଥର ପଡିଥିଲା । ବ୍ୟକ୍ତି ଜଣଙ୍କ ସେଇପଥର ଖଣ୍ଡକୁ ନଦୀ ମଧ୍ୟକୁ ଫୋପାଡି ଦେଇଥିଲା । ପୁଣି ଜାଲକୁ ମାଛ ମାରିବା ପାଇଁ ନଦୀ ମଧ୍ୟକୁ ଫୋପାଡିବା ପରେ ଦେଖିଲା ଯେ ପୂର୍ବଥର ପରି ଜାଲରେ କୁମ୍ଭ ଓ ଶାଳଗ୍ରାମ ପଥର ପଡି ଯାଇଛି । ବ୍ୟକ୍ତି ଜଣଙ୍କ ଆଶ୍ଚର୍ଯ୍ୟ ହୋଇଗଲା ଓ ଡରି ମଧ୍ୟ ଗଲା । କଣ କରିବ ଚିନ୍ତା ବି କରି ପାରିଲା ନାହିଁ । ସେ ପଥର ଦୁଇଖଣ୍ଡର ରହସ୍ୟ ଜାଣିବାକୁ ମନସ୍ଥ କଲା । ପଥର ଖଣ୍ଡକୁ ଚିମୁଟି ଦେଲା । ହଠାତ୍ ତା ସମ୍ମୁଖରେ ମା' ଘଂଟେଶ୍ୱରୀଙ୍କର ଆବିର୍ଭାବ ହେଲା । ସେ ସେଇଠାରେ ହିଁ ମହାନଦୀ କୂଳରେ ପୂଜା ପାଇ ଆସୁଛନ୍ତି । ଘଂଟେଶ୍ୱରୀଙ୍କ ଠାରେ ହଜାର ହଜାର ସଂଖ୍ୟକ ଘଂଟି ରହିଛି । ଭକ୍ତ ମନରେ ମଧ୍ୟ ଭକ୍ତି ଭାବନା ଜାଗ୍ରତ ହୋଇଥାଏ ଘଂଟି ସମୂହକୁ ଦେଖି । ଭାରତର ବାରଣାସୀରେ ଏକ ଘଂଟେଶ୍ୱରୀ ମନ୍ଦିର ଥିବା ବେଳେ ଓଡିଶାର ସମ୍ବଲପୁର ଜିଲ୍ଲାରେ ମଧ୍ୟ ଘଂଟେଶ୍ୱରୀ ପୀଠ ରହିଛି । ଏହି ପୀଠରେ ପାର୍ଶ୍ୱଦେବତା ମଧ୍ୟ ରହିଛନ୍ତି । ଦେବୀଙ୍କ ମଣ୍ଡପ ପାଖରେ ଭଜନ କୀର୍ତ୍ତନ ମଧ୍ୟ ହୋଇଥାଏ ।




ପୀଠର ପାବଚ୍ଛକୁ ଲାଗି ମହାନଦୀର ପାଣି କୁଳୁକୁଳୁ ନାଦରେ ବହିଯାଉଛି । ଘଂଟେଶ୍ୱରୀ ପୀଠର ମହିମା ଦେଖିଲେ ଯେତିକି ଆଶ୍ଚର୍ଯ୍ୟ ଲାଗେ, ସେତିକି ମନ ଭିତରେ ବିଶ୍ୱାସ ମଧ୍ୟ ଜନ୍ମାଇଥାଏ । ସାହାଡା, ଚାରକୋଳି, କେନ୍ଦୁ ଆଦି ଗଛର ମିଶ୍ରଣ ମଧ୍ୟରେ ମା' ଘଂଟେଶ୍ୱରୀ ପୂଜା ପାଇ ଆସୁଛନ୍ତି । ଘଂଟେଶ୍ୱରୀଙ୍କ ଛତ୍ରଯାତ୍ରା ପୂଜା ପ୍ରତ୍ୟେକ ବର୍ଷ ଚୈତ୍ରମାସରେ ପଡିଥାଏ । ଚୈତ୍ରପୂର୍ଣ୍ଣିମାର ଆଠଦିନ ପରେ ଅଷ୍ଟ ମଙ୍ଗଳା ପୂଜା କରାଯାଏ । ଆଶ୍ୱିନ ମାସରେ ଖଣ୍ଡା ପୂଜା କରା ଯାଇଥାଏ ।

ଏହି ପୀଠରେ ଗୀତାଯଜ୍ଞ , ଅଖଣ୍ଡ ରାମାୟଣ ଆଦି ନିୟମିତ କରାଯାଇଥାଏ । ଘଂଟେଶ୍ୱରୀ ନିକଟରେ ଥିବା ଲମ୍ବେଇ ଡିଙ୍ଗୁରୀ ଠାରେ ମହିମା ଧର୍ମାବଲମ୍ବୀ ମାନଙ୍କର ମଧ୍ୟ ମେଳା ହୋଇଥାଏ।

ବର୍ଷତମାମ୍ ଏଠାରେ ଭକ୍ତଙ୍କ ସମାଗମ ହୋଇଥାଏ । ସେଠାରେ ମଧ୍ୟ ଭୋଗସାମଗ୍ରୀ ନେବା ପାଇଁ ଦୋକାନଗୁଡିକ ଗଢି ଉଠିଛି । ଯା' ଫଳରେ ଭକ୍ତମାନେ ଭୋଗ ସାମଗ୍ରୀ ଧରି ଆସ୍ଥାନ ପାଖକୁ ଯାଇ ପାରୁଛନ୍ତି । କିନ୍ତୁ ଟିକିଏ ଅସାବଧାନତା ହେଲେ ଭୋଗ ସବୁ ମାଙ୍କଡମାନେ ଟେକି ନେଇ ପଳାଇବେ । ତେଣୁ ଭକ୍ତମାନେ ଭୋଗ ଧରି ଆସିବା ବେଳେ ଦାୟିତ୍ୱ ସହକାରେ ଆସିବା ଦରକାର । ମା' ଘଂଟେଶ୍ୱରୀ ପୀଠ ଏବେ ବି ଅବହେଳିତ ହୋଇପଡିଛି । ଚିପିଲିମା ଶକ୍ତିକେନ୍ଦ୍ର ଦେଇ ଏହି ପୀଠକୁ ଯିବାକୁ ପଡିଥାଏ । ପାହାଡ କୋଣେ କୋଣେ ଯିବାକୁ ରାସ୍ତା ଥିଲେ ମଧ୍ୟ ଅଧିକ ଦୂର ହେଉଥିବାରୁ ପର୍ଯ୍ୟଟକ ମାନେ ଚିପିଲିମା ଶକ୍ତି କେନ୍ଦ୍ର ଦେଇ ଯାଇଥିବା ଅଣଓସାରିଆ ରାସ୍ତା ଦେଇ ସାବଧାନତାର ସହ ଯିବାକୁ ପଡିଥାଏ । ସତରେ ଘଂଟେଶ୍ୱରୀ ମା'ଙ୍କର ମହିମା ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଆସୁଥିବା ପର୍ଯ୍ୟଟକ ମାନଙ୍କୁ ବେଶ୍ ଆମୋଦିତ କରିଥାଏ । ଏହି ସ୍ଥାନଟି ଭୋଜି ପାଇଁ ମଧ୍ୟ ବେଶ୍ ଉପାଦେୟ ହୋଇଛି । ଦେବୋତ୍ତର ବୋର୍ଡ ଅନୁସାରେ ସେଠାରେ ଶ୍ରୀ ଶ୍ରୀ ଶ୍ରୀ ମାଁ ଘଂଟେଶ୍ୱରୀ ଟ୍ରଷ୍ଟ୍ ବୋର୍ଡ ଗଠନ ହୋଇଛି । ଏହି ପୀଠର ସଂପୂର୍ଣ୍ଣ ରକ୍ଷାଣାବେକ୍ଷଣ ଟ୍ରଷ୍ଟ ବୁଝୁଛି । ଏହି ପୀଠରେ ଆରମ୍ଭରୁ ସୁଦମାନେ ପୂଜା କରି ଆସୁଛନ୍ତି । ଏହି ପୀଠର ପ୍ରାକୃତିକ ସୌନ୍ଦର୍ଯ୍ୟ ଭକ୍ତମାନଙ୍କୁ ଆକର୍ଷିତ କରିଥାଏ । ବିଶେଷ କରି ଏଠାକାର ଆକର୍ଷଣ କେନ୍ଦ୍ରବିନ୍ଦୁ ପାଲଟିଥାଏ ଚିପିଲିମା ଜଳ ବିଦ୍ୟୁତ ପ୍ରକଳ୍ପ । ଏହି ପ୍ରକଳ୍ପ ଦେଖିବାକୁ ପର୍ଯ୍ୟଟକ ମାନେ ବେଶି ଆଗ୍ରହ ପ୍ରକାଶ କରିଥାନ୍ତି । ବର୍ଷର ସବୁ ସମୟରେ ଏହି ଜଳ ବିଦ୍ୟୁତ ଉତ୍ପାଦନ କେନ୍ଦ୍ରକୁ ଦେଖି ଯିବାକୁ ଅନୁମତି ମିଳି ନଥାଏ । କେବଳ ବିଶ୍ୱକର୍ମା ପୂଜା ସମୟରେ ହିଁ ପର୍ଯ୍ୟଟକ ମାନେ ଭିତରକୁ ଯାଇ ଦେଖି ପାରିବାର ବ୍ୟବସ୍ଥା ରହିଛି ।

ରାଜ୍ୟସରକାର ଏହି ପୀଠର ଉନ୍ନତି ପାଇଁ ଆଉ ଟିକିଏ ଧ୍ୟାନ ଦେଲେ ନିଶ୍ଚିତ ଭାବରେ ପୀଠଟିର ଆକର୍ଷଣ ବଢିବା ସହ ପର୍ଯ୍ୟଟକ ସଂଖ୍ୟା ବଢିବାରେ ଲାଗିବ ।


ଧାରାବାହିକ
ଚରିତ-ଉପନ୍ୟାସ
ଦାସେ
ଆପଣେ
Sanjay
18/4

୯

# ଦାସେ ଆପଣେ


## ପବିତ୍ର ମୋହନ ଦାଶ

ଅଧ୍ୟାପକ : ଇଂରାଜୀ ବିଭାଗ,
ଶାସ୍ତ୍ରୀ ସ୍ମୃତି ଡିଗ୍ରୀ ମହାବିଦ୍ୟାଳୟ, ବାଲିପୁଟ, ପୁରୀ
ଫୋନ : ୯୪୩୭୨୦୭୫୪୮


ଫଟୋ ସୌଜନ୍ୟ : ଲେଖକ
ପୋଟ୍ରେଟ୍ : ସଂଜୟ ରାଉଳ



ଛାୟାଚିତ୍ରରେ ପବିତ୍ର ମୋହନ ଦାଶ

'ଦାସେ ଆପଣେ' କହିଲେ ଆମ ସାମ୍ନାରେ ଭାସି ଉଠେ ଯେଉଁ ଛବିଟି, ସେ ହେଲେ **ଗୋପବନ୍ଧୁ ଦାସ** । ଉତ୍କଳର ମଣି ସେ । ଉତ୍କଳମଣି । କୋଟି କୋଟି ଓଡ଼ିଆଙ୍କ ମନପ୍ରାଣରେ ବସା ବାନ୍ଧିଥିବା ଏ ମଣିଷ ଜଣକ ସେବା ଓ ତ୍ୟାଗର ମୂର୍ତ୍ତିମନ୍ତ ପ୍ରତୀକ । ଆଧୁନିକ ଯୁଗର ପଞ୍ଚସଖାମାନଙ୍କ ମଧ୍ୟରେ ସେ ଥିଲେ ଅନ୍ୟତମ । ଭକ୍ତକବି ମଧୁସୂଦନ ରାଓଙ୍କ ନିଷ୍ପତ୍ତି କ୍ରମେ, ଗୋପବନ୍ଧୁ ସାକ୍ଷୀଗୋପାଳର ବକୁଳ ଓ ଛୁରିଆନା କୁଞ୍ଜରେ ପ୍ରତିଷ୍ଠା କରିଥିଲେ ସତ୍ୟବାଦୀ ବନ ବିଦ୍ୟାଳୟ । ଏହି ବିଦ୍ୟାଳୟରୁ ସେତେବେଳେ ଜାତୀୟ ସ୍ୱାଧୀନତା ଆନ୍ଦୋଳନ ପରିଚାଳିତ ହେଉଥିଲା । ୧୯୧୮ରୁ ୧୯୨୦ ମଧ୍ୟରେ ଓଡ଼ିଶାରେ ସଂଘଟିତ ବନ୍ୟା, ମରୁଡ଼ି, ଦୁର୍ଭିକ୍ଷ ଓ ଅନାବୃଷ୍ଟି ତାଙ୍କୁ ମର୍ମାହତ କରିଥିଲା । ସେ ଚୁଡ଼ା, ଚାଉଳ ଧରି ପ୍ରପୀଡ଼ିତ ଅଞ୍ଚଳରେ ବାଣ୍ଟିଥିଲେ ।

ତାଙ୍କରି ଅମୂଲ୍ୟ ଓ ଅତୁଲ୍ୟ ଜୀବନକୁ ନେଇ କବି **ପବିତ୍ର ମୋହନ ଦାଶ** ଆରମ୍ଭ କରିଛନ୍ତି ଏଇ ଉପନ୍ୟାସ । ତେବେ ଗୋପବନ୍ଧୁଙ୍କୁ ନେଇ କାହିଁକି ? ଅନେକ ଜୀବନୀ ତାଙ୍କର ପ୍ରକାଶିତ । ତାଙ୍କ ସମସାମୟିକମାନଙ୍କ ଆତ୍ମଜୀବନୀ ଗୁଡ଼ିକରେ ମଧ୍ୟ ତାଙ୍କ ବିଷୟରେ ବର୍ଣ୍ଣନା ଉପଲବ୍ଧ । କିନ୍ତୁ ତାଙ୍କର ବୃହତ୍ ପୂର୍ଣ୍ଣାଙ୍ଗ ଜୀବନୀଟେ କାହିଁ ? ସୁତରାଂ ଜୀବନୀ ନଲେଖି ଉପନ୍ୟାସ କାହିଁକି ? ଏମିତି ଏକ ପ୍ରଶ୍ନ ଆସିପାରେ । ଗୋପବନ୍ଧୁ ଓଡ଼ିଆ ଜାତିର ଗଣ ଅବଚେତନରେ ସଂଚିତ ଏକ ଶିହରଣ । ତାଙ୍କ ନାଁ ଶୁଣିବା ମାତ୍ରେ କରୁଣା, ଉଦାରତା, ତ୍ୟାଗ, ତପସ୍ୟା, ମାନବିକତା ଓ ସତ୍ୟରେ ଗଢ଼ା ଏକ ଉଜ୍ଜ୍ୱଳ ମୂର୍ତ୍ତି ଆମ ସାମ୍ନାରେ ଉଭା ହୁଏ । ସଂଗ୍ରାମୀ, କବି, ସାମ୍ବାଦିକ, ସମ୍ପାଦକ, ଶିକ୍ଷକ, ଶିକ୍ଷାବିତ୍, ରାଜନେତା, ବିଧାୟକ, ଏମିତି କେତେ ଉପାଦାନରେ ଭରା ତାଙ୍କ ଜୀବନ । ସାଧାରଣ ଜନତା ପାଇଁ ସେ ପରମ କାରୁଣିକ । ଅବିରତ ନିଜ ଆଖିରୁ ଲୁହ ଝରାଇ ଅନ୍ୟ ଆଖିରୁ ଲୁହ ପୋଛୁଥିବା ଜଣେ ଦରଦୀ ପରିବ୍ରାଜକ । ତାଙ୍କ ଜୀବନ କୌଣସି ଉପନ୍ୟାସ ଠାରୁ କମ ରୋମାଞ୍ଚକ ନୁହେଁ । ସେ ଆମ ପାଇଁ କେବଳ ଇତିହାସ ଓ ତଥ୍ୟ ନୁହଁନ୍ତି । ସେ ଚଳନ୍ତି କିମ୍ବଦନ୍ତୀ, ଓଡ଼ିଆ ଜାତିର । ତାଙ୍କ ମୃତ୍ୟୁରେ ବ୍ୟଥିତ ସେ ସମୟର ତରୁଣ ବିପ୍ଳବୀ ସୁଭାଷ ଚନ୍ଦ୍ର ବୋଷ କହିଥିଲେ, ଗୋପବନ୍ଧୁଙ୍କ ସହକର୍ମୀମାନେ ତାଙ୍କ ବିସ୍ମୟକର ଜୀବନ ବିଷୟରେ ଦୁନିଆକୁ ଜଣାନ୍ତୁ ।

ଏ ଉପନ୍ୟାସଟି ବସ୍ତୁତଃ ତାଙ୍କ ବିସ୍ମୟକର ଜୀବନ ଭିତରକୁ ପ୍ରବେଶର ଏକ ବିମଳ ପ୍ରୟାସ । **ଦାସେ ଆପଣେ** ଶିରୋନାମାରେ ରଚିତ ଏ ଚରିତ-ଉପନ୍ୟାସଟି ଲେଖକଙ୍କ ବହୁବର୍ଷର ଗବେଷଣା ଓ ଅନୁଧ୍ୟାନର ଫଳଶ୍ରୁତି । 'ରେବତୀ'ରେ ଏହା ଜାନୁଆରୀ ୨୦୨୦ ଠାରୁ ଧାରାବାହିକ ଭାବେ ପ୍ରକାଶ ପାଉଛି । ଆଶା, ଆମର ପାଠକଙ୍କୁ ଏହା ନୂଆ ସ୍ୱାଦ ଦେବ ।

**ପବିତ୍ର ମୋହନ ଦାଶ:** ଆମ ସମୟର ଜଣେ ପ୍ରଖର କବି । ସେ କବିତା ସର୍ଜନା ସହିତ ଉପନ୍ୟାସ ଓ ପ୍ରବନ୍ଧ ମଧ୍ୟ ଲେଖନ୍ତି । ତାଙ୍କ ରଚିତ ବହିଗୁଡ଼ିକ ହେଲା: (କବିତା) ବଜ୍ରବଂଶୀ, ରକ୍ତଶସ୍ୟ, ସ୍ୱପ୍ନମେଧ, ମେଘସଂଚାର, ବିକ୍ଷୁବ୍ଧ ସମୁଦ୍ର, ଦାଣ୍ଡିବୃତ୍ତ । (ଉପନ୍ୟାସ) ହଂସହାନି, ପାହାର । (ପ୍ରବନ୍ଧ) ମୂଲ୍ୟାୟନର ପ୍ରଶ୍ନ ।

ଗୋପ ଲାଗି ଅନ୍ତର ଓ ବାହାର ସଂଘର୍ଷର ପ୍ରତିଶବ୍ଦ ପରି ମନେହେଉଥିଲା । ଅଧ୍ୟୟନ ତା ପାଇଁ ତପସ୍ୟା ମାତ୍ର ବିଳାସ ନୁହେଁ । ତେଣୁ ଚାରିପାଖର ଘଟଣାବଳୀ ଠାରୁ ସେ ନିଜକୁ ଅଲଗା କରି ପାରୁନଥିଲା । ବ୍ୟକ୍ତିଗତ,ପାରିବାରିକ ଓ ସାମାଜିକ ଜୀବନର ଘଟଣା ପ୍ରବାହରେ ସେ ନିର୍ଲିପ୍ତ ରହିବାର ବିରୋଧୀ ଥିଲା । ମନରେ କେତେ ନାଇଁ କେତେ କଥା ଏକାବେଳକେ ଚହଲି ଉଠୁଥିଲା । ଛାତ୍ରାବାସ କୋଠରୀରେ ପୋଲାଙ୍ଗ ତେଲର ଦୀପ ଶିଖାକୁ ଚାହିଁ ଗୋପ ନିଜକୁ ଏକାଗ୍ର କରୁଥିଲା । ମନେ ମନେ ନିଶ୍ଚିତ ହେଉଥିଲା ଯେ ସଂଘର୍ଷ ବିନା ସ୍ଥିତି ବଦଳେ ନାହିଁ । ତାହା ହିଁ ଜୀବନକୁ ଆଗକୁ ବଢ଼ାଇବାର ମାର୍ଗ ।

ଗାଁ ରେ ମୋତି ଓ ପିଲାମାନେ ରହିଲେ । ସେ ନିଜେ ସେମାନଙ୍କର ଦାୟିତ୍ୱ ତୁଲାଇବାରେ ବିଶେଷ କିଛି କରି ପାରୁନାହିଁ । ମୋତି ସଂସାର ଚଳାଇବାରେ ବାର ନାରଖାର ହେବା ସେ ଜାଣିପାରେ । ଗାଁରେ କେହି କେହି କହନ୍ତି ।

– ନିଶ ଉଠା ପାଠ ଆଉ ଛତୁ ଫୁଟା କାଠ । ଗୋପ ଏତେ ପାଠ ପଢିଲାଣି । ଚାକିରି ବାକିରି ଦେଖିବା କଥା । ଘର ଜଞ୍ଜାଳ ସମ୍ଭାଳିବା କଥା ।

ଗୋପ ହସି ଦିଏ । ସେ ନିଜେ ଶକ୍ତ ହେବା ଲାଗି ପାଠ ପଢୁଛି । କେତେ କିଏ ତ ପିଲା ମାଇପ ଘର ଦ୍ୱାର ହେଇ ମଶାଣିକୁ ଗଲେଣି । ସିଏ କଣ କଲା ନ କଲା ତା'ଠି ଏତେ ଅରଠି ଲାଗିଛି କାହିଁକି ? ହଁ ମୋତି କଥା ମନକୁ ଆସିଲେ ଟିକେ ଉଦାସ ଲାଗେ । ଭିତରୁ ବିଷର୍ଣ୍ଣ ଲାଗେ । ପିଲାମାନେ ମନେ ପଡିଲେ ଲାଗେ ନନା ତା ପାଇଁ ଯେମିତି ବ୍ୟସ୍ତ ହେଉଥିଲେ ସେ କଣ ନନା ହିସାବରେ ତା ପିଲାଙ୍କ ଲାଗି ସେମିତି ଦାୟିତ୍ୱବାନ ହୋଇପାରୁଛି ? ଜମିଜମା, ଖମାର କଥାକୁ ଅବଶ୍ୟ ନାରଣ ଭାଇନା ଅଛନ୍ତି । ତେବେ ତାଙ୍କୁ ଦେଖିଲେ ଲାଗେ ସେ ଯେମିତି ଗୋପ ବଡ଼ ହେଉ ବୋଲି ଅନେକ ତ୍ୟାଗ କରୁଛନ୍ତି । କଟକ କିମ୍ବା ପୁରୀରୁ ଫେରିଲେ ଗୋପ ଗାଁ ମୁଣ୍ଡେ ଯାହାକୁ ଦେଖେ ପଚାରେ,

– ଭାଇନା କେଉଁଠି ?

ଯଦି କିଏ କହେ,

– ସେ ଦାଣ୍ଡପିଣ୍ଡା ଉପରେ ବସିଛନ୍ତି, ତେବେ ଗୋପ ବାରିପଟେ ପଶି ଘର ଭିତରକୁ ଯାଏ । ଦେଖିଲା ଲୋକେ କହନ୍ତି,

– ପାଠୁଆ ପିଲାର ବଡ଼ ଭାଇନା ପ୍ରତି ସମ୍ମାନ ଦେଖ ।

ଆଉ ମୋତି ଏ ଦୃଶ୍ୟରେ ଟିକେ ଲାଜେଇ ହସେ । ଗୋପ କିନ୍ତୁ ଜାଣେ ଭାଇନାଙ୍କ ବିନା ଘର ଚଳନ୍ତା ନାହିଁ କି ସିଏ ଏତେ ସାମାଜିକ କାମ ପାଇଁ ଛୁଟଣ ପାଆନ୍ତା ନାହିଁ । ତଥାପି ତାକୁ ଲାଗେ ପାରମ୍ପରିକ ଅର୍ଥରେ ଯାହା ସଂସାର ଅଲକ୍ଷ୍ୟରେ ସିଏ ସେ ବିଚାର ସହ ସଂଘର୍ଷ କରୁଛି । ଗୃହସ୍ଥାଶ୍ରମରେ ଥାଇ ଏ ସଂଘର୍ଷ କିଛି କମ୍ ନୁହେଁ । ତା ଭିତରୁ କିନ୍ତୁ ପ୍ରେରଣା ଆସେ ସେ ସଂସାରରେ ତ ରହିବ, କିନ୍ତୁ ବଦ୍ଧ ସଂସାରୀ ପରି ନୁହେଁ ।



ସାମାଜିକ ଜୀବନ କ୍ଷେତ୍ରରେ ବି ତା ଆଖିରେ ବିସଂଗତି ପଡେ । ନବ୍ୟ ସଭ୍ୟମାନଙ୍କ ସ୍ୱାର୍ଥପରତା ତାକୁ ତଟସ୍ଥ କରେ । ଗୋରା ଆଉ ବଙ୍ଗାଳୀ ଅଧିକାରୀଙ୍କୁ ତୋଷିବାକୁ ସମସ୍ତେ ତତ୍ପର । ଜାତୀୟ ଭାବନା ବୋଲି କିଛି ନାହିଁ । ବ୍ୟକ୍ତି ଜୀବନ ନୀତିହୀନ । ଚାକିରିଆମାନଙ୍କ ଜୀବନ ପ୍ରାୟ ଏପରି । ଆଉ କବି ଲେଖକମାନେ ଅନେକତ୍ର ରାଜା ଜମିଦାରଙ୍କ ବିରୁଦ ଗାଇ ।

ପୃଷ୍ଠପୋଷକତା ଯୋଗାଡ଼ରେ ଲିପ୍ତ । ଏପରି ଆପଣା ସୁଖିଆ ଜୀବନ ଜିଇଁ ଲେଖାରେ ବଡ଼ବଡ଼ କଥା କହିଲେ ମଲା କଙ୍କଡା ବି ଲେଉଟିବ ନାହିଁ । ବିନା ସଂଘର୍ଷରେ କଣ ଜାଗରଣ ସମ୍ଭବ ?

ଆଉ ଟିକେ ଦୀପ ତେଜି ଦେଇ ଗୋପ ପୁଣି ଏକାଗ୍ର ହୁଏ । ମନ ଭିତରେ ଦେଖେ କେହିକେହି ତ୍ୟାଗୀ, ତପସ୍ୱୀ ଓଡ଼ିଆଙ୍କ ଚିତ୍ର । ସେମାନଙ୍କ ସାଧନା ଓ ସଂଘର୍ଷ ମନେ ପଡିଲେ ଉଦାସ ମନ କେମିତି ହାଲୁକା ହୋଇଯାଏ । ପ୍ରାଣରେ ନୂଆ ଉତ୍ସାହ ଆସେ । ମନ ଗହୀରରେ ତ ଘର କରି ରହିଛନ୍ତି ପଣ୍ଡିତ ହରିହର । ତାଙ୍କ ଆତ୍ମତ୍ୟାଗ ପିଢ଼ି ପିଢ଼ି ପାଇଁ ପ୍ରେରଣା । ସେଥିପାଇଁ ତ ତାଙ୍କ ମହାପ୍ରୟାଣ ଦିବସ କୁମାର ପୂର୍ଣ୍ଣିମା ଗୋପ ପାଇଁ ଅବିସ୍ମରଣୀୟ । ସେଦିନ ସେ ତାଙ୍କ ଗାଁ ଶ୍ରୀରାମଚନ୍ଦ୍ରପୁର ଯାଏ । ତାଙ୍କ ପ୍ରତି ଶ୍ରଦ୍ଧା ନିବେଦନ କରି ସଭା କରେ । ଆଉ ଏବେ ଆଉ ଜଣେ ଜ୍ଞାନ ତପସ୍ୱୀ ସାମନ୍ତ ଚନ୍ଦ୍ରଶେଖରଙ୍କୁ ନେଇ ସେ ବଡ଼ ଗର୍ବ କରେ । ସେଇ ମହାମତି, ଋଷିପ୍ରଭ ତା ପାଇଁ ପରମ ପ୍ରେରଣା । ଜ୍ୟୋତିର୍ବିଜ୍ଞାନର ସାଧନା ପାଇଁ ସେ ତ କିଛି କମ ସଂଘର୍ଷ କରିନାହାନ୍ତି । ରାଜ ପରିବାରର ବିଭବ ବିଳାସ ଠାରୁ ଦୂରରେ ଥାଇ ସେ ଖୋଜିଛନ୍ତି ନକ୍ଷତ୍ର ପୁରୁଷଙ୍କ ଉଜ୍ଜ୍ୱଳତା । ତାଙ୍କର ସିଦ୍ଧାନ୍ତ ଦର୍ପଣ ଛପା ହୋଇପାରୁନଥିଲା ଭାବିଲେ ଗୋପ ଭାଙ୍ଗି ପଡେ, ଆଉ ତା'ର ପ୍ରକାଶନ ପାଇଁ ଅଧ୍ୟାପକ ଯୋଗେଶ ରାୟଙ୍କ ଉଦ୍ୟମ ତା ମନରେ ତାଙ୍କ ପ୍ରତି କୃତଜ୍ଞତା ଆଣିଦିଏ ।

ମନେ ବି ପଡନ୍ତି ଅଭେଦାତ୍ମା ରାମଚନ୍ଦ୍ର ଯିଏ ତାକୁ ଦେଇଚାଲିଛନ୍ତି ସଂଘର୍ଷର ପ୍ରେରଣା । ଆଜି ଆହୁରି ଥରେ ମନେ ପଡେ ସେ କେମିତି ଚେତାଇ ଦେଇଥିଲେ ସେଦିନ ସଂଘର୍ଷ ର ପଥ ନ ପାଶୋରିବା ପାଇଁ । ତା ପୁଣି ତାଙ୍କ ନିଜର ଘୋର ଦୁର୍ଦ୍ଦିନର ବେଳେ । ଅକସ୍ମାତ ଗୋପ ଖବର ପାଏ ଯେ ତା'ର ସଖା, ମାର୍ଗଦର୍ଶକ ମୁକ୍ତିଆର ରାମଚନ୍ଦ୍ରଙ୍କର ପ୍ରଥମ ପୁଅଟିର ମାତ୍ର ଏକ ବର୍ଷ ବୟସରେ ବିୟୋଗ ଘଟିଛି । ଏ ହୃଦୟ ବିଦାରକ ଖବର ପାଇ ତାଙ୍କୁ ସାନ୍ତ୍ୱନା ଦେବାକୁ ପୁରୀ ଛୁଟି ଯିବାକୁ ତର ସହେନି ତାକୁ ।

ଦଇତାପଡା ସାହିରେ ପହଁଚିଲା ବେଳକୁ କେତେଜଣ ବନ୍ଧୁ ବସିଥିଲେ । ସମସ୍ତେ ତାଙ୍କୁ ବୋଧ ଦେବାକୁ ଆସିଥାନ୍ତି । ଗୋପ ଜାଣେ ଗତ କେତେ ଦିନ ଧରି ଅନେକ ଲୋକ ଏମିତି ଆସୁଥିବେ କାରଣ ରାମଚନ୍ଦ୍ର ନିଜ ତରଫରୁ ସବୁରି


ଉତ୍କର୍ଷ ଆମ ମାଟିର ସ୍ୱର

ମୁଣ୍ଡ ଉପରେ ପଡୁଥିବା ଚଡକକୁ ନିଜ ମୁଣ୍ଡ ଉପରକୁ ନେବାକୁ ଚେଷ୍ଟା କରନ୍ତି । ସେଠି ଦେଖାହୁଏ ଦିବାକର ସହ ।

- ପୁଅର କଣ ହୋଇଥିଲା ? ଦିବାକରକୁ ଏତିକି ପଚାରିଥିଲା ଗୋପ ।

- ବିଶେଷ କିଛି ସମସ୍ୟା ନଥିଲା । ଜ୍ୱର ରୋଗ । ସହଜ ଉତ୍ତର ଦେଇଥିଲା ଦିବାକର ।

- ଚିକିତ୍ସା ହୋଇଥିଲା ?

- ହଁ । ମୁକ୍ତିଆର ସେଥିରେ ହେଳା କରିନାହାନ୍ତି ।

- ସେ କେଉଁଠି ? ପଚାରିବାରୁ ଦିବାକର ଉତ୍ତର ଦେଇଥିଲା- ପୂଜା ଘରେ ।

'ଚାଲ ଚାଲ' ହୋଇ ଗୋପ ପହଁଚିଲା ରାମଚନ୍ଦ୍ରଙ୍କ ପାଖରେ । ଓଠରେ ନଥିଲା ସାନ୍ତ୍ୱନାର ଭାଷା । ସତରେ କଣ ଏସବୁ ପରିସ୍ଥିତିରେ ଭାଷା କାମରେ ଆସେ ? ଖାଲି ଯାହା ପାଖରେ ନିଜେ ଅଛ ଏତିକି ଦେଖାଇ ହେବା କଥା । ପୂଜା ଘର ଦୁଆରୁ ଗୋପକୁ ଶୁଭିଲା ତାଙ୍କର କୋହଭରା କଣ୍ଠର କାତର ପ୍ରାର୍ଥନା ।

- ହେ ଅଖିଳ ବ୍ରହ୍ମାଣ୍ଡ କର୍ତ୍ତା, ହେ ପରମେଶ୍ୱର ! ହେ କରୁଣାମୟ ମୋତେ ଆଉ ସନ୍ତାନ ଦିଅନା । ଠାକୁରେ ଯଦି ବନ୍ଧନ ଛିଣ୍ଡାଉଛ ଭଲରେ ଛିଣ୍ଡାଅ । ଆଉ ସନ୍ତାନ ଦେଲେ ମୁଁ ସଂସାରରେ ବାନ୍ଧି ହୋଇ ପଡିବି ।

ଏ ପ୍ରକାରର ପ୍ରାର୍ଥନା ଗୋପର ଅନ୍ତର ଥରାଇ ଦେଲା । ଇଏ କଣ ବୈରାଗ୍ୟ ନା ନିଷ୍ଠୁରତା ? ମଣିଷ କଣ ଏପରି ପ୍ରାର୍ଥନା କରିପାରେ ।

ରାମଚନ୍ଦ୍ର ପ୍ରକୃତିସ୍ଥ ହେଲା ପରେ ଗୋପ ତାଙ୍କୁ କୁଣ୍ଢେଇ ଧରି ଅଶ୍ରୁମୋଚନ କରିଥିଲା । ମୁହଁରୁ ତା'ର ଭାଷା ହଜି ଯାଇଥିଲା । ହେଲେ ରାମଚନ୍ଦ୍ର ଦିଶୁଥିଲେ ଭିନ୍ନ । ଲାଗୁଥିଲା ଅନ୍ତର ଭିତରେ କଣ ସବୁ ସଂଘର୍ଷ ଚାଲିଛି । ହେଲେ ଗୋପକୁ ସେ ତା'ର ଟେର୍ ପାଇବାକୁ ବି ସୁଯୋଗ ଦେଉନାହାନ୍ତି । ସେ ଯେପରି ନିଜକୁ ବିନ୍ୟସ୍ତ କରି ରଖିବାକୁ ଚେଷ୍ଟା କରୁଛନ୍ତି ।

ସେ ଅପ୍ରତ୍ୟାଶିତ ଭାବେ ପଚାରିଥିଲେ, "ପାଠପଢା କିପରି ଚାଲିଛି ?"

ଗୋପ ଉତ୍ତର ଦେବାକୁ ସହଜ ହୋଇପାରି ନଥିଲା ।

- ବ୍ରଜସୁନ୍ଦର କିପରି ଅଛି ?

- ସର୍ବକୁଶଳ ।

- କର୍ତ୍ତବ୍ୟ ବୋଧିନି ସମିତିର କାର୍ଯ୍ୟକଳାପ କିପରି ଚାଲିଛି ?

- ନିୟମିତ ଭାବେ ବୈଠକ ହେଉଛି । ପ୍ରବନ୍ଧ ପାଠ, କବିତା ଆବୃତ୍ତି ମଧ୍ୟ ଚାଲିଛି ।


- ଆଉ ଦେଶ ଚିନ୍ତା ?

- ଆଜ୍ଞା ବିଭିନ୍ନ ପ୍ରସଙ୍ଗକୁ ନେଇ କାର୍ଯ୍ୟ କରାଯାଉଛି ।

- ବ୍ରାହ୍ମଣ ସମିତିର କାର୍ଯ୍ୟ ପାଇଁ ବି ଟିକେ ସମୟ କର ।

- ଆଜ୍ଞା ।

ଆଉ ଶେଷରେ କହିଥିଲେ ଓଡ଼ିଆ ଭାଷାରେ ପ୍ରଶ୍ନପତ୍ର ଆନ୍ଦୋଳନ କଣ ଅଧାରେ ଅଟକି ଗଲା ? ତୁମେ, ବ୍ରଜ, ବୈଦ୍ୟନାଥ ପ୍ରମୁଖ ମିଶି ଯେଉଁ କାମ ଆରମ୍ଭ କରଥିଲ ଫଳ କଣ ହେଲା ? ପ୍ରାଥମିକ ବିଫଳତାରେ କଣ କାମ ଅଟକି ଯାଏ ?



ଗୋପ ତାଙ୍କ ମୁହଁକୁ ଚାହିଁଥିଲା ବଲବଲ । କଥା ଦେଇଥିଲା ଆନ୍ଦୋଳନ ଆଗକୁ ବଢିବ । ସେମାନେ ଏ ପ୍ରସଙ୍ଗରେ ସତର୍କ ଓ ସକ୍ରିୟ ଅଛନ୍ତି । ଏଥିପାଇଁ ନିୟମିତ ଆଲୋଚନା ବି ହେଉଛି । ହେଲେ ରାମଚନ୍ଦ୍ରଙ୍କ ଆଚରଣରୁ ସେଦିନ ଗୋପ ଶିଖିଥିଲା – ସଂସାରରେ ଅଛ ମାନେ ସୁଖଦୁଃଖ ରହିବ । ଉଭୟ ହେଲା ଅଠା । ହାତରେ ତେଲ ଲଗାଇ ପଣସ ଛଡ଼ାଇଲେ ଅଠା ଲାଗିବ ନାହିଁ । ଦୁଃଖରେ ଖାଲି ନିର୍ଲିପ୍ତ ହେଲେ ଚଳିବ ନାହିଁ । ତାକୁ ଅତିକ୍ରମ କରି ସକ୍ରିୟ ହେବାକୁ ପଡିବ । ତା ପରେ ସେମାନଙ୍କ ଭିତରେ ଆସିଥିଲା ନୂଆ ଉତ୍ସାହ । ଅବଶ୍ୟ ଫେରିବା ବେଳେ ରାମଚନ୍ଦ୍ର ଦି' ଟୋପା ଲୁହ ଝରାଇ କହିଥିଲେ, "ସଂସାର ଭିତରେ ଘର କରିଥିଲେ ପଥର ପଡିଲେ ସହି ।"

ଗୋପ ବୁଝିଥିଲା ଭାଷାକୁ ନେଇ ସଂଗ୍ରାମ ଏକ ପବିତ୍ର ଯଜ୍ଞ । ବ୍ରଜସୁନ୍ଦର, ବୈଦ୍ୟନାଥ, ଜଗବନ୍ଧୁ, ଗୋପୀନାଥ, ଲୋକନାଥ ସମସ୍ତେ ଏହାର ସମୀଧ । ନିଜକୁ ମଧ୍ୟ ଗୋପ ଅଧିକ ବା ସ୍ୱତନ୍ତ୍ର ବୋଲି ମନେ କରୁ ନଥିଲା । ତେବେ ଏ ଯଜ୍ଞ ପ୍ରକ୍ରିୟା ବାରମ୍ବାର ବାଧା ପ୍ରାପ୍ତ ହେଉଥିଲା ବୋଲି ସେ ମନେ କରୁଥିଲା । ସ୍ଫୁଲିଙ୍ଗ ଅନେକ ଥିଲା, ହେଲେ ଶିଖାରେ ପରିଣତ ହୋଇ ପାରୁନଥିଲା । ସିଣ୍ଡିକେଟ୍ ସେମାନଙ୍କ ଦାବି ଅଗ୍ରାହ୍ୟ କରି ଦେଇଥିଲା । ସେମାନେ କେତେ ଜଣ ଛାତ୍ର ମାତ୍ର । ରାଇଜର ନେତୃସ୍ଥାନୀୟ ଲୋକେ ତାଙ୍କୁ ସହଯୋଗ କରୁ ନଥିଲେ । ସେମାନେ ହୁଏତ ଏହାକୁ ମର୍ଯ୍ୟାଦାର ପ୍ରଶ୍ନ ବୋଲି ଭାବୁ ନଥିଲେ । ବଳିଷ୍ଠ ଲୋକମତ ସୃଷ୍ଟି ଏମାନଙ୍କ ଦ୍ୱାରା ସମ୍ଭବ ହେଉନଥିଲା ।

ଛାତ୍ରମାନଙ୍କ ମନରେ ଥିଲା ଅଦମ୍ୟ ଉତ୍ସାହ । ହେଲେ ଯୋଜନା ଓ ଦୂରଦୃଷ୍ଟି ଲୋଡ଼ା ପଡୁଥିଲା । ଅଭିଜ୍ଞ ଓ ପ୍ରବୀଣ ଲୋକଙ୍କ ମାର୍ଗଦର୍ଶନ ଲୋଡ଼ା । ସେତେବେଳେ ପିଲାଙ୍କ ମନକୁ ଆସିଲେ

ଫକୀରମୋହନ । ୧୮୯୬ ମସିହା ବେଳୁ ସେ ଡ଼ମପଡା ଛାଡି ଦେଇଥାନ୍ତି । ଏକ ପ୍ରକାର ଅବସର ଜୀବନ କାଟିବାକୁ ଇଚ୍ଛା କରିଥାନ୍ତି । କଟକ ବାଖରାବାଦ ଧୂଆଁ ପଡ଼ିଆ ସାହିରେ ଜାଗା କିଣି ଘର କରି ରହୁଥାଆନ୍ତି । ଆର୍ଥିକ ଅବସ୍ଥା କିନ୍ତୁ ଭଲ ନଥାଏ । ଚଳିବା ପାଇଁ କାଠ ବ୍ୟବସାୟ କରୁଥାନ୍ତି । କବାଟ, ଚୌକାଠ ତିଆରି କରି ବିକ୍ରି କରୁଥାନ୍ତି । ହେଲେ ପିଲାଙ୍କ ଲାଗି ସେ ପ୍ରିୟ ହୋଇଥାନ୍ତି ୧୮୯୭ରୁ 'ଧୂର୍ଜଟୀ' ନାଁରେ 'ଉତ୍କଳ ସାହିତ୍ୟ'ରେ ଲେଖୁଥିବା 'ଛମାଣ ଆଠଗୁଣ୍ଠ' ଉପନ୍ୟାସ ଯୋଗୁଁ । ତେଣୁ ଗୋପ ଓ ତା'ର ମିତ୍ରମାନେ ସଭାର ଆୟୋଜନ କରିଥିଲେ ।

ପ୍ରେରଣାଦାତା ଫକୀରମୋହନ, ପୁରୀର ଦିବାକର ଦାସ ଅନେକ ଛାତ୍ରଙ୍କୁ ନେଇ ଆରମ୍ଭ ହୋଇଥିଲା ପ୍ରତିବାଦ ସଭା । ପ୍ରସ୍ତୁତ ହୋଇଥିଲା ରଣକୌଶଳ । ପ୍ରଥମେ ଗୋପ ଓ ବ୍ରଜ ଓଡ଼ିଆରେ ପ୍ରଶ୍ନପତ୍ରକୁ ନେଇ ହୋଇଥିବା ଦାବି ଓ ବିଫଳତା ବିଷୟରେ ସୂଚାଇଥିଲେ । ଉଭୟେ ଫକୀରମୋହନଙ୍କ ଅଭିଜ୍ଞତାରୁ ଏ ସମସ୍ୟାର ସମାଧାନ ପାଇଁ ଉପଦେଶ ଯାଚଞ୍ଚା କଲେ ।

– ଯଦି ସିଣ୍ଡିକେଟ୍ ତୁମ୍ଭମାନଙ୍କ ଦାବି ପ୍ରତ୍ୟାଖ୍ୟାନ କରିଛନ୍ତି ତେବେ ସେତିକିରେ କଣ ତୁମେମାନେ ଚୁପ୍ ରହିଯିବ ?

ଆରମ୍ଭରେ ଏପରି ପ୍ରଶ୍ନ ପଚାରି ଥିଲେ ବୟୋବୃଦ୍ଧ ଫକୀରମୋହନ ।

– ନା ଆମେ ଚୁପ୍ ରହିବୁ ନାହିଁ । ଏ ଥିଲା ସମବେତ ଉତ୍ତର । ହେଲେ ଉପାୟ ?

– ତୁମ୍ଭମାନଙ୍କର ଇଚ୍ଛା ଅଛି ତେଣୁ ଉପାୟ ନିଶ୍ଚୟ ମିଳିବ ।

– ଆମେମାନେ ଏକ ପ୍ରକାର ଅତିଷ୍ଠ ।

– ଅଳି କରିବା ସ୍ୱରରେ କହେ ଗୋପ ।

– ପୁରୀରେ ମୋ ମର୍ଯ୍ୟାଦା ଲାଗି ଏତେ ଲଢ଼ିଥିଲ ଗୋପ । ଏଠି ବୁଦ୍ଧି ପଇଟୁ ନାହିଁ ? ସହଜରେ କହିଥିଲେ ଦିବାକର ।

– ସିଣ୍ଡିକେଟ୍ ଉପରେ ତ ଲାଟ୍ । ଇଏ ଜନଗଣଙ୍କ ସମସ୍ୟା । ସେ ଏଥକୁ ମୁଣ୍ଡ ଖଟାନ୍ତୁ । ଛୋଟ ଲାଟ ଉଡ଼ବର୍ଣ କଲିକତା ବିଶ୍ୱବିଦ୍ୟାଳୟ ର ବି ରେକ୍ଟର । ତାଙ୍କ ପାଖରେ ସାଧାରଣ ତରଫରୁ ଏ ଦାବି କରାଯାଇ ପାରିବ । ସେ ବିବେକ ପ୍ରୟୋଗ କଲେ ଗୋଟିଏ ପ୍ରାଚୀନ ଜାତିକୁ ନ୍ୟାୟ ମିଳିବ ।

ଏପରି ପ୍ରସ୍ତାବ ଦେଇଥିଲେ ଫକୀରମୋହନ । ତାଙ୍କର ଏକଥା ସମସ୍ତଙ୍କ ମନକୁ ଛୁଇଁଥିଲା । ସମସ୍ତେ ଏ କଥାରେ ସମ୍ମତ ହୋଇଥିଲେ ।

ଶେଷରେ ସବୁକଥା ଉଡ଼ବର୍ଣ୍ଣଙ୍କୁ ଲିଖିତ ଭାବରେ ଅଭିଯୋଗ ଆକାରରେ ଜଣାଇ ଦିଆଗଲା । ଯୋଗକୁ ଲାଟ୍ ଅଳ୍ପ କେତେଦିନ ପରେ ବାଲେଶ୍ୱର ଆସିଲେ । ସେଠି ମଧ ତାଙ୍କ ପାଖେ ସ୍ମାରକ ପତ୍ର ଓ ତାର ପହଞ୍ଚାଇ ଦିଆଗଲା । ସେ ନିଜେ ଏ ସମସ୍ୟା ପ୍ରତି ଦୃଷ୍ଟି ଦେବାକୁ ପ୍ରତିଶ୍ରୁତି ଦେଲେ । ସ୍ମାରକ ପତ୍ରରେ ଲେଖାଗଲା –

That the inclusion of the oriya language in the list of those vernaculars in which papers on original composition are set at the F.A. and B.A. examinations is calculated to promote a wholesome spirit of literary culture in their own mother tongue amongst the graduates and undergraduates of orissa, and there by to accelerate the growth and development of the language and literature of the province _a result which our paternal government has always been earnestly anxious to secure.

ଗୋପକୁ ତା'ର ଶିକ୍ଷକ ଦିବ୍ୟସିଂହ ମିଶ୍ର ସବୁବେଳେ କହନ୍ତି– ଏ ଦୁନିଆରେ କୌଣସି ଶ୍ରମ ନିରର୍ଥକ ନୁହେଁ । ସାର୍ ଜନ୍ ଉଡ଼ବର୍ଣ କିନ୍ତୁ ଏ କଥା ହାତକୁ ନେଲେ । ସେ ଅନ୍ୟାନ୍ୟ ଅଧିକାରୀମାନଙ୍କ ପରି ହୃଦୟହୀନ ନଥିଲେ । ତାଙ୍କରି ଉଦ୍ୟମରେ ଓଡ଼ିଆରେ ସ୍ୱତନ୍ତ୍ର ପ୍ରଶ୍ନ ହେବା କଥାଟି ଅନୁମୋଦନ ଲାଭ କଲା ।

ଯେତେବେଳେ କଲିକତା ବିଶ୍ୱବିଦ୍ୟାଳୟ ତରଫରୁ ଚିଠି ଆସିଲା ଯେ ବିଶ୍ୱବିଦ୍ୟାଳୟ ଏଫ୍.ଏ. ଓ ବି.ଏ. ପରୀକ୍ଷା ପାଇଁ ଓଡ଼ିଆକୁ ବିଷୟ ରୂପେ ଗ୍ରହଣ କରିଛି ଗୋପ ତା'ର ଶିକ୍ଷକଙ୍କ ଉକ୍ତି ମନେ ପକାଇଲା । ସେ ବ୍ରଜ ଓ ଅନ୍ୟମାନେ ସଂଗ୍ରାମର ସାର୍ଥକତା ଅନୁଭବ କଲେ । ଜାତୀୟ କାର୍ଯ୍ୟରେ ସଫଳତାର ଏ ସ୍ୱାଦ ଗୋପକୁ ଏବେବି ଖୁବ୍ ମଧୁର ଲାଗେ ।

ଏମିତି କେତେ ଚିନ୍ତାରେ ମଗ୍ନ ଥିଲାବେଳେ ଗୋପ ପାଖରେ ଆସି ବସନ୍ତି ତଳ ଶ୍ରେଣୀର ହରିହର ପୁଣି ଉମାଚରଣ । ଏ ଉଭୟେ ତ ତାଙ୍କ ସହ ରହନ୍ତି । ଆଉ ଗପସପକୁ ଜୁଟନ୍ତି ପାଖ କୋଠରୀର ଲୋକନାଥ । ସେ ପରମ ହାସ୍ୟ ରସିକକୁ ଗୋପ ସୂକ୍ଷ୍ମ ରସିକ । ଦୁହେଁ ମିଶିଲେ ଗମ୍ଭୀର ପରିବେଶ ହୋଇଯାଏ ହାଲୁକା ।

ଗୋପର ମନେ ପକାଏ ଆହୁରି କେତେ କଥା ।

– ବୁଝିଲ ମୁଁ ନୂଆନୂଆ କଟକ ଆସିଥାଏ । ସଂଜବେଳେ ଚାଲି ଚାଲି ଯାଉଥାଏ ନଈ କୂଳ । ଜଣେ ପିଲା ଦୂରରୁ ଡାକେ,

– ହେ ପୂଜାରୀ ପିଲା ରହ ।

– ଆପଣଙ୍କୁ ପୂଜାରୀ ପିଲା କହିଲା ? ପଚାରେ ହରିହର

– ହଁ ମୋର ଗାଉଁଲି ଚେହେରା ଦେଖି ସେମିତି ଭାବିଥିବ ପରା ।

ମଝିରେ ଲୋକନାଥ କହେ, "ତୁମ ଚେହେରା ନୁହଁ ହେ ଚୁଟି ଆଉ ପରିଛଦରୁ ସେ ସେମିତି ଠଉରାଇ ଥିବ ।"

ସମସ୍ତେ ହସନ୍ତି । ପୁଣି କଥାର ଖିଅ ଲମ୍ବାଏ ଗୋପ ।

ତା ପରେ ମୁଁ ପଚାରିଲି,

– କଣ ହେଲା ?

– ଆମ ଘରେ ରୋଷେଇଆ ରହିବୁ ?

– ହଉ ଦେଖିବା । ରହିବା । ଏମିତି ଉତ୍ତର ଦେଇ ଚାଲି ଆସିଥିଲି ମୁଁ । ପରେ ଜାଣିଥିଲି ପିଲାଟିର ନାଁ ବୀରକିଶୋର । ସେ ଜଣେ ସ୍କୁଲ ଛାତ୍ର । ଏ କଥା ଶୁଣି ହସି ଉଠିଥିଲା ହରିହର । କ୍ରମେ ଅନ୍ୟମାନେ ବି ଯୋଗ ଦେଇଥିଲେ ହସରେ । ସରସ ରସାଳ କଥା କହି ଲୋକଙ୍କୁ ହସାଇବା ପୁଣି ମଝିରେ ଗମ୍ଭୀର କଥା କହି କନ୍ଦାଇବା ରେ ଗୋପ ଓସ୍ତାଦ । ସେଦିନ କେତେ ଅସଂଲଗ୍ନ ପୁଣି ଗମ୍ଭୀର କଥା ବି ଆଲୋଚିତ ହେଲା ।

କିଛି ସମୟ ପାଇଁ ପଡିଲା ଅଧକ୍ଷ ହଲଓ୍ୱାର୍ଡ ସାହେବଙ୍କ କଥା । ହଲଓ୍ୱାର୍ଡ ସାହେବ ଯଥାର୍ଥରେ ସାହେବ । ମଳିମୁଣ୍ଡିଆ ଓଡ଼ିଆଙ୍କ ପୋଷାକ ଦେଖିଲେ ତାଙ୍କ ଆଖିରେ ଶୁଖୁଆ କଂଟା ଗଳି ଯାଏ । ଧୋତି ଚଦର ତାଙ୍କ ପାଇଁ ଅସଭ୍ୟର ପୋଷାକ ।

ପୁରୀ, କଟକ, ବାଲେଶ୍ୱରର ଏଣ୍ଟ୍ରାନ୍ସ୍ ପରୀକ୍ଷା ବେଳେ ପିଲେ ତାଙ୍କ ଡ଼ରରେ କଟକରେ ପହଂଚି କୁର୍ତ୍ତା ତିଆରି କରାଇ ଦେହରେ ଗଳାନ୍ତି । ହଁ ଶସ୍ତା ଜୋତା ବି ମଡାନ୍ତି ।

କଥା ଶୁଣି ହସି ଉଠନ୍ତି ସମସ୍ତେ ।

ତା ପରେ ପଡେ ଆଉ ଜଣେ ଅଧକ୍ଷଙ୍କ କଥା ।

ସେ ହେଲେ ନୀଳକଣ୍ଠ ମଜୁମଦାର । ଗୋପର କଥା ଆରମ୍ଭ କରେ

– ପୁରୀ ଜିଲ୍ଲା ସ୍କୁଲର ଦି'ଜଣ ପିଲା ମୋ ପାଖରେ ରହିବାକୁ ଆସନ୍ତି । ଜଣକ ନାଁ କୃଷ୍ଣଚନ୍ଦ୍ର ମିଶ୍ର ଆଉ ଜଣେ କାଳୀଚରଣ ଦାସ । ମିଶ୍ର ବ୍ରାହ୍ମଣ ଦାସ କରଣ । ଦୁହିଁଙ୍କୁ ପାଖରେ ରଖିବା ପାଇଁ ମୁଁ ଅଧକ୍ଷଙ୍କୁ ଦରଖାସ୍ତ କରେ ।

– ତା ପରେ କଣ ହେଲା ? ପଚାରେ ହରି ।

– ତା ପରେ ପ୍ରିନ୍ସିପାଲ୍ ସାହେବ ଆଦେଶ କରନ୍ତି କାଳୀଚରଣ ଦାସ ବୋଧହୁଏ ଗୋପବନ୍ଧୁ ଦାସର ଆତ୍ମୀୟ । କାରଣ ଉଭୟେ ଦାସ । ମିଶ୍ର କିପରି



ତାଙ୍କ ଆତ୍ମୀୟ ହେବେ ? ତେଣୁ କେବଳ କାଳୀଚରଣ ଗୋପ ପାଖରେ ରହି ପାରିବେ ।

ଏ କଥାରେ ସମସ୍ତେ ହସି ଉଠନ୍ତି । ତା ପରେ ଗୋପ ପୁଣି ଗମ୍ଭୀର କଥା ପକାଏ ।

- ତୁମର ସେ କାଙ୍କଣ ଗଛ କଥା ମନେ ଅଛି ଲୋକନାଥ ?

- ନା ତ ।

- ମେସ୍‌ରେ କାଙ୍କଣ ତରକାରୀ ହୁଏ । କେମିତି ମଞ୍ଜି ପଡି ଗଛଟିଏ ଉଠି ଯାଇଥିଲା । ଗଛଟି ଭଲରେ ବଢୁ ବୋଲି ତ୍ରିବିକ୍ରମ ଓ ମୁଁ ମିଶି ରଂଜା ଦେଲୁ । ହେଲେ ପରଦିନ ଗଛ ଝାଉଁଳି ପଡିଲା ।

- କାହିଁକି ? ପଚାରିଲା ଗୋପୀ ।

- ଯିଏ ସ୍ୱାଧୀନ ସିଏ ପର ଆଶ୍ରାରେ ବଢିବାକୁ ସୁଖ ପାଏନି ବୋଧେ ।

- ଘଟଣାର ଦାର୍ଶନିକ ବ୍ୟାଖ୍ୟା କରିଥିଲା ଗୋପ ।

ଏକଥା ଶୁଣି ଲୋକନାଥ କହିଥଲା, "ହସକଥା ଭିତରେ ଏମିତି ଛୁଙ୍କ ଦେବା ଦାସେ ହିଁ ଜାଣନ୍ତି ।" ସେତେବେଳକୁ ଗୋପ ଆଖି ନିଦୁଆ ଦିଶୁଥାଏ । ମୁହଁ ବି ଲାଗୁଥାଏ ଭୋକ-ଆତୁରା । ତେଣେ ରୋଷେଇ ବିଳମ୍ବିତ ହେଉଥାଏ । ଗୋପ ହରିହରକୁ କହେ,

- ରୋଷେଇ ସରିଲା କି ?

- ଭାତ, ଡାଲି ବସିଛି ।

- ଅନ୍ନମୟ ପିଣ୍ଡ । ଏତେ ଡେରି ହେଲେ ସମ୍ଭଳା ପଡିବଟି ?

- ସରିଲେ ତ ଯାହା ହେବ । ବାଂକୀ ଶତପଥୀଙ୍କର ତ ସବୁବେଳେ ଡେରି ।

- ଚାଲ ଚାଲ ହରି ଆଉ ଡେରି କରନାହିଁ । ଭାତ ତ ବସିଛି ଗାଳି କରି ଦେବ, ଡାଲି ଛୁଙ୍କ ହେଲେ ଦେବ ଆଉ ତରକାରୀ ହେଉଥିବ ପରେ ଦେବ । ସମସ୍ତେ ହସି ଉଠନ୍ତି । ତା'ପରେ ଖାଇବା ଭିତରେ ମନେପଡେ ପୁରୀରେ ଘଟିଥିବା କଥା ।

ମୁହଁ ପୁଣି ହୋଇଯାଏ ଗମ୍ଭୀର । ସ୍ଥାନୀୟ ଲୋକେ ତାକୁ ଅବ୍ୟବସ୍ଥା ବୋଲି କହିଲେ । ଗୋପ କଟକରେ ଥିଲା ବେଳେ ଏ ସମ୍ପର୍କରେ କିଛିଟା ଆଭାସ ପାଇଥିଲା । ପୁରୀରେ ବିସ୍ତୃତ କାହାଣୀ କହିଥିଲେ ରାମଚନ୍ଦ୍ର । ବାହାରର ଖବର କାଗଜ ଘଟଣାର ଅତିରଞ୍ଜନ କଲେ । ହେଲେ ଗୋପ ମନରେ ଆଲୋଡନ ହୋଇଥିଲା ଭିନ୍ନ ପ୍ରକାର ।

ରାମଚନ୍ଦ୍ର ସୂଚାଇଥିଲେ:

ଘଟଣା ଥିଲା ମଧୁବାବୁଙ୍କ ଝିଅ ଶୈଳବାଳାଙ୍କୁ ନେଇ । ରଥ ପୂର୍ବରୁ ସେ ପୁରୀରେ ଥାଆନ୍ତି । ଗୁଣ୍ଡିଚା ପୂର୍ବଦିନ ଶୈଳବାଳା, ପୁରୀ ସିଭିଲ୍ ସର୍ଜନଙ୍କ ପତ୍ନୀ ଓ ଆଉ କେତେଜଣ ସ୍ତ୍ରୀଲୋକ ଚାଲୁ ଚାଲୁ ସିଂହଦ୍ୱାର ପାଖାପାଖି ହେଲେ । ସେମାନଙ୍କର ମନ୍ଦିର ଯିବାର ଯୋଜନା ନଥାଏ । ହେଲେ-

ଜଣେ ପଣ୍ଡା ତାଙ୍କୁ ଭିତରକୁ ଡାକେ । ଶୈଳବାଳା ମନ୍ଦିରର କଟକଣା ସହ ପରିଚିତ । ତେଣୁ ସେ ଯିବାକୁ ଆଗ୍ରହୀ ନଥିଲେ । ପଣ୍ଡାର ଅନୁରୋଧ ଏଡି ନ ପାରି ଗଲେ । ସେମାନେ ପଣ୍ଡାଙ୍କ ସହଯୋଗେ ଚନ୍ଦନ ଅର୍ଗଳି ପର୍ଯ୍ୟନ୍ତ ଯାଇଥାନ୍ତି । ଜଣେ କେହି ପାଦୁକ ଦିଏ । ଶୈଳବାଳା ଓ ଜଣେ ବ୍ରାହ୍ମଣ ମହିଳା ପାଦୁକ ମଧ ପିଇଲେ ନାହିଁ । ଦୁର୍ଭାଗ୍ୟକୁ ଜଣେ ବୈଷ୍ଣବ ସେମାନଙ୍କୁ ଦେଖିଲା ।

- ସେଠୁ କଣ ହେଲା ?

- କଣ ଆଉ ହେବ ? ଉପ୍ତାତିଆଙ୍କର କାମ ଦରକାର । ଅକାରଣ ସମସ୍ୟା ଲୋଡ଼ା । ମଧୁବାବୁଙ୍କ ଝିଅ ଯୋଗୁଁ ଦେଉଳ ମାରା ହେଲା ବୋଲି ସେ ଚିତ୍କାର କଲା । ଶେଷରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକ ଆସିବା ପର୍ଯ୍ୟନ୍ତ କଥା ଗଲା । ବଙ୍ଗାଳି 'ମିରର୍'ରେ ଖବର ବାହାରିଲା: ଖ୍ରୀଷ୍ଟିଆନ ମହିଳାମାନେ ହିନ୍ଦୁମାନଙ୍କୁ ବିଦ୍ରୁପ କରିବା ପାଇଁ ଦେଉଳକୁ ଯାଇଥିଲେ ।

- ହେ ଭଗବାନ ! ଇଏ ତ ଅକାରଣ ବଜ୍ରପାତ ।

- ହଁ ଗୋପ ଠିକ୍ କହିଛ । ସେ ତ ଆସୁ ନଥିଲେ । ତୁମେ ଡାକିବ ପୁଣି ହଇରାଣ କରିବ, ଇଏ କେମନ୍ତ କଥା ।

- ତା ପରେ ?

- ଯାହା ଯେମିତି ହୁଏ । ଶୌଚ ଲାଗି ମହାପ୍ରଭୁଙ୍କର ମହାସ୍ନାନ ହେଲା । ମଧୁବାବୁ ରାଜାଙ୍କ ପାଖେ କ୍ଷମା ପ୍ରାର୍ଥନା କଲେ । ସମ୍ପୃକ୍ତ ପଣ୍ଡାଙ୍କୁ ଜୋରିମାନା କରାଗଲା ।

ମଧୁବାବୁ ଏଥିପାଇଁ ହଇରାଣ ହେଲେ ଗୋପକୁ ଏକଥା କେମିତି ଅଡୁଆ ଲାଗିଲା । ବିବ୍ରତ ହୋଇ ସେ କହି ପକାଇଥିଲା, "ଯଦି ମଣିଷ ଏତେ ବିଭାଜିତ ହୋଇ ରହିବ ଜାତୀୟ ଜୀବନ ବୋଲି କିଛି ରହିବ ତ ? ଆମେ ଜଗନ୍ନାଥଙ୍କୁ ଆଉ ଜଗତର ନାଥ କେମିତି କହିବା ?"

ଏମିତି ଏକ ପ୍ରଶ୍ନରେ ସେ ଘାଣ୍ଟି ହେଲା ଓ ଖାଇବା ସାରି ପୂରା ନିରବ ହୋଇଗଲା ।

ତା ପରେ ଶୋଇବାକୁ ଗଲା ବେଳେ ହରିହର କହିଲା, "ତାଙ୍କର କେତେ ରାତି ଏମିତି କଥା ସବୁ ଭାବି ଭାବି ଯାଏ । କିଏ ଟିକିଏ ଦୁଃଖ ପାଇଲେ ସିଏ କରତି ହୋଇଯାନ୍ତି । ଛାଟିପିଟି ହୁଅନ୍ତି ।"

ଅନ୍ୟମାନେ ଯେ ଯାହାର ବିଶ୍ରାମ ନେବାକୁ ଗଲେ । ହାସ୍ୟମୁଖର ଲୋକନାଥ ବି କେମିତି ଟିକେ ବ୍ୟଥିତ ହୋଇ ପଡ଼ିଥିଲେ ।

With Best Compliments from

A Well Wisher



# ସରୋଜିନୀଙ୍କ ସ୍ୱାସ୍ଥ୍ୟଶାଳା

ଶରୀର ହେଉଛି ନାନାଦି ରୋଗର ଘର । ଶରୀର ଅଛି ମାନେ ରୋଗ ଆସିବ । କିନ୍ତୁ ଉପଯୁକ୍ତ ସଚେତନତା ଏବଂ ଉଚିତ୍ ସମୟରେ ଡାକ୍ତରୀ ପରାମର୍ଶ ଓ ଚିକିତ୍ସା, ଏଥିରୁ ଆମକୁ ନିରାମୟତା ଆଡ଼କୁ ଘେନିଯାଏ । ସୁଖ୍ୟାତ ଚିକିତ୍ସାବିଜ୍ଞାନୀ ଡାକ୍ତର ସରୋଜିନୀ ଷଡ଼ଙ୍ଗୀ 'ରେବତୀ' ପାଇଁ ତାର ସ୍ୱାସ୍ଥ୍ୟଶାଳାରେ ପରଷିଦିଅନ୍ତି ନାରୀ ରୋଗର ବିବିଧ ଉପଚାର ।



# ସରୋଗେସି

# (ସ୍ଥାନାପନ୍ନ ମାତୃତ୍ୱ)




**ଡାକ୍ତର ସରୋଜିନୀ ଷଡ଼ଙ୍ଗୀ**

ସ୍ତ୍ରୀରୋଗ ଓ ପ୍ରସୂତି ବିଶେଷଜ୍ଞା

ଲିଙ୍କ୍ ରୋଡ୍, କଟକ - ୧୨

ଫୋନ : ୯୪୩୭୦୫୫୦୦୭


ଫଟୋ ସୌଜନ୍ୟ : ଗୁଗୁଲ୍

ଉଚ୍ଚ ରକ୍ତଚାପ ଗର୍ଭାବସ୍ଥାର ଏକ ସାଧାରଣ ସମସ୍ୟା ହେଲେ ମଧ୍ୟ ଏହା ବହୁପରିମାଣରେ ମାତୃମୃତ୍ୟୁ ଓ ଶିଶୁମୃତ୍ୟୁ ପାଇଁ ଦାୟୀ । ଏହା ମାତୃମୃତ୍ୟୁର ଅନ୍ୟତମ ମୁଖ୍ୟ କାରଣ କହିଲେ ଅତ୍ୟୁକ୍ତି ହେବ ନାହିଁ । କେତେକଙ୍କର ଏହି ଉଚ୍ଚ ରକ୍ତଚାପ ଗର୍ଭଧାରଣ ପୂର୍ବରୁ ରହିଥିବା ବେଳେ ଆଉ କେତେକଙ୍କର ଗର୍ଭାବସ୍ଥାରେ ପ୍ରଥମ ଥର ପାଇଁ ହୋଇଥାଏ । ଏହାର ପ୍ରକୃତ ଚିହ୍ନଟ ଓ ଚିକିତ୍ସା ଠିକ୍ ସମୟରେ ହୋଇପାରିଲେ ମା' ଓ ଶିଶୁ ଉଭୟଙ୍କର ଜୀବନ ରକ୍ଷା ହୋଇପାରିବ । ବିକାଶୋନ୍ମୁଖୀ ଦେଶରେ ଗର୍ଭବତୀ ନାରୀଙ୍କର ପ୍ରସୂତି ପରିଚର୍ଯ୍ୟାଗାରରେ ଆଦୌ ଯତ୍ନ ନିଆଯାଏ ନାହିଁ ତେଣୁ ଏହି ଉଚ୍ଚ ରକ୍ତଚାପର ଚିହ୍ନଟ ଠିକ୍ ସମୟରେ ହୋଇପାରେ ନାହିଁ ଏବଂ ମା' ଓ ଶିଶୁ ଉଭୟଙ୍କର ବିଭିନ୍ନ ପ୍ରକାର ସମସ୍ୟା ଦେଖାଦେଇଥାଏ ।

## ଗର୍ଭାବସ୍ଥାରେ ଉଚ୍ଚ ରକ୍ତଚାପର ପ୍ରକାର ଭେଦ

**ଜେଷ୍ଟେସନାଲ୍ ହାଇପର ଟେନ୍ସନ୍ :** ଏହି ଅବସ୍ଥାରେ କେବଳ ଗର୍ଭସମୟରେ ଉଚ୍ଚରକ୍ତଚାପ ବୃଦ୍ଧିହୋଇଥାଏ କିନ୍ତୁ ଗୋଡ଼ହାତ ଫୁଲାଫୁଲି ବା ଇଡ଼ିମା ହୋଇନଥାଏ ବା' ପରିଶ୍ରାରେ ଆଲବୁମିନ୍ ଯାଏନାହିଁ ।

**ପ୍ରିଏକ୍ଲାମ୍ପସିଆ :** ଗର୍ଭାବସ୍ଥାରେ ଉଚ୍ଚରକ୍ତଚାପ ଏବଂ ପରିଶ୍ରାରେ ପ୍ରୋଟିନୁରିଆ ହୁଏ । ତେବେ କେତେକଙ୍କର ଫୁଲାଫୁଲି ବା ଇଡ଼ିମା ଥିବାବେଳେ ଆଉ କେତେକଙ୍କର ଇଡ଼ିମା ନଥାଏ, ଉପରୋକ୍ତ ତିନୋଟି ଲକ୍ଷଣରୁ ପ୍ରଥମ ଦୁଇଟି ଥିଲେ ପ୍ରିଏକ୍ଲାମ୍ପସିଆ କୁହାଯାଏ ।

**ଏକ୍ଲାମ୍ପସିଆ :** ଗର୍ଭାବସ୍ଥାରେ ଉଚ୍ଚରକ୍ତଚାପ, ଫୁଲାଫୁଲି, ପ୍ରୋଟିନୁରିଆ ସହ ବାତ ମାରେ ବା' କନଭଲ୍‌ସନ୍ ହୁଏ ।

**ଗର୍ଭାବସ୍ଥାରେ କ୍ରନିକ୍ ଉଚ୍ଚରକ୍ତଚାପ :**ଗର୍ଭଧାରଣ ପୂର୍ବରୁ ଯଦି ପୁରୁଣା ଉଚ୍ଚରକ୍ତଚାପ ଥାଏ, କିମ୍ବା ଏହା ଯଦି ବୃକ୍‌କଜନିତ, ଥାଇରଏଡ୍ କୋଆରେକ୍ଟସନ୍ ଅଫ୍ ଆଓର୍ଟ୍ ବା' ଫିଓକ୍ରୋମୋସାଇଟୋମା ଯୋଗୁଁ ହୋଇଥାଏ ।

କ୍ରନିକ୍ ଉଚ୍ଚରକ୍ତଚାପ ସହ ଯଦି ଗର୍ଭବତୀନାରୀଙ୍କୁ ପ୍ରିଏକ୍ଲାମ୍ପସିଆ ଓ ଏକ୍ଲାମ୍ପସିଆ ହୁଏ ।

**ପ୍ରିଏକ୍ଲାମ୍ପସିଆ:** କୌଣସି ନିଶ୍ଚିତ କାରଣ ନଥାଇ ଏବଂ ଆଗରୁ ନର୍ମାଲ୍ ରକ୍ତଚାପ ଥାଇ ଯଦି ଗର୍ଭାବସ୍ଥାର ୨୦ ସପ୍ତାହପରେ ଉଚ୍ଚରକ୍ତଚାପ (୧୪୦/୯୦ମି.ମି.ମର୍କ୍ୟୁରୀ ଠାରୁ ଅଧିକ ହୁଏ) ଏବଂ ଆଲ୍‌ବୁମିନୁରିଆ (ପରିଶ୍ରାରେ ପ୍ରୋଟିନ୍) ଯାଏ ତେବେ ଗର୍ଭବତୀଙ୍କୁ 'ପ୍ରିଏକ୍ଲାମ୍ପସିଆ' ହୋଇଛି ବୋଲି ଜଣାପଡ଼େ ।

**ଏକ୍ଲାମ୍ପସିଆ:** ସାଧାରଣତଃ ଗର୍ଭାବସ୍ଥାରେ ପ୍ରାୟ ଶତକଡ଼ା ୫୦ ଭାଗରୁ ଅଧିକ ଗର୍ଭବତୀ ନାରୀଙ୍କର ଇଡ଼ିମା ବା' ଫୁଲାଫୁଲି ଥାଏ । ବେଳେବେଳେ ପ୍ରିଏକ୍ଲାମ୍ପସିଆ ଯଦି ୨୦ ସପ୍ତାହ ଆଗରୁ ଦେଖାଯାଏ, ତେବେ ଏହା ପ୍ରାୟତଃ ଅଙ୍ଗୁରଦାନା ଗର୍ଭ ପାଇଁ ହୋଇଥାଏ ।

ପ୍ରେଗନାନ୍ସି ଇଣ୍ଡ୍ୟୁସ୍‌ଡ଼ ହାଇପର୍‌ଟେନ୍‌ସନ୍ ହେଉଛି ଏପରି ରକ୍ତଚାପ ଯାହା କେବଳ ଗର୍ଭାବସ୍ଥା ଯୋଗୁଁ ହୋଇଥାଏ । ପ୍ରେଗନାନ୍ସି ଇଣ୍ଡ୍ୟୁସ୍‌ଡ଼ ହାଇପର୍‌ଟେନ୍‌ସନ୍ ୩ ପ୍ରକାରର ହୋଇଥାଏ ।

୧) ଜେଷ୍ଟେସନାଲ୍ ହାଇପର୍‌ଟେନ୍‌ସନ୍


୨) ପ୍ରିଏକ୍ଲାମ୍ପସିଆ

୩) ଏକ୍ଲାମ୍ପସିଆ

**ଶ୍ରେଣୀବିଭାଗ :** ପ୍ରିଏକ୍ଲାମ୍ପସିଆ କେବଳ ଗର୍ଭାବସ୍ଥାରେ ହୋଇଥାଏ ବା' ଗର୍ଭାବସ୍ଥାରେ ଉଚ୍ଚରକ୍ତଚାପ ଥାଇ ଏହା ହୋଇଥାଏ ।

**ପ୍ରାଥମିକ :** ଶତକଡ଼ା ୭୦ ପ୍ରତିଶତ ଗର୍ଭବତୀ ନାରୀଙ୍କଠାରେ କେବଳ ଗର୍ଭାବସ୍ଥାରେ ଏହିରୋଗ ହୋଇଥାଏ । ଉଚ୍ଚରକ୍ତଚାପ ସହ ବାତ ମାରିଲେ ଏହାକୁ ଏକ୍ଲାମ୍ପସିଆ କୁହାଯାଏ ।






**ସେକେଣ୍ଡାରୀ :** ଶତକଡ଼ା ୨୦ ପ୍ରତିଶତ ନାରୀଙ୍କର ଉଚ୍ଚରକ୍ତଚାପ ସହ ପ୍ରିଏକ୍ଲାମ୍ପସିଆ ହୋଇଥାଏ ଓ ଏକ୍ଲାମ୍ପସିଆ ହୋଇବାତ ମାରିଥାଏ ।

ଏହାର ଚିହ୍ନଟ - ଯଦି ରକ୍ତଚାପ ୧୪୦/୯୦ ବେଶୀ ହୋଇଥାଏ, କିମ୍ବା ସିଷ୍ଟୋଲିକ୍ ବା' ଉପର ରକ୍ତଚାପ ମୂଳ ରକ୍ତଚାପରୁ ୩୦ ଏବଂ ତଳ ବା ଡ଼ାୟାଷ୍ଟୋଲିକ୍ ରକ୍ତଚାପ ମୂଳରକ୍ତଚାପରୁ ୧୫ରୁ ବେଶୀ ହୋଇଯାଏ । ଏହାକୁ ଗର୍ଭାବସ୍ଥାରେ ଉଚ୍ଚରକ୍ତଚାପ କୁହାଯାଏ କିମ୍ବା ମିନ୍ ଆର୍ଟେରିଆଲ ପ୍ରେସର୍ ୧୦୫ ମିମି ମର୍କ୍ୟୁରୀରୁ ବେଶୀ ହୋଇଥିଲେ ପ୍ରିଏକ୍ଲାମ୍ପସିଆ ହୋଇଥାଏ ।

ଥରଟିଏ ନୁହେଁ ଅନ୍ତତଃ ଦୁଇଥର ୬ଘଣ୍ଟାଛାଡ଼ି ରକ୍ତଚାପ ମାପିଲେ ଯଦି ଏହା ୧୫୦/୯୦ ମି.ମି. ଉପରକୁ ହୋଇଥାଏ, ଗର୍ଭାବସ୍ଥାରେ ଗୋଡ଼ ଫୁଲାଫୁଲି ବା ଇଡ଼ିମା ହୋଇଥିଲେ କିମ୍ବା ଓଜନ ଖୁବ୍ ଶୀଘ୍ର ବଢ଼ିଗଲେ (ସପ୍ତାହରେ ଅଧକେଜିରୁ ଅଧିକା) ଏବଂ ପରିଶ୍ରାରେ ପ୍ରୋଟିନ୍ ବା' ଆଲ୍‌ବିମିନ୍ ଗଲେ ଗର୍ଭାବସ୍ଥାରେ ଉଚ୍ଚରକ୍ତଚାପ ହୋଇଛି ବୋଲି ଧରିନେବାକୁ ହୁଏ । ଏହା ପ୍ରଥମଗର୍ଭା ମାନଙ୍କଠାରେ ଶତକଡ଼ା ୧୦ ପ୍ରତିଶତ ଦେଖାଯାଉଥିବା ବେଳେ ବହୁଗର୍ଭା ମାନଙ୍କଠାରେ ଶତକଡ଼ା ୫ ପ୍ରତିଶତ ଦେଖାଦିଏ ଏବଂ ବିକାଶଶୀଳ ଦେଶ ଅପେକ୍ଷା ବିକାଶୋନ୍ମୁଖୀ ଦେଶରେ ବେଶୀ ଦେଖାଯାଏ ।

## ଏହା କେଉଁ କ୍ଷେତ୍ରରେ ବେଶୀ ଦେଖାଯାଏ

୧) ପ୍ରଥମଗର୍ଭା : ବେଶୀ ବୟସ ହେଉକି କମ୍ ବୟସ ହେଉ ପ୍ରଥମଗର୍ଭାମାନଙ୍କୁ ଏହା ବେଶୀ ପରିମାଣରେ ହୋଇଥାଏ ।

୨)ଆଗରୁ ପରିବାରରେ ଭଉଣୀ କିମ୍ବା ମା, ମାଉସୀଙ୍କର କ୍ରନିକ୍ ଉଚ୍ଚ ରକ୍ତଚାପ ଥିଲେ ।

୩) ଯାଆଁଳା ଗର୍ଭ

୪) ମଧୁମେହ ରୋଗ

୫) ଆର୍.ଏଚ୍. ନେଗେଟିଭ୍ ବୈଷମ୍ୟ

୬) ଅଙ୍ଗୁରଦାନା ଗର୍ଭ

୭) କ୍ରନିକ୍ ଉଚ୍ଚ ରକ୍ତଚାପ

ଏହାର କାରଣ - ଏହାର ପ୍ରକୃତ କାରଣ ଜଣାନଥିଲେ ମଧ ଧମନୀ ଭିତରେ ଥିବା ଅଭ୍ୟନ୍ତରୀଣ ଝିଲ୍ଲୀରେ ହଠାତ୍ ସଙ୍କୋଚନ ହେବା ଫଳରେ (ଭାସୋସ୍ପାଜ୍ମ) ଜରାୟୁ, ବୃକକ୍ ଓ ମସ୍ତିଷ୍କର ଧମନୀରେ ବେଶୀ ସ୍ପାଜମ୍ ହୋଇଥାଏ ।

ଏହା କେତେ ପ୍ରକାରର - ଏହା ସାଧାରଣତଃ ଦୁଇ ପ୍ରକାରର-

୧) ମାଇଲଡ଼୍ (ଅଳ୍ପ) - ଏଥିରେ ରକ୍ତଚାପ (୧୪୦/୯୦ ରୁ ୧୬୦/୧୧୦)ମି.ମି. ମର୍କୁରୀ ଥାଏ ।

୨) ସିଭିଅର୍ (ଅତ୍ୟଧିକ)- ଏଥିରେ ରୋଗୀଣୀର ରକ୍ତଚାପ ୧୬୦/୧୧୦ ମି.ମି. ଠାରୁ ଅଧିକା ହେବା ସହ ଉପର ପେଟରେ ବ୍ୟଥା, ଆଖି ଜାଲ୍ ଜାଲୁଆ ଦିଶିବା, ବା' ଆଦୌ ଦେଖାନଯିବା, ପରିଶ୍ରା କମିଯିବା, ବା' ଦିନକୁ ୪୦୦ମି.ଲି. ରୁ କମ୍ ହେବା, ପରିଶ୍ରାରେ ୫ଗ୍ରା. ରୁ ଅଧିକ ପ୍ରୋଟିନ୍ ଯିବା, ପ୍ଲେଟ୍‌ଲେଟ୍ କାଉଣ୍ଟ କମିଯିବା କୋଆଗୁଲେସନ୍ ଫେଲିଓର୍ ଗର୍ଭସ୍ଥଶିଶୁ ନବଢ଼ିବା କିମ୍ବା ଗର୍ଭସ୍ଥ ଶିଶୁର ମୃତ୍ୟୁହେବା ଆଦି । ଏହି ରୋଗରେ ଗର୍ଭବତୀ ନାରୀର ଡ଼ାୟାଷ୍ଟୋଲିକ୍ ଚାପ ବେଶୀ ବଢ଼ିଯାଏ ବା' ବାତ ହୁଏ ତେବେ ଜଟିଳତା ବଢ଼ିଯାଏ ।

**ଲକ୍ଷଣ -** ଗର୍ଭାବସ୍ଥାରେ ଉଚ୍ଚରକ୍ତଚାପ ବିଶେଷ ଭାବରେ ଶତକଡ଼ା ୭୦ ପ୍ରତିଶତ ପ୍ରଥମଗର୍ଭା ମାନଙ୍କୁ ହୋଇଥାଏ । ଏହା ବିଶେଷକରି ଯାଆଁଳା ଗର୍ଭ, ଗର୍ଭଥଳୀରେ ବେଶୀ ପାଣି ଜମିଗଲେ ଆଗରୁ ପୁରୁଣା ଉଚ୍ଚରକ୍ତଚାପ ବା' ମଧୁମେହ ରୋଗ ଥିଲେ ଗର୍ଭାବସ୍ଥାର ପ୍ରାୟ ୨୦ ସପ୍ତାହ ପରେ ଏହି ରକ୍ତଚାପ ବଢ଼ିଯାଇଥାଏ । ଏହିରୋଗର ଲକ୍ଷଣ ମାନ ଧିରେ ଧିରେ ପ୍ରକାଶ ପାଇଥାଏ । ତେଣୁ ସଂପୂର୍ଣ୍ଣ ଭାବରେ ସବୁତକ ଲକ୍ଷଣ ମାନ ପ୍ରକାଶ ପାଇଲା ବେଳକୁ ରୋଗ ଖୁବ୍ ବେଶୀ ବଢ଼ିଯାଏ । ଅଳ୍ପ ଉଚ୍ଚରକ୍ତଚାପର ଲକ୍ଷଣ ଗୁଡ଼ିକ ହେଲା - ସକାଳୁ ଉଠିବା ବେଳକୁ ପାଦ ଗଣ୍ଠିଫୁଲିଯିବା, ଏବଂ ହାତ ଆଙ୍ଗୁଠି ଫୁଲିଯିବା ଯୋଗୁଁ ହାତରେ ପିନ୍ଧିଥିବା ମୁଦି ଚିପି ହୋଇଯିବା (ଟାଇଟ୍‌ନିଙ୍ଗ୍ ଅଫ୍ ଦି ରିଙ୍ଗ୍) । ଏହି ଫୁଲାଫୁଲି ଗୋଡ଼ ଓ ହାତରୁ ମୁହଁ, ପେଟ ପ୍ରସବ ଦ୍ୱାର ତଥା ସାରା ଶରୀରକୁ ବ୍ୟାପିଯାଏ । ତେବେ ଗାଁ ଗହଳରେ ଅନେକେ ଏହାକୁ ଗହ୍ଣା ଓହ୍ଲାଇଛି ବୋଲି କହି ହେଳା କରି ଦିଅନ୍ତି । ଫଳରେ ରୋଗ ଅନେକାଂଶରେ ବଢ଼ିଯାଏ ।

**ବିପଦଜନକ ଲକ୍ଷଣ -** ରୋଗ ବଢ଼ିଗଲେ ବା' ଉଚ୍ଚରକ୍ତଚାପ ବେଶୀ ହୋଇଗଲେ, ସାଧାରଣତଃ ବିପଦଜନକ ଲକ୍ଷଣ ଗୁଡ଼ିକ ହଠାତ୍ ଦେଖାଦେଇଥାଏ, ଯଥା-୧) ମୁଣ୍ଡବିନ୍ଧା (ଅକ୍‌ସିପିଟାଲ୍ ହେଡ଼ାକ୍) ମୁଣ୍ଡର ପଛପଟ କିମ୍ବା ସାମ୍ନାପଟରେ ଭୀଷଣ ମୁଣ୍ଡବିନ୍ଧା ଆରମ୍ଭ ହୁଏ । ୨) ନିଦ୍ରାରେ ବ୍ୟଘାତ ଘଟିଲେ (ଡ଼ିଷ୍ଟର୍ବଡ଼ ସ୍ଲିପ୍) ରାତିରେ ବାରମ୍ବାର ନିଦ ଭାଙ୍ଗିଗଲେ । ୩) ପରିଶ୍ରା କମିଗଲେ-(ଅଲିଗୁରିଆ)ଦିନସାରା ୪୦୦ମି.ଲି. ବା' ଅଧଲିଟରରୁ କମ୍ ପରିଶ୍ରା ହେଲେ ।୪) ଉପର ପେଟରେ ଭୀଷଣ ବ୍ୟଥା (ଏପିଗ୍ରାଷ୍ଟିକ୍ ପେନ୍) ହେଇ ରକ୍ତ ଓ କଫିରଙ୍ଗର ବାନ୍ତି ହେବା । ୫) ଆଖିର ଲକ୍ଷଣ ମାନ - ହଠାତ୍ ଜାଲ୍ ଜାଲୁଆ ଦିଶି ଚାରିଆଡ଼ ଅନ୍ଧାର ଦିଶିବା କିମ୍ବା ସଂପୂର୍ଣ୍ଣ ଅନ୍ଧହୋଇଯିବା । ଏହା ମସ୍ତିଷ୍କର ପଛଭାବରେ ଥିବା ଧମନୀର ସଙ୍କୋଚନ ପାଇଁ ହୋଇଥାଏ । ପ୍ରସବର ୪ ରୁ ୬ ସପ୍ତାହ ପରେ ଉଚ୍ଚରକ୍ତଚାପ କମିଯାଇ ସାଧାରଣ ଅବସ୍ଥାକୁ ଫେରିଆସିଲେ ଫୁଲାଫୁଲି କମିଯାଏ ଏବଂ ପୁଣି ରୋଗିଣୀ ହରାଇଥିବା ଦୃଷ୍ଟିଶକ୍ତି ଫେରିଯାଏ ।

**ଅସ୍ୱାଭାବିକ ଓଜନ ବୃଦ୍ଧି -** ଏହି ରୋଗ ଦେଖାଦେବା ଆଗରୁ ବା' ଉଚ୍ଚରକ୍ତଚାପ ବଢ଼ିବା ଆଗରୁ ଏବଂ ଫୁଲାଫୁଲି ବା ଇଡ଼ିମା ଦେଖାଦେବା ଆଗରୁ ଯଦି ଅତ୍ୟଧିକ ଓଜନ ବଢ଼ିଯାଏ ବିଶେଷକରି ପ୍ରତି ସପ୍ତାହରେ ଅଧକେଜିରୁ ବେଶୀ ଓଜନ ବଢ଼ିଯାଏ, ବା' ମାସକୁ ୨କେ.ଜି.ରୁ ଅଧିକ ଓଜନ ବଢ଼ିଯାଏ, ତେବେ ସଙ୍ଗେ ସଙ୍ଗେ ଡାକ୍ତରଙ୍କ ପରାମର୍ଶ ନେବା ଉଚିତ୍ ।

**ଉଚ୍ଚରକ୍ତଚାପ ବୃଦ୍ଧି -** ଏହା ଧିରେ ଧିରେ ବଢ଼ିଥାଏ ଏବଂ ୧୪୦/୯୦



ମି.ମି. ମର୍କ୍ୟୁରୀ ଠାରୁ ଉର୍ଦ୍ଧ୍ୱହେଲେ ଚିନ୍ତାର କାରଣ ହୋଇଯାଏ । ଗର୍ଭବତୀ ନାରୀର ଗର୍ଭପରୀକ୍ଷାକଲେ ଜଣାଯାଏ ଯେ, ଗର୍ଭସ୍ଥ ଶିଶୁର ଓଜନ ବା' ବୃଦ୍ଧି ଭଲଭାବରେ ହୋଇନଥାଏ ଏବଂ ଗର୍ଭଥଳୀରେ ପାଣିର ପରିମାଣ ମଧ୍ୟ କମିଯାଏ ।

ପରୀକ୍ଷା – ଗର୍ଭାବସ୍ଥାରେ ରକ୍ତଚାପ ବଢ଼ିଗଲେ ନିମ୍ନଲିଖିତ ପରୀକ୍ଷାମାନ କରିବା ଜରୁରୀ ।

**୧) ପରିଶ୍ରା ପରୀକ୍ଷା:** ଗର୍ଭାବସ୍ଥାରେ ଉଚ୍ଚରକ୍ତଚାପ ହେଲେ ନିଶ୍ଚିତ ଭାବରେ ପରିଶ୍ରା ପରୀକ୍ଷା କରି ସେଥିରେ ଆଲ୍‌ବୁମିନ୍ ଯାଉଛ କି ନାହିଁ ଦେଖିବା ଉଚିତ୍ ।

**୨) ଆଖି ପରୀକ୍ଷା:** ଚକ୍ଷୁ ବିଶେଷଜ୍ଞ ମାନଙ୍କ ଦ୍ୱାରା ଅଫ୍‌ଥାଲ୍‌ମୋସ୍କୋପି କରି 'ରେଟିନା'ରେ କିଛି ପରିବ□ନ ହୋଇଛି କି ନାହିଁ ଦେଖିବା ଉଚିତ୍ ।

**୩) ରକ୍ତ ପରୀକ୍ଷା:** ରକ୍ତରେ ୟୁରିଆ, କ୍ରିଆଟିନିନ୍ (୧ମିଗ୍ରା./ଡି.ଏଲ୍) ଏବଂ ୟୁରିକ୍ ଏସିଡ଼ (୪.୫ମି.ଗ୍ରା./ଡ଼ି.ଏଲ୍) ର ପରିମାଣହେଲେ ଅସୁବିଧା ସୃଷ୍ଟି କରିଥାଏ । ଏହାଛଡ଼ା କୋଆଗୁଲେସନ୍ ପ୍ରୋଫାଇଲ୍ ବି.ଟି.ସି.ଟି.ପି.ଟି. ପ୍ଲେଟ୍‌ଲେଟ୍ କାଉଣ୍ଟ ଏବଂ ଲିଭର୍ ଏନ୍‌ଜାଇମ୍ ପରୀକ୍ଷା କରିବା ଜରୁରୀ ।

**୪) ନିୟମିତ ଗର୍ଭପରୀକ୍ଷା:** ଏଥିରେ ରୋଗିଣୀ ନିୟମିତ ପ୍ରସୂତି ପରିଚର୍ଯ୍ୟାଗାରକୁ ଯାଇ ନିଜର ଓଜନ, ରକ୍ତଚାପ ପରୀକ୍ଷା ଓ ଗର୍ଭପରୀକ୍ଷା, ଯଥା ଗର୍ଭରେ ଶିଶୁର ଓଜନ ବଢୁଛି କି ନାହିଁ ଆଦି ଦେଖିବା ଉଚିତ୍ । ଏହାଛଡ଼ା ନିୟମିତ ଅଲଟ୍ରାସାଉଣ୍ଡ ଦ୍ୱାରା ଗର୍ଭପରୀକ୍ଷା କରାଇ ଗର୍ଭସ୍ଥ ଶିଶୁର ଅନୁଧ୍ୟାନ କରିବା ଜରୁରୀ ।

**ଜଟିଳତା ବା' କମ୍ପ୍ଲିକେସନ୍ :** ଏହି ରୋଗରେ କେତେ ଗୁଡ଼ିଏ ବିପଦ ଜନକ ଲକ୍ଷଣ ସଙ୍ଗେ ସଙ୍ଗେ ଦେଖାଦେଇଥାଏ ।

**ମା' ପାଇଁ ବିପଦ:** ଯଦି ଗର୍ଭବତୀ ମା'କୁ ମୂଳରୁ ଚିକିତ୍ସା ନକରାଯାଏ ତେବେ

(କ) ଗର୍ଭାବସ୍ଥାରେ ବାତ (ଏକ୍ଲାମ୍ପସିଆ ଶତକଡ଼ା ଦୁଇ ପ୍ରତିଶତ)

(ଖ) ଗର୍ଭଫୁଲ ତଳୁ ଅକସ୍ମାତ୍ ରକ୍ତସ୍ରାବ (ଅକ୍‌ସି ଡେଣ୍ଟାଲ୍ ହେମ୍‌ରେଜ୍)

(ଗ) ଦୈନିକ ପରିଶ୍ରାର ପରିମାଣ କମିଯାଇ ହଠାତ୍ ବନ୍ଦ ହୋଇଯିବା (ଅଲିଗୁରିଆ ଏବଂ ଆନ୍ୟୁରିଆ)

(ଘ) ଆଖି ଜାଲ୍‌ଜାଲୁଆ ଦିଶି ଅନ୍ଧ ହୋଇଯିବା

(ଙ) ଅପରିଣତ ପ୍ରସବ

(ଚ) ହେଲ୍‌ପ୍ ସିଣ୍ଡ୍ରୋମ୍

## ପ୍ରସବ ସମୟରେ ବିପଦ

୧) ବାତ ମାରିବା

୨) ପ୍ରସବ ସମୟରେ ଅତ୍ୟଧିକ ରକ୍ତସ୍ରାବ, ହୋଇ କୋଆଗୁଲେସନ୍ ଫେରିଅର୍ ହେବା ।

## ପ୍ରସବ ପରେ

ବାତ, ଅଭିଘାତ, ସେପ୍‌ସିସ୍ ବା' ସଂକ୍ରମଣ ହୋଇଥାଏ ।

## ଶିଶୁ ପାଇଁ ବିପଦ

୧) ଗର୍ଭରେ ଶିଶୁର ବର୍ଦ୍ଧନ ଭଲଭାବରେ ହୋଇ ନପାରି ଅଳ୍ପଓଜନ ଶିଶୁ ହୋଇଥାଏ ।

୨) ଶିଶୁ ଅଣନିଃଶ୍ୱାସୀ ହୋଇଯାଏ ।

୩) ଅପରିଣତ ଶିଶୁ ଏବଂ ଗର୍ଭରେ ଶିଶୁ ମୃତ୍ୟୁ ହୋଇଥାଏ ।

## ଦୀର୍ଘକାଳୀନ ବିପଦ

୧) ଅବଶିଷ୍ଟ ରକ୍ତଚାପ ଶତକଡ଼ା ୫୦ ପ୍ରତିଶତ କ୍ଷେତ୍ରରେ ପ୍ରସବର ୬ମାସ ପର୍ଯ୍ୟନ୍ତ ବର୍ଦ୍ଧିତ ରକ୍ତଚାପ ହୋଇଥାଏ ।

୨) ବାରମ୍ବାର ଗର୍ଭାବସ୍ଥାରେ ଉଚ୍ଚରକ୍ତଚାପ : ଶତକଡ଼ା ୨୫ ପ୍ରତିଶତ ନାରୀଙ୍କର ପରବର୍ତ୍ତୀ ଗର୍ଭାବସ୍ଥାରେ ପୁଣିଥରେ ରକ୍ତଚାପ ବଢ଼ିଥାଏ ।

୩) କ୍ରନିକ୍ ବୃକ୍‌କ ରୋଗ : ଅନେକଙ୍କର ହୋଇଥାଏ । ଏହିରୋଗ ର' ଆରୋଗ୍ୟ ନିର୍ଭର କରିଥାଏ, ଗର୍ଭାବସ୍ଥା ରୋଗର ଜଟିଳତା ତଥା ଚିକିତ୍ସାର ମାନ ଉପରେ । ଯଦି ଗର୍ଭାବସ୍ଥାରେ ଉଚ୍ଚରକ୍ତଚାପର ଚିକିତ୍ସା ଖୁବ୍‌ଶୀଘ୍ର କରାଯାଏ ତେବେ ମା' ଓ ଶିଶୁ ନିରାପଦ ରହିବେ । କିନ୍ତୁ ଉପଯୁକ୍ତ ଚିକିତ୍ସା ଅଭାବରୁ ମାତୃ ଓ ଶିଶୁ ମୃତ୍ୟୁହାର ବଢିଯାଏ । ବିକାଶଶୀଳ ଦେଶରେ ମାତୃ ମୃତ୍ୟୁହାର କମିଗଲେ ମଧ୍ୟ ଶିଶୁ ମୃତ୍ୟୁହାର ଶତକଡ଼ା ୭–୧୦ ପ୍ରତିଶତ ଓ ବିକାଶୋନ୍ମୁଖୀ ଦେଶରେ ଶତକଡ଼ା ୨୦ ରୁ ୫୦ ପ୍ରତିଶତ ଶିଶୁମୃତ୍ୟୁ ହୁଏ ।

**ଚିକିତ୍ସା :** ଏହି ରୋଗୀମାନଙ୍କର ପ୍ରକୃତ ଚିକିତ୍ସା ଆରମ୍ଭ ହେବା ଆଗରୁ କେତେକ ହାଇରିସ୍କ ରୋଗୀଙ୍କୁ ସତର୍କତା ମୂଳକ ଭାବେ ଫଲିକ୍ ଏସିଡ଼୍, ଗର୍ଭାବସ୍ଥାରେ ପ୍ରଥମ ପର୍ଯ୍ୟାୟରୁ ଆସ୍‌ପିରିନ୍ (୫୦ମି.ଗ୍ରା.) ଦିନକୁ ୨ ଗ୍ରାମ କ୍ୟାଲ୍‌ସିୟମ୍, ତଥା ଆଣ୍ଟିଅକ୍‌ସିଡ଼େଣ୍ଟ (ଭିଟାମିନ୍ ସି.ଇ ଏବଂ କ୍ୟାଲ୍‌ସିୟମ୍,) ଆଦି ଦେବା ଜରୁରୀ । ଏହା ଛଡ଼ା ପ୍ରୋଟିନ୍ ଓ ସୁଷମ ଖାଦ୍ୟ ଦେବା ଜରୁରୀ ।

## Blood Pressure Categories

American Heart Association | American Stroke Association

| BLOOD PRESSURE CATEGORY | SYSTOLIC mm Hg (upper number) | | DIASTOLIC mm Hg (lower number) |
|---|---|---|---|
| NORMAL | LESS THAN 120 | and | LESS THAN 80 |
| ELEVATED | 120 – 129 | and | LESS THAN 80 |
| HIGH BLOOD PRESSURE (HYPERTENSION) STAGE 1 | 130 – 139 | or | 80 – 89 |
| HIGH BLOOD PRESSURE (HYPERTENSION) STAGE 2 | 140 OR HIGHER | or | 90 OR HIGHER |
| HYPERTENSIVE CRISIS (consult your doctor immediately) | HIGHER THAN 180 | and/or | HIGHER THAN 120 |



ଏହାର ମୂଳମନ୍ତ୍ର ହେଉଛି ଗର୍ଭାବସ୍ଥାରେ ଉଚ୍ଚ ରକ୍ତଚାପର ବିଶେଷ ଜଟିଳତା ବାତକୁ ପ୍ରତିରୋଧ କରି ମା' କୁ ସୁସ୍ଥ ରଖି ସୁସ୍ଥ ଶିଶୁକୁ ପ୍ରସବ କରାଇବ ।

ଏହି ରୋଗୀ ମାନଙ୍କର ରୋଗ ଚିହ୍ନଟ ହେବା ମାତ୍ରେ ସେମାନଙ୍କୁ ହସପିଟାଲରେ ଭର୍ତ୍ତିକରି ଚିକିତ୍ସା ଆରମ୍ଭ କରି ହେଉଛି ଯେଉଁମାନଙ୍କର ଉଚ୍ଚ ରକ୍ତଚାପ ବଢ଼ିଯାଏ, ସେମାନଙ୍କୁ ଘରେ ଚିକିତ୍ସା କରିବା ଉଚିତ୍ ନୁହେଁ ।

**୧) ବିଶ୍ରାମ :** ରୋଗୀଣିକୁ ହସ୍‌ପିଟାଲ୍‌ରେ ଆଡ଼ମିଶନ୍ କରି ବିଶ୍ରାମ ଦେବା ଉଚିତ୍ । ବିଶେଷକରି ବାଁ ପଟ କରି ଶୋଇବା ଉଚିତ୍ । ବିଶ୍ରାମ ନେବା ଦ୍ୱାରା ବୃକକ ଜରାୟୁ କୁ ରକ୍ତ ସଂଚାଳନ ଭଲ ହେବା ଦ୍ୱାରା ଶିଶୁର ଓଜନ ବଢ଼ିବା ସହ ରକ୍ତଚାପ ମଧ୍ୟ କମିଯାଏ ।

**୨) ଖାଦ୍ୟ :** ଆବଶ୍ୟକତା ଠାରୁ ଅଧିକ ଲୁଣ ଖାଇବା ଉଚିତ୍ ନୁହେଁ । ଖାଦ୍ୟରେ ୧୦୦ ଗ୍ରାମ୍‌ର ପ୍ରୋଟିନ୍ ବା' ପୁଷ୍ଟିସାର ଖାଦ୍ୟ ଖାଇବା ଉଚିତ୍ । ଦୈନିକ ପ୍ରାୟ ୧୬୦୦ କ୍ୟାଲୋରୀ ଖାଦ୍ୟ ଖାଇବା ଉଚିତ୍ ।

**୩) ନିଦ ଔଷଧ :** ରୋଗିଣୀର ଦୁଃଶ୍ଚିନ୍ତା ଦୂରକରିବା ଦ୍ୱାରା ପ୍ରତିରାତିରେ ଡାଏଜାପାମ୍ ୫ମି.ଗ୍ରା. ଦେବା ଜରୁରୀ ।

୪) ବେଶୀ ପରିସ୍ରା ହେବା ପାଇଁ ଔଷଧ ଗର୍ଭାବସ୍ଥାରେ ଉଚ୍ଚରକ୍ତଚାପ ଓ ଫୁଲାଫୁଲି କମାଇବା ପାଇଁ ଓ ବେଶୀ ପରିସ୍ରା ହେବା ପାଇଁ ଔଷଧ ଖାଇବା ଉଚିତ୍ ନୁହେଁ ଏହାଦ୍ୱାରା ଗର୍ଭସ୍ଥଶିଶୁ ପାଇଁ ରକ୍ତ ସଂଚାଳନ କମିଯାଏ । କେବଳ ୧) ହାର୍ଟଫେଲିଅର୍, ୨) ଫୁସ୍‌ଫୁସ୍ ରେ ପାଣିଜମିବା କିମ୍ବା ୩) ଅତ୍ୟଧିକ ଫୁଲାଫୁଲିରେ ଏହି ଔଷଧ ଦିଆଯାଏ । ଦିନକୁ ୪୦ ମି.ଗ୍ରା. ଫ୍ରୁସେମାଇଡ଼ର୍ ଗୋଟିଏ ବଟିକା ସପ୍ତାହରେ ୫ଦିନ ଖାଇବାକୁ ଦିଆଯାଏ ।

୫) ରକ୍ତଚାପ କମାଇବା ପାଇଁ ଔଷଧ - ରକ୍ତଚାପ ବେଶୀ ବଢ଼ିଗଲେ (୧୫୦/୧୧୦ମି.ମି.) ଥିଲେ ଏହିସବୁ ଔଷଧ ଦିଆଯାଏ ଯଥା-

୧) ମିଥାଇଲ୍ ଡ଼ୋପା - ୨୫୦-୫୦୦ମି.ଗ୍ରା. ଦିନକୁ ୩ଥର

୨) ଲାବେଟୋଲୋଲ୍ - ୨୫୦ ମି.ଗ୍ରା. ଦିନକୁ ୩-୪ଥର

୩) ନିଫେଡ଼ିପିନ୍ - ୧୦-୨୦ ମି.ଗ୍ରା. ଦିନକୁ ୨ ଥର

୪) ହାଇଡ୍ରାଲାଜିନ୍ - ୧୦.୨୫ମି.ଗ୍ରା. ଦିନକୁ ୨ ଥର

ଏହି ଚିକିତ୍ସା କରିବା ସମୟରେ ରୋଗୀଣୀର ରକ୍ତଚାପ, ଦିନକୁ ଅନ୍ତତଃ ଚାରିଥର ଦେଖିବା ଉଚିତ୍ । ଏହାଛଡ଼ା ଫୁଲାଫୁଲି, ଓଜନ, ପରିସ୍ରା ପରିମାଣ, ରକ୍ତପରୀକ୍ଷା, ଆଖି ପରୀକ୍ଷା ତଥା ଗର୍ଭସ୍ଥ ଶିଶୁର ବର୍ଦ୍ଧନ ହୃତ୍‌ସ୍ପନ୍ଦନ ବାରମ୍ବାର ପରୀକ୍ଷା କରିବା ଜରୁରୀ ।

**ପ୍ରସବ :** ଥରେ ପ୍ରିଏକ୍ଲାମ୍ପସିଆର ଚିହ୍ନଟ ହେଲେ ମା' ଓ ଶିଶୁର ଜଟିଳତାକୁ ଏଡ଼ାଇବା ପାଇଁ ଶୀଘ୍ର ପ୍ରସବ କରାଇବା ଜରୁରୀ । ତେବେ ଗର୍ଭରେ ଶିଶୁର ବର୍ଦ୍ଧନ, ଗର୍ଭାବସ୍ଥାସମୟ, ଉଚ୍ଚରକ୍ତଚାପ ବଢୁଛି କି ନାହିଁ ଏବଂ ଚିକିତ୍ସା ଦ୍ୱାରା କେତେ କେତେ ଆରୋଗ୍ୟ ଲାଭ କରୁଛି ଏହାରି ଉପରେ ପ୍ରସବ କରାଇବାର ସମୟ ନିର୍ଭର କରେ । ଚିକିତ୍ସା ପାଇଁ ଏହି ରୋଗୀମାନଙ୍କୁ ତିନିଭାବରେ ବିଭକ୍ତ କରାଯାଇଥାଏ ।

**ଗ୍ରୁପ୍ 'ଏ' :** ଯଦି ଗର୍ଭର ୩୭ ସପ୍ତାହର ବହୁ ପୂର୍ବରୁ ଉଚ୍ଚ ରକ୍ତଚାପ ଥାଏ ଓ ଔଷଧ ଦ୍ୱାରା ଏହା କମିଯାଏ ତେବେ ରୋଗୀଣୀକୁ ଘରେ ଚିକିତ୍ସା କରି ୩୭ ସପ୍ତାହ ପରେ ଆଡମିସନ୍ କରି ଡେଲିଭରି କରାଯାଏ ।

**ଗ୍ରୁପ୍ 'ବି' :** ଯଦି ଗର୍ଭ ୩୭ ସପ୍ତାହରୁ ଉର୍ଦ୍ଧ୍ୱ ହୋଇଥାଏ, ତେବେ ଡେଲିଭରି କରାଇ ଦିଆଯାଏ ।

**ଗ୍ରୁପ୍ 'ସି' :** ଯଦି ଗର୍ଭ ୩୭ ସପ୍ତାହରୁ କମ୍ ହୋଇ ମଧ୍ୟ ରୋଗିଣୀର ରକ୍ତଚାପ ବଢ଼ିଯାଏ ଗୁରୁତର ଜଟିଳତା ଆଡ଼କୁ ଗତିକରେ କିମ୍ବା ଘନ ଘନ ବାତମାରେ, ତେବେ ମା ଓ ଶିଶୁ ଉଭୟଙ୍କ ସ୍ୱାସ୍ଥ୍ୟ ପାଇଁ ପ୍ରସବ କରାଇ ଦେବା ଉଚିତ୍ ।

**ପ୍ରସବ ପ୍ରକ୍ରିୟା :** ଯଦି ଗର୍ଭସ୍ଥ ଶିଶୁର ସ୍ୱାସ୍ଥ୍ୟ ଠିକ୍ ଥିବା ସହ ପ୍ରସବ ରାସ୍ତା ମଧ୍ୟ ଠିକ୍ ଥାଏ, ତେବେ ସାଧାରଣ ପ୍ରସବ କରି ଦିଆଯାଏ କିନ୍ତୁ ପ୍ରସବ ରାସ୍ତା ଠିକ୍ ନଥାଇ ଯଦି ଅଣ ଓସାରିଆ ଥାଏ, କିମ୍ବା ରକ୍ତଚାପ ବଢ଼ିଯାଏ ତେବେ ଜରୁରୀ କାଳୀନ ପରସ୍ଥିତିରେ ଅସ୍ତ୍ରୋପଚାର କରି ବାହାର କରିଦିଆଯାଏ । ପ୍ରସବ ବ୍ୟଥା ସମୟରେ ରକ୍ତଚାପ କମାଇବା ପାଇଁ ବିଶ୍ରାମ ଓ ଔଷଧ ଦେବାସହ କେତେ ପରିମାଣରେ ପରିସ୍ରା ହେଉଛି ଜାଣି ରଖିବା ଉଚିତ୍ । ପ୍ରସବ ପରେ ପରେ ସଦା ପ୍ରସୂତି ନାରୀ ବିଶ୍ରାମ କରିବା ଉଚିତ୍ ଏବଂ ରୋଗିଣୀକୁ ଏକ୍ଲାମ୍ପସିଆ ଓ ବାତରୁ ରକ୍ଷା କରିବା ପାଇଁ ନିଦ୍ରା ଔଷଧ ଖାଇବା ଜରୁରୀ ।

**ପ୍ରସବ ପରବର୍ତ୍ତୀ ସମୟ :** ପ୍ରସବ ପରେ ପ୍ରାୟ ୪୮ ଘଣ୍ଟା ପର୍ଯ୍ୟନ୍ତ ରୋଗିଣୀ ଉପରେ ତୀକ୍ଷ୍ଣ ନଜର ରଖିବା ଉଚିତ୍ । କାରଣ ପ୍ରସବ ପରେ ୪୮ ଘଣ୍ଟା ଯାଏଁ ବାତ ମାରିପାରେ । ରକ୍ତଚାପ ନ କମିବା ଯାଏଁ, ରୋଗିଣୀକୁ ହସ୍‌ପିଟାଲ୍ ରେ ରଖିବା ଉଚିତ୍ ।

**ଉଚ୍ଚ ରକ୍ତଚାପ ଓ ବାତ :** ଉଚ୍ଚ ରକ୍ତଚାପ ବେଶୀ ବଢ଼ିଯାଇ ଅଣାୟତ୍ତ ହୋଇଗଲେ ବାତ ମାରିଥାଏ । ଏହି ବାତ ପ୍ରସବ ବ୍ୟଥା ଆରମ୍ଭ ହେବା ପୂର୍ବରୁ (ଶତକଡ଼ା ୫୦ ପ୍ରତିଶତ) ପ୍ରସବ ବ୍ୟଥା ଆରମ୍ଭ ହେବା ପରେ (ଶତକଡ଼ା ୩୦ ଭାଗ) ଏବଂ ପ୍ରସବ ପରେ (ଶତକଡ଼ା ୨୦ ଭାଗ) ହୋଇଥାଏ, ଏଥିରେ ହୃତପିଣ୍ଡ, ବୃକକ, ଯକୃତ ଓ ମସ୍ତିଷ୍କର ଫେଲିୟର ହୋଇଥାଏ ।

ଏହି ରୋଗରେ ମା ଓ ଶିଶୁ ମୃତ୍ୟୁହାର ବହୁତ ବଢ଼ିଯାଏ । ମାତୃମୃତ୍ୟୁହାର ଶତକଡ଼ା ୨ରୁ ୩୦ ପ୍ରତିଶତ ଯାଏ ହୋଇଥାଏ । ଗାଁ ଗହଳରେ ମା' ମୃତ୍ୟୁହାର ବେଶୀ ହୋଇଥିବା ବେଳେ, ଠିକ୍ ସମୟରେ ଚିକତ୍ସା କଲେ ମୃତ୍ୟୁହାର ଶତକଡ଼ା ୨ରୁ କମ୍ ହୋଇଥାଏ, ଶିଶୁ ମୃତ୍ୟୁହାର ଶତକଡ଼ା ୩୦ ରୁ ୫୦ ପ୍ରତିଶତ ହୋଇଥାଏ । ଏହାର ମୁଖ୍ୟ କାରଣ ହେଉଛି ଅପରିଣତ ପ୍ରସବ । ତେବେ ରୋଗିଣୀକୁ ବିଶ୍ରାମ, ଉଚ୍ଚରକ୍ତଚାପ ଚିହ୍ନଟ ହେବା ମାତ୍ରେ ରୋଗିଣୀଙ୍କୁ ବିଶ୍ରାମ ଉଚ୍ଚରକ୍ତଚାପ ପାଇଁ ଉପଯୁକ୍ତ ସମୟରେ ଔଷଧ ସେବନ, ପ୍ରସବପରେ ବାତ ନହେବା ପାଇଁ ଔଷଧ ଏବଂ ପ୍ରସବର ୨୦ ରୁ ୪୮ ଘଣ୍ଟା ଯାଏଁ ରୋଗିଣୀ ଉବରେ ତୀକ୍ଷ୍ଣ ନଜର ରଖିଲେ ମାତୃମୃତ୍ୟୁ ହାର ଅନେକାଂଶରେ କମି ଯାଇପାରିବ ।

ଏହି ରୋଗରେ ରୋଗିଣୀଙ୍କୁ ହସ୍‌ପିଟାଲ୍‌ରେ ଆଡ୍‌ମିଶନ୍ କରି ଚିକିତ୍ସା କରିବା ଉଚିତ୍ । ବାତ ନିୟନ୍ତ୍ରଣାଧୀନ ହୋଇ ନପାରିଲେ, ପ୍ରସବ ଯନ୍ତ୍ରଣା ଆରମ୍ଭ ନହେଲେ । ମଧ୍ୟ ମା'ର ସ୍ୱାସ୍ଥ୍ୟ ଦୃଷ୍ଟିରୁ ଡ଼େଲିଭରି କରାଇଦେବା ଉଚିତ୍ । ଯଦି ସାଧାରଣ ଭାବରେ ପ୍ରସବ ହୋଇ ନପାରିଲେ ସିଜରିଆନ୍ ସେକ୍‌ସନ୍ କରି ଡ଼େଲିଭରି କରାଇ ଦେବା ଉଚିତ୍ ।

ତେଣୁ ମାତୃମୃତ୍ୟୁହାର ଓ ଶିଶୁ ମୃତ୍ୟୁହାର କମାଇବା ପାଇଁ ଏକ ସୁସ୍ଥ ମା' ପାଇଁ ଗର୍ଭାବସ୍ଥାରେ ନିୟମିତ ରକ୍ତଚାପ ଓଜନ ଏବଂ ଶିଶୁର ବର୍ଦ୍ଧନ ଚେକ୍‌ଅପ୍ କରିବା ଉଚିତ୍ । ରକ୍ତଚାପ ବଢ଼ିଲେ ତତ୍‌କ୍ଷଣାତ୍ ତା'ର ଚିକିତ୍ସା କରାଇବା ଉଚିତ୍ । ତାହା ହେଲେ ଗର୍ଭାବସ୍ଥାରେ ଉଚ୍ଚ ରକ୍ତଚାପର ଜଟିଳତା ମା' ଓ ଶିଶୁ ମୃତ୍ୟୁକୁ ଏଡ଼ାଇ ଦେଇ ହେବ ।

# ହସଖୁସିର ପରିବାର - ୧୮

ହସଖୁସିରେ ଭରା ପରିବାରଟିଏ ଆମ ସମସ୍ତଙ୍କର ସ୍ୱପ୍ନ। ସମସ୍ତେ ଚାହାନ୍ତି, ପରିବାରରେ ସୁଖଶାନ୍ତି ଓ ସଫଳତା ବିରାଜୁ। କିନ୍ତୁ ହୁଏନା । କଳହ, ହିଂସା, ମତଭେଦ, ଗର୍ବ, ଅହଂକାର ଯୋଗୁଁ ଅନେକ ପରିବାର ଭାଙ୍ଗିଯାଏ ଅଥବା ଅଶାନ୍ତି ଓ ଦୁଃଖରେ ପେଷି ହେଉଥାଏ । ସେତେବେଳେ ପରିବାରର ସଦସ୍ୟମାନେ ସେସବୁ ସମସ୍ୟାର ସମାଧାନ ପାଇଁ ବାଟ ଖୋଜନ୍ତି । ସେପରି ନାନାଦି ପାରିବାରିକ ସମସ୍ୟାରେ ସଢୁଥିବା ପରିବାର ବା ପରିବାରର ଯେକୌଣସି ସଦସ୍ୟସଦସ୍ୟା ଏହି ବିଭାଗରେ ଆମକୁ ଜଣାଇ ପାରିବେ ସେମାନଙ୍କ ସମସ୍ୟା । ଆପଣମାନଙ୍କ ପାରିବାରିକ ତଥା ବ୍ୟକ୍ତିଗତ ସମସ୍ୟାର ସମାଧାନ ସୂତ୍ର ବତାଇବୁ ଆମେ ।

## ଆପଣଙ୍କ ସମସ୍ୟା : ସମାଧାନ ସୂତ୍ର ଆମର

### ସମସ୍ୟା: ୧

ମୁଁ ଜଣେ ଗୃହିଣୀ । ମୋର ବୟସ ୪୫ ବର୍ଷ । ଆମେ ଗାଆଁରେ ରହୁଛୁ । ପାଖ ସହରରେ ମୋର ସ୍ୱାମୀ ବ୍ୟବସାୟ କରନ୍ତି । ମୋର ଗୋଟିଏ ପୁଅ ଓ ଗୋଟିଏ ଝିଅ । ପୁଅ ଯୁକ୍ତ ଦୁଇରେ ଓ ଝିଅ ନବମରେ ପଢୁଛି । ପୁଅ ପାଖ ସହରର କଲେଜରେ ଓ ଝିଅ ଆମ ଗାଆଁ ହାଇସ୍କୁଲରେ ପଢୁଛି । ମୁଁ ନିଜେ ବିଏ ପାସ କରିଛି । ସ୍ୱାମୀ ସକାଳୁ ଉଠି ତାଙ୍କ ବ୍ୟବସାୟ କାମରେ ଯାଆନ୍ତି ଯେ ଘରକୁ ଫେରନ୍ତି ପ୍ରାୟ ରାତି ୧୦ଟା କି ୧୧ଟା ବେଳକୁ । ତେଣୁ ସେ ପିଲାମାନଙ୍କର ପାଠପଢା କଥା କିଛି ବୁଝନ୍ତି ନାହିଁ । ଯଦି ସେ ବିଷୟରେ ମୁଁ ତାଙ୍କୁ କିଛି କୁହେ ତେବେ ସେ ହସିଦେଇ କଥାକୁ ଆଡେଇ ଦିଅନ୍ତି । ଘରଖର୍ଚ୍ଚ ତଥା ପିଲାମାନଙ୍କ ପାଠପଢା ଇତ୍ୟାଦି ସବୁ ଖର୍ଚ୍ଚ ସେ ମୋ ହାତରେ ଧରାଇ ଦେଇ ନିଜେ ଚିନ୍ତାମୁକ୍ତ ହୋଇଯାଆନ୍ତି । ଆମ ପାଖରେ ଶ୍ୱଶୁର ବି ଅଛନ୍ତି । ଦୁଇବର୍ଷ ହେଲା ଶାଶୁଙ୍କ ଦେହାନ୍ତ ହୋଇଯାଇଛି । ଏଣୁ ମୁଁ ଘରର ସବୁ ଦାୟିତ୍ୱ ନେବା ସହିତ ପିଲାମାନଙ୍କର ପାଠପଢା ବିଷୟ ବି ବୁଝେ । ଏବେ ମୁଁ ଦେଖୁଛି ଯେ ପୁଅ କଲେଜରେ ନାମ ଲେଖାଇବା ପର ଠାରୁ ପାଠପଢାକୁ ଅବହେଳା କରୁଛି । ବେଶି ସମୟ ମୋବାଇଲରେ ସାଙ୍ଗମାନଙ୍କ ସହିତ ଚାଟିଙ୍ଗ୍ ତଥା ବିଭିନ୍ନ ପ୍ରକାର ଖେଳ ଖେଳିବାରେ ସମୟ ବିତାଉଛି । ରାତିରେ ଡେରିରେ ଶୋଇବାରୁ ସକାଳୁ ଡେରିରେ ଉଠୁଛି । ଫଳରେ ଅଧିକାଂଶ ସମୟ କଲେଜକୁ ଡେରିରେ ଯାଉଛି । ବାରମ୍ବର କହିବା ସତ୍ତ୍ୱେ ତାର କିଛି ପରିବର୍ତ୍ତନ ଦେଖାଯାଉନି । ବରଂ ସେ ଅଯଥାରେ ଯୁକ୍ତି କରିବା ଆରମ୍ଭ କଲାଣି । ତାର ପ୍ରଭାବ ଝିଅ ଉପରେ ବି

▼ରଶ୍ମୀରୋଜାଲିନ୍‌ଙ୍କ ହସଖୁସିର ପରିବାର





**ଡକ୍ଟର ହରପ୍ରସନ୍ନ ଦାସ**
ମୁଖ୍ୟ କୋଚ୍
ମ୍ୟାକ୍ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁସନ୍
ଭୁବନେଶ୍ୱର

ପ୍ରବୀଣ ପରାମର୍ଶଦାତା ହିସାବରେ ଡକ୍ଟର ହରପ୍ରସନ୍ନ ଦାସଙ୍କର ମାନବ ସମ୍ବଳ ବିକାଶ କ୍ଷେତ୍ରରେ ରହିଛି ୪୩ ବର୍ଷର ଅଭିଜ୍ଞତା । ମନସ୍ତାତ୍ତ୍ୱିକ ପଦ୍ଧତିରେ ବ୍ୟକ୍ତିଗତ ତଥା ପାରିବାରିକ ସମସ୍ୟା ପାଇଁ ସମାଧାନର ସୂତ୍ର ଯୋଗାଇ ଦେବାରେ ସେ ଦେଶ ଭିତରେ ଓ ବାହାରେ ବେଶ୍ ପରିଚିତ । ଜଣେ ବକ୍ତା, ସୁଲେଖକ, ନାଟ୍ୟକାର, ଅଭିନେତା ତଥା ଟେଲିଭିଜନ୍ ଓ ରେଡିଓ କଳାକାର ହିସାବରେ ମଧ୍ୟ ସେ ବେଶ୍ ବିଖ୍ୟାତ । ଜୀବନ ଦକ୍ଷତାର ବିକାଶ ସମ୍ପର୍କୀୟ ତାଙ୍କର ଅନେକ ଇଂଲିଶ୍ ତଥା ଓଡିଆ ପୁସ୍ତକ ପ୍ରକାଶ ପାଇ ଆଦୃତ । ଏବେ ସେ ମ୍ୟାକ୍ ଗ୍ରୁପ୍‌ର ମୁଖ୍ୟ କୋଚ୍ । 'ରେବତୀ' ପୃଷ୍ଠାକୁ ଆମେ ତାଙ୍କୁ ନେଇ ଆସିଛୁ କେବଳ ଆପଣମାନଙ୍କ ପାଇଁ ।

www.drhpdas.com

**ସମସ୍ୟା ପଠାଇବାର ଠିକଣା**

ଡକ୍ଟର ହରପ୍ରସନ୍ନ ଦାସ
ମୁଖ୍ୟ କୋଚ୍, ମାନବ ଅଧ୍ୟୟନ କେନ୍ଦ୍ର
ପୋଖରୀପୁଟ, ଭୁବନେଶ୍ୱର
ଫୋନ : ୯୪୩୭୦୧୧୦୨୨
କିମ୍ବା
ସମ୍ପାଦକ
'ରେବତୀ ଆମ ମାଟିର ସ୍ୱର'
ଓ.ଟି. ରୋଡ୍
ଲକ୍ଷ୍ମୀନାରାୟଣ ମନ୍ଦିର ପାର୍ଶ୍ୱ, ଆଲୁପୁର
ବାଲେଶ୍ୱର-୭୫୬୦୦୧
ଫୋନ୍ : ୭୦୦୮୮୪୫୯୨୦

ପଢ଼ୁଛି । ଝିଅର ବି ପାଠପଢ଼ାରେ ସେତେ ଆଗ୍ରହ ନାହିଁ । ଏକଥା ମୁଁ ମୋ ସ୍ୱାମୀଙ୍କୁ କହିବାରୁ ସେ ମୋ ଉପରେ ବିରକ୍ତ ହେଉଛନ୍ତି । ଯଦି ଏସବୁ ଏମିତି ଚାଲେ ତେବେ ସେମାନଙ୍କର ଭବିଷ୍ୟତ କଣ ହେବ ତାହା ମୁଁ ଭାବି ପାରୁନାହିଁ । ଏଭଳି ପରିସ୍ଥିତିରେ ମୁଁ କଣ କରିବି ବୁଝି ପାରୁନାହିଁ । ଦୟାକରି ଏହାର ସମାଧାନର ବାଟ ବତାଇ ଦିଅନ୍ତୁ ।

**ଶୁଭ୍ରା ମହାନ୍ତି,** କଟକ

**ସମାଧାନର ସୂତ୍ର:**

ଆପଣ ଯାହା ସବୁ ଲେଖିଛନ୍ତି ସେଥିରୁ ଜଣାପଡୁଛି ଯେ ଆପଣଙ୍କର ମାନସିକ ଯନ୍ତ୍ରଣା ଅତି ମାତ୍ରାରେ ବଢ଼ି ଯାଇଛି । ଘରର ଛୋଟ ଛୋଟ ଘଟଣାରେ ଆପଣ ଅତ୍ୟଧିକ ବିବ୍ରତ ହୋଇ ଯାଇଛନ୍ତି । କଥାରେ ଅଛି ଯେ ଜୀବନଟା ଅତି ସରଳ ହେଲେ ଆମେ ହିଁ କରିଦେଉ ତାକୁ ଜଟିଳ । ଦେଖିବାକୁ ଗଲେ ଆପଣଙ୍କ ପରିବାରରେ ସେଭଳି କିଛି ସମସ୍ୟା ନାହିଁ । କାରଣ ଆପଣଙ୍କର ସ୍ୱାମୀଙ୍କର ବ୍ୟବସାୟ ଭଲରେ ଚାଲିଛି । ଏଣୁ ଆର୍ଥିକ ଅସୁବିଧା ନାହିଁ । ଘରର ସମସ୍ତ ଦାୟିତ୍ୱ ସେ ଆପଣଙ୍କ ହାତରେ ଦେଇଛନ୍ତି । ଏଣୁ ତାଙ୍କ ଉପରେ ନିର୍ଭର କରିବାର ନାହିଁ । ଆପଣଙ୍କର ପୁଅ ଓ ଝିଅ ଆଉ ଛୋଟ ପିଲା ହେଇନାହାନ୍ତି । ପୁଅ କଲେଜ୍‌ରେ ପଢୁଛି ଝିଅ ଆଉ ବର୍ଷେ ପରେ କଲେଜ ଯିବ । ଏହି ବୟସରେ ସେମାନେ ସେହିପରି ଆଚରଣ ଦେଖାଇବେ । ଏଥିରେ ଆପଣ ଅଶାନ୍ତି ହୋଇ ତାଙ୍କୁ ବିରକ୍ତ ଭାବରେ କହିଲେ ସେମାନେ କଥା ନ ମାନି ଯୁକ୍ତି କରିବେ । ଏହା ପ୍ରାୟ ସମସ୍ତଙ୍କ ଘରେ ଦେଖାଯାଉଛି । ଏଣୁ ସେମାନଙ୍କ ଉପରେ ବିରକ୍ତ ନ ହୋଇ ଅବା ସେମାନଙ୍କୁ ଦୋଷ ନ ଦେଇ ଶ୍ରଦ୍ଧାର ସହିତ ବୁଝାଇ କହିବା ଦରକାର । ସବୁଠାରୁ ମୁଖ୍ୟକଥା ହେଲା ଯେ ପୁଅଝିଅଙ୍କର ସମସ୍ତ ଦାୟିତ୍ୱ ଆପଣଙ୍କ ଉପରେ । ଯେହେତୁ ଆପଣଙ୍କ ସ୍ୱାମୀ ସକାଳୁ ବ୍ୟବସାୟ ପାଇଁ ବାହାରି ଯାଇ ରାତି ଡେରିରେ ଘରକୁ ଫେରୁଛନ୍ତି, ଏଣୁ ଆପଣ ଅସ୍ଥିର ଅବା ଅଧୈର୍ଯ୍ୟ ନ ହୋଇ ଶାନ୍ତ ମନରେ ସେମାନଙ୍କ ସହିତ ମନଖୋଲି କଥା ହୁଅନ୍ତୁ । ସେମାନଙ୍କ ବିଶ୍ୱାସଭାଜନ ହେବାକୁ ଚେଷ୍ଟା କରନ୍ତୁ । ତାହାହେଲେ ସେମାନେ ମନଖୋଲି ତାଙ୍କର ବିଭିନ୍ନ କାର୍ଯ୍ୟକଳାପ ବିଷୟରେ ଆପଣଙ୍କ ସହିତ ଆଲୋଚନା କରିବେ । ଏହାଦ୍ୱାରା ଆପଣ ସେମାନଙ୍କ ମନକୁ ପ୍ରଭାବିତ କରିପାରିବେ । ଶାସ୍ତ୍ରରେ ଅଛି ବୟସ ବଢ଼ିଲେ ପିଲାମାନଙ୍କ ସହିତ ଏକ ବନ୍ଧୁପରି ବ୍ୟବହାର କରିବା ଉଚିତ । ଆମେ ସେମାନଙ୍କର ମନୋବୃତ୍ତିକୁ ବୁଝି ପାରିଲେ ହିଁ ତାର ପ୍ରତିକାର କରିପାରିବା । ବ୍ୟସ୍ତ ବା ବିବ୍ରତ ହେଲେ ସେମାନେ ଆପଣଙ୍କ ପାଖରୁ ଦୂରେଇ ଯିବେ । ଆଶା କରୁଛି ଆପଣ ଏ ବିଷୟରେ ମନ ଭିତରେ ବିଚାର କରିବେ ।

**ସମସ୍ୟା: ୨**

ମୁଁ ଜଣେ ଇଂଜିନିୟରିଂ ଶେଷ ବର୍ଷର ଛାତ୍ରୀ । କରୋନା ଯୋଗୁଁ ଆମର କଲେଜ୍ ବନ୍ଦ ରହିଛି ଏବଂ କ୍ୟାମ୍ପସ୍ ଇଂଟରଭିୟୁ ହୋଇନାହିଁ । ମୁଁ ଓ ମୋର ଦୁଇଟି ସାଙ୍ଗ ହଷ୍ଟେଲ୍‌ରେ ନ ରହି ଘର ଭଡ଼ା ନେଇ ରହୁଛୁ । ଆମ ଘର ପୁରୀଜିଲ୍ଲାରେ । କିନ୍ତୁ ବାପା ଚାକିରି କରନ୍ତି କଲିକତାରେ । ବାପାଙ୍କ ପାଖରେ ମାଆ ଓ ମୋର ସାନ ଭାଇ ରହୁଛନ୍ତି । ସାନ ଭାଇ ଏବେ ଯୁକ୍ତ ଦୁଇ ପଢୁଛି । ମୋ କ୍ଲାସ୍‌ରେ ପଢୁଥିବା ଜଣେ ଯୁବକ ବନ୍ଧୁଙ୍କ ସହିତ ମୋର ଆନ୍ତରିକତା ବଢ଼ିଲା । ମୁଁ ବି ସେ କଥା ମୋ ମାଆଙ୍କୁ ଖୋଲିକରି କହିଲି । ଆମେ ଦୁହେଁ ଦୁଇଜଣଙ୍କୁ ଭଲପାଇ ବସିଲୁ । ଇଂଜିନିୟରିଂ ପଢ଼ା ସରିବା ପରେ ସେ ନିଜର ବ୍ୟବସାୟ କରିବେ ବୋଲି ସ୍ଥିର କରିଥିଲେ । ସେଥିରେ ମୋତେ ପାର୍ଟନର୍ କରିବାକୁ ବି ପ୍ରସ୍ତାବ ଦେଇଥିଲେ । ସେ ବିଷୟରେ ଆମେ ବହୁତ ଆଲୋଚନା କରିଛୁ । ସେ କଥା ବି ମୁଁ ମାଆଙ୍କୁ ଖୋଲାଖୋଲି ଜଣାଇ ଦେଇଥିଲି । ଏ ବିଷୟରେ ବାପା ଜାଣନ୍ତି ନାହିଁ । ମୋର ସେ ବନ୍ଧୁ ମୋତେ ଏତେ ଭଲପାନ୍ତି ଯେ ବାହାଘର ପାଇଁ ବି ପ୍ରସ୍ତାବ ଦେଇଥିଲେ । ମୁଁ ସେଥିରେ ରାଜି ହୋଇଥିଲି । ମାସକ ପୂର୍ବରୁ ସେ ନିଜର ସବୁ ସିଦ୍ଧାନ୍ତକୁ ବଦଳାଇ ବାଙ୍ଗାଲୋର ଚାଲିଗଲେ । ତାଙ୍କର ପରିବାରରେ ଅସୁବିଧା ଯୋଗୁଁ ସେ ହଠାତ ଏପରି ସ୍ଥିର କଲେ ବୋଲି କହିଲେ । ସେଠାକୁ ଯିବା ପରଠାରୁ ଆଉ ମୋ ସହିତ ତାଙ୍କର କଥାବାର୍ତ୍ତା ନାହିଁ । ବୋଧହୁଏ ସେ ତାଙ୍କର ମୋବାଇଲ୍ ନମ୍ବର ବଦଳାଇ ଦେଇଛନ୍ତି । ତାଙ୍କର

ଅଳକା ମହାନ୍ତିଙ୍କ ହସଖୁସିର ପରିବାର



ଏପରି ବ୍ୟବହାରରେ ମୁଁ ବଡ କଷ୍ଟ ପାଉଛି । ମୋ ପାଖରେ କୌଣସି ବାଟ ନାହିଁ ତାଙ୍କ ବିଷୟରେ ଜାଣିବା ପାଇଁ । ଏହି ପରିସ୍ଥିତିରେ ମୁଁ କଣ କରିବି ଜାଣି ପାରୁନି । ଏକଥା ମୁଁ କାହାକୁ ବି କହିବାକୁ ସାହାସ ହେଉନାହିଁ । ଏହି ବିଷୟରେ ମୋତେ କିଛି ବାଟ ବତାନ୍ତୁ ।

**ଆକାଂକ୍ଷା ନାୟକ,** ଭୁବନେଶ୍ୱର

### ସମାଧାନର ସୂତ୍ର

ଶାସ୍ତ୍ରରେ ଲେଖାଅଛି ଯେ ଆପଣା ହସ୍ତେ ଜିହ୍ୱା ଛେଦି କେବା ଅଛି ତାର ପ୍ରତିବାଦୀ । ଏହା ପ୍ରମାଣ କରୁଛି ଯେ ଆମେମାନେ ନିଜେ ହିଁ ନିଜର କ୍ଷତି କରିଥାଉ । ତାହା ସତ୍ତ୍ୱେ ଆମେ ସେ କଥାକୁ ବୁଝି ନ ପାରି ସବୁବେଳେ ଅନ୍ୟକୁ ହିଁ ଦୋଷ ଦେଇଥାଉ, ଏପରିକି ଶେଷରେ ଭଗବାନଙ୍କୁ ମଧ୍ୟ ଦାୟୀ କରିବାକୁ ପଛଘୁଂଚା ଦେଇ ନ ଥାଉ । ତୁମର ଏହି ଯେଉଁ ପରିସ୍ଥିତି ହୋଇଛି ସେ ବିଷୟରେ ଟିକେ ଥଣ୍ଡାମୁଣ୍ଡରେ ଭାବିବାକୁ ଚେଷ୍ଟା କର । ନିରପେକ୍ଷ ଭାବରେ ଅନୁଧ୍ୟାନ କଲେ ତୁମେ ନିଜେ ହିଁ ଜାଣି ପାରିବ ଯେ ଏହି ପରିସ୍ଥିତି ପାଇଁ ସଂପୂର୍ଣ୍ଣ ଭାବରେ ନିଜେ ତୁମେ ହିଁ ଦାୟୀ । ପ୍ରଥମ କଥା ହେଲା ବାପାମାଆ ତୁମକୁ ପଠାଇଛନ୍ତି ପାଠ ପଢିବାକୁ । ସେମାନେ ତୁମ ପାଇଁ ବହୁତ ସ୍ୱପ୍ନ ଦେଖିଥିବେ । ପାଠପଢା ତଥା ଏହି ସହରରେ ରହିବାର ସମସ୍ତ ଖର୍ଚ୍ଚ ବାପା ବହନ କରୁଛନ୍ତି । ଏଣୁ ତୁମର ମୁଖ୍ୟ ଦାୟିତ୍ୱ ହେଉଛି ପାଠପଢାରେ ଧ୍ୟାନ ଦେବା ଏବଂ ନିଜର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ନିଜକୁ ପ୍ରସ୍ତୁତ କରିବା । ଏହାଛଡା ଆଉ କୌଣସି କାମରେ ସମୟ ନଷ୍ଟ କରିବା ବିଜ୍ଞତାର ପରିଚୟ ନୁହେଁ । କିନ୍ତୁ ତୁମେ ପୁରୁଷ ବନ୍ଧୁଙ୍କ ସହିତ ଭଲ ପାଇବାର ସଂପର୍କ ରଖି ଅଯଥା କଥାରେ ବହୁତ ସମୟ ନଷ୍ଟ କଲ । ପାଠପଢା ସମୟରେ ବାହାଘର ଏବଂ ତାହାପରେ କଣ କରାଯିବ ସେ କଥା ଆଲୋଚନା କରିବାର ଯଥାର୍ଥତା ନାହିଁ । ଏ ସବୁ କରିବା ଦ୍ୱାରା ତୁମର ମାନସିକ ବ୍ୟତିକ୍ରମ ଘଟିଲା । ପାଠ ପଢାରେ ଅବହେଳା ହେଲା । ଦିନରାତି ସେହି ବିଷୟରେ ଭାବି ଚାଲିଲ । ଭାବପ୍ରବଣତାରେ ଅନ୍ଧ ହୋଇ ତୁମେ ସେହି ଯୁବବନ୍ଧୁର ଅସଲ ରୂପ ଜାଣି ପାରିଲ ନାହିଁ । ଏହିସବୁ କଥା ତୁମେ ତୁମର ମାଆଙ୍କୁ କହିଛ ବୋଲି ଲେଖିଛି । ପ୍ରଥମରୁ ତୁମର ମାଆ ଯଦି ତୁମର ଏହି କାମକୁ ପ୍ରତିରୋଧ କରିଥାଆନ୍ତେ ତେବେ ଆଜି ଏଭଳି ପରିସ୍ଥିତି ସୃଷ୍ଟି ହୋଇ ନ ଥାନ୍ତା । ସେ ପିଲାର ଆଚରଣ ହିଁ ପ୍ରମାଣ କରୁଛି ଯେ ସେ ଭଲ ପିଲା ନୁହେଁ । ତୁମେ ନିଜର ମୂର୍ଖାମି ଯୋଗୁଁ ଆଜି ଯନ୍ତ୍ରଣା ଭୋଗୁଛ । ବୁଦ୍ଧିମାନର କାମ ହେବ ଯେ ତୁମେ ନିଜର ଭୁଲ ପାଇଁ ଅନୁତାପ କରି ନିଜର ମୁଣ୍ଡରୁ ସବୁ ପଛକଥା ପୋଛି ଦିଅ । ଭାବପ୍ରବଣ ନ ହୋଇ ନିଜ ମନକୁ ଟାଣ କରି ପାଠପଢାରେ ମନ ଦିଅ । ଆତ୍ମବିଶ୍ୱାସ ଦ୍ୱାରା ତୁମେ ପୁଣି ଏକ ନୂଆ ଜୀବନ ଆରମ୍ଭ କରି ପାରିବ । ଏହାଛଡା ଅନ୍ୟ ବାଟ ନାହିଁ ।

### ସମସ୍ୟା: ୩

ମୋର ବୟସ ୪୮ବର୍ଷ । ମୁଁ ବିବାହିତା । ଘରେ ମୋର ଦୁଇଝିଅ ଓ ଗୋଟିଏ ପୁଅ ଅଛନ୍ତି । ମୋର ବିବାହ ବହୁତ ଶୀଘ୍ର ହୋଇ ଯାଇଥିଲା । ମୋର ସ୍ୱାମୀ ଗୋଟିଏ ପୁଅ ତେଣୁ ବିବାହ ପରଠାରୁ ଶାଶୁଶ୍ୱଶୁର ସବୁବେଳେ ଆମ ପାଖରେ ରହିଥାନ୍ତି । ମୋର ବଡ ଝିଅ ଏମ୍‌ଏ ପାସ୍ କରି ଏକ ପ୍ରାଇଭେଟ



ପ୍ରଜ୍ଞା ପାରମିତାଙ୍କ ହସଖୁସିର ପରିବାର

କମ୍ପାନିରେ ଚାକିରି କରୁଛି । ଦ୍ୱିତୀୟ ଝିଅ ଯୁକ୍ତତିନି ଓ ପୁଅ ଯୁକ୍ତ ଦୁଇ ପଢୁଛନ୍ତି । ମୋର ପିଲାମାନେ ବହୁତ ଭଲ ପାଠ ପଢନ୍ତି । ତେଣୁ ସେମାନଙ୍କ ପାଇଁ ମୋର କୌଣସି ଚିନ୍ତା ନାହିଁ । ମୋର ଶାଶୁଶ୍ୱଶୁର ମଧ୍ୟ ବହୁତ ଭଲ । ହେଲେ ମୋର ମନର ସବୁ କଷ୍ଟ କେବଳ ମୋ ସ୍ୱାମୀଙ୍କ ପାଇଁ । ସେ ନିଜର ଜଣେ ସହକର୍ମୀକୁ ଭଲ ପାଉଛନ୍ତି । ସେ ଝିଅ ନିଜ ସ୍ୱାମୀକୁ ଛାଡପତ୍ର ଦେଇ ଆସି ରହିଛି । ସେ ଝିଅର ଜୀବନ କାହାଣୀ ଶୁଣି ଆମ ଘରର ସମସ୍ତେ ତା ପ୍ରତି ବହୁତ ସହାନୁଭୂତିଶୀଳ ଥିଲୁ । ତାର ଆମ ଘରକୁ ଅବାଧ ଯିବା ଆସିବା ଲାଗି ରହିଥିଲା । ଏପରିକି ସେ ଆମ ପରିବାରର ଜଣେ ହୋଇ ଯାଇଥିଲା । କିନ୍ତୁ ହଠାତ୍ ଦିନେ ମୁଁ ମୋର ଜଣେ ଚିହ୍ନାପରିଚୟଙ୍କ ପାଖରୁ ମୋ ସ୍ୱାମୀଙ୍କ ଏପରି ସଂପର୍କ ବିଷୟରେ ଜାଣିବାକୁ ପାଇଲି ହେଲେ ମୁଁ ବିଶ୍ୱାସ କଲିନି । କିନ୍ତୁ ଏବେ ଥରେ ତାଙ୍କ ଫୋନରୁ ହ୍ୱାଟ୍‌ସ୍‌ଆପ୍ ମେସେଜ୍ ଦେଖି ସବୁ କଥା ସତ ବୋଲି ଜାଣିବାକୁ ପାଇଲି । ସେ ତାକୁ ବହୁତ ଭଲ ପାଉଛନ୍ତି ବୋଲି ଜାଣିଲି । ଏହା ମଧ୍ୟ ଜାଣିଲି ଯେ ସେ ମୋତେ ଘରେ ରଖିଛନ୍ତି ଯେହେତୁ ମୁଁ ତାଙ୍କ ପିଲାମାନଙ୍କର ମାଆ ତଥା ଘରର ଓ ଶାଶୁ ଶ୍ୱଶୁରଙ୍କର ଦାୟିତ୍ୱ ନେଉଛି । ଏସବୁ ଜାଣି ମୋତେ ବହୁତ କଷ୍ଟ ଲାଗିଲା । ଏହା ଚର୍ଚ୍ଚା କରି ମୁଁ ମୋ ଶାଶୁଶ୍ୱଶୁରଙ୍କୁ କଷ୍ଟ ଦେବାକୁ ଚାହୁଁନି କି ପିଲାମାନଙ୍କ ନଜରକୁ ଏସବୁ ଆଣିବାକୁ ଚାହୁଁନି । କିନ୍ତୁ ଚେଷ୍ଟା କରି ବି ନିଜକୁ ସମ୍ଭାଳି ପାରୁନି । ଏହା ମୋତେ ବହୁତ ମାନସିକ ଯନ୍ତ୍ରଣା ଦେଉଛି । ଆପଣଙ୍କ ବିଷୟରେ ରେବତୀ ପତ୍ରିକାରୁ ଜାଣିଲି । ଦୟାକରି ଏହି ପରିସ୍ଥିତିର ସମାଧାନର ବାଟ ବତାନ୍ତୁ ।

**ଶୋଭା ପାଣିଗ୍ରାହୀ,** ଢେଙ୍କାନାଳ

### ସମାଧାନର ସୂତ୍ର

ମାସିକ ପତ୍ରିକା 'ରେବତୀ'ରୁ 'ହସଖୁସିର ପରିବାର' ଲେଖାଗୁଡିକ ପଢି ଆମକୁ ଆପଣଙ୍କର ଦୁଃଖ ଜଣାଇବା ପାଇଁ ଆଗ୍ରହ ପ୍ରକାଶ କରିଥିବା ଜାଣି ଖୁସି ଲାଗିଲା । ଆପଣଙ୍କ ପରିବାରର ଯେଉଁ ସମସ୍ୟା ବିଷୟରେ ଲେଖିଛନ୍ତି ସେଥିରେ କିଛି ଆଶ୍ଚର୍ଯ୍ୟ ହେବାର ଅବା ଭାଙ୍ଗି ପଡିବାର ନାହିଁ । କାରଣ ଏଭଳି ଘଟଣା ଆଧୁନିକ ସମାଜରେ ବିଶେଷକରି ଶିକ୍ଷିତ ପରିବାରରେ ଘଟୁଥିବାର ଦେଖାଯାଉଛି । ତାହା ସମ୍ବାଦପତ୍ର ତଥା ଟେଲିଭିଜନ ଚ୍ୟାନେଲରେ ପରିବେଷଣ କରାଯାଉଛି । ଅନେକ ସ୍ଥାନରେ ଏଥିପାଇଁ ହିଂସାକାଣ୍ଡ ମଧ୍ୟ ଘଟୁଛି । ଅନେକ ପରିବାର ଭାଙ୍ଗି ଯାଉଛି । ସ୍ୱାମୀସ୍ତ୍ରୀ ସବୁଦିନ ପାଇଁ ଅଲଗା ହୋଇ ଯାଉଛନ୍ତି । ଆଉ କେତେକ ଅଦାଲତରେ ନିଜର ଦାବି ପାଇଁ ଲଢେଇ କରୁଛନ୍ତି । ଏସବୁ କହିବାର କାରଣ ହେଲା ଯେ ସ୍ୱାମୀଙ୍କର ଏଭଳି ଆଚରଣରେ ଆପଣ ବିବ୍ରତ ହୁଅନ୍ତୁ ନାହିଁ କିମ୍ବା ମାନସିକ ଭାରସାମ୍ୟ ହରାନ୍ତୁ ନାହିଁ । ଦୃଢ ମନୋବଳରେ ଏହାର ମୁକାବିଲା କରିବାକୁ ହେବ । ଧୈର୍ଯ୍ୟ ନ ରହିଲେ ଅବା ମନକୁ ସ୍ଥିର ନ ରଖିଲେ ଘରେ ଅଯଥା ଅଶାନ୍ତି ଅବା ଗଣ୍ଡଗୋଳ ସୃଷ୍ଟି ହେବ । ବନ୍ଧୁବାନ୍ଧବ ତଥା ବାହାର ଲୋକମାନେ ଏହା ଜାଣି ପାରି ତାହାର ଫାଇଦା ଉଠାଇବେ । ଏ ବିଷୟରେ ଆପଣ ବାହାର ଲୋକମାନଙ୍କ ପାଖରୁ ଜାଣିବାକୁ ପାଇଲେ । ତାପରେ ନିଜେ ହ୍ୱାଟ୍‌ସ୍‌ଆପରେ ଦେଖିଲେ । ଏବେ ଆପଣ ଶାନ୍ତ ମନରେ ସ୍ୱାମୀଙ୍କ ସହିତ ଖୋଲାଖୋଲି ଆଲୋଚନା କରନ୍ତୁ । ତାଙ୍କୁ ଦୋଷାରୋପ କରିବେ ନାହିଁ କିମ୍ବା ବିରକ୍ତ ଭାବରେ କଥା ହେବେ ନାହିଁ । ସ୍ୱାମୀସ୍ତ୍ରୀର ସଂପର୍କରେ ସବୁକିଛି ମନଖୋଲା କଥା ହେଲେ ସମାଧାନର ସୂତ୍ର ବାହାରି ପାରିବ । ଆପଣ କୌଣସି ପ୍ରକାରର ପ୍ରତିକ୍ରିୟା ପ୍ରକାଶ ନ କରି ତାଙ୍କର ମନର କଥା ବୁଝିବାକୁ ଚେଷ୍ଟା କରିବେ । ଯଦି ସେ ତାଙ୍କର ଭୁଲ ମାନନ୍ତି ଏବଂ ସେ ବାଟରୁ ଓହରି ଆସିବାକୁ ରାଜି ହୁଅନ୍ତି ତେବେ ତ ଭଲକଥା । ନଚେତ ଆପଣ ଶାଶୁ ଶ୍ୱଶୁରଙ୍କୁ ଜଣାଇ ଦେବାଟା ହିଁ ଉଚିତ ହେବ । ଏସବୁ ଯେତେବେଳେ ବାହାର ଲୋକମାନେ ଜାଣିଲେଣି ଆପଣଙ୍କ ପିଲାମାନେ ବି ବାହାରୁ ଜାଣି ପାରିବେ । ଏଣୁ ଏହାକୁ ଆଉ ଘରେ ଲୁଚାଇବାର କିଛି ଆବଶ୍ୟକତା ନାହିଁ । ଆପଣଙ୍କ ସ୍ୱାମୀଙ୍କର ଯଦି କେହି ଅନ୍ତରଙ୍ଗ ବନ୍ଧୁ ଥାଆନ୍ତି ତେବେ ତାଙ୍କ ସହିତ ଆଲୋଚନା କରିବା ଉଚିତ ହେବ । ଧୈର୍ଯ୍ୟ ଧରି ଶାନ୍ତ ମନରେ କାର୍ଯ୍ୟ କଲେ ଏହାର ସମାଧାନ ନିଶ୍ଚିତ ହୋଇପାରିବ ।

### ସମସ୍ୟା: ୪

ମୁଁ ବାପାମାଆଙ୍କର ବଡ ପୁଅ । ମୋର ବୟସ ୩୦ ବର୍ଷ । ମୁଁ ବ୍ୟବସାୟ କରେ । ମୋର ତଳେ ଆଉ ଗୋଟିଏ ଭାଇ ଓ ଭଉଣୀ ଅଛନ୍ତି । ସାନ ଭାଇ ଚାକିରୀ କରିଛି । ଭଉଣୀର ଏବେ ପାଠପଢା ସରିଲା । ତାର ବାହାଘର ଖୋଜା ଚାଲିଛି । ମୁଁ ବାପାମାଆଙ୍କ ସମ୍ମତିରେ ବିବାହ କରିଥିଲି । ମୋର ବିବାହ ଆସନ୍ତା ମାସକୁ ଦୁଇ ବର୍ଷ ହୋଇଯିବ । ବିବାହର ବର୍ଷକ ପର୍ଯ୍ୟନ୍ତ ମୋ ସ୍ତ୍ରୀ ଘରର ସମସ୍ତଙ୍କ ସହିତ ଭଲ ବ୍ୟବହାର କରୁଥିଲେ । ଏପରିକି ପରିବାରର ସମସ୍ତଙ୍କ ମନ କିଣି ନେଇଥିଲେ । କିନ୍ତୁ ବିବାହର ବର୍ଷକ ପରେ ତାଙ୍କର ବ୍ୟବହାରରେ ଅନେକ ପରିବର୍ତ୍ତନ ଦେଖାଗଲା । ପରେ ମୁଁ ଜାଣିବାକୁ ପାଇଲି ଯେ ମୋର ସ୍ତ୍ରୀ ଆଉ ଜଣଙ୍କୁ ବହୁତ ଭଲ ପାଉଛନ୍ତି । ସେ ଭଲ ପାଇବା ବି ତାଙ୍କ କଲେଜ ବେଳର ଥିଲା । କିନ୍ତୁ ସେ ପିଲାଟି ତାର ପରିବାର ସହିତ ହଠାତ ବାହାରେ କୁଆଡେ ଚାଲି ଯାଇଥିବାରୁ ସେ ତା ସହିତ କୌଣସି ଯୋଗାଯୋଗ କରି ପାରୁ ନ ଥିଲେ । କିନ୍ତୁ ଏବେ ସେ ପିଲାଟି ଏଠାକୁ ଫେରି ଆସିଛି ଏବଂ ତାର ପୂର୍ବ ପ୍ରେମକୁ ଫେରି ପାଇବାକୁ ପରୋକ୍ଷରେ ଯୋଗାଯୋଗ କରିଛି । ମୋ ସ୍ତ୍ରୀ ମଧ୍ୟ ଅନେକ ସମୟରେ ସାଙ୍ଗଘର ଅବା ତାଙ୍କ ନିଜ ଘର ନାମ କହି ପୁଣି ପୂର୍ବ ପରି ମିଳାମିଶା କରିବାକୁ ଚାଲିଯାଉଛନ୍ତି । ମୁଁ ଏସବୁ ଅନେକ ସାଙ୍ଗସାଥୀଙ୍କ ପାଖରୁ ଜାଣିବାକୁ ପାଇଲିଣି । ସ୍ତ୍ରୀଙ୍କୁ ପଚାରିବାରୁ ସେ ନୀରବ ରହୁଛନ୍ତି । ମୁଁ ଏହା ଘରେ କାହାକୁ କହି ପାରୁନି । ବାପାମାଆ ଏହା ଶୁଣିଲେ ଭାଙ୍ଗି ପଡିବେ । ଏପରିକି ସାନଭଉଣୀର ବାହାଘରରେ ବି ଅସୁବିଧା ହେବ । ତେଣୁ ମୁଁ ଚୁପ ରହି ଯାଉଛି । କିନ୍ତୁ ସେ ଏବେ କଥା କଥାରେ ଝଗଡା କରି ମୋତେ ଡିଭୋର୍ସ ଦେବାକୁ କହୁଛନ୍ତି । ଫଳରେ ମୋ ବାପାମାଆ ବି ବହୁତ ମାନସିକ ଯନ୍ତ୍ରଣା ପାଉଛନ୍ତି । ଏପରି ପରିସ୍ଥିତିରେ ମୁଁ କଣ କରିବି ଜାଣି ପାରୁନି । ମୋତେ ବାଟ ବତାନ୍ତୁ ।

**ସରୋଜ ପଟ୍ଟନାୟକ,** ପୁରୀ

### ସମାଧାନର ସୂତ୍ର

ଆପଣଙ୍କ ପରିବାରରେ ଏବେ ଯାହା ପରିସ୍ଥିତି ସୃଷ୍ଟି ହେଇଛି ତାହା ସମସ୍ତଙ୍କ ମନକୁ ଆଘାତ ଦେଉଥିବ । କିନ୍ତୁ ଆପଣ ଏଥିରେ ନିରୁତ୍ସାହିତ ନ ହୋଇ ଏ କଥାକୁ ସକାରାତ୍ମକ ମନୋଭାବରେ ବିଚାର କରନ୍ତୁ । ଆମ ଜୀବନରେ ଯାହା ଘଟୁଛି ତାହା ହିଁ ସତ୍ୟ । ସେହି ସତ୍ୟ ଘଟଣାକୁ ଦୃଢ ମନୋବଳ ତଥା ବିଜ୍ଞତାର ସହିତ ମୁକାବିଲା କରିବାକୁ ପଡିବ । ଏହି ଘଟଣାରେ ଆପଣ ମର୍ମାହତ ନ ହୋଇ ମନ ଦମ୍ଭ କରି ସ୍ତ୍ରୀଙ୍କ ସହିତ ଆଲୋଚନା କରନ୍ତୁ । ତାଙ୍କର ମନକଥା ଜାଣିବାକୁ ଚେଷ୍ଟା କରନ୍ତୁ । ଯଦି ସେ ଆପଣଙ୍କୁ ଛାଡପତ୍ର ଦେଇ ତାଙ୍କର ପୂର୍ବତନ ପ୍ରେମିକଙ୍କୁ ବିବାହ କରିବାକୁ ଚାହୁଁଛନ୍ତି ତେବେ ଆପଣ ସେଥିରେ ରାଜି ହୋଇଯିବାଟା ସମସ୍ତଙ୍କ ପାଇଁ ମଙ୍ଗଳ ହେବ । କାରଣ କାହାକୁ ଜବରଦସ୍ତି ଜୀବନର ସାଥି କରି ରଖି ହୁଏ ନାହିଁ । କେବଳ ଗୋଟିଏ ଅନୁରୋଧ କରିବେ ଯେ ଆପଣଙ୍କ ଭଉଣୀର ବାହାଘର ପରେ ସେ ସବୁ କାର୍ଯ୍ୟକାରୀ କରିବା ପାଇଁ । ଏ ସଂପର୍କରେ ଆପଣ ବାପାମାଆଙ୍କୁ ବି ଭଲ ଭାବରେ ବୁଝାଇ ଦିଅନ୍ତୁ । ଆମ ସମାଜରେ ଏହିପରି ଅନେକ ଘଟଣା ହେଉ ଥିବାର ଦେଖା ଯାଉଛି । ଏଣୁ ଆପୋଷ ବୁଝାମଣାରେ ଶାନ୍ତ ହୋଇ ଏହାର ସମାଧାନ କରିବା ଉଚିତ ହେବ । କିଛି ଦିନ ପାଇଁ ଦୁଃଖ ଲାଗିପାରେ କିନ୍ତୁ ସବୁଦିନ ପାଇଁ ଅଶାନ୍ତି ଦୂର ହୋଇଯିବ । ପରିବାରର ସୁଖଶାନ୍ତି ପାଇଁ ଅନେକ ସମୟରେ ଆମକୁ ବହୁତ କିଛି ତ୍ୟାଗ କରିବାକୁ ପଡିଥାଏ । ଆଶା କରୁଛି ଆପଣ ଏହା ବୁଝି ପାରିବେ ।

ଆମ ପରିବାରମାନଙ୍କରେ ଜମିଜମା ଏବଂ ବିବାହ ଛାଡ଼ପତ୍ର ତଥା ମହିଳାମାନଙ୍କ ସମ୍ପତ୍ତିଗତ ଅଧିକାରକୁ ନେଇ ଆମ ଆଇନ କଣ କହେ ସେ ବାବଦରେ ମହିଳାମାନେ ଅନେକ କଥା ଜାଣିନଥାନ୍ତି । ଭୁବନେଶ୍ୱର ବାର୍ ଏସୋସିଏସନ୍‌ରେ ୨୦୧୮ରୁ ସଭ୍ୟା ଥିବା ଆଡ଼ଭୋକେଟ୍ ସ୍ନିଗ୍ଧା ତ୍ରିପାଠୀ 'ରେବତୀ' ପୃଷ୍ଠାରେ ଆଇନକାନୁନ୍‌କୁ ନେଇ ଦେଉଛନ୍ତି ପରାମର୍ଶ । ଆପଣମାନେ ଆଇନ ସମ୍ବନ୍ଧିତ ପ୍ରଶ୍ନ ମଧ୍ୟ ପଚାରି ପାରନ୍ତି ।



## ଆଇନ ପରାମର୍ଶ - ୮

# ପୋଲିସ୍ ଏଫ୍‌ଆଇଆର୍ ଗ୍ରହଣ ନକଲେ କରିବେ କ'ଣ ?



**ଆଡ଼୍‌ଭୋକେଟ୍ ସ୍ନିଗ୍ଧା ତ୍ରିପାଠୀ**
ଭୁବନେଶ୍ୱର ବାର୍ ଏସୋସିଏସନ୍
ଫୋନ : ୯୩୦୯୧୧୯୬୨୫

ଆମ ସହ କିଛି ଘଟଣା ଘଟୁ କି ପରିବାର ଲୋକଙ୍କ ସହ ସର୍ବପ୍ରଥମେ ଆମେ ପୋଲିସ୍ ଷ୍ଟେସନ୍ ଯାଇ ଏଫ୍‌ଆଇଆର୍ ଦେଇଥାଉ । କିନ୍ତୁ ବେଳେ ବେଳେ ଆମ ସାମ୍ନାକୁ ଏପରି ସ୍ଥିତି ଆସିଥାଏ, ପୋଲିସ୍ ଏଫ୍‌ଆଇଆର୍ ଗ୍ରହଣ କରିନଥାଏ । ତେବେ ଏଭଳି ଏକ ସ୍ଥିତିରେ ଆପଣ କରିବେ କ'ଣ ! ଆସନ୍ତୁ ସବିଶେଷ ଜାଣିବା...

ଆମ ସହ ବେଳେବେଳେ କିଛି ଘଟଣା ଘଟି ଯାଇଥାଏ କିମ୍ବା ଘଟିବାକୁ ଯାଉଥାଏ । ଏଭଳି ପରିସ୍ଥିତିରେ ଆମେ କାହାର ନା କାହାର ସାହାଯ୍ୟ ଲୋଡ଼ିଥାଉ । ସର୍ବପ୍ରଥମେ ଆମେ ପୋଲିସ୍ ଷ୍ଟେସନ୍ କଥା ଭାବୁ ଏବଂ ଯାଉ ମଧ୍ୟ । ଏଫ୍‌ଆଇଆର୍ ଲେଖିବା ପାଇଁ । ଯଦି ପୋଲିସ୍ ଏଫ୍‌ଆଇଆର୍ ଗ୍ରହଣ କରୁନାହିଁ, ତେବେ ଆପଣ କେଉଁ କେଉଁ ପଦକ୍ଷେପ ନେବେ ଓ ଆପଣଙ୍କ ସମସ୍ୟାର ସମାଧାନ କରିପାରିବେ, ଜାଣିରଖିବା ଉଚିତ ।


### ସୁପ୍ରିମକୋର୍ଟ ନିଷ୍ପତ୍ତି

ଯଦି କୌଣସି ବ୍ୟକ୍ତି ପୋଲିସ୍ ଷ୍ଟେସନକୁ ଏଫ୍‌ଆଇଆର୍ ଦେବାକୁ ଆସୁଥାଏ ତା'ର ବୟାନକୁ ପୋଲିସ୍ ଏଫ୍‌ଆଇଆର୍ ଭାବେ ରଖି ତା' ଉପରେ କାର୍ଯ୍ୟାନୁଷ୍ଠାନ କରିବା କଥା । ଯଦି ପୋଲିସ୍ କୌଣସି ଏଫ୍‌ଆଇଆର୍ ରେଜିଷ୍ଟର୍ କରୁଛି, ତେବେ ତା'ପରେ ସେ ଏଫ୍‌ଆଇଆର୍‌କୁ କୋର୍ଟରେ ହାଜର କରିବାକୁ ପଡ଼େ । ଯେପର୍ଯ୍ୟନ୍ତ କୋର୍ଟରେ କେଶ୍ ସମାପ୍ତ ହୋଇ ନଥାଏ ସେ ପର୍ଯ୍ୟନ୍ତ ଇନ୍‌ଭେଷ୍ଟିଗେଟିଙ୍ଗ୍ ଅଫିସର୍ (ପିଓ)ଙ୍କୁ ସମ୍ପୂର୍ଣ୍ଣ କେସ୍‌ର କାମ କରିବାକୁ ପଡ଼ିଥାଏ । ଏଭଳି ସ୍ଥଳେ ଅନେକ ପୋଲିସ୍ ଅଫିସ୍‌ର ଏଫ୍‌ଆଇଆର୍ ରଖିବାକୁ ରାଜି ହୋଇନଥାନ୍ତି । ସେଥିପାଇଁ ସାଧାରଣ ଲୋକଙ୍କ ମନରେ ଏକ ଧାରଣା ହୋଇଯାଏ ସମସ୍ତ ପୋଲିସ୍ ଅଫିସର୍ ଏକାପ୍ରକାରର, ଯେଉଁଥିପାଇଁ ସାଧାରଣ ନାଗରିକ ତା'ର ଅଧିକାରକୁ ହରାଇଥାଏ । ଯଦି ଭାବୁଛନ୍ତି ସବୁ ପୋଲିସ୍ ଅଫିସର୍ ସମାନ ତେବେ ଆପଣ ମଧ୍ୟ ମନ ମଧ୍ୟରେ ଏକ ଦୃଢ଼ ନିଷ୍ପତ୍ତି ନିଅନ୍ତୁ ଯେ ଆପଣ ଆପଣଙ୍କ ଅଧିକାରକୁ ହରାଇବେ ନାହିଁ । ଯଦି ପୋଲିସ୍ ଏଫ୍‌ଆଇଆର୍ ଗ୍ରହଣ କରୁନାହିଁ ତେବେ ଘରକୁ ଆସି ନିଜ ଏଫ୍‌ଆଇଆର୍‌କୁ କାଗଜରେ ଲେଖନ୍ତୁ । ତାହାକୁ ଟାଇପ୍ କରି ଆପଣଙ୍କ ପୋଲିସ୍ ଷ୍ଟେସନର ଏସ୍.ପି.ଙ୍କ ପାଖକୁ ପୋଷ୍ଟ୍‌ରେ ପଠାଇ ଦିଅନ୍ତୁ । ଯଦି ଚାହୁଁଥାନ୍ତି ତେବେ ସେହି ସମାନ କପିକୁ ମୁଖ୍ୟ ସଚିବଙ୍କ ପାଖକୁ ମଧ୍ୟ ପଠାଇ ପାରିବେ ।

ଦ୍ୱିତୀୟତଃ, ଯଦି ପୋଲିସ ବାଲା ଆପଣଙ୍କୁ ଲାଞ୍ଚ ମାଗୁଥାଏ, ଲାଞ୍ଚ ନେଲେ ହିଁ ଏଫ୍‌ଆଇଆର୍ ଗ୍ରହଣ କରିବ ସେଭଳି ସ୍ଥଳେ ଆପଣ ଆପଣଙ୍କ କପିକୁ ଭିଜିଲାନ୍ସଙ୍କ ପାଖକୁ ପଠାନ୍ତୁ । ଏପରି କପି ପଠାଇବା ଦ୍ୱାରା ସିନିୟର୍ ପୋଲିସ୍ ଅଫିସର୍ ସେହି କପିକୁ ଆପଣ ଯାଇଥିବା ଥାନାକୁ ପଠାଇବେ । ଉକ୍ତ ଥାନାରେ ଥିବା ପୋଲିସ ଅଧିକାରୀ ଆପଣଙ୍କ ଏଫ୍‌ଆଇଆର୍‌କୁ ଗ୍ରହଣ କରି ତା' ଉପରେ କାମ କରିବାକୁ ବାଧ୍ୟ ହେବେ ।

- ଯଦି ଆପଣ ପୋଷ୍ଟରେ ଅଭିଯୋଗ ପଠାଇ ସାରିଛନ୍ତି ତଥାପି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନି, ତେବେ ଅନ୍‌ଲାଇନ୍ ମାଧ୍ୟମରେ ଏଫ୍‌ଆଇଆର୍ ଦେଇ ପାରିବେ ।
- ଆପଣ ଏତେସବୁ କରିବା ପରେ ମଧ୍ୟ କିଛି ଯଦି କାମ ହେଉନାହିଁ, ତେବେ ଆପଣ ଆଇନଜୀବୀଙ୍କ ସହ ପରାମର୍ଶ କରନ୍ତୁ । ଆପଣଙ୍କ ଅଭିଯୋଗକୁ ଆଇନଜୀବୀ ମାଜିଷ୍ଟ୍ରେଟ୍‌ଙ୍କ ସାମ୍ନାକୁ ନେଇ ପାରିବେ । ସେଠାରେ ପିଟିସନ୍ ଲଗାଇ ପାରିବ ଓ ଏଫ୍‌ଆଇଆର୍ ରେଜିଷ୍ଟର୍ କରିବାର ନିର୍ଦ୍ଦେଶ ମଧ୍ୟ ପାଇ ପାରିବେ ।

ତେବେ ଆପଣ ହତାଶ ନହୋଇ ଏସବୁ ବିଷୟରେ ସମ୍ୟକ ଧାରଣା ରଖିଲେ ଆପଣ ଆପଣଙ୍କ ଅଧିକାରରୁ ବଞ୍ଚିତ ହେବେନାହିଁ ।





# ବାସ୍ନାୟିତ ବ୍ୟଞ୍ଜନ



# ଦୁଇଟି ଆମିଷ ଆଇଟମ୍






**ସ୍ମିତିଲଗ୍ନା ନନ୍ଦ**
ଚିନ୍ତାମଣିଶ୍ୱର, ଭୁବନେଶ୍ୱର
ଫୋନ : ୭୯୭୮୯୨୩୯୭୯


ଫଟୋ ସୌଜନ୍ୟ : ଲେଖିକା

## ପୋଇ ଚିଙ୍ଗୁଡ଼ି

**ଆବଶ୍ୟକ ସାମଗ୍ରୀ :** ସରୁସରୁ କଟା ହୋଇଥିବା ପୋଇ ଶାଗ ଓ ନାଡ଼, କଟା ପିଆଜ, ଅଳ୍ପ ମାତ୍ରାରେ କଟାଆଳୁ, ବୋଇତାଳୁ ଓ ବାଇଗଣ, ସନ୍ତୁଳା ହୋଇଥିବା ଚିଙ୍ଗୁଡ଼ି, ଜିରା ଶୁଖିଲା ଲଙ୍କା, ସୋରିଷ ଓ ରସୁଣ ବଟାଯାଇ ପ୍ରସ୍ତୁତ ହୋଇଥିବା ପେଷ୍ଟ, ଲୁଣ ଓ ହଳଦୀ ଆବଶ୍ୟକ ଅନୁସାରେ, ସୋରିଷ ତେଲ ।

**ପ୍ରସ୍ତୁତି ପ୍ରଣାଳୀ:** କଡ଼େଇ ଗରମ ହେଲେ ସୋରିଷ ତେଲ ପକାନ୍ତୁ । ସେଥିରେ କଟାପିଆଜ ଓ ଶୁଖିଲା ଲଙ୍କା ପକାଇ ଭାଜନ୍ତୁ । ତାପରେ କଟା ଆଳୁ, ବାଇଗଣ, ବୋଇତାଳୁ ଓ ପୋଇନାଡ଼ ପକାଇ ଦିଅନ୍ତୁ । ଟିକେ ସମୟ ପରେ ସିଝି ଯାଇଥିବା ପରିବାରେ କଟା ପୋଇ ଶାଗ, ସନ୍ତୁଳା ଯାଇଥିବା ଚିଙ୍ଗୁଡ଼ି ପକାଇ ବଟା ଯାଇଥିବା ଜିରା ସୋରିଷ ପେଷ୍ଟ ପକାଇ ଦିଅନ୍ତୁ ଏବଂ ୫ମିନିଟ୍ ପାଇଁ ଏହାକୁ ଘୋଡ଼ାଇ ଦିଅନ୍ତୁ । ଏବେ ୨ କପ୍ ପାଣି ଓ ଆବଶ୍ୟକ ପରିମାଣର ଲୁଣ ଦେଇ ଭଲ ଭାବେ ଶାଗ ସିଝିବା ପାଇଁ ଛାଡ଼ି ଦିଅନ୍ତୁ । ପାଣି ପୁରା ମରିଯିବା ପରେ ଯାଇ ଶାଗର ସ୍ୱାଦ ଠିକ୍ ଆସିବ । ପ୍ରସ୍ତୁତ ହୋଇଗଲା ପୋଇ ଚିଙ୍ଗୁଡ଼ି । ଆଃ ! ବାସ୍ନାରେ ପେଟ ପୂରିଯିବ ।

## ଫିସ୍ ଲେମନ୍ ପିପର୍ ଫ୍ରାଏ

**ଆବଶ୍ୟକ ସାମଗ୍ରୀ :** ଲୁଣ, ହଳଦୀ, ସୋରିଷ, ତେଲ, ଗୋଲମରିଚ ଗୁଣ୍ଡ, ଅଦାରସୁଣ ବଟା, ଲେମ୍ବୁ, ଭୃସଙ୍ଗ ପତ୍ର, ବଟର୍, ଜୁଆଣି, ପାଉଡ଼ର, କଟାମାଛ, କଟାପିଆଜ, କଞ୍ଚାଲଙ୍କା ।

**ପ୍ରସ୍ତୁତି ପ୍ରଣାଳୀ:** ଅଦାରସୁଣ ବଟା (୨ରୁ ୩ ଚାମଚ), ଲୁଣ ଓ ହଳଦୀ ଗୋଳାଇ ମାଛକୁ ପୁରା କଡ଼ା କରି ଭାଜି ଦିଅନ୍ତୁ । ଏହାକୁ ଅଲଗା ଏକ ପ୍ଲେଟ୍‌ରେ ବାହାର କରି ରଖି ଦିଅନ୍ତୁ । ଲେମନ୍ ପିପର୍ ପାଇଁ ଏବେ ଅନ୍ୟ ଏକ ଜାଗାରେ ବଟର୍ ଗରମ କରନ୍ତୁ । ବଟର୍ ତରଳି ଗଲେ ସେଥିରେ କଞ୍ଚାଲଙ୍କା, କଟାପିଆଜ, ଭୃସଙ୍ଗପତ୍ର ପକାଇ ଭଲ ଭାବେ ଭାଜି ଦିଅନ୍ତୁ । ଏବେ ଗୋଲମରିଚ ଓ ଜୁଆଣି ଗୁଣ୍ଡ (ପରିମାଣ ଅଳ୍ପ ଓ ଗୋଲ ମରିଚର ଅଧିକ ରହିବ) ପକାନ୍ତୁ । ପ୍ଲେଟ୍‌ରେ ଥିବା ମାଛ ଉପରେ ଏ ବଟର୍‌କୁ ଖେଳେଇଲା ଭଳି ପକାଇ ଦିଅନ୍ତୁ, ଯେମିତି ପ୍ରତିଟି ମାଛଖଣ୍ଡରେ ଏହା ଲାଗିବ । ଏବେ ମାଛ ଉପରେ ଲେମ୍ବୁରସ ପକାଇ, ଚାମଚରେ ଉପର ତଳ କରିଦିଅନ୍ତୁ, ଯେଭଳି ବଟର୍ ଓ ଲେମ୍ବୁରସ ପ୍ରତ୍ୟେକ ମାଛ ଖଣ୍ଡରେ ସମାନ ଭାବେ ଲାଗିବ ।



# ନିରାମିଷ ବ୍ୟଞ୍ଜନ



# ଦୁଇଟି ନିରାମିଷ ରାନ୍ଧଣା




**ଦେବଯାନୀ ରାୟ**

ଜଟଣୀ, ଖୋର୍ଦ୍ଧା

ଫୋନ:୯୪୩୭୪୧୩୩୧୪


ଫଟୋ ସୌଜନ୍ୟ : ଲେଖିକା

**ଓଡ଼ିଆ ସଂସ୍କୃତିରେ ବାରମାସରେ ତେରପର୍ବ ପାଳନ କରାଯାଏ । ସେଥିପାଇଁ ପ୍ରାୟ ଅନେକଙ୍କ ପରିବାରରେ ନିରାମିଷ ଭୋଜନ ପ୍ରସ୍ତୁତ କରାଯାଇଥାଏ । ତନ୍ମଧ୍ୟରୁ ବିନା ପିଆଜ ରସୁଣରେ ତିଆରି ଦୁଇଟି ରୋଷେଇ ଏଥର ।**



## ପରିବା ବେସର



**ଆବଶ୍ୟକ ସାମଗ୍ରୀ :** ପୋଟଳ କାଙ୍କଣ ଅଳ୍ପ ଦେଶୀଆଳୁ, କଖାରୁଛୋଟ ଖଣ୍ଡେ, ଗୋଟେ କଞ୍ଚାକଦଳୀ, ବଟୁରା ବୁଟ, ଫାଳେ ନଡ଼ିଆ କୋରା, କନ୍ଦମୂଳ, ଅଧା ଚାମଚ ଜିରା, ଅଧା ଚାମଚ ପାନ ମହୁରୀ, ଅଧା ଚାମଚ ଗୋଲମରିଚ, ଅଧା ଚାମଚ ହଳଦୀ, ୧ ଇଞ୍ଚର ଅଦା, ଗୁଡ଼ ୧ ଚାମଚ ସୋରିଷ, ୧ ଚାମଚ, ଅଳ୍ପ ହେଙ୍ଗୁ, ସ୍ୱାଦ ଅନୁସାରେ ଲୁଣ ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଦେଶୀ ଆଳୁ ଓ ପୋଟଳକୁ ଅଳ୍ପ ଭାଜି ରଖିବେ । କଡ଼େଇରେ ପାଣି ଦେଇ ଟିକେ ଲୁଣ ପକାଇ ପୂର୍ବରୁ ଭିଜା ଯାଇଥିବା ବୁଟକୁ ସିଝାଇବେ । ବୁଧ ଅଧା ସିଝିଗଲା ପରେ ସେଥିରେ ସବୁ ପରିବା ପକାଇବା ସହିତ ହଳଦୀ ପାଣିରେ ପଡ଼ିଥିବା କଦଳୀ ଖଣ୍ଡ ମଧ୍ୟ ପକାଇବେ । କଟା କଦଳୀକୁ ହଳଦୀ ପାଣିରେ ପକାଇଲେ ତରକାରୀ କଳା ଦେଖାଯାଏ ନାହିଁ । ତାପରେ ସମସ୍ତ ବଟା ପକାଇବେ । ଗ୍ୟାସକୁ ମିଡ଼ିୟମ ଫ୍ଲେମରେ ରଖିବେ । ପରିବା ଟିକେ ସିଝି ଆସିଲେ ନଡ଼ିଆ କୋରା ଦେବେ । ନଡ଼ିଆ କୋରାକୁ ନ ଘାଣ୍ଟି କିଛି ସମୟ ପାଇଁ ଗ୍ୟାସ୍ ଲୋ ଫ୍ଲେମରେ ରଖି ଘୋଡ଼ାଇ ଦେବେ । ତାପରେ ଗୁଡ଼ ଏବଂ ହେଙ୍ଗୁ ଦେବେ । ତାପରେ ତାହାକୁ ଧୀରେ ଧୀରେ ଘାଣ୍ଟିବେ । ସିଝିଗଲା ପରେ କଡ଼େଇକୁ ଓହ୍ଲାଇ ଅଲଗା ରଖିବେ । ତାପରେ ଆଉ ଗୋଟେ କଡ଼େଇରେ ଘିଅ ଦେଇ ସୋରିଷ ଓ ଜିରା ଫୁଟାଇ ପରିବା ସିଝା ଉପର ତଡ଼କା ଦେବେ । ତାପରେ ତାହାକୁ ଧୀରେ ଧୀରେ ଘାଣ୍ଟିବେ । ସିଝିଗଲା ପରେ କଡ଼େଇକୁ ଓହ୍ଲାଇ ଅଲଗା ରଖିବେ । ତାପରେ ତାହାକୁ ଧୀରେ ଧୀରେ ଘାଣ୍ଟିବେ । ସିଝିଗଲା ପରେ କଡ଼େଇକୁ ଓହ୍ଲାଇ ଅଲଗା ରଖିବେ । ତାପରେ ଆଉ ଗୋଟେ କଡ଼େଇରେ ଘିଅ ଦେଇ ସୋରିଷ ଏବଂ ଜିରା ଫୁଟାଇ ପରିବା ସିଝା ଉପରେ ତଡ଼କା ଦେବେ । ଏବେ ପ୍ରସ୍ତୁତ ହୋଇଗଲା ଆମର ପରିବା ବେସର ।

## ଡ୍ରାଏଫ୍ରୁଟ୍ ପଲାଉ

**ଆବଶ୍ୟକ ସାମଗ୍ରୀ :** ୧ କପ ବାସୁମତୀ ଚାଉଳ, ଦୁଇଟି ତେଜପତ୍ର, ଗୋଟେ ଗାୟତ୍ରୀ, ଦୁଇଟା ଶୁଖିଲା ଲଙ୍କା, ଦୁଇଖଣ୍ଡ ଡାଲଚିନି, ଗୋଟିଏ ଅନାସି ଫୁଲ, ଦୁଇଟା ଗୁଜୁରାତି, କାଜୁ କିସମିସ, ଘିଅ ୧ ଟେବଲ ଚାମଚ, ତିନି ବଡ଼ଚାମଚ ତେଲ (ରିଫାଇନ), ତୁଟି ଫୁଟି ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଚାଉଳକୁ ଧୋଇ ୧୫ ମିନିଟ ପର୍ଯ୍ୟନ୍ତ ପାଣିରେ ଭିଜେଇ ଦେବେ । ତାପରେ ଗୋଟିଏ ପ୍ରେସର କୁକୁରରେ ତେଲ ଦେଇ ହାଲକା ଗରମ ହେବା ପରେ ତେଜପତ୍ର, ଶୁଖିଲା ଲଙ୍କା, ଯାୟତ୍ରୀ, ଡାଲଚିନି ଗୁଜୁରାତି, ଅନାସି ଫୁଲ ଏବଂ କାଜୁ କିସମିସ ପକାଇ ଫ୍ରାଏ କରିବେ । ତାପରେ ୧ ଚାମଚ ଚିନି ଦେବେ । ଯଦି କେହି ଅଧିକ ମିଠା ଖାଆନ୍ତି ତେବେ ଅଧିକ ଚିନି ଦେଇ ପାରିବେ । ଲୁଣ ଆବଶ୍ୟକ ଅନୁଯାୟୀ ପକାଇବେ । ତାପରେ ଚାଉଳ ପକାଇ ଭାଜିବେ । ଚାଉଳ ଭାଜି ହେଇଗଲା ପରେ ସେଥିରେ ପାଣିଦେବେ । ମନେରଖିବେ ଗୋଟେ ଗ୍ଲାସ ଚାଉଳକୁ ଦେଢ଼ ଗ୍ଲାସ ପାଣି ଦେବେ । ତାପରେ ତୁଟିଫୁଟି ପକାଇ ପ୍ରେସର ବନ୍ଦ କରିଦେବେ । ହାଇ ଫ୍ଲେମରେ ରଖିବେ । ଦୁଇଟା ହୁଇସିଲ ହେଇଗଲା ପରେ ଗ୍ୟାସ ବନ୍ଦ କରିଦେବେ । ସମ୍ପୂର୍ଣ୍ଣ ଗ୍ୟାସ ବାହାରିବା ପର୍ଯ୍ୟନ୍ତ ଅପେକ୍ଷା କରିବେ । ମଝିରେ ଖୋଲିବେ ନାହିଁ । ଗ୍ୟାସ୍ ବାହାରିଯିବା ପରେ ପ୍ରେସର ଖୋଲି ପଲାଉ ଉପରେ ଘିଅ ପକାଇବେ । ଘିଅକୁ ଧୀରେ ଧୀରେ ମିଶାଇଲା ପରେ ଗରମ ଗରମ ପରସିବେ ।


ରୋଷେଇଶାଳା
ଓଡ଼ିଆ ଘରର ବ୍ୟଞ୍ଜନ

# ଦୁଇଟି ବ୍ୟଞ୍ଜନ




**ସଙ୍ଗୀତା ଦାସ**

ରାଜେନ୍ଦ୍ର ନଗର, ମଧୁପାଟଣା, କଟକ-୭୫୩୦୧୩
ଫୋନ:୯୩୪୮୪୬୮୬୭୭


ଫଟୋ ସୌଜନ୍ୟ : ଲେଖିକା



## ନଡ଼ିଆ ରସ ବିରିୟାନି

**ଆବଶ୍ୟକ ସାମଗ୍ରୀ :** ବାସୁମତୀ ଚାଉଳ ୨୦୦ଗ୍ରାମ, ୨ଟି ନଡ଼ିଆର ରସ, କିଛି ଛୋଟ ଛୋଟ କଟା ପରିବା (କୋବି, ବିନ, ଆଳୁ, ଗାଜର), ବଡ଼ ପିଆଜ ୨ଟି କଟା, ଅଳ୍ପ ସୋୟାବିନ, ଅଳ୍ପ ପନିର, ବିରିୟାନି ମସଲା, ଲଙ୍କା, ଜିରା ୫ଗ୍ରାମ, ଶୁଖିଲା ଲଙ୍କା, ତେଜପତ୍ର, ଡାଲଚିନି, ଗୁଜୁରାତି, ଲୁଣ, ରିଫାଇନ ତେଲ ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ନଡ଼ିଆକୁ କୋରି ଦିଅନ୍ତୁ । ତାପରେ ସେଥିରେ ଗରମ ପାଣି ପକେଇ ଭଲ ଭାବରେ ଚକଟି ରସ ବାହାର କରିଦିଅନ୍ତୁ । ତା ପରେ ସେହି ନଡ଼ିଆ ପାଣିକୁ ଏକ ପାତ୍ରରେ ଗ୍ୟାସରେ ବସାନ୍ତୁ ପାଣିରେ । ସେ ପାଣିରେ ତେଜପତ୍ର, ଡାଲଚିନି., ଗୁଜରାତି ଓ ସ୍ୱାଦ ଅନୁସାରେ ଲୁଣ ଦିଅନ୍ତୁ । ପାଣି ଯେମିତି ଚାରି କପ ହେଇଥିବ ସେ ଅନୂସାରେ ପାଣି ଫୁଟିଲା ପରେ ସେଥିରେ ଚାଉଳ ୨ କପ ପକେଇ ଘୋଡ଼େଇ ଦିଅନ୍ତୁ । ଧିମା ଆଞ୍ଚରେ ସେଇ ନଡ଼ିଆ ରସରେ ହି ଭାତ ହେଇଯିବ । ତାପରେ ଅନ୍ୟ ଏକ କଡ଼େଇରେ ତେଲ ଗରମ କରନ୍ତୁ ସେଥିରେ କିଛି ଜିରା, ଶୁଖିଲା ଲଙ୍କା ପକେଇ ଛୁଙ୍କ କରି ପିଆଜ ପକେଇ ଭାଜନ୍ତୁ । ତାପରେ କଟା ପରିବା ପକେଇ ଭଲ ଭାବାରେ ଭାଜି ଦିଅନ୍ତୁ । ପରିବା ଭାଜି ହେଇଗଲା ପରେ ସେଥିରେ ପନିରଓ ସୋୟାବିନ ପକାନ୍ତୁ, ତାପରେ ପ୍ରସ୍ତୁତ ହେଇଥିବ ନଡ଼ିଆ ଭାତକୁ ପକେଇ ଓ ବିରିୟାନି ମସଲା ପକେଇ ଭଲ ଭାବରେ ଗୋଳେଇ କିଛି ସମୟ ଘୋଡ଼େଇ ଦିଅନ୍ତୁ । ତାପରେ ପ୍ରସ୍ତୁତ ହେଇଯିବ ନଡ଼ିଆ ରସ ବିରିୟାନି । ଏହାକୁ ଗରମ ଗରମ ଆମିଷ ତରକାରୀ କିମ୍ୱା ସାଦା ତରକାରୀରେ ପରସି ଦିଅନ୍ତୁ ।

## ହର୍ବଲ୍ ଭେଜିଟେବୁଲ୍ ପରଟା

**ଆବଶ୍ୟକ ସାମଗ୍ରୀ :** ଅଟା ୨୦୦ ଗ୍ରାମ, ମଇଦା ୧୦୦ଗ୍ରାମ, ଫୁଲକୋବି ଅଳ୍ପ ଛୋଟ ଛୋଟ କଟା, ବନ୍ଧାକୋବି ଅଳ୍ପ ଛୋଟ କଟା, ପାଳଙ୍ଗଶାଗ ୨୫୦ ଗ୍ରାମ ରସ କଟା ପିଆଜ ସିଝା ଆଳୁ ୨ଟା, କଟା କଞ୍ଚା ଲଙ୍କା, ଜିରା ଗୁଣ୍ଡ ଏକ ଚାମଚ, ଲଙ୍କା ଗୁଣ୍ଡ ଏକ ଚାମଚ, କରି ମସଲା ଏକ ଚାମଚ, ଦରକାର ମୁତାବକ ତେଲ କିମ୍ୱା ଘିଅ, ସ୍ୱାଦ ଅନୁସାରେ ଲୁଣ ।

**ପ୍ରସ୍ତୁତି ପ୍ରଣାଳୀ:**ପ୍ରଥମେ ଗୋଟିଏ ପାତ୍ରରେ ଅଟା, ମଇଦା ଆଉ ଲୁଣ ଏବଂ ଦୁଇ ଚାମଚ ତେଲ ଦେଇ ଭଲ ଭାବରେ ଗୋଳେଇ ଦେବା ତା ପରେ ସେଥିରେ ପାଳଙ୍ଗଶାଗର ରସ ଦେଇ ଚକଟି ଦେବା ଏବଂ ଏହାକୁ ଅଧଘଣ୍ଟା ଘୋଡ଼େଇ ରଖିଦେବା । ଅନ୍ୟ ଏକ ପାତ୍ରରେ ପୁରା ପ୍ରସ୍ତୁତ କରିବା । କଟା ଫୁଲଗୋବି, କତାବନ୍ଧା କୋବି, ପିଆଜ, ସିଝାଆଳୁ, କଞ୍ଚା ଲଙ୍‌କା, ଜିରାଗୁଣ୍ଡ, କାରୀମସଲା, ଲଙ୍କାଗୁଣ୍ଡ, ସ୍ୱାଦ ଅନୁସାରେ ଲୁଣ ପକାଇ ଭଲ ଭାବରେ ଗୋଳେଇ ପୁର ପ୍ରସ୍ତୁତ କରିବା । ତାପରେ ଅଟାର ଗୋଲ ରୁଟି ପରିକା ବେଲି ତା ଭିତରେ ପୁରା ପୁରେଇ ବେଲି ଦେବା । ତାବା ଗରମ ହେଲେ ପରଟାକୁ ପକେଇ ଘିଅ କିମ୍ୱା ତେଲ ଦେଇ ସେକି ଦେବା ତାପରେ ପ୍ରସ୍ତୁତ ହେଇଯିବ ହର୍ବଲ ଭେଜିଟେବୁଲ ପରଟା । ଏହାକୁ ଆମେ ଦହି, ଚଟଣୀ କିମ୍ୱା ସସ ସହିତ ଗରମ ଗରମ ପରସି ଦେବା । ଏହା ଖାଇବାକୁ ବହୁତ ଭଲ ଲାଗେ ।



ରୋଷେଇଶାଳ

# ଓଡ଼ିଆ ଘରର ବ୍ୟଞ୍ଜନ



# ଘରୁଆ ରୋଷେଇ



**ରୋନାଲିସା ପଣ୍ଡା**
ସହଦେବଖୁଣ୍ଟା, ବାଲେଶ୍ୱର-୭୫୬୦୦୧
ଫୋନ: ୭୦୦୮୪୮୬୭୩୮

ଫଟୋ ସୌଜନ୍ୟ : ଲେଖିକା

## ଲେମନ୍ ଟେଷ୍ଟି ସର୍ବତ୍

**ଆବଶ୍ୟକ ସାମଗ୍ରୀ :** ଲେମ୍ବୁରସ ୧/୪କପ୍, ଚିନି ୧/୨କପ୍, ବିଟ୍‌ଲୁଣ ୧ ଚାମଚ, ଆଇସ୍ ୧କପ୍ / ଆଇସକ୍ୟୁବ ୪ଟା ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଗ୍ରାଇଣ୍ଡର୍ ଜାର୍‌ରେ ଲେମ୍ବୁ ରସ, ଚିନି, ବିଟ୍ ଲୁଣ ପକାଇ ୧ମିନିଟ୍ ପାଇଁ ଚଳାନ୍ତୁ । ପରେ ୨ ଗ୍ଲାସ୍ ପାଣି ମିଶାଇ ଗ୍ରାଇଣ୍ଡର୍‌କୁ ଚଳାନ୍ତୁ । ପରେ ଆଇସ୍ ମିଶାଇ ସର୍ଭ କରନ୍ତୁ ।



## ପୋଇପତ୍ର ଭଜା



**ଆବଶ୍ୟକ ସାମଗ୍ରୀ :** ପୋଇ ପତ୍ର, କଟା ପିଆଜ ୨ଟା, ଅଦାରସୁଣଲଙ୍କା ବଟା-୨ ଚାମଚ, ହଳଦୀଗୁଣ୍ଡ ଓ ଲୁଣ ସ୍ୱାଦ ଅନୁସାରେ, ବେସନ ୧ କପ୍ ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ପୋଇପତ୍ରକୁ ଧୋଇ ପୋଛି ଦିଅନ୍ତୁ । ଗୋଟେ ପାତ୍ରରେ ବେସନ, ବଟା ମସଲା, ଲୁଣ ହଳଦୀ ଦେଇ ପାଣି ମିଶାଇ ଗୋଟେ ଆଣ କରନ୍ତୁ । ପୋଇପତ୍ର ମଝିରେ କଟା ପିଆଜ ରଖି ଆଣ ଗୋଳାଇ ତାୱାରେ ତେଲ ଦେଇ ଭାଜନ୍ତୁ, ଏହାକୁ କଡ଼େଇରେ ତେଲ ଦେଇ ଛାଣିଲେ ମଧ୍ୟ ଭଲ ଲାଗିବ ।

## ଆମ୍ବୁଲ ନଡ଼ିଆ ରାଇ

**ଆବଶ୍ୟକ ସାମଗ୍ରୀ :** ଆମ୍ବୁଲ ୪ଟା, ନଡ଼ିଆ କୋରା ୧କପ୍, ସୋରିଷ ବଟା ୧/୨କପ୍, ଦହି ୧କପ୍, ପାଞ୍ଚଫୁଟଣ ୨ଚାମଚ, ଶୁଖିଲା ଲଙ୍କା ୨ଟା, କଞ୍ଚା ଲଙ୍କା ୨ଟା, ଲୁଣ ସ୍ୱାଦ ଅନୁସାରେ, ଚିନି/ଗୁଡ଼ ୨ ଚାମଚ ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଆମ୍ବୁଲକୁ ଟିକେ ପାଣିରେ ବତୁରାଇ ଦିଅନ୍ତୁ । ଏହାପରେ ନଡ଼ିଆ କୋରା, ସୋରିଷବଟା, କଞ୍ଚାଲଙ୍କାକୁ ଆଉଥରେ ବାଟି ରଖନ୍ତୁ । କରେଇରେ ତେଲ ଗରମ କରି ସେଥିରେ ପାଞ୍ଚଫୁଟଣ, ଶୁଖିଲା ଲଙ୍କା ପକାଇ ଦିଅନ୍ତୁ । ବଟା ହୋଇଥିବା ନଡ଼ିଆ ସୋରିଷବଟାକୁ ସେଥିରେ ପକାଇ ଆମ୍ବୁଲକୁ ସେଥିରେ ପକାଇ ଦିଅନ୍ତୁ । ଲୁଣ ଓ ଚିନି ମିଶାଇ ଭଲ ଭାବରେ ଫୁଟାଇ ଦିଅନ୍ତୁ । ୧୦ ମିନିଟ୍ ପରେ ଚୁଲା ବନ୍ଦ କରି ଦିଅନ୍ତୁ । ରାଇ ଥଣ୍ଡା ହୋଇଗଲେ ଦହିକୁ ଟିକେ ଫେଣ୍ଟି କରି ରାଇରେ ପକାଇ ଦିଅନ୍ତୁ । ହୋଇଗଲା ଆପଣଙ୍କ ଆମ୍ବୁଲ ରାଇ ।



## ଲାଉ ମସଲା ତରକାରୀ

**ଆବଶ୍ୟକ ସାମଗ୍ରୀ :** ଲାଉ ୫୦୦ ଗ୍ରାମ । ପିଆଜ ୧ ଅଦାରସୁଣ ବଟା ୨ ଚାମଚ । ଟମାଟୋ ୨ଟା, କଞ୍ଚା ଲଙ୍କା ୧, ଚିକେନ ମସଲା ୨ ଚାମଚ, ଗରମ ମସଲା ୧ ଚାମଚ । ହଳଦୀ ଲୁଣ ସ୍ୱାଦ ଅନୁସାରେ । ତେଲ ୧କପ୍ । ଜିରା ୧ ଚାମଚ ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଲାଉକୁ ଚୋପା ଛଡ଼ାଇ ଗୋଲ ଗୋଲ କରି କାଟି ରଖନ୍ତୁ, ହଳଦୀ ଓ ଚିକେନ ମସଲା ଦେଇ ମେରିନେଟ୍ କରି ୧୦ ମିନିଟ୍ ଛାଡ଼ି ଦିଅନ୍ତୁ । ପିଆଜକୁ ଛୋଟ ଛୋଟ କରି କାଟିଦିଅନ୍ତୁ । କରେଇରେ ତେଲ ଗରମ କରି ସେଥିରେ ଜିରା, କଞ୍ଚା ଲଙ୍କା, ପିଆଜ ପକାଇ ଭାଜନ୍ତୁ । ଅନ୍ୟ ଏକ କରେଇରେ ତେଲ ଗରମ କରି ସେଥିରେ କଟା ଲାଉକୁ ଭାଜନ୍ତୁ । ପିଆଜ ଭାଜି ହୋଇଗଲେ ସେଥିରେ ଅଦାରସୁଣ ବଟା, ହଳଦୀ ଗୁଣ୍ଡ ପକାଇ ଭାଜନ୍ତୁ । ଏହାପରେ ଟମାଟୋ, ଲୁଣ ପକେଇ ଭାଜନ୍ତୁ । ଟିକେ ପାଣି ମିଶାଇ ଭଲ ଭାବରେ ଫୁଟାଇ ଦିଅନ୍ତୁ । ଏଥିରେ ଆଗରୁ ଭଜା ହୋଇଥିବା ଲାଉକୁ ପକାନ୍ତୁ । ଶେଷରେ ଚିକେନ୍ ମସଲା ଓ ଗରମ ମସଲା ପକାନ୍ତୁ ଏବଂ ଗରମ୍ ଗରମ୍ ସର୍ଭ କରନ୍ତୁ ।



# ନୂଆ ରାନ୍ଧଣା ନୂଆ ଟେଷ୍ଟ



# ଦୁଇଟି ନିରାମିଷ ବ୍ୟଞ୍ଜନ




**ସୁଜାତା ମହାପାତ୍ର**

ଶିବାନୀ ଏନ୍‌କ୍ଲେଭ୍, ବମିଖାଲ, କେନାଲରୋଡ୍,
ଭୁବନେଶ୍ୱର-୭୫୧୦୧୦
ଫୋନ:୯୪୩୭୩୬୦୯୬୪


ଫଟୋ ସୌଜନ୍ୟ : ଲେଖିକା

## ପୋଟଳ ବାଦାମ ପୋସ୍ତ



**ଆବଶ୍ୟକ ସାମଗ୍ରୀ :** ୨୫୦ ଗ୍ରାମ କସ୍ତୁରୀ ମେଥି, ଚିମୁଟାଏ ସ୍ୱାଦ ଅନୁସାରେ ଲୁଣ, ଆବଶ୍ୟକ ଅନୁସାରେ ରିଫାଇନ ତେଲ । ମସଲା ପାଇଁ ପୋସ୍ତ: ୫୦ ଗ୍ରାମ, ବାଦାମ: ୧୦୦ଗ୍ରାମ, ରସୁଣ: ବଡ଼ ଗୋଟିଏ, କଞ୍ଚାଲଙ୍କା, ୫/୬ଟି, ଗୁଜୁରାତି ଗୋଟିଏ ବା ଦୁଇଟି, ଛୋଟ ଖଣ୍ଡେ ଡାଲ୍‌ଚିନି, ଦୁଇଟି ଲବଙ୍ଗ, ତେଜପତ୍ର ଦୁଇଟି ।

**ପ୍ରସ୍ତୁତି ପ୍ରଣାଳୀ:** ଶୁଖିଲା ପୋସ୍ତକୁ ପ୍ରଥମେ ଭଲ ଭାବେ ଗ୍ରାଇଣ୍ଡ୍ କରି ସେଥିରେ ପାଣି ଦେଇ ରସୁଣ ଓ କଞ୍ଚାଲଙ୍କାକୁ ପକାଇ ଚିକ୍କଣ କରି ବାଟିନେବେ ପରେ ସେଥିରେ ଚୋପାଛଡ଼ା ଭଜା ବାଦାମକୁ ମିଶାଇ ଭଲ ଭାବେ ବାଟିବେ ।

ଗୋଟା ପୋଟଳ ଭଲ ଭାବରେ ଧୋଇ ବିପରୀତ ଦିଗରୁ ଅଧାରୁ ଅଧିକ ଯାଏଁ ଚିରାଦେଇ କାଟି (ଯେପରି ପୋଲ ଖୋଲିବ ନାହିଁ ଓ ଦୁଇମୁଣ୍ଡରେ ଯୋଡ଼ିହୋଇ ରହିଥିବ) ସେଥିରେ ଲୁଣ ଗୋଳେଇ କିଛି ସମୟ ରଖିବେ । ଚୁଲିରେ ତେଲକୁ ଖୁବ ଗରମ କରି ସେଥିରେ ପୋଟଳମାନଙ୍କୁ ଛାଣିଲା ଭଳି ଅଧା ଭାଜିବେ ।

ଭଜା ପୋଟଳକୁ ବାହାର କରି ସେହି କଡ଼େଇରେ ଆବଶ୍ୟକ ଅନୁସାରେ ତେଲ ଗରମ କରି ଗୋଟା ଗରମ ମସଲାକୁ ପକାଇବେ । ପରେ ପରେ ପୋସ୍ତ ଓ ବାଦାମର ବଟା ମସଲାକୁ ପକାଇ କଷିବେ । ମସଲା ଅଳ୍ପ ତେଲ ଛାଡ଼ିବା ଆରମ୍ଭ କଲେ ଅଳ୍ପ ପାଣିଦେଇ ପୁଣି କଷିବେ । ପରେ ଭଜା ପୋଟଳ ଓ ଆବଶ୍ୟକ ଅନୁସାରେ ଲୁଣକୁ କଷା ମସଲାରେ ପକାଇ ଆଉ କିଛି ସମୟ କଷିବେ (ଧ୍ୟାନ ରଖିବେ ଆଗରୁ ପୋଟଳରେ ଲୁଣ ଦିଆ ହୋଇଥିଲା) । ଆବଶ୍ୟକ ହେଲେ ଅଳ୍ପ ଗରମ ପାଣି ଦେଇ ଘୋଡ଼େଇ ଶିଝିବା ପାଇଁ ଛାଡ଼ିଦେବେ । ଶେଷରେ କସ୍ତୁରୀ ମେଥିକୁ ଗୁଣ୍ଡ କରି ସେଥିରେ ପକାଇ ଓହ୍ଲାଇ ଦେବେ । ସାଦା ବା ମସଲା ଭାତ, ରୁଟି, ପରଟା ସହ ଏହା ଭଲ ଲାଗେ ।

## ଦହି କିସ୍‌ମିଶ୍

**ଆବଶ୍ୟକ ସାମଗ୍ରୀ :** ୧୦୦ ଗ୍ରାମ କିସ୍‌ମିଶ୍, ବସାଦହି ବା ମିଠାଦହି ୨୦୦ ଗ୍ରାମ, ଖୁବ୍ ଛୋଟ ଛୋଟ ଦାନା ଭଳି କଟାହୋଇଥିବା ଅଧାଇଞ୍ଚ୍ ଅଦା, ଦୁଇଟି କଞ୍ଚାଲଙ୍କା ଛୋଟ ଛୋଟ କଟା ହୋଇଥିବା, ସ୍ୱାଦ ଅନୁସାରେ ଲୁଣ, ଚିନି ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ବସାଦହିରେ ସ୍ୱାଦ ଅନୁସାରେ ଲୁଣ, ଚିନି, କଟା ଅଦା, କଟା କଞ୍ଚାଲଙ୍କା ଦେଇ ଭଲ ଭାବରେ ଫେଣ୍ଟି ରଖିବେ । ପରେ ତେଲକୁ ମଧ୍ୟମ ଆଞ୍ଚରେ ଗରମ କରି କିସ୍‌ମିଶ୍‌କୁ ହାଲ୍‌କା ଭାଜିବେ । କିସ୍‌ମିଶ୍ ଅଳ୍ପ ବାଦାମୀ ରଙ୍ଗ ହୋଇଗଲା ପରେ ତାକୁ ତେଲରୁ ବାହାର କରି ଯଥାଶୀଘ୍ର ଫେଣ୍ଟା ହୋଇଥିବା ଦହିରେ ସିଧାସଳଖ ମିଶାଇବେ ନଚେତ କିସ୍‌ମିଶ୍ ଟାଣ ହୋଇଯିବ ଓ ଦହିରେ ବତୁରିବ ନାହିଁ । ଭଲରୂପେ ଗୋଳାଇ ପ୍ରାୟ ଏକ ଘଣ୍ଟା କିସ୍‌ମିଶ୍‌ମାନଙ୍କୁ ବତୁରିବାକୁ ଛାଡ଼ି ଦେବେ । ପ୍ରସ୍ତୁତ ହୋଇଗଲା ଦହି କିସ୍‌ମିଶ୍ । ଗରମ ସାଦା ଭାତ ବା ମସଲା ଭାତ ସହ ଏହା ଖୁବ୍ ଭଲ ଲାଗେ ।



# ଧାର୍ମିକ ପରିଧାନ



# ଫ୍ୟାସନ୍‌ରେ ପଟ୍ଟଚିତ୍ର



## ସ୍ନିଗ୍ଧା ତ୍ରିପାଠୀ

ବିଶ୍ରାନ୍ତୱାଡ଼ି, ପୁନେ, ମହାରାଷ୍ଟ୍ର
ଫୋନ : ୯୩୦୯୧୧୯୬୨୫

ଫଟୋ ସୌଜନ୍ୟ : ଲେଖିକା

ଫ୍ୟାସନ୍‌ର ସଂଜ୍ଞା ତ ବ୍ୟାପକ । କେତେବେଳେ ଆମେ ପୁରୁଣା କପଡ଼ାରେ ନୂଆ ଝଲକ ଦେଖିଥାଉ ତ ଆଉ କେତେବେଳେ ଆମେ ଆମ ପାରମ୍ପରିକ କପଡ଼ାକୁ ଓ୍ୱେଷ୍ଟର୍ଣ୍ଣ ଲୁକ୍ ଦେଉ । ସମୟ ସ୍ରୋତରେ ଏହା ବଦଳିଥାଏ ନିଶ୍ଚିତ । ତେବେ ଆମ ସଂସ୍କୃତି ପରମ୍ପରାକୁ ଅବ୍ୟାହତ ରଖିବା ପାଇଁ ଚିତ୍ରଶିଳ୍ପୀ କପଡ଼ା ଉପରେ ରଙ୍ଗତୂଳୀ ମାଧ୍ୟମରେ ତାଙ୍କ ଡିଜାଇନ୍‌କୁ ଯେଉଁ ରୂପ ଦେଇ ଜଗନ୍ନାଥ ସଂସ୍କୃତି, ଶୈବ, ଗଣେଶ ଏବଂ ଶ୍ରୀକୃଷ୍ଣଙ୍କ ଲୀଳା ପରିଦର୍ଶନ କଲେ ତାହା ବର୍ତ୍ତମାନ ଫ୍ୟାସନ୍ ଟ୍ରେଣ୍ଡ୍ ଭାବେ ଅନେକଙ୍କୁ ଆକୃଷ୍ଟ କରୁଛି । ଯାହାକୁ ଆମେ ପଟ୍ଟଚିତ୍ର ଫ୍ୟାସନ୍ ମଧ୍ୟ କହୁଛୁ । ଏହି ପଟ୍ଟଚିତ୍ର କେବଳ ଯେ କାଗଜ ଉପରେ ତିଆରି ହୋଇ ଏକ ଚିତ୍ରଶିଳ୍ପୀର ଚିତ୍ରକୁ ବୁଝାଉଛି ତାହା ନୁହେଁ । ଏହା କପଡ଼ା ଉପରେ ଅଙ୍କା ଯାଇ ଆମ ଓଡ଼ିଶାର ସଂସ୍କୃତିକୁ ବଖାଣୁଛି । ଯାହାର ଆଦର ବର୍ତ୍ତମାନ ବଢ଼ିବାକୁ ଲାଗୁଛି । ଏହା  ବର୍ତ୍ତମାନ ଫ୍ୟାସନ୍‌ର ପରିଧିକୁ ଆସି ଫ୍ୟାସନ୍ ମାଧ୍ୟମରେ ଆମ ସଂସ୍କୃତିକୁ ବଜାୟ ରଖିଛି । ଆସନ୍ତୁ ଜାଣିବା ସେ ସମ୍ପର୍କରେ କିଛି ।



### କିପରି କେବେ ଆରମ୍ଭ ହୋଇଥିଲା

ପଟ୍ଟଚିତ୍ର ଏକ ସଂସ୍କୃତ ଶବ୍ଦ । ପଟ୍ଟ ଅର୍ଥ କପଡ଼ା, ଚିତ୍ର ଅର୍ଥ ପେଣ୍ଟିଂ । ତେବେ ପଟ୍ଟଚିତ୍ର ଅର୍ଥ ହେଉଛି କପଡ଼ା ଉପରେ ପେଣ୍ଟିଂ । ପ୍ରାୟ ୩୦୦୦ ବର୍ଷ ପୂର୍ବରୁ ଚିତ୍ରଶିଳ୍ପୀମାନେ କପଡ଼ା ଉପରେ ଚିତ୍ର କରିବା ଆରମ୍ଭ କରିଥିଲେ । ଚିତ୍ର ମାଧ୍ୟମରେ କପଡ଼ା ଉପରେ ଓଡ଼ିଶାର ଧାର୍ମିକ, ଭଗବାନଙ୍କର ଲୀଳା ଏବଂ ପରମ୍ପରାକୁ ଚିତ୍ର ମାଧ୍ୟମରେ ସମସ୍ତଙ୍କ ପାଖରେ ପହଞ୍ଚାଉଥିଲେ ।



### ପଟ୍ଟଚିତ୍ରରେ କ'ଣ ଦେଖିବାକୁ ପାଇବେ

ଭଗବାନ ଜଗନ୍ନାଥଙ୍କ ଠୁ ଏହି ପଟ୍ଟଚିତ୍ର ପ୍ରେରିତ ହୋଇଛି । ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କ ବ୍ୟତୀତ ଶିବ, ଶ୍ରୀକୃଷ୍ଣ, ହନୁମାନ, ରାଧା, ପାର୍ବତୀ ଏବଂ ସୀତାଙ୍କ ଛବି ବ୍ୟବହୃତ ହୋଇ ଏହା ଓଡ଼ିଶାର ପାରମ୍ପରିକ କାହାଣୀ ବଖାଣିବା ସହ ଓଡ଼ିଶା ବାହାରେ ମଧ୍ୟ ସମସ୍ତଙ୍କ ମନ କିଣିଥାଏ । ବର୍ତ୍ତମାନ ଅନେକ ଡିଜାଇନର୍ ଏହାକୁ ଆମ ଦେଶ ବାହାରେ ପରିଚିତ କରାଉଛନ୍ତି । ଭିନ୍ନ ଭିନ୍ନ ମ୍ୟାଟେରିଆଲ୍‌ର ବ୍ୟବହାର କରାଯାଇ ଏହାକୁ ଓ୍ୱେଷ୍ଟର୍ଣ୍ଣ ଲୁକ୍ ମଧ୍ୟ ଦିଆ ଯାଉଛି ।

### ଏହାର ଡିମାଣ୍ଡ୍

 କ୍ରମଶଃ ଏହାର ଡିମାଣ୍ଡ୍ ବଢ଼ିବାରେ ଲାଗିଛି । କେବଳ ଯେ ଶାଢ଼ିରେ ପଟ୍ଟଚିତ୍ର କାମ ପ୍ରଦର୍ଶନ ହେଉଛି ତାହା ନୁହେଁ କୁର୍ତ୍ତା ଏବଂ ଗାଉନ୍ ଏପରିକି ସ୍କଟ୍‌ରେ ମଧ୍ୟ ଏହା ଉପଲବ୍ଧ । ଆଜିକାଲି ପଟ୍ଟଚିତ୍ରର ବ୍ୟାଗ୍ ଏପରିକି ଅନେକ ଘରୋଇ ଜିନିଷରେ ମଧ୍ୟ ପଟ୍ଟଚିତ୍ର କାମ ଦେଖିବାକୁ ମିଳୁଛି । କୃଷ୍ଣଲୀଳା, ରାମାୟଣ ଏବଂ ଆଦିବାସୀ ଗ୍ରାମୀଣ ଦୃଶ୍ୟ ଏହି ପଟ୍ଟଚିତ୍ରକଳାରେ ଅଧିକ ପ୍ରଦର୍ଶିତ ହୋଇଥାଏ ।



### ଦାମ୍

ମୂଲ୍ୟ ଦୃଷ୍ଟିରୁ ସାମାନ୍ୟ ଅଧିକ ଆସିଥାଏ । ଟିସୁ ବା ଟସର ଉପରେ ବୁଣା କାରୀଗରଙ୍କର ନିପୁଣ କାର୍ଯ୍ୟ ତୁଳନାରେ ଦାମ୍ ଅଧିକ ଜଣାପଡ଼େ ନାହିଁ । କଟନ୍ କପଡ଼ା ଉପରେ ମଧ୍ୟ ଏହାର କାର୍ଯ୍ୟ ବେଶ୍ ମନମତାଣିଆ ହୋଇଥାଏ । ଶାଢ଼ି ୧୩ ହଜାରରୁ ଅଧିକ ଆସୁଥିଲା ବେଳେ ସ୍କଟ୍ ୬ ହଜାର ଏବଂ ଓଢ଼ଣୀ ୪୯୯୯ । ଏହାର କ୍ୱାଲିଟି ନେଇ ଦାମ୍‌ରେ କମ୍ ବେଶି ହୋଇଥାଏ ।

### ରଙ୍ଗଦୃଷ୍ଟି

ପଟ୍ଟଚିତ୍ର କାମ ଥାଇ ଶାଢ଼ି ପ୍ରାୟ ଘିଅରଙ୍ଗର ଭିନ୍ନ ଭିନ୍ନ ଚିତ୍ରରେ ଦେଖିବାକୁ ମିଳିଥାଏ । ଏହି ଘିଅରଙ୍ଗକୁ ଅଧିକାଂଶ ଲୋକ ପସନ୍ଦ କରିଥାନ୍ତି । ଏତଦ୍ ବ୍ୟତୀତ ବାଇଗଣି, ଗୋଲାପି ରଙ୍ଗରେ ମଧ୍ୟ ମିଳିଥାଏ ।



## ଆମ ଡିଜାଇନର୍ କୁହନ୍ତି

"ଯେତେ ପୁରୁଣା ସେତେ ନୂଆ ।"

ମୁଁ ମୋ ଡିଜାଇନ୍‌ରେ ସବୁବେଳେ ଇତିହାସକୁ ପ୍ରେରଣା ରୂପେ ବ୍ୟବହାର କରେ । କାରଣ ଇତିହାସ ସବୁବେଳେ ବର୍ତ୍ତମାନକୁ ନୂଆ ରୂପ ଦିଏ । ଆମ ଓଡ଼ିଶାର ଫ୍ୟାସନ୍ ଇତିହାସ ବହୁତ ସୁନ୍ଦର । ଯେମିତିକି ପଟ୍ଟଚିତ୍ର । ପଟ୍ଟଚିତ୍ରର ଫ୍ୟାସନ୍ ବେଶି ଚାଲିଛି । ଲୋକେ ଗ୍ରହଣ ମଧ୍ୟ କରୁଛନ୍ତି । କେବଳ ଶାଢ଼ି ନୁହେଁ, ସ୍କଟ୍, କୁର୍ତ୍ତି, ଦୁପଟ୍ଟାରେ ମଧ୍ୟ ପଟ୍ଟଚିତ୍ର କାମ ଦେଖିବାକୁ ମିଳୁଛି । ଆଜିକାଲି ବ୍ୟାଗ୍‌ରେ ମଧ୍ୟ ସୁନ୍ଦର କାରୁକାର୍ଯ୍ୟ ଉପଲବ୍ଧ ହେଉଛି ।

**ଜାଜ୍ଞଶ୍ରୀ ଦାସ,** ଫ୍ୟାସନ୍ ଡିଜାଇନର୍, ଭୁବନେଶ୍ୱର



# ସୁଷମ ଶରୀରର ସୂତ୍ର



# ଖାଦ୍ୟ, ବ୍ୟାୟାମ ଓ ବିଶ୍ରାମ




**ରିନୀତା ପଟ୍ଟନାୟକ**

ମସ୍କ୍ୟୁଲାର୍ ଜିମ୍, ଅନୁଗୋଳ

ଫୋନ: ୮୯୦୮୧୫୯୨୩୪


ଫଟୋ ସୌଜନ୍ୟ : ଲେଖିକା

**ସ୍ୱାସ୍ଥ୍ୟ ହିଁ ସମ୍ପଦ । ଏକଥା ଆମେ ସମସ୍ତେ ଜାଣୁ । କିନ୍ତୁ ସ୍ୱାସ୍ଥ୍ୟ ଅପେକ୍ଷା ଆମେ ସମ୍ପଦକୁ ଅଧିକ ମହତ୍ୱ ଦେଉଛୁ ଏବେ । ଉତ୍ତମ ସ୍ୱାସ୍ଥ୍ୟର ଆବଶ୍ୟକତା ଓ ମହତ୍ୱକୁ ଅନୁଭବ କରି 'ରେବତୀ' ଏଣିକି ଏ ନୂଆ ବିଭାଗ ଆରମ୍ଭ କରିଛି । ଫିଟ୍‌ନେସ୍ ଏକ୍ସପର୍ଟ ରିନୀତା ପଟ୍ଟନାୟକ ଆପଣମାନଙ୍କୁ କହୁଛନ୍ତି ଶରୀରକୁ ଫିଟ୍ ରଖିବାର ନାନା ଟିପ୍ସ୍ ।**

ଗତ ସଂଖ୍ୟାରେ ଆମେ ଜାଣିଲୁ ଯେ ଉତ୍ତମ ସ୍ୱାସ୍ଥ୍ୟ ପାଇଁ ସୁଷମ ଖାଦ୍ୟର ଆବଶ୍ୟକତା କେତେ ଅଧିକ । ଏ ସଂଖ୍ୟାରେ ଆସନ୍ତୁ ଆଲୋଚନା କରିବା ସୁଷମ ଖାଦ୍ୟ ବ୍ୟତୀତ ଶାରୀରିକ ବ୍ୟାୟାମ ମଧ୍ୟ କିପରି ଭାବରେ ଶରୀରକୁ ସୁସ୍ଥ ରଖିବାରେ ସାହାଯ୍ୟ କରେ ।

## ନିୟମିତ ବ୍ୟାୟାମ

ଆମ ଶରୀରର ପ୍ରତ୍ୟେକ ହାଡ଼, ମାଂସ, ମାଂସପେଶୀ ତଥା ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗ ଉପରେ ନିୟମିତ ଶାରୀରିକ ବ୍ୟାୟାମର ଅନେକ ପ୍ରଭାବ ରହିଛି । ଯେକୌଣସି ଶ୍ରେଣୀ ବା ବର୍ଗର ଲୋକ ହେଇ ଥାଆନ୍ତୁ ନା କାହିଁକି, କଲେଜ୍ ଛାତ୍ର ଅଥବା ସରକାରୀ ଚାକିରିଆ, ଗୃହିଣୀ ଅଥବା ବୟସ୍କ ବ୍ୟକ୍ତି, ଝିଅ ଅଥବା ପୁଅ ଆପଣଙ୍କ ପାଇଁ ଶାରୀରିକ ବ୍ୟାୟାମ ନିଶ୍ଚିତ ଭାବରେ ଲାଭଦାୟକ । ଆସନ୍ତୁ ଜାଣିବା ନିୟମିତ ଶାରୀରିକ ବ୍ୟାୟାମର ଉପକାରିତା ବିଷୟରେ ।

## ସୁସ୍ଥ ଓ ନୀରୋଗ ରହିବା

ନିୟମିତ ଶାରୀରିକ ବ୍ୟାୟାମ ଦ୍ୱାରା ବ୍ୟକ୍ତି ନିଜକୁ ସୁସ୍ଥ ତଥା ନିରୋଗ ରଖି ପାରିବେ । କାରଣ ପ୍ରତ୍ୟେକ ବ୍ୟକ୍ତିଙ୍କର ବୟସ ବଢ଼ିବା ସହିତ ଶରୀରର ରୋଗ ପ୍ରତିରୋଧକ ଶକ୍ତି ହ୍ରାସ ପାଇଥାଏ । ନିୟମିତ ବ୍ୟାୟାମ ଦ୍ୱାରା ଶରୀରର ମାଂସପେଶୀଗୁଡ଼ିକ ଶକ୍ତ ରହିବା ସହିତ ଶରୀରର ରୋଗ ପ୍ରତିରୋଧକ ଶକ୍ତି ମଧ୍ୟ ବୃଦ୍ଧି ପାଇଥାଏ । ଏହାଦ୍ୱାରା ବ୍ୟକ୍ତି ଦୀର୍ଘଜୀବନ ସୁସ୍ଥ ରହିବା ସହିତ ନିଜର ନିତିଦିନିଆ କାର୍ଯ୍ୟ ଦକ୍ଷତାର ସହ ସମ୍ପନ୍ନ କରିବାକୁ ସମର୍ଥ ହୋଇଥାଏ ।

## ମାନସିକ ସନ୍ତୁଳନତା

ନିୟମିତ ଶାରୀରିକ ବ୍ୟାୟାମ ଦ୍ୱାରା କେବଳ ଶାରୀରିକ ନୁହେଁ ମାନସିକସ୍ତରରେ ମଧ୍ୟ ଅନେକ ଲାଭ ମିଳିଥାଏ । ଏହା ମନର ଅସ୍ଥିରତା, ଅବସାଦ ଇତ୍ୟାଦିକୁ ଦୂର କରିବାରେ ସାହାଯ୍ୟ କରେ । ନିୟମିତ ବ୍ୟାୟାମ କରିବା ଦ୍ୱାରା ମନ ପ୍ରଫୁଲ୍ଲିତ ଓ ଶାନ୍ତ ରହିବା ସହ ଆତ୍ମବିଶ୍ୱାସ ବୃଦ୍ଧି ହୋଇଥାଏ ଯାହାକି ଆମ ନିତିଦିନିଆ ଜୀବନରେ ଅନେକ ପ୍ରଭାବ ପକାଇଥାଏ । ଯେପରିକି ନିଜର ରୋଗକୁ ନିୟନ୍ତ୍ରଣରେ ରଖିବା, ସଠିକ୍ ନିଷ୍ପତ୍ତି ନେବା, କୌଣସି ପ୍ରକାର ଅପ୍ରୀତିକର ପରିସ୍ଥିତିରେ ବିଚଳିତ ନହେବା ଇତ୍ୟାଦି । ଅନେକ ସମୟରେ ଏହା ବ୍ୟକ୍ତିକୁ ଅନେକ ପ୍ରକାରର ବଦଭ୍ୟାସ ଠୁ ଦୂରେଇ ରହିବାକୁ ମଧ୍ୟ ସାହାଯ୍ୟ କରିଥାଏ ।

## ବିଭିନ୍ନ ରୋଗରୁ ମୁକ୍ତି ପାଇବା

ଓବେସିଟି ବା ମୋଟାପଣ, ଡାଇବେଟିସ୍, ବ୍ଲଡ଼୍‌ପ୍ରେସର୍, ଗ୍ୟାଷ୍ଟ୍ରିକ୍, ଥାଇରଏଡ଼୍, ପିସିଓସ୍, ପିସିଓଡି, ଅଷ୍ଟିଓପାରୋସିସ୍, ଇନ୍ସୋମେନିଆ ଆଦି ଭଳି ଅନେକ ରୋଗରୁ ମଧ୍ୟ ମୁକ୍ତି ବା ଉପଶମ ମିଳିଥାଏ ନିୟମିତ ବ୍ୟାୟାମ ଓ ସୁଷମ ଖାଦ୍ୟ ଗ୍ରହଣ କରିବା ଦ୍ୱାରା । ଏଥିପାଇଁ ଡାକ୍ତରଙ୍କ ପାଖକୁ ଯିବାକୁ ମଧ୍ୟ ପଡ଼ିନଥାଏ ।

## ମହାମାରୀର ପ୍ରକୋପ ଓ ନିଜକୁ ରକ୍ଷା କରିବା

ଆଜିର ମହାମାରୀ କରୋନା ଭୂତାଣୁ ବିଷୟରେ ଯଦି କୁହାଯାଏ, ତେବେ ଏହି ରୋଗରେ ପୀଡ଼ିତ ବ୍ୟକ୍ତି ପ୍ରଥମେ ଖୁବ୍ ଦୁର୍ବଳ ହୋଇପଡ଼ନ୍ତି ଓ ପରେ ପରେ ମୃତ୍ୟୁ ମୁଖରେ ପଡ଼ନ୍ତି । ତେଣୁ ଆମର ରୋଗ ପ୍ରତିରୋଧକ କ୍ଷମତା ଅଧିକ ବା ଉନ୍ନତ ମାନର ଥିଲେ ହିଁ ଆମେ ଏହି ରୋଗରୁ ରକ୍ଷା ପାଇ ପାରିବା । ଏହି ରୋଗରେ ଆକ୍ରାନ୍ତ ହେଲେ ମଧ୍ୟ ସୁସ୍ଥ ହୋଇ ପାରିବା । ତେଣୁ ନିଜର ରୋଗ ପ୍ରତିରୋଧକ ଶକ୍ତି ବା 'ଇମ୍ୟୁନିଟି ପାୱାର୍'କୁ ବୃଦ୍ଧି କରିବା ପାଇଁ ମଧ୍ୟ ପ୍ରତ୍ୟେକ ବ୍ୟକ୍ତି ନିୟମିତ ଶାରୀରିକ ବ୍ୟାୟାମ କରିବା ଉଚିତ୍ ।

କେବଳ ନିୟମିତ ଶାରୀରିକ ବ୍ୟାୟାମ ଓ ଉଷୁମ ଖାଦ୍ୟ ହିଁ ଶରୀରକୁ ସୁସ୍ଥ ଓ ସବଳ ରଖିବାର ଏକମାତ୍ର ଉପାୟ ଅଟେ ।









# ଲେଖକର ଲୋକପ୍ରିୟତା



▲ ରୂପାୟନ : ନନ୍ଦିତା ପ୍ରିୟଦର୍ଶିନୀ


ଲୋକପ୍ରିୟତା ଅର୍ଜନ କରିବା ନିର୍ଭର କରିଥାଏ ଏଥିସହ ସଂପୃକ୍ତ ଜନସମୁଦାୟଙ୍କ ପସନ୍ଦ୍ ନାପସନ୍ଦ୍ ଉପରେ । ଲୋକଙ୍କ ଦ୍ୱାରା (ବା Mass) ପ୍ରିୟଭାଜନ ହେବା ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ପ୍ରଦର୍ଶନ କରୁଥିବା ପ୍ରତିଭାଧରଙ୍କ ଭାଗ୍ୟରେ ହିଁ ଜୁଟିଥାଏ । ଅର୍ଥାତ୍ ସାହିତ୍ୟ, କଳା, ସଂଗୀତ ବା ନୃତ୍ୟ ଇତ୍ୟାଦି କଳାତ୍ମକ କ୍ଷେତ୍ରରେ ନିଜକୁ ନିୟୋଜିତ କରିଥିବା ଯେକୌଣସି ପ୍ରତିଭାଧର 'ଲୋକପ୍ରିୟତା'ର ଶୀର୍ଷରେ କିମ୍ବା ପାଖାପାଖି ପହଞ୍ଚିଥାଏ । ସାହିତ୍ୟ କ୍ଷେତ୍ରରେ ଲେଖାଲେଖି କରୁଥିବା ଲେଖକର ଲୋକପ୍ରିୟତା ମଧ୍ୟ ପ୍ରଣିଧାନଯୋଗ୍ୟ । ଲେଖକଟି ଲୋକପ୍ରିୟ ହେଲେ ହିଁ ଲୋକଙ୍କର ସେ ପ୍ରିୟ ହୋଇଉଠେ । ତା'ର ପ୍ରସିଦ୍ଧି, ସୁଖ୍ୟାତି ଓ ସାହିତ୍ୟିକ ଯୋଗ୍ୟତା ଲୋକମୁଖରେ ପ୍ରଶଂସିତ ହୁଏ । ତା' ପଛରେ ସବୁବେଳେ ଏକ ବିଶାଳ ପାଠକ-ସମୁଦାୟର ସମର୍ଥନ ଓ ଭଲପାଇବା ଥାଏ । ତାହା ହିଁ ତାକୁ 'ଲୋକପ୍ରିୟତା'ର ଅଗ୍ରଭାଗକୁ ଘେନିଯାଏ ।

ଲୋକପ୍ରିୟ ଲେଖକ ଓ ଲେଖକୀୟ ଲୋକପ୍ରିୟତା ଭିତରେ କିଛି କିଛି ପାର୍ଥକ୍ୟ ରହିଛି । ଲୋକପ୍ରିୟ ଲେଖକ ସାଧାରଣ ଲୋକଙ୍କ ପାଇଁ ଲେଖିଥାଏ ଏବଂ ସାଧାରଣ ଲୋକର ରୁଚି, ଅଭିରୁଚିକୁ ଲୋକପ୍ରିୟ ଲେଖକ ପ୍ରାଧାନ୍ୟ ଦେଇ ବରାବାର ନିଜର ଲେଖାଲେଖି ସାମ୍ରାଜ୍ୟକୁ ଦେଇଥାଏ ବିସ୍ତାର । କିନ୍ତୁ ଲେଖକର ଲୋକପ୍ରିୟତା କଥାଟି ଭିନ୍ନ ପ୍ରସଙ୍ଗ । ଏହା ସମ୍ପୂର୍ଣ୍ଣ ଭାବେ ଦୀକ୍ଷିତ ପାଠକ ସମାଜର ସ୍ୱୀକୃତି ଉପରେ ନିର୍ଭରଶୀଳ । ପାଠକୀୟତାର ପାଖରେ ଜଣେ ଲେଖକର ଲେଖା ଉତ୍କୃଷ୍ଟ କି ଉତ୍କୃଷ୍ଟ ନୁହେଁ, ତାହା ନିରୂପିତ ହୁଏ । ତଦନୁସାରେ ଜଣେ ଲେଖକ ତା'ର ଲୋକପ୍ରିୟତା ବା ପ୍ରସିଦ୍ଧି ଅର୍ଜନ କରିଥାଏ । ଉଚ୍ଚାଙ୍ଗ ସର୍ଜନା ବା କ୍ଲାସିକ୍ ପର୍ଯ୍ୟାୟର ସର୍ଜନାରେ ମନୋନିବେଶ କରିଥିବା ଲେଖକଙ୍କ ଲେଖା ପପୁଲାର୍ ଲିଟରେଚର୍ ପର୍ଯ୍ୟାୟର ନୁହେଁ । ପପୁଲାର୍ ଲିଟରେଚର୍ ବା ଲୋକପ୍ରିୟ ସାହିତ୍ୟ କେବଳ ମାତ୍ର ଏକ ବୃହତ୍ 'ମାସ୍' ବା 'ଜନଗଣ'ଙ୍କ ପାଇଁ ଉଦ୍ଦିଷ୍ଟ ଥାଏ । ଏ ଜନଗଣଙ୍କ ଭିତରେ ସବୁବର୍ଗର ପାଠକ ଥାଆନ୍ତି । ସେମାନଙ୍କ ଚାହିଦାକୁ ଆଖି ଆଗରେ ରଖି ଲୋକପ୍ରିୟ ଲେଖକଟି ତା'ର ଲେଖା ଜାରି ରଖିଥାଏ । ଏସବୁ ଲୋକପ୍ରିୟ ସାହିତ୍ୟର ଆଦର ଯଥେଷ୍ଟ ଥିଲେ ମଧ୍ୟ, କେଉଁଠି ନା କେଉଁଠି ଏହାକୁ ଏକ ଆଡ଼ ନଜରରେ ଦେଖାଯାଇଥାଏ । କ୍ଲାସିକ୍ ସାହିତ୍ୟର ସର୍ଜନାକାରମାନଙ୍କ ସର୍ଜନାକୁ ସଂଖ୍ୟାତ୍ମକ ଦୃଷ୍ଟିରୁ ସ୍ୱଳ୍ପସଂଖ୍ୟକ ପାଠକ ପଢୁଥିଲେ ହେଁ, ସେ ପାଠକ ଦୀକ୍ଷିତ ବା ବୌଦ୍ଧିକ ପର୍ଯ୍ୟାୟର ବୋଲି କୁହାଯାଏ । ସୁତରାଂ ଲେଖକୀୟ ଲୋକପ୍ରିୟତା ଅର୍ଜନ କ୍ଷେତ୍ରରେ ଏ ଯେଉଁ ବର୍ଗୀକରଣ କରଯାଏ, ତାହା ନିଶ୍ଚିତ ଭବରେ ସାହିତ୍ୟପୃଥିବୀରେ ଚଳପ୍ରଚଳ ହେଉଥିବା ପ୍ରତିଟି ବ୍ୟକ୍ତିଙ୍କୁ ଦ୍ୱିଧା ବିଭକ୍ତ କରେ । ଲେଖକକୁ ଦୁଇ ଭାଗରେ ବାଣ୍ଟି ଦେବାର ଏ ଯେଉଁ ଏକ ବୌଦ୍ଧିକ ବିଚାର ପ୍ରଚଳିତ, ଏଥିରୁ ସାହିତ୍ୟର ବିକାଶ ହୁଏ କି ନା ମୁଁ ଜାଣେନା । କିନ୍ତୁ ଭାଗିରଥି ଦାସଙ୍କ ପରି କିଛି ଲେଖକଙ୍କ ବହୁପଠିତ ଉପନ୍ୟାସମାନଙ୍କୁ ଘରେ ଘରେ ପଢ଼ା ହେବାର ଯେଉଁ ଇତିହାସ ଅଛି ତାକୁ ଆମେ ଅସ୍ୱୀକାର କରିପାରିବା କି ! ଲେଖକ ଭାବରେ ଏମାନଙ୍କର କୃତି ଓ କୃତିତ୍ୱକୁ ଆମେ କ'ଣ ମାଟିରେ ମିଶାଇ ଦେଇ ପାରିବା ?

ଆଜିର ସମୟରେ ଲେଖକର ଲୋକପ୍ରିୟତାକୁ ଯେତେବେଳେ ଲେଖକ ନିଜେ ନିୟନ୍ତ୍ରଣ କରୁଛି, ସେତେବେଳେ ପାଠକର ଭୂମିକା ବି ବେଶ୍ ସଂଶୟାଚ୍ଛନ୍ନ ବୋଲି ମନେହୁଏ । ଯେଉଁ ସମୟରେ ଏ ସୋସିଆଲ୍ ଗଣମାଧ୍ୟମର ଚିହ୍ନବର୍ଣ୍ଣ ନଥିଲା, ସେତେବେଳେ ଜଣେ ଲେଖକର ଗଳ୍ପଟିଏ, କବିତାଟିଏ କି ଉପନ୍ୟାସଟିଏ ପଢ଼ିବା ପାଇଁ ପାଠକମାନେ ପତ୍ରପତ୍ରିକା ଉପରେ ନିର୍ଭର କରୁଥିଲେ । ସେ ପାଠକୀୟତାରେ ଯେଉଁ ଗଭୀରତା, ଯେଉଁ ଆନ୍ତରିକତା ରହୁଥିଲା, ତାହା ହିଁ ଜଣେ ଲେଖକକୁ ପ୍ରଦାନ କରୁଥିଲା ପ୍ରକୃତ ପ୍ରସିଦ୍ଧି ବା ଲୋକପ୍ରିୟତା । ଲେଖକଟି ସେଇ ବିରଳ ଓ ବିମଳ ଲୋକପ୍ରିୟତାକୁ ଧରି ଲେଖାଲେଖିରେ ନିଷ୍ପାପର ଭାବେ ମନୋନିବେଶ କରୁଥିଲା । କିନ୍ତୁ ଆଜି ସମୟ ସବୁକିଛି ଓଲଟପାଲଟ କରିଦେଇଛି । ସୋସିଆଲ୍ ଗଣମାଧ୍ୟମର ବହୁଳ ବ୍ୟବହାର ଆମ ଲେଖକଲେଖିକାଙ୍କୁ ପୁରା ମାତ୍ରାରେ ବଦଳାଇ ଦେଇଛି । ଆଜିର ସମୟରେ ଲେଖାଲେଖିରେ ଥିବା ଆମର ଲେଖକମାନେ 'ପାଠକୀୟତାକୁ' ନିଜ ହାତ ମୁଠାରେ ରଖନ୍ତି । ଲେଖାଟିଏ ଲେଖିଦେଇ ଏକ ସଂଗଠିତ ବନ୍ଧୁ ପ୍ରିୟଜନର ଗୋଷ୍ଠୀ ଦ୍ୱାରା ପ୍ରାୟୋଜିତ ସ୍ୱୀକୃତି ପାଇବାରେ ଜମା ବି ଅସୁବିଧା ହୁଏନା । ବେଳେବେଳେ ତ ଦେଖାଯାଉଛି କି ଗପ ବା କବିତାକୁ ୟୁଟ୍ୟୁବ୍‌ରେ ପ୍ରସାରଣ କରି ଅନେକଙ୍କ ପାଖକୁ ଏହାର ଲିଙ୍କ୍ ପଠାଇ 'ଭୋଟ୍ ଭିକ୍ଷା' ପରି ଏକ ଅନୁରୋଧ କରାଯାଉଛି । ଏଥିରେ ଯାହାର ଯେତିକି ଯୋଗାଡ଼ଯନ୍ତ୍ର, ସେ ସେତିକି ଅଧିକ ଭୋଟ୍ ପାଉଛି ଓ ତଦନୁସାରେ ସେ ଶ୍ରେଷ୍ଠ ବୋଲାଉଛି ବି । ଏହା ହିଁ କ'ଣ ଲୋକପ୍ରିୟତାର ମାପଦଣ୍ଡ ? ଲେଖକର ପ୍ରକୃତ ପାଠକ ସୃଷ୍ଟି କରିବାର ମାନସିକତାକୁ ସଂହାର କରୁଥିବା ଏ ପ୍ରକାର ଏକ ଯାନ୍ତ୍ରିକ ତଥା ପ୍ରାୟୋଜିତ କାର୍ଯ୍ୟଧାରା ଆଜିର ସାହିତ୍ୟକୁ କେବଳ ଯେ ବିକଳାଙ୍ଗ କରିଦେବ ତା' ନୁହେଁ, ବରଂ ଆଗାମୀ ଦିନରେ ପ୍ରକୃତ ଲେଖକ ଓ ପ୍ରକୃତ ପାଠକକୁ ନିରାଶା ମଧ୍ୟକୁ ଠେଲି ଦେବ- ଏହା ଜଳ ଜଳ ଦିଶଉଛି ।

ଲେଖକର ଲୋକପ୍ରିୟତାରେ ସାହିତ୍ୟ ସମୃଦ୍ଧ ହୁଏ ଏବଂ ପାଠକସମାଜ ଏକ ସମୁନ୍ନତ ସାହିତ୍ୟର ଆସ୍ୱାଦନ କରିପାରେ । ତେବେ ମହତ୍ତର ଓ ଉତ୍କୃଷ୍ଟ ଲେଖାର ନିର୍ଣ୍ଣାୟକ ତ ସମୟ । ସେଥିପାଇଁ ତ କିଛି ରଚନା କାଳୋତ୍ତୀର୍ଣ୍ଣ ହୋଇଯାଏ । ସବୁ ରଚନା ହୁଏନା । ହୁଏତ ଲୋକପ୍ରିୟତା ପାଏ, କିନ୍ତୁ ସେସବୁର ଶ୍ରେଷ୍ଠତ୍ୱ କିଏ ନିର୍ଣ୍ଣୟ କରିବ ? ଲେଖକର ଲୋକପ୍ରିୟତା ବା ପ୍ରସିଦ୍ଧି କଥା କହିଲେ ଆମେ ସେ ଲେଖକର ଲେଖାର ଗୁଣବତ୍ତା ବା ମାନ ବିଷୟରେ ନୁହେଁ, ତାର ଖ୍ୟାତି ବା ସେ କେତେ ବେଶି ଲୋକପ୍ରିୟ, ସେଇ କଥା ହିଁ ଆଲୋଚନା କରୁ । ତେଣୁ ଲେଖକର ଲୋକପ୍ରିୟତା ନିଶ୍ଚିତ ଭାବେ ଏକ ଗୁରୁତ୍ୱପୂର୍ଣ୍ଣ ଦିଗ । ଠିକ୍ ସେଇପରି, ଉତ୍କର୍ଷତା ବା ଉତ୍କୃଷ୍ଟ ଲେଖାର ଲେଖକ ପାଇଁ ମଧ୍ୟ ଏ ଲୋକପ୍ରିୟତାର ଆବଶ୍ୟକତା ରହିଛି ।

ସୁତରାଂ ଲେଖକର ଧର୍ମ ହେବା ଉଚିତ, ନିଜ ପ୍ରତି ସତ୍ ରହି ସାଧ୍ୟମତେ ଉତ୍ତମରୁ ସର୍ବୋତ୍ତମ ଲେଖିବା ଏବଂ ତାହା କିପରି ପାଠକଙ୍କ ପାଖରେ ଉପଲବ୍ଧ ହେବା ।






LM®
मानकः पथप्रदर्शकः
Bureau of Indian Standards
Ph : 06782-267028
Mob : 099370-26428
Mahalaxmi
jewellery
ଧନୀଠୁ ଗରିବ ସମସ୍ତଙ୍କ ପାଇଁ ଉପଲବ୍ଧ ।
V. N. Marg, Front of Durga Nursing Home, Balasore-1
:lmdrana@gmail.com
:www.mahalaxmijewellery.com

The **REBATI AMA MATIRA SWARA** ● November 2020 Vol - 3 Issue - 1 ● R.N.I. REGD. No. : ODIODI/2018/78444 ● Postal Regn. No - Balasore (Orissa)/ 02/2020-2022 ● Rs. 50

Total Page : 108




**MULTI FACILITY GYM**



**SWIMMING POOL**



**ROOFTOP GARDEN**



**BANQUET HALL**



**Contact For Booking**
**Call : 73810 36677 & 9040021003**

SUPRATIK INFRAVENTURES

**BRANCH OFFICE :**
**OT Road, Near Laxmi Narayan Temple, Balasore**

Email : contactus@supratikgroup.com
Website : www.supratikgroup.com

Associate editor : **Krushna Kumar Mohanty**

Editor : **Subasini Jena**